Digitized by PPRACHIN, SOA

ମନ ମାନେନା

ଭାଗୀରଥି ନେପାକ

Digitized by PPRACHIN, SOA

ପ୍ରକାଶକ :

(କଟକ-୨)

ପ୍ରଚ୍ଛଦପଟ : ଶ୍ରୀ ଭବାନନ୍ଦ ମହାନ୍ତି

ପ୍ରଥମ ସଂସ୍କରଣ : ୧୯୬୭

ମୁଦ୍ରଣ :

ବରଦା ପ୍ରେସ୍,

କଟକ-୧

ମୂଲ୍ୟ { ଅବନ୍ଧା : ଛଅ ଟଙ୍କା ପଚିଶ ପଇସା
ବନ୍ଧାଇ : ସାତ ଟଙ୍କା ପଚିଶ ପଇସା

Digitized by PPRACHIN, SOA

ବହି ବିଷୟରେ

ଶ୍ରୀଯୁକ୍ତ ଭଗୀରଥି ନେପାକଙ୍କ ପ୍ରଣୀତ "ମନ ମାନେନା" ଶୀର୍ଷକ ଉପନ୍ୟାସର ପାଣ୍ଡୁଲିପି ମୁଁ ପଢ଼ିଛି । ଏହାର କାହାଣୀ ଓଡ଼ିଶାର ପୂର୍ବ ଗଡ଼ଜାତ ଅଞ୍ଚଳର ସାମାଜିକ ଜୀବନକୁ ନେଇ ରଚିତ ହୋଇଛି । ଏହାର ସାଧୁ ଉଦ୍ଦେଶ୍ୟ ଭାବରେ ସମାଜସଂସ୍କାରର ଗୋଟିଏ ପ୍ରଚ୍ଛନ୍ନ ଚିତ୍ର ରହିଛି । ଚରିତ୍ରଗୁଡ଼ିକର କ୍ରମ ଆବର୍ତ୍ତିତ ରୂପାୟନରେ ମାନବତାବୋଧ, ପ୍ରେମ ଓ ଆତ୍ମୋତ୍ସର୍ଗର ଜୟଧ୍ୱନି ଶୁଣାଯାଏ । 'ସୀତା'ର ଚରିତ୍ରଦୀପ୍ତିରେ ସମଗ୍ର ଉପନ୍ୟାସଟି ଉଦ୍‌ଭାସିତ । ପ୍ରଣୟ ଓ ବିରହର ସ୍ୱପ୍ନ ଓ ବ୍ୟର୍ଥତା ଭିତରେ କେତୋଟି ଚରିତ୍ର ଯେପରି ଉତ୍ତୀର୍ଣ୍ଣ ହୋଇଛି, ତାହା ବିଦଗ୍ଧ ପାଠକଙ୍କୁ ଆକୃଷ୍ଟ କରିବ ।

ଲେଖକଙ୍କର ଜୀବନ ଓ ଜଗତ୍ ପ୍ରତି ସମବେଦନାର ଅନ୍ତ ନାହିଁ । ଗଡ଼ଜାତଭୂମିର ସହଜାତ ଅରଣ୍ୟ ଓ ଶୈଳ ପ୍ରକୃତି ଭିତରେ ଗଡ଼ଜାତବାସିନୀ ତରୁଣୀ ଓ ଅଧିବାସୀ ତରୁଣଙ୍କର ପଦସଂଗୀତ ପାଠକଙ୍କୁ ମୋହମୁଗ୍ଧ କରେ ।

ଭାଷା ସାବଲୀଳ । ଉପନ୍ୟାସର ଶେଷାଂଶରେ ଲେଖକଙ୍କର ଜୀବନ-ଦର୍ଶନ ଏହିପରି ଭାବରେ ଲିପିବଦ୍ଧ ହୋଇଛି...

"ମୁଁ ଭାବୁଥିଲି, ସ୍ରଷ୍ଟାର ଅଦ୍ଭୁତ ସୃଷ୍ଟି କେଡ଼େ ବୈଚିତ୍ର୍ୟମୟ ; ଆଜି ଆୟୋଜନ ତା'ର କେଡ଼େ ବିରାଟ ! ସଂକୀର୍ଣ୍ଣ ମନ ନେଇ ସୃଷ୍ଟିକର୍ତ୍ତାର ଅଦ୍ଭୁତ ଅଭିଳାଷକୁ ବୁଝି ହୁଏନା । ଶେଷରେ ତା'ର ଇଚ୍ଛା ପୂର୍ଣ୍ଣ ହୁଏ । × × ×"

ଏହାହିଁ ଏ ପୁସ୍ତକର ସାର୍ଥକତା ।

(ଅଧ୍ୟାପକ) ଶ୍ରୀ ରାଜକିଶୋର ରାୟ

Digitized by PPRACHIN, SOA

କୃତଜ୍ଞତା ଜ୍ଞାପନ

'ମନ ମାନେନା' ପାଣ୍ଡୁଲିପି ପଠନ ଉଦ୍ଦେଶ୍ୟରେ ଅଗ୍ରଗଣ୍ୟ ସାହିତ୍ୟିକ ଓ ପ୍ରବୀଣ ଅଧ୍ୟାପକ ଶ୍ରୀ ରାଜକିଶୋର ରାୟ ତାଙ୍କର ବହୁମୂଲ୍ୟ ସମୟ ଦାନ କରିଥିବାରୁ ଓ ତାଙ୍କର ସୁଚିନ୍ତିତ ମନ୍ତବ୍ୟ ପ୍ରଦାନ କରିଥିବାରୁ ମୁଁ ତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛି ।

ବ ମା ତ

—ଲେଖକ—

Digitized by PPRACHIN, SOA

ଏଇ ଲେଖକଙ୍କର ଅନ୍ୟାନ୍ୟ ସୃଷ୍ଟି

ଉପନ୍ୟାସ—

ମଉଳା ମନର ମୁକୁଳା କଥା—ବିଭ୍ରାନ୍ତ—ସୁଜାତାର ସ୍ୱପ୍ନ - ତରୁଣୀର ମନ—ରାଉରକେଲାର ରାତି—ସନ୍ତାନର ମାୟା—ଲୁଚକାଳି—ସବିତାର ଆତ୍ମଲିପି—ଶୁଭ ବିବାହ—ଦେହ ଓ ଦେହାତୀତ—ତରୁଣୀ ମନର ଇତିବୃତ୍ତ—ସୂଚନା—ନବଦିଗନ୍ତ—ଅବଶିଷ୍ଟାଂଶ—ଅତ୍‌ସରର ଇତିକଥା—ସୀମାନ୍ତ ଆହ୍ୱାନ—ଫୁଲ ଶର—ପୁନରାବୃତ୍ତି—ଜୁନ ତେଇଶି—ବୀଣାର ଦୁଇ ତାର—କଳାକଳଙ୍କ—ମଧୁମନ୍ଦିରା—ବନ୍ଧୁ ପତ୍ନୀ—କାମିନୀର କାମନା—ଦୁଇ ନାୟିକା—ଉପସଂହାର

କବିତାଗୁଚ୍ଛ—

ଜୀବନତୃଷ୍ଣା

ଗଳ୍ପସଂକଳନ—

ପାହାଚ—ପ୍ରିୟମ୍ବଦାର ପ୍ରଶ୍ନ

ଅନୁବାଦ—

ସାହସୀ ସୈନିକ (Death and the Soldier)—ପଞ୍ଚତନ୍ତ୍ର

ଶିଶୁସାହିତ୍ୟ—

ସାତ ପାଖୁଡ଼ା

Digitized by PPRACHIN, SOA

ଉତ୍ସର୍ଗପତ୍ର

ବାପା,

ଜୀବନ-ଦର୍ଶନ କଥା କହୁଥିଲାବେଳେ ତୁମର ସେହି ଆବେଗ-ମୟ ଭାଷା ଓ ଅନୁଭୂତି-ଜଜର୍ର ସ୍ୱର ମୋର ଅବଚେତନ ମନୋ-ରାଜ୍ୟରେ ଚଞ୍ଚଳ ତରଙ୍ଗ ଖେଳାଇଦିଏ ।

ଏ ବହି ଲେଖିଲାବେଳେ ତୁମର ଆଶୀର୍ବାଦ, ତୁମର ଉପଦେଶ ଯଥେଷ୍ଟ ସାହାଯ୍ୟ କରିଛି ।

ମୋର ଜନ୍ମହେବା ଦିନଠୁ ଆଜିପର୍ଯ୍ୟନ୍ତ ତୁମ ପାଖରୁ ଖାଲି ଗ୍ରହଣ କରିଆସିଛି ; କେବେ କିଛି ଦେଇନାହିଁ କି ସେ ଦୁରାଶା ମଧ୍ୟ ମୋର ନାହିଁ ।

ତୁମ ପାଖରୁ ଜୀବନ-ଦର୍ଶନ କଥା ଶୁଣି ଶୁଣି ମୋ ମନ-ଭିତରେ ଯେଉଁ ଝଡ଼ ଉଠିଥିଲା, 'ମନ ମାନେନା' ବହିଟି ତା'ର ସ୍ମୃତି ମାତ୍ର ।

ଆଶାକରେଁ, ଗ୍ରହଣ କରିବ ।

ଶ୍ରୀକ୍ଷେତ୍ର
ତା ୨୧ । ୩ । ୭୭

ତୁମର
ଭାଗୀରଥି

Digitized by PPRACHIN, SOA

ଓଡ଼ିଶାର ରାଜମୁକୁଟ ମେଘାସନ ।

ମେଘାସନର ପାଦତଳେ ଅର୍ଘ୍ୟ ବାଢ଼େ ମର୍ତ୍ତ୍ୟର ନନ୍ଦନକାନନ ବସନ୍ତପୁର । ବସନ୍ତପୁରର ସରସ ସୁନ୍ଦର ବାତାବରଣ ଦର୍ଶକ ଆଖିରେ ଅନେକ ଆନନ୍ଦ ଦିଏ । ତା'ର ମାନସଚକ୍ଷୁରେ ସବୁଦିନ ପାଇଁ ମନେରହେ ବସନ୍ତପୁର ।

ଗାଁର ସଭିଏଁ କହନ୍ତି, ବସନ୍ତପୁରର ଶିରୀ ହେଉଛି ସୀତା । ସତେ ଯେମିତି କୁଶଳୀ ଶିଳ୍ପୀର ସାର୍ଥକ ସୃଷ୍ଟିଟିଏ । ପ୍ରତି କଥାରୁ ତା'ର ଅମୃତ ଝରେ । ହସିଲେ ମୁକ୍ତା ଖସେ । ଚାଲିଯାଉଥିଲେ ସତେ ଯେମିତି ପାଦତଳେ ପଦ୍ମଫୁଲ ଫୁଟେ । ବସନ୍ତର ମଳୟ ପରି ଆପଣା ସଙ୍ଗରେ ଅନେକ ସ୍ୱପ୍ନ ନେଇ ସୀତା ଯା'ଆସ କରେ ।

ଗଡ଼କୃଷ୍ଣବାବୁ ଦେଖନ୍ତି, ସୀତା ଦିନକୁ ଦିନ ବଡ଼ ହୋଇ-ଆସୁଛି । ବାଉଁପଦାର ଅଳଅଳ ସୀତା ଓ ବସନ୍ତପୁରର କର୍ମ-ଚଞ୍ଚଳ ସୀତା ଭିତରେ ଅନେକ ତଫାତ୍ । ଦେହରେ ଆଳସ୍ୟ ନାହିଁ କି କ୍ଲାନ୍ତି ନାହିଁ । ଅରଟ ଭଳି ଅହୋରାତ୍ର ଘିରିଘିରି ବୁଲି ସବୁ କାମ ତୁଲାଏ । ଆଗର ସେହି ପିଲାଳିଆ ଅଭିମାନ ନାହିଁ କି ଅନର୍ଥକ ଅଭିଯୋଗ ନାହିଁ ।

ଆଃ, ସୀତା ପୁଅଟିଏ ହୋଇଥାନ୍ତା କି

ସୀତାର ବଢ଼ିଆଳ ଦେହକୁ ଅନାଇହୁଏ ନାହିଁ । ଲାଆଁ ଭଳି `କାଳ ରୂପକୁ ଚାହିଁଲେ ମନଭିତରେ ଛନକା ପଶେ । ନିଜର

Digitized by PPRACHIN, SOA

ଘୃରପଟେ ଚମକ ଚମକ ଗୃହାନ୍ତ ଗଡକୃଷ୍ଣବାବୁ । ଝିଅ ଅଭିଆଡ଼ୀ ରହିଗଲ ଏତେଦିନଯାଏ ! ତା ପାଇଁ ପାବଟିଏ କ'ଣ ଯୋଗାଡ଼ ହେବନାହିଁ ? ଏତେ ସୁନ୍ଦର ରୂପଗୁଣରେ ଝିଅ କ'ଣ ଏମିତି ରହିଯିବ ? ନିଜର ଚନ୍ତାକୁ ନେଇ ସେ ଚନ୍ତିତ ହୁଅନ୍ତି । ନିଜ ମନକୁ ନିଜେ ଡରନ୍ତି । ତା' ପରେ ଚତୁର୍ଦ୍ଦିଗକୁ ଗୃହିଁ ଗୃହିଁ ଭାବନ୍ତି, ତାଙ୍କ ଚନ୍ତାବୋଲା ମୁହଁକୁ କେହି ଦେଖିନାହିଁ ତ ? ମନର କଳ୍ପନାକୁ କେହି ପଢ଼ିଦେଇ ନାହିଁ ତ ?

ସୀତା ଆସି ଖବର ଦିଏ, "ସର୍ଦ୍ଦାର ଆସି ଡାକୁଛି, ବାପା !"

"ତାକୁ ଯିବାକୁ କହ, ମା ! ମୁଁ ଏଇ ସଙ୍ଗେ ସଙ୍ଗେ ବାହାରିଲି ।"

ପ୍ରାୟ ପ୍ରତ୍ୟେକ ଦିନ ସର୍ଦ୍ଦାର ଆସି ଗଡକୃଷ୍ଣବାବୁଙ୍କୁ ତାଙ୍କ କର୍ତ୍ତବ୍ୟ କଥା ମନେପକାଇଦିଏ । ସେ ନ ଆସିଲେଯାଏ ଗଡକୃଷ୍ଣବାବୁଙ୍କ ବ୍ୟସ୍ତ ମନ ଖାଲି ଭାବିହେଉଥାଏ । ଅନ୍ଧାରୁଆ ଅତୀତକୁ ଆଡ଼େଇଦେଇ ବର୍ତ୍ତମାନକୁ ପାଖେଇଆସିବାକୁ ଅଣ୍ଟାଳି ଅଣ୍ଟାଳି ଆହୁଲା ମାରୁଥାନ୍ତି ସେ ।

ବର୍ତ୍ତମାନର ଜାଗ୍ରତ ସ୍ୱପ୍ନ ବେଳେବେଳେ ହାତ ଠାରି ଡାକେ । କେତେବେଳେ କେମିତି ଅପେକ୍ଷା କରିବାକୁ ଇସାରା ଦିଏ । ବସନ୍ତ-ପୁରର କଣ୍ଟ୍ରାକଟ୍‌ରି କାମରେ ପାରିଉଠିଲେ ପୁଣି ଥରେ କାଳର ଗଲା ସୁଖ ସୁଧ ଧରି ବାହୁଡ଼ିଆସିବ । ସୀତାପାଇଁ ବଡ଼ଘରୁ ବର ଯୋଗାଡ଼ କରିହେବ । ମନର ମୟୂର କଳ୍ପନାର ପକ୍ଷ ଓସାରି ନାଚଉଠେ । ଅନ୍ତରର କପୋତ ଡେଣା ଝାଡ଼ି ଦୂରକୁ ଦୂରକୁ ଉଡ଼ିଯାଏ ।

ସୀତା ତା'ର ଚନ୍ତିତ ପିତାଙ୍କୁ ଦେଖି ବ୍ୟସ୍ତ ହୁଏ । ସେ ଅକସ୍ମାତ୍ ପହଞ୍ଚିଯାଇ ତାଙ୍କର ଧ୍ୟାନଭଗ କରେ । ଏଣୁତେଣୁ ଗୁଡ଼ିଏ ଦେଖିଲି

Digitized by PPRACHIN, SOA

ଶୁଣିଲା କଥା କହି ହସାଇବାକୁ ଚେଷ୍ଟା କରେ । ଅତୀତର କ୍ଷତ ଉପରେ ମନଭୁଲା କଥାର ପଟି ବାନ୍ଧି ତାଙ୍କୁ ବର୍ତ୍ତମାନକୁ ଫେରିଆସିବାକୁ ଇଙ୍ଗିତ ଦିଏ । ତା'ର ବାଲ୍ୟସୁଲଭ ଚପଳତା କହେ, "ଆସ ବାପା, ଆମେ ସାଙ୍ଗ ହୋଇ ଅତୀତକୁ ଭୁଲିଯିବା । ଯାହା ଆସୁଛି, ତାକୁ ଆନନ୍ଦ ମନରେ ସ୍ୱାଗତ କରିବା ।"

ଗଡ଼କୃଷ୍ଣବାବୁ ସବୁ ବୁଝନ୍ତି । କିନ୍ତୁ ଅବୁଝା ଭଳି ଅଭିନୟ କରି ହସିଦିଅନ୍ତି ସେ ହସ ପ୍ରକାରାନ୍ତରେ ପ୍ରକାଶ କରେ, 'ତୁ ବାପର ହୃଦୟ ବୁଝିନୁ ମାଆ ! ମା'ଛେଉଣ୍ଡ ଝିଅର ଦାୟିତ୍ୱ ତୁଲାଇବା ଅତି କଠିନ ।'

ଗଡ଼କୃଷ୍ଣବାବୁ କାମଭିତରକୁ ଓହ୍ଲାଇଆସିଲେ ସବୁ କଥା ଭୁଲିଯାଆନ୍ତି । ଅତୀତ ପଛେଇଯାଏ । କର୍ମକୁ କେବଳ ଜୀବନ-ଧାରଣର ଅବଲମ୍ବନରୂପେ ଗ୍ରହଣ ନ କରି ତାକୁ ଧର୍ମର ସମ୍ମାନ ଦିଅନ୍ତି । ସବୁ ମଜୁରିଆଙ୍କ ମନ ନେଇ ଚଳନ୍ତି । ସେମାନଙ୍କ ସୁଖ-ଦୁଃଖକୁ ଆପଣାର କରିନିଅନ୍ତି । ତେଣୁ ସେ ବସନ୍ତପୁରର ଚଳନ୍ତି ଦେବତା । ସମସ୍ତେ ତାଙ୍କୁ ଶ୍ରଦ୍ଧା କରନ୍ତି । ସେମାନଙ୍କର ଧାରଣା, ଦେବତାର ଆଶୀର୍ବାଦ ନେଇ ସେ ଖାଲି ତାଙ୍କମାନଙ୍କ ସକାଶେ ଏହି ଅବହେଳିତ ଅଞ୍ଚଳ ଭିତରେ ପାଦ ପକାଇଛନ୍ତି ।

ଗଡ଼କୃଷ୍ଣବାବୁ ବାହାରେ ବ୍ୟସ୍ତ ଥିଲାବେଳେ ବସାରେ ଏକୁଟିଆ ରହେ ସୀତା । କିନ୍ତୁ ତାକୁ ଏକୁଟିଆ ଲାଗେ ନାହିଁ । ବସନ୍ତପୁରର ଯେତକଯାକ ବଡ଼ିଲା ଝିଅ ସବୁ ଆସି ଜମାହୁଅନ୍ତି ସୀତା ପାଖରେ । ସେମାନଙ୍କ ହସଖୁସିରେ ସେ ଖଣ୍ଡକଯାକ ଚହଲିଯାଏ ।

Digitized by PPRACHIN, SOA

ପାହାଡ଼ୀ ଆଦିବାସୀ ଝିଅ ଫୁଲରେ ବେଶ ହୁଏ । ହସହସ ମୁହଁରେ ଫୁଲ କଥା କୁହେ । ତା'ର ନବଭରଣ ରୂପଯୌବନରେ ବସନ୍ତର ବାର୍ତ୍ତା । ସୁନା ଭଳି ସତେଜ ଆଉ ପଥର ଭଳି ଦମ୍ଭିଲ ତା'ର ଅଙ୍ଗପ୍ରତ୍ୟଙ୍ଗ । ପ୍ରକୃତି କୋଳରେ ବଢ଼ି ସେ ବି ହୋଇଛି ପ୍ରାକୃତିକ, ଅମାର୍ଜିକ ।

ଦିନେ ଦିନେ ସବୁ ଆଦିବାସୀ ଝିଅ ମିଳିମିଶି ସୀତାକୁ ଫୁଲର ବେଶ କରନ୍ତି । ଜାତିଜାତିକା ଫୁଲରେ ତା'ର ସର୍ବାଙ୍ଗ ସାଜି ତାକୁ 'ଫୁଲବଣୀ' କରନ୍ତି । ହାତ ଧରି 'ଧାଙ୍ଗଡ଼ୀ' ଗୀତ ଗାଇ ନାଚନ୍ତି । ସୀତା ସହରକଥା ଭୁଲିଯାଏ । ସେ ମଧ୍ୟ ଏହି ଆନନ୍ଦମୁଖର ଝିଅମାନଙ୍କ ସଙ୍ଗେ ପାଦ ମିଳାଇ ନାଚେ । କଥାଲହସରେ ଅନେକ କଥା ଶିଖାଏ । ଦେଶବିଦେଶର ରୂପକାହାଣୀ କହି ସେମାନଙ୍କ ଉତ୍ସୁକ ମନଭିତରେ ଉନ୍ମାଦନା ବୁଣିଦିଏ ।

ସୀତାର ଆଖିଭୁଲା ରୂପଯୌବନ ବସନ୍ତପୁର ଗାଁ ଦାଣ୍ଡରେ ଚହଳ ପକାଇଦିଏ । ସମସ୍ତେ ତାକୁ ଶ୍ରଦ୍ଧା ଓ ଭକ୍ତିରେ ବାଟ ଗୁଡ଼ ପାଖେଇ ଯାଆନ୍ତି । ସୀତା କିନ୍ତୁ ସମସ୍ତଙ୍କୁ ଆଦର କରି ପାଖକୁ ଡାକେ । ଆନନ୍ଦରେ ପାଖରେ ବସି ଦୁଃଖସୁଖ ହୁଏ । କେତେ ଜିନିଷ, କେତେ ପ୍ରକାର କରି ରନ୍ଧି ସେମାନଙ୍କ ମୁହଁରେ ଦିଏ ।

ଗତିକୃଷ୍ଣବାବୁ ଓ ସୀତା ସାଙ୍ଗ ହୋଇ ବେଳେବେଳେ ବସନ୍ତପୁରର ଚଉଦିଗ ଘେରା ସବୁଜ ପ୍ରକୃତିକୁ ଉପଭୋଗ କରିବାକୁ ବୁଲି ବାହାରନ୍ତି । ନୀଳ ଆକାଶ ତଳର ବାଦଲଛୁଆଁ ଗଛ ଚିହ୍ନନ୍ତି । ଅଜଣା ଲତାର ଫୁଲ, ଅନାମିକା ପକ୍ଷୀର କଳକୂଜନ, ଶୀତଳ ସୁନ୍ଦର ନିର୍ଝରଣୀ ଭିତରେ ସୃଷ୍ଟିର ବୈଚିତ୍ର୍ୟ ଲୁଚିଥାଏ । ଗତିକୃଷ୍ଣ-

Digitized by PPRACHIN, SOA

ବାବୁ ଓ ସୀତା ବିମୁଗ୍ଧ ହୁଅନ୍ତି । ସବୁଦିନ ସୁନ୍ଦର ଓ ନୂତନ ଦେଖାଯାଏ ପରିଚିତା ଧରଣୀ କୋଳର ସବୁଜ ବନାନୀ, ବନାନୀର ଫୁଲ ଓ ଫଳଭରା ଲତାକୁଞ୍ଜ । ଯେତେ ଦେଖିଲେ ବି ଆଗ୍ରହ ବଢ଼େ, ଉତ୍କଣ୍ଠା ଆସେ । ପ୍ରକୃତି କୋଳର ପବିତ୍ରତା ବିକ୍ଷିପ୍ତ ମନ, ପୀଡ଼ିତ ଆତ୍ମାକୁ ଅଶେଷ ଆନନ୍ଦ ଦିଏ । ଖୋଲି ଖୁଲୁଖୁଲିଆ ପବନ ଆଶ୍ୱାସନା ଦେବା ଛଳରେ କାନରେ କହେ, 'ଏ ଅସଜଡ଼ା ପ୍ରକୃତି ଯଦି ଧାଡ଼ି ଧାଡ଼ି, ଥାକ ଥାକ ହୋଇ ସଜାଡ଼ି ହୋଇଥାନ୍ତା, ତେବେ କ'ଣ ଏତେ ସୁନ୍ଦର ଦେଖାଯାଆନ୍ତା ? ଜୀବନଟା ଯଦି ଜଞ୍ଜାଳମୁକ୍ତ ଓ ଗୋଲପର ଶେଯ ହୋଇଥାନ୍ତା, ଜୀଇଁବାକୁ ହୁଏତ ସେତେ ଭଲ ଲାଗନ୍ତା ନାହିଁ । ସମସ୍ୟା ଅଛି ବୋଲି ତା'ର ବିରୁଦ୍ଧରେ ସଂଗ୍ରାମ କରି ପୁଣି ତହିଁରେ ଯଶସ୍ୱୀ ହୋଇ ବଞ୍ଚିବାକୁ ଭଲ ଲାଗୁଛି । ସଂଗ୍ରାମହିଁ ତ ଜୀବନର ସଙ୍କେତ !'

ଗତିକୃଷ୍ଣବାବୁ ସୀତାର ହସିଲା ମୁହଁକୁ ଦେଖି ସବୁକିଛି ଭୁଲି-ଯାଇଥିବାର ଛଳନା କଲେ ବି ତାଙ୍କ ମନଭିତରେ, ତାଙ୍କ ଅଜାଣ-ତରେ ଅନେକ ଦ୍ୱନ୍ଦ୍ୱ ଓ ସଂଶୟ ଲୁଚି ଲୁଚି ଦୋଳି ଖେଳୁଥାଏ । ମାଘ ଯାଇ ବୈଶାଖ ଆସେ । ବଣୁଆ ଗଛର ପତ୍ରଫୁଲ ଝଡ଼ି ଆଉ-ଥରେ ନୂଆ ପତ୍ରଫୁଲ ପଲ୍ଲବିତ ହୁଏ । ଶୁଖିଲା ଝରଣାରେ ବନ୍ୟା ଆସେ । ବାପଝିଅ ମିଳିମିଶି ଗୁରେଟି ଆଖିରେ ଆନନ୍ଦ ଓ ବିସ୍ମୟର ଅଞ୍ଜନ ମାଖି ଏ ବିରାଟ ପରିବର୍ତ୍ତନକୁ ଅନୁଭବ କରନ୍ତି । ମନ କହେ, ସବୁ ବଦଳୁଛି । ପୃଥିବୀର ସ୍ତରେ ସ୍ତରେ ପରିବର୍ତ୍ତନର ପର ଲାଗୁଛି । ଅଥଚ ସେମାନଙ୍କ ଜୀବନ କ'ଣ ସେମିତି ରହିଯିବ ? ଶଗଡ଼ ପଇ ତଳ ଉପର । ଭାଗ୍ୟଚକ୍ର ବି ତ ସେମିତି ଘୂରୁଛି । ଆଜିର କଥା କାଲିକି ରହୁନାହିଁ । କିଏ କହିବ, କାଲିକି କ'ଣ ହେବ ?

Digitized by PPRACHIN, SOA

ଗତକୃଷ୍ଣବାବୁଙ୍କର ମନ ବିବେକକୁ ଆକ୍ଷେପ କରେ । ଇଚ୍ଛା କରିଥିଲେ ଆଉ ପାଁ ଜଣ ରାଜକର୍ମଚାରୀଙ୍କ ଭଳି ସିଏ ବି ଆଜ ବଡ଼-ଲୋକ ହୋଇପାରିଥାନ୍ତେ । ଧନଧାନ୍ୟରେ ଉଚ୍ଛୁଳି ଉଠୁଥାନ୍ତା ଘର । ଧର୍ମକୁ ଜଗି ଚାଲିଲେ ବୋଲି ସିନା ଏତେ କଥା ! ତାଙ୍କ ସାଙ୍ଗର ଅନ୍ୟାନ୍ୟମାନେ ଅବସରରେ ଅଛନ୍ତି । ଚାକିରି ଚାଲିଯିବା ପରେ ଘରଛଡ଼ା, ଗାଁଛଡ଼ା ହୋଇନାହାନ୍ତି । ସେଇମିତି ସୁଖଶାନ୍ତିରେ ହୁଏତ ଚଳନ୍ତି ଜୀବନଟି କଟିଯିବ । ବିବେକ ତାଙ୍କର ଏ କଥା ଶୁଣି କ୍ଷୁଣ୍ଣ ହୁଏ । ସଚ୍ଚୋଟପଣିଆର ପୁରସ୍କାର କ'ଣ ଦାରିଦ୍ର୍ୟ ? ଯିଏ ପରକୁ ଠକେନାହିଁ, ପରର ପରିଶ୍ରମକୁ ଅପହରଣ କରେନାହିଁ, ସେ ଜୀବନରେ ବଡ଼ଲୋକ ହୋଇପାରେନାହିଁ । କଳାବଜାରି ରାତାରାତି କୋଠା କରୁଛି, ଲାଞ୍ଚୁଆ କର୍ମଚାରୀ ଜମି କିଣୁଛି । ଅଥଚ ସିଏ ଜୀବନର ପ୍ରଧାନ ତିନିଭାଗ ରାଜକର୍ମରେ କଟାଇଦେଇ ଚାକିରି ଚାଲି-ଗଲା ପରେ ଜମି ବିକିଲେ, କୋଠା ବିକିଲେ, ବାରି ବିନସ୍ତା ହୋଇ ବାରିପଦା ଛାଡ଼ିଲେ । ବାରିପଦାଠାରୁ ବସନ୍ତପୁର ଯେତିକି ଦୂର, ତାଙ୍କର ଅତୀତ ଜୀବନଠାରୁ ବର୍ତ୍ତମାନର ପରିସ୍ଥିତି ଠିକ୍ ସେତିକି ଦୂର, ସେତିକି ଦୁଃଖପ୍ରଦ ।

ଦୁଃଖ ଯେତେବେଳେ ଆସେ, ଏକୁଟିଆ ହୋଇ ଆସେ ନାହିଁ । ସାଙ୍ଗରେ ବନ୍ଧୁବାନ୍ଧବ ନେଇ ସୁସଜ୍ଜିତ ହୋଇ ଆସେ । ସମୁଦ୍ର ଜୁଆର ଭଳି ଗୋଟାକ ପରେ ଗୋଟାଏ ଦୁଃଖର ତରଙ୍ଗ ଆସି ଜୀବନବେଳାଭୂମିକୁ ବିପର୍ଯ୍ୟସ୍ତ କରେ । ଗଡ଼ଜାତ ମିଶ୍ରଣ ପରେ ଚାକିରି, ଘରଦ୍ୱାର, ଜମିବାଡ଼ି ସଙ୍ଗରେ ବନ୍ଧୁ ବିରୁପାକ୍ଷଙ୍କୁ ବି ସେ ହରାଇ ବସିଛନ୍ତି । ବିରୁପାକ୍ଷ ବାରମ୍ବାର ଚିଠି ପାଇ ମଧ୍ୟ ଉତ୍ତର ଦେବାରେ ଜାଣିଶୁଣି ଅବହେଳା କରୁଛି । ସୀତା ଓ ଚନ୍ଦ୍ରମୋହନର ବିବାହ ପ୍ରସ୍ତାବ ଶିଥିଳ ହୋଇଆସୁଛି । କ'ଣ ହେବ ସ୍ତ୍ରୀ'ର

Digitized by PPRACHIN, SOA

ପରିଣାମ ? କେଉଁ କୁକର୍ମର ପରିଣତି ଇଏ ? ତାଙ୍କ ଜାଣିବାରେ ସେ କାହାର ଭାତଥାଳିରେ ଧୂଳି ପକାଇନାହାନ୍ତି । ଆରଜନ୍ମରେ କ'ଣ କରିଥିଲେ ମନେ ନାହିଁ ।

ସମସ୍ତଙ୍କ ଉପରୁ ଆସ୍ଥା ହରାଇଥିଲେ ବି ଜଣକ ଉପରେ ଗିରିକୃଷ୍ଣବାବୁଙ୍କର ଅଗାଧ ବିଶ୍ୱାସ । ହୃଦୟ ଯେତେବେଳେ କାନ୍ଦି-ଉଠେ, ମନ ଯେତେବେଳେ ବିଦ୍ରୋହ କରେ, ସେ ଶରଣ ପଶନ୍ତି ଜଗନ୍ନାଥଙ୍କ ପାଦତଳେ । ଦୁର୍ବଳ ଓ ସବଳ, ଅକ୍ଷମ ଓ ସକ୍ଷମର ଏକମାତ୍ର ରକ୍ଷକ ସେହି ଜଗନ୍ନାଥ । ତାଙ୍କ ଦରବାରରେ ଫେରାଦ କଲେ ସିଏ କ'ଣ ଶୁଣିବେ ନାହିଁ ? ମଣିଷ ଅବଜ୍ଞାଲାଭକ୍ରମେ ସମଗୋତ୍ରୀ ମଣିଷଠାରୁ ବିଚ୍ଛିନ୍ନ ହୁଏ । ଆଦରଣୀୟ ଆତ୍ମୀୟ ଦୂରେଇଯାଏ । କିନ୍ତୁ ଭଗବାନ ଜଗନ୍ନାଥ ? ସିଏ ଯେ ସମସ୍ତଙ୍କର ! ସ୍ରଷ୍ଟା କ'ଣ ନିଜର ସୃଷ୍ଟିକୁ ଅବହେଳା କରିପାରେ ? ଏଇ ଧାରଣା ନେଇ ସେ ମନେ ମନେ ପ୍ରଫୁଲ୍ଲ ହୁଅନ୍ତି । ଭୁଲ୍ ମନ ରାସ୍ତା ଉପରକୁ ଫେରିଆସେ । ଆତ୍ମପରିଚୟ ପ୍ରାପ୍ତି ପରେ ସ୍ୱଭାବସୁଲଭ ପ୍ରସନ୍ନତା ଦେଖାଦିଏ । ଗମ୍ଭୀର ମୁହଁରୁ ହାଲୁକା ହସର ଝର ଫିଟେ ।

ସୀତା ପିତାଙ୍କର ହସିଲ ମୁହଁକୁ ଦେଖି ନିଜେ ହସେ । ମୁହଁ ଗୋଟିକ ସରଳ, ନିଷ୍ପାପ ହସର ବିଭୂତି ବୋଳିହୋଇ କଳଙ୍କରହିତ ପୂର୍ଣ୍ଣିମୀ ଚନ୍ଦ୍ର ପରି ତେଜୀୟାନ ଦେଖାଯାଏ । ବଗିଚାର ସୂର୍ଯ୍ୟମୁଖୀ ଫୁଲର ରଙ୍ଗ ନେସିହୋଇଯାଏ ତା'ର କଣ୍ଠା ଚବୁକର କଡ଼େ କଡ଼େ । ସୀତା ସତରେ ଚମତ୍କାର ଦେଖାଯାଏ ।

ସୀତାର ବା ଆଉ କିଏ ଅଛି ଏହି ପରିଚିତ ଦୁନିଆରେ ? ମାଆର ଆଦର ସେ ପାଇନାହିଁ । ଭାଇଭଉଣୀ କେହି ନାହାନ୍ତି ପଛକୁ । ସବୁ ସ୍ନେହ, ସବୁ ବନ୍ଧନର କେନ୍ଦ୍ରବିନ୍ଦୁ ଏଇ ତା'ର ଅତି ଆଦରର ପିତା । ସିଏ ଭଲ ଥିଲେ ଦୁନିଆ ଭଲ ।

Digitized by PPRACHIN, SOA

କିନ୍ତୁ······

ନିଜ ପିତା ଗଡ଼କୃଷ୍ଣବାବୁଙ୍କୁ ଛାଡ଼ିଦେଲେ ବେଳେବେଳେ ଏକାନ୍ତରେ ଆଉ ଜଣକ କଥାକୁ ମନେ ମନେ ଭାବିନ୍ତୁଏ ସୀତା । ସେ ଭାବନାରେ ସୁଦୂର ଅଜ୍ଞାତର ସୁମଧୁର ସମ୍ପର୍କ ଥାଏ । ଭାବି-ବସିଲେ ସୀତାର ସମୁଦାୟ ଶରୀର ଅବଶ ହୋଇଆସେ । ମନ-ଭିତରେ ବଜୁଳି ଖେଳ ଚନ୍ଦ୍ରାଶକ୍ତିକୁ ଆପ୍ଲୁତ କରିନିଏ ।

ସେହି ସୁନ୍ଦର ମୁହଁ, ଦରଦୀ ମନର ଅଧିକାରୀ ହେଉଛି ସୀତାର ପ୍ରିୟବନ୍ଧୁ ଚନ୍ଦ୍ରମୋହନ । ନୀରବ ଗଭୀର ରାତିର ନିର୍ମଳ ଚନ୍ଦ୍ରକୁ ଦେଖି ସୀତା ଭାବେ, ଏହି ଚନ୍ଦ୍ର ଦେହରୁ ବାଦଲର ପାହାଚ ଚଢ଼ି ଚନ୍ଦ୍ରମୋହନ ଓହ୍ଲାଇଆସନ୍ତା କି !

ଆଃ, ତା'ର ଭାବନାସବୁ ଯଦି ସତ ହୋଇଯାଆନ୍ତା !

ସୀତା ଭାବି ମଧ୍ୟ ଭାବିପାରେ ନା । ତା'ର ସମସ୍ତ ଭାବନା-ଶକ୍ତିକୁ ଚନ୍ଦ୍ରମୋହନର ଚକିତ ସ୍ମୃତି ପରାହତ କରେ । ସେ ନିଜକୁ ନିଜେ ହଜାଇ ବସେ । କେଡେ ଆନନ୍ଦ ଲାଗେ ନାହିଁ ସତରେ !

ବସନ୍ତପୁର ଗ୍ରାମର ଅଧିବାସୀଙ୍କ ଉପରେ ହଠାତ୍ ବଜ୍ରପାତ ହେଲା ।

ସେଦିନ ଗୋଟିଏ ଦୁର୍ଯୋଗର ଦିନ ।

ମେଘାସନ ପର୍ବତର ପଶ୍ଚିମ କୋଣରୁ କଳାହାଣ୍ଡିଆ ମେଘ ମାଡ଼ି ମାଡ଼ି ଆସୁଥିଲା । ମେଘ ସଙ୍ଗରେ ସମାନ ତାଳ ଦେଇ ଗର୍ଜି-ଉଠୁଥିଲା ପ୍ରଳୟଙ୍କରୀ ଝଡ଼ । ସେ ଝଡ଼ ତଳ ମାଟି ଉପରୁ ଆକାଶକୁ

Digitized by PPRACHIN, SOA

ଏକାକାର କରଦେଉଥିଲା । ପ୍ରତି ବକ୍ଷିପ୍ତ ଧୂଳିକଣା ସ୍ପଷ୍ଟ ଭାବରେ ପ୍ରଚାର କରୁଥିଲେ ଖଣ୍ଡପ୍ରଳୟର ଉଦାତ୍ତ ବାର୍ତ୍ତା ।

ମେଘାସନସଂଲଗ୍ନ ମୟୂରଭଞ୍ଜ ଜିଲ୍ଲାର ପ୍ରତ୍ୟେକଟି ପୁରପଲ୍ଲୀର ଅଧିବାସୀ ଅନାଗତ ଆଶଙ୍କାରେ ମ୍ରିୟମାଣ ହୋଇପଡ଼ୁଥିଲେ । ଆବାଳବୃଦ୍ଧବନିତା ଆସନ୍ନ ବିପଦର ଅଶୁଭ ପରିଣାମ କଥା ଭାବି ଆତଙ୍କରେ ଝାଉଁଳିପଡ଼ୁଥିଲେ ।

ମେଘାସନ ପର୍ବତର ପାଦଦେଶରେ ଅବସ୍ଥିତ ବସନ୍ତପୁରରେ ପ୍ରଳୟ ନାଚୁଥିଲା । ଗାଁର ପୁରୁଖା ଲୋକେ କହିଲେ—ଏମିତି ଝଡ଼, ଏମିତି ବର୍ଷା ତାଙ୍କ ଦେହକପାଳ ଦେଖି ନ ଥିଲେ ।

"କବାଟ ବନ୍ଦ କରଦେବି, ବାପା ?" ସରଳା ସୀତା ପିତାଙ୍କୁ ତା'ର ପଚାରୁଥିଲା ।

"କାହିଁକି, ମାଆ ?" ଗତିକୃଷ୍ଣବାବୁ ଉଦାସଭାବରେ ଓଲଟି ପ୍ରଶ୍ନ କଲେ ।

"ବାହାରେ ଝଡ଼ ଆଉ ବର୍ଷା ଘୋଟିଆସୁଛି !"

"ଏ ଝଡ଼ ମେଘାସନର ଝଡ଼, ମାଆ ! ପଶ୍ଚିମ ଦିଗରୁ ପ୍ରଳୟ ସୃଷ୍ଟି କରିବାକୁ ଧାଇଁଆସୁଛି । ଏ ଝଡ଼ କବାଟକୁ ମାନିବ ନାହିଁ । ଆମର ଏ କବାଟଯୋଡ଼ି ଅତି ଦୁର୍ବଳ, ଆଉ ଝଡ଼ ଅତ୍ୟନ୍ତ ପ୍ରବଳ । ଆମକୁ ଘର ଛାଡ଼ି ପଦାକୁ ବାହାରିବାକୁ ହେବ, ମାଆ । ଶୀଘ୍ର ପ୍ରସ୍ତୁତ ହୋଇଯା—"

"ଆମର ଏ କଂସାବାସନ ଆଉ କାଠଗୁଡ଼ିକ ?"

"ଯେଉଁଠି ଜୀବନ ବଞ୍ଚାଇବା ଅସମ୍ଭବ, ଜୀବନ ବଞ୍ଚାଇବାର ଉପାଦାନ କ'ଣ ହେବ, ମାଆ ? ଜୀବନ ରହିଲେ ପରେ ସେସବୁ ଯୋଗାଡ଼ କରିନେବା ।"

Digitized by PPRACHIN, SOA

"କିନ୍ତୁ ଏ ଘରଟା ଯେ ବର୍ଷା ହେଲେ ମୋଟେ ସହିପାରେ ନା। କଣା ଘୁଡରୁ ଟିପିଟିପି ହୋଇ ପାଣି ଝରେ। ସବୁ ନଷ୍ଟ ହୋଇଯିବ ବାପା ! ମୁଁ ଟିକଏ ସଜାଡ଼ିଆସେଁ—"

"ସଜାଡ଼ିବୁ ଆଉ କାହାକୁ ? ଜୀବନ ଯେ ଆମର ଅସଜଡ଼ା ହୋଇ ରହିଗଲା । ଖାଲି ଏ ଦୁର୍ଯୋଗରୁ ରକ୍ଷା ପାଇଗଲେ ହେଲା।"

ସୀତା ଅତି କରୁଣ ଭାବରେ ଘରଭିତରକୁ ଅନାଉଁଥିଲା। ଭିତରେ ପବନର ତାଣ୍ଡବଲୀଳା ଆରମ୍ଭ ହୋଇଛି। ପ୍ରତିଟି ଜିନିଷ ଥରି ଥରି ଉଠୁଛି । ଅଲଗୁଣିରୁ ଧୋତିଗୁଡ଼ାଦରିତକ ତଳେ ଆସି ଜତୁଡ଼ିହେଲା। ବାଉଁଶ ପାଟିଆର ଢୋଢ଼ଣୀ ସବୁ ଏପଟ ସେପଟ ହୋଇ ଭାଙ୍ଗିଯିବା ଉପରେ। ଘରର ଘୁଡ ଦୋହଲିଗଲାଣି। କାନ୍ଥ ଉପରେ ମରା ହୋଇଥିବା ଜଗନ୍ନାଥ ଚିତ୍ରପଟଟି ଚରି ଚରି ଅସୁଛି। ସୀତା ଏକଲୟରେ ଅନାଇଁ ରହିଥିଲା ଏହି ବିପର୍ଯ୍ୟସ୍ତ ଜଗନ୍ନାଥ ଚିତ୍ରପଟଟିକୁ । ମଥା ଉପରେ ଆଙ୍ଗୁଳେ ବହଳର ଚନ୍ଦନ। ସର୍ବାଙ୍ଗରେ ଫୁଲପାଖୁଡ଼ାର ଛିନ୍ନାଂଶ। ବାପା ସକାଳେ ସଞ୍ଜେ ଧୂପ ଦେଇ ପୂଜା କରନ୍ତି । ଅଧଘଣ୍ଟା କାଳ ବସି ବସି ସ୍ତବ ଗାଆନ୍ତି। ଆଖି ତାଙ୍କର ସଜଳ ହୋଇଉଠୁଥାଏ । ପୂଜାବେଳେ ଯେତେ କାମ ଥିଲେ ବି ସୀତା ତାଙ୍କୁ ଡାକେ ନାହିଁ । ଘରଭିତରେ ଗୋଳମାଳ ନ କରି ବାପାଙ୍କୁ ଖାଲି ଜୁଳୁଜୁଳୁ କରି ଅନାଇଁଥାଏ। ଆଉ ବାପା ତା'ର ଗୁଣୁଗୁଣୁ ହୋଇ ମନର ଦୁଃଖ ଜଣାଉଥାଆନ୍ତି। ଅନେକ ସମୟ ପରେ ତାଙ୍କର ଧ୍ୟାନ ଭାଙ୍ଗେ। ସେ କଳ୍ପିତ ଦେବଲୋକରୁ ବିକ୍ଷତ ବିକଳ ବାସ୍ତବ ଜଗତକୁ ଫେରିଆସନ୍ତି। ମୁହଁର ପ୍ରଶାନ୍ତ-ଭାବ ଭାଙ୍ଗି ନ ଥାଏ।

Digitized by PPRACHIN, SOA

ବାପା ତା'ର କ'ଣ କହନ୍ତ ଜଗନ୍ନାଥଙ୍କୁ ? ହୁଏତ ଏକ-ଧ୍ୟାନରେ ବସି ବସି ମନର ବେଦନା ଜଣାଉଥିବେ । କହୁଥିବେ, "ହେ ଭଗବାନ ! ଆମର ଦୁଃଖ ନେଇ ସୁଖ ଦିଅ, ସଂସାରକୁ ଆମର ସୁଖୀ କର ।"

ଭଗବାନ କ'ଣ ତାଙ୍କର ଦୁଃଖ ବୁଝନ୍ତ ? ସେ କ'ଣ ଏହି କରୁଣ ନିବେଦନ ଶୁଣିପାରନ୍ତ ? ଯଦି ଏହି ମୂକ ଭଗବାନ ପ୍ରତ୍ୟେକ ଦୁଃଖୀ ପରିବାରର ଦୁଃଖ ବୁଝିବାରେ ସକ୍ଷମ ହୋଇଥାଆନ୍ତା, ତେବେ କ'ଣ କେହି ଦୁଃଖ ପାଆନ୍ତେ ? ସମସ୍ତେ ଅବଶ୍ୟ ସୁଖୀ ହୁଅନ୍ତେ—ସମସ୍ତଙ୍କ କାଳ ଆନନ୍ଦରେ କଟିଯାଆନ୍ତା ।

ଯଦି ମୂକ ଭଗବାନ ଦୁଃଖ ବୁଝେନା, ତେବେ ଦୁନିଆ ତାକୁ ଡାକି ଡାକି ପାଗଳ ହୁଏ କାହିଁକି ? ସୀତା କିଛି ବୁଝିପାରେନା । କିନ୍ତୁ ବାପାଙ୍କ ମୁହଁର ସ୍ତବ ଆଉ ଶ୍ଳୋକ ତାକୁ ଖୁବ୍ ଭଲ ଲାଗେ । ବାପାଙ୍କୁ ପଚାରେ, "ତୁମ ଗାଇଲା ଶ୍ଳୋକରୁ ଦି ଧାଡ଼ି ଶିଖାଇ ଦିଅନ୍ତନି ! ମୁଁ ନିତି ଗାଆନ୍ତି, ଆଉ ଜଗନ୍ନାଥଙ୍କର ପୂଜା ବି କରନ୍ତି ।"

"ବାପୁଣୀଟାଏ ! ମୋର ଭଲ ବଡ଼ ହେଲେ ଶ୍ଳୋକ ଶିଖି ପୂଜା କରିବୁ । ଆଜଠୁଁ ନୁହେଁ, ଅପେକ୍ଷା କର ।"

ସୀତା ଆଉ କିଛି କହେ ନାହିଁ ।

"କ'ଣ ଏତେ ଅନାଇଁଛୁ, ମାଆ ?" ଗତିକୃଷ୍ଣବାବୁ ସୀତାର ଅପଲକ ଦୃଷ୍ଟି ଉପରେ ଆଖି ବୁଲାଇ ପଚାରିଲେ ।

"ସେଇ ଚକାଡୋଳାଟି ବାପା ! ତୁମେ ଯାହାକୁ ନିତି ପୂଜା କରି ମିନତି ବାଡ଼ ଆମର ଦୁଃଖ ଦୂରେଇଦେବାକୁ, ଝଡ଼ ପବନ ବାଜି ଚିରିଯାଉଛି ।"

Digitized by PPRACHIN, SOA

"ଓ, ଏହି ଜଗନ୍ନାଥ ଚିତ୍ରପଟ କଥା କହୁଛ ତ ? ବଜାରରେ ଦାମ୍ ତା'ର ମାତ୍ର ବାର ପଇସା ! ଚିରିଗଲେ ଆଉ ଗୋଟିଏ ଯୋଗାଡ଼ କରିହେବ ।"

"କିନ୍ତୁ ତମେ ଯେ ନିତି ତାକୁ ପୂଜା କରୁଥିଲ ?"

"ଶୁଣିଲ ନାହିଁ, ମାଆ ! ତେଣୁ ସେ ନଷ୍ଟ ହୋଇଯିବା ହିଁ ବାଞ୍ଛନୀୟ । ନିଜ କଥା ତ ନିଜେ ସମ୍ଭାଳିପାରୁନି; ଇଏ ପୁଣି ଆମର ଦୁଃଖ ଦୂର କରିବ ?" ଗତିକୃଷ୍ଣବାବୁଙ୍କ ଆଖିରେ ଥିଲା ତାଚ୍ଛଲ୍ୟର ଭଙ୍ଗିମା ।

ସୀତା ଆଉ ଗତିକୃଷ୍ଣବାବୁ ମେଘାସନର ଶିଖରଦେଶକୁ ଅନାଇଁଲେ । ବାଦଲ ଜମି ଶିଖର ଲୁଚିଯାଇଛି । କ୍ଷିପ୍ର ପବନରେ ଗଛଡାଳ ସବୁ ନଇଁପଡୁଛନ୍ତି । ସାତ ପୁରୁଷ ଉଚ୍ଚ ବାଉଁଶସବୁ କଡ଼କଡ଼ ଡାକୁଛନ୍ତି । ଶାଳ ଆଉ ଶାଗୁଆନ ଗଛ ଘଷି ହେଉଛନ୍ତି ପରସ୍ପର ଦେହରେ । ପର୍ବତର ପାଦଦେଶରୁ ବାଲି ଆଉ ମାଟି ଉଠି ଦିଗ୍‌ବଳୟକୁ ଧୂସର କରିଦେଲାଣି । ସିଁ ସିଁ ଗର୍ଜନରେ କାନ ଅତଡ଼ା ଖାଉଛି । ମେଘାସନ ଅଞ୍ଚଳରେ ପ୍ରଳୟ ନାଚୁଛି ।

ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ପବନର ଗତି ଆହୁରି ବଢ଼ିବାକୁ ଲାଗିଲା । ଦେଖୁଁ ଦେଖୁଁ ମହାଦ୍ରୁମମାନ ତଳେ ଶୋଇଲେ । ଘୂର୍ଣ୍ଣିବାୟୁ ଆସି ମାଟି ଓ ଆକାଶ ଏକାକାର କରିଦେଲା । ଛଣ ଛପର ସଙ୍ଗେ କଞ୍ଚା ଶୁଖିଲା ଡାଳପତ୍ର ଭଉଁରି କାଟି ଉପରକୁ ଉଠିଲେ । କୁଡ଼ିଆଘରଗୁଡ଼ିକ କଡ଼ମଡ଼ ହୋଇ ଭାଙ୍ଗିପଡ଼ିଲା । ବିଜୁଳି ନିଆଁରେ ଠିଆତାଳଗଛ କେଇଟି ଜଳିଗଲା । ସାହି ଚାରିପଟେ କାନ୍ଦବୋବାଳି ପଡ଼ିଲା । କେତେ ଲୋକ ଘର ଛାଡ଼ି ପକାରେ ଛିଡ଼ା ହେଲେ । ଗୋରୁଗାଈ ପଘା ଛିଣ୍ଡାଇ ଦୌଡ଼ିବାକୁ ଲାଗିଲେ ।

Digitized by PPRACHIN, SOA

ବାପଝିଅ କରୁଣ ଦୃଷ୍ଟିରେ ହୋଦୁଲ୍ୟମାନ ଘରର ମୁମୂର୍ଷୁ ଅବସ୍ଥାକୁ ଅନାଇଁଥାଆନ୍ତି । ଦମକା ପବନ ବାଡ଼ରେ ଘରର ପଶ୍ଚିମ ଅଂଶ ଉଠିଯାଇ ଗୃହ୍ମୁଁ ଗୃହ୍ମୁଁ କୁଆଡ଼େ ଅଦୃଶ୍ୟ ହୋଇଗଲା । ଘରକୁ ଆଉଜାଇ ରଖାହୋଇଥିବା ଓସ୍ତଡାଳଟି ଖସିଆସି ଦାଣ୍ଡ-ମୁହଁରେ କଚ୍ଡ଼ହେଲା । ଜଗନ୍ନାଥଙ୍କ ଚିତ୍ରପଟଟି ଅକସ୍ମାତ୍ ଉଡ଼ି-ଆସି ସୀତାର ପଣତ କାନିରେ ଲଖିରହିଲା । ସୀତା ତାହା ଉପରୁ ଧୂଳିମଳିତକ ଝାଡ଼ିଦେଇ ଅଣ୍ଟି ଭିତରେ ପୂରାଇବାକୁ ନେଉଛି, ଗତିକୃଷ୍ଣବାବୁଙ୍କ ନଜର ପଡ଼ିଗଲା । ପଚାରିଲେ,"ସିଏ କ'ଣ, ମାଆ ?"

"ଜଗନ୍ନାଥ । ଉଡ଼ିଆସୁଥିଲେ, ତାଙ୍କୁ ମୁଁ ଅଣ୍ଟିରେ ରଖୁଛି ।"

"ମେଘାସନର ଝଡ଼ ଶେଷରେ ଜଗନ୍ନାଥଙ୍କୁ ଭୂପତିତ କଲା . ସିଏ ପୁଣି ଆତ୍ମଗୋପନ କରିବେ ତୋ'ର-ଭଳି ଅଜ୍ଞାନ ବାଳିକାର କାନି ଭିତରେ ! କାହିଁ ଦେଖି, ମାଆ ।"

ସୀତା ଗତିକୃଷ୍ଣବାବୁଙ୍କୁ ସେହି ଅର୍ଦ୍ଧମଳିନ ଜଗନ୍ନାଥଙ୍କୁ ଦେଖାଇଲା । ଗତିକୃଷ୍ଣବାବୁଙ୍କର ମନେହେଲା, ସେହି ଚିତ୍ରପଟ ଭିତରେ ଜଗନ୍ନାଥ ସଜୀବ ହୋଇଉଠିଛନ୍ତି । ତାଙ୍କର ମୁଖମଣ୍ଡଳଟି ଅତି ବିଷଣ୍ଣ ହୋଇପଡ଼ୁଛି । ଆଖିରୁ ତାଙ୍କର ଲୁହମିଶା ରକ୍ତର ଧାର ଝରୁଛି । ସତେ ଯେମିତି ସେ ଅତି ବିକଳ ହୋଇ ଆଶ୍ରୟ ମାଗୁଛନ୍ତି ।

"ତୁମେ ଆଜ କାନ୍ଦୁଛ, ଜଗନ୍ନାଥେ ? ସ୍ଥାନଚ୍ୟୁତ ହୋଇ ଆଶ୍ରୟ ଖୋଜୁଛ ? ଜଗତର ନାଥ ବୋଲି ନାଁ ପାଇଛ । ସଚରାଚର ଚଉଦ ଭୁବନର ଚାଳକ ହୋଇ ଏ ସାମାନ୍ୟ ଝଡ଼କୁ ବନ୍ଦ କରି-ପାରିଲ ନାହିଁ ? ନିରାଶ୍ରୟ ହୋଇ ମୋ ଝିଅର ପଣତତଳେ ଲୁଚିବାକୁ ଆସିଛ ? ତୁମେ ପରା ଆମର ଆଶ୍ରୟଦାତା ! ଆଜ ନିରାଶ୍ରୟ,

Digitized by PPRACHIN, SOA

ନିଃସହାୟ ଭଳି ବ୍ୟବହାର କରୁଛ କାହିଁକି, ଜଗନ୍ନାଥ ?" ଗତିକୃଷ୍ଣ-ବାବୁ ପାଗଳ ଭଳି ହୋଇଉଠିଥିଲେ ।

"ସେହି ଚିତ୍ରପଟଟି ସତରେ କ'ଣ ଜଗନ୍ନାଥ, ବାପା ? ତାଙ୍କର ନିର୍ଦ୍ଦେଶକୁ ଯଦି ଏ ଦୁନିଆ ମାନୁଥାନ୍ତା, ଏ ଝଡ଼, ଏ ବତାସ କ'ଣ ବନ୍ଦ ହୋଇପାରନ୍ତା ନାହିଁ ?" ସୀତା ପ୍ରଶ୍ନ କଲା ।

"ତୁ ଠିକ୍ କହୁଛୁ, ମା' ! ଜୀବନ୍ତ ଜଗନ୍ନାଥଙ୍କୁ କେହି କେବେ ଦେଖିନାହିଁ । ଖାଲି ଗୁଡ଼ିଏ କଳ୍ପନା କରି, ନିଜର ଅଥବା ଭାବନାକୁ ମଣିଷ ରୂପାୟିତ କରିଛି କାଗଜ ଆଉ କାଳି ଦେହରେ । ଆଉ ସେହି ନିର୍ଜୀବ ଚିତ୍ରପଟକୁ ଯୁଗଯୁଗ ଧରି ପୂଜା କରିଆସିଛି ।"

"କିନ୍ତୁ ଉପକାର ପାଇ ନ ଥିଲେ ତ ପୂଜା କରି ନ ଥାନ୍ତା !"

"ଉପକାର !" ଗତିକୃଷ୍ଣବାବୁଙ୍କ ମୁହଁରେ ଦେଖାଗଲା ଉପହାସର ହସ । ଟିକିଏ ରହି ପୁଣି ଆରମ୍ଭ କଲେ, "ପରମ୍ପରାଗତ କେତେକ ଅନ୍ଧ କୁସଂସ୍କାରର ପୃଷ୍ଠପୋଷକ ହେବା ବ୍ୟକ୍ତି ମୋ ଜାଣିବାରେ କିଛିହେଲେ ଉପକାର ପାଇନାହିଁ । ଅଜ୍ଞଭାବରେ ସେ ଗୋଟିଏ ଅପରିଚିତ ଦେବତା ଆଗରେ ନିଜ ଜୀବନର ଅଜ୍ଞାତ ଭବିଷ୍ୟତକୁ ଟେକିଦେଇ ବେପରୱାଏ ଭାବରେ ଉଚ୍ଛୃଙ୍ଖଳ ହେବାକୁ ଚେଷ୍ଟା କରିଛି । ତଥାକଥିତ ଦେବତାର ସେବା କରି ମୋ ଜୀବନର ଅଧିକାଂଶ ସମୟ ନଷ୍ଟ କଲି । ଦହଗଞ୍ଜ ହେବା ହିଁ ସାର ହେଲା । କିଏ କ'ଣ ଉପକାର ପାଇଛି କି ନାହିଁ ଜାଣେ ନାହିଁ; କିନ୍ତୁ ମୁଁ କିଛି ପାଇନାହିଁ, ସୀତା ! ସବୁ ସାର ଆଜି ମୁଁ ସର୍ବହରା । ଗତିକୃଷ୍ଣବାବୁ ଉତ୍ତେଜିତ ହୋଇଉଠୁଥିଲେ । ଭଗବାନଙ୍କ ଉପରୁ ଶେଷ ଆସ୍ଥା ଟିକିକ ହରାଇ ମନ ତାଙ୍କର ବିଦ୍ରୋହୀ ହୋଇପଡୁଥିଲା ।

Digitized by PPRACHIN, SOA

ସାମନାରେ ଥିବା ପୁରୁଣା ଓସ୍ତଗଛର ଡାଳପତ୍ର ସବୁ ଭୀଷଣ ବାତ୍ୟା ଫଳରେ କଡ଼ମଡ଼ ହୋଇ ତଳେ କଚାଡ଼ିହେଲା । ସୀତା ଉପରେ ଗଡ଼କୃଷ୍ଣବାବୁଙ୍କ ଗୃହ ପାଖକୁ ଘୁଞ୍ଚିଆସିଲା ।

ବସାଘରର ସମୁଦାୟ ଗୃହ ଆସ୍ତେ ଆସ୍ତେ ଖସିଆସୁଥିଲା ।

ସୀତା ଖସିପଡ଼ୁଥିବା ଜଗନ୍ନାଥ ଚିତ୍ରପଟଟି କାନ୍ଥଭିତରେ ସାଜାଡ଼ି ରଖୁଥିଲା । ଗଡ଼କୃଷ୍ଣବାବୁ ନିପତିତ ଗୃହ ଉପରୁ ଦୃଷ୍ଟି ଫେରାଇ ସୀତା ମୁହଁକୁ ଚାହିଁଲେ । ଆଉ ଚିତ୍କାର କରିଉଠିଲେ, "ତୁ ମୋ ଝିଅ, ସୀତା ! ତୋତେ ଆଶ୍ରୟ ଦେବା ମୋର କର୍ତ୍ତବ୍ୟ । ଆଉ ନିରାପଦ ରଖିବା ମୋର ଧର୍ମ । କିନ୍ତୁ ତୁ ସେ ଜଗନ୍ନାଥ ଚିତ୍ର-ପଟଟି ଫିଙ୍ଗିଦେ' ମା ! ତାକୁ ନିରାପଦ ରଖିବାକୁ ମୁଁ ଚାହେଁନାହିଁ । ସିଏ ଏହି ମେଘାସନର ଝଡ଼ ଭିତରେ ପଡ଼ି ମିଳାଇଯାଉ । ଧୂଳି ସଙ୍ଗେ ଧୂଳି ହୋଇ ଧ୍ୱଂସ ହୋଇଯାଉ, ଯେମିତି ଶହଶହ ପରିବାର ଧ୍ୱଂସ ହୋଇଯାଉଛନ୍ତି ।"

"କିନ୍ତୁ ସେ ତ ଭଗବାନ ଜଗନ୍ନାଥଙ୍କର ଚିତ୍ରପଟ, ବାପା !"

"ଭଗବାନ ଜଗନ୍ନାଥ ! କିଏ ସେ ? ତାକୁ ଦେବତା ବୋଲି ସମ୍ମାନ ଦେଇ ତୁ ବିରାଟ ଭୁଲ କରୁଛୁ, ସୀତା ! ଯିଏ ସୃଷ୍ଟିର ଦୁଃଖ ବୁଝେ ନାହିଁ, ଅନ୍ତରର କରୁଣ ନିବେଦନକୁ ଗ୍ରହଣ କରିପାରେ ନାହିଁ, ତା'ର ଧ୍ୱଂସ ହିଁ ବାଞ୍ଛନୀୟ, ମାଆ । ତାକୁ ଭରସା ରଖିବା ଗୋଟାଏ ମସ୍ତବଡ଼ ଭୁଲ । ସେ ଯେ ଗୋଟିଏ ହତଭାଗା ଶିଳ୍ପୀର ବିକୃତ ରେଖାର ପ୍ରତୀକ !"

ଝଡ଼ର ବେଗ ଦ୍ୱିଗୁଣିତ ହୋଇଉଠୁଥାଏ ।

ବାସହରା ବାପଝିଅ ଦି'ଜଣ ଏକମୁହାଁ ହୋଇ ଖୋଲା ରାସ୍ତା ଉପରେ ଚାଲିବାକୁ ଲାଗିଲେ । ଗଡ଼କୃଷ୍ଣବାବୁ ଆଗେ ଆଗେ ବାଟ

Digitized by PPRACHIN, SOA

କଢ଼ାଉଥାଆନ୍ତି । ତାଙ୍କର ପଦାଙ୍କ ଅନୁସରଣ କରୁଥାଏ ସୀତା । କାହାର ମୁହଁରେ କଥା ନାହିଁ କି ଆଖିରେ ଲୁହ ନାହିଁ । ସତେ ଯେମିତି ପଥର ପାଲଟିଯାଇଥାନ୍ତି ।

ରାସ୍ତା ଉପରେ ଆଣ୍ଠୁଏ ପାଣିର ଧାର । ତା'ର ଉପରେ ଭିଡ଼ମୋଡ଼ ହୋଇ ଭସି ଚାଲିଛି ଜଗନ୍ନାଥଙ୍କର ରଥଟିଏ !

× × × ×

ଗତିକୃଷ୍ଣବାବୁ ସଙ୍ଗରେ ସୀତାକୁ ନେଇ ରାଇରଙ୍ଗପୁର ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭ କଲେ ।

ରାଇରଙ୍ଗପୁରରେ ବନ୍ଧୁ ହରମୋହନଙ୍କ ଆତିଥ୍ୟ ଗ୍ରହଣ କରି ରହିବାର ଅନେକଦିନ ହୋଇଯାଇଥିଲା ।

ସେଦିନ······

ଗତିକୃଷ୍ଣବାବୁଙ୍କ ଆଖିରୁ ଧାର ଧାର ହୋଇ ଲୁହ ବହୁଥାଏ । ମନର କୋହ ଆଖିର ଲୁହ ହୋଇ ଝରୁଛି । ମେଘାସନର ଝଡ଼ ତାଙ୍କର ମନଭିତରେ ଝଡ଼ ସୃଷ୍ଟି କରି ଚାଲିଗଲା । ଆକାଶ ଏବେ ପରିଷ୍କାର ହୋଇଯାଇଥିଲେହେଁ ମନ ତାଙ୍କର ଝଡ଼କାଳୀନ ମେଘ-ଠାରୁ ବଳି ଗୋଳମାଳିଆ ରହିଯାଇଛି ।

ସେ ଏହି ମନର କୋହ ଆଉ ଲୁହର ସୁଅ ଭିତରେ ଆଗକୁ ନ ବଢ଼ି ଅତୀତରୂପୀ ପଛକୁ ଫେରିଆସୁଥିଲେ । ଦୀର୍ଘ ସତର ବର୍ଷର ମଉଳା ସ୍ମୃତି ଆଖିଆଗରେ ଲୁଚକାଳି ଖେଳୁଥିଲା । ତା'ର ଭିତରେ

Digitized by PPRACHIN, SOA

ଜଣେ କିଏ ଛପି ଛପି ଯାଉଥିଲା, ଆଉ ସେ ବ୍ୟସ୍ତ ହୋଇ ତାକୁ ଖୋଜି ଖୋଜି ବୁଲୁଥିଲେ । ଛପିଲା ମଣିଷ ମୁହଁ ସାମନାକୁ ଆସି ପୁଣି ଥରେ ଖସିଯାଉଥିଲା । ସେ କ୍ଳାନ୍ତରେ ପଡ଼ୁଥିଲେ । ଆଶା ରଖି ପୁଣି ଥରେ ଅଣ୍ଡାଳ ହେଉଥିଲେ ।

କେତେବେଳକେ ଯାଇ ମାନସଚକ୍ଷୁରେ ଜଣକର ସରଳ ମୁହଁଟିଏ ସ୍ପଷ୍ଟ ଦେଖାଗଲା । ସେ ମୁହଁଗୋଟିକରେ ମାୟା ଓ ମମତାର କୋଉମାସ୍ତୁ ପ୍ରଲେପ । ମୁଗ୍ଧ ହସର ଧାରେ ଧାରେ ସରଳ ସ୍ନେହର ଆତ୍ମପ୍ରକାଶ । ଆଖିର ଆନତ ଡୋଳାରେ ସୁଖ ଆଉ ସନ୍ତୋଷର ସଜୀବ ଇତିହାସ ।

ସିଏ ତାଙ୍କର ଅତି ଆପଣାର ସୁଲତା ! ସୁଦୀର୍ଘ ସତର ବର୍ଷ ତଳେ ସୁଲତା ତାଙ୍କ ଜୀବନବୀଣାରେ ରାଗ ଓ ରଙ୍ଗ ଭରିଦେଇଥିଲା । କିନ୍ତୁ......

ସୁଦୀର୍ଘ ସତର ବର୍ଷର ସ୍ମୃତି ଉପରେ ପାଦ ରଖି ସେ ବର୍ତ୍ତମାନ ଆଉ ଭବିଷ୍ୟତକୁ ନଜର ପକାଇଲେ । ସତରଟି ବର୍ଷ ସାତଟି ମୁହୂର୍ତ୍ତ ଭଳି ଅଣାତ ଭିତରେ ମିଶି ଗୁରଖାର ହୋଇଗଲା । ମନ-ଭିତରେ ଗୁଡ଼ିଦେଇଗଲା ଗୋଟିଏ ଗମ୍ଭୀରଆ ଦାଗ, ଦୁଃସାଧ୍ୟ କ୍ଷତ । ସେ ଦାଗ, ସେ କ୍ଷତ ଲିଭିବାର ନୁହେ କି ଶୁଖିବାର ନୁହେ । ସୁଦୀର୍ଘ ସତରବର୍ଷକାଳ ସଂସାରର ସମସ୍ତ ଜଞ୍ଜାଳକୁ ସେ ମୁଣ୍ଡେଇ-ନେଇଛନ୍ତି । ପରାଜୟର ଗ୍ଲାନି କମ୍ବା ବିଜୟର ଗୌରବ ପାଇଲେ ମନେପଡ଼େ ସୁଲତା । ଜୀବନ ହାହାକାର କରଉଠେ । ଝିଅ ସୀତା ବକଟେ ବୋଲି ଜୁଆ ! ସେ କି ବୁଝିପାରିବ ତାଙ୍କ ମନର ଦରଦ !

Digitized by PPRACHIN, SOA

ସୁଲତା କଥା ମନେପଡ଼ିଲେ, ରାଜକିଶୋରବାବୁ ଆଉ ତାଙ୍କର ଅଳିଅଳି ଝିଅ ସୁନନ୍ଦା ମନେପଡ଼ନ୍ତି । ବିଖ୍ୟାତ ଜମିଦାର ରାଜକିଶୋର-ବାବୁଙ୍କ ତିରୋଧାନ ପରେ ସୁନନ୍ଦାର ଖବର ନାହିଁ । କିଏ ଜାଣେ କାହାର ସଂସାର ଭିତରେ ପଶି ନିଆଁ ଜାଳୁଥିବ ! ଅନେକ ଦିନ ତଳେ ଗତିକୃଷ୍ଣବାବୁଙ୍କ ସମ୍ବନ୍ଧ ଚଡ଼ିଥିଲା ବାଲେଶ୍ୱର ଜିଲ୍ଲାର ବିଖ୍ୟାତ ଜମିଦାର ରାଜକିଶୋରବାବୁଙ୍କ ସୁନ୍ଦରୀ କନ୍ୟା ସୁନନ୍ଦା ସଙ୍ଗରେ । ସୁଲତା ରାଜକିଶୋରବାବୁଙ୍କ ରକ୍ଷିତା ଦାସୀର କନ୍ୟା । ସୁନନ୍ଦା ଓ ସୁଲତା ସମବୟସୀ ହେଲେ ମଧ୍ୟ ଜଣକର ଧମନୀରେ ଥିଲା ଆଭିଜାତ୍ୟର ଉଦ୍ଧତ ରକ୍ତ, ଅନ୍ୟଜଣକ ମୁହଁରେ ଦଳିତ ଲାଞ୍ଛିତ ନିଷ୍ପେଷିତ କନ୍ୟାର ଅସହାୟ ଅଶ୍ରୁ । ଗତିକୃଷ୍ଣବାବୁଙ୍କର ଅକସ୍ମାତ୍ ଦେଖାହେଲା ଏହି ଅଭିଶପ୍ତା ସୁଲତା ସହିତ ନିର୍ଜନ ଉଦ୍ୟାନରେ ।

ରାତି ପାହି ପାହି ଆସୁଥାଏ । ପୂର୍ବ ଦିଗବଳୟ ସିନ୍ଦୂର ବୋଳା-ହୋଇଥାଏ । ଗତିକୃଷ୍ଣବାବୁ ପ୍ରାତଃଭ୍ରମଣ ଉଦ୍ଦେଶ୍ୟରେ ବଗିଚା-ଭିତରେ ଏପାଖ ସେପାଖ ହେଉ ହେଉ ଦେଖିଲେ, ଅଠର ବର୍ଷର ସୁନ୍ଦରୀ ତରୁଣୀଟିଏ ଫୁଲଗଛ ତଳେ ତଳେ ଲୁଚି ଛପି ବୁଲୁଛି । ଅଧରଭିତରେ ପାସୋରା ସଂଗୀତର ଶେଷପଂକ୍ତି କେଇଟି ବାଉଳା ଖାଉଛି । ଗୁଣୁଗୁଞ୍ଜନର ହିଲ୍ଲୋଳିତ ଝଙ୍କାର ବାୟୁମଣ୍ଡଳର ସ୍ତରେ ସ୍ତରେ ସ୍ୱପ୍ନ ସୃଷ୍ଟି କରୁଛି ।

ଗତିକୃଷ୍ଣବାବୁ ରଜନୀଗନ୍ଧା ତଳେ ନୀରବ ହୋଇ ଛିଡ଼ାହେଲେ । ଅପରିଚିତା ତରୁଣୀଟିର ଲାସ୍ୟମଧୁର ସାନ୍ନିଧ୍ୟ ମନଭିତରେ ଉତ୍କଣ୍ଠା ସୃଷ୍ଟି କରୁଥିଲା । ସେ ନିଜ ଅଜାଣତରେ ଅପରିଚିତା ପ୍ରତି ଆକୃଷ୍ଟ ହେଲେ ।

Digitized by PPRACHIN, SOA

ସୁଲତା ଗଡକୃଷ୍ଣବାବୁଙ୍କ ସମ୍ମୁଖସ୍ଥ ଗଜଦନ୍ତ ଗଛରୁ ଫୁଟିଲ ଫୁଲ ଦୁଇଟିକୁ ତୋଳନେବାକୁ ବସିଥାଏ । ଆଖିରେ ଲଖିଥାଏ ମଳୟର ମୁଗଧ ସଳାପ । ସ୍ୱର୍ଣ୍ଣ ଅଙ୍ଗୁଳ ଥର ଥର ଉଠୁଥାଏ । ଗଜଦନ୍ତ ଫୁଲଭଳି ସତେଜ ଆଉ ପବିତ୍ର ଦେଖାଯାଉଥାଏ ରଜତଶୁଭ୍ର ମୁଖମଣ୍ଡଳ । ଗଣ୍ଡ ଆଉ ଗ୍ରୀବାରେ ବୋଳିହୋଇଥାଏ ଶରତ୍ ସନ୍ଧ୍ୟାର କିଂଶୁକ ବର୍ଣ୍ଣବିଭବ ।

ମଲ୍ଲୀର ନିର୍ମଳ ଗନ୍ଧ ବାୟୁମଣ୍ଡଳକୁ ଚପଳ କରିଥିଲା । ସୁଲତାର ଲଳିତ ଲାବଣ୍ୟ ଗଡକୃଷ୍ଣବାବୁଙ୍କର ଆଖିରେ ଢାଳି-ଦେଉଥିଲା ଯୌବନମଦର ନିଶା । ସେ ଅଙ୍ଗେ ଅଙ୍ଗେ କଦମ୍ବର ସୁରଭି ସ୍ୱୀକାର ଅନୁଭବ କଲେ । ତାଙ୍କର ତୃଷାର୍ତ୍ତ ଆଖିଦୁଇଟି ସୁଲତାର ପ୍ରତ୍ୟେକ ଅଙ୍ଗଲତାକୁ ସ୍ପର୍ଶ କରୁଥିଲା ।

ସୁଲତା ସ୍ୱାଧୀନ ଭାବରେ ଫୁଲ ତୋଳି ଚାଲିଥାଏ । ତା'ର ସଙ୍କୋଚହୀନ ସ୍ୱାଧୀନ ବ୍ୟବହାରରେ ଫୁଟିଉଠୁଥାଏ କୁଶଳୀ ଅଭିନେତ୍ରୀର ନିପୁଣ କଳାକୌଶଳ । ଗଡକୃଷ୍ଣବାବୁଙ୍କ ତରୁଣ ଆଖିରେ ସୁଲତାର ଅନବଦ୍ୟ ଶୋଭାସମ୍ପଦ ମାୟାର ଅଞ୍ଜନ ବୋଳିଦେଲା । ସେ ଏତେଗୁଡ଼ିଏ ସୁଷମାର ଏକତ୍ର ସମାବେଶ ଏହା ପୂର୍ବରୁ କେଉଁଠି ହେଲେ ଦେଖି ନ ଥିଲେ ।

ଗଡକୃଷ୍ଣବାବୁଙ୍କର ମନଭିତରେ ଉଚ୍ଛ୍ୱାସର ଲଘୁ ତରଙ୍ଗଟିଏ ଚମକ ବାଡ଼ି ଚାଲିଗଲା । ସେ ଏହି ଅପରିଚିତା ତରୁଣୀ ସଙ୍ଗେ ପରିଚିତ ହେବାକୁ ଚାହିଁଲେ । ସେ ସାମାନ୍ୟ ଧୁଞ୍ଚିଆସିଲେ ।

ସୁଲତା ଫେରିଯାଉଥିଲା—

ଗଡକୃଷ୍ଣବାବୁଙ୍କ ଆତ୍ମା ଆର୍ତ୍ତନାଦ କରୁଥିଲା । ସତରେ କ'ଣ ତା' ସଙ୍ଗେ ପରିଚୟ ହୋଇପାରିବ ନାହିଁ ?

Digitized by PPRACHIN, SOA

ସୁଲତା ଫେରିଯାଉଯାଉ ରକ୍ତଗୋଲାପଟିଏ ଦେଖି ଅଙ୍ଗୁଳି ବଢ଼ାଇଲା ।

ଅନ୍ୟମନସ୍କତା ହେତୁ ହାତପାପୁଲିରେ ଫୁଲ ନ ବାଜି ବାଜିଲା ଫୁଲଡେଙ୍ଗର ମୁନିଆ କଣ୍ଟା । ସୁଲତା ବ୍ୟସ୍ତ ହୋଇ କ୍ଷୀଣ ଚିତ୍କାର କଲା ।

ରାଧାକୃଷ୍ଣବାବୁ ସହସା ଉପସ୍ଥିତ ହୋଇ ସୁଲତାର ରକ୍ତାକ୍ତ ହାତପାପୁଲିକୁ କଣ୍ଟା ଦେହରୁ ଓ ଫୁଟନ୍ତା ଫୁଲଟିକୁ ଡେଙ୍ଗ ଦେହରୁ କାଢ଼ିଆଣିଲେ ।

ସୁଲତା ରାଧାକୃଷ୍ଣବାବୁଙ୍କର ଅକସ୍ମାତ୍ ଆବିର୍ଭାବରେ ଚମକି-ପଡ଼ି ଦୂରେଇ ଛିଡ଼ା ହେଲା, ଆଉ ପଚାରିଲା—"ଆପଣ ?"

"ଓ, ପରିଚୟ ? ମୁଁ ରାଧାକୃଷ୍ଣ ।"

"ରାଧାକୃଷ୍ଣ !" ସୁଲତାର ମନେହେଲା ସେ ଏଇ ନାଁଟିକୁ ଶୁଣିଛି । ସୁନନ୍ଦାର ପ୍ରସ୍ତାବ ପଡ଼ିଥିଲା ଏହି ରାଧାକୃଷ୍ଣବାବୁଙ୍କ ସହିତ । ଆଜି ନିର୍ବନ୍ଧପର୍ବ । ରାଧାକୃଷ୍ଣବାବୁ ପରିବାରର ଶ୍ରଦ୍ଧେୟ ଅତିଥି । କିନ୍ତୁ ଭୁଲରେ ତାଙ୍କୁ ସୁନନ୍ଦା ମନେକରୁନାହାନ୍ତି ତ !"

"କିନ୍ତୁ ମୁଁ ସୁଲତା ! ବାପାଙ୍କ ବଡ଼ ଝିଅ । ସାଥୀ ସୁନନ୍ଦା ପାଇଁ ଫୁଲ ତୋଳୁଥିଲି ।"

ରାଜକିଶୋରବାବୁଙ୍କ ବଡ଼ ଝିଅ, ଅଥଚ କପାଳରେ ସିନ୍ଦୂର ନାହିଁ କି ହାତରେ ଶୁଭଲକ୍ଷ ନାହିଁ ! ସାନ ଭଉଣୀ ବାହାହେବ, ଅଥଚ ଅବିବାହିତା ବଡ଼ ଭଉଣୀ ଫୁଲ ତୋଳିବ ସାନ ଭଉଣୀର ବେଶବିନ୍ୟାସ ପାଇଁ ! ବିଷୟଟି ରହସ୍ୟମୟ ବୋଧ ହେଲା ।

Digitized by PPRACHIN, SOA

“ଚମତ୍କାର ନାଁ ତ !” ଗଡ଼କୃଷ୍ଣବାବୁ ନିଜ ମନର ଉତ୍ସୁକତାକୁ ଚାପିରଖି ସୁଲତା ଉଦ୍ଦେଶ୍ୟରେ ପ୍ରକାଶ କଲେ ।

“ଧନ୍ୟବାଦ ! ସୁନନ୍ଦା ମୋ ଅପେକ୍ଷା ଆହୁରି ସୁନ୍ଦର, ଆହୁରି କମନୀୟ । ଆଶା କରେଁ, ଆପଣ ଖୁସି ହେବେ ।” ସୁଲତା କହିଲା ।

“ମୁଁ ପଦେ କହେଁ ‘ସୁଲତା’ ନାଁଟି ଚମତ୍କାର ବୋଲି ?” ଗଡ଼କୃଷ୍ଣବାବୁ ନିଜ ମନ୍ତବ୍ୟରେ ଦୃଢ଼ ରହିଲେ ।

“ନା ନା, ଆପଣ ସେମିତି କୁହନ୍ତୁନି । ସେମିତି କହି ଗୋଟିଏ ମସ୍ତବଡ଼ ଭୁଲ କରିବେ । ସୁନନ୍ଦାର ବଡ଼ ଭଉଣୀ ହିସାବରେ ତାହା ମୋର ଅତ୍ୟନ୍ତ ଅସହନୀୟ ହୋଇଉଠିବ । ସୁନନ୍ଦାକୁ ବିବାହ କରି ସୁଖୀ କରନ୍ତୁ ।” ସୁଲତା ଅନୁରୋଧ କଲା ।

“ଆଉ ତୁମେ, ସୁଲତା ? ”ଗଡ଼କୃଷ୍ଣବାବୁ ଏ ପ୍ରଶ୍ନ ପଚାରି ସୁଲତାକୁ ଆଶ୍ଚର୍ଯ୍ୟ କରିଦେଲେ ।

ସୁଲତା କିଛି ହେଲେ କହିପାରିଲା ନାହିଁ । ଲାଜକୁଳୀ ଲତା ଭଳି ଲାଜେଇଯାଇ ବଗିଚାଭିତରୁ ନିଷ୍କ୍ରାନ୍ତ ହେଲା । କିନ୍ତୁ ଗଡ଼କୃଷ୍ଣ-ବାବୁଙ୍କ ମୁଗଧ ମନଭିତରେ ବୁଣିଦେଇଗଲା ଅନେକ ଉଚ୍ଛ୍ୱାସ, ଅନେକ ଆବେଗର ଭେଲା ।

× × × ×

ସେଦିନର ଅପରାହ୍ଣଟି ଥିଲା ବନ୍ଧୁମିଳନର ସ୍ଥିରୀକୃତ ପର୍ବ । ଜମିଦାରଙ୍କ ରଙ୍ଗୀନ ଉଆସରେ ଜନସମୁଦ୍ର ଲହଡ଼ା ଭାଙ୍ଗୁଥାଏ । ଜଣାଯାଉଥାଏ ସତେ ଯେମିତି ଆଭିଜାତ୍ୟର ଗୋଟିଏ ଖୋଲା ପ୍ରଦର୍ଶନୀ ଆରମ୍ଭ ହୋଇଯାଇଛି । ଅହମିକାର ଅଶରୀରୀ ଆତ୍ମା

Digitized by PPRACHIN, SOA

ରମ୍ୟ ଉଆସର ପ୍ରତ୍ୟେକଟି ସୁସଜ୍ଜିତ କୋଠରୀରେ ଘୂରିବୁଲୁଛି । ବାଲେଶ୍ୱର ସହରର ପ୍ରତ୍ୟେକ ପ୍ରତିଷ୍ଠିତ ପରିବାର ସେହି ବନ୍ଧୁ-ମିଳନରେ ସହଯୋଗ କରିଥାନ୍ତି ।

ସୁନନ୍ଦାର ସମବୟସୀ ବନ୍ଧୁମାନେ ନିଜକୁ ରଙ୍ଗୀନ ପ୍ରଜାପତି-ରୂପେ ସଜାଇ ସେ ଉତ୍ସବର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଥିଲେ । ଅଭିଆଡ଼ୀ ଝିଅଙ୍କର ଚଳଚଞ୍ଚଳ ଅଙ୍ଗଲତାରେ ଲାସ୍ୟର ଛନ୍ଦାୟିତ ଭଙ୍ଗିମା ଥିଲା । ରଙ୍ଗୀନ ଓଠର ଚପଳ ହସ, ସଲଜ୍ଜ ଆଖିର ତୀର୍ଯ୍ୟକ୍ କଟାକ୍ଷ, ତରୁଣ ଅତିଥିବର୍ଗଙ୍କ ପ୍ରାଣରେ ପ୍ରଣୟ-ବେଦନା ଢାଳି-ଦେଉଥିଲା । ସମସ୍ତ ତରୁଣୀ ଝିଅଙ୍କର ଲୋଲୁପ ଦୃଷ୍ଟି ପଡ଼ୁଥିଲା ଗତିକୃଷ୍ଣବାବୁଙ୍କ ଉପରେ । ତାଙ୍କର ବଳିଷ୍ଠ ସ୍ୱାସ୍ଥ୍ୟକୁ ପସନ୍ଦ କରି କିଏ ଟିପ୍ପଣୀ ଦେଉଥିଲା ତ କାହାର ପସନ୍ଦକୁ ଆସୁଥିଲା ଓସାରିଆ ମୁହଁର ପ୍ରଜାପତି ନିଶ ଆଉ ଢଳେଇ ଚାହାଁଣୀ । ସୁନନ୍ଦା ଭଳି ସୁନ୍ଦରୀ ଝିଅର ଭବିଷ୍ୟତ ସ୍ୱାମୀରୂପେ ସ୍ୱୀକୃତ ଏହି ନବଯୁବକ ଗତିକୃଷ୍ଣ-ବାବୁ ପ୍ରତ୍ୟେକ ତରୁଣ ମନରେ ସେମିତି ଈର୍ଷା ଓ ବିଦ୍ୱେଷର ମନୋ-ଭାବ ଜାଗ୍ରତ କରାଉଥିଲେ । ରାଜକିଶୋରବାବୁଙ୍କ ଭଳି ବିଭବଶାଳୀ ଜମିଦାରର ଜାମାତା ହେବା ପୂର୍ବଜନ୍ମର ସଞ୍ଚିତ ପୁଣ୍ୟ ବ୍ୟତୀତ କ'ଣ ହୋଇପାରେ ?

ଗତିକୃଷ୍ଣବାବୁଙ୍କୁ ଭଦ୍ରତା ଖାତିରରେ ଉପସ୍ଥିତ ଭଦ୍ରବ୍ୟକ୍ତି-ମାନଙ୍କ ସଙ୍ଗେ ପରିଚୟ କରାଗଲା ।

ଗତିକୃଷ୍ଣବାବୁଙ୍କୁ ସମସ୍ତେ ଅନାଉଥିଲେହେଁ ତାଙ୍କର ସନ୍ଧାନୀ ଆଖି ଦୁଇଟି ସୁଲତା ଉଦ୍ଦେଶ୍ୟରେ ଘୂରିବୁଲୁଥିଲା । ସୁଲତାର ସରଳ ଆଖି ଆଉ ପବିତ୍ର ସୌନ୍ଦର୍ଯ୍ୟରେ ସେ କ'ଣ ଦେଖିଲେ କେଜାଣି, ପ୍ରଥମ ଦର୍ଶନରୁ ହିଁ ତାହାପ୍ରତି ଆକୃଷ୍ଟ ହୋଇପଡ଼ିଥିଲେ । ଶିଷ୍ଟାଚାରର

Digitized by PPRACHIN, SOA

ସୀମା ଲଙ୍ଘନ ସେ ଜୀବନରେ କେବେ କରିନାହାନ୍ତି । ସଂଯମ ଓ ଶୃଙ୍ଖଳାହିଁ ତାଙ୍କର ଅତୀତ ଜୀବନର ଇତିହାସ । ପିତାଙ୍କର ଅତୁଳନୀୟ ସମ୍ପତ୍ତିର ମୋହ ତାଙ୍କୁ ଅନ୍ଧ କରିନା କି ଯୌବନର ଲଗାମଛଡ଼ା ଉଦ୍ଦାମତା ତାଙ୍କୁ କଳୁଷିତ କରିନି । ତଥାପି ସେ ଯେ ସୁଲତା ପ୍ରତି ଏତେଦୂର ଆସକ୍ତ ହେଲେ କେମିତି, ତା'ର କାରଣ ଜାଣିପାରିଲେ ନାହିଁ । ଯେ ଆସକ୍ତି କେବଳ ଦେହଗତ ନ ଥିଲା । ତହିଁରେ ହୃଦୟର ସ୍ୱାକ୍ଷର ଥିଲା ।

ଶରତକୃଷ୍ଣବାବୁ ସୁଲତାର ସନ୍ଧାନ ପାଇଲେ ନାହିଁ । ଏହି ଅପୂର୍ବ ବନ୍ଧୁମିଳନର ଉତ୍ତେଜନାପୂର୍ଣ୍ଣ ପରିବେଶ ତାଙ୍କୁ ଆନନ୍ଦ ପରିବର୍ତ୍ତେ ଦୁଃଖ ଦେଲା । ସେ ବ୍ୟଥିତ ହୋଇଉଠିଲେ ।

ପିତାମାତା ଓ ଆଗନ୍ତୁକ ଅତିଥିବର୍ଗଙ୍କର ଶତ ଅନୁରୋଧ ସତ୍ତ୍ୱେ ଦେହ ଭଲ ନ ଥିବାର ଆଳ ଦେଖାଇ ସୁନନ୍ଦା ସାମନାକୁ ଆସିଲା ନାହିଁ । ଶରତକୃଷ୍ଣବାବୁଙ୍କ ମନଭିତରେ ସନ୍ଦେହର ବାଦଲ ଉଙ୍କିମାରିଲା । ସେ ଉତ୍ସବ ଶେଷରେ ଉଦାସଭାବରେ ଫାଟକ ବାହାରକୁ ଅନେଇଛନ୍ତି, ଦେଖିଲେ, ସୁଲତା ସାଥିରେ ସତରବର୍ଷର ସୁନ୍ଦରୀ ତରୁଣୀଟିଏ ହସି ହସି ଅତିଥି ରାଧାକାନ୍ତବାବୁଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଉଛନ୍ତି । ଅତ୍ୟାଧୁନିକ ବେଶପୋଷାକର ଆବରଣ ତଳେ ଉନ୍ନତ ଯୌବନ ସୁସ୍ପଷ୍ଟ ଦେଖାଯାଉଛି । ରାଧାକାନ୍ତବାବୁ ନିଜ କୋଟ୍ ଦେହରୁ ରକ୍ତ ଗୋଲାପଟିଏ ବାହାର କରି ସୁନନ୍ଦାର ବେଣୀ ଜୁଡ଼ାର ଡାହାଣ ଫଳକରେ ଖଞ୍ଜିଦେଲେ । ସୁନନ୍ଦା ମଧ ବ୍ଲାଉସ୍ ତଳୁ ଗୋଟିଏ କମଳରଙ୍ଗ ରୁମାଲ ବାହାର କରି ତହିଁରେ ଟିକିଏ ଗାଢ଼ ଚୁମ୍ବନ ଅଙ୍କି ରାଧାକାନ୍ତବାବୁଙ୍କୁ ଦେଲା । ରାଧାକାନ୍ତ-ବାବୁ ସେଇଟିକୁ ଉଠେଇନେଇ ନିଜ ବକ୍ଷଦେଶରେ ଗୁପି ଧରିଲେ ।

Digitized by PPRACHIN, SOA

ଗଣ୍ଡକୃଷ୍ଣବାବୁ ସେ ଦୃଶ୍ୟରେ ଉତ୍ତେଜିତ ହୋଇପଡ଼ିଲେ । ସୁଲତା ସନ୍ତର୍ପଣ ସହକାରେ ସ୍ବାମୀଙ୍କୁ ନଜର ରଖିଥାଏ । ସମସ୍ତ ଅତିଥି ବିଦାୟ ନେଇସାରିଥାନ୍ତି । ସୁଲତାର ହଠାତ୍ ଆଖି ପଡ଼ିଲା ଗଣ୍ଡକୃଷ୍ଣବାବୁଙ୍କର ଅପେକ୍ଷମାଣ ଆଖିଦୁଇଟିରେ । ସେ ସୁନନ୍ଦାକୁ ଭିଡ଼ିନେଇ ସଙ୍ଗେ ସଙ୍ଗେ ଫାଟକପାଖରୁ ଚାଲିଗଲା ।

ଗଣ୍ଡକୃଷ୍ଣବାବୁ ଏ ଦୃଶ୍ୟରେ ସନ୍ଧାନ ହେଲେ । ସୁଲତାର ସାଥି ତରୁଣୀଟି ଯେ ସୁନନ୍ଦା ହୋଇଥିବ, ଏଥିରେ ତାଙ୍କର ତିଳେ-ହେଲେ ସନ୍ଦେହ ନ ଥିଲା । ଜନଗହଳ ଭିତରେ ରାଧାକାନ୍ତବାବୁଙ୍କ ଏକ୍ତିତ ତାଙ୍କର ପରିଚୟ ହୋଇଥିଲା । ଖବର ନେଇ ସେ ଜାଣିଥିଲେ ଯେ ରାଧାକାନ୍ତବାବୁ ସହରର ଗୋଟିଏ ପ୍ରତିପତ୍ତିଶାଳୀ ପରିବାରର ଏକମାତ୍ର ଉତ୍ତରାଧିକାରୀ । ତାଙ୍କ ପରିବାର ସଙ୍ଗରେ ରାଜକିଶୋରବାବୁଙ୍କର ସୁଦୂର ସମ୍ପର୍କ ରହିଛି । କିନ୍ତୁ ସୁନନ୍ଦା ସଙ୍ଗରେ ରାଧାକାନ୍ତବାବୁଙ୍କର ବ୍ୟକ୍ତିଗତ ସମ୍ପର୍କ ଯେ ଏତେ ବଳିଷ୍ଠ, ଗୋଲାପ ଫୁଲ ଓ ରୁମାଲର ଇତିହାସ ଏହା ତାଙ୍କୁ ପ୍ରଥମ କରି ଜଣାଇଦେଲା ।

ଶେଫାଳିକା ବୋଲି ଝିଅଟିଏ ଗଣ୍ଡକୃଷ୍ଣବାବୁଙ୍କର ପାଖକୁ ଲାଗିଆସି କହିଲା—"ଶୁଣିବେ ?"

"କିଏ ?" ଗଣ୍ଡକୃଷ୍ଣବାବୁ ଚମକାପଡ଼ିଲା ପରି ପଚାରିଲେ ।

"ଶେଫାଳିକା—ସୁନନ୍ଦାର ସମ୍ପର୍କୀୟା ଭଉଣୀଟିଏ ।" ସୁଲତା କହିଲା ।

"ଓ, ତୁମେ ! କିଛି କାମ ଥିଲା ?"

"ସୁନନ୍ଦା ପକ୍ଷରୁ କ୍ଷମା ମାଗୁଛି । ଆଶା କରେଁ, ହତାଶ କରିବେ ନାହିଁ ।"

Digitized by PPRACHIN, SOA

“କାହାକୁ ? ତୁମକୁ ?”

“ନା, ଭଉଣୀ ସୁନନ୍ଦାକୁ ।”

“ସୁନନ୍ଦାର ପ୍ରତିନିଧିତ୍ୱ କରୁଛ ତାହାହେଲେ ?”

“ତାହାହିଁ ଧରିନିଅନ୍ତୁ । ସୁନନ୍ଦାର ବଡ଼ ଭଉଣୀ ହିସାବରେ ତାହା ମୋର କର୍ତ୍ତବ୍ୟ । କୁହନ୍ତୁ, କିଛି ଭାବିବେ ନାହିଁ ତ ?” ସୁଲତାର କଣ୍ଠରେ ଥିଲା ଅନୁରୋଧଭରା ଅନୁଯୋଗ ।

“ଭାବିବାର କ’ଣ ଅଛି ?” ଗତିକୃଷ୍ଣବାବୁ ଅନ୍ୟମନସ୍କ ଭାବରେ ପଚାରିଲେ ।

“ମୋର କହିବାର ଉଦ୍ଦେଶ୍ୟ ଆପଣ ବୁଝିପାରିନାହାନ୍ତି । ରାଧାକାନ୍ତବାବୁ ସୁନନ୍ଦାର ବାଲ୍ୟସାଥୀ । ଦୁହିଁଙ୍କ ଭିତରେ ବନ୍ଧୁତା-ସୁଲଭ ସଦ୍‌ଭାବ ରହିଛି । ତେଣୁ ବିଦାୟ ସମୟରେ ଲୌକିକତା ଦୃଷ୍ଟିରୁ ସୁନନ୍ଦା ତାଙ୍କ ସହିତ ବାଧ୍ୟ ହୋଇ ସାକ୍ଷାତ କଲା ।”

“କିନ୍ତୁ ଦେହ ଭଲ ନ ଥିଲା ବୋଲି ସୁନନ୍ଦା ଅତିଥିମାନଙ୍କ ପାଖକୁ ଆସିପାରି ନ ଥିଲେ ଯେ…!”

ସୁଲତା ଏହି ବ୍ୟଙ୍ଗାତ୍ମକ ମନ୍ତବ୍ୟକୁ ନୀରବରେ ସହ୍ୟ କରିନେଉଥିଲା ।

ସୁଲତା ଓ ଗତିକୃଷ୍ଣବାବୁଙ୍କର ସୁଦୀର୍ଘ ନୀରବତାର ସୁଯୋଗ ନେଇ ଶେଫାଳିକା ଚାଲିଗଲା ।

ଗତିକୃଷ୍ଣବାବୁ କିଛିକ୍ଷଣ ସକାଶେ ନୀରବ ରହିବା ପରେ ପୁଣି ଆରମ୍ଭ କଲେ, “ରାଧାକାନ୍ତବାବୁଙ୍କ ସଙ୍ଗେ ପରିଚୟ ହେଲା । ବେଶ୍ ଭଦ୍ର ବ୍ୟବହାର ତାଙ୍କର । ମୁଁ ଭାବୁଛି, ମୋ ଅପେକ୍ଷା ସୁନନ୍ଦା

Digitized by PPRACHIN, SOA

ସକାଶେ ଅଧିକ ଯୋଗ୍ୟ ସିଏ । ରାଜକିଶୋରବାବୁଙ୍କ ଆଗରେ ସମ୍ପର୍କର ଓଲଟା ପ୍ରସ୍ତାବ ମୁଁ ନିଜେହିଁ ବାଢ଼ିବାକୁ ସ୍ଥିର କରିଛି ।"

ସୁଲତାର ସମୁଦାୟ ଶରୀର ଥରି ଥରି ଉଠୁଥିଲା । ମୁହଁ ଗୋଟାକ ରଙ୍ଗ ପଡ଼ିଯାଇଥିଲା । ସେ ରହି ରହି କହିଲା, "ଗତିକୃଷ୍ଣ-ବାବୁ ! ମଣିଷ ସମଗୋତ୍ରୀ ମଣିଷକୁ ସହଜରେ ଚିହ୍ନିପାରେ ନାହିଁ । ଜଣକୁ ସମ୍ପୂର୍ଣ୍ଣରୂପେ ଚିହ୍ନିବାକୁ ଅନେକ ସମୟ ଲାଗେ । କାରଣ ସେ ଉପରେ ଯେମିତି ଦେଖାଯାଏ, ଭିତରେ ସେଇୟା ନୁହେ । ରାଧାକାନ୍ତବାବୁ ମଦ୍ୟପୀଟିଏ ! ମଦ ବାଜିଲେ ଜାନୁଆର ପାଲଟନ୍ତି । ବାପା ତାଙ୍କର ନାଁ ସୁଦ୍ଧା ଶୁଣିବାକୁ ଘୃଣା କରନ୍ତି । ଆପଣ ଯଦି ଏ ଅସମ୍ଭବ ସମ୍ବନ୍ଧ ବାଢ଼ିବସିବେ......" ସୁଲତା ଅନାଗତ ଆଶଙ୍କାରେ ମ୍ରିୟମାଣ ହୋଇପଡ଼ୁଥିଲା ସେ ପରିସ୍ଥିତି କଥା ପାସୋରି-ଦେଇ ଗତିକୃଷ୍ଣବାବୁଙ୍କର ହାତ ଧରି କହିଲା, "ଜବାବ ଦିଅନ୍ତୁ ଆପଣ ! ବାପାଙ୍କ କାନରେ ମୋତେ ହେଲେ ଏକଥା ପକାଇବେ ନାହିଁ ।"

ଘରଭିତରେ ଆଉ କେହି ନ ଥିଲେ । ଗ୍ରାମୋଫୋନ ରେକର୍ଡ଼ରୁ ଗୋଟିଏ ମିଳନମୁଖୀ କବିତା ଝଙ୍କାର ତୋଳୁଥିଲା । ନୀରବ, ନିସ୍ତବ୍ଧ ବାୟୁମଣ୍ଡଳର ସ୍ତରେ ସ୍ତରେ ଲହରାଇ ଉଠୁଥିଲା ଗୋଟିଏ ଉତ୍ତେଜିତ ସ୍ୱପ୍ନର ସୁଆଦିଆ ଝିଅ ।

ସୁଲତାର ପ୍ରଥମ ସ୍ପର୍ଶରେ ଗତିକୃଷ୍ଣବାବୁ ଶିହରିଉଠୁଥିଲେ । ରକ୍ତଭିତରେ ଚମକ ଖେଳିବୁଲୁଥିଲା । ସେ ନିର୍ବାକ ଭାବରେ ସୁଲତାକୁ ଗୋଟିଏ ଲୟରେ ଅନାଇଁ ରହିଲେ ।

ଶଙ୍କିତା ସୁଲତା ସଂବିତ୍ ଫେରିପାଇଲା ଅତି ବିଳମ୍ବରେ । ଆସ୍ତେକରି ଗତିକୃଷ୍ଣବାବୁଙ୍କ ହାତଉପରୁ ନିଜର କମ୍ପିତ କର-

Digitized by PPRACHIN, SOA

ପାପୁଲିକୁ ବଢ଼ୁଥିଲା କଲି । ଗଡ଼ିକୃଷ୍ଣବାବୁଙ୍କ ଗୁଣରେ କିନ୍ତୁ ଲେଖି-ଦେଇଗଲି ଗୋଟିଏ ସରସ ସଂଗୀତର ମିଠା ମୂର୍ଚ୍ଛନା—ଶାଶ୍ୱତ କବିତାର ରସାଳ ପଂକ୍ତି କେଇଧାଡ଼ି !

ସୁଲତା ପରିସ୍ଥିତିକୁ ଲଘୁ କରିବା ସକାଶେ ଆପ୍ରାଣ ଚେଷ୍ଟା କଲି । ମୁହଁର ରଙ୍ଗ କିନ୍ତୁ ଲାଜରେ ହୋଇଯାଇଥାଏ । ଓଠୋଳା ଦୁଇଟିରେ ଦୋଳି ଖେଳୁଥାଏ ଆବେଦନର ଭାଷା ।

ବସ୍ତା ସୁଲତାର ସଂବେଦନଶୀଳ ହୃଦୟକୁ ମନସ୍ତାତ୍ତ୍ୱିକର ଜିଜ୍ଞାସା ନେଇ ବିଶ୍ଳେଷଣ କଲେ ଗଡ଼ିକୃଷ୍ଣବାବୁ । ଅନୁଭବ କଲେ, ସୁଲତାର ଅନ୍ତରସାରା ସରଳ ସ୍ନେହ ବୋଳିହୋଇଛି । ତେଣୁ ସୁନନ୍ଦା ପାଇଁ ଅନୁରୋଧ କରୁଛି ।

ଅଙ୍କଲିଭଳି ଛବିଟିଏ ସୁଲତା । ସାରା ଅଙ୍ଗରେ ସୁବର୍ଣ୍ଣର ରଙ୍ଗ । ଯୌବନ ତାକୁ ରସାଳ କରିଛି । ହୃଦୟ ତାକୁ ମହାନ କରିଛି । ନାଗରିକର ସ୍ୱଭାବସୁଲଭ ଅହମିକା ଦ୍ୱାରା ସେ କଳଙ୍କିତା ନୁହେ । ପଲ୍ଲୀବାଳାର ଦୁର୍ବୋଧ ଲଜ୍ଜା ଦ୍ୱାରା ଗ୍ରସ୍ତହୀନ ନୁହେ । ତା'ର ଶିକ୍ଷିତ, ସୁନ୍ଦର ବ୍ୟବହାର ମନ କିଣିନିଏ । ପରକୁ ଆପଣାର କରିବାର ସମସ୍ତ କଳା ଆୟତ୍ତ କରିଛି ! ଅଦ୍ଭୁତ ଏଇ ସୁଲତା !

କିନ୍ତୁ ମନଭିତରେ ହଜାର ପ୍ରଶ୍ନବାଚୀ ମୁଣ୍ଡ ଟେକେ । ରାଜକିଶୋରବାବୁଙ୍କୁ ପିତା ବୋଲି ସମ୍ବୋଧନ କରେ, ଅଥଚ ସୁନନ୍ଦାକୁ ବନ୍ଧୁତ୍ୱଭାବରେ ଦେଖେ । ଉଆସଭିତରେ ସ୍ୱାଧୀନ ପ୍ରତିବେଶ ରହିଛି, ଅଥଚ ସବୁଠାରୁ ସେ କରିଛଡ଼ା ହଏ । ସମସ୍ତଙ୍କର ସେ ସୁପରିଚିତା, କିନ୍ତୁ ଆତ୍ମୀୟା ନୁହେ । କିଏ ଏହି ସୁନ୍ଦରୀ

Digitized by PPRACHIN, SOA

ସୁଲତା ? ସରଳ, ସରସ, ସୁନ୍ଦର । ସକାଳର ରକ୍ତାଭ ରଶ୍ମି ଭଳି କମନୀୟ ! ଗୋଧୂଳିର ଲୋହିତ ଛଟା ଭଳି ଲୋଭନୀୟ !! ଅଥଚ ରହସ୍ୟର ଗୋଟିଏ ପୁଞ୍ଜୀଭୂତ ହେଲା । ଗଡକୃଷ୍ଣବାବୁ ବିଭୋର ହୋଇଉଠିଥିଲେ । ମନଭିତରେ ଯୌବନର ଉଜାଣି ବହୁଥିଲା ।

ସୁଲତା ଗଡକୃଷ୍ଣବାବୁଙ୍କର ଝବାନ୍ତର ଲକ୍ଷ୍ୟ କଲା । ତାଙ୍କ ଆଖିରେ ଆଖି ମିଳାଇ ଚକିତ ହେଲା । ଓଠଦୁଇଟିରେ ଅନେକ ଭାବ, ଅନେକ ଭାଷା—ମଧୁର ଆଉ ସୁନ୍ଦର । ଦେଖିହୁଏ, କିନ୍ତୁ ପଢ଼ିହୁଏ ନାହିଁ । କେତେ ଆତ୍ମୀୟ ସେ ଚାହାଣୀ ! ସୁଲତା ଆକୃଷ୍ଟ ହେଲା । ତା'ର ଜୀବନବୀଣାରେ ରହି ରହି ଗୋଟିଏ ମିଠା ମୂର୍ଚ୍ଛନା ଆତ୍ମପ୍ରକାଶ କରୁଥିଲା । ଅଙ୍ଗେ ଅଙ୍ଗେ ଖେଳିବୁଲୁଥିଲା ଶିତଳଦମ୍ବର ରୋମାଞ୍ଚ । ଶିରାରେ ଶିରାରେ ସେହି ରୋମାଞ୍ଚର ସୁମଧୁର ସ୍ପର୍ଶ । ନିଜର ସ୍ଥିତିକୁ ସେ ଭୁଲିଯାଉଥିଲା । ଗଡକୃଷ୍ଣବାବୁଙ୍କ ବିଭୋର ଦୃଷ୍ଟି ଭିତରେ ବିଲୀନ ହୋଇ ଏକାକାର ହେବାକୁ ଚାହୁଁଥିଲା । ସୁଲତାର ଜୀବନରେ ଏହା ଗୋଟିଏ ସଂପୂର୍ଣ୍ଣ ନୂତନ ଅନୁଭୂତି । ଏତେ ସ୍ନେହ, ଏତେ ସୁହାଗର ସ୍ୱାଦ ତା'ର ଅବହେଳିତ ଜୀବନ କେବେହେଲେ ପାଇ ନ ଥିଲା !

କିନ୍ତୁ ଏହା କି ସମ୍ଭବ ? ନିଜକୁ ନିଜେ ଓଜନ କରୁଛି ସୁନନ୍ଦା ସଙ୍ଗରେ । ସୁଲତା ମାନ, ସମ୍ମାନ, ମର୍ଯ୍ୟାଦାରେ ସବୁବେଳେ ତଳକୁ ଯାଉଛି । ନିଜର କଳୁଷିତ ଆତ୍ମପରିଚୟ ଅଜଣା ନୁହେଁ ତାକୁ । ରାଜକିଶୋରବାବୁଙ୍କୁ ପିତା ବୋଲି ସମ୍ବୋଧନ କଲେହେଁ ସୁନନ୍ଦା ଭଳି ସ୍ନେହର ଦାବି କାଢ଼ିନାହିଁ ।

କନ୍ୟା ଓ ଦାସୀର ବିଚିତ୍ର ସମାବେଶ ଏହି ସୁଲତା । ସୃଷ୍ଟି ଓ ସମାଜର ରହସ୍ୟମୟ ଇତିହାସ ଏହି ସୁଲତା । ଗୋଟିଏ ଦୟାର ଜୀବ, ଗୋଟିଏ କ୍ଷମାର ପାତ୍ର

Digitized by PPRACHIN, SOA

ସୁଲତାର ସରଳ ପ୍ରାଣ ଗଡକୃଷ୍ଣବାବୁଙ୍କୁ ପାଇବାକୁ ମନେମନେ ଅତ୍ୟନ୍ତ ବ୍ୟାକୁଳ ଥିଲା । ତାର ମୁହଁ, ଆଖି, ଗାଲ ପ୍ରଭୃତି ସମୁଦାୟ ଅଙ୍ଗ ତାହାହିଁ ପ୍ରକାଶ କରୁଥିଲା । ସେ ଗୋଟିଏ ରଙ୍ଗୀନ ସ୍ୱପ୍ନର କୁଆଁରିଆ କଳ୍ପନାରେ ବିଭୋର ଥିଲା । ସୁଲତା ସଲଜ୍ଜ ଡୋଳା ଫେରାଇ ଦେଖିଲା, ଗଡକୃଷ୍ଣବାବୁ ତାକୁହିଁ ଲକ୍ଷ୍ୟ ରଖିଛନ୍ତି । ସେ ସରମାଇ ଗଲା । ଆଖିପତା ଲାଜରେ ନଇଁଗଲା ।

ସୁଲତାର ଶିକ୍ଷା ତାକୁ ଦୁର୍ବଳା ହେବାକୁ ଶିଖାଇ ନାହିଁ । ସେ ପ୍ରକୃତିସ୍ଥା ହେବାକୁ ଚେଷ୍ଟା କରୁ କରୁ ଗଡକୃଷ୍ଣବାବୁଙ୍କୁ ବାରମ୍ବାର ଦେଖୁଥିଲା । ଗଡକୃଷ୍ଣବାବୁଙ୍କ ଆଖିରେ ଥିଲା ସେହି ବଲୋଳ କାହାଣୀ । ଡୋଳାରୁ ଝରୁଥିଲା ଅମୃତର ଇତିହାସ, ଆତ୍ମାର ଆହ୍ୱାନ । ସେ ଅପରିଚିତ ତରୁଣର ଅନେକ କାହାଣୀ ଦେଖିଛି । ସେଥିରେ ଥାଏ ଖାଲି ଲାଲସାର ହଳାହଳ, ଦଂଶନର ଅଭିଳାଷ । କିନ୍ତୁ ଗଡକୃଷ୍ଣ-ବାବୁଙ୍କର ଏ ପବିତ୍ର କାହାଣୀ ?

ସୁଲତା ଚଞ୍ଚଳ କଣ୍ଠରେ ପଚାରିଲା, "କ'ଣ ଏତେ ଦେଖୁଛନ୍ତି ?"

"ତୁମକୁ ଆଉ ତୁମର ଆତ୍ମାକୁ !" ଗଡକୃଷ୍ଣବାବୁ ନିଃସଙ୍କୋଚ ଭାବରେ ପ୍ରକାଶ କଲେ ।

"ଆତ୍ମାକୁ କ'ଣ ଦେଖିହୁଏ ? ଯେ ପରା ଶରୀର ଭିତରେ ?" ସୁଲତା ରହସ୍ୟ କଲା ।

"ଆତ୍ମା ଆଉ ଗୋଟିଏ ଆତ୍ମାକୁ ଠିକ୍ ଭାବରେ ଦେଖିପାରେ, ସୁଲତା ! ଶରୀରଭିତରୁ ସେ ଆପେ ଆପେ ଦେଖା ଦିଏ !"

"ଏତେ କ'ଣ ଭାବୁଛନ୍ତି, କହିଲେ ?" ସୁଲତା ହଠାତ୍ ପ୍ରଶ୍ନ କଲା ।

Digitized by PPRACHIN, SOA

"ଅନେକ କଥା, ସୁଲତା ! ମୁଁ ଜାଣେନି, କିନ୍ତୁ ମୋର ଅଲକ୍ଷ୍ୟରେ ମୋର ମନ ଓ ଶରୀର ଭାରସାମ୍ୟ ହରାଇଛି । ଗୋଟିଏ ତରୁଣୀର ସାନ୍ନିଧ୍ୟ ଲାଭ ପରେ ମୁଁ ଯେ ଏମିତି ଦୁର୍ବଳ ହୋଇ-ପଡ଼ିବି, ତାହା କଦାପି ଭାବି ନ ଥିଲି ।"

"କିଏ ସେହି ସୌଭାଗ୍ୟବତୀ, ଶରତକୃଷ୍ଣବାବୁ ? ଆଶାକରେଁ, ସାଥୀ ସୁନନ୍ଦା ସୁଖୀ ହେବ ।" ସୁଲତା ଗୋଟିଏ ନିଃଶ୍ୱାସରେ ଏତିକି ବ୍ୟକ୍ତ କଲା ।

"ଆଉ ତୁମେ ?" ଶରତକୃଷ୍ଣବାବୁ ଗୋଟିଏ ଅଦ୍ଭୁତ ପ୍ରଶ୍ନ ପଚାରିଲେ ।

"ମୁଁ......ମୁଁ...କାହିଁକି ?" ସୁଲତା ତଟସ୍ଥ ହେଲା । ତା କଣ୍ଠରେ ଆବେଗ ଥିଲା ।

"ତୁମେ ସମ୍ମତା ହୁଅ, ସୁଲତା ! ସୁଲତା ହେଉ ମୋର ଚଲାପଥର ସାଥୀ, ଯେଥୁକି ଆଉ ଆଶା, ଅଭିଳାଷର ନିଚ୍ଛକ ଅଭିବ୍ୟକ୍ତି । ତୁମେହିଁ ହୁଅ ମୋର ଜୀବନବୀଣାର ପ୍ରେମସଂଗୀତ, ପ୍ରାଣଦୀପର ସୁସ୍ପଷ୍ଟ ଆଲୋକ !" ଶରତକୃଷ୍ଣବାବୁ ଭାବଉଚ୍ଛ୍ୱାସରେ ଭାଙ୍ଗିପଡ଼ୁଥିଲେ ।

ସୁଲତା ଝାଉଁଳି ପଡ଼ୁଥିଲା । ତା'ର ମନଭିତରେ ଭାବନାର ଝଡ଼ ବହୁଥିଲା । ଜୀବନର ପ୍ରଥମ ଆଉ ପ୍ରଧାନ ପରୀକ୍ଷା ଇଏ । ଏଭଳି ପରିସ୍ଥିତି ପାଇଁ ସେ ଆଗରୁ କେବେହେଲେ ପ୍ରସ୍ତୁତ ନ ଥିଲା । ଅନେକ କ୍ଷଣପରେ ସେ ମୁହିଁ ଫିଟାଇଲା । ତା'ର କରୁଣ କଣ୍ଠରେ ଥିଲା କ୍ରନ୍ଦନର ସ୍ପର୍ଶ । କହିଲା, "ସୁନନ୍ଦା ମୋର ସାନ ଭଉଣୀ, ଶରତକୃଷ୍ଣବାବୁ ! ମୋର ହାତରେ ତା'ର ସୌଭାଗ୍ୟ ଛଡ଼ାଇ ଆଣିପାରିବି ନାହିଁ । ମୋତେ କ୍ଷମା ଦିଅନ୍ତୁ ।"

Digitized by PPRACHIN, SOA

ସୁଲତା ସେ ଘରୁ ବିଷଣ୍ଣ ବଦନରେ ଫେରିଯାଉଥିଲା ।

ଗତିକୃଷ୍ଣବାବୁ ପଛରୁ ଜଣ ତା'ର ପିଛା କାନକୁ ଉଡ଼ିଦେଲେ । ସୁଲତା ବାଧ ହୋଇ ଅଟକିଗଲା । ପଚାରିଲା, "ଆଜ କ'ଣ ଚାହାଁନ୍ତି ?"

"ଏଇ କଣ ତୁମର ଶେଷ ସିଦ୍ଧାନ୍ତ, ସୁଲତା ?"

ସୁଲତା ଏଥର ମୁହଁ ଟେକି ଚାହିଁଲା । ଆଖିରେ ଥିଲା ତା'ର ତପସ୍ୱିମାର ଶୈଥିଲ୍ୟ । କହିଲା, "ଆପଣ ନ ଜାଣି ନ ଶୁଣି ଭୁଲ କରି-ବସୁଛନ୍ତି । ମୋର ପରିଚୟ ପାଇଲେ ହତାଶ ହେବେ । ମୁଁ ଗଙ୍ଗାର ପବିତ୍ର ଜଳ ନୁହେଁ, ଗତିକୃଷ୍ଣବାବୁ, ମରୁଭୂମିର ମୃଗତୃଷ୍ଣାଟିଏ । ଅସାର ସ୍ୱପ୍ନର ପୁଞ୍ଜୀଭୂତ ବେଳା । ବରଂ ସୁନନ୍ଦା ଆପଣଙ୍କୁ ଯଥେଷ୍ଟ ଶାନ୍ତି ଦେବ । କାରଣ ସେ ଆପଣଙ୍କର ସମକକ୍ଷ ।"

"ତୁମର ପରିଚୟ ! ସେ ପୁଣି କ'ଣ ?" ଗତିକୃଷ୍ଣବାବୁ ପ୍ରଶ୍ନ କଲେ ।

"ମୁଁ ପରିଚୟ ଦେବି, ଗତିକୃଷ୍ଣବାବୁ ! ଆପଣ ଧୈର୍ଯ୍ୟ ଧରନ୍ତୁ । ସେ ପରିଚୟର ଭାଷା ଏତେ ତୀବ୍ର, ଏତେ ବିଷାକ୍ତ ଯେ ସୁଲତା ପ୍ରକାଶ କରିବା ପୂର୍ବରୁ ସଂଜ୍ଞା ହରାଇ ବସିଥିବ ।"

"ପୁରୁଷ ମୁଁ । ଆଖି ବୁଜି ସବୁ ସହିନେବି ।"

× × × ×

"ତୁମର ସମସ୍ତ କଥୋପକଥନ ଶୁଣିଛି । ବର୍ତ୍ତମାନ ସମସ୍ତ କଥା ଫିଟାଇ କହିବି"—ରାଜକିଶୋରବାବୁଙ୍କ ଆଖିରେ ଲୁହ ଥିଲା, ଭାଷାରେ ତରଙ୍ଗ ଥିଲା । ସେ ଗତିକୃଷ୍ଣବାବୁଙ୍କ ପାଖକୁ ଆସୁ ଆସୁ ଥରିଉଠୁଥିଲେ । ପାଦ ତାଙ୍କର ଝୁଣ୍ଟୁଥିଲା ।

Digitized by PPRACHIN, SOA

ରାଜକିଶୋରବାବୁ ଗଣ୍ଡକୃଷ୍ଣବାବୁଙ୍କୁ ପାଖରେ ପଡ଼ିଥିବା ଚୌକିରେ ବସିବାକୁ କହି ନିଜେ ବିଛଣା ଉପରେ ବସିଲେ ।

ରାତି ଘନେଇ ଆସୁଥିଲା ବାଲେଶ୍ୱର ସହରର ପ୍ରତ୍ୟେକ ଗଳି-କନ୍ଦରେ । ନିସ୍ତବ୍ଧ ତାରକାର ଅସ୍ପଷ୍ଟ କିରଣ, ଚନ୍ଦ୍ରାଚ୍ଛାଦିତ ବସୁଧାର କୋଣେ କୋଣେ ବିଛେଇ ହୋଇ ପଡ଼ୁଥିଲା । ସୁଲତା ନିଭୃତରେ ଲୁହ ପୋଛି ପୋଛି ଫେରିଗଲା ।

ରାଜକିଶୋରବାବୁ ନିଜ ଜୀବନର ବିଦଗ୍ଧ କାହାଣୀ କହିଲା-ବେଳେ ଅତୀତର ସମସ୍ତ ଘଟଣା ଆଖି ଆଗରେ ଆପେ ଆପେ ନାଚି-ଯାଉଥିଲା ।

ନିଦ୍ରିତ ଅତୀତର ଲଘୁ ଇତିହାସକୁ ମଣିଷ ସବୁବେଳେ ଭୁଲି-ଯିବାକୁ ଇଚ୍ଛା କରେ । ସେ ଇଚ୍ଛା କରି ମନେରଖେ କେତୋଟି ସରସ ସୁନ୍ଦର ପରିଚ୍ଛେଦ; ଯାହା ଟିକିଏ ଫୁର୍ତ୍ତି ଆଣିଦେବ, ଅଳସ ମୁହୂର୍ତ୍ତରେ ଆମୋଦ ଦେବ । ସବୁଠୁ ସୁବିଧାବାଦୀ ଏ ଜଗତ, ଜଗତର ମଣିଷ, ଆଉ ମଣିଷର ମନ । କିନ୍ତୁ ଏହି ସୁବିଧାବାଦର ସରସ ଭୂମିକା ଉପରେ ବେଳେବେଳେ ମୁଣ୍ଡ ଟେକେ କେତେକ ଅଘଟଣ, ଯାହା ଦିନେ ଏ ବିଳାସୀ ମନକୁ କ୍ଷତ କରିଥିଲା । ମଣିଷ ଇଚ୍ଛା କଲେ ବି ଏହା ଭୁଲି ହୁଏନା । ଜୀବନସାରା ମନେ ପଡ଼େ ।

ରାଜକିଶୋରବାବୁଙ୍କ ଆଖିଆଗରେ ଦିଶିଯାଉଥିଲା ସେହି ବିଗତ ଅତୀତର ବିଦଗ୍ଧ କାହାଣୀ !

ଏକଦା ରାଜକିଶୋରବାବୁଙ୍କ ପିତା ଥିଲେ ବାରିପଦା ସହରର ଜଣେ ସମ୍ଭ୍ରାନ୍ତ ନାଗରିକ । ସେତେବେଳେ ତାଙ୍କର ଜମିଦାରୀ ନ ଥିଲା । ବାରିପଦା ନିକଟବର୍ତ୍ତୀ 'ଜାମ୍‌ସୋଲ୍'ରେ ସେ ଠିକା ନେଇ

Digitized by PPRACHIN, SOA

ଆରମ୍ଭ କରିଥିଲେ ସବାଇ ଘାସର ବ୍ୟବସା । ମଝିରେ ମଝିରେ ରାଜ-କିଶୋରବାବୁ ଆସନ୍ତି ହିସାବସମୀକ୍ଷାର ଦାୟିତ୍ୱ ନେଇ ।

ପ୍ରକୃତି ଅଦ୍ଭୁତ ଭାବରେ ସଜାଇଛି ଏହି ଜାମ୍‌ସୋଲକୁ । ସବୁଜ ବନାନୀର ଶୋଭାସମ୍ପଦ ମନକୁ ମାତାଲ କରେ । ଜନାକୀର୍ଣ୍ଣ ଜନପଦର ଆର୍ତ୍ତନାଦ ନାହିଁ କି ପାଗଳ ଜନତାର ଶୋଭାଯାତ୍ରା ନାହିଁ । ଖୋଲା କ୍ଷେତର ଉଶ୍ୱାସିଆ ପବନ, ଗଛାଗ୍ର ସୂର୍ଯ୍ୟର ଆନନ୍ଦମୟ ଅରୁଣିମା, ଅଜଣା ଫୁଲର ମତାଣିଆ ସୁଗନ୍ଧ ମନଭିତରେ ସ୍ୱପ୍ନ ବୁଣେ । ରାଜକିଶୋରବାବୁ ବିମୁଗ୍ଧ ହୁଅନ୍ତି । ଜାମସୋଲ ମାଟିରେ ନିଜର ଆତ୍ମାକୁ ହଜାଇଦେଇ ଆଶ୍ୱସ୍ତିର ନିଃଶ୍ୱାସ ମାରନ୍ତି ।

ଘାସ ଗୋଦାମରେ ସେତେବେଳେ ମ୍ୟାନେଜରୀ କରୁଥିଲେ ବିନୋଦବିହାରୀ ନନ୍ଦୀ । ଘର ପଶ୍ଚିମବଙ୍ଗରେ । କିନ୍ତୁ ବୃତ୍ତିଗତ ଜୀବନ-ଧାରାରୁ ଓଡ଼ିଶା ଗ୍ରୁଡ଼ନାହାନ୍ତି । ଓଡ଼ିଶାର ପାଣିପବନ ତାଙ୍କୁ ଭଲ ଲାଗେ । ଓଡ଼ିଶାର ଛବିଳ ପ୍ରକୃତି ତାଙ୍କୁ ମୁଗ୍‌ଧ କରେ । ଓଡ଼ିଆ ଜାତିର ବ୍ୟବସାୟଗତ ଶୋଷଣ ନୀତି ନାହିଁ କି ପରନିନ୍ଦାରେ ମଗ୍ନ ରହି ଏମାନେ କାଳଯାପନ କରନ୍ତି ନାହିଁ । ବୟସ୍କ ବିନୋଦ-ବିହାରୀଙ୍କ ଆତ୍ମା ତୃପ୍ତିର ଆସ୍ୱାଦ ପାଏ । ବିଶେଷକରି ସରଳ ଓଡ଼ିଆର ଆତିଥ୍ୟ ଓ ନିଷ୍କପଟ ଚାଲିଚଳନ ତାଙ୍କୁ ବିମୁଗ୍‌ଧ କରେ । ଯେଉଁମାନି ଓଡ଼ିଶାର ଆକର୍ଷଣ ସେ ଏଡ଼ି ଦେଇ ପାରନ୍ତିନି; ବରଂ ବାହାରେ ଓଡ଼ିଆ ହେବାର ଚେଷ୍ଟା କରନ୍ତି ।

ରାଜକିଶୋରବାବୁଙ୍କର ପ୍ରଥମେ ଧାରଣା ଥିଲା, ବିନୋଦବାବୁ ଓଡ଼ିଆ ବୋଲି । କିନ୍ତୁ ସେ ଧାରଣା ସଂଶୋଧିତ ହେଲା ସୁକାନ୍ତର ଆଗମନ ପରେ । ସୁକାନ୍ତ କଲିକତାରୁ ନିଜ ସଙ୍ଗରେ ନୂତନ ରଙ୍ଗ, ନୂତନ ଢଙ୍ଗ ନେଇ ଆସିଲା । ଜାମ୍‌ସୋଲ ତା'ର ଉପସ୍ଥିତିରେ କିଛିଦିନ

Digitized by PPRACHIN, SOA

ସକାଳେ କର୍ମମୁଖର ହୋଇପଡ଼ନ୍ତି । ଆଦିବାସୀ ଝିଅମାନେ ଧାଡ଼ି ବାନ୍ଧି ଏହି ମନୋରମ ପ୍ରଜାପତିଟିକୁ ଦେଖିବାକୁ ଆସିଲେ । ତା'ର ଝକଝକିଆ ଶାଢ଼ୀ, ଚକଚକିଆ ବ୍ଲାଉଜ୍ କନା ସମସ୍ତଙ୍କ ମନରେ କୁତୁହଳର ଫସଲ ଭରିଦେଲା । ସେତିକବେଳେ ଓଡ଼ିଶାର ଗଡ଼ଜାତ ଅଞ୍ଚଳମାନଙ୍କରେ ଆଡ଼ମ୍ବରବହୁଳ ଲଘୁ ସଭ୍ୟତା ପ୍ରବେଶ କରି ନ ଥାଏ ।

ରାଜକିଶୋରବାବୁ ସବୁଦିନ ଭଳି ନନ୍ଦୀବାବୁଙ୍କ ଘରକୁ ବୁଲି ବାହାରିଲେ ।

ଜାମ୍‌ସୋଲ କହିଲେ ସବାଇ ଘାସ ଗୋଦାମ, ଘାସ ସଂଗ୍ରହ-କାରୀ ଶ୍ରମିକଙ୍କ ଶ୍ରେଣୀ ଶ୍ରେଣୀ କୁଡ଼ିଆ, ଅଫିସଘର ଆଉ ଦୁଇ ତିନି ଜଣ ତତ୍ତ୍ୱାବଧାରକଙ୍କ ବସାଘରକୁ ହିଁ ବୁଝାଏ । ସମସ୍ତେ ସମସ୍ତଙ୍କର ସୁପରିଚିତ । ଲୋକସଂଖ୍ୟା ଆଙ୍ଗୁଠି ପବରେ ଗଣିହେବ । ଅଫିସଘର ସାମନାରେ ବିସ୍ତୀର୍ଣ୍ଣ ପଡ଼ିଆ, ଆଉ ଖଣ୍ଡେ ଦୂରକୁ ନିଘଞ୍ଚ ବଣ ।

ରାଜକିଶୋରବାବୁ ନନ୍ଦୀବାବୁଙ୍କ ଦୁଆର ସାମନାରେ ହୋଇଛନ୍ତି କି ନାହିଁ, ଦେଖିଲେ, ବାରଣ୍ଡା ସାମନାରେ ଛିଡ଼ା ହୋଇଛି ଚନୁପାଚଳା ତରୁଣୀଟିଏ । ବୟସ ପନ୍ଦର ଷୋଳ ଭିତରେ ହେବ । ଦୁଧମିଶା ଅଳତା ଭଳି ଅଙ୍ଗଲତା । ବଡ଼ ବଡ଼ ଆଖିର ଲମ୍ବାଳିଆ ଭ୍ରୂଲତାରେ ଅନେକ ସ୍ୱପ୍ନ । ଆଖିର କଜଳଧାର କାନମୂଳ ଛୁଏଁ ନ ଛୁଏଁ । ଡୋଳା ଦୁଇଟିରେ ବନହରିଣର ବିମୁଗ୍ଧ ଦୃଷ୍ଟି ଆଉ ନାଲି ଓଠର କଡ଼େ କଡ଼େ ସଜଫୁଲର କବିତା ଧାଡ଼ିଏ । ଶାଢ଼ୀ ଓ ବେକକଟା ବ୍ଲାଉଜ୍‌ରେ ଅତ୍ୟାଧୁନିକ ସଭ୍ୟତାର ମୁଦ୍ରା । ଗଳାର ଚନ୍ଦ୍ରହାରଟି ପଥରବସା । କମକଣ୍ଠ ଲକେଟ୍ ଆସି ଉଚ୍ଛୁଳା ସ୍ତନ ଉପରେ ଝୁଲୁଛି ।

Digitized by PPRACHIN, SOA

ରାଜକିଶୋରବାବୁ ଘରଭିତରକୁ ନ ପଶି ଦୁଆରମୁହଁରେ ଅଟକିଗଲେ ।

ସୁକାନ୍ତ ରାଜକିଶୋରବାବୁଙ୍କର ମୁହଁ ଉପରୁ ଚକିତ ଆଖି ଦ'ଟାକୁ ଫେରାଇନେଇ ନାଟକୀୟ ଭଙ୍ଗୀରେ ଘରଭିତରକୁ ପଶିଗଲା ।

ଅଳ୍ପକ୍ଷଣ ପରେ ନନ୍ଦୀବାବୁ ରାଜକିଶୋରବାବୁଙ୍କୁ ପାଖେଇ ନେଇ ସୁକାନ୍ତ ସଙ୍ଗେ ପରିଚିତ କରାଇଦେଲେ । ସୁକାନ୍ତର ମୁହଁ ଉପରେ ତରୁଣୀସୁଲଭ ଲଜ୍ଜା ଲହଡ଼ି ଖେଳୁଥାଏ । ସେ ତା'ର ପଲ୍ଲବକୋମଳ ହାତ ଉଠାଇ ସବିନୟ ନମସ୍କାର ଦେଲା । ପରିଚୟ ପରେ ଆସ୍ତେ ଆସ୍ତେ ସେ ଲଜ୍ଜା ଉଭେଇଗଲା ।

କ୍ରମେ ସୁକାନ୍ତ ସହିତ ରାଜକିଶୋରବାବୁଙ୍କର ଆତ୍ମୀୟତା ବାଢ଼ିବାରେ ଲାଗିଲା । ସମ୍ପର୍କ ଗଭୀରରୁ ଗଭୀରତର ହେଲା । ଦୁଇଟି ପ୍ରାଣରେ ଆକର୍ଷଣର ବୀଜ ବପନ ହୋଇ ଶାଖାପ୍ରଶାଖା ବିସ୍ତାର ହେଲା । ସୁକାନ୍ତ ନିଜର ନମ୍ର ବ୍ୟବହାରରେ ରାଜକିଶୋରବାବୁଙ୍କୁ ବଶୀଭୂତ କଲା । ପରେ ସେ କଲିକତାକୁ ଫେରିବାର ନାଁ ସୁଦ୍ଧା ପକାଇଲା ନାହିଁ କି ରାଜକିଶୋରବାବୁଙ୍କ ଗସ୍ତ କାର୍ଯ୍ୟକ୍ରମରେ ପୂର୍ଣ୍ଣଚ୍ଛେଦ ପଡ଼ିଲା ନାହିଁ । ନନ୍ଦୀବାବୁଙ୍କର ପତ୍ନୀ ଜାଣିଲେ, ଭଉଣୀ ତାଙ୍କର ରାଜକିଶୋରବାବୁଙ୍କ ପ୍ରତି ଆକୃଷ୍ଟ ହୋଇଛି । କିନ୍ତୁ ଏହାର ପରିଣାମ ? ରାଜକିଶୋରବାବୁ କ'ଣ ସତରେ ସୁକାନ୍ତକୁ ବିବାହ କରିବେ ?

ଦିନେ ସମସ୍ତଙ୍କୁ ଚକିତ କରି ରାଜକିଶୋରବାବୁ ସୁକାନ୍ତ ସହିତ ବିବାହ ପ୍ରସଙ୍ଗ ପକାଇଲେ ।

Digitized by PPRACHIN, SOA

ରାଜକିଶୋରବାବୁଙ୍କ ପିତା ବିଜାତୀୟ ହେବା ଭୟରେ ପ୍ରଥମେ ଅନୁମତି ଦେଲେ ନାହିଁ । ଜାତିରେ ହୀନ, ଭାଷାରେ ଭିନ୍ନ, ଏହି ସୁକାନ୍ତିକୁ କୂଳବଧୂ କରିବାକୁ ସମ୍ମତ ବା ହୁଅନ୍ତେ କିପରି ? କିନ୍ତୁ ରାଜକିଶୋରବାବୁଙ୍କ ଏକନିଷ୍ଠତା ଦେଖି ରାଜି ହେବାକୁ ବାଧ୍ୟ ହେଲେ । ଦାମ୍ପତ୍ୟ ଜୀବନର ପ୍ରଥମ ବର୍ଷଟି ସୁଖରେ କଟିଗଲା । ତା'ପରେ ହଠାତ୍ ଦିନେ ସେ ସୁଖର ଝରଣା ଶୁଖିଗଲା । ସୁଲତା ଭୂମିଷ୍ଠ ହେଲା ଦିନ ସୁକାନ୍ତିର ମୃତ୍ୟୁ ହେଲା । ରାଜକିଶୋରବାବୁ ପିତା ଓ ମାତା ଉଭୟର ଦାୟିତ୍ୱ ଚଳାଇଲେ କନ୍ୟାଟିର ସକାଶେ । ତା'ପରେ ତାଙ୍କର ପୁନର୍ବିବାହ ପ୍ରଶ୍ନ ଉଠିଲା । ଧନ ଥିବାରୁ ଅନେକ ସମ୍ବନ୍ଧ ଭାଙ୍ଗିବା ପରେ ମଧ୍ୟ ଦିନେ ସେ ଆଉ ଥରେ ବିବାହ କଲେ । ଯାହାକୁ ବିବାହ କରି ଘରକୁ ଆଣିଲେ ସେ ରାଜକିଶୋର-ବାବୁଙ୍କ ଜୀବନରେ ସୁଖ ଦେଲା ନାହିଁ ।

ତା'ପରେ ଅନେକ କଥା – ଅନେକ ଅଘଟଣ ।

ସୁଲତା ଶିକ୍ଷିତା ଦାସୀର ଝିଅରୂପେ ପରିଗଣିତ ହେଲା । ବିଜାତୀୟ ସ୍ତ୍ରୀର ଝିଅ ହୋଇଥିବାରୁ ବିଭାଘର ହୋଇପାରିନାହିଁ । ଅନେକ ପ୍ରସ୍ତାବ ଭାଙ୍ଗିଯାଇଛି । ଆଜି ଶକ୍ତିକୃଷ୍ଣବାବୁ ସେହି ସୁଲତାକୁ ବିବାହ କରିବାକୁ ପ୍ରସ୍ତାବ ଦାଖିଲ କରିଛନ୍ତି ।

ଶକ୍ତିକୃଷ୍ଣବାବୁ ନୀରବ ରହି ସୁଲତାର ସେହି ଦୁଃଖପୂର୍ଣ୍ଣ ଅତୀତ ଇତିହାସକୁ ବିଶ୍ଳେଷଣ କରୁଥିଲେ । ବିପ୍ଳବୀ ମନ ତାଙ୍କର ସମାଜର ଅନ୍ଧ ଚୁଡ଼ାମଣି ଆଗରେ ବିଦ୍ରୋହ ବାଡୁଥିଲା ।

ଏକା ଦେହ, ଏକା ମନର ମଣିଷ । ତା'ରି ଭିତରେ ଉଚ୍ଚନୀଚର ଭେଦ ବାଡ଼ି ଟାଣିଦିଏ ଉଠାଏ ସମାଜ । ଯୌବନର ସୁନେଲି ସ୍ୱପ୍ନ ପ୍ରତ୍ୟେକ ନରନାରୀଙ୍କ ମନରେ ଭରିଦିଏ ଉନ୍ମାଦନା । ଜାତି ଅଜାତି,

Digitized by PPRACHIN, SOA

ଭିବ ଭାଷାର ପ୍ରଭେଦ ନ ବାଛୁ ସ୍ୱର୍ଗୀୟ ପ୍ରେମ ଦୁଇଟି ନରନାରୀଙ୍କୁ ଗୋଟିଏ ରଜ୍ଜୁରେ ଆବଦ୍ଧ କରେ । ଉଭୟେ ଗୋଟିଏ ସ୍ୱପ୍ନ ଦେଖନ୍ତି, ଗୋଟିଏ ସଂସାରର ପଥିକ ହୁଅନ୍ତି । ସୃଷ୍ଟି ହସିଉଠେ ।

ସୁଲତା ଯେଉଁଦିନ ରାଜକିଶୋରବାବୁ ଓ ସରଳା ସୁକାନ୍ତର ମିଳନମୁଖୀ ଆତ୍ମାର ସୁସ୍ପଷ୍ଟ ସ୍ୱାକ୍ଷର—ସୃଷ୍ଟି ଓ ସୌନ୍ଦର୍ଯ୍ୟ, ପ୍ରାଣ ଓ ପିପାସାର ଛନ୍ଦୋବଦ୍ଧ ସ୍ୱାକ୍ଷର । ସୁଲତା ଭିତରେ ବଞ୍ଚିଛି ସୃଷ୍ଟିର ଶାଶ୍ୱତ ଉଚ୍ଛ୍ୱାସ, ଆଉ ବଞ୍ଚିରହିଛି ମୃତା ସୁକାନ୍ତର ପ୍ରଣୟ ଇତିହାସ । ସୁକାନ୍ତ ବଞ୍ଚିଥିଲେ ସୁଲତା ରାଜକୁମାରୀର ସମ୍ମାନ ପାଉଥାନ୍ତା । ଆଜି ମା ନାହିଁ ବୋଲି ସେ ଅବହେଳିତା ହୋଇଛି ।

"ଏସବୁ ଲୁଚାଇ ରଖିଲେ କ୍ଷତି ବ୍ୟତୀତ ଲାଭ ନାହିଁ, ରତିକୃଷ୍ଣ-ବାବୁ ! ଆପଣ ବୁଝିଶୁଝି ନିଷ୍ପତ୍ତି ଶୁଣାଇବେ ।" ରାଜକିଶୋରବାବୁ କହୁଥିଲେ ।

ରତିକୃଷ୍ଣବାବୁ ଗୋଟିଏ ଅଜଣା ଆବେଗରେ ଶିହରି ଉଠୁଥିଲେ । ସେ ରାଜକିଶୋରବାବୁଙ୍କୁ ସଂଯତ ଭାବରେ କହିଲେ, "କିନ୍ତୁ ସୁନ-ନ୍ଦାର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଲେ ଆପଣ ମନରେ କିଛି ଭାବିବେ ନାହିଁ ତ ?"

× × × ×

ଏହାହିଁ ମୀମାଂସା ହେଲା । ସୁଲତା ତାଙ୍କର ହେଲା । ରାଜ-କିଶୋରବାବୁ ଖୁସି ହେଲେ । କିନ୍ତୁ ଗୋଟିଏ ବଜ୍ରପାତ ରାତିରେ ସେ ସୁଖର ସମାପ୍ତି ହେଲା ଅତି କରୁଣ ଭାବରେ । ସୀତା ଜନ୍ମ ହେବାର ବରଷଟିଏ ଯାଇଛି କି ନାହିଁ, ସୁଲତାର ଜୀବନହଂସ ମାଟିପିଣ୍ଡ ଛାଡ଼ି ଅଦେଖା ଦୁନିଆର ଆତିଥ୍ୟ ଗ୍ରହଣ କଲା । ତା'ର ମାଆ ଭଳି ସୀତା

Digitized by PPRACHIN, SOA

ମଧ୍ୟ ହେଲା ମା' ଛେଉଣ୍ଡ । ଜୀବନଜଞ୍ଜାଳର ରକ୍ତାକ୍ତ ପୀଡ଼ନ ଭିତରେ ଗଡ଼ିକୃଷ୍ଣବାବୁ ବଞ୍ଚି ରହିଛନ୍ତି କେବଳ ସୀତାକୁ ବଞ୍ଚେଇବା ପାଇଁ ।

ମେଘାସନର ଝଡ଼ ତାଙ୍କର ଆଶାଦୀପକୁ ଲିଭାଇଦେବାକୁ ଚେଷ୍ଟା କଲା ଅତି ନିର୍ମମ ଭାବରେ । କିନ୍ତୁ ବନ୍ଧୁ ହରମୋହନ-ବାବୁ......

× × × ×

"ଗଡ଼ି, ଗଡ଼ି ମ ! ଏ ମୁହଁସଞ୍ଜବେଳେ ଦୁଆର ଦେଇ ବସିବାକୁ କ'ଣ ଭଲ ଲାଗେ ? ଶୁଣୁନୁ, ଧେଇଁ ଏ ବୁଲିଆସିବା । ବାହାରେ ପୂନେଇଁ ଜହ୍ନର ଚୋପା ଆଲୁଅ ! ଆଉ ତୁ ଘରେ ଲଣ୍ଠନ ଜାଳି ବସିଛୁ ?" ହରମୋହନବାବୁ ହସିହସି ଘରଭିତରକୁ ପଶିଆସୁଥିଲେ ।

ଅସ୍ତଗାମୀ ସୂର୍ଯ୍ୟର ଲୋହିତ ବର୍ଣ୍ଣବିଭବ ଖୋଲି ଆକାଶତଳେ ସ୍ୱପ୍ନ ସୃଷ୍ଟି କରୁଥାଏ । ସେ ଏକ ହସନ୍ତ ସ୍ୱପ୍ନ !! ପହେପହେ ଅପସୃୟମାନ କନକରଶ୍ମି ରଂଗୀନ ନିଶାର ପ୍ରହେଳିକା ପରି-ବେଷଣ କରୁଥାଏ । ଅନ୍ୟ ଗୋଟିଏ ଦିଗର ପର୍ବତ ଫାଙ୍କରୁ ଆଉଟୁଙ୍କା ହୋଇ ହସୁଥାଏ ପୂନେଇଁର ସୁଗୋଲ ଜହ୍ନ—ସରସ ଆଉ ସୁନ୍ଦର !!

ରାଇରଙ୍ଗପୁରର ପୂନେଇଁ......

ପୂନେଇଁ ଜହ୍ନର ଚୋପା ଆଲୁଅ ତଳେ, ସୀତା ବସିବସି ଗୋଟିଏ ଦରଭୁଲା ସଂଗୀତର ପ୍ରଥମ ପଂକ୍ତି କେଇଟିକୁ ମନେ-ପକାଉଥାଏ । ତା'ର ସୁପ୍ତିତ ଭାବନାରେ ପର ଲାଗିଥାଏ । ସେ

Digitized by PPRACHIN, SOA

ଅନୁଭବ କରୁଥାଏ ମଣ୍ଡସ୍ମୂର୍ମୀର ଅଜସ୍ରିଆ ଆବେଗ । ଚନ୍ଦ୍ରିକ ଝୁରୁଲତିକା ଥରଥର ଉଠୁଥାଏ । ଓଠ କଣ୍ଡରେ କର ଅମାନିଆ ସ୍ବରଟିଏ ଲହଣ୍ଡା ହୁଙ୍କୁଥାଏ । ଶରୀରର ପ୍ରତ୍ୟେକ ଶିରାପ୍ରଶିରା ପୁଲକିତ ହୋଇଉଠୁଥାଏ ।

ଏମିତି ଏକ ପୂନେଇଁ ରାତିର ଦରମଉଳା ଘଟଣାଟିଏ ଆଖି ଆଗରେ ତା'ର ଲୁଚକାଳି ଖେଳୁଥାଏ । ସେ ଦିନ ବି ଥିଲା ପୁନେଇଁ । ପୂନେଇଁ ଜହ୍ନର ଉଜ୍ଜ୍ୱଳ ଜ୍ୟୋତ୍ସ୍ନା ଚମକ ବାଡୁଥିଲା । ମନ ଉଲ୍ଲା-ସରେ ଭରି ଉଠୁଥିଲା । ଏଇ ମାଟି, ଏଇ ଆକାଶ, ଏଇ ଦେହ— ଏଇ ମନ - ସବୁ ସମାନ, କିନ୍ତୁ କେତେ ଅସମାନ ସତରେ ! ସେଦିନ ମନେ ହେଉଥିଲା ସତେ ଯେମିତି ମର୍ତ୍ତ୍ୟରେ ତା'ର ପାଦ ନାହିଁ । ବାଦଲଦେଶ ସରଗ ଭିତରେ ସେ ଯାଉଛି । ରଙ୍ଗବେରଙ୍ଗର ସ୍ୱପ୍ନ ଦେଖୁଛି । କିନ୍ତୁ ଆଜି ସେ ସ୍ୱପ୍ନ କେବଳ ଗୋଟିଏ ସ୍ୱପ୍ନ ହୋଇ ରହିଗଲା ! କେତେ ପୂନେଇଁ ଆସି ଫେରିଗଲା, କିନ୍ତୁ ସେ ଅଉ ସେହି ଉନ୍ମାଦନା, ସେହି ଆବେଗ ପାଇଲା ନାହିଁ । ନୀଳ ଆକାଶରେ ସେମିତି ଜହ୍ନ ବି ଆଉ ଦିଶିଲାନି ।

ଆଜି ପୁଣି ଥରେ ପୂନେଇଁ ଆସିଛି । ଆକାଶରେ ଅସଂଖ୍ୟ ତାରକାର ରୋଷଣୀ । ତାହାରି ଭିତରେ ନୀହାର ଜୁଆର ଚୋଳୁଛି । ସିଏ ଅଛି, କିନ୍ତୁ ପାଖରେ ନାହିଁ ଚନ୍ଦ୍ରମୋହନ । ସେହି ମନ ଅଛି, ମନର ଉଜାଣି ନାହିଁ । ପ୍ରାଣ ଅଛି, ତରଙ୍ଗ ନାହିଁ । ଦୀପ ଜଳୁଛି, ଅଥଚ ରୋଷଣୀ ନାହିଁ । ମାୟା ଲଗାଇ ମୋହନ ଆଉ ଆସିଲା ନାହିଁ । ମନ ନେଇ ଦୂରେଇଗଲା ।

ଚନ୍ଦ୍ରମୋହନ, ଚିରସୁନ୍ଦର ଚନ୍ଦ୍ରମୋହନ ! ହସିଲେ ପୂନେଇଁ ଜହ୍ନ ଭଳି ଦିଶେ । କଥା କହି ହୃଦୟ କିଣିନିଏ । ହସାଇ ହସାଇ

Digitized by PPRACHIN, SOA

ବେଦମ୍ କରେ । ତା'ର ସାନ୍ନିଧିରେ ମନ ପୂରିଉଠେ, ଠିକ୍ ପୂରିଲ ଜହ୍ନଭଳି ।

ସୁଦୂର ଗଡ଼ଜାତ ସୋନପୁରରେ ପିତା ତାଙ୍କର ଦେଓ୍ୱାନ । ଷ୍ଟେଟରେ ସବୁଠୁ ବେଶି ଦାୟିତ୍ୱସମ୍ପନ୍ନ ଅଫିସର । ତାଙ୍କର ଇଙ୍ଗିତରେ ସମଗ୍ର ରାଜ୍ୟଟି ଚଳେ । ମୟୂରଭଞ୍ଜ ରାଜାଙ୍କର ସୁପାରିଶକ୍ରମେ ଚାକିରି ପାଇଲେ ସୁଦୂର ସୋନପୁରରେ । ବୁଦ୍ଧି ଓ ଜ୍ଞାନର ପ୍ରମାଣସ୍ୱରୂପ ପାଇଲେ ଦେଓ୍ୱାନ ପଦବୀ । ଗଡ଼ଜାତର ସର୍ବଶ୍ରେଷ୍ଠ ଚାକିରି । ସମ୍ପତ୍ତିବାଡ଼ି ବୁଝାଶୁଝା କରିବାକୁ ବିରୁପାକ୍ଷବାବୁ ଯେତେବେଳେ ବାରିପଦା ଆସନ୍ତି ସଙ୍ଗରେ ଆସିଥିଲେ ଚନ୍ଦ୍ରମୋହନବାବୁ । ଧନାଢ୍ୟ ପିତାର ଅଳଅଳ ସନ୍ତାନ ସିଏ । ସୁଖ ଛଡ଼ା ଦୁଃଖ କେବେ ଦେଖିନାହାନ୍ତି । ହସ ଛଡ଼ା କାନ୍ଦ ବାହାରିନି ମୁହଁରୁ । ନିଜେ ସୁଖୀ ହୋଇ ପାଞ୍ଚଜଣଙ୍କର ସୁଖ ଦେଖିବାକୁ ଇଚ୍ଛା ତାଙ୍କର ।

ବିରୁପାକ୍ଷବାବୁଙ୍କ ଚାକିରି ପଛରେ ଗଡ଼କୃଷ୍ଣବାବୁଙ୍କର ଉଦ୍ୟମ ରହିଛି । ରାଜାଙ୍କର ପ୍ରାଇଭେଟ୍ ସେକ୍ରେଟେରୀ ଥିଲେ ଗଡ଼କୃଷ୍ଣବାବୁ । ପରିଚୟ ଘନିଷ୍ଠ ହେବା ସ୍ୱାଭାବିକ । ଗଡ଼କୃଷ୍ଣବାବୁଙ୍କର ସରଳ ସ୍ନେହ ଘନିଷ୍ଠ ସମ୍ପର୍କର ରଜ୍ଜୁ ହେଲା । ସୀତା ଓ ଚନ୍ଦ୍ରମୋହନବାବୁଙ୍କର ବନ୍ଧୁତା ବଢ଼ିଲା । ଦୁହେଁ ଦୁହିଁଙ୍କର ସାନ୍ନିଧିକୁ ଉତ୍ତମଭାବରେ ଉପଭୋଗ କଲେ । ଚନ୍ଦ୍ରମୋହନର ଛ'ମାସ ରହଣି ଭିତରେ ସୀତା ନିଜ ରୂପଯୌବନର ମୂଲ୍ୟ ବୁଝିବାରେ ସକ୍ଷମ ହେଲା । ସୀତା ଓ ଚନ୍ଦ୍ରମୋହନ ରଙ୍ଗୀନ ନିଶାରେ ବିଭୋର ହୋଇ ଦୁଇଟି ବନ୍ଧନହୀନ ପକ୍ଷୀ ଭଳି ମୁକ୍ତ ଆକାଶରେ ଚକ୍କର କାଟିଲେ ।

ସୀତା ଉପରେ ଗଡ଼କୃଷ୍ଣବାବୁଙ୍କର ଅଗାଧ ବିଶ୍ୱାସ । ଝିଅର ଚରିତ୍ର ନେଇ ସେ ନିଃସନ୍ଦେହ ଥାଆନ୍ତି । ପୂଜାପାଠରେ ସକାଳ ସଞ୍ଜ

Digitized by PPRACHIN, SOA

ବ୍ୟସ୍ତ ରହି ଘରସଂସାର ଚର୍ଚ୍ଚା ପାସୋରିପକାନ୍ତି । ଗୃହକର ଗୃହକର୍ତ୍ତ୍ରୀଙ୍କ ଉପରେ ସମସ୍ତ ଦାୟିତ୍ୱ ନ୍ୟସ୍ତ ଥାଏ । ଖର୍ଚ୍ଚ ନେଇ ଭାବନା କରିବାକୁ ପଡ଼େ ନାହିଁ । ଭାତ ବଞ୍ଚିଲେ ସହସ୍ର କାକ । ପଇସା ପାଇଲେ ପର ମଧ୍ୟ ଆପଣାର ହୁଏ । କାମଦାମ ଉପରେ ଆଖି ବୁଲାଇନେଲେ ହେଲା ।

ଚନ୍ଦ୍ରମୋହନର ଅନୁରୋଧକ୍ରମେ ସୀତା ଆଉ ଗତିକୃଷ୍ଣବାବୁ ସୋନପୁର ଗଲେ ସପ୍ତାହକ ସକାଶେ । ସେତେବେଳେ ଖାସମାହାଲ ସଙ୍ଗେ ଗଡ଼ଜାତମିଶ୍ରଣ ହୋଇ ନ ଥାଏ । କିନ୍ତୁ ପ୍ରଜାମାନେ ସାହସୀ ହୋଇସାରିଥାନ୍ତି । ଗଡ଼ଜାତ ରଜାଙ୍କର ଅବାଧ ଶାସନ ବିରୁଦ୍ଧରେ ପ୍ରଜାମାନେ ମେଳି ବାନ୍ଧି ବିଦ୍ରୋହ କରିବାକୁ ମସୁଧା କରୁଥାନ୍ତି । ସ୍ଥାନେ ସ୍ଥାନେ ହଣ୍ଡି ଶୋଭାଯାତ୍ରା ହେଉଥାଏ । ଖାସମାହାଲର ମୁରୁବୀ ନେତାମାନେ ପରାମର୍ଶ ଦେଉଥାନ୍ତି ।

ମିଶ୍ରଣ ଆନ୍ଦୋଳନର ପୂର୍ବର କଥା । ନିରୀହ ଜନସାଧାରଣଙ୍କ ଧାରଣା ଥିଲା, ରଜା ନ ଥାଇ ରାଜ୍ୟ ନାହିଁ । ରଜା ନ ଥିଲେ ନ୍ୟାୟ ମିଳେ ନାହିଁ । ଦେବତାର ଆଶୀର୍ବାଦ ନେଇ ମଣିଷ ରାଜପରିବାରରେ ଜନ୍ମ ହୁଏ । ଅଭିଷେକ ପରେ ରାଜମୁକୁଟ ପାଇଲେ ହୁଏ ଚଳନ୍ତି ଦେବତା । ରଜାଙ୍କୁ ସନ୍ତୁଷ୍ଟ କରିବା, ନ୍ୟାୟ ହେଉ କି ଅନ୍ୟାୟ ହେଉ ତାଙ୍କର ନିର୍ଦ୍ଦେଶରେ ଚଳିବା, ଧର୍ମସଙ୍ଗତ କଥା । ଆଇନ ଅମାନ୍ୟ କଲେ ଅଧର୍ମ ହୁଏ, ପାପ ହୁଏ । ଚଳନ୍ତି ଦେବତାଙ୍କୁ ଅସମ୍ମାନ କଲେ ଅନ୍ଧନର୍କରେ ବାସ ମିଳେ ।

କିନ୍ତୁ ଅନେକ ଆନ୍ଦୋଳନ ଦେଖି ଲୋକଙ୍କର ମୁହଁ ଫିଟିଆସୁଥିଲା । ନିଜର ନ୍ୟାୟସଙ୍ଗତ ଦାବୀପ୍ରତି ସେମାନେ ସଚେତ ହେବାକୁ

Digitized by PPRACHIN, SOA

ଆରମ୍ଭ କରୁଥିଲେ । ତେଣୁ ରାଜଦଳଙ୍କ ବା ଟାଉଟରଶ୍ରେଣୀୟ ଲୋକମାନେ ପୂର୍ବଭଳି ଆଶଙ୍କାଶୂନ୍ୟ ଅତ୍ୟାଚାର କରିବାର ସାହସ ହରାଉଥାନ୍ତି । ତଥାପି ନିଷ୍କର ଜମି କରୁ ଦାବି ଫେରଠ କରିବା ମତଲବ ଥାଏ ତାଙ୍କର । କିଏ କେମିତି ବେଳ ବୁଝି ପଦବୀ ମାଗୁଥାନ୍ତି । ଠିକ୍ ସେତିକିବେଳେ କେତେକ ଦୁର୍ନୀତିପରାୟଣ ରାଜକର୍ମଚାରୀ ଅଂଶେଷା-କୃତ ଅଶିକ୍ଷିତ ଓ ଦୁର୍ଗମ ଅଞ୍ଚଳରେ କେନ୍ଦ୍ରିତ ଜାଲ ପାତି ଓ'ମଉଜା ଉପରେ ବାହାର କରିବାର ଫନ୍ଦି ଖୋଜୁଥାନ୍ତି । ରାଜ୍ୟ ଯିବାର ସ୍ପଷ୍ଟ ଆଭାସ ମିଳୁଥାଏ । ତେଣିକି ଏ ରାଜ୍ୟ ବଦଳିଯିବ, ଲୋକେ ବଦଳି-ଯିବେ । ଏ ସୁବର୍ଣ୍ଣ ସୁଯୋଗ ମିଳିବ ନାହିଁ । ଯାପ ଜଲ୍‌ଦି ଜଲ୍‌ଦି ବସ୍ତା ଦେଖିନେବା ଉଚିତ ହେବ ।

ଚନ୍ଦ୍ରମୋହନର ପିତା ଯଥାର୍ଥ୍ୟ ଭାବରେ ଜାଣିପାରିଥାନ୍ତି ଯେ ଦେଓ୍ୱାନୀ ପଦବୀର କାର୍ଯ୍ୟକାଳ ଅନ୍ତ ଜନ୍ମ୍ । ମନ ତାଙ୍କର ବ୍ୟସ୍ତ ହୋଇଉଠୁଥାଏ । ଶେଷ ସମୟରେ ଯାହା ପାରନ୍ତି ସ୍ୱବଧା କରିନେବା ସୁନ୍ଦର ହେବ । ଅବଶିଷ୍ଟ ଜୀବନକୁ ସୁଖମୟ କରିବା ସକାଶେ ହଜାର ଚେଷ୍ଟା କରୁଥାନ୍ତି । ଦେଓ୍ୱାନୀ ଚାକିରି ଗଲେ ମାଷ୍ଟରୀ ଚାକିରି-ଟି ଏ ଯୋଗାଡ଼ କରିହେବ ତ ! ହେଲେ ବା' ହୁଏ, ସେହି ଦରମାରେ କଣ ସଂସାର ଚଳାଇହେବ ? ତଥାପି ମନଭିତରେ ମାୟା ପଶେ । କିଏ ଜାଣେ, ଅଜର କଥା କାଲିକି କଣ ହେବ ? ଭାରତ ସରକାର ଯଦି ରଜାମାନଙ୍କର ସୁନାଅନ ପ୍ରସ୍ତାବକୁ ସମର୍ଥନ କରନ୍ତି, ତେବେ ଚାକିରି ଦୃଢ଼ ରହିବ । ଦରମା ବଢ଼ିବାର ସମ୍ଭାବନା ରହିଛି । ଚାକି ଗଲେ ବାର ହାତ । ତେଣିକି ଦେଖାଯିବ ।

ସ୍ୱାଧୀନତାପ୍ରୟାସୀ କର୍ମୀଙ୍କ ଭିତରେ ଚାଞ୍ଚଲ୍ୟ ଖେଳିଯାଇ-ଥାଏ । ସେମାନେ ଟିକିଏ ଅଧିକ କର୍ମତତ୍ପର ହୋଇଉଠିଥାନ୍ତି ।

Digitized by PPRACHIN, SOA

ଏହି କର୍ମୀଙ୍କ ଭିତରୁ ଅନେକେ ଜେଲଭୋଗୀ । ରାଜାଙ୍କ ଅତ୍ୟାଚାରର ବିରୁଦ୍ଧରେ ପ୍ରତିବାଦ କରିବାର ବର୍ଷ ବର୍ଷ ଧରି ଜେଲ ଭୋଗିଛନ୍ତି । ଜେଲଫେରନ୍ତା ସାରି ଏବେ ପ୍ରତିହିଂସାପରାୟଣ ହୋଇଉଠିଛନ୍ତି । ରାଜା ବା ରାଜକର୍ମଚାରୀଙ୍କ ପ୍ରତ୍ୟେକ ଦୋଷଦୁର୍ବଳତାକୁ ଆଳ କରି ସଭା ଶୋଭାଯାତ୍ରା କରୁଛନ୍ତି । ବାରମ୍ବାର କଟକ ଧାଇଁ ନେତାମାନଙ୍କ ସଙ୍ଗେ ମନ୍ତ୍ରଣା କରୁଛନ୍ତି । ବିପ୍ଳବୀ ଜନତାର ନେତୃତ୍ୱ ନେଇ ସାହସ ଯୋଗାଉଛନ୍ତି । ଜଙ୍ଗଲ ଠିକା ଆଉ ବେଠିବେଗାରି ବିରୁଦ୍ଧରେ ଖୋଲା ଦାବୀ କରୁଛନ୍ତି ।

ରାଜଖଜଣା ଅସୁଲ ହୋଇପାରୁନାହିଁ । ରାଜକର୍ମଚାରୀ ଅପମାନ ପାଇ ଇସ୍ତଫା ଦେଉଛନ୍ତି । ଆନ୍ଦୋଳନର ସୁଯୋଗ ନେଇ କେତେକ ତଥାକଥିତ ନେତା ସ୍ୱାର୍ଥସିଦ୍ଧି ପାଇଁ ଲାଗିପଡ଼ିଛନ୍ତି । ଚାନ୍ଦା ଅସୁଲ ହୋଇ ଅସଲ ଖାତାରେ ପଇଠ ପଡ଼ୁନାହିଁ । ସ୍ଥାନେ ସ୍ଥାନେ ଆନ୍ଦୋଳନ ନାଁରେ ଖୋଲା ଡକାୟତି ଚାଲିଛି । ଅବସ୍ଥାସମ୍ପନ୍ନ ଲୋକଙ୍କୁ ରାଜଦଳୀୟ ଆଖ୍ୟା ଦେଇ ସର୍ବସ୍ୱାନ୍ତ କରାଯାଉଛି । ମେଳି ବାନ୍ଧି ଲୁଟତରାଜ ହେଉଛି । ଶାସନ ସଂକଟର ସନ୍ଧିକ୍ଷଣ । ନିୟମ ନାହିଁ କି କାନୁନ ନାହିଁ । ଦଳେ ଲୋକ ମେଳି ବାନ୍ଧି ଯାହା କହିଲେ ତାହାହିଁ ହେଲା ନିୟମ । ଯେତେକ ଗୁଣ୍ଡାଶ୍ରେଣୀୟ ଲୋକ ଦଳର ନେତୃତ୍ୱ ନେଇ ରାତାରାତି ମାନସମ୍ମାନର ସର୍ବୋଚ୍ଚ ଆସନକୁ ଉନ୍ନୀତ ହେଉଛନ୍ତି ।

ଗତିକୃଷ୍ଣବାବୁ ଏହିଭଳି ଏକ ସନ୍ଧିକ୍ଷଣରେ ସୋନପୁରରେ ପହଞ୍ଚି ତାହାର ଭୟାବହ ଦୃଶ୍ୟ ଦେଖିଲେ । ବାରିପଦାରେ ସେତେବେଳେ ବିପଦ ପଡ଼ି ନ ଥାଏ । ଜନତା ଶାନ୍ତ ଥାଏ । ପ୍ରଜାତନ୍ତ୍ର ଶାସନର ମଧୁଧାରା ଚାଲିଥାଏ । ଗତିକୃଷ୍ଣବାବୁଙ୍କ ମନ ବିକଳ ହେଲା ।

Digitized by PPRACHIN, SOA

ଅବ୍ୟବସ୍ଥିତ ପରିସ୍ଥିତିର ଶିକାର ହୋଇ ସୋନପୁର ନଜରର ଶାନ୍ତ ସରଳ ଆତ୍ମା ହରାଇଛି । କେତେଦିନ ରହିବ ଏ ହାଲ୍ ? କିଛି ଗୋଟାଏ କନାରା ହୋଇଯାନ୍ତା ଭଲ !

ସୀତା ଆଉ ଚନ୍ଦ୍ରମୋହନ ସେତିକିବେଳେ ଗୋଟିଏ ନୂତନ ଜଗତର ଅଧିବାସୀ । ତାଙ୍କ ମନଭିତରେ ଏହି କଳ୍ପନାର ପ୍ରତିଫଳନ ପଡ଼ନାହିଁ କି ବିଦ୍ରୋହର ବାର୍ତ୍ତା ଅଗ୍ନି ସଂଗ୍ରହ କରନାହିଁ । ପୃଥିବୀ ଅତି ସୁନ୍ଦର ଦେଖାଯାଉଛି ସେମାନଙ୍କ ଆଖିରେ ।

ଚନ୍ଦ୍ରମୋହନ ଆଉ ସୀତା ସୋନପୁରର ନୈସର୍ଗିକ ସୁଷମାରେ ବିହ୍ୱଳ ହୋଇପଡ଼ୁଥିଲେ । ଏହାର ଛଳଛଳ ରୂପଶ୍ରୀ ଆଖି ଆଗରେ ସୁବର୍ଣ୍ଣର ସ୍ୱପ୍ନ ବାଉଥିଲା । ସେମାନେ ଅନୁଭବ କଲେ, ଏତେ କଷ୍ଟର ଯାତ୍ରା ତାଙ୍କର ସାର୍ଥକ ହୋଇଛି । କେଡ଼େ ସୁନ୍ଦର ଏହି ଛୋଟିଆ ପରିଷ୍କାର ସହର ଆଉ ତା'ର ସରଳ ଶାନ୍ତ ଅଧିବାସୀ ! ସୀତା ଆଉ ଚନ୍ଦ୍ରମୋହନ ସାଙ୍ଗ ହୋଇ ତେଲନଦୀର ସୁବର୍ଣ୍ଣମେରୁ ଘାଟରେ ସ୍ନାନ କରୁଥିଲେ । ମହାନଦୀର ଜଳସ୍ରୋତ ଅପେକ୍ଷା ଏଠିକାର ସ୍ରୋତ ଅତ୍ୟନ୍ତ ଚଞ୍ଚଳ । ଦର୍ପଣ ଭଳି ସ୍ୱଚ୍ଛ ପାଣି ମନ ଭିତରେ ଚଞ୍ଚଳତା ଭରିଦିଏ । ସେ ଉନ୍ମାଦ ହୁଏ । ପୁଣି ଘାଟ ଆର-ପଟେ ଦେଖାଯାଏ ବଉଦ ରାଜ୍ୟର 'ମନୁମୁଣ୍ଡା' । ମନୁମୁଣ୍ଡାର ଧାନଖଳା ଉପରେ ଛିଡ଼ା ହୋଇ ସୋନପୁର ରାଜ୍ୟର ପରିଚିତ ବନ୍ଧୁକୁ ହାତ ଠାରି ଡାକନ୍ତି । ଝରାଦିନିଆ ଜୋଲ ପଡ଼ିଲେ ମନୁମୁଣ୍ଡା ଓ ସୋନପୁର ଲୋକଙ୍କୁ ବାଛି ହୁଏନାହିଁ । ଭିନ୍ନ ରାଜାଙ୍କର ଭିନ୍ନ ଶାସନ । କିନ୍ତୁ ଲୋକଙ୍କ ଭିତରେ ଏକା କଥା, ସମାନ ବେଶଭୂଷଣ । ଗୋଟିଏ ପ୍ରକାର ଚଳଣି । ମେଳ ଭିତରେ ଅମେଳ ଆଉ ଅମେଳ ଭିତରେ ମେଳ କଥା କହେ ।

Digitized by PPRACHIN, SOA

ସୋନପୁର ରାଜ୍ୟର ପ୍ରତ୍ୟେକଟି ସ୍ଥାନ ଆକର୍ଷଣୀୟ । ସୋନପୁର ସହରର ଅମୂହାଁ ଦେଉଳ ଭଳି ପ୍ରତ୍ୟେକ ସ୍ଥାନ କୌତୁହଳଜନକ । ଚନ୍ଦ୍ରସେନାଟିକିରା ଆଉ ପଞ୍ଚଦେବ ଦେଉଳ ମନ୍ଦିର ନୀରବ ବାୟୁମଣ୍ଡଳ ମନକୁ ମୁଗ୍ଧ କରେ । ମାଧଣି ଉଦ୍ୟାନପରିବେଷ୍ଟିତ ବୀରମିତ୍ରପୁରରେ ପାହାନ୍ତ ଘଣ୍ଟା ବାଜିଲେ ନଦୀକୂଳିଆ ସୋନପୁର ଅଧିବାସୀ ଶଯ୍ୟାତ୍ୟାଗ କରନ୍ତି । ନଙ୍କମହିରେ ବ୍ୟାୟାମ ପରେ ମହାନଦୀର ଜଳବକ୍ଷର ମନଭରଣରେ ପଲ୍ଲବତା ଭରିଦିଏ । ଯାହାକୁ ଦେଖିବ, ସରଳ, ସୁସ୍ଥ ଆଉ ସୁନ୍ଦର । ତାଙ୍କର ବଳିଷ୍ଠ ସ୍ୱାସ୍ଥ୍ୟରେ ସିଂହର ବଳ । ରୋଗଯନ୍ତ୍ରଣା ସତେ ଯେମିତି ଏ ସହରରେ ପ୍ରବେଶ କରିପାରିନାହିଁ । ଦେଖିଲେ ଲୋଭ ଆସେ । କେଉଁଠୁ ପାଇଲେ ଏଭଳି ରୂପ ଆଉ ବଳ ?

ବୈଶାଖମାସରେ ସନ୍ଧ୍ୟା ହେଲେ, ଗୁଣ୍ଡିଗୁ ବଜାର ମଲ୍ଲୀଫୁଲରେ ଭରି ଉଠେ । ସମୁଦାୟ ସୋନପୁର ସେହି ସୁଗନ୍ଧ ଶୁଙ୍ଘି ମୁଗ୍ଧ ହୁଏ । ଫୁଲ ଏଠି ସହରବାସୀଙ୍କର କେବଳ ସୌଖୀନ ବିଳାସ ନୁହେଁ, ପ୍ରୟୋଜନ ମଧ୍ୟ । ସତେ ଯେମିତି ଫୁଲ ସଙ୍ଗେ ତାଙ୍କ ଜୀବନର ପ୍ରତ୍ୟେକ ବିଭାଗ ଗୁନ୍ଥାହୋଇଛି । ସମୁଦାୟ ଜୀବନ ଗୋଟିଏ ବିକଶିତ ମଲ୍ଲୀଫୁଲର ମାଳା । ଜୀବନ ଥିଲାଯାଏ ଟିକିଏ ଆଘ୍ରାଣ, ଟିକିଏ ସ୍ପର୍ଶ ଆଉ ଚପଳତା······ତା'ପରେ ?

ଶରତ୍ ସନ୍ଧ୍ୟାରେ ପରିବା ବଜାର ନୂତନ ରଙ୍ଗ ନିଏ । ରୂପସୀ ତରୁଣୀଙ୍କର ଲଳିତ କଳଗୁଞ୍ଜନରେ ବାୟୁମଣ୍ଡଳ ମୁଖରିତ ହୁଏ । ସ୍ତ୍ରୀମାନଙ୍କର ଶସ୍ତ ବଚସ ଶାଢ଼ୀର ରଙ୍ଗ ଇନ୍ଦ୍ରଧନୁର ପ୍ରହେଳିକା ସୃଷ୍ଟି କରେ । ଏଠି ଅଞ୍ଚଳର ସ୍ତ୍ରୀଜାତି ଜୀବନଯାତ୍ରାରେ

Digitized by PPRACHIN, SOA

ବିଶେଷ ଅଂଶ ଗ୍ରହଣ କରନ୍ତି । ସେମାନଙ୍କ ଦରଦାବିହୀନ ସ୍ୱାଧୀନ ବିହାର ବିଦେଶୀ ଆଖିରେ କୌତୂହଳ ସୃଷ୍ଟି କରେ । ଏହି ଅଞ୍ଚଳର ସ୍ତ୍ରୀଜାତି କେଶପ୍ରସାଧନରେ ମଧ୍ୟ ସୁନିପୁଣା । କୃଷ୍ଣକବରୀରେ ଲଳିତ ଛନ୍ଦ ଫୁଟିଉଠେ । ବାମାବର୍ତ୍ତି ଖୋଷାରେ ରୂପା'ର ଗୋଲାପ ଲଗାନ୍ତି । ଆଉ କିଏ ବା କମନୀୟ ଚିନପନ ଗୁଞ୍ଜିକଟେଇ ଫୁଲମାଳ ବାନ୍ଧି-ଦିଅନ୍ତି । ସୋନପୁରର ବିଚିତ୍ର ପ୍ରକୃତି କୋଳରେ ଅତି ବିଚିତ୍ର ଏହି ନରନାରୀ । ହାସ୍ୟମୁଖର ଜୀବନ ତାଙ୍କର ଅଭାବ ଅନାଟନର ସ୍ପର୍ଶ ପାଇନାହିଁ । ସମଗ୍ର ଓଡ଼ିଶାର ସୁପ୍ରସିଦ୍ଧ ଶସ୍ୟାଗାର ଏହି ସୋନପୁର । ଘିଅ ମହୁର ସୁଅ ବହେ ଏ ମାଟିରେ । ନବାଗତ ଅତିଥି ମନରେ ସବୁଦିନ ସକାଶେ ମନେରହେ ସୋନପୁର ।

ଚନ୍ଦ୍ରମୋହନ ଆଉ ସୀତା ପ୍ରାଣ ଭରି ଉପଭୋଗ କଲେ ସୋନପୁରକୁ । ତା'ର ସୁପ୍ରଶସ୍ତ ରାଜମାର୍ଗ, ସ୍ୱଭାବସୁନ୍ଦର ଅଧିବାସୀ, ସର୍ବୋପରି ସୁବର୍ଣ୍ଣମେରୁ ତଟର ସୁସ୍ୱାଦୁ ଆନାକଟ ଅଶେଷ ଆନନ୍ଦ ଦେଲା । ସେମାନେ ଖୁସି ହେଲେ । ଦିନ ଶେଷ ହୋଇଆସିଲା । କିନ୍ତୁ ସବୁଗୁଡ଼ା ଦେଖା ସରିଲା ନାହିଁ । ବିନୀକା ନିକଟବର୍ତ୍ତୀ ଚାରିପଟେ ଦୁର୍ଗର ଧ୍ୱଂସାବଶେଷ, ପାପକ୍ଷୟଘାଟର ଚଉଦ ବରଗଛ, ଚରଦା ଗ୍ରାମର ମହାଦେବ ମନ୍ଦିର—ସବୁ କିଛି ଅଦେଖା ରହିଗଲା । ସୀତାର ଆଉ କିଛିଦିନ ରହିବାପାଇଁ ଇଚ୍ଛା । କିନ୍ତୁ ବାପାଙ୍କୁ ଛୁଟି ମିଳିପାରିଲା ନାହିଁ । ରାତି ପାହିଲେ ଗୃହକୁ ଫେରିବେ । ସେଦିନ ସଞ୍ଜବେଳେ ସୀତା ଆଉ ଚନ୍ଦ୍ରମୋହନ ଶେଷଥର ପାଇଁ ସୁବର୍ଣ୍ଣମେରୁ ବାହାରିଲେ । ଏହି କିଛି ଦିନର ରହଣି ଭିତରେ ସୁବର୍ଣ୍ଣମେରୁ ମନ୍ଦିର ପ୍ରତି ତାଙ୍କର ମନଭିତରେ ଗୋଟିଏ ଅହେତୁକ ଆକର୍ଷଣ ବଢ଼ିଯାଇଥାଏ । ଦିନେ ଏଇଠି ଭକ୍ତର ନିବେଦନରେ ସାତଦିନ ସାତରାତି ଧରି ସୁବର୍ଣ୍ଣବୃଷ୍ଟି

Digitized by PPRACHIN, SOA

ହୋଇଥିଲା । କର୍ମୀ ସମ୍ପ୍ରଦାୟର ଚତୁଶ୍ଚେତନ୍ନଣୀ ଏବେ ମଧ୍ୟ ତେଲ-ନଦୀ ଗର୍ଭର ବାଲି ଚୁମି ଯାଉ ଆସନ୍ତି । ପ୍ରବାଦ ଅଛି, ସେଇଥିପାଇଁ ସହରର ନାଁ ସୋନପୁର । ତେଲନଦୀ ଓ ମହାନଦୀ ଗଡ଼ିଖାଇ-ରୂପେ ବନ୍ଧଯାଇଛି ସୋନପୁରର ଦୁଇ ଧାରରେ । ଆଗରେ ଅଙ୍ଗନଦୀ ନେଇ ରହିଛି । ଏମାନଙ୍କ ମଝିରେ ସରସ, ସୁନ୍ଦର ସୋନପୁର ଆଖିରେ ଛନ୍ଦ ନାଚେ । ମନଭିତରେ ସୁବର୍ଣ୍ଣର ସ୍ୱପ୍ନ ଭରିଦିଏ । ଅସ୍ତଗାମୀ ସୂର୍ଯ୍ୟର ସ୍ୱର୍ଣ୍ଣାଭ ରଙ୍ଗଚ୍ଛଟା ମହାନଦୀ ଓ ତେଲନଦୀର ସଙ୍ଗମ ସ୍ଥଳରେ ସ୍ୱର୍ଗୀୟ ସୁଷମା ସୃଷ୍ଟି କରେ । ଦୂରଦେଶାଗତ ଦର୍ଶକ ମନ ବାଉଳା ଖାଏ । ଲେଖକ କଲମ ଧରେ, ଆଉ ଶିଳ୍ପୀ ରେଖା-ସୂତ୍ର କାଗଜକୁ ଉଦ୍ୟମ କରେ ଏହି ନିସର୍ଗ ରୂପମାଧୁରୀକୁ ।

ସେଦିନ ସୀତା ଅନ୍ନାକଣ୍ଠ ମାହାର ପାଖରେ ବସି ଏଣୁତେଣୁ ଭାବୁଥିଲା । ଆଚନ୍ଦବର୍ଷପରର ନିଃସଙ୍ଗ ଜୀବନ କଥା ତାକୁ ଦୁଃଖ ଦେଉଥିଲା । ବାରମ୍ବାର ମନେପଡ଼ୁଥିଲା ଚନ୍ଦ୍ରମୋହନ । କେତେ ସୁନ୍ଦର ଏହି ମୋହନ ! ମନଭିତରେ ତା'ର କେତେ ସ୍ନେହ, କେତେ ଶ୍ରଦ୍ଧା !

ଚନ୍ଦ୍ରମୋହନ ନିଃଶବ୍ଦରେ ଆସି ସୀତାର ଆଖି ବୁଜିଦେଲା ।

ସୀତା ଯେମିତି ସ୍ପର୍ଶକୁ ଅପେକ୍ଷା କରିଥିଲା । ସନ୍ଦସୁ ଶରୀର ସେହି କମ୍ପିଆ ସ୍ପର୍ଶରେ ଉତ୍ତେଜିତ ହୋଇଉଠୁଥିଲା । ଅଙ୍ଗଲତାରେ ଫୁଟିଉଠିଥିଲା ରୋମାଞ୍ଚର କଦମ୍ବ ।

"ତୁମେ ଡରିଗଲ, ସ୍ୱର୍ଣ୍ଣ ?"

ସୀତାର ପିତୃଦତ୍ତ ନାଁ ସ୍ୱର୍ଣ୍ଣଲତା ଓ ମାତୃଦତ୍ତ ନାଁ ସୀତା । ସୁଲତା ବଞ୍ଚିଥିଲାବେଳେ ଗଉରକୃଷ୍ଣବାବୁ ମଧ୍ୟ ସୀତାକୁ ଏହି ଡାକରେ

Digitized by PPRACHIN, SOA

ଙ୍କି ଆହ୍ୱାନ କରୁଥିଲେ । ସୁଲତା ପରେ ସେ ନାଆଁ ଲିଭିଗଲା । ରହିଗଲା କେବଳ ତା'ର ଦେହ ଏବଂ 'ସୀତା' ନାଆଁଟି । ଚନ୍ଦ୍ର-ମୋହନ ସୀତାକୁ ସ୍ୱର୍ଣ୍ଣଲତା ଡାକୁଥିଲା । ଏବେ ସମ୍ବନ୍ଧ ପାଖେଇ-ଯିବାରୁ ସ୍ୱର୍ଣ୍ଣ ବୋଲି ଡାକୁଛି ।

ସ୍ୱର୍ଣ୍ଣଲତା ଥରୁଥିଲା । ମୁହଁର ରଙ୍ଗ ତା'ର ବଦଳିଯାଉଥିଲା । ରହି ରହି କହିଲା "ନା ତ !"

"ମିଛ କହନ୍ତୁ ।"

"ମିଛ କହିବି ତୁମର ପାଖରେ ? ତୁମେ ପାଖରେ ଥାଉଁଥାଉଁ ମୋର ଭୟ କାହାକୁ ମୋହନ ?"

"କିନ୍ତୁ ତୁମର ଏହି ଥରିଲା ଦେହ, ନାଲିଆ ମୁହଁ କହେ, ତୁମେ ଡରିଯାଇଛ ।"

"ଆଉ କ'ଣ କହେ, ମୋହନବାବୁ ?"

"ରୁହ, ଦେଖିନିଏଁ !" ଚନ୍ଦ୍ରମୋହନ, ସୁନ୍ଦରୀ ସୀତାର ମୁହଁ ଉପରେ ଆଖି ରଖିଲା । ସେ ମୁହଁରେ ଥିଲା ହସନ୍ତ ଫୁଲର ବିଳାପ ! ସେ ସୀତାର ସମ୍ପୂର୍ଣ୍ଣ ଶରୀରକୁ କୋଳାଗତ କଲା । ଆଖି ସଙ୍ଗେ ଆଖି ମିଳାଇ ମନର ଭାବନାକୁ ପଢ଼ିଗଲା ! ସୀତା ଚନ୍ଦ୍ରମୋହନର ଛାତି ଉପରେ ମୁଣ୍ଡ ରଖି ପଚାରିଲା, "କଣ ଦେଖିଲ ମୋହନବାବୁ ? ମୋ ହୃଦୟ କଣ କହୁଛି ?"

"କହେ, ତୁମେ କେମିତି ବାରିପଦା ଚାଲିଗଲେ ମୋର ଏହି ଅବାଞ୍ଛିତ ବ୍ୟବହାରରୁ ମୁକ୍ତି ପାଇବ । କିନ୍ତୁ ମୁଁ ଚାହେଁ କଣ, ଜାଣ ? ମୁଁ ଚାହେଁ, ତୁମକୁ ଚିରଦିନ ପାଇଁ ମୋହର ପାଖରେ ବାନ୍ଧି ରଖନ୍ତି ।"

Digitized by PPRACHIN, SOA

"ତୁମର ଅନେକ ଦୟା, ମୋହନବାବୁ ! କିନ୍ତୁ ପାରିବ ତ ?"

"ସନ୍ଦେହ କରୁଛ, ସ୍ୱର୍ଣ୍ଣ ?"

"ମୋର ଜୀବନୀ ତୁମ ଆଗରେ ଅସ୍ପଷ୍ଟ ନୁହେଁ । ଦୁଃଖ ନେଇ ମୁଁ ଦୁନିଆକୁ ଆସିଛି । ତେଣୁ ସୁଖପ୍ରାପ୍ତିର ସମ୍ଭାବନା ଭିତରେ ମଧ୍ୟ ସନ୍ଦେହ ଆସିବା ସ୍ୱାଭାବିକ ।"

"ତୁମେ ଦେଖିବ ସ୍ୱର୍ଣ୍ଣ, ତୁମର ଏହି ଅକାରଣ ସନ୍ଦେହ ନିରର୍ଥକ । କିନ୍ତୁ ଦିନ ପାଇଁ ଅପେକ୍ଷା କରିବାକୁ ହେବ ତୁମକୁ । ପାରିବ ତ ?"

"ସାରାଜୀବନ ଧରି ମୁଁ ଅପେକ୍ଷା କରିବି, ମୋହନବାବୁ ! ତଥାପି ତୁମର ସାନ୍ନିଧ୍ୟ ନାହିଁ ମୋର ଜୀବନପଥର ପାଥେୟ ହେବ !"

× × × ×

ସେଦିନ ଅନେକ ଦିନ ହୋଇଗଲାଣି । ମୋହନ ତଥାପି ଫେରିନାହିଁ । ଅପେକ୍ଷା କରି କରି ଆଖିରୁ ପାଣି ମଲା । ମୋହନର ସେହି ଲୋଭନୀୟ ପ୍ରସ୍ତାବ ଆଉ ଥରେ ଶୁଣିବାକୁ ମିଳିଲା ନାହିଁ । ଗଡ଼ଜାତମିଶ୍ରଣ ପରେ ବିରୂପାକ୍ଷବାବୁ ବାରିପଦା ଆସିଥିଲେ ବୋଲି ଖବର ଅଛି । କିନ୍ତୁ ଚନ୍ଦ୍ରମୋହନବାବୁ ତ ଆସିଲେ ନାହିଁ !

ସତରେ କ'ଣ ଚନ୍ଦ୍ରମୋହନବାବୁ ଭୁଲିଗଲେ ? ଜଣେ ଜଣକୁ ଭୁଲିଯିବା କ'ଣ ଏତେ ସହଜ ? କାହିଁ, ସେ ତ ଚେଷ୍ଟା କରି ମୋହନବାବୁଙ୍କୁ ଭୁଲିପାରିଲା ନାହିଁ ! ଗ୍ରୀଷ୍ମର ସୁଦୀର୍ଘ ଦ୍ୱିପ୍ରହର ଭିତରେ ମନ ଯେତେବେଳେ ଅଳସେଇ ଉଠେ, ମନେପଡ଼େ ସୋନ-

Digitized by PPRACHIN, SOA

ପୂରର ସେହି ସୁନେଲି ସ୍ମୃତି । ବସନ୍ତର ମଳୟ ଫୁଲବନରେ ଯେତେବେଳେ ରଙ୍ଗ ବୋଳେ, ମନଭିତରେ ନାଚେ ମୋହନ । ଶରତର ସକାଳ ତା'ର ଆଖିରେ ବାଢ଼ିଦିଏ ସୋହାଗବେଳାର ସ୍ୱପ୍ନ । ଆଷାଢ଼ର ବର୍ଷଣ ରାତିରେ ଶୋଇପାରେନି ସେ । କେତେ ଭାବେ ମୋହନକୁ । କିନ୍ତୁ ମୋହନ ଆସେ ନା । ସୀତାର ମନମୟୂରୀ ବିକଳ ବିଳାପ କରେ । ହୃଦୟ ଭାଙ୍ଗିଯାଏ । ମନମୟୂରୀ ଅବଶେଷରେ ଚେତନା ହରାଏ ।

ସୀତାର ଇଚ୍ଛା ହୁଏ, ବାପାଙ୍କୁ ତା'ର ମୋହନ କଥା ପଚ୍ଚରନ୍ତା । ତା'ର ଠିକଣାଟି ଖବର ବୁଝି ଯାନ୍ତୁନା ପାଆନ୍ତା । କିନ୍ତୁ ବିବେକ ମନାକରେ । ଯଦି ବାପା ତା'ର ହୃଦୟର ଦୁର୍ବଳତାକୁ ଧରିନିଅନ୍ତି ! ସମ୍ଭବ ଅସମ୍ଭବ ଅନେକ କଳ୍ପନା ଗୁନ୍ଥିତଳେ ଲହଡ଼ା ଭାଙ୍ଗେ । ଏମଧ୍ୟରେ ଯଦି ଚନ୍ଦ୍ରମୋହନବାବୁ ବାରିପଦାକୁ ଆସି ତାଙ୍କର ବସା ଖୋଜି ବୁଲୁଥାନ୍ତି ? ରାଇରଙ୍ଗପୁର ଠିକଣା ଅବା ନେବ କିଏସେ ? ଆଉ ଗୃକର ସୁନିଆଁଟା ତାଙ୍କୁ ଚିହ୍ନିଥିଲେ ଅବା କିଛି କରାଯାଇପାରନ୍ତା । କିନ୍ତୁ ସେ ଯେ ଏକାବେଳକେ ନୂଆ ।

କ୍ରମେ ସୀତାର ସରଳ ମନ ଉପରେ ଜଟିଳ ଭାବନାର ତରଙ୍ଗ ଉଠେ । ସେ ଖାଲି ଘରବରେ ବସି ମନଇଚ୍ଛା କାନ୍ଦିଯାଏ ।

ସେଦିନ……

ସୀତାର ପୂନେଇ ଉପଭୋଗ ହୋଇପାରିଲା ନାହିଁ । ଚନ୍ଦ୍ର ଭିତରେ ଚନ୍ଦ୍ରମୋହନର ବିଷାଦଗ୍ରସ୍ତ କରୁଣ ବଦନଟିଏ ଦେଖାଗଲା । ସିଏ ଯଦି ଅବା କହୁଥିଲା, "ମୁଁ ତୁମକୁ ବହୁତ ଖୋଜିଲି ସ୍ୱର୍ଣ୍ଣି, ପାଇଲି ନାହିଁ ।" ଚନ୍ଦ୍ରମୋହନ ଆକାଶର ଚନ୍ଦ୍ରଭଳି ବହୁତ

Digitized by PPRACHIN, SOA

ଦୂରରେ । ହାତ ପାଏ ନା କି ଆଖି ପାଏ ନା । ରାସ୍ତା ଉପରେ ରାସ୍ତା ଲମ୍ବି ଯାଇଛି । ଜନ୍ମଦିନର ବାଟ ସୋନପୁର । କାହିଁ କେତେ ଦୂରେ ! ଦେହରେ ଡର ଲାଗିଯାଆନ୍ତା କି ? ଆଖି ପଲକରେ ଦେଖିଲା କାମ କରିନଅନ୍ତା ।

ଆଜ ଗୋଟିଏ ଦିନର କଥା······

ସକାଳର ମେଘୁଆପାଗ ଝଡ଼ବେଳକୁ ବଦଳି ଯାଇଥିଲା । ସେଦିନ ରବିବାର ଥିଲା ବୋଲି ଗଣ୍ଡକୃଷ୍ଣବାବୁ ବସାରେ ଥାଆନ୍ତି । ଗଣ୍ଡକୃଷ୍ଣବାବୁ ଘରେ ଥିଲା ଦିନ ବାପଝିଅଙ୍କ ଭିତରେ ଅନେକ ଆଲୋଚନା ହୁଏ । କିନ୍ତୁ ସେ ଆଲୋଚନାରେ ଆନନ୍ଦ ହେଲାଭଳି କିଛି ନ ଥାଏ । ବାପଝିଅ ବର୍ତ୍ତମାନର ଦୁଃଖଦୁର୍ଦ୍ଦଶାରୁ ଆଡେଇ ହେବାକୁ ଯେତେ ଚେଷ୍ଟା କଲେ ବି, ସେ ସବୁ ପଛରେ ଗୋଡାଇ ଚାଲେଇ ପଡେ । କାଲିକି କାଲି ଗଣ୍ଡକୃଷ୍ଣବାବୁ ଗୋଟିଏ ସମ୍ମାନିତ ପଦବୀରେ ଆସୀନ ହୋଇ ସୁଖସୌଭାଗ୍ୟର ଚରମ ସୀମା ଉପଭୋଗ କରିଥିଲେ । ଭାଗ୍ୟଚକ୍ର ତଳମୁହାଁ ହେଲା । ସମ୍ମାନିତ ଗଣ୍ଡକୃଷ୍ଣବାବୁ ହେଲେ ହରମୋହନବାବୁଙ୍କର ଦସ୍ତୁର ପାଣ୍ଟିଏ । ସାମାନ୍ୟ କେତୋଟି ଟଙ୍କା ବିନିମୟରେ ତାଙ୍କର ଅର୍ଜିତ ସମ୍ମାନକୁ ବଳି ଦେଇ ସେ ହେଲେ ସାଧାରଣ ଗୁମାସ୍ତା । ମନୁଷ୍ୟ ଅବସ୍ଥାର ଦାସ । କାଲିର ରାଜା ଆଜିର ବୁଲା ଫକୀର !

ଚିନ୍ତା ଭିତରେ ନିମଗ୍ନ ଥାଇ ଗଣ୍ଡକୃଷ୍ଣବାବୁ ସୀତା ଆଡ଼କୁ ଦୃଷ୍ଟି ଫେରାଇଲେ । କିନ୍ତୁ ସେ ଦୃଷ୍ଟି ସୀତା ଉପରେ ସ୍ଥିର ହୋଇ

Digitized by PPRACHIN, SOA

ରହିପାରିଲା ନାହିଁ । ବୟସ ଲହଡ଼ି ଭାଙ୍ଗୁଛି ଦେହରେ । ପୁଷ୍ପିତ ମୁହଁକୁ ଦେଖିହେଉନାହିଁ । ବଢ଼ିଲା ଝିଅକୁ ଆଉ କେତେଦିନ ଯାଏ ରଖିହେବ ? ସୁଲତା ଥିଲେ ସୀତା ଆଜଯାଏ କ'ଣ କୁମାରୀ ହୋଇ ବସିଥାଆନ୍ତା ! ଗୋଟିଏ ଜାଗା ଭାଙ୍ଗିଲେ ଆଉ ଗୋଟିଏ ଜାଗାରେ ସମ୍ବନ୍ଧ ପଡ଼ୁଥାଆନ୍ତା ।

ସୁଲତାର ମୃତ୍ୟୁପରେ ଗତିକୃଷ୍ଣବାବୁ ଅଥର୍ବ ହୋଇପଡ଼ିଲେ । ଅଚଳାଚଳ ପୈତୃକ ସମ୍ପତ୍ତି ପରହାତରେ ପଡ଼ି ଗୁରଖାର ହୋଇଗଲା । ଗୃକସ୍ଥ ଖଣ୍ଡକ ମଧ୍ୟ ହସ୍ତାନ୍ତର ହେଲା । କେଉଁ ଆଶାରେ ବସନ୍ତପୁର ଭଳି ଅପନ୍ତରା ସ୍ଥାନକୁ ଯାଇ କଣ୍ଟ୍ରାକ୍ଟରୀ ଆରମ୍ଭ କରିଥିଲେ । ମେଘାସନର ଝଡ଼ ଶେଷକୁ ବଇରୀ ହେଲା । ନବନିର୍ମିତ କୋଠାବାଡ଼ି ଆଖିଆଗରେ ବିଧ୍ୱସ୍ତ ହୋଇଗଲା । ଗତିକୃଷ୍ଣବାବୁ ସର୍ବହରା ହେଲେ ।

ଏତେ ଅଭାବ, ଏତେ ଅସୁବିଧା ଭିତରେ ମଧ୍ୟ ହରମୋହନବାବୁ ସେମାନଙ୍କୁ ନିରାପଦରେ ରଖି ଆଶ୍ୱାସନା ଦେଲେ । ଯଦି ହରମୋହନ ସଙ୍ଗେ ରାଇରଙ୍ଗପୁରରେ ଦେଖା ହୋଇ ନ ଥାନ୍ତା ?

ଗତିକୃଷ୍ଣବାବୁଙ୍କର ଆଖି ଛଳଛଳ ହୋଇଉଠୁଥିଲା ।

ସୀତା ଗତିକୃଷ୍ଣବାବୁଙ୍କୁ ଅନ୍ୟମନସ୍କ କରିବା ସକାଶେ ପଚାରିଦେଲା, "ରାଇରଙ୍ଗପୁରରୁ ବାରିପଦା କେତେ ବାଟ, ବାପା ?"

"ବେଶି ନୁହେଁ,ବସରେ ଗଲେ ଘଣ୍ଟାଏର ବାଟ ବୋଧହୁଏ । କିନ୍ତୁ ଆଜ ବାରିପଦା ପ୍ରତି ଏ ଆକସ୍ମିକ ଆଗ୍ରହ କାହିଁକି, ମାଆ ?"

"କିଛି ନାହିଁ ଯେ—ତଥାପି···" ସୀତା ଅଙ୍ଗଅଙ୍ଗ ହେଲା ।

Digitized by PPRACHIN, SOA

"ବୁଝିଲ, ମାଆ ! ସେଇଠି ଅନେକ ଦିନ ଧରି ରହି ଯାଇ-ଥିଲେଁ ନା, ସ୍ଥାନର ମାୟା ଛୁଟାଇ ହେଉନି ।"

"ଥରେ ଯାଆନ୍ତେ କି' ବାପା ?"

"ବାଶନେବାକୁ ? ସେଇଁଠି ଆମ ଫସାରରେ କିଆଁ ଲଗିଲ ? ତୁ ସେ ଆଗ୍ରହକୁ ଦମନ କର, ମାଆ ! ମନେ କରନେ, ଆମେ ଦଳେ ଯାଯାବର ମର୍ମ୍‌ଦାୟୁକ ମଣିଷ ବୋଲି । ଗୋଟିଏ ସ୍ଥାନ ପ୍ରତି ଆମର ମମତା ନାହିଁ ।"

"କିନ୍ତୁ ସେଇଠି ଆମର ଜ୍ଞାତି ପରିଜନ ଅଛନ୍ତି । ଥରେ ଦେଖା-କରି ଆସନ୍ତେ । ସେମାନେ ଆମକୁ ଦେଖିଲେ ବହୁତ ଖୁସି ହୁଅନ୍ତେ, ବାପା !"

"ଜ୍ଞାତି ପରିଜନ ଧନର ସାଥୀ ମାଆ, ! ଆମେ ଏ ସର୍ବହରା ବେଶରେ ଗଲେ ସେମାନେ ନାକରେ ହାତ ଦେଇ ହସିବେ । ଖୁସି ହେବା ଦୂରେ ଥାଉ, ଦେବାକୁ ପଡ଼ପାରେ ବୋଲି ଡରିବେ ନାହିଁ ମଧ୍ୟ । ଏ ଦୁନିଆର ରୀତି ସେଇୟା, ମାଆ !"

"କିନ୍ତୁ ମୋହନବାବୁଙ୍କ ବାପା...?"

"ଓହୋ, ବୁଝିଲି । ସରୁପାଷର କଥା କହୁଛୁ ତ ? ପଛକଥା ଅଜି କ'ଣ ମନେଅଛି ତା'ର ? ଧନ ଭିତରେ ଭୋଳ ହୋଇ ସବୁ-କଥା ଭୁଲିଗଲଣି । ଧନର ନିଶା ମଦର ନିଶାଠାରୁ ବଳି ଉତ୍କଟ କିନା ? ଆମଭଳି ଲୋକ ତା'ର ପାସଙ୍ଗରେ ପଡ଼ିନାହାନ୍ତି । ଏତେ ଚିଠି ଲେଖିଲି, ଅଥଚ ଉତ୍ତର ଖଣ୍ଡେ ଦେଲ ନାହିଁ ।"

"ତୁମେ ଚିଠି ଲେଖିଥିଲ, ବାପା ?"

Digitized by PPRACHIN, SOA

"ଆଜି କ'ଣ ଚୂପ ହୋଇ ବସନ୍ତି ? ଚନ୍ଦ୍ରମୋହନ ସଙ୍ଗେ ତୋର ବିବାହ ସମ୍ବନ୍ଧ ପକ୍‌କା ହୋଇଥିଲା । ଏବେ ଅଉ ଜବାବ ଦେଉନାହିଁ । ବୋଧହୁଏ ଭାବୁଛି, ଗୋଟିଏ ସାଧାରଣ ପରିବାରର ଝିଅ ଆଣିଲେ ତା'ର ଧନାଢ୍ୟ ଆଭିଜାତ୍ୟରେ ଆଞ୍ଚ ଆସିବ । କିନ୍ତୁ ଭାଗ୍ୟଚକ୍ର ଘୂରିଗଲେ ସବୁ ସମାନ ହୋଇଯିବ, ମାଆ ! ଏଇ ଆଖି ଦେଖିବ, ଏଇ କାନ ଶୁଣିବ ।"

"ଆମେ ଆଉ କେତେଦିନ ଏଠାରେ ଏମିତି ଭାବରେ ରହିବା, ବାପା ?"

"ଯେତେଦିନ ବରାଦ ଥିବ । ବର୍ତ୍ତମାନ ମୋର ଘର କଟିଯାଇଛି, ମାଆ ! ଘର ଲାଗିଲେ ତୋତେ ପିଠିରେ ବସାଇ ଅନେକ ଦୂର ଉଡ଼ିଯିବି । ବନ୍ଧୁଭାବର ସୁଯୋଗ ନେଇ ହରମୋହନକୁ ଅନେକ ଅସୁବିଧାରେ ପକାଇଲଣି । କିନ୍ତୁ ମୁଁ ନାଚାର, ସୀତା ! ହରମୋହନର ଏ ଋଣ ଆଉ ଜନ୍ମକୁ ବାକି ରହିଲା । ଏତେ କୃତଘ୍ନଟାଏ ମୁଁ, ତାକୁ କୃତଜ୍ଞତା ବି' ଜଣାଇପାରିନି ।"

କାନ୍ଥ ଘଣ୍ଟାରେ ପାଞ୍ଚଟା ହେଲା, ତଥାପି ଖିଆଲ ନାହିଁ ? "କୃତଜ୍ଞତା କଥା କ'ଣ କହୁଥିଲୁ, ଗତିକୃଷ୍ଣ ?" ହରମୋହନବାବୁ ବସାଭିତରୁ ସହସା ପଶି ଆସୁ ଆସୁ ପଚାରିଦେଲେ ।

"ଏଇ, ତୋରି କଥା ପଡ଼ିଥିଲା, ହରି ! ତୋ ପାଖରେ ବାପଝିଅ ଦି'ଜଣଯାକ ଋଣୀ ରହିଲୁଁ । ତୋର ଆଶ୍ରୟ ପାଇ ନ ଥିଲେ ଏ ଜୀବନର ପରିଣତି ଯେ କ'ଣ ହୋଇଥାଆନ୍ତା ବୁଝିହେଉନାହିଁ । ଅଥଚ ଏ ଯାଏଁ ତୋତେ କୃତଜ୍ଞତା ଜଣାଇପାରିନାହିଁ ।"

Digitized by PPRACHIN, SOA

“ଅନେକ କହୁଛନ୍ତି, ଗତି ! ଋଣ, ଆଶ୍ରୟ, କୃତଜ୍ଞତା—ଅନେକ ଶବ୍ଦ ତ ଗାଇଯାଇପାରୁଛନ୍ତି ? ବନ୍ଧୁ, ବନ୍ଧୁକୁ ଅସମୟରେ ସାହାଯ୍ୟ କଲେ ଯଦି ଋଣ ହୁଏ, ତେବେ ବନ୍ଧୁତ୍ୱ ଭାଷାକୋଷରୁ ଉଠିଯାଇ ଖାଲି ଥାଆନ୍ତା । ସାଉକାର ଆଉ ଖାତକ ଶବ୍ଦ । ଇଏ ଋଣ ନୁହେ ରେ ଗତି, କର୍ତ୍ତବ୍ୟ ! ସେତିକ କରି ନ ଥିଲେ ଭଗବାନଙ୍କ ନିକଟରେ ଦୋଷୀ ହୋଇଥାଆନ୍ତି ।”

“ଭଗବାନଙ୍କୁ ମୁଁ ମାନୁନାହିଁ, ହରମୋହନ ! କିନ୍ତୁ ତୋତେ ଦେଖିଲେ ଭଗବାନ ଭଳି ଲାଗେ । ବଡ଼ ଅସମୟରେ ଆଶ୍ରୟ ଦେଲୁ, ହରମୋହନ ! ଯିଏ ଜୀବନର ଶେଷଯାଏ ମନେ ରହିବ ।”

“ଆଶ୍ରୟ ! ମଣିଷ ମଣିଷକୁ ଆଶ୍ରୟ ଦେଇପାରେ ନା, ଗତି ! ସମଗୋତ୍ରୀ ମଣିଷ ହୋଇଥିବାରୁ ସେ ଖାଲି ଟିକିଏ ସହାନୁଭୂତି ଦେଖାଏ । ତାହା ମଧ୍ୟ ନିଷ୍କାମ, ନିଃସ୍ୱାର୍ଥ ସହାନୁଭୂତି ନୁହେ । ତା’ର ଆଶା ଥାଏ, ବିପଦ ପଡ଼ିଲେ ସେ ପୁଣି ସାହାଯ୍ୟ ପାଇବ ।”

ଗତିକୃଷ୍ଣବାବୁ ନିର୍ବାକ ହୋଇ ହରମୋହନଙ୍କୁ ଅନାଇ ରହିଥିଲେ ।

ହରମୋହନବାବୁ ତାଙ୍କୁ ଭିଡ଼ଭାଡ଼ ବୁଲିବାକୁ ନେଇଗଲେ ସଙ୍ଗରେ ।

ଗୀତା ବାପା ଆଉ ହରମଉସାଙ୍କର ଆଲୋଚନାକୁ ଆଉ ଥରେ ମନେ ପକାଉଥାଏ । ମନ ଭିତରେ ଅନେକ ଭାବନା ଜୁଆର ତୋଳୁଥାଏ ।

× × × ×

Digitized by PPRACHIN, SOA

"ସୁନାଆ—ସୁନା !" ବାହାରୁ କାହାର ଡାକ ଶୁଭିଲା । ସେ ଡାକରେ ମିଶିଥିଲା ଗୋଟିଏ ଉତ୍ସୁକ ମନର ଅଭିବ୍ୟକ୍ତି । କଣ୍ଠ-ସ୍ୱରରେ ନୂତନତା ଅନୁଭବ କରି ସୀତା ଅପ୍ରସ୍ତୁତ ହେଲା ।

ବାପା ଥାଆନ୍ତୁ କି ନାହିଁ, ହରମୋହନବାବୁ ବେଳେବେଳେ ବସାକୁ ଆସି ଖବରଅନ୍ତର ବୁଝିଯାଆନ୍ତି । ମିଠା କଥାରେ ତାଙ୍କର ସ୍ନେହର ଝରଣା ବହୁଥାଏ । ପରର ଦୁଃଖକୁ ଅପଣାର କରିବାକୁ ପଛେଇ ଯାଆନ୍ତି ନାହିଁ । କେଇଜଣ ଏଭଳି ପରର କଥା ଭାବି-ହୁଅନ୍ତି ? ବାପାଙ୍କ ସଙ୍ଗେ ବାହାର ଘରେ ବସି ବେଳେବେଳେ ଗପ ଜମାନ୍ତି । ଗପ ଜମିଲେ ବେଳ ଅଣ୍ଟେ ନାହିଁ । ଆବଶ୍ୟକ, ଅନାବଶ୍ୟକ ଅନେକ କଥା ପଡ଼େ । ଦୁହେଁଯାକ ବସି ବସି ସେତେ-ବେଳେ ତାଙ୍କ ପିଲାଦିନର କଥା ପକାନ୍ତି, ବଡ଼ ଆନନ୍ଦ ଲାଗେ ସେ ସବୁ ଶୁଣିବାକୁ । ସେ କାଳ ନାହିଁ କି ସେମାନଙ୍କ ସେହି ବୟସ ନାହିଁ । କଥା ରହି ଦିନ ଗଡ଼ିଗଲା ।

ଆଉ ହରମୋହନବାବୁଙ୍କ ସ୍ତ୍ରୀ ? ମଞ୍ଜରୀ ଡାକରେ ସତେ ଅବା ତରଳିଯାଆନ୍ତି । ତେଲ ଗିନାଏ ଧରି ମୁଣ୍ଡ କୁଣ୍ଡାଇ ବସିବେ । ପାଦରେ ଅଳତା, ଆଖିରେ କଜଳ ଦେବେ । ପାଞ୍ଚକଥା କହି ଛୁଆର ବସିବେ । ମାଆ ଭଳି ବ୍ୟବହାର ତାଙ୍କର । ସ୍ନେହରେ ଗୋଟାପଣେ ଜିଣିନେବେ । ମାଆ ବଞ୍ଚିଥିଲେ ବୋଧହୁଏ ଏଭଳି ସ୍ନେହ କରୁଥାଆନ୍ତା ! ସୀତା ଆଖିରେ ଲୁହ ଝରେ ତାଙ୍କ କଥା ଭାବି ।

ସୀତାର ଲୁହ ଝରିଲେ ଗୃକର ସୁନାଆ ଥୟ ଧରିପାରେ-ନାହିଁ । ସେ ବି ସୀତା ସଙ୍ଗରେ କାନ୍ଦେ । ସୀତାର ହସ ଦେଖିଲେ ଖୁସି ହୁଏ । ତାର ହସିଲା ମୁହଁକୁ ବାରମ୍ବାର ଦେଖି ଆକାଶପାତାଳ

Digitized by PPRACHIN, SOA

ଘାବଯାଏ । ଥରେ ଅନ୍ୟମନସ୍କ ଭାବରେ ସୀତାକୁ ଦେଖି କହିଦେଲା, "ଏହିଭଳି, ଠିକ୍ ଏହିଭଳି ହୋଇଥିବ ।"

"କ'ଣ ହୋଇଥିବ, ସୁନାଆ ?" ସୀତା ପଚାରିଦେଲା ।

"କିଛି ନାହିଁ ଝିଅ, ସେମିତି କହିଦେଲି ।"

"କିଛି ନାହିଁ, ଅଥଚ ସେମିତି କହୁଥିଲୁ ? ନିଶ୍ଚୟ କିଛି କଥା ଥିବ ତ ?"

"କଥା ଥିଲା ଦେଈ, ଏବେ ଆଉ ନାହିଁ । ଖାଲି କଥାଟିଏ ହୋଇ ରହିଯାଇଛି ।"

"ତୁ ବିବାହ କରିଛୁ, ସୁନାଆ ?"

"ବିବାହ ? ହଁ ହଁ, ଦିନେ ବିବାହ କରିଥିଲି । ବିବାହ କରି ଲଭ୍ଯ କରିଥିଲି, ଦେଈ ! ଏବେ ଅନୁତାପ କରୁଛି । ଯାହାର ପୋଷିବାକୁ ବଳ ନ ଥିବ, ସେ ବିବାହ କରିବାଟା ଭୁଲ ନୁହେଁ ତ ଆଉ କ'ଣ ?"

"ତୋର ସ୍ତ୍ରୀ ଅଛି ? ପିଲାପିଲା ଅଛନ୍ତି ?"

ସୁନାଆ ଏ ପ୍ରଶ୍ନର ଉତ୍ତର ନ ଦେଇ ପିଲାଟିଏ ଭଳି କାନ୍ଦିଲା । କାନ୍ଦ ବନ୍ଦ ହେବା ପରେ ଆପେ ଆପେ ପଚାରିଲା, "ଗୋଟିଏ କଥା କହିବି, ଦେଈ, ଶୁଣିବ ?"

"କଅଣ ?" ସୀତା ବିସ୍ମିତା ହୋଇ ପଚାରିଲା ।

"ମୋତେ ଏହି ବିବାହ ଆଉ ପିଲାପିଲା କଥା କେବେହେଲେ ପଚାରିବନି ତ ? ତୁମକୁ ଜଗନ୍ନାଥଙ୍କ ରାଣ, ଦେଈ !"

Digitized by PPRACHIN, SOA

ସୀତା ନୀରବ ହେଲା । ସେଦ୍ବନ୍ଦନରୁ ତାକୁ କୁଝିହୁଏ କଥା ପଚାରିନାହିଁ । ବୋଧହୁଏ ସୁନାଆ ଦୁନିଆ ଦୁଆରେ ଧକ୍କା ଖାଇଛି । ପଚାରିଦେଲେ କଷ୍ଟ ହେଉଛି ମନରେ । ନୀରବ ରହି ଦୁନିଆର ସମସ୍ତ ଦୁଃଖକୁ ସହିନେଉଛି । କେଡେ ସହିଷ୍ଣୁ ହୃଦୟ ତା'ର ! ଆଜ କାହା ଉପରେ ଦୁଃଖ ପଡ଼ିଥିଲେ କଥାକୁ ବଢ଼େଇ ଚଢ଼େଇ ପ୍ରଚାର କରନ୍ତା । ପଦେ କଥାରେ ଆଉ ଦଶ ପଦ ଯୋଡ଼ି ନିଜ ପାଗଲପଣିଆର ବାହାଦୁରୀ ନିଅନ୍ତା ।

ଟିକକ ପରେ 'ସୁନାଆ' ଡାକ କାନପାଖରେ ପିଟିହେଲା ।

ଘରଭିତରେ ଅପରିଚିତ ଯୁବକଟିଏ ଦେଖି ସୀତା ପଚାରିଲା, "କିଏସେ ?"

"ମୁଁ ମନମୋହନ ।"

"କିଏ ? ମୋହନବାବୁ ?" ସୀତା ଚମକିଲା ପରି ଅନାଇଲା ପଛକୁ । ତଟସ୍ଥ ଆଖିରେ ତା'ର ବିସ୍ମୟ ଥିଲା । ଅଣୀତର ବିସ୍ମୃତି ଭିତରେ ମନ ତା'ର ଅଟକିଯାଇଥିଲା ।

ସୀତା ଯୁବକଟିକୁ ନିର୍ନିମେଷ ନୟନରେ ଅନାଇଲା । ପାତଳ ହୋଇ ଗୋଉଚକଚକ ଯୁବକଟିଏ । ନାକ ତଳେ ସରୁ ନିଶ ଧାଡ଼ି । ବହଳ ଭ୍ରୁ ତଳେ ଗହ୍ବରିଆ ଜୋଡ଼ାଦୁଇଟି ଅତି ଉଜ୍ଜଳ ଜଣାପଡ଼ୁଛି । ଲମ୍ବାଳିଆ ହାତ ଦୁଇଟି ଅଣ୍ଟାତଳେ ଝୁଲୁଛି । ଲୋଭନୀୟ ବ୍ୟକ୍ତିତ୍ୱ ।

"ତୁମେ ଭୁଲ ବୁଝୁଛ । ମୁଁ ମନମୋହନ"—ଆଗନ୍ତୁକ ମନମୋହନବାବୁ ସଂକୋଚ ଛାଡ଼ି ଉତ୍ତର ଦେଲେ ।

Digitized by PPRACHIN, SOA

‘ମନମୋହନ’ ଏହି ନାଁଟି ସେ ଅନେକ ଥର ଶୁଣିଛି । କିନ୍ତୁ ଅବିକା ମନେ ପଡୁନାହିଁ । ଲୋକଟିକୁ ଚିହ୍ନି ସାରି ନାଁ ଭୁଲିଗଲେ କିଛି କ୍ଷତି ନାହିଁ । ଶୁଣିଲା ନାଁଟିଏ ହୋଇଥିବ, ଅଥଚ ଅପରିଚିତ ଲୋକ ହୋଇଥିବ; କେଉଁଠି ସାଙ୍ଘାତିକ ପରିସ୍ଥିତି ମଧ୍ୟରେ ! ମନେ ପକାଇବାକୁ ଆପ୍ରାଣ ଚେଷ୍ଟା କଲା ସୀତା । ସବୁ ମନେପଡୁଛି, ଅଥଚ ଆବଶ୍ୟକୀୟ କିଛିଟି ମନେପଡୁନାହିଁ । ସୀତା ବଡ଼ ବିବ୍ରତ ଜଣା-ପଡୁଥିଲା । ଏଇ ଚେହେରା ସେ ଦେଖିଛି, ଏଇ ନାଁ ଶୁଣିଛି, ଅଥଚ ଦେଖିଲା ଶୁଣିଲା କଥା ପାସୋରି ହୋଇଯାଇଛି ।

ମନମୋହନବାବୁ ବିବ୍ରତ ସୀତାକୁ ଏକଲୟରେ ଅନାଇ-ଥିଲେ । ସୀତା ଅତି ଚମତ୍କାର ଦେଖାଯାଉଥିଲା । ସ୍ୱାସ୍ଥ୍ୟରେ ଥିଲା ଯୌବନର ମହଣିଆ ରଙ୍ଗ । ଆଖି ଦୁଇଟିରେ ନିଷ୍ପାପ ଶିଶୁର ଉତ୍ସୁକ ଚାହାଣି । ମୁଖମଣ୍ଡଳରେ ହସନ୍ତ ମଳୟର ଯାଦୁକରୀ ସ୍ପର୍ଶ । କଅଁଳ ଓଠରେ ଗୋଲାପ କଢ଼ିର କମନୀୟତା । କଣ୍ଠ ଶବ୍ଦରେ କୁଡ଼ କୁଡ଼ ସ୍ୱପ୍ନର ଜୁଆର ।......

ମନମୋହନର ମୁହଁରେ ବି ଉଲ୍ଲାସ ଥିଲା ଓ ଆଖିରେ ଆଗ୍ରହ ଥିଲା । ସୀତାକୁ ଦେଖି ଅଳ୍ପ ହସି ମୁହଁ ପୋଛିଦେଲା ।

ସୀତାର ହଠାତ୍ ମନେପଡ଼ିଲା ହରମୋହନବାବୁଙ୍କ କଥା । କହୁଥିଲେ, ପୁଅ ମନମୋହନ କଟକରେ ଡାକ୍ତରୀ ପଢ଼େ । ପରୀକ୍ଷା ସାରି ନିକଟରେ ଗାଁକୁ ଫେରିବ ।

ସୀତା ହାତ ଯୋଡ଼ି ଦ୍ୱିଧା ଓ ସଂଶୟରେ ମନମୋହନଙ୍କୁ ନମସ୍କାର ହେଲା । ପଚାରିଲା, “ଆପଣ ଆସନ୍ତା ସପ୍ତାହରେ ଆସିବେ ବୋଲି ମଉସା କହୁଥିଲେ !”

Digitized by PPRACHIN, SOA

ଆଶ୍ଚର୍ଯ୍ୟ ! ତା'ର ସମ୍ବନ୍ଧରେ କେତେ ଖବର ରଖିଛି ଏହି ଅପରିଚିତା ତରୁଣୀ ! ଅଥଚ ସିଏ ତା'ର ପରିଚୟ ଜାଣେ ନାହିଁ । ମନମୋହନବାବୁ ମନେମନେ ଲଜ୍ଜିତ ହେଉଥିଲେ । ବାପାଙ୍କୁ ଦେଖା କରିବାକୁ ବାହାର ଘରକୁ ଆସି ସନ୍ଧ୍ୟାରେ ପଡ଼ିଯାଇଛନ୍ତି । ବୋଧହୁଏ ଭଡ଼ାଟିଆ ଜଣେ ସ୍ତ୍ରୀ'ର ଭିତରେ ଜଡ଼ିଯାଇଛନ୍ତି । ତଥାପି ଏ ମୁହଁ, ଏ ରୂପ ଚହ୍ଲିଲା ଭଳି ମନେ ହେଉଥିଲା । ଥଙ୍ଗଥଙ୍ଗ ହୋଇ ଉତ୍ତର ଦେଲେ, "ଭାବିଥିଲି କଟକରେ ଅଧିକା ସପ୍ତାହେ କଟାଇଦେବି । କିନ୍ତୁ ଖାଲିଟାରେ ପଇସା ଖର୍ଚ୍ଚ କରି ବସିରହିବାକୁ ଭଲ ଲାଗିଲା ନାହିଁ । ତେଣୁ ଘରକୁ ଚାଲିଆସିଲି । କାହିଁ, ଘରେ ତ ଆଉ କାହାକୁ ଦେଖୁନାହିଁ ?"

"ବାପା ଥିଲେ ; କିଛି ସମୟ ହେଲା ମଉସା ଡାକିବାରୁ କ୍ଲବକୁ ବାହାରିଗଲେ । ଅବିକା ଫେରିବାର ସମୟ ହେଲାଣି । ଆପଣ ବସନ୍ତୁ ।"

ମନମୋହନବାବୁ ବାଧ୍ୟ ହୋଇ ବସିଲେ । କିନ୍ତୁ ମିଛଟାରେ ବସିବାକୁ ମନ ଲାଗୁ ନ ଥାଏ । ପଚାରିବାକୁ କି କହିବାକୁ ଆଉ କିଛି ନାହିଁ । କିନ୍ତୁ ଗୋଟିଏ ଅର୍ଦ୍ଧପରିଚିତା ତରୁଣୀର ଅନୁରୋଧ ଏଡ଼ି ନ ପାରି ବାଧ୍ୟ ପିଲା ଭଳି ବସିରହିଛନ୍ତି । ମନଭିତରେ ଅସରନ୍ତି ଭାବନାର ଖିଅ କୂଳକିନାରା ନ ପାଇ ଉବୁଟୁବୁ ହେଉଛି ।

ସୀତା ଏ ମଧ୍ୟରେ ଚାହା କରିସାରିଥିଲା । କପ୍ ଦେହରେ ରଖି ଅଡ଼ାଇ କହିଲା, "ସାଙ୍ଗରେ ଖାଇବାକୁ କିଛି ନାହିଁ । ସେମିତି ପିଇନିଅନ୍ତୁ ।"

ମନମୋହନ ହସିହସିକା କହିଲେ, "ଦିନକୁ ଦଶଥର ଚା' ଖାଇବାର ଅଭ୍ୟାସ ଥିଲେ ସଙ୍ଗରେ କିଛି ଖାଇବା ଆବଶ୍ୟକ

Digitized by PPRACHIN, SOA

ହୁଏ ନା ।" ମନମୋହନଙ୍କୁ ଖାଉଥାଏ, ଆଉ ସୀତା ନିର୍ବାକ ହୋଇ ତା'ର ମରଳ ମୁହଁକୁ ଅନାଇଁଥାଏ । ମନମୋହନବାବୁଙ୍କ ପ୍ରତି ମନ ଭିତରେ ଶ୍ରଦ୍ଧା ଓ ଭକ୍ତିର ଅନାବିଳ ସ୍ରୋତଟିଏ ବହି ଯାଉଥାଏ । ତାଙ୍କ ବ୍ୟକ୍ତିତ୍ୱ ସଂସାରରେ ନିଜର ବୋଲି ଆଉ କେହି ଥିବାର ଜାଣିନାହିଁ । ହରମୋହନବାବୁଙ୍କ ଆଶ୍ରୟ ପାଇଲା ପରେ ନୂଆ ମଉସା ମାଉସୀ ଯୋଡ଼ାଏ ପାଇଛି । ଏହି ମନମୋହନବାବୁ ହରମଉସାଙ୍କ ପୁଅ ହିସାବରେ ତା' ଭାଇ । ଅନେକ ତପସ୍ୟା, ଅନେକ ପୁଣ୍ୟ ଥିଲେ ମନ ବୁଝିବାକୁ ଉପଯୁକ୍ତ ଭାଇଟିଏ ମିଳେ । ଭାଇ ବଡ଼ଲୋକ ହେଲେ ଭଉଣୀର ସମ୍ମାନ ବଢ଼ିଯାଏ । ମାଷ୍ଟରଙ୍କଙ୍କ ଆଗରେ ଭାଇ କଥା କହି ଗର୍ବ କରେ ଭଉଣୀ । ମନମୋହନବାବୁ ସତରେ ତାକୁ ଭଉଣୀର ସମ୍ମାନ ଦେବେ ? ସ୍ନେହୀ ମଉସାଙ୍କ ପୁଅ ହିସାବରେ ସେ ତାଙ୍କଠାରୁ ଭଉଣୀ ସମ୍ମାନ ଦାବି କରିବ ନିଶ୍ଚୟ । କିନ୍ତୁ ସେ ଦାବି ଏବେ ନିବେଦନର ହୁଏ ?······

"ଆରେ, ମନୁ ଯେ······ଗଲା ମା ! ଏଇ ମନୁ ଆସିଗଲଣି ।" ହରମୋହନବାବୁ ପହଞ୍ଚିବା ପରେ ପୁଅକୁ ଦେଖି ଖୁବ୍ ଖୁସି ହୋଇଉଠିଲେ ।

"ମନୁପାଇଁ ଚା କରିଦେ, ମାଆ" ଗତିକୃଷ୍ଣବାବୁ ପାଟିକଲେ ।

ମନମୋହନବାବୁ ପିତାଙ୍କୁ ନମସ୍କାର ହେଲାପରେ ଦୋ'ହୋଚିହ୍ନା ହୋଇ ଗତିକୃଷ୍ଣବାବୁଙ୍କୁ ନମସ୍କାର କଲେ । ହରମୋହନବାବୁ ପୁଅର ଥଙ୍ଗଥଙ୍ଗ ଭାବ ଦେଖି ପ୍ରକାଶ୍ୟରେ କହିଲେ, "ଆରେ, ତୋର ମଉସା ଗତିକୁ ଚିହ୍ନିପାରୁନୁ ? ବାରିପଦାରେ ମହାରାଜାଙ୍କର ପ୍ରାଇଭେଟ ସେକ୍ରେଟାରୀ ଥିଲାବେଳେ ଆମେ ତାଙ୍କ ଘରକୁ ଯାଉନ ଥିଲେ ?"

Digitized by PPRACHIN, SOA

ମନମୋହନବାବୁ ମନେ ଟୋଉ ଟୋଉ ହଠାତ୍ ଗତିକୃଷ୍ଣ-ବାବୁଙ୍କ ପରିଚୟ ଲାଭ କଲେ ।

ଆରେ, ସତେ ତ ! ସାତବର୍ଷ ତଳର ଗତିକୃଷ୍ଣବାବୁଙ୍କୁ ଆଜି ମୋଟେ ଚିହ୍ନି ହେଉନାହିଁ । ଆଗର ଚେହେରା ଆଉ ନାହିଁ । କେତେ ବଦଳିଯାଇଛନ୍ତି । ମୁହଁ ଗୋଟାକରେ ପରସ୍ତ ପରସ୍ତ ଦାଢ଼ି । ଶରୀର କେତେ ମଳିନ ଦେଖାଯାଉଛି । ହର୍ଷମୁଖର ଆଖିପୋଡ଼ିକରେ ଖାଲି କାରୁଣ୍ୟର ବ୍ୟଥା । ଦୋଷୀଟିଏ ଭଳି ସେ ଆସି ଗତିକୃଷ୍ଣ-ବାବୁଙ୍କ ପାଖରେ ଛିଡ଼ାହେଲେ, ଆଉ କହିଲେ, "ଚିହ୍ନିବାରେ ଭୁଲ୍ ହେଲା, ମଉସା ! ମୋତେ କ୍ଷମା କରିବେ ।"

ସୀତା ଆଉ ଥରେ ବଙ୍କେଇକରି ମନମୋହନବାବୁଙ୍କୁ ଚାହିଁଲା । ସେ ଚାହାଣୀରେ ମିଶିଥିଲା ଖାଲି ଗୋଟିଏ ବିସ୍ମୟସୂଚକ ଚିହ୍ନ ! ଏଇ ମନମୋହନବାବୁଙ୍କ ସଙ୍ଗରେ, ତାଙ୍କର ପଦରବଦନ ରହଣି ଭିତରେ ଅନେକ ଖେଳିଛି, ଅନେକ ବୁଲିଛି । ଅଥଚ ପ୍ରଥମେ ପ୍ରଥମେ କିଛି ମନେ ପଡ଼ିଲା ନାହିଁ । କିନ୍ତୁ ସାତବର୍ଷ ତଳେ ସେ ବେଶ୍ ସ୍ୱାସ୍ଥ୍ୟବାନ୍ ଥିଲେ । ତାସ ଖେଳରେ ସବୁବେଳେ ଫେରକାମୀ କରନ୍ତି । ଏପଟ ସେପଟ କରି ସବୁ ରଙ୍ଗାବାଣୀ ନଜର କରିନିଅନ୍ତି । ସୀତା ସେଇଥି-ପାଇଁ ସବୁବେଳେ ହାରେ, ଆଉ କାନ୍ଦେ । ଅଥଚ ଆଜିର ଏହି ମନମୋହନବାବୁ ! କେଡ଼େ ସରଳ ଦେଖାଯାଉଛନ୍ତି ସତରେ ! ମଣିଷ କେଡ଼େ ଶୀଘ୍ର ବଦଳିଯାଏ !

ସୀତାଆଡ଼କୁ ଅନାଇ ମନମୋହନବାବୁ ଫିକ୍‌କରି ହସିଦେଲେ । ମନେ ପଡ଼ିଲା ତାଙ୍କ ସାତବର୍ଷତଳର ଅତୀତ । ଏହି ସବଳ ସୁସ୍ଥ ସୀତା ସାତବର୍ଷ ତଳେ କେଡ଼େ ଛୋଟ ଆଉ ଦୁର୍ବଳା ଥିଲା ।

Digitized by PPRACHIN, SOA

ଫୁଲପକା ଫ୍ରକ୍ ଖଣ୍ଡେ ପିନ୍ଧି ଡେଇଁ ଡେଇଁ ଚାଲୁଥିବ । କାହାର କଥା ଶୁଣିବ ନାହିଁ । ଯାହା ବୁଝିଥିବ ସେଇଆ । ମୁଣ୍ଡର ବାଳ ଗୋଛାକ ଅସ୍ତବ୍ୟସ୍ତ ହୋଇ ମୁହଁ ଆଉ ପିଠି ଉପରେ ଲୋଟୁଥିବ । ଦେହପ୍ରତି ଟିକିଏ ହେଲେ ଖିଆଲ ନାହିଁ । ଆଜି ଏତରେ କେତେ ବଦଳି-ଯାଇଛି ! ଦେହ ସଙ୍ଗେ ସଙ୍ଗେ ମନର ମଧ୍ୟ କେତେ ପରିବର୍ତ୍ତନ ହୋଇଛି ସତରେ ! ଏତେ ସରଳ, ଏତେ ଶାନ୍ତ ହେବ ବୋଲି ଆଗରୁ କଳ୍ପନା କରିହେଉ ନ ଥିଲା । ଆଜିର ସୀତା ଆଠବର୍ଷ ତଳର ସୀତାର ଛାଇଟିଏ । ଚିହ୍ନିବା ବଡ଼ ମୁସ୍କିଲ ।

"କିରେ, ହସିଲୁ କାହିଁକି ?" ହରମୋହନବାବୁ ପଚାରି-ଦେଲେ ।

"ନା—ଏମିତି ହସିଦେଲି ।" ମନମୋହନବାବୁ କଥା ବାଆଁରେଇ କହିଲେ ।

"କାରଣ ତ ଥିବ ନିଶ୍ଚୟ ।" ଗଉକୃଷ୍ଣବାବୁ ଜୋର୍ ଦେଲେ ପ୍ରଶ୍ନରେ ।

"ଆପଣ ସୀତାଦେବୀଙ୍କୁ ଚା' ତିଆରି ପାଇଁ ବରାଦ କଲେ ; ଅଥଚ ମୁଁ ଆଗରୁ ଆସି ଚା ଖାଇନେଇଛି ।" ମନମୋହନବାବୁ କଥାଟି ସଜାଡ଼ିନେଲେ ।

ତିନିହେଁ ହସିଲେ ଖଲଖଲ ହୋଇ । ସୀତା ମନଇଚ୍ଛା ହସିବାକୁ ଭିତରଘରକୁ ଚାଲିଗଲା ।

"ସିଏ ସୀତାଦେବୀ ନୁହେଁ ରେ, ଖାଲି ସୀତା । ତୋର ମଉସାର ଝିଅ । ଭଉଣୀକୁ କିଏ ଦେବୀ ବୋଲି ସମ୍ବୋଧନ କରେ ? ତାକୁ ଖାଲି ସୀତା ବୋଲି ଡାକିବୁ ।" ହରମୋହନବାବୁ ତାଗିଦ୍ କରିଦେଲେ ।

Digitized by PPRACHIN, SOA

ସୁନିଆ ଦାଣ୍ଡପଟ୍ ଆସି ଖବର ଦେଲା,"ମା କହୁଛନ୍ତି, ସମସ୍ତେ ଆଜି ସେଇଠି ଖାଇବେ । ମନୁବାବୁ ଆମର ଆସୁଛନ୍ତି କିନା ! ତାଙ୍କୁ ବଜାର ଭିତରେ ଖୋଜି ଖୋଜି ଖବର ଦେବାରେ ଟିକିଏ ବିଳମ୍ବ ହେଲା ।"

''ମନୁବାବୁଙ୍କୁ ତଥାପି ପାଇଲୁ ନାହିଁ; ନୁହଁ ରେ ସୁନିଆ ?' ମନମୋହନବାବୁ ଥଟ୍ଟାକରି ପଚାରିଦେଲେ ।

"ଆରେ, ତମେ ଯେ ଏଇଠି ମନୁ ! ତମର ଅନେକ ଆୟୁଷ । ଭଗବାନ କରନ୍ତୁ, ବଞ୍ଚ ଶହେ ବର୍ଷ ଆୟୁଷ ହେଉ ତୁମର ।"

ସୁନିଆ ସବୁବେଳେ ଏ ଘର ଆଉ ଏ ଘରର ଲୋକମାନଙ୍କର ମଙ୍ଗଳକାମନା କରିଆସିଛି । କର୍ତ୍ତବ୍ୟରେ କେବେ ତ୍ରୁଟି କରିନାହିଁ । ସେ ଭାବେ, ଏ ଘର ମୁନିବର ନୁହେ ଯେ, ତା'ର ନିଜର । ଏ ଘରର ପ୍ରତ୍ୟେକ ମଣିଷ ତା'ର ଅତି ଆପଣାର ।

ଅନେକ ବର୍ଷ ତଳର ଘଟଣାଟିଏ । ସେଦିନ ଅଦିନିଆ ମେଘ ବର୍ଷି କାଲୁଆ ପବନ ବହୁଥାଏ । ସେହି ବର୍ଷାବାତରେ ସୁନିଆ ହଠାତ୍ ପହଞ୍ଚି କହିଲା, ''ବାବୁ ! ଅନେକ ଜାଗା ବୁଲି ହତାଶ ହେଲିଣି, ତଥାପି ଗୃହକର୍ମ ଖଣ୍ଡେ ଯୋଗାଡ଼ କରିପାରିଲି ନାହିଁ । ଗାଁରେ ସାଆନ୍ତ ଘରେ ବଡ଼ିଲି ଝିଅକୁ ମୋର ଛାଡ଼ିଆସିଛି । ପାଖରେ ତାର କେହି ନାହିଁ । ଦୁନିଆରେ ଝିଅଟି ଛଡ଼ା ମୋର ହୋଇ ଆଉ କେହି ନାହିଁ । ଗୃହକର୍ମ ପାଇଲେମାନେ ଝିଅକୁ ଆଣି ପାଖରେ ରଖିବି । ମୁଁ ତମର ବାହାର କାମ ବୁଝିବି, ଆଉ ଝିଅ ମୋର ଭିତର କାମ ସମ୍ଭାଳିବ । ଗୃହକର୍ମ ଦେଲେ ତୁମର ଅନେକ ଧର୍ମ ହେବ, ବାବୁ ! ଦୁଇଟି ପ୍ରାଣୀ କୂଳରେ ଲାଗିଯିବୁଁ । ସେ ସାଆନ୍ତଙ୍କୁ ମୋର ତଳେ

Digitized by PPRACHIN, SOA

ହେଲେ ବିଶ୍ୱାସ ନାହିଁ, ବାବୁ ! କେତେବେଳେ ଯଦି କଷ୍ଟ କରିବସେ, ମୋର ଦୁନିଆ ସରିଯିବ ! ଦୟାକରି ଟଙ୍କାଟା ଖଣ୍ଡେ ଦେବେ ?"

ସେତେବେଳେ ସୁନିଆ ଆଖିରୁ ଧାର ଧାର ହୋଇ ଲୁହ ବୋହୁଥାଏ । ସେ ଅତ୍ୟନ୍ତ ସରଳ ଓ ନିରୀହ ଜଣାଯାଉଥାଏ । ହରମୋହନବାବୁ ତାକୁ ଟଙ୍କାଟା ଦେଲେ ଓ ଗାଁକୁ ଯାଇ ଝିଅକୁ ତା'ର ସଙ୍ଗରେ ନେଇଆସିବାକୁ ଆଗତୁରା ଟଙ୍କା ଦେଲେ ।

ସୁନା ଗାଁକୁ ଯାଇ ସାଆନ୍ତ ଜମିଦାର ଘରେ ଝିଅକୁ ତା'ର ପାଇଲା ନାହିଁ । ଅନେକ ଲୋକଙ୍କ ଆଗରେ ଝିଅର ଖବର ପଚାରିଲା । କେହି କିଛି କହିପାରିଲେ ନାହିଁ । କିଏ ସହାନୁଭୂତିସୂଚକ ପଦେ ଅଧେ ସାନ୍ତ୍ୱନା ଦେବାକୁ ଚେଷ୍ଟା କଲେ ତ, କିଏ ତା'ର ବିପଦ ଦେଖି ନାକ ଟେକିଲେ ।

"ବଡ଼ଘରର ଗୁମର ସିଏ, ସୁନିଆ ! ଏକଥା ସ୍ୱୟଂ ବ୍ରହ୍ମା ବି ବୁଝିପାରିବେନି । ସେଠି ଖାଲି ଟଙ୍କାର ଖେଳ, ମାୟାର ଖେଳ । ନିଜ ଅଧୀନ ଲୋକଙ୍କ ମନ ଆଉ ପ୍ରାଣ ଉପରେ ସେମାନେ ଖେଳ ଖେଳନ୍ତି । ତାଙ୍କ କଥା କିଏ ଜାଣିବ, କହିଲୁ ?" ଜଣେ କହୁଥିଲା ।

"ବଡ଼ଲି ଝିଅକୁ ଜମିଦାର ଜମା କରିଦେଇଥିଲୁ ! ଆଉ ତୋତେ ଘର ମିଳିଲା ନାହିଁ ?" ଆଉ ଜଣେ ପଚାରିଲା ।

"ସୁନିବ ସିଏ । ତାଙ୍କର ଲୁଣ ଖାଇ କାଳ କାଟିଲି । ଧନ କେଇଟା ପାଇଁ ଜମା କରିଦେଇଥିଲି; କାଳକ ପାଇଁ ଲୁହେ ତ ! ଚଳିଚଳନି ବୋଲି ଗାଁ ଛାଡ଼ିଲି । ଲୋକେ ବିଶ୍ୱାସରେ କ'ଣ ଏମିତି କରୁନାହାନ୍ତି ?" ସୁନା ଯୁକ୍ତି କଲା ।

Digitized by PPRACHIN, SOA

"ତୁ ସୁବଳ ଜମିଦାରକୁ ବିଶ୍ୱାସ କରୁ ?" ଜଣେ ପ୍ରଶ୍ନ କଲା ।

"ବଡ଼ଲୋକ ସିଏ ! ବିଶ୍ୱାସ ହେବନାହିଁ ?" ସୁନିଆ ପଚାରିଲା ।

"ବଡ଼ଲୋକର ମନ ବଡ଼ ନୁହେଁ ରେ, ସୁନିଆ ! ତାଙ୍କମାନଙ୍କ ମନ ଅତି ହୀନ । ଗରିବଲୋକଙ୍କ ଝିଅବୋହୂ ଉପରେ ଆଖି ପକାଇବା ତାଙ୍କର ଗୋଟିଏ ଅଭ୍ୟାସଗତ ପରମ୍ପରା ।" ବୃଦ୍ଧଙ୍କ ଜଣେ ମନ୍ତବ୍ୟ କଲା ।

"କିନ୍ତୁ ସାଆନ୍ତ ଜମିଦାର......"

"ଜମିଦାରଟା ମଣିଷ ନୁହେ ରେ, ସୁନିଆ ! ମଣିଷଦେହଧାରୀ ଜାନୁଆରଟିଏ । କାହାକୁ କହିବୁ ଝିଅକୁ ତୋର ହରଣଚାଲ କଲା ବୋଲି ? ଚୁପ୍ କରି ଚାଲିଯା । କପାଳ ଆଦରି ପଡ଼ିଥା । ଜୀବନ ଥିଲେ ଦେଖାହେବ । କିନ୍ତୁ ଏଇୟା ଭାବ୍, ଝିଅ ତୋର ମରିଗଲା ।"

"ଝିଅ ମରିଗଲା ?" ସୁନିଆର ଆଖି ଛଳ ଛଳ ହେଲା । ଉନ୍ମାଦ ହୋଇ କହିଲା, "ଝିଅ ମରିଗଲା ନା ମାରିଦେଲା ଜମିଦାର ?"

"ବଢ଼ିଲା ଝିଅକୁ ଘରପାଖରେ ଛାଡ଼ି କଣ ଭଲ କାମ କଲୁ ରେ ସୁନିଆ ? ବଢ଼ିଲା ଝିଅର ପରା ପର ଲାଗେ । ଭୁଲାଇଦେଲେ ଭୁଲି-ଯାଏ । ନୀଳ ଆକାଶର ବାଦଲ ଭିତରେ ଲୁଚିଯିବାକୁ ମନ କରେ । ବଂଶୀ ହେଉ କି ଖରା ହେଉ, ସେଥିପାଇଁ ତା'ର କି କେବେ ଖାତିର ଥାଏ ?"

"ଝିଅ ମୋର ଅତି ସରଳା । ଦୁନିଆର ଭଲମନ୍ଦ କିଛି ଜାଣି-ନାହିଁ । କେଉଁଠି ସେ ଥିବ ? କଣ କରୁଥିବ ? ଜୀବନରେ ଥିବଟିକି ?"

"କିନ୍ତୁ ଜମିଦାର ତ ସରଳ ନୁହେ ! ପାପପୁଣ୍ୟ ପ୍ରତି ଖାତିର ନାହିଁ ତା'ର । ଝିଅର ରୂପଯୌବନ କାଳ ହେଲା ରେ, ସୁନିଆ !

Digitized by PPRACHIN, SOA

ଝିଅ ତୋର ଜୀବନରେ ଥିବ ନିଶ୍ଚୟ; କିନ୍ତୁ ସରଳ ହୋଇ ନ ଥିବ । ଅନେକ ମାୟା ପଶି ଜୀବନକୁ ତା'ର ଜଲବଲ କରିଦେବଣି ।" ଆଉ ଜଣେ ଚେତାଇଦେଲ ।

ସୁନିଆ ମନ୍ତ୍ର ବାନ୍ତେଇ ନାଧିଲ । କିନ୍ତୁ କିଛି ଫଳ ହେଲ ନାହିଁ । ଝିଅ ଉପରୁ ଭରସା ଗୁଡ଼ିଲ । ଜମିଦାରକୁ ଅଭିଶାପ ଦେଲ ଅନେକ । ଆଉ ବା ହାତରେ ହେବ କ'ଣ ? ପୋଲିସ୍, କାନୁନ, କଚେରୀ କିଏ ତା' କଥା ମୁହେଁ ମୁହେଁ ଶୁଣିବ ? କଲମର ଖେଳ ସେଠି । ପ୍ରମାଣ ଉପରେ ଫଇସଲ । ଏ ସବୁ ପାଇଁ ତ ଅନେକ ଟଙ୍କା ଦରକାର । ତା ହାତରେ ଅଛି କ'ଣ ଯେ ଲଢ଼ିବ ? ଜୀବନସାରା ଛଟି ପଇସା ରୋଜଗାର କରିବ; ଅନେକ ବର୍ଷ ପରେ ଅନେକ ଟଙ୍କା ହେଲେ ଜମିଟା ଉପରେ ଛିଡ଼ାହେବ ।

ସୁନା ଗାଁକୁ ଯାଇ ଖାଲି ହାତରେ ଫେରିଆସିଲ । ଝିଅକଥା ପଚରିଲେ ଖାଲି କାନ୍ଦ ବହିଲ । ହରମୋହନବାବୁ ବାରମ୍ବାର ସନ୍ଦେହ କରୁଥିଲେହିଁ ସୁନିଆର କାନ୍ଦ ଦେଖି ଆଉ କିଛି ପଚାରିଲେ ନାହିଁ ।

ସେଇଦିନଠୁ ସୁନିଆ ତାଙ୍କ ଘରେ ରହି ଘରୋଇ ମଣିଷ ଭଳି ଚଳୁଛି । ଗଣ୍ଡେ ଖାଇ, ଖଣ୍ଡେ ପିନ୍ଧି ଘରର ସାନବଡ଼ ସମସ୍ତ ଦାୟିତ୍ୱ ମୁଣ୍ଡାଇଛି । ଥରେ ହରମୋହନବାବୁ ତା'ର ବେତନ ହିସାବ ଦେଖିବାକୁ କହିଲେ । ସୁନିଆ ଲୁହ ପୋଛି କହିଲ, "ବେତନ ଆଉ କାହା ପାଇଁ ନେବି, ବାବୁ ? ଖାଇପିଇ ଆରାମରେ ଅଛି । ତମର ପାଖରେ ଟଙ୍କା ଥାଉ । ଆଉ କେତେବର୍ଷ ଗଲେ ଅନେକ ଟଙ୍କା ହେଲେ ଦରକାର ପଡ଼ିବ, ମାଗିନେବି । ତମେ ଖାଲି ହିସାବ ରଖିଥା, ବାବୁ !"

Digitized by PPRACHIN, SOA

ସେଥିନୁ ସୁନଆଉ ଟଙ୍କା ଦରକାର ପଡ଼ିନ । ସେ ଖାଲି ଖାଇପିନ୍ଧି ଘରର ଜଣେ ଭଳି ବାର କାମ ବୁଝି ରହୁଛି ।

× × × ×

କବାଟ ବନ୍ଦ କରି ସମସ୍ତେ ବାହାରିଲେ ଚନ୍ଦ୍ରମୋହନବାବୁଙ୍କ ବସାକୁ । ସମସ୍ତେ ଧାଡ଼ି ହୋଇ ଚାଲିଥାଆନ୍ତି । ସବା ପଛରେ ଚାଲୁଥାନ୍ତି ମନମୋହନବାବୁ, ଆଉ ତାଙ୍କ ପଛକୁ ସୀତା ।

ଚନ୍ଦ୍ରମୋହନବାବୁ ଠିକ୍ ଏଇଭଳି ଚାଲନ୍ତି । ଚାଲିଲାବେଳେ ଗୋଡ଼ ଟିକିଏ ଆଗକୁ ଲଇଁପଡ଼େ । ଲମ୍ବା ହାତର ଲାଲ ପାଞ୍ଜାବି ହଲହଲ ଅଣ୍ଟାତଳେ ଝୁଲୁଥାଏ । ପିନ୍ଧାଧୋତିର ପଛକୁଞ୍ଚ ମାଟି ଛୁଉଁଥାଏ । ଆଗକୁଞ୍ଚରୁ ମୁଠାଏ ହେବ ଡାହାଣ ହାତ ମୁଠାରେ ଲାଗିରହେ । ମୁଣ୍ଡର ଯତ୍ନ ନିଅନ୍ତି ନାହିଁ ବୋଲି ବାଳଗଣ୍ଡାକ ପବନ ବାଜିଲେ ଥରିଥରି ନାଚେ ।

କେଉଁଠି ରହିଲେ ଚନ୍ଦ୍ରମୋହନବାବୁ ? କ'ଣ କରୁଥିବେ ଅବା ? ସୀତା ଭାବୁଥାଏ, ଆଉ ଚାଲୁଥାଏ ।

ବିରୂପାକ୍ଷବାବୁଙ୍କ ସୋନପୁର ଠିକଣାରେ ଗଣ୍ଡକୃଷ୍ଣବାବୁ ବାରମ୍ବାର ଚିଠି ଲେଖୁଥିଲେ ।

ଗଣ୍ଡିକୃଷ୍ଣବାବୁଙ୍କ ଚାରୋଟି ଚିଠି ପାଇ ମଧ୍ୟ ଉତ୍ତର ଦେବାକୁ ଅନୁଚିତ ମନେକଲେ ବିରୂପାକ୍ଷବାବୁ । ସେ ଚନ୍ଦ୍ରମୋହନ ସଙ୍ଗେ ଏବାହାର ବନ୍ଧୁ ନୂତନ ସମ୍ବନ୍ଧ ଖୋଜି ଯଉତୁକର ଦାବିଫର୍ଦ୍ଦ ତିଆରି

Digitized by PPRACHIN, SOA

କରୁଥିଲେ । ଚନ୍ଦ୍ରମୋହନ ମୁହଁ ମୁହଁ ଅନେକ ବାରଣ କଲା । କିନ୍ତୁ ସେ ବାରଣ ରହିଲା ନାହିଁ । ତାର ମୀମାଂସା ଉପରେ ଅଯଥା ହସ୍ତକ୍ଷେପ କରି ପିତା ଶେଷରେ ନିଜର ସିଦ୍ଧାନ୍ତକୁ ବଜାୟ ରଖିବାକୁ ଦୃଢ଼ ସଂକଳ୍ପ କଲେ ।

ଗୋଟିଏ ପାଖରେ ପିତାଙ୍କର ବନ୍ଧନ, ଅନ୍ୟ ପାଖରେ ସୀତାର ମିନତିଭରା ଆହ୍ୱାନ ! ସୀତା ସମ୍ମୁଖରେ ଦିନେ ସେ ପ୍ରତିଜ୍ଞା କରିଥିଲା, ତାକୁ ପତ୍ନୀରୂପରେ ଗ୍ରହଣ କରିବ; ନିଜର ଜୀବନସଙ୍ଗିନୀ କରି ଭବିଷ୍ୟତ ସୁଖଦୁଃଖର ଭାଗୀଦାର କରିବ । କିନ୍ତୁ ସୀତା ସେଦିନ ସନ୍ଦେହ କରିଥିଲା । ଆଜି ସେ ସନ୍ଦେହର ପ୍ରକୃତ ସ୍ୱରୂପ ଆଖି ଆଗରେ ।

ପିତା ତା'ର ବଲାଙ୍ଗିର ଷ୍ଟାଉନର ଗୋଟିଏ ସମ୍ଭ୍ରାନ୍ତ ପରିବାରରେ ସମ୍ବନ୍ଧ ବାନ୍ଧିବାକୁ ନିର୍ଦ୍ଦିଷ୍ଟ କରିଛନ୍ତି । ତାକୁ ବିବାହ ଦେଇ ପ୍ରତିବଦଳରେ ପାଇବେ ଅନେକ ଧନ, ଅନେକ ମାନ । ଗତିକୃଷ୍ଣବାବୁଙ୍କ ଧନ ସରିଯାଇଛି ବୋଲି ସେ ଆଜି ତାଙ୍କର ନଜରକୁ ସୁଦ୍ଧା ଆସୁନାହାନ୍ତି । ବିଚିତ୍ର ଦୁନିଆର ଇଏ ଏକ ରହସ୍ୟ-ମୟ ଅଧ୍ୟାୟ । ଧନ ପକାଶେ ମଣିଷ ଯେ କେତେ ନୀଚ ହୋଇପାରେ, ଚନ୍ଦ୍ରମୋହନ ସେଦିନ ପ୍ରଥମ କରି ଅନୁଭବ କଲା । ପିତାଙ୍କର ଏହି ସ୍ୱାର୍ଥପର ନିଷ୍ପତ୍ତି ବିରୁଦ୍ଧରେ ଶରୀରର ପ୍ରତି ଶିରାପ୍ରଶିରାରେ ପ୍ରତିବାଦର ବହ୍ନି ଜଳିଉଠିଲା ।

ପିତା ତା'ର ଇଚ୍ଛା କରିଥିଲେ ସେଦିନ ଗତିକୃଷ୍ଣବାବୁଙ୍କୁ ସାବଧାନ କରାଇଦେଇପାରିଥାନ୍ତେ । କିନ୍ତୁ ଜାଣିଶୁଣି ତାକୁ ଆଉ ସୀତାକୁ ସ୍ୱଚ୍ଛନ୍ଦରେ ମିଶିବାକୁ ସୁବିଧା ଦେଲେ । କାରଣ ସେଦିନ

Digitized by PPRACHIN, SOA

ଗଡ଼ିକୃଷ୍ଣବାବୁଙ୍କର ପ୍ରଚୁର ଧନ ସାଙ୍ଗକୁ ଥିଲ ପଦବୀର ମାନ । ତାଙ୍କର ଉଦ୍ୟମରୁ ପିତା ତା'ର ସୋନପୁର ଗଡ଼ଜାତରେ ହେଲେ ଦେଓ୍ୱାନ । ଅଜି କିନ୍ତୁ ସେ ଅତୀତକୁ ଭୁଲିଯାଉଛନ୍ତି । ଧର୍ମକୁ ଭୁଲିଯାଉଛନ୍ତି ।

ସେଦିନ ଚନ୍ଦ୍ରମୋହନ ପିତାଙ୍କ ସମ୍ମୁଖରେ ମୁହାଁମୁହିଁ ଜବାବ ଦେଇ ଘରୁ ଗୋଡ଼ କାଢ଼ିଲା । ପିତା ତା'ର ଅତି ନିର୍ଦ୍ଦୟ ଭାବରେ ଦୁଆର କବାଟ ବନ୍ଦ କରିଦେଲେ । ଝାଁସ ରାତିର ବହଳ ଅନ୍ଧାର ଚନ୍ଦ୍ରମୋହନର ଯାତ୍ରାରେ ଅନ୍ତରାୟ ହୋଇପାରିଲା ନାହିଁ । ସେହି ଉଆଁସିଆ କଳା ରାତିରେ ସୀତାକୁ ଖୋଜିବାକୁ ସେ ଘର ଛାଡ଼ିଲା ।

ଚନ୍ଦ୍ରମୋହନ ଅନେକ ଦିନ ପରେ ଅନେକ ରାସ୍ତା ବୁଲି ମେଘାସନ ନିକଟବର୍ତ୍ତୀ ବସନ୍ତପୁରକୁ ଆସିଲା । କିନ୍ତୁ ବସନ୍ତପୁର ଗୋଟିଏ ମାଟି ପଥର ଗଦାରେ ପରିଣତ ହୋଇଯାଇଛି । କେଇଟି ଖଡ଼ିଆ, ଭୂମିଜ, କୋହ୍ଲ ଆଦି ଭଳି ସମ୍ପ୍ରଦାୟର ଦୁଃଖୀ ପରିବାର ଛୋଟ ଛୋଟ ଘର ମାରି ସଂସାର ଆରମ୍ଭ କରିଛନ୍ତି । ନିକଟରେ କେଇଟି ସରକାରୀ କୋଠାବାଡ଼ି ମରାମତି ହେଉଛି । ବସନ୍ତପୁରର ପ୍ରାଣ ନାହିଁ କି ଫୁର୍ତ୍ତି ନାହିଁ । ତା'ର ଆଦିବାସୀ ଅଧିବାସୀମାନେ ବସନ୍ତପୁରର କରୁଣ କାହାଣୀ କହିଲେ । ଏହି ହୃଦୟବିଦାରକ କାହାଣୀ ଶୁଣି ଚନ୍ଦ୍ରମୋହନର ମନଭିତରେ ଝଡ଼ ଉଠିଥିଲା ।

ଓଡ଼ିଶାର ସର୍ବବୃହତ୍ ପର୍ବତ ମେଘାସନ ଦିନେ ସେ ଗାଁର ଗର୍ବ ଥିଲା । ଏହି ମେଘାସନ ପର୍ବତର ବନ୍ୟସମ୍ପଦକୁ ଆଶ୍ରା କରି, ତା'ର ପାଦତଳେ ଘର ବାନ୍ଧି ରହିଥିବା ସରଳ ଆଦିବାସୀମାନେ ଅତି ସୁଖରେ କାଳ କାଟୁଥିଲେ । ବୈଶାଖମାସର ମଧ୍ୟାହ୍ନରେ ଉଲ୍-

Digitized by PPRACHIN, SOA

ବଧି, ଗଛ ଚଢ଼ି ମଧୁ ସଂଗ୍ରହ କରୁଥିଲା । କ୍ରମଶଃ ଭୂମିଜ ରୂପସୀ ଅଗନାଅଗନା ବନସ୍ତ ଭିତରେ ଆନନ୍ଦରେ ବୁଲିବୁଲି ଗୁଞ୍ଜ ଆଉ ଗରଗଞ୍ଜର ମାଳ ତିଆରି କରୁଥିଲା । କର୍ମଠପ୍ରିୟ କୋହ୍ଲ ଯୁବକ ବଣଜଙ୍ଗଲରେ ଶିକାର ଖୋଜୁଥିଲା । ହାତୀଦାନ୍ତ, ହରିଣ ଶିଙ୍ଗ ପ୍ରଭୃତି ଅମୂଲ୍ୟ ବନସମ୍ପଦର ପ୍ରତିଦାନରେ ମେଘାସନ ଅଞ୍ଚଳର ସରଳ ଆଦିବାସୀ ଗୃହସ୍ଥ ଯଥେଷ୍ଟ ଖାଦ୍ୟ ସାଇତି ରଖିପାରୁଥିଲା ।

ମେଘାସନ ପର୍ବତ ଭଞ୍ଜରାଜ୍ୟର ମୁକୁଟମଣି ହେଲେ, ମେଘାସନ ଅଞ୍ଚଳର ମାଟି ଭଞ୍ଜରାଜ୍ୟର ସମ୍ମାନସ୍ୱରୂପ ଥିଲା । ସେ ମାଟିରେ ହସୁଥିଲା ସୁନାର ଫସଲ । କ୍ରମେ ଏହି ଅଞ୍ଚଳ ପ୍ରତି ଆକୃଷ୍ଟ ହୋଇ ଦୂରଦେଶର ସୁଖୀ ପରିବାର ଅସ୍ଥାନ ଜମାଇଆସୁଥିଲେ । କିନ୍ତୁ ଗୋଟିଏ ଅଶୁଭ ସକାଳରେ ଦୁର୍ଯୋଗର ଝଡ଼ ବହିଲା । ମେଘାସନର 'ନୀଳରୁଦ୍ରତନୁ' କ୍ରମେ ପ୍ରଳୟର ଆବାହନୀ ଗାଇ ଭୟଙ୍କର ଦେଖାଗଲା । ମେଘାସନ ତା'ର ପାଦତଳରେ ଆଶ୍ରିତ ଅସଂଖ୍ୟ ପରିବାରର ରକ୍ଷକ ଥିଲା; କିନ୍ତୁ କାଳର କୁଟୀଳ ଚକ୍ରତଳେ ଭକ୍ଷକ ପାଲଟିଲା ।

ଚନ୍ଦ୍ରମୋହନ ଜଣ ଜଣ କରି ସମସ୍ତଙ୍କ ନିକଟରେ ସୀତା ଆଉ ଗତିକୃଷ୍ଣବାବୁଙ୍କ ଖବର ପଚାରିଲା । ସେମାନେ ବିସ୍ମିତ ହୋଇ ପରସ୍ପର ମୁହଁକୁ ଚାହିଁଲେ । ତାଙ୍କର ତଟସ୍ଥ ଚାହାଣୀ କହୁଥିଲା, ସତେ ଯେମିତି ପ୍ରଥମ ଥର ପାଇଁ ସେମାନେ ସୀତା ଓ ଗତିକୃଷ୍ଣର ନାଁ ଶୁଣୁଛନ୍ତି । ଚନ୍ଦ୍ରମୋହନ ଖାଲି ନାଁ ନ କହି ଗତିକୃଷ୍ଣବାବୁଙ୍କର ପଦବୀ ଆଉ ସମ୍ମାନ କଥା କହିଲା । ଲୋକେ ତଥାପି ବୁଝିପାରିଲେ ନାହିଁ । ରଜା ନାହିଁ କି ରାଜ୍ୟ ନାହିଁ । ରଜାକଥା କ୍ରମେ ବୁଢ଼ୀମା'ର କାହାଣୀପେଡ଼ି ଭିତରେ ପଶୁଛି । ଏତେବେଳେ ରଜାଙ୍କର ପ୍ରାଇଭେଟ

Digitized by PPRACHIN, SOA

ସେନେଟେଶଙ୍କୁ କିଏ ମନେ ରଖିବ ? ସେମାନେ ଉତ୍ତର ଦେଲେ, "ବସନ୍ତପୁରରେ ଅନେକ ସୁଖୀ ପରିବାର ଘର କରିଥିଲେ, ବାବୁ, କିନ୍ତୁ ମେଘାସନର ଝଡ଼ ପରେ ସମସ୍ତେ ନିଶ୍ଚିହ୍ନ ହୋଇଗଲେ । କେତେ ଲୋକଙ୍କର ପ୍ରାଣ ଗଲା, କେତେ ଧନସମ୍ପତ୍ତି କ୍ଷୟ ହେଲା । ସେ ଗୋଟିଏ ଦୁର୍ଯୋଗ, ବାବୁ ! ଗୋଟିଏ କରୁଣ କାହାଣୀ । ସେ ଦିନର ସେ କାହାଣୀ, ସେଦିନର କାହାଣୀକୁ ଅଙ୍ଗେ ନିଭାଇଥିବା ମଣିଷଙ୍କୁ ଆମେ ଭୁଲିଯିବାକୁ ସ୍ଥିର କରିଛୁଁ ।"

ତାହାହେଲେ ସୀତା ଆଉ ଗଡକୃଷ୍ଣବାବୁ ସେହି ଦୁର୍ଯୋଗର ଶିକାର ହୋଇ କରୁଣ କାହାଣୀର ଅଶ୍ରୁଳ ଅଧ୍ୟାୟ ପାଲଟିଗଲେ ? ଚନ୍ଦ୍ରମୋହନର ମନ ଆର୍ତ୍ତନାଦ କରୁଥିଲା । ତଥାପି ଧୈର୍ଯ୍ୟ ନ ହରାଇ ଅନେକ ଗାଁ, ଅନେକ ସହର ଖୋଜିଲା । ଅନେକଦିନ ପରେ ବୁଲି ବୁଲି ପୁରୀଧାମରେ ପହଞ୍ଚିଲା ।

ସେଦିନ ପୁରୀରେ ନାହିଁ ନ ଥିବା ଭିଡ଼ । ଏକାଦିନକେ ଏକ ସଙ୍ଗରେ ଏତେ ଲୋକଙ୍କର ସମାବେଶ ସେ ଏହା ପୂର୍ବରୁ କେବେ ଦେଖିଥିଲା ଭଲ ମନେ ପଡୁନାହିଁ । ବିଶାଳ ଭାରତର ପ୍ରତ୍ୟେକ କୋଣରୁ ଲୋକ ଜମା ହୋଇଛନ୍ତି । ଅନେକ ରଙ୍ଗ ଅନେକ ଢଙ୍ଗର ଦର୍ଶାର୍ଥୀ ସମାବେଶ । ଜଣଜଣକେ ଗୋଟିଏ ଗୋଟିଏ ଭାଷା । କିନ୍ତୁ ମନଭିତରେ ଗୋଟିଏ ଭାବ, ଗୋଟିଏ କାମନା । ସମାନ ଉଦ୍‌ବେଗ, ସମାନ ଉତ୍ସାହ ନେଇ ସେସବୁ ଏକାଠି ବହିଯାଉଛନ୍ତି । ଜଗନ୍ନାଥଙ୍କର ପବିତ୍ର ମୂର୍ତ୍ତି ଦର୍ଶନ ପ୍ରତ୍ୟେକଙ୍କର କାମ୍ୟ । ହଜାର ହଜାର ମାଇଲର କ୍ଲାନ୍ତି ସେମାନେ ପାସୋରିପକାଇଛନ୍ତି; ଦେହ ଶହ ଅସୁବିଧାକୁ ଏଡ଼ାଇଦେଇଛନ୍ତି । ଜଗନ୍ନାଥଙ୍କର ଦାଉଡ଼ ଲାଗିଛି । କୃଷ୍ଣଚନ୍ଦ୍ରଙ୍କର

Digitized by PPRACHIN, SOA

ମୁରଲୀ ଧ୍ୱନି ଶୁଭୁଛି । ଈଶ୍ୱର ପ୍ରତି ଭକ୍ତି ଥିଲେ ନାହିଁ କି ଧନ ଦୌଲତ ଖାତିର ନାହିଁ । ସର୍ବଶକ୍ତିମାନ ଜଗନ୍ନାଥଙ୍କର କମନୀୟ ମୂର୍ତ୍ତି ଦର୍ଶନ କରି, ଜୀବନର ଗୋଟିଏ ମହାନ ଇଚ୍ଛା ପୂରଣ କରିବେ । ଜାତି-ଅବାରଣ-ଅଭଡ଼ା ଗଣ୍ଡେ ପାଟିରେ ପକାଇ କୃତାର୍ଥ ହେବେ । ସାନବଡ଼, ଜାତିଅଜାତି, ଧନୀଦରିଦ୍ରର ଅହେତୁକ ବିଭେଦ ଦିନକ ପାଇଁ ଭୁଲିଯିବେ । ନିମିଷକ ପାଇଁ ଅନୁଭବ କରିବେ, ଜଗନ୍ନାଥଙ୍କ ନିକଟରେ ସମସ୍ତେ ସମାନ, ସ୍ରଷ୍ଟା ଆଗରେ ସୃଷ୍ଟିର ସବୁ ମଣିଷ ଜାତି ଏକ । ଈଶ୍ୱର ସମସ୍ତଙ୍କୁ ସମାନ ସ୍ନେହ କରନ୍ତି । ସମାନ ଆଖିରେ ଦେଖନ୍ତି । ଏହି ସୃଷ୍ଟି ଓ ଜୀବନର ପ୍ରଧାନ ତତ୍ତ୍ୱ ଜଗତର ନାଥ ଜଗନ୍ନାଥ । ଏତେବଡ଼ ସଂସାର, ସଂସାରର ସମସ୍ତ ସ୍ଥାବର-ଜଙ୍ଗମକୁ ଯିଏ ଜୀବନ ଦେଲେ, ତାହାଙ୍କ ଧାମରେ ପୁଣି ଜାତି ବିଭେଦ ? ତାଙ୍କର ଉଚ୍ଛିଷ୍ଟ ପାଇବାକୁ ସେମାନେ ପୁଣି ସାନବଡ଼ ଭେଦାଭେଦ ବିଚାର କରିବେ ? ଅମୃତ କ'ଣ ଛୁଆଁ ଅଛୁଆଁ ବାଛେ ? ସହସ୍ର ଯାତ୍ରୀ ଘର ଛାଡ଼ନ୍ତି ବିଶ୍ୱର ସ୍ରଷ୍ଟାଙ୍କୁ ଦେଖିବାକୁ ଆଉ ତାଙ୍କର ଉଚ୍ଛିଷ୍ଟ ଖାଇ ପବିତ୍ର ହେବାକୁ !

ଜଗନ୍ନାଥ କ୍ଷେତ୍ର ଶ୍ରୀକ୍ଷେତ୍ର ଗୋଟିଏ ମହାନ ଭାବ, ମହତ ଆଦର୍ଶର ପ୍ରତୀକ ହୋଇ ଛିଡ଼ା ହୋଇଛି ଭାରତବର୍ଷରେ । ଏଇଠି ମଣିଷ ନିଜର ଅହେତୁକ ଅହମିକାକୁ ମନେ ପକାଇ ଲଜ୍ଜିତ ହୁଏ । ଅତୀତର ସମସ୍ତ ପାପକୁ ସ୍ମରଣ କରି ଅନୁତାପ କରେ । ଶ୍ରୀକ୍ଷେତ୍ରର ପାଦଧୌତ କରୁଥିବା ମହାସାଗରର ନୀଳିମାକୁ ଦେଖି ଆତ୍ମବିସ୍ମୃତ ହୁଏ । ତା'ର ବାରମ୍ବାର ମନେପଡ଼େ, ସେ ଏହି ସାଗର ଆଗରେ କେତେ କ୍ଷୁଦ୍ର, କେତେ ନଗଣ୍ୟ ! ଦଧିନଉତିର ରଙ୍ଗୀନ ପତାକାକୁ ହାତ ଯୋଡ଼ି ନମସ୍କାର କରୁ କରୁ କହେ, "ହେ ଜଗନ୍ନାଥ ! ମୋତେ ପବିତ୍ର କର, ମୋତେ ନିଷ୍ପାପ କର ମୁକ୍ତି ଦିଅ ।"

Digitized by PPRACHIN, SOA

ଚନ୍ଦ୍ରମୋହନ ମନେ ମନେ ଭାବୁଥିଲା, ଏଇଠି ତା'ର ପିତା ମାଙ୍କ ସଙ୍ଗେ ଭେଟ ହୁଅନ୍ତା କି ? ସେ ଅତ୍ୟୁତ୍ସୁକ ଭାବରେ ଠିଆହୋଇ ଦେବଦେବୀଙ୍କୁ ଦର୍ଶନ କରୁ କରୁ କହିଲା, "ହେ ଭଗବାନ ! ମୁଁ ଧନ ମାଗୁନି କି ଜ୍ଞାନ ମାଗୁନି । କେବଳ ମାଗୁଛି ସୀତା ସଙ୍ଗରେ ସାକ୍ଷାତ ।"

ସୀତା ତା'ର ବାରମ୍ବାର ମନେପଡ଼ୁଥାଏ । ସେ ଉଦ୍‌ଭ୍ରାନ୍ତ ହୋଇ ପୁରୀର ପ୍ରତ୍ୟେକ ଗଳିକନ୍ଦିରେ ସୀତାକୁ ଖୋଜିବାରେ ଲଗିଥାଏ । ସନ୍ଧାନୀ ଆଖି ତା'ର ପ୍ରତ୍ୟେକ ସ୍ତ୍ରୀ ଉପରେ ନଜର ରଖିଥାଏ । କିନ୍ତୁ ସୀତାର ପରିଚିତ ମୂର୍ତ୍ତିଟି ଦେଖାଦେଲା ନାହିଁ । ଚନ୍ଦ୍ରମୋହନ ହତାଶାରେ ଭାଙ୍ଗିପଡ଼ୁଥାଏ ।

ମ୍ୟୁନିସିପାଲ ମାର୍କେଟ ପାଖରେ ପହଞ୍ଚି, ଚନ୍ଦ୍ରମୋହନର ହାତଗୋଡ଼ ଆଉ ଚଳିଲା ନାହିଁ । କ୍ଳାନ୍ତି ଆଉ ହତାଶାର ମୁଣ୍ଡ ଟେକ୍‌କରି ଝାଳୁଛି । କ'ଣ କରିବ ସେ ? କୁଆଡ଼େ ଯିବ ? କାହାକୁ ପଚାରି ସୀତାର ଖବର ସଂଗ୍ରହ କରିବ ? ମନ ଭିତରେ ନୈରାଜ୍ୟର ଗ୍ଳାନି ଜମାଟ ବାନ୍ଧୁଥିଲା । ଏହି ଅସମୟରେ ଆଖି ସାମନାରେ 'ବିଲାତି ମଦ ଦୋକାନ' ଉପରେ ତା'ର ଅକସ୍ମାତ୍ ଦୃଷ୍ଟି ପଡ଼ିଗଲା । ଚନ୍ଦ୍ରମୋହନର ମନ ଭିତରେ ନିମିଷକ ଭିତରେ ଝଡ଼ ନାଚିଲା । ମଦ ଖାଇଲେ ନିଶ୍ଚିତ ମାତାଲ ହୁଏ । ପରିସ୍ଥିତିର ବାସ୍ତବ ସଂଘର୍ଷକୁ ମୁହୂର୍ତ୍ତକ ପାଇଁ ଭୁଲିଯାଇ ଗୋଟିଏ ଅଦେଖା ରାଜ୍ୟର ଅଧିବାସୀ ପାଲଟେ । ମନର ଝଡ଼ କିଛିକ୍ଷଣ ପାଇଁ ଦବିଯାଏ ।

ସୀତାର ସନ୍ଦେହ ପରେ ପରେ ପିତାଙ୍କର କଠୋର ନିଷ୍ପତ୍ତି ହୃଦୟ ଭିତରେ ହତାଶାର ବହ୍ନି ଜାଳିଦେଇଥିଲା । ଏଇ କେତେ ଦିନର ନିଷ୍ଫଳ ପରିଶ୍ରମଜନିତ ଗ୍ଳାନି ତାକୁ ଅଥୟ କରୁଥିଲା ।

Digitized by PPRACHIN, SOA

ପରିସ୍ଥିତିର ଦୁଃସହନୀୟ ଯନ୍ତ୍ରଣାକୁ ପାସୋରିପକାଇବାକୁ ଚେଷ୍ଟା କରୁଥିଲା ଚନ୍ଦ୍ରମୋହନ । ମଦ ବୋତଲର ରଙ୍ଗୀନ ପାଣିପୁ ତାକୁ ଆହ୍ୱାନ ଜଣାଉଥିଲା । ସେ ସ୍ଥିର କଲା, ମଦ ଖାଇ ନିଜକୁ ଭୁଲିଯିବ । ଏଇ ସିଦ୍ଧାନ୍ତରେ ଉନ୍ମତ୍ତ ହୋଇ ସେ ବଲାକ୍ଷ-ମଦ ଦୋକାନର ପାହାଚ ଉଠିବାକୁ ଲାଗିଲା ।

ଲୋକେ ବେଳେବେଳେ ମଦ ଖାଆନ୍ତି ମନର କଷ୍ଟ ମେଣ୍ଟାଇ ସ୍ଫୂର୍ତ୍ତି ଆଣିବାକୁ । କିନ୍ତୁ ଅଭ୍ୟାସ ହୋଇଗଲେ ମଦ ହିଁ ମନର କଷ୍ଟ ବଢ଼ାଏ । ବୋତଲର ଠିପି ଖୋଲିଲାବେଳେ ବିଭ୍ରାନ୍ତ ମନ ହିତାହିତ ଜ୍ଞାନ ଭୁଲିଯାଏ । କିନ୍ତୁ ଚନ୍ଦ୍ରମୋହନ ଦୁନିଆକୁ ଭୁଲିଯିବାକୁ, ନିଜକୁ ଭୁଲିଯିବାକୁ ଜୀବନରେ ପ୍ରଥମ ଥର ପାଇଁ ମଦ ଖାଇଲା । ସହଜେ ନିଶା ତା' ଦେହରେ ଯାଏ ନାହିଁ । ମାତାଲ ହୋଇ ଏଣୁ-ତେଣୁ ଗୁଡ଼ାଏ ବକିଲା । ସୀତା ନାଁ ବାରମ୍ବାର ଘୋଷିହେଲା । ତା'ପରେ କ'ଣ ହେଲା କେଜାଣି । ଅନେକ ସମୟ ପରେ ଆଖି ଖୋଲି ଦେଖିଲା, ସୀତା ଭଳି ସୁନ୍ଦରୀ ତରୁଣୀଟିଏ ମୁଣ୍ଡପାଖରେ ବସି କପାଳରେ ତା'ର କଅଁଳ ଟିପ ମାରୁଛି ।

ଚନ୍ଦ୍ରମୋହନ କେଉଁଠି ଅଛି ବୁଝିପାରିଲାନାହିଁ । ମଦର ନିଶା ଆହୁରି କମି ନାହିଁ । ଆଖିଯୋଡ଼ିକ ନାଲି ଟହଟହ ଦିଶୁଛି । ଖଣ୍ଡିଆ ଖଣ୍ଡିଆ କଥା କହି ସେ ଆଦେଶ ଦେଲା, "ସୀତା ! ନୂଆ ମଦ ବୋତଲ ଦିଅ ।"

"କାହିଁକି ?" ତରୁଣୀଟି ପଚାରିଲା ।

"ତୁମେ ମୋତେ କେବେ ଅବଜ୍ଞା କରୁଛ, ସୀତା ?"

"ମୁଁ ସୀତା ନୁହେଁ......" ତରୁଣୀଟି ମଦବୋତଲ ନେଇ ପାଖରେ ରଖିଲା ।

Digitized by PPRACHIN, SOA

"ମୋ ମନ କହୁଛି, ତୁମେ ନିଶ୍ଚୟ ସୀତା । ସୀତା ବଞ୍ଚିତ ସଂସାରରେ ଆଉ କିଏ ଅଛି ଯେ ମୋର ସେବା ଶୁଶ୍ରୂଷା କରିବ ? ମୋର ମନର ବ୍ୟଥା ବୁଝିବ ? ମୋର ଆଦେଶରେ ସମ୍ମାନ ଦେବ ?"

ତରୁଣୀଟି ଏ ପ୍ରଳାପ ଭିତରେ ନୀରବ ରହିବା ଉଚିତ ମନେ କଲା ।

ଚନ୍ଦ୍ରମୋହନ ଖୁସି ହୋଇ ନୂଆ ମଦବୋତଲର ଟିପି ଖୋଲୁଥିଲା । ରଙ୍ଗୀନ ମଦ ଭଳି ରଙ୍ଗୀନ ଉଚ୍ଛ୍ୱାସଟିଏ ମନ ଭିତରେ ତରଙ୍ଗ ସୃଷ୍ଟି କରୁଥିଲା । ମଦର ମନମତାଣିଆ ସୁବାସ ତା'ର ପ୍ରତ୍ୟେକ ଶିରପ୍ରଶିରାକୁ ଉତ୍ତେଜିତ କରୁଥିଲା । ତନୁ ଭିତରେ ଅଗ୍ନିର ଉତ୍ତାପ ବାଢ଼ି ସମ୍ପୂର୍ଣ୍ଣ ଅଙ୍ଗକୁ ଆକର୍ଷଣ କରୁଥିଲା ।

ଚନ୍ଦ୍ରମୋହନର ଉତ୍ତେଜିତ ମସ୍ତିଷ୍କକୁ ଉଲ୍ଲସିତ ନମ୍ରତାରେ ଅନାଇ ରହିଥିଲା ହୁଡ଼ାଉବା ରୂପଶ୍ରୀ । ମୃଗନେତ୍ରରେ ତା'ର ଅନୁରାଗ କଟାକ୍ଷର ଦୁର୍ବଳତା । ଗୋଲାପ ଗାଲ ଉପରେ ଫୁଟିଥିଲା ଫୁଲର ଲୋଭନୀୟ ଉଲ୍ଲାସ ।

ଚନ୍ଦ୍ରମୋହନ ନେଶାସ୍ଖଳିତ ଆଖିରେ ଚାହିଁ ରହିଥିଲା ରୂପଶ୍ରୀର ଲଳିତ ଯୌବନଶ୍ରୀକୁ । 'ରୂପଶ୍ରୀ' ନୃତ୍ୟକୁଶଳା ରତି ଭଳି ଦେଖାଯାଉଥାଏ । କୃଷ୍ଣ କବରୀର ଲଳିତ ଛନ୍ଦରେ ମିଶିଥାଏ ପ୍ରହେଳିକାର ପ୍ରଣୟ ବିଳାପ । ମଦ-ଅଳସ ଆଖିରେ ଲୁଚିଥାଏ ଅଭିସାରିକା ମନର ଗୋଲାପୀ ସ୍ୱପ୍ନ ।

ଦୁଇଟି ନୟନର ଶୁଭମିଳନ ହେଲା ପରେ ରୂପଶ୍ରୀ ଲାଜେଇଆ ହସଟିଏ ହସିଲା । ରକ୍ତ ଅଧରର ମାଳିକା ହସ ତଳେ ଥିଲା ଗୋଟିଏ ସ୍ୱପ୍ନର ଉତ୍ତେଜିତ ଉଲ୍ଲାସ ।

Digitized by PPRACHIN, SOA

ଚନ୍ଦ୍ରମୋହନ ପ୍ରମତ୍ତ ହୋଇ 'ରୂପଶ୍ରୀ'ର ପୁଷ୍ପବସ୍ତମଣ୍ଡିତ ବେଣୀର ଗୋଟିଏ ଫଳକ ଉଚ୍ଚ ନେଇ ନେଇ ପ୍ରଶ୍ନ କଲା; "ତୁମ ନାଁ ?"

"ରୂପଶ୍ରୀ ।"

"ଏଁ, ରୂପଶ୍ରୀ ! ତୁମେ ତାହାହେଲେ ଶୀତା ନୁହଁ ? କିନ୍ତୁ ତୁମ ଭିତରେ ଯେ ମୁଁ ଶୀତାର ସନ୍ଧାନ ପାଇଛି ।" ଚନ୍ଦ୍ରମୋହନ ଗ୍ରାସ ଉଠାଇ ଦେଉଦେଇ ମଦ ପିଇଲା । ତା'ପରେ ହଠାତ୍ ଆରମ୍ଭ କଲା, "ଅଚ୍ଛା, ତୁମେ ଶୀତା ନ ହୋଇ ରୂପଶ୍ରୀ ହୁଅ । ସେଥିରେ ଯାଏ ଆସେ ନାହିଁ । କିନ୍ତୁ ମୁଁ ତୁମକୁ ଡାକିବି 'ଶ୍ରୀ' ବୋଲି, ରାଜି ତ ?

ଶ୍ରୀ କିଛି ନ କହି ନୀରବ ହେଲା ।

"ତୁମେ ଉଦାସ ହେଲ ଯେ ଶ୍ରୀ ! କିଛି କହୁନା ?"

"କ'ଣ କହିବି ?"

"କହିବାକୁ କ'ଣ କିଛି ନାହିଁ ? କାହାଣୀ କୁହ, ତୁମର ଅଙ୍ଗ-ଲିପ୍ସା କାହାଣୀ । ତହିଁରେ ମେଘାଧନର ଝଡ଼ ନ ଥିବ କିନ୍ତୁ !"

"ପୁରୁଣା ସେ କଥା । ମୋ କାହାଣୀ ଝଡ଼ରୁ ହିଁ ଆରମ୍ଭ । ଆଉ କେତେବେଳେ ଶୁଣିବେ, ଏବେ ଛୁଟନ୍ତୁ ।" ରୂପଶ୍ରୀ ପ୍ରସଙ୍ଗ ପାଲଟି ଗଲା ।

"ଅଚ୍ଛା ତୁମର ଏ ମୂର୍ତ୍ତି, ଏ ମୂର୍ତ୍ତିର ସୌନ୍ଦର୍ଯ୍ୟ......"

"ମୁଁ କ'ଣ ସୁନ୍ଦର ଦିଶେଁ ?" ରୂପଶ୍ରୀ ପ୍ରଶ୍ନ କଲା ।

"ଆରେ, ତୁମେ କସ୍ତୁରୀମୃଗ ନା କଣ ? ଯିଏ ନିଜ ଦେହର ସୌରଭକୁ ନିଜେ ପୁଣି ଖୋଜିବୁଲେ ବାହାର ଦୁନିଆରେ । ତୁମେ କ'ଣ ତୁମର ମୂର୍ତ୍ତିକୁ ଅନାଇଁପାରନା ?" ଚନ୍ଦ୍ରମୋହନ ନିଜ ମନର ଲାଳସା ଭିତରେ ନିଜେ ହଜିଯାଇଥିଲା ।

Digitized by PPRACHIN, SOA

"କସ୍ତୁରୀମୃଗ ନା ମାୟାମୃଗ ?" ରୂପଶ୍ରୀର ଓଠରେ ହଠାତ୍ ଦୁଷ୍ଟାମୀ ହସ ଦେଖାଗଲା ।

"ମାୟାମୃଗ ଆଜି ଏତେ ସୁନ୍ଦର ? ତୁମେ କସ୍ତୁରୀମୃଗ ଶ୍ରୀ, କମନୀୟ ଆଉ ଲୋଭନୀୟ ।"

"ସୀତାଠାରୁ ବି ଲୋଭନୀୟ ?"

ଶ୍ରୀ ମୁହଁରେ ବାରମ୍ବାର ସୀତାକଥା ଶୁଣି ଚନ୍ଦ୍ରମୋହନ ଉତ୍ତକ୍ତ ହୋଇଉଠୁଥିଲା । ମନେହେଲା, ସତେ ଯେମିତି ଚଲାପଥରେ ଝୁଣ୍ଟି ପଡ଼ୁଛି । ପାଦର ନଖଗୁଡ଼ିକ ପଥର ଦେହରେ ବାଜି ରକ୍ତାକ୍ତ ହୋଇଯାଇଛି । ମନ ଓ ଶରୀର ସମ୍ପୂର୍ଣ୍ଣ ଅବସନ୍ନ । ହଠାତ୍ ସେ ବିଶ୍ରାମ ଖୋଜେ । ପ୍ରଗଳ୍‌ଭ ଚନ୍ଦ୍ରମୋହନ ହଠାତ୍ ନୀରବ ହୋଇ ଶ୍ରୀ ଓ ମଦବୋତଲର ରଙ୍ଗୀନ ତରଙ୍ଗ ଉପରେ ଆଖି ପକାଇଲା ।

ଚତୁରା ଶ୍ରୀ ପାନପାତ୍ରକୁ ପୁନର୍ବାର ପୂର୍ଣ୍ଣ କଲା ମଦ ଆଉ ଜିଞ୍ଜର ଏଲ । ଉପାସିଆ ଆଖିରେ ସ୍ୱପ୍ନ ବାଢ଼ି ମୋହନ ଆଖିରେ ଆଖି ମିଶାଇଲା । ତା'ପରେ ରୂପର ହଳାହଳ ମିଶାଇ ପାନପାତ୍ରକୁ ଟେକି ଧରିଲା ଚନ୍ଦ୍ରମୋହନର ଅଧର ପାଖରେ ।

ଚନ୍ଦ୍ରମୋହନ ସାକୀ ହାତରୁ ପାନପାତ୍ରକୁ ତୋଳିନେଇ ମୁହୂର୍ତ୍ତକ ମଧ୍ୟରେ ତାକୁ ନିଃଶେଷ କରିଦେଲା । ସାକୀର ମୋହିନୀ ଶକ୍ତିରେ ସମ୍ପୂର୍ଣ୍ଣରୂପେ ଆତ୍ମବିସ୍ମୃତ ହୋଇ ସୀତା କଥା ପାସୋରି-ଦେଲା ।

"ଶ୍ରୀ !"

"କ'ଣ କହୁଛ ?"

"ପାଖକୁ ଆସିଲ !"

Digitized by PPRACHIN, SOA

ରୂପଶ୍ରୀ ପାଖେଇ ଆସିଲା । ଶଶ୍ୱରଜନୀଃପୂତ ଅନାମିକା ସେଣ୍ଟର ସୁଗନ୍ଧ ହାଲୁକା ପବନ ସଙ୍ଗରେ ବାସୁନ୍ତି ହେଉଥାଏ । କୁଞ୍ଚିତ କୁନ୍ତଳକୁ ପର୍ଯ୍ୟସ୍ତ ବେଣୀରେ ସଜାଇଥାଏ ରୂପଶ୍ରୀ । ଗମ୍ଭୀର ଆ ଆଖିର ବଦନକଥା କଜ୍ଜଳ ଧାର କାନମୂଳଯାଏ ଲମ୍ବି ଆସିଥାଏ । ଛୋଟା ମୁହଁରେ ଗୋଲାପୀ ପାଉଡରର ପ୍ରଲେପ ଅତି ଚମତ୍କାର ଦେଖାଯାଉଥାଏ । ଗଣନାପୂଜା ରୂପଶ୍ରୀ ଅତ୍ୟନ୍ତ ଚଞ୍ଚଳପ୍ରାୟ ଦେଖା-ଯାଉଥାଏ । ଚନ୍ଦ୍ରମୋହନ ଯେତେବେଳେ ତା'ର କଣ୍ଠ ଚିବୁକରେ ଅଙ୍ଗୁଳି ରଖି ଗଣ୍ଡ ଆଉ ଗ୍ରୀବାକୁ ଅପଲକ ନେତ୍ରରେ ଅନାଇଥିଲା, ରୂପଶ୍ରୀ ଛବିଟିଏ ଭଳି ମୁରୁକି ମୁରୁକି ହସୁଥିଲା ।

"ଶ୍ରୀ !"

"ଉଁ....."

"ତୁମେ ମୋତେ ଭଲପାଅ ?"

ରୂପଶ୍ରୀ ଏଥର ଖିଲଖିଲ ହୋଇ ହସିଲା । ଭ୍ରୂଲତା ଦୁଇଟି ଇନ୍ଦ୍ରଧନୁର ସୁଷମା ନେଇ ଥର ଥର ଉଠୁଥିଲା । ନାକପୁଡ଼ା ଫୁଲି ଫୁଲି ଉଠୁଥିଲା । ଶରତତାରକାର ଝଟକ ହସ ଇଏ । ହୁଏତ ତା'ର ପରମୁହୂର୍ତ୍ତରେ କାନ୍ଦପାରେ । ହସିବା ବା କାନ୍ଦିବା ଉପରେ ବିଶେଷ କିଛି ଗୁରୁତ୍ୱ ନାହିଁ । କାରଣ ସେ ହସ ନାଟକ ଅଭିନୟର ଗୋଟିଏ ଆତ୍ମପ୍ରକାଶ ମାତ୍ର । ତେଣୁ ତା'ର କିଛି ଅର୍ଥ ହୁଏନା ।

ରୂପଶ୍ରୀ ଏଥର କିନ୍ତୁ ବିନା କାରଣରେ ହସୁଥିଲା । ସେ ହସର ମୂଳରେ ଥିଲା ବିଗତ ଅତୀତର ଗୋଟିଏ ସ୍ମୃତିର ସ୍ପୃହା । ସରଳ "ସ୍ନେହଲତା" ଜୀବନର ପରିସମାପ୍ତିର ଇତିହାସ ।

ପିତା ତା'ର କୁଖ୍ୟାତ ଜମିଦାର-ସାଆନ୍ତ ଘରେ ଗୁଡ଼ପିବା ପରେ ସ୍ନେହଲତା ଯୁବକ ଜମିଦାରର କୁଟଚକ୍ରାନ୍ତ ଫଳରେ ସ୍ଥାନା-

Digitized by PPRACHIN, SOA

କ୍ରୀତ ହୋଇ ସୁଦୂର ସହରର ଗୋଟିଏ ନିର୍ଜନ ଗୃହରେ ବନ୍ଦିନୀ ହେଲା । ତହିଁରୁ ରକ୍ଷା ପାଇବାର ସମସ୍ତ ବାସନା ଧୂଳିସାତ୍ ହେବା ପରେ ସେ ସମ୍ପୂର୍ଣ୍ଣରୂପେ ଭାଙ୍ଗି ପଡ଼ିଲା । ଯୁବକ ଜମିଦାର ଧନର ବ୍ୟୂହ ଭିତରେ ତାକୁ ଭୁଲାଇଦେବାର ସମସ୍ତ ଷଡ଼ଯନ୍ତ୍ର କଲା । କିନ୍ତୁ ନିଜପ୍ରତି ଅଟଳ ନିଷ୍ଠା ରଖି ସେ ସେଥିରେ କେବେହେଲେ ଭୁଲିଲା ନାହିଁ । ଜମିଦାର କିନ୍ତୁ ନିଜ ଖିଆଲରେ ଅଟଳ ରହିଲା । ତାହାରି ଘରରେ ଧନ ପବନ ପରି ଚାଲିଗଲା । ସହରୁ ମାଷ୍ଟର ଆସି ତାକୁ ଅକ୍ଷର ଶିକ୍ଷା ଠାରୁ ନୃତ୍ୟଗୀତ ଯାଏ ଶିଖାଇଲେ । ଅନାସକ୍ତିରେ ପଡ଼ି ଗୋଟିଏ ଯନ୍ତ୍ର ଭଳି ସେ ସବୁ ଶିଖିଯାଉଥିଲା । ଜମିଦାର ତା'ର ନୃତ୍ୟଗୀତ ଦେଖି ବାଉରା ହେଲା । ତାକୁ ଜୀବନ-ସାଥୀ କରିବାର ପ୍ରଲୋଭନ ଦେଖାଇଲା । ସରଳା ସ୍ନେହଲତା ଦିନେ ଗୋଟିଏ ଅଶୁଭ ସକାଳରେ ସେହି ପ୍ରଲୋଭନର ଶିକାର ହେଲା ।

ସେହି ଶିକାର ହେବା ଦିନର କଥା—ଇଂରେଜ ଶାସକଙ୍କର ଜଣେ ଖ୍ୟାତିପ୍ରାପ୍ତ ପ୍ରତିନିଧି ଅତିଥି ହୋଇଥାନ୍ତି । ତାଙ୍କର ମନୋରଞ୍ଜନ କରିବା ସକାଶେ ଆଗରୁ ପ୍ରସ୍ତୁତ ହୋଇଥିବା ନାଟକ-ଟିଏ ମଞ୍ଚସ୍ଥ ହେଲା । କୁଚକ୍ରୀ ଜମିଦାରର ନିର୍ଦ୍ଦେଶମୁତାବକ ସ୍ନେହଲତା 'ରୁକ୍ମିଣୀ' ଭୂମିକାରେ ପ୍ରବେଶ କରି ଲୋକଲୋଚନକୁ ଆସିବାର ସୁଯୋଗ ପାଇଲା । ଅଭିନୟ କାର୍ଯ୍ୟରେ ଇତିପୂର୍ବରୁ ତା'ର ମୋଟେହେଲେ ଅଭିଜ୍ଞତା ନ ଥିଲା । କିନ୍ତୁ ଜମିଦାରର ନିର୍ଦ୍ଦେଶକୁ ଅମାନ୍ୟ ନ କରି ମଞ୍ଚ ଆରୋହଣ କଲା-ନିତାନ୍ତ ଅନିଚ୍ଛୁକ ଭାବରେ । ରୁକ୍ମିଣୀ ପ୍ରଥମେ ଡରିଯାଉଥିଲା । କିନ୍ତୁ ତା'ର କଅଁଳ ବୟସ ଏବଂ ଅନିନ୍ଦ୍ୟ ରୂପମାଧୁରୀ ଦର୍ଶକମଣ୍ଡଳୀକୁ ଅଭିଭୂତ କଲା । ଲୋକେ

Digitized by PPRACHIN, SOA

ରୂପଶ୍ରୀର ଉନ୍ମାଦନା ଶୋଭାରେ ଚଳନ୍ତଲେ । ବିଶିଷ୍ଟ ଅତିଥି ଆପ୍ୟାୟିତ ହେଲେ । କରତାଳିର ବାରମ୍ବାର ନିନାଦ ବାୟୁମଣ୍ଡଳକୁ ମୁଖରିତ କଲା । ରୂପଶ୍ରୀର ଅନବଦ୍ୟ ନୃତ୍ୟରେ ସେ ଗୋଟିଏ ଉତ୍ତେଜନା ସୃଷ୍ଟି କଲା । ବିମୁଗ୍ଧ ଉଲ୍ଲାସରେ ସେ ନାଟକ ଚରିତ୍ରକୁ ନିଖୁଣ ଭାବରେ ଫୁଟାଇବାକୁ ଚେଷ୍ଟା କଲା । ଏହା ହେଲା ମଞ୍ଚସ୍ଥ ସାମାଜିକ ନାଟକର ପ୍ରଥମ ଅଙ୍କ ।

ଦ୍ୱିତୀୟ ଅଙ୍କର ତୃତୀୟ ଦୃଶ୍ୟରେ ଥିଲା ପ୍ରେମିକପ୍ରେମିକାର ଗତାନୁଗତିକ ଅଭିସାର । ନାଟକର ଅନ୍ତସ୍ଥଳରେ ପ୍ରେମିକ-ପ୍ରେମିକାଙ୍କର ମିଳନ ହେବ । ତା’ପରେ ମିଠା ସଂଳାପ, ମଧୁର ଆଲିଙ୍ଗନ ଭିତରେ ଭଲପାଇବାର ପରିଣତି । ରୂପଶ୍ରୀ ପରଦା ପଛପଟୁ ଅନେକଗୁଡ଼ିଏ ନିର୍ଦ୍ଦେଶ ପାଇଲା । ନିର୍ଦ୍ଦେଶକ ମହାଶୟ ଅତ୍ୟନ୍ତ ନିଖୁଣ ଅଭିନୟ କରିବାକୁ ଆଦେଶ ଦେଉଥାନ୍ତି । ସେ ଚେତାଇ ଦେଉଥିଲେ ଯେ କିଛିକ୍ଷଣ ପାଇଁ ସ୍ନେହଲତାର ଅସ୍ତିତ୍ୱ ଭୁଲିଯାଇ ‘ରୂପଶ୍ରୀ’ ଚରିତ୍ର ସହିତ ଏକାକାର ହେବାକୁ ପଡ଼ିବ । ପ୍ରେମିକପ୍ରବର ଚରିତ୍ର ସହିତ ନିଜକୁ ଖାପ ଖୁଆଇବାକୁ ହେଲେ ଆଖିରେ ଆବେଗ, କଣ୍ଠରେ ଉଲ୍ଲାସ ପ୍ରକାଶ କରିବାକୁ ହେବ । ସ୍ନେହଲତା ତାହାହିଁ କଲା । ଅଭିନେତାରୂପେ ଅବତୀର୍ଣ୍ଣ ହୋଇ-ଥିବା ସ୍ୱାମୀ ଜମିଦାରଙ୍କୁ ବାହୁବନ୍ଧନରେ ଆବଦ୍ଧ କରି ଆଖିରେ ଆଖି ମିଶାଇଲା । ପରଦା ପଡ଼ିଲାପରେ ମଧ୍ୟ ଦର୍ଶକଙ୍କର ଉଲ୍ଲାସ-ଭରା କରତାଳି ବାୟୁମଣ୍ଡଳକୁ ସତେଜ ରଖିଥାଏ । ପରଦା ପଡ଼ି ଆଲୁଅ ଲିଭିଗଲା; କିନ୍ତୁ ଜମିଦାରର ନାରକୀୟ ଆଶ୍ଲେଷରୁ ସ୍ନେହଲତା ମୁକ୍ତି ପାଇପାରିଲା ନାହିଁ । ରଙ୍ଗମଞ୍ଚରେ ସମସ୍ତେ ଦେଖିଲେ, ସ୍ନେହଲତା ସମ୍ପୂର୍ଣ୍ଣଭାବରେ ‘ରୂପଶ୍ରୀ’ ପାଲଟିଯାଇଛି ।

Digitized by PPRACHIN, SOA

ନାଟକ ଶେଷ ହେଲା; କିନ୍ତୁ ମେନ୍କା ଆଲିଙ୍ଗନର ଇତିହାସ ଦିନକୁ ଦିନ ବଢ଼ି ଚାଲିଲା । ସେ ହଲଟାକୁ ବିବାହ କରିବାକୁ ଆଗରୁ ଯେଉଁମାନେ ଢନେ ଆଗ୍ରହୀ ଥିଲେ 'ରୂପଶ୍ରୀ' ଚରିତ୍ରର ଅଭିନୟ ପରେ ସେମାନେ ସବୁ ବିମୁଖ ହେଲେ । ଅଭିନୟ କଳଙ୍କ ତା'ର ଜୀବନର ଅଗ୍ରଗତିକୁ ପ୍ରତିରୋଧ କଲା ।

ଯୁବକ ଜମିଦାର ବଶିଷ୍ଠ ଅତିଥିଙ୍କର ମନ ମୁଗ୍ଧ କରି ତାଙ୍କର ଆଶୀର୍ବାଦ ଲଭ କଲେ । ସେ ପରେ ପରେ ଅନ୍ୟ ଏକ ଜମିଦାର କନ୍ୟାର ହାତ ଧରିଲେ । ବିବାହ ପରେ ସେ ହଲଟା ତାଙ୍କ ଘରର ଅଳିଆଗଦା ଭଳି ଅବହେଳିତା ହେଲା ।

ତା'ପରେ ଅନେକ କଷ୍ଟ, ଅନେକ ଜ୍ୱାଳା, ନାନା ଅସୁବିଧାର ସମ୍ମୁଖୀନ ହୋଇ ସେ ହଲଟା ପେଷାଦାର ଅଭିନେତ୍ରୀ ସାଜିଛି । ଅନେକ ନାୟକଙ୍କ ସଂସ୍ପର୍ଶରେ ଆସି ନୂତନ ଅନୁଭୂତି ସଂଗ୍ରହ କରିଛି । "ତୁମେ ମୋତେ ଭଲପାଅ," ଏହି କେତୋଟି ଶବ୍ଦ ନାଟକ ନାୟକର ଧାରନଆ ସଂଳାପ । ଏଥିରେ ନୂତନତ୍ୱ ନାହିଁ । ପ୍ରତ୍ୟେକ ନାଟକରେ ପ୍ରତ୍ୟେକ ନାୟକ, ନାୟିକା ଆଗରେ ଏହାହିଁ କହିଥାଏ । ନାଟକ ଶେଷରେ ସଭିଏଁ ସବୁ କଥା ଭୁଲିଯାଆନ୍ତି । କେବଳ ପଡ଼ିରହେ ରୂପଶ୍ରୀ, ଯାହାର ନିଜର ବୋଲି କିଛି ନାହିଁ କି ନିଜର ହୋଇ କେହି ନାହାନ୍ତି । କେହି ତା'ର ମନର କଥା ବୁଝିପାରନ୍ତି ନାହିଁ । ଦେହର ଭୋଜ ପାଇଁ ତା'ର ଦ୍ୱାରସ୍ଥ ହୁଅନ୍ତି । ପ୍ରଥମେ ପ୍ରଥମେ କେତେ ଆବେଗ, କେତେ ଉଚ୍ଛ୍ୱାସ ! ତା'ପରେ ସବୁ ଶୂନ୍ୟ । ଖାଲି ପଡ଼ିରହେ ରୂପଶ୍ରୀ, କାଠଦଂଷ୍ଟ୍ର ଭୁମାସ ରୂପଶ୍ରୀ । ରୂପର ହଳାହଳ ପିଇ ପିଇ ସେ ବଞ୍ଚେ ।

Digitized by PPRACHIN, SOA

ନିସ୍ପ୍ରିକା ରୂପସୀ ଭିତରେ ସ୍ନେହଲତାର ମୃତ୍ୟୁ ହୋଇଛି । ରୂପସୀ ଅଭିନେତ୍ରୀରୂପେ ବଞ୍ଚିଛି ମାତ୍ର । ତା'ର ବର୍ତ୍ତମାନ ନାହିଁ କି ଭବିଷ୍ୟତ ନାହିଁ । ଅତୀତ ଅତ୍ୟନ୍ତ ସୁନ୍ଦର ଦିଶେ । କିନ୍ତୁ ବସ୍ତୁତର ଅନ୍ଧକାର ଭିତରେ ମିଶିଯାଏ ।

ରୂପସୀର ଅତୀତ ଦୁଃଖପ୍ରଦ ହେଲେହେଁ ଅତ୍ୟନ୍ତ ଲୋଭନୀୟ । ମାତୃସ୍ନେହରୁ ସେ ବଞ୍ଚିତା ହୋଇଥିଲା ଅତି କମ୍ ବୟସରୁ । ଖଟିଖିଆ ବାପଟିଏ । ପରଘରେ ମୂଲ ଲାଗି କଷ୍ଟମଷ୍ଟେ ଜୀବନ ନିର୍ବାହ ହୁଏ । ଯେକୌଣସିମତେ ଚଳିଯାଉଥିଲେ ବାପଝିଅ ଯୋଡ଼ିକ । କିନ୍ତୁ ସ୍ନେହଲତାର ବୟସ ଓ ନିଆଁଲଗା ରୂପ ସେଥି ସଂସାରର ପ୍ରତିବନ୍ଧକ ହେଲା । କେତେ ଲୋକ କେତେ ସାନ୍ତ୍ୱନା, କେତେ ସହାନୁଭୂତି ନେଇ ପାଖକୁ ଆସିଲେ । କିନ୍ତୁ ସାନ୍ତ୍ୱନାରେ କିଛି ହେଲେ ଦରଦ ନ ଥିଲା । ସେ ମୂର୍ତ୍ତି, ସେ ଚାହାଣି କହୁଥିଲା, "ସ୍ନେହଲତା ! ତୋର ରୂପ ଓ ଯୌବନ ପ୍ରତି ଆମର ସହାନୁଭୂତି ରହିଛି; କିନ୍ତୁ ଅବସ୍ଥା ପ୍ରତି ନୁହେ ।" ସ୍ନେହଲତା ସବୁ ବୁଝି ଆଡ଼େଇ ହେଲା । ତା'ର ଏହି ବିମୁଖ, ବୀତସ୍ପୃହ ଭାବ ଦରିଦ୍ର ସମାଜ ପକ୍ଷରେ ଅସହନୀୟ ହେଲା । ବାପଝିଅଙ୍କର ଚଲା ବାଟରେ କଣ୍ଟା ପୋତି ମଜା ଦେଖିଲେ । ମୂଲ ନ ପାଇ ଖାଡ଼ା ଉପାସରେ ଦିନ କଟିଲା । ବାପା ତା'ର ଏହି ଜୀବନ୍ତ ଦହନକୁ ସହ୍ୟ କରି ନ ପାରି ସ୍ନେହଲତାକୁ ଗାଁର ମୁଖିଆ ଜମିଦାର ଘରେ ଛାଡ଼ିଦେଇ ଚାକିରି ପାଇଁ ବିଦେଶ ବାହାରିଲା । ସ୍ନେହଲତାର ଏକାନ୍ତ ଜୀବନର ସୁଯୋଗ ନେଇ ଜମିଦାର ଧନ ଓ ମନର ବାଗୁଡ଼ିଖେଳ ଖେଳିଲା । ନିଜକୁ ଏହି ନିବୁଜ ଜାଲଭିତରୁ ରକ୍ଷା କରିବାକୁ ଅନେକ ଚେଷ୍ଟା କଲା ସ୍ନେହ; କିନ୍ତୁ ପାରିଲା ନାହିଁ । ତା'ପରେ ଅନେକ ସ୍ଥାନ ବୁଲିଛି । ଅନେକ

Digitized by PPRACHIN, SOA

ଲୋକଙ୍କର ସଂସ୍ପର୍ଶରେ ଆସିଛି । ଅନେକ ଜିନିଷ ଦେଖିଶୁଣି ଅନୁଭବ କରିଛି । ବାପକୁ ତା'ର ଟେର ପାଇନାହିଁ । ଜୀବନଟି ପେଷାଦାର ଅଭିନେତ୍ରୀର ଯାନ୍ତ୍ରିକ ଜୀବନ ଭଳି ଶ୍ରୀହୀନ ହୋଇଯାଇଛି । ସ୍ନେହଲତା 'ରୂପଶ୍ରୀ' ଭିତରେ ପଶି ହଜାଇଛି ।

ରୂପଶ୍ରୀ ଅଞ୍ଚଳ ଜମିଦାରର ଗୋଟିଏ ଜୀବନ୍ତ ଦହନର ଇତିହାସ । ନିଷ୍ଠୁର ଜମିଦାରର ଆଖିବୁଜା ଆକ୍ରମଣର ଗୋଟିଏ କରୁଣ କାହାଣୀ !

ରାଜା-ଜମିଦାର ରହିଲେ ନାହିଁ । ଗଡ଼ଜାତଗୁଡ଼ିକ ବିଶାଳ ଉତ୍କଳ ସଙ୍ଗେ ମିଶି ଏକାକାର ହୋଇଗଲା । କିନ୍ତୁ ରୂପଶ୍ରୀ ଭଳି କେତେକ ନିଷ୍ପେଷିତ ତରୁଣୀ ସେହି ଅତ୍ୟାଚାରିତ, ଅବହେଳିତ ଅବସ୍ଥାରେ ରହିଗଲେ । ଶୋଷିତ, ଲାଞ୍ଛିତ ପ୍ରଜାବର୍ଗ ବେଠି ବେଗାରୁ ନିସ୍ତାର ପାଇଲେ । କିନ୍ତୁ ସ୍ନେହଲତା ଭଳି ଅସହାୟା ନାରୀଙ୍କର ଖବର କେହି ରଖିଲେ ନାହିଁ ।

ରୂପଶ୍ରୀ ତା'ର ସ୍ୱଳ୍ପ ଜୀବନ କାଳ ଭିତରେ ଅନେକ ଜମିଦାର, ଅନେକ ରାଜାଙ୍କର ଭୋଗ୍ୟ ସାମଗ୍ରୀ ରୂପେ ବ୍ୟବହୃତ ହୋଇଛି । ରାଜ୍ୟ ଓ ଜମିଦାରୀ ଲୋପ ପାଇବା ପରେ ଖଦ୍ଦରଧାରୀ ନେତାମାନେ ଆଖିବୁଜା ନୀତି ଧରିପାରିଲେ ନାହିଁ । ଯୁଗ ଟଙ୍କାର ହିସାବ ହେଲା । ରୂପଶ୍ରୀ ଭଳି ଭୋଗ୍ୟସାମଗ୍ରୀ ଖଦ୍ଦରଜାତ ବ୍ୟବସ୍ଥାର ପ୍ରଥମ ଶିକାର ହେଲେ । ଏବେ ରୂପଶ୍ରୀ ଦୈନନ୍ଦିନ ଖର୍ଚ୍ଚ ତୁଲାଇବାକୁ ରୂପର ସଉଦା କରେ । ସେ ଗ୍ରାହକର ଫରମାସ ଅନୁଯାୟୀ ଗୀତ ଗାଏ, ସ୍ୱଚ୍ଛଦା ମୁତାବକ ନୃତ୍ୟ କରେ, ପୁଣି ମନ ଜିଣିବାକୁ ପ୍ରପ୍ରେମର ଅଭିନୟ କରେ । ଗ୍ରାହକ ତା'ର ରୂପଯୌବନରେ ହୋଇ ଭୋଳ ବିମୁଗ୍ଧ ହୁଏ । ଗ୍ରାହକ ସନ୍ତୁଷ୍ଟ ହେଲେ ମୋଟା ବକ୍‌ସିସ୍ ପାଏ ।

Digitized by PPRACHIN, SOA

ମନ କିଣିବାକୁ ସମସ୍ତ କୌଶଳ ହାସଲ କରିଛି ସେ । ବିଚକ୍ଷଣ ଭାବରେ ରୂପର ବ୍ୟବସାୟ ଚଳାଏ । କୁଟିଳୀ ଅଭିନେତ୍ରୀର ସମସ୍ତ କଳାକୌଶଳକୁ ନିଖୁଣ ଭାବରେ ରୂପ ଦିଏ । ତା'ର କଟାକ୍ଷରେ ମିଶିଥାଏ କୁହୁକଭରା ସ୍ୱପ୍ନର ବାର୍ତ୍ତା ।

କିନ୍ତୁ ରୂପଶ୍ରୀର ଆତ୍ମା ?

ରୂପଶ୍ରୀର ଆତ୍ମା କ'ଣ ସତରେ ଅଛି ? ଶରୀର ହିଁ ତା'ର ସର୍ବସ୍ୱ । ଶରୀରକୁ ଫୁଟିଲା ଫୁଲ ଭଳି ସଜାଇପାରିଲେ ଗ୍ରାହକଗଣ ଅତୃପ୍ତ ହୁଅନ୍ତି । ଖୋଲା ବଜାରରେ ସୁନାମ ବଢ଼େ । ଆତ୍ମାକୁ ନେଇ ତ ବାଣିଜ୍ୟ ଚଳେନା ! ତାକୁ ବା ଦେଖିପାରେ କିଏ ? କିନ୍ତୁ ସମସ୍ତ ସମ୍ପର୍କରେ କେତେକ ଅଦ୍ଭୁତ ଗ୍ରାହକ ଆସନ୍ତି । ସେମାନେ ତା'ର ଆତ୍ମପରିଚୟ ମାଗନ୍ତି । କଥାବାର୍ତ୍ତା, ଆଚାର ବ୍ୟବହାରରେ ଶାଳୀନତା ଦେଖି ମନ୍ତ୍ରମୁଗ୍ଧ ହୁଅନ୍ତି । ଗ୍ରାହକର ମନ ଧରିବାକୁ ସଙ୍କି-ଚାଡ଼ି ଅନେକ ଇତିହାସ ସେ କହେ । କିନ୍ତୁ ଆତ୍ମାର ସନ୍ତୋଷ ଅନ୍ତରାଳରେ ବାଧା ପଡ଼ିଛି । ସେ ମୁହଁ ଉପରେ ହସୁଥିଲେ ମଧ୍ୟ ମନଭିତରେ କାନ୍ଦୁଥାଏ । ବେଳେବେଳେ ପୁରୁଣା ଗ୍ରାହକ ନୂଆ କଥା ନେଇ ତାକୁ ଅଭିନନ୍ଦନ ଜଣାନ୍ତି । ରୂପଶ୍ରୀ ଆନନ୍ଦ ହୁଏ । ଆନନ୍ଦର କାରଣ ଏହା ନୁହଁ, ସିଏ ଗୋଟିଏ ପୁରୁଣା ଗ୍ରାହକ ମନରେ ପ୍ରଗାଢ଼ ମୋହ ସୃଷ୍ଟି କରିପାରିଥିଲା; ତେଣୁ ବିଶ୍ୱାସୀର ସକାଶେ ସେ ତା'ର ଦ୍ୱାରସ୍ଥ ହୋଇଛି । ଏହାହିଁ ତ ନିଖୁଣ ଅଭିନୟର ପରୀକ୍ଷା ।

ଅନାହୂତରେ ଚନ୍ଦ୍ରମୋହନ ଆସି ତାହାର ଦ୍ୱାରସ୍ଥ ହୋଇଛି । ସଙ୍ଗରେ ଅନେକ ଅର୍ଥ । ପ୍ରଥମେ ତା'ର ଭାବଭଙ୍ଗୀରୁ ଅନୁମାନ ହେଉଥିଲା, ସିଏ କୌଣସି ଧନଶାଳୀ ଗଡ଼ଜାତର ଜମିଦାର ସନ୍ତା-

Digitized by PPRACHIN, SOA

'ଭୂମ'ର । କିନ୍ତୁ ପରେ ଜଣାପଡ଼ିଲା ଯେ ସେ ସାଧାରଣ ଯୁବକଟିଏ । ଅବସ୍ଥାଚକ୍ରରେ ପଡ଼ି ଅନାୟତ୍ତରେ ତା'ର ଅତିଥି ହୋଇଛି । ସେ ପୁଣି ସ୍ୱେଚ୍ଛାରେ ନୁହେଁ, ମାତାଲ ଥିଲାବେଳେ । ଚହ୍ଲା ରିକ୍ସାବାଲାଟି ସୁବିଧା ଦେଖି ତା'ର ଘରେ ଛାଡ଼ିଦେଇଯାଇଛି ।

ରାତି ଅଧେଇବାରେ ଲାଗିଛି । ରୂପଶ୍ରୀ ଦେଖିଲା, ଚନ୍ଦ୍ରମୋହନ ମୁହଁରେ ହଠାତ୍ ଫୋଟିଆସିଛି ନିଦର ନିର୍ଦୋଷ ସ୍ପର୍ଶ । ପ୍ରଶ୍ନ ପତ୍ରର ଉତ୍ତର ଶୁଣିବାକୁ ମଧ୍ୟ ଅପେକ୍ଷା ରଖିନାହିଁ । ଆଖି ଦି'ଟା ରଙ୍ଗରେ ଫାଟିପଡ଼ୁଥିଲା । ବୋଧହୁଏ ଆଗରୁ କେବେ ମଦ ଖାଇନାହିଁ । ରୂପଶ୍ରୀ ସହାନୁଭୂତିଶୀଳା ହୋଇ ଦହିମିଶା ତେନ୍ତୁଳି ଖାଇବାକୁ ଦେଲା । ମୁଣ୍ଡରେ ସାମାନ୍ୟ ପାଣି ଛିଞ୍ଚିଲା । ତା'ପରେ ତା'ର ଚନ୍ଦ୍ରଭୂତ ଶରୀରକୁ ବିଛଣାର ଗୋଟିଏ ପାଖକୁ ଆଉଜେଇ ଆଉ କଡ଼ରେ ସେ ନିଜେ ବିଶ୍ରାମ ନେଲା ।

ରୂପଶ୍ରୀ ଶୋଇ ଶୋଇ ନିଦ୍ରିତ ଚନ୍ଦ୍ରମୋହନର ମୁହଁକୁ ଅନାଇଁ ଅନାଇଁ ସତରେ ତା'ର ମୋହରେ ପଡ଼ିଗଲା । ସେ ମୁହଁରେ ଥିଲା କ୍ଳାନ୍ତ କୋମଳ ଅଭିବ୍ୟକ୍ତି । ରୂପଶ୍ରୀ ଭାବୁଥିଲା, ଚନ୍ଦ୍ରମୋହନକୁ ଏକାନ୍ତ ନିଜର କରି ସବୁଜୀବନ ପାଇଁ ବାନ୍ଧି ରଖନ୍ତା । ସେ ଅନୁରାଗର ଆଧିକ୍ୟରେ ଚନ୍ଦ୍ରମୋହନର ମୁଣ୍ଡରେ ଟିପ ମାରିଲା ।

ଦୁଆର କବାଟ ଖଟ୍‌ଖଟ୍ ଶୁଭୁଛି । ବୋଧହୁଏ ନିଃସହାୟ ନେତୃକାମୀ ତରୁଣଟିଏ ସାଥୀ ଖୋଜୁଛି । ଟିକିଏ ଆଶ୍ରୟ, ଟିକିଏ ସ୍ପର୍ଶ ପାଇଲେ ପୁଣି ଥରେ ସଜାଡ଼ିହୋଇଯିବ । କ୍ଳାନ୍ତିକର ପରିସ୍ଥିତିରେ ଚିତ୍ତବିନୋଦନ ଧକାଣେ ସେ ଚାହେଁ କପେ ଗରମ ଚା ! ବାଥରୁମରୁ ମୁହଁ ଧୋଇନେଇ ହୁଏ ତ ବିଗତ ରାତିର ସମସ୍ତ

Digitized by PPRACHIN, SOA

ଅଙ୍ଗୀକାରକୁ ପୋଛିଦେଉଛନ୍ତି । ପୁଣି ଥରେ ସମାଜରେ ପ୍ରତିଷ୍ଠା ବଜାୟ ରଖିବା ସକାଶେ କହିବୁଲିବେ, "ଦେଖ ! ମୁଁ ଶାନ୍ତ, ମୁଁ ଶିଷ୍ଟ । ବଂଶଗୌରବର ମୁଖାବଲୋକନ ଇଚ୍ଛା କରିନାହିଁ । ମୋତେ ବିଶ୍ୱାସ କର, ମୋ କଥା ଶୁଣ, ମୋର କହିବା ଅନୁସାରେ ଚାଲ । ମୋତେ ପ୍ରଶଂସା କର ।"

ଏହିଭଳି ଲୋକଙ୍କ ଭିତରୁ ଅନେକଙ୍କୁ ଚିହ୍ନିରଖିଛନ୍ତି ରୂପଶ୍ରୀ । ଦିନରେ ଦେଖିଲେ ମୁହଁ ମୋଡ଼ନ୍ତି । ପାଞ୍ଚଲୋକଙ୍କ ସାମନାରେ ଅନନୁସୃତ ଆଦର୍ଶବାଦର ତର୍କ କରନ୍ତି । କିନ୍ତୁ ସେହିମାନେ ହିଁ ରାତିର କଳା ଅନ୍ଧାର ଭିତରେ ବାଟ ଠଉରାଇ ତା'ର ଦୁଆରକୁ ଆସନ୍ତି । ଆଖିରେ ଲାଳସାର ନିଆଁ ହୋଇ ଖେଳୁଥାଏ । ଗୁପ୍ତ-ଚେତନେ ସମ୍ଭୋଗର ଅଭିଲାଷ ଲହଡ଼ି ଭାଙ୍ଗୁଥାଏ । ଚୁପଚାପ କଥା କହି ଆସ୍ତେ ଆସ୍ତେ ଘରଭିତରକୁ ପଶିଆସନ୍ତି । କବାଟ ଆଉଜେଇ ଗୁଡ଼ାଏ ମନରଖା କଥା କହନ୍ତି ।

କିନ୍ତୁ ରୂପଶ୍ରୀ ଜାଣେ, ସେ ଭାବ, ସେ ଭାଷା କେବଳ ସାମୟିକ । ମୁହୂର୍ତ୍ତକର ଉତ୍ତେଜନା ଥମିଗଲେ ପୁଣି ସବୁ କମିଯାଏ । ତା'ପରେ ନୀରବରେ ପାଦ କାଢ଼ି ଅନ୍ଧାର ଭିତରେ ଆତ୍ମଗୋପନ କରିବା କଥା । ଲୁଚୁଚୋରିର ସଂସାର ଇଏ । ଭୁଲ କରି ମଧ୍ୟ ନିଜକୁ ଯିଏ ଯେତିକି ଭଲ ବୋଲି ପ୍ରଚାର କରିପାରିଲା, ସିଏ ସେତିକି ବଡ଼ଲୋକ ହେଲା । ଖାଲି ବାହାରକୁ ଗୋଟିଏ ପ୍ରବଞ୍ଚନା । ନିଜର ଆତ୍ମାକୁ ପ୍ରତାରଣା !!

ଦିନକର କଥା ଟିଏ । ମନେ ପଡ଼ିଲେ ସଦ୍ୟ ଘଟଣାଭଳି ମନେ ହେଉଛି । ଜଣେ ନାମକରା ନେତା ସେଦିନ ହଠାତ୍ ଘରଭିତରକୁ ପଶିଆସି ପାଣି ମାଗିଲେ । ରୂପଶ୍ରୀ ନେତାଙ୍କୁ ଭଲକରି ଚିହ୍ନେ ।

Digitized by PPRACHIN, SOA

ସମାଜରେ ତାଙ୍କର ଯଥେଷ୍ଟ ଖ୍ୟାତି, ଯଥେଷ୍ଟ ମାନ ରହିଛି । ରୂପଶ୍ରୀ ପାଣିଗ୍ଲାସ ଆଣିଲାବେଳେ ଅଜଣା ଆତଙ୍କରେ ଥରିଉଠୁଥିଲା । ନରମି ନରମି ପଚାରିଲା, "ଅନ୍ଧାର ରାତିରେ ବାଟ ଚାଲିବାରେ ଭୁଲ କରିନାହାନ୍ତି ତ ? ନେତାଙ୍କର ମୁହଁ ଉପରେ କୃତ୍ରିମ ହସର ମଉଳା ପାଖୁଡ଼ା କେଇଟି ଝରିପଡ଼ିଲା । ସେ ପାଣିଗ୍ଲାସ ନେଲାବେଳେ ଜାଣିଶୁଣି ରୂପଶ୍ରୀର ନରମ ହାତରେ ହାତ ବଜାଇ କହିଲେ, "ବାଟ ଚାଲିବାରେ ଭୁଲ କରି କିଏ ପ୍ରତିଷ୍ଠା ଅର୍ଜନ କରିପାରିଛି ? ବାଟ ଚାଲିବାରେ ଭୁଲ କରି କେବେ ଧରା ପଡ଼ିନ ।" ରୂପଶ୍ରୀ ବୁଝିଲା, ମାନ୍ୟବର ନେତାଙ୍କର ଶୋଷ ପାଣି ପାଇଁ ନୁହେଁ । ଏ କଥା ଭାବିଲାବେଳକୁ ମନ ଭିତରର ସମସ୍ତ ସଙ୍କୋଚ ଉଭେଇ ଆସୁଥିଲା । ହସିହସି ପଚାରିଲା, "କଳ ଧକାଲେ ଯାଇ ବକ୍ତୃତା ଦେବେ ଏହି କୁଖ୍ୟାତ ଗଳିର ସର୍ବନାଶ କରିବାକୁ, ନୁହେଁ ?" ନେତା ଧରା ପଡ଼ିଗଲେ । ଥଙ୍ଗଥଙ୍ଗ ହୋଇ କହିଲେ, "ବଡ଼ଲୋକ ହେବାକୁ ଇଚ୍ଛା କଲେ ଗୁଡ଼ାଏ ଆଦର୍ଶବାଦକୁ ତ ବିଶ୍ଳେଷଣ କରିବାକୁ ହେବ ! ତେବେ ଯିନା ଲୋକେ ଖାତିର କରିବେ । ଗଣିକା ସାହିର ସର୍ବନାଶ କରିବା ଅତି ସହଜ, କିନ୍ତୁ ବୃତ୍ତିର ନୁହେଁ । ତା କଲେ ମଣିଷର ପଶୁ ପ୍ରବୃତ୍ତି ଅନ୍ୟ ଆକାରରେ ଆତ୍ମପ୍ରକାଶ କରିବ । ପୁଣି ଏହି ସମ୍ପ୍ରଦାୟର ଦାୟିତ୍ୱ ବହନ କରିବା ଗୋଟାଏ ସମସ୍ୟା ହୋଇପଡ଼ିବ । ଖାଲି ନିୟମ କରିଦେଲେ ତ ଚଳିବ ନାହିଁ; ନିୟମକୁ କାର୍ଯ୍ୟକାରୀ କରିବା ହେଉଛି ବଡ଼ କଥା । ମୁଁ ତେଣୁ ତୁମର ବ୍ୟବସାୟକୁ ସମର୍ଥନ କରୁଛି ।"

ପୁରୁଷ ଅକୃଷ୍ଟ ହେଲେ ନାରୀ ତା'ର ଘରଭିତରୁ ସମସ୍ତ କଥା ବୁଝେ । ତେଣିକି ପୁରୁଷ ଢେଳାହୁଆ । ତାକୁ ଯେମିତି

Digitized by PPRACHIN, SOA

ନଚ୍ଚାଇଲେ ସେ ସେମିତି ନାଚବ । ଯାହା କରିବାକୁ କହିବ, ଅବାଧ ହେବ ନାହିଁ । ରୂପଶ୍ରୀ ନେତାଙ୍କ ହାତରୁ ରୁମାଲ ନେଇ ନିଜ ପାଦର ଧୂଳି ଝାଡ଼ିବସିଲା । ନେତା ଖାଲି ହସୁଥିଲେ ।

ବାହାରେ ଅଧିକତର ଖଟ୍‌ଖାଟ୍ ଆବାଜ ଶୁଣି ଚନ୍ଦ୍ରମୋହନର ତନ୍ଦ୍ରା ଭାଙ୍ଗିଆସୁଥିଲା । ମୁଣ୍ଡରେ ଆଉ ମଦର ନିଶା ନ ଥିଲା । ସେ ଅପେକ୍ଷାକୃତ ସୁସ୍ଥବୋଧ କରୁଥିଲା ।

"କବାଟ ପାଖରେ କିଏ, ରୂପଶ୍ରୀ ?" ଚନ୍ଦ୍ରମୋହନ ଶୋଇ-ରହି ପଚାରିଲା ।

"ତୁମେ ଆହୁରି ଶୋଇନାହଁ ?" ଶ୍ରୀ କଥା ବୁଲାଇବାକୁ ଚେଷ୍ଟା କଲା ।

"ଶୋଇଥିଲି, ଏବେ ନିଦ ଭାଙ୍ଗିଯାଇଛି । ଆଉ ତୁମେ ?"

"ମୋତେ ନିଦ ଲାଗିନାହିଁ । ତା' ଛଡ଼ା ଏତେ ଶୀଘ୍ର ମୁଁ ଶୁଏଁ ନାହିଁ ।"

"କାହିଁକି ? ଦେହ କ'ଣ ଖରାପ ଅଛି ?"

କ'ଣ ଉତ୍ତର ଦେବ ଶ୍ରୀ ? ମୋହନବାବୁ ବୁଝୁନାହାନ୍ତି କେମିତି ? କହିଲା, "ରାତିରେ ଶୋଇପଡ଼ିଲେ ସକାଳେ ଖାଇବାକୁ ଦେବ କିଏ ?" ଶ୍ରୀର ଆଖିରେ ଲୁହ ଥିଲା । କଥାରେ ଦରଦ ଥିଲା ।

ଚନ୍ଦ୍ରମୋହନ ସେ କଥାର ମର୍ମ ବୁଝିପାରିଲା । କହିଲା, "ତୁମେ ଏ ବ୍ୟବସାୟ ଛାଡ଼ିଦିଅ, ରୂପଶ୍ରୀ !"

"ମୋତେ ଚଳାଇବ କିଏସେ ?" ରୂପଶ୍ରୀ ପଚାରିଲା ।

"କାହିଁକି ? ଏ ଦୁନିଆକୁ ଯିଏ ଚଳାଉଛି !"

Digitized by PPRACHIN, SOA

"ମୋର ତ ପୁଣି ଅବଲମ୍ବନ ଦରକାର । ନିର୍ଭର ଦରକାର ।"

"ତୁମେ ତୁମର ଶକ୍ତି ଉପରେ ନିର୍ଭର କରିବ, ଶ୍ରୀ ! ଶକ୍ତି ହିଁ ହେବ ତୁମର ଅବଲମ୍ବନ । ତା'ପରେ ତୁମକୁ ଯିଏ ଜୀବନ ଦେଇଛି ସିଏ ତୁମର ଆଧାର କଥା ବୁଝିବେ । ନହିଁଲେ ତୁମର ନିଜର ବାଞ୍ଛା ଦରକାର । ନିଜ ଉପରେ ଆସ୍ଥା ରଖିବା ଦରକାର । ଦାଣ୍ଡର ବୁଲା ପଶୁ ବି ଚଳୁଛି । ଆଜି ତୁମେ କ'ଣ ଅଚଳ ରହିଯିବ, ଶବୁଛ ? ତୁମକୁ ଅନୁରୋଧ କରୁଛି ଶ୍ରୀ ! ତୁମେ ଏ ହୃଦ୍ୟ ବ୍ୟବହାର ଛାଡ଼ିଦିଅ ।"

ଚନ୍ଦ୍ରମୋହନର ଉପଦେଶ ରୂପଶ୍ରୀର ଅନ୍ତର ଭିତରକୁ ଭେଦ କଲା । ସେ ନୀରବ ରହି ଭାବିବାକୁ ଲାଗିଲା ।

ଉଭୟେ କିଛିକ୍ଷଣ ପାଇଁ ନୀରବ ରହିଲେ ।

ଇତିମଧ୍ୟରେ ଚନ୍ଦ୍ରମୋହନ ପୁନର୍ବାର ସୀତା କଥା ମନେ ପକାଇ ଅଥୟ ହେଲା । ସୀତା ଯଦି ନିଜ ଉପରୁ ସମସ୍ତ ଆସ୍ଥା ହରାଇ ଅସହାୟ ପରିସ୍ଥିତିରେ କୌଣସି କୁଖ୍ୟାତ ପରିବାର ବା ବ୍ୟକ୍ତିବିଶେଷର ଶିକାର ହୁଏ ?

"କେତେ ରାତି ହେବ, ଶ୍ରୀ ?" ଚନ୍ଦ୍ରମୋହନ ହଠାତ୍ ପଚାରିଦେଲା ।

"ରାତି ଦୁଇଟା ଭିତରେ ହେବ ବୋଧହୁଏ । ସପ୍ତର୍ଷି ଆହୁରି ଲଇଁନାହିଁ ।"

"ତାହାହେଲେ କଲିକତା ଗାଡ଼ି ମିଳିବ ନିଶ୍ଚୟ...?"

"ତୁମେ କ'ଣ ଏଇନେ ଚାଲିଯିବ, ମୋହନବାବୁ ?" ଶ୍ରୀ ବିସ୍ମୟ ପ୍ରକାଶ କଲା ।

Digitized by PPRACHIN, SOA

"ହଁ, ଶ୍ରୀ, ଜୀବନରେ ଥିଲେ ପୁଣି ଦେଖା ହେବ । କିନ୍ତୁ…" ଚନ୍ଦ୍ରମୋହନ ଶ୍ରୀ ହାତକୁ ଟଙ୍କା କେଇଟି ବଢ଼ାଇଦେଉଥିଲା ।

ରୂପଶ୍ରୀ ଟଙ୍କା ରଖିବାକୁ ମନା କଲା ।

ଚନ୍ଦ୍ରମୋହନ ଦୁଆର ପାଖରେ ଅଟକିଯାଇ ଦେଖିଲା, ରୂପଶ୍ରୀ ତାକୁ ବଳେଇଦେବାକୁ ଆସିଛି । ସେ ରୂପଶ୍ରୀର ହାତ ଧରି ପଚାରିଲା, 'ଗୋଟିଏ କଥା କହିବି, ଶୁଣିବ ?"

"କୁହନ୍ତୁ ।"

"ତୁମେ ମୋର ଭଉଣୀ ହେବ, ରୂପଶ୍ରୀ ? ମୁଁ ବିଶେଷ ଖୁସି ହୁଅନ୍ତି ।" ଚନ୍ଦ୍ରମୋହନର ଭାଷାରେ ଆନ୍ତରିକତା ଥିଲା ।

ରୂପଶ୍ରୀ ଏ କଥାରେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହେଲା । ସେ ଚକିତ ଡୋଳାରେ ଚନ୍ଦ୍ରମୋହନକୁ ଚାହିଁ ନିର୍ବାକ ରହିଗଲା ।

"କଥା ଦିଅ, ରୂପଶ୍ରୀ !"

"ତୁମେ ମୋତେ ଭଉଣୀରୂପେ ଗ୍ରହଣ କରିପାରିବ ତ ? ଯଦି ଗ୍ରହଣ କରିବ, ତେବେ ମୋର କୌଣସି ଆପତ୍ତି ନାହିଁ । ତା ପୂର୍ବରୁ ତୁମେ ଜାଣିରଖିବା ଉଚିତ, ମୁଁ ଏ ସମାଜରେ ଗୋଟିଏ କଳଙ୍କିନୀ ମାତ୍ର । ଏହା ବ୍ୟତୀତ ମୋର ଅନ୍ୟ କୌଣସି ପରିଚୟ ନାହିଁ । ତୁମେ ସେ କଳଙ୍କଭିତରେ ନଇଁପଡ଼ିବ ।"

"କିନ୍ତୁ ହୃଦୟ ତୁମର ନିଷ୍କଳଙ୍କ, ଶ୍ରୀ ! ମଣିଷ କର୍ମ ନେଇ ମାନ ଅର୍ଜନ କରେ । ଏ ବ୍ୟବସାୟକୁ ଛାଡ଼ିଦେଲେ ତୁମେ ହେବ ସାମାଜିକ ମଣିଷ । ତୁମର ନୂଆ ଜୀବନ ଦେଖିଲେ ମୁଁ ବିଶେଷ ଖୁସି ହେବି ।"

"ତୁମେ ଆଶୀର୍ବାଦ କର, ଭାଇ ! ମୋର ଏ ଦୁଷ୍କର୍ମ, ସୁକର୍ମର ଅଗ୍ରଦୂତ ହେଉ । ସମାଜରେ ମଣିଷ ଭଳି ମୁଁ ବଞ୍ଚିବାର ଅଧିକାର ପାଏଁ ।" ରୂପଶ୍ରୀର କଥାରେ ନିଷ୍ଠା ଥିଲା ।

Digitized by PPRACHIN, SOA

"ବିଦାୟ ଭଉଣୀ, ବିଦାୟ ! ଆଜି ଦିନଟି ମୋର ସବୁଦିନ ମନେ ରହିବ ।"

ଚନ୍ଦ୍ରମୋହନ ରୂପଶ୍ରୀ ଆଖିରେ ରହସ୍ୟ ବୁଣି ଚାଲିଗଲା ।

ଶ୍ରୀ ଗୋଟିଏ ଲକ୍ଷ୍ୟରେ ଅନାଇଁଥିଲା ଚନ୍ଦ୍ରମୋହନର ଚଲା-ପଥକୁ ।

ଚନ୍ଦ୍ରମୋହନ ଯେମିତି ଆସିଥିଲା, ସେମିତି ଫେରିଗଲା । ଏମିତି ସମସ୍ତେ ଆସି ଚାଲିଯାଆନ୍ତି । ଚାଲିଗଲା ପରେ ରୂପଶ୍ରୀ କାହାର କଥା ମନେ ପକାଏ ନାହିଁ । କିନ୍ତୁ ମୋହନର ବ୍ୟବହାର ତାକୁ ମୋହିତ କରି ରଖିଥିଲା । ତା'ର ବସାରେ ଦୁଇଟି ମାସ ବିତି କଟାଇଛି । ସେ ଆଜି ବିଦାୟ ନେଇ ଚାଲିଗଲା । ଭଉଣୀ ବୋଲି ସମ୍ବୋଧନ କରି ଗୋଟିଏ ନୂତନ ମନ୍ତ୍ର ବାଢ଼ିଦେଇଗଲା । ତା'ର ଭଉଣୀ ହେବାର ସୌଭାଗ୍ୟ ହାସଲ କରିପାରିବ ତ ? କୁତ୍ସିତ ପରିସ୍ଥିତିର ଶିକାର ହୋଇ ସେଦିନ ଅସହାୟ ଭାବରେ ବର୍ତ୍ତମାନର ପରିବେଶକୁ ପାଦ ଦେଇଥିଲା । ନ ହେଲେ ଭଲ ପରିବାରର ଆଉ ପାଁଜଣ ଝିଅଙ୍କ ଭଳି ସେ ମଧ୍ୟ ବଧୂ ହୋଇପାରିଥାନ୍ତା । ପେଟର ଛୁଆକୁ ପାଳନ କରି ବଡ଼ଲୋକ କରିଥାନ୍ତା ।

କିନ୍ତୁ ସମାଜର ଅଗଣିତ ସ୍ୱାର୍ଥକାମୀ ପୁରୁଷ ତାକୁ ବଧୂ, ମାତା କିମ୍ବା ଭଉଣୀ ରୂପରେ ଗ୍ରହଣ କଲେ ନାହିଁ । ଏକାଧିକ ବ୍ୟକ୍ତି ତାକୁ ଏକସଙ୍ଗରେ ଭୋଗ କରି କ୍ଷଣିକ ଲାଳସାର ସାଥୀ କରିବାକୁ ଚାହିଁଲେ । ସେ ଅତି କରୁଣ ଭାବରେ ଦଳିତ ହେଲା ସମାଜପଣ୍ଡାଙ୍କ ପାଦତଳେ । ପରକୁ ସନ୍ତୁଷ୍ଟ କରିବାକୁ ନିଜ ସ୍ୱାର୍ଥରେ ନିଆଁ ଦେଲା । ନିଜର ଜୀବନଯୌବନକୁ ନୈବେଦ୍ୟରୂପରେ ଅଜାଡ଼ିଦେଲା

Digitized by PPRACHIN, SOA

ସମାଜର ଅଣ୍ଟିଭିତରେ । ଘାସ ଫୁଲପରି ସମସ୍ତେ ତା' ଉପରେ ଚାଲିଗଲେ । କେହି ତାକୁ ଅନାଇଁଲେ ନାହିଁ କି ଅଦ୍ଧା କଲେ ନାହିଁ । ବିନାଦୋଷରେ ସେ ସଂସାରଦାଣ୍ଡରେ ଦଣ୍ଡିତା ହେଲା ।

ସତେ କ'ଣ ତା'ର ପୁନର୍ଜନ୍ମ ହେବ ? ସତେ କ'ଣ ସେ ତା'ର ହୃତ ନାରୀତ୍ୱ ଫେରିପାଇବ ? ସେ ବଧୂ ହୋଇପାରିବ ? ମାତା ହୋଇପାରିବ ?

ସମୟଚକ୍ର ଘୂରି ଚାଲିଛି । ସେ ଘୂର୍ଣ୍ଣନ ପ୍ରକ୍ରିୟା ଅକ୍ଳାନ୍ତ ଓ ଅଶ୍ରାନ୍ତ । କାହାକୁ ଅପେକ୍ଷା କରିନି କି ପଛକୁ ବୁଲି ଚାହିଁନି । ସମୟ ସଙ୍ଗରେ ସମାନ ତାଳ ଦେଇ ଆଗେଇ ଚାଲିଛି ସହଯାତ୍ରୀ ସଂସାର । ସିଏ ଅନେକ ଦିନର, ଅନେକ ଯୁଗର । ତା'ରି ଭିତରେ ମଣିଷ ଭୋଗକରେ ସୁଖ ଦୁଃଖ, ଉତ୍ଥାନ ପତନର ପରିଣତି । ଅନେକ ସମସ୍ୟା, ଅନେକ ଘଟଣା ସମୟର ଗର୍ଭଭିତରେ ଲୁଚି-ଯାଏ । ଦିନ ପରେ ଦିନ ବଢ଼ି ହୁଏ ଗୋଟିଏ ମାସ, ବର୍ଷ ଆଉ ଯୁଗ । ଶିଶୁ ବୃଦ୍ଧ ହୁଏ, ବୃଦ୍ଧ ପୁଣି ଶିଶୁ ହୁଏ । ମଣିଷ ଖାଲି ଗଣି ଦେଖେ, ଗୋଟିଏ ଦିନ ଚାଲିଗଲା । କେଡ଼େ ଶୀଘ୍ର ଚାଲିଗଲା ଗୋଟିଏ ଦିନ । କେଡ଼େ ଛୋଟ, କେତେ କ୍ଷଣସ୍ଥାୟୀ ଯେ ଦିନ ! କିନ୍ତୁ ଗୋଟିଏ ଦିନ ଭିତରେ ଅସଂଖ୍ୟ ଘଟଣା ସମୁଦ୍ର ଜୁଆର ଭଳି ମାଡିଆସେ । ତା'ରି ଭିତରେ ପ୍ରଳୟ ଓ ସୃଷ୍ଟି, ସଂଘର୍ଷ ଓ ସମାଧାନ, ମୃତ୍ୟୁ ଆଉ ଜନ୍ମ । ଗୋଟିଏ ଦିନ ସଙ୍ଗରେ ଗୋଟିଏ ସପ୍ତାହ, ଗୋଟିଏ ପକ୍ଷ, ଗୋଟିଏ ମାସ ଓ ଏହିଭଳି ଭାବରେ ଋତୁ ଓ ବର୍ଷ ସଂପୃକ୍ତ ଥାଆନ୍ତି ।

Digitized by PPRACHIN, SOA

ଦିନ ଗୋଟାକରେ ସୂର୍ଯ୍ୟ ଆସି ଉତ୍ତାପ ବାଢ଼ିଦିଏ । ଚନ୍ଦ୍ର ଆସି ଜ୍ୟୋତ୍ସ୍ନା ବୁଣେ । ଗ୍ରହ ଓ ନକ୍ଷତ୍ର ଜୁଳୁଜୁଳୁ କରି ଅନାଇଁଥାଆନ୍ତି । ପାହାନ୍ତା ପ୍ରହରର କୁଆଁ ତାରା ସଙ୍ଗରେ ଗୋଟିଏ ଦିନ ବିଦାୟ ନିଏ । ଉଷାର ପ୍ରଥମ ରଶ୍ମି ମାଖି ଜନ୍ମ ନିଏ ନୂତନ ସକାଳଟିଏ ।

ସୀତା ଭାବୁଥିଲା, ଦିନ କେତେଶୀଘ୍ର ଚାଲିଗଲା ! ସୁଖଦୁଃଖର ଦୁନିଆ ଏତେ ଟିକିଏ ଅପେକ୍ଷା କଲା ନାହିଁ ତା'ର ଶାନ୍ତ ସୁନ୍ଦର ଅତୀତକୁ । ଚନ୍ଦ୍ରମୋହନର ରଙ୍ଗୀନ ସ୍ମୃତି ତା'ର ହୃଦୟବୀଣାର ଗୋଟିଏ କୋମଳ ତନ୍ତ୍ରୀରେ ଆଘାତ ଦେଲା । ଅବ୍ୟକ୍ତ ବେଦନାରେ ମଉଳା ମନ କାନ୍ଦି ଉଠୁଥିଲା ।

ସୀତା ଆଖିରେ ଚନ୍ଦ୍ରମୋହନର ସୁସ୍ପଷ୍ଟ ଛବିଟିଏ ଝଲସି-ଉଠିଲା । ସେ ଛବି ଦେଖି କୁସୁମ କୋମଳ ସ୍ମୃତି ଭିତରେ ଥରହର ନିଆଁ ଲାଗିଲା । ବେଦନାର ଅଜସ୍ର ଜୁଆର ଉତ୍ଥିତ ହୋଇ ବକ୍ଷର ଜୀବନର ବେଳାଭୂମିକୁ ପଳେପଳେ କ୍ଷୟ କରୁଥିଲା । ସେ-ଦିନର ସେହି ଶାନ୍ତ ମଧୁର ସନ୍ଧ୍ୟା ତଳେ ଚନ୍ଦ୍ରମୋହନ ପ୍ରତିଜ୍ଞା କରିଥିଲା, ତାକୁ ଜୀବନଯାତ୍ରାର ଚିରସଙ୍ଗିନୀ କରିବ ବୋଲି । ଚନ୍ଦ୍ରମୋହନକୁ ଅତି ନିକଟରେ ପାଇ ନାରୀଜୀବନର ପୂର୍ଣ୍ଣତା ଆଶାରେ ସେ ତା'ର ଜୀବନଯୌବନକୁ ଉତ୍ସର୍ଗ କରିଥିଲା ବିଜୟିନୀର ଆନନ୍ଦ ନେଇ । ଦୁଇଟି ସେହି କପୋତକପୋତୀ ଅତି ନିକଟରେ ବସି ପରସ୍ପରକୁ ଅନାଇ ରହୁଥିଲେ । ତାଙ୍କର ଚାହାଁଣୀରେ ଥିଲା ଯୌବନର ମତାଣିଆ କୁହୁକ ଓ କଳ୍ପନାର ଅନାଗତ ସ୍ୱପ୍ନ ! ସେହି ସ୍ୱପ୍ନ, ସେହି ଅଭିଳାଷ ସତରେ କ'ଣ ସ୍ୱପ୍ନରୂପରେ ରହିଯିବ ? ଚନ୍ଦ୍ରମୋହନ ଯଦି ଅତୀତ କଥା ପାସୋରିପକାଇ ପଥହରା ହୁଏ ?

Digitized by PPRACHIN, SOA

ସୀତା ଅଜଣା ଆତଙ୍କରେ ଆତୁର ହେଲା ।

ସୁଦୂର ଦିଗ୍‌ବଳୟ ତଳୁ କଳା ମେଘ କେଇଖଣ୍ଡ ଆକାଶ ଉପରକୁ ଉଠିଆସୁଥିଲେ । ସୀତା ନିଜର ପଢ଼ାଘରକୁ ପଶିଯାଇ ଚନ୍ଦ୍ରମୋହନବାବୁଙ୍କୁ ଚିଠି ଲେଖିବ ବୋଲି କବାଟ ଦୁଆର ବନ୍ଦ କରିଦେଲା । ତା'ପରେ ସେ କାଗଜ କଲମ ବାହାର କରି ମନକୁ ମନ ବସି ଅନେକଗୁଡ଼ାଏ ଲେଖିଗଲା । ତା'ର ମନର ମାନଅଭି-ମାନକୁ ଭାଷା ଦେବାକୁ ବହୁତ ଚେଷ୍ଟା କରୁଥିଲା । କିନ୍ତୁ ମନ ଉନ୍ମନା ଥିଲେ ଭାଷା ଧରି ହୁଏ ନାହିଁ । ଅନେକଗୁଡ଼ାଏ କାଗଜ ନଷ୍ଟ କରିବା ହିଁ ସାର ହେଲା ।

ବୈଠକ ଘରେ ବସି ବସି ଗତିକୃଷ୍ଣବାବୁ ବିରକ୍ତି ଅନୁଭବ କରୁଥାନ୍ତି । ବାରିପଦାର ବ୍ୟସ୍ତ କାର୍ଯ୍ୟକାଳ ଭିତରେ ଅନେକ ଲୋକଙ୍କର ସଂସ୍ପର୍ଶରେ ଆସିବାକୁ ପଡ଼ୁଥିଲା । ଛୁଟି ଦିନଟି ବେଶ ଆରାମପ୍ରଦ ମନେହେଉଥିଲା । ଅନେକ ବନ୍ଧୁବାନ୍ଧବ ଅବସର ପାଇବା ମାତ୍ରେ ଗପ କରିବାକୁ ଆସନ୍ତି । ନ ହେଲେ ବାଦାମ ପାହାଡ଼, ଗୋରୁମହିଷାଣୀ କିମ୍ବା ଜାମ୍‌ସେଦପୁରକୁ ସାଙ୍ଗ ହୋଇ ବୁଲି ବାହାରନ୍ତି । ଗୋରୁମହିଷାଣୀ ପାହାଡ଼ ତଳେ ନୂଆ ହୋଇ ଗଢ଼ିଉଠୁଥିବା ଶ୍ରମିକ କଲୋନୀର କୋଳାହଳ ଅଳସ ମନରେ ଆରାମ ଦିଏ । ଆଦିବାସୀବହୁଳ ପଲ୍ଲୀମାନଙ୍କର ସରସ ସୁନ୍ଦର ବାତାବରଣ ମନକୁ ଉଚ୍ଚାଟ ରଖେ । ପାହାଡ଼ ତଳେ ଅସ୍ତଗାମୀ ସୂର୍ଯ୍ୟର ସୁନେଲି କିରଣ ଲୁଚିଗଲେ, ପଲ୍ଲୀ ଭିତରୁ ମଶାଲ ଧରି ବାହାରନ୍ତି ସୁସ୍ଥ ସୁନ୍ଦର ଧାଙ୍ଗଡ଼ାଧାଙ୍ଗଡ଼ୀ । ହାତରେ ହାତ ଛନ୍ଦି, କାନ୍ଧ ସଙ୍ଗେ କାନ୍ଧ ମିଳାଇ ସେମାନେ ମାଦଳର ମନମତାଣିଆ ତାଳ ସଙ୍ଗେ ତାଳ ମିଶାଇ ନାଚିବାରେ ଲାଗନ୍ତି । ଜାଇ, ଯୂଇର ଗଜରା ସୁଶୋଭିତ

Digitized by PPRACHIN, SOA

ପିଠି ଉପରେ ଅପୂର୍ବ ଛନ୍ଦରେ ନାଚଉଠେ । ଅବୁଝା ଗୀତର ସମବେତ କଣ୍ଠସ୍ୱର ନୟନମନ ମୁଗ୍ଧ କରେ ।

ଗଡ଼ଜାତ ମିଶ୍ରଣ ପରେ ଗତିକୃଷ୍ଣବାବୁ ଚାକିରି ହରାଇଲେ । ବିଶ୍ୱବିଦ୍ୟାଳୟର ତଥାକଥିତ ଡିଗ୍ରୀ ଥିଲେ ଅବା ତାଙ୍କ କଥା ବିଚାରକୁ ନିଆଯାଇଥାଆନ୍ତା । କିନ୍ତୁ ସେ ସୌଭାଗ୍ୟ ତାଙ୍କର ନ ଥିଲା । ସାମାନ୍ୟ କିରାଣି ଚାକିରିଟିଏ ସ୍ଥିର ହେଲା । ଶହ ଶହ ଟଙ୍କାର ଆୟ ଯେଉଁ ପରିବାରରେ ନିଅଣ୍ଟ ପଡ଼ୁଥିଲା, ସାମାନ୍ୟ ଟଙ୍କା ସତୁରିଟା କେତେ ? ବାଧ୍ୟ ହୋଇ ଚାକିରି ଛାଡ଼ି ପିତୃଅର୍ଜିତ ସ୍ଥାବର ସମ୍ପତ୍ତିର ବିକ୍ରିଲବ୍ଧ ଧନ କଣ୍ଟ୍ରାକ୍ଟରୀରେ ଖଟାଇଲେ । ସାମାନ୍ୟ ସରକାରୀ ଚାକିରିଆଠାରୁ ଆରମ୍ଭ କରି ଉଚ୍ଚସ୍ଥ ହାକିମ ଯାଏ ସମସ୍ତଙ୍କ ଆଖି ତାଙ୍କରି ଉପରେ । କେତେଜଣଙ୍କୁ ଜଣେ ଲୋକ ସନ୍ତୁଷ୍ଟ କରିପାରିବ ? ଯେକୌଣସି ପ୍ରକାରେ ଚଳିଯିବା କଥା । ଶେଷରେ ବସନ୍ତପୁରରେ ଠିକା କାମ ନେଇ ବାରିପଦାର ମୋହ ଛାଡ଼ିଲେ । ଛପର ଘର ଭିତରେ କାଳ କଟାଇବାକୁ ବାଧ୍ୟ ହେଲେ । କିନ୍ତୁ 'ମେଘାସନର ଝଡ଼' ସେତିକି ବି କରାଇଦେଲା ନାହିଁ । ଦୁର୍ଦ୍ଦାନ୍ତ ଝଡ଼ ମଝିକୁ ଅବିଶ୍ରାନ୍ତ ବର୍ଷା ଅତର୍କିତ ଅବସ୍ଥାରେ ଆକ୍ରମଣ କରି ବାଦବାକି ଖଣ୍ଡିକ ଚୂରମାର କରିଦେଲା । ଅଣଚାଶ ପାଣିପବନରେ ଜମି ବିକା ଧନ ଖଟାଇ ଯେଉଁ ସରକାରୀ କୋଠାବାଡ଼ି କାମ ହାତକୁ ନେଇଥିଲେ, ସେତିକ ମଧ୍ୟ ଭାଙ୍ଗି ପଡ଼ିଲା । ଗତିକୃଷ୍ଣବାବୁ ସର୍ବସ୍ୱାନ୍ତ ହେଲେ । ସର୍ବନାଶର ମୂଳରେ ଥିଲା ସେହି ମେଘାସନର ପ୍ରଳୟଙ୍କରୀ ଝଡ଼ । ସେ ତାଙ୍କୁ ପଥର ଭିକାରୀ କରିଦେଲା ।

ଭଗବାନଙ୍କ ଉପରେ ଦିନେ ତାଙ୍କର ଅଗାଧ ବିଶ୍ୱାସ ଥିଲା । ଧର୍ମକୁ ସାକ୍ଷୀ ରଖି ପ୍ରତ୍ୟେକ କାମ କରିଯାଉଥିଲେ ସେ । ଅନ୍ୟାୟ

Digitized by PPRACHIN, SOA

ଅନ୍ୟାୟରକୁ ଗୋଡ଼ ବଢ଼ାଇ ନ ଥିଲେ । କିନ୍ତୁ ସେଦିନ ଆଖି ଆଗରେ ଦେଖିଲେ, ତାଙ୍କର ସମସ୍ତ ପୂଜା ଉପାସନା ବ୍ୟର୍ଥ ହୋଇଛି । ଅନ୍ୟାୟ-ପଙ୍କରେ ଗୋଡ଼ ନ ଦେଇ ମଧ୍ୟ ସେ ବିପର୍ଯ୍ୟସ୍ତ । ଦୁନିଆ ଉପରୁ ସମସ୍ତ ଆସ୍ଥା ତୁଟିଆସୁଥିଲା ତାଙ୍କର । ଅଜଣା ଦେବତା ଉପରୁ ବିଶ୍ୱାସ ତୁଟିଗଲା । ସେଇଦିନୁ ପୂଜା ଉପାସନା ଛାଡ଼ିଦେଲେ । ଫୁଟନ୍ତା ଫୁଲଟିଏ ଦେଖି ଆଉ ଭଗବାନଙ୍କ କଥା ସ୍ମରଣ କରିବାକୁ ଚେଷ୍ଟା କଲେ ନାହିଁ । ଖାଲି ପେଟର ଚିନ୍ତା ଓ ଭବିଷ୍ୟତ ଚିନ୍ତାରେ ସେ ସର୍ବଦା ବ୍ୟସ୍ତ । ଜୀବନରେ ଯା'ର ବିଶ୍ୱାସ ନାହିଁ, ସେ ଉପାସନା କରିବ କେତେବେଳେ ?

"ବାବୁ, ଚିଠି ନିଅନ୍ତୁ !" ଡାକପିଅନ ଆସି ଲଫାଫା ଖଣ୍ଡେ ବଢ଼ାଇଦେଲା ।

ଚଣ୍ଡିକୃଷ୍ଣବାବୁ ତରବର ହୋଇ ଚିଠି ଖୋଲି ଦେଖିଲେ, ଚିଠିଖଣ୍ଡିକ ସୋନପୁରରୁ ଆସିଛି । ମନ ତାଙ୍କର ଅବ୍ୟକ୍ତ ଆନନ୍ଦରେ କୁରୁଳି ଉଠୁଥିଲା । ଏତେଦିନକେ ଯାଇ ବିରୁପାକ୍ଷ ଉତ୍ତର ଦେଇଛି । ବୋଧହୁଏ ଜୀବନବୋଝ ହାଲୁକା ହେବ । ସେ ତରବର ହୋଇ ଲେଖା ପଢ଼ିବସିଲେ ।

ପ୍ରିୟ ଚଣ୍ଡିକୃଷ୍ଣ,

ଅନେକଦିନ ପରେ, ଅନେକ ଆଶା ନେଇ ଏ ଚିଠି ଲେଖୁଛି । ମୁଁ ଜାଣେ, ଏ ଚିଠି ପଢ଼ି ତୁମେ ନିଶ୍ଚୟ ବିସ୍ମିତ ହେବ । କିନ୍ତୁ ମୁଁ ନାଚାର, ଚଣ୍ଡିକୃଷ୍ଣ ! ମୋତେ ତୁମର ସ୍ୱଭାବସୁଲଭ ଗୁଣରେ କ୍ଷମା ଦେବ ।

ଚନ୍ଦ୍ରମୋହନର ବିବାହ ସମ୍ବନ୍ଧ ପଡ଼ୁଛି ବଲାଙ୍ଗୀର ଟାଉନର ଗୋଟିଏ ପ୍ରତିଷ୍ଠିତ ପରିବାରରେ । ସେଇଠି ବିବାହ କଲେ ସେ

Digitized by PPRACHIN, SOA

ମଣିଷ ହେବ, ଆଉ ତା'ର ଭବିଷ୍ୟତ ମଧ୍ୟ ଉଜ୍ଜ୍ୱଳ ହେବ । କିନ୍ତୁ ସୀତାକୁ ବିବାହ କରିବ ବୋଲି ଜିଦ ଧରି ସେ ସୋନପୁର ପରିତ୍ୟାଗ କରିଛି । ଆଶାକରେଁ ସେ ବର୍ତ୍ତମାନ ତୁମ ପାଖରେ ପହଞ୍ଚସାରିଥିବ । ତା'ର ଯୁବକସୁଲଭ ଉତ୍ତେଜନାକୁ ତୁମେ ସମର୍ଥନ ନ କରି ଶୀଘ୍ର ତାକୁ ମୋ ପାଖକୁ ଫେରାଇଦେବ ।

ତୁମେ ତ ଜାଣ ଗଡ଼କୃଷ୍ଣ ! ଆମର ରକ୍ଷଣଶୀଳ ପରିବାର ଭିତରକୁ ସୀତା କେବେ ବଧୂ ହୋଇ ଆସିପାରେ ନା । ଏ ଅସମ୍ଭବ ସମ୍ବନ୍ଧକୁ ମୁଁ ମୋ ପକ୍ଷରୁ ସମର୍ଥନ କରିପାରିବି ନାହିଁ । ତୁମକୁ ମୋର ହୃଦୟର କଥା ଖୋଲି କହିଲି । ଏହା ଅଭ୍ରାନ୍ତ ସତ୍ୟକଥା ଅପ୍ରିୟ ହେଲେହେଁ ବାସ୍ତବ । ଏ ବିବାହ କଦାପି ହୋଇପାରେ ନା, ଗଡ଼କୃଷ୍ଣ ! ତୁମକୁ ମୋର ସବିନୟ ଅନୁରୋଧ, ଚନ୍ଦ୍ରମୋହନକୁ ବୁଝାଇ ସୁଝାଇ ଫେରାଇଦେବ । ଗୋଟିଏ ସ୍ନେହକାଙ୍ଗାଳ ପିତାର ଛୋଟିଆ ଅନୁରୋଧଟିକୁ ତଳେ ପକାଇଦେବ ନାହିଁ । ତୁମର ବନ୍ଧୁ

—ବିରୂପାକ୍ଷ

ଏ ଚିଠି ଖଣ୍ଡିକ ଅନେକ କଷ୍ଟରେ ଶେଷ କଲେ ଗଡ଼କୃଷ୍ଣ-ବାବୁ । ଆଖିରୁ ଆପେ ଆପେ ଧାର ଧାର ହୋଇ ଲୁହ ବହୁଥାଏ । ଶ୍ରାବଣର ପାଣିଧାର ଭଳି ସେ ଝର ଅବିଶ୍ରାନ୍ତ । ମନର କୋହ ଆଖିର ଲୁହ ହୋଇ ବହୁଛି । ଆକଟ କଲେ ବାଧା ମାନୁନି ।

ସୋନପୁରର ରହଣିକାଳ ମଧ୍ୟରେ ସୀତା ଓ ମୋହନର ଏକାନ୍ତ ମିଳାମିଶାରୁ ସେ ତାହାର ପରିଣତି ବିଷୟରେ ଅନେକ କିଛି ଭାବିଥିଲେ । ବିରୂପାକ୍ଷବାବୁ ମଧ୍ୟ ସେଭଳି ସ୍ୱାଧୀନ ମିଳାମିଶାରେ ଆପତ୍ତି ନ କରି ବରଂ ଆଗ୍ରହ ପ୍ରକାଶ କରିଥିଲେ । କିନ୍ତୁ ସେ ଦିନର ଅବସ୍ଥା ଭିନ୍ନ ଥିଲା । ସେ ଥିଲେ ମୟୂରଭଞ୍ଜ ଷ୍ଟେଟର

Digitized by PPRACHIN, SOA

ଗୋଟିଏ ଖ୍ୟାତନାମା ରାଜକର୍ମଗୃହସ୍ଥ । ଆଜି ତ ସେ ଗୃହସ୍ଥ ନାହିଁ କି ସମ୍ମାନ ନାହିଁ । ବୋଧହୁଏ ତାଙ୍କର ଦୁରବସ୍ଥାର ସୁଯୋଗ ନେଇ ଚନ୍ଦ୍ରମୋହନର ପିତା ଏହି ନିଷ୍ଠୁର ଅଭିଯୋଗ ଆଣିଛନ୍ତି । ଘଟନାର ପରିଣତି ବିଷୟରେ ଆତଙ୍କିତ ହୋଇଉଠିଥିଲେ ହରିକୃଷ୍ଣବାବୁ ।

ଦୁନିଆ ଏମିତି ସ୍ୱାର୍ଥପର । ସ୍ୱାର୍ଥ ନ ଥିଲେ କେହି କାହାକୁ ପଚାରେ ନାହିଁ । ଗତାନୁଗତିକ ବ୍ୟବହାର ଭିତରେ ମଧ୍ୟ ସ୍ୱାର୍ଥ ଥାଏ । ବିବାହ ସମ୍ବନ୍ଧ ତ ସବୁଠୁ ବଳି ଗୁରୁତ୍ୱପୂର୍ଣ୍ଣ । ଲକ୍ଷ ଥିଲେ ଚନ୍ଦ୍ରମୋହନର ପଦବୀ ଆଉ ଯୌତୁକର ଅସୁବିଧା ନ ଥାନ୍ତା । କିନ୍ତୁ ଆଜି ତ ଆଉ କିଛି ନାହିଁ । ସର୍ବହରା ହୋଇ ବନ୍ଧୁଘରେ ଯିଏ ଆଶ୍ରୟ ନେଇଛି, ଯୌତୁକ ସକାଶେ ତା ପାଖରେ ଧନ ଆସିବ କୁଆଡ଼ୁ ? ବନ୍ଧୁ ସମ୍ପର୍କ ଧନର ନା ଧର୍ମର ? ଧନ ଜଣକ ପାଖରେ କେଇଦିନ ବା ରହେ ? ତାଙ୍କର ନ ଥିଲା ବା କଅଣ ? ଧନ ଆଉ ପଦବୀର ବିଶିଷ୍ଟ ଆସନରେ ଆସୀନ ହୋଇ ଅନେକ ବନ୍ଧୁ ଅନେକ ସମ୍ମାନ ଦେଖିଛନ୍ତି । ଧନ ସରେ ସେ ସମ୍ମାନ, ସେ ବନ୍ଧୁତ୍ୱ ଚାଲିଗଲା । ପଦେ ସହାନୁଭୂତିର କଥା ମଧ୍ୟ ଶୁଣିଲେ ନାହିଁ । ଜୀବନଚକ୍ର ବୁଲିଗଲା । ଯିଏ ଏତେ ଲୋକଙ୍କ ପାଖରେ ପରିଚିତ ହୋଇପାରିଥିଲା, ସେ ସମସ୍ତଙ୍କ ଆଗରେ ଅପରିଚିତ ହୋଇଗଲା । ବାରଲୋକଙ୍କର ସୁବିଧା କରି ଯିଏ ଉଦାରତାର ପ୍ରମାଣ ଦେଇପାରିଥିଲା, ତା'ର ଅସୁବିଧା ବେଳକୁ କେହି ମୁହଁ ଦେଖାଇଲେ ନାହିଁ ।

ନିଜ ଜୀବନ ପାଇଁ ତାଙ୍କର ଆଦୌ ଭୟ ନ ଥିଲା । ବିଶାଳ ସଂସାରରେ ଅନେକ ସହର ଗ୍ରାମ ପଡ଼ିଛି । ରାଇରଙ୍ଗପୁରରେ ପୁରୁଣା ହୋଇଗଲେ ନୂଆ ମନ ନେଇ ହୁଏ ତ ଅନ୍ୟ କୌଣସି ଅଖ୍ୟାତ ପଲ୍ଲୀର ନୂତନ ଅତିଥି ହେବେ । କିନ୍ତୁ ଝିଅ ସୀତା ? ତା'ର କିଛି

Digitized by PPRACHIN, SOA

ଗୋଟିଏ କନାଗ୍ର ତ କରିବାକୁ ହେବ ! ବଢ଼ିଲା ଝିଅ ଦିନ ଗଣୁଗଣୁ ବୁଢ଼ୀ । ସୀତା ସେଣ୍ଟ ସାତବର୍ଷର ଠିକ ସୀତା ହୋଇ ଥାଆନ୍ତା କି ! କାନ୍ଧରେ ପକାଇ ଅରଣ୍ୟରେ ଦେଶ ଦେଶ ବୁଲନ୍ତେ । ଗୋଟିଏ ସ୍ଥାନରେ ଭଲ ନ ଲାଗିଲେ ଆଉ ଗୋଟିଏ ସ୍ଥାନ ଦେଖନ୍ତେ । [illegible] ଦୁନିଆର ଅଗଣିତ ଅନୁଭୂତିର ପ୍ରଲେପ ମାଖିହୋଇ ନିଜର ଅସ୍ତିତ୍ୱକୁ ହଜାଇଦିଅନ୍ତେ । କିନ୍ତୁ ଏବେ ବଢ଼ିଲା ସୀତାକୁ ଏକାଲି ହୁଏ ନାହିଁ । ଦେହରେ ତା'ର ବୟସର ଜୁଆର । ଦିନକୁଦିନ ଉଚ୍ଛ୍ୱାସ ହଉଛି । ଚପଳ ମନର ଚଞ୍ଚଳ ଛନ୍ଦ ମଉଅ ମୂର୍ଚ୍ଛ ! ସୁଲତା ବଞ୍ଚିଥିଲେ ସୀତାକୁ କ'ଣ ଏତେଦିନ ଧରି ଅବିବାହିତା କରି ରଖାଇଦେଇଥାନ୍ତା ?

ସୁଲତାର ସ୍ମୃତି ସଙ୍ଗରେ ଗୋଟିଏ ମଉଳା ଫଗୁଣର ମଉନ ସ୍ମୃତି ମନଭିତରେ ତରଙ୍ଗ କାଟିଲା । ଅନେକ ଦିନ ତଳର ଘଟଣାଟିଏ । ସୀତା ଜନ୍ମ ହେଲା ପରେ ନାଁ ଠିକଣା ହୋଇ ନ ଥିଲା ବୋଲି ନାହିଁ । ଅଟକି ଯାଇଥିଲା । ଶିଶୁ ସୀତା ମୁହଁରେ ସୁଲତାର ଅବିକଳ ସ୍ୱାକ୍ଷର ଥିଲା । ତା'ର ଲଳିତ ମୁହଁ, ବାଉଳା ଆଖି ଦେଖି ଦିନେ ଅଳିଅଳି ଝିଅକୁ ଗେଲ କରୁକରୁ ଗତିକୃଷ୍ଣବାବୁ ତନ୍ମୟ ହୋଇ ଡାକ ପକାଇଲେ, "ଲତା, ଶୁଣୁଛ ?"

"କଅଣ କହୁଥିଲ ?" ଗୋଟିଏ ଧୂସର ସୁକଣ୍ଠରର ବେକ ଯୋଡ଼ି ଯୋଡ଼ି ସୁଲତା ପାଖକୁ ଆସିଲା ।

"ଝିଅକୁ ଚୁମ୍ବିଲ, କେତେ ସୁନ୍ଦର କେତେ....."

ଗତିକୃଷ୍ଣବାବୁଙ୍କୁ ଅଧିକ କହିବାକୁ ନ ଦେଇ ତାଙ୍କର ମୁହଁ ଉପରେ ହାତ ରଖି ସୁଲତା କହିଲା, "ବାପ ଦାଇ ଏମିତି

ଡାହାଣ କଥା କହନ୍ତୁ ? କାହିଁ ? ପିଲା ତ ମୋର କଣ୍ଟ ହୋଇନାହିଁ ! ଖାଲିଟାରେ ଏ ଅଲଣା କଥା କୁହ କାହିଁକି ?” ସୁଲତା ଝିଅ ମୁଣ୍ଡରେ ଟେଳ ପକାଇ ଦେଲା ।

“କାହିଁକି ? ଝିଅ କ’ଣ ସୁନ୍ଦର ହୋଇନି ?” ଗତିକୃଷ୍ଣବାବୁ ବିସ୍ମିତ ହେଲେ ।

“ସେମିତି କଥା ଯୋଗାଏ ନାହିଁ ।”

“ତୁମେ ଯାହା କହ ସୁଲତା, ସିଏ ବଡ଼ ହେଲେ ତୁମରି ଭଳି ସୁନ୍ଦର ହେବ । ଖାଲି ଚପାଳ ଭିତରେ ଏତିକି, ତୁମର ବାଁ ଗାଲର କାନପାଖରେ ତିଳ ଚିହ୍ନଟିଏ; କିନ୍ତୁ ସୀତାର ସେତିକି ନାହିଁ । ନ ହେଲେ ତୁମରି ଭଳି ଛନଛନିଆ ମୁହଁ, ଗୋରା ଟକଟକ ଦେହ, ନାଲି ଟହଟହ ଓଠ । ଅବିକଳ ତୁମରି ନକଲ, ସୁଲତା ! ଯାହାହେଲେ ରକ୍ତମାଂସ ଦେଇ ସୃଷ୍ଟି କରିଛ । ତହିଁରେ ତୁମର ସ୍ୱାକ୍ଷର ରହିବ ନାହିଁ ?” ଗତିକୃଷ୍ଣ ପ୍ରକାଶ କଲେ ।

ସୁଲତା ନିଜର ପ୍ରଶଂସା ଶୁଣି ଝାଉଁଳିପଡ଼ୁଥିଲା । ଟିକି ରହି କହିଲା, “ସତରେ ମୁଁ କ’ଣ ସୁନ୍ଦର ଦେଖାଯାଏଁ ?”

“ଖାଲି ସୁନ୍ଦର ନୁହ ସୁଲତା, ଅତି ସୁନ୍ଦର !! ତୁମର ଏହି ଉଚ୍ଛ୍ୱସିତ ମୁଖମଣ୍ଡଳକୁ ଦେଖିଲେ ସୃଷ୍ଟିର ସବୁକିଛି ମୁଁ ଭୁଲିଯାଏଁ । ତୁମର ଏହି ଘୁମନ୍ତ ଆଖିର ସଲଜ୍ଜ ଅଳସ ଭାଷା ମୋତେ ବିଭୋର କରେ । କାଳକୃଷ୍ଣ କବିଙ୍କର କଳ୍ପନାଙ୍କିତ ସୁଗନ୍ଧ ଅଙ୍ଗେ ଅଙ୍ଗେ ବେପଥୁ ସୃଷ୍ଟି କରେ । ତୁମେ ସାମାନ୍ୟ ନାରୀ ନୁହ ସୁଲତା, ସ୍ୱର୍ଗର ଅଭିଶପ୍ତା ଅପ୍ସରୀ । ନ ହେଲେ ଏତେ ସୌନ୍ଦର୍ଯ୍ୟ, ଏତେ ମାଧୁର୍ଯ୍ୟର ଏକତ୍ର ସମାବେଶ ଅସମ୍ଭବ ହୋଇଥାଆନ୍ତା ।”

Digitized by PPRACHIN, SOA

ବିବାହିତା ତରୁଣୀ ପତି ପାଖରୁ ସର୍ବଦା ଏହି ପ୍ରଶଂସା ଶୁଣିବାକୁ ବ୍ୟାକୁଳ ଥାଏ । ତୁଣ୍ଡ ଫିଟାଇ କିଛି କହି ନ ପାରିଲେ ମଧ୍ୟ ତା'ର ଅଙ୍ଗଗତ ପ୍ରସାଧନର ଲକ୍ଷ୍ୟ ପ୍ରାୟ ଏଇଥି । ସରସ ଆଖିରେ ହସ ଭରି ସେ ସ୍ୱାମୀକୁ ବିମୁଗ୍ଧ କରିବାକୁ ପ୍ରୟାସୀ ହୁଏ । ତା'ର ଘୂର୍ଣ୍ଣନ୍ତ ଆଖି ପଚାରେ, "ତୁମ ଆଖିରେ ମୁଁ ସୁନ୍ଦର ଦିଶେନା, ପ୍ରିୟ ?"

ପତି ପାଖରୁ କେତୋଟି ପ୍ରଶଂସାସୂଚକ ଭାଷା ଶୁଣିଲେ ଅନୂଢ଼ା କିଶୋରୀ ଭଳି ବିବାହିତା ପତ୍ନୀ ପ୍ରଗଳ୍ଭ ହୁଏ ।

ସୁଲତା ପ୍ରିୟତମର ପ୍ରଶଂସା ଶୁଣି ପଚାରିଲା, "କିନ୍ତୁ ଝିଅର ଜନ୍ମ ହେବା ପରେ ସମସ୍ତେ କହୁଛନ୍ତି, ମୁଁ ଶୁଖିଯାଇଛି । ମୋର ଆଉ ସେ ପୂର୍ବର ରଙ୍ଗ ନାହିଁ । ହୁଏ ତ ଆଉ କିଛି ଦିନ ପରେ ମୋର ବିବର୍ଣ୍ଣିଆ ମୁହଁକୁ ଅନାଇ ପାରିବନି । ଅତି ପୁରୁଣା ଦେଖାଯିବି ।"

"କିନ୍ତୁ ବିଶ୍ୱାସ କର, ଲତା ! ତୁମେ ମନଭିତରେ ଯେତିକି ଭାବୁଛ ପୁରୁଣା ଆଉ ଶ୍ରୀହୀନ ହୋଇଯାଇଛ, ମନେରଖ, ଦିନକୁ ଦିନ ମୋ ଆଖିରେ ସେତିକି ଅଧିକ ସୁନ୍ଦର ଓ ଶ୍ରୀଯୁକ୍ତ ଦେଖାଯାଉଛ । ତା'ପରେ ଏହା ନିରାଟ ସତ ଯେ, ନାରୀ ଓ ପୁରୁଷର ବିବାହିତ ସମ୍ବନ୍ଧ ଯେତିକି ପୁରୁଣା ହୋଇଆସେ, ମନ ଓ ହୃଦୟ ସେତିକି ପାଖେଇଆସେ । ଶରୀରର ଆକର୍ଷଣ, ମନ ଓ ହୃଦୟର ଆକର୍ଷଣ ଭିତରେ ରୂପାନ୍ତରିତ ହୁଏ । ଦୁଇଟି ଆତ୍ମାର ଚେତନ ଓ ଅବଚେତନ ଅବସ୍ଥା ଗୋଟିଏ ଆତ୍ମାର ବିକାଶ ନେଇ ବଢିଉଠନ୍ତି । ସୃଷ୍ଟିର ଇଏ ଏକ ଅଦ୍ଭୁତ ପ୍ରହେଳିକା, ଲତା ! ମନୁଷ୍ୟ ଯୁଗଯୁଗ ଧରି ଯାହାକୁ ବୁଝିବାକୁ ଚେଷ୍ଟା କରିଆସିଛି । କିନ୍ତୁ ସମ୍ପୂର୍ଣ୍ଣ-

Digitized by PPRACHIN, SOA

ରୂପ ଯାଉ ଉଠିଯାନ୍ତି । ସନ୍ତାନକୁ ଜନ୍ମ ଦେଇ ନାରୀ ସମ୍ପୂର୍ଣ୍ଣ ହୁଏ । ତା'ର ଚଞ୍ଚଳ ମନ ମଉସାଳି ଯେମିତି କମ୍, ନିଏ ଗୋଟିଏ ସରଳ ଶାନ୍ତ ଦୃଷ୍ଟିକୋଣ । ସନ୍ତାନ ପିତାମାତାଙ୍କୁ ନିକଟତର କରେ । ଏ ସମ୍ବନ୍ଧର ଚିଠା ଅନୁଭୂତିକୁ ଖାଲି ଅନୁଭବ କରିହୁଏ, ଲତା, ସ୍ପର୍ଶ କି ବ୍ୟକ୍ତ କରିହୁଏ ନାହିଁ । ପ୍ରେମର ଏହି ଧାରଣା ହିଁ ।" ବହିଃପ୍ରକାଶ ଓ ଅନ୍ତଃକୋଣ । ସେଠି ନୂଆ ପୁରୁଣାର ସୀମାରେଖା ନାହିଁ ।"

"କିନ୍ତୁ ପ୍ରେମର ପ୍ରକୃତ ଅଙ୍ଗ କ'ଣ ?" ସୁଲତା ସରଳଭାବେ ପଚାରିଲା ।

"ଦୁଇଟି ଆତ୍ମାର ମିଳନମୁଖୀ ଆକର୍ଷଣ ।"

"ଶରୀରର ନୁହେଁ ?"

"ସେଇଟି ପ୍ରେମର ଗୋଟିଏ ଆଂଶିକ ବିଭାଗ ହେଲେହେଁ ମୁଖ୍ୟ ନୁହେଁ । ଶରୀର ଶାଶ୍ୱତ ନୁହେଁ । ତେଣୁ ତା'ର ମୋହ ତୁଟିଯାଏ । କିନ୍ତୁ ପ୍ରକୃତ ପ୍ରେମରେ ଆତ୍ମା ହିଁ ମୁଖ୍ୟ ଅଙ୍ଗ । ଆତ୍ମା ସଚ୍ଚିଦାନନ୍ଦର ପ୍ରତୀକ । ତେଣୁ ଶାଶ୍ୱତ ।"

"କିନ୍ତୁ ସମସ୍ତେ କହନ୍ତି, ତୁମେ ମୋର ରୂପ ଦେଖି ବିବାହ କଲ ବୋଲି ?"

"ଏହା ନିତାନ୍ତ ବ୍ୟକ୍ତିଗତ ବିଷୟ, ଲତା ! ତା'ର କଥାରେ କାନ ଦେବା ଅନୁଚିତ । ତୁମର ରୂପ ଦେଖି ମୁଁ ଯେମିତି ଆକୃଷ୍ଟ ହେଲି, ଗୁଣ ଦେଖି ତାହାଠୁ ବେଶି ବିମୁଗ୍ଧ ହେଲି । ତେଣୁ ବିବାହର ନିଷ୍ପତ୍ତି କଲି । ପ୍ରେମ ବସ୍ତୁବିଶେଷ ନୁହେଁ, ଲତା ! ସେଠି

Digitized by PPRACHIN, SOA

ଆଧ୍ୟାତ୍ମିକ ଭାବର ଆଧିକ୍ୟ ରହିଛି । ତୁମେ ତୁମର ଆତ୍ମାକୁ ପଚାରିଲେ ଏହାର ଉତ୍ତର ପାଇବ ।”

“କିନ୍ତୁ ମୁଁ କଣ ଭାବୁଛି ଜାଣ ?” ସୁଲତା ପଚାରିଲା ।

“କଅଣ ?” ଗତିକୃଷ୍ଣବାବୁ ଉତ୍ସୁକ ଅଖିରେ ଅନାଇଁ ରହିଥିଲେ ।

“ମୁଁ ଭାବୁଛି, ତୁମେ ସୁନନ୍ଦାକୁ ବିବାହ କରିଥିଲେ ଭଲ ହୋଇଥାନ୍ତା । ଲୋକଙ୍କ ମୁହଁରୁ ବାର କଥା ଶୁଣିବାକୁ ପଡ଼ି ନ ଥାନ୍ତା ।”

“ତୁମର କ’ଣ ସେଇୟା ଇଚ୍ଛା ଥିଲା, ଲତା ?”

“ମୋ କଥା ଛାଡ଼ିଦିଅ । ଗୋଟିଏ ଉପେକ୍ଷିତା ଫୁଲର ମନର କଥା କିଏ କ’ଣ ବୁଝେ ? ସେ ସେମିତି ଝାଉଁଳି ପଡ଼ି ରାସ୍ତାକଡ଼ରେ ବିଲୀନ ହୋଇଯାଏ । ତା’ର ଇଚ୍ଛା ଅନିଚ୍ଛାର ଚର୍ଚ୍ଚା କିଏ ରଖେ ? ତୁମର ସୁଖ ଦେଖି ମୁଁ ସୁଖୀ ହୋଇଥାନ୍ତି ।”

“ମୋର ପାତ୍ରୀ ବାଛିବାରେ କିଛି ଭୁଲ ହୋଇନି, ଲତା ! ତୁମେ ସେଥିପାଇଁ ବ୍ୟସ୍ତ ହୁଅନି । ଦାଣ୍ଡିଲୋକଙ୍କୁ ଉପଯୁକ୍ତ ଜବାବ ଦେବି ମୁଁ । ସମୟର କବରଖା ଲୋକଙ୍କର ମାନସିକ କ୍ଷତକୁ ଆରାମ କରାଇଦେବ । ସୁନନ୍ଦା ଆଜି ତୁମେ ରକ୍ତମାଂସର ସମାନ ଉପାଦାନ ନେଇ ଗଠିତ ହେଲେହେଁ, ମୋ ଆଖିରେ ସେ ଗ୍ରୀଷ୍ମର ଉତ୍ତପ୍ତ ରୌଦ୍ର, ଆଉ ତୁମେ ଉତ୍ତପ୍ତ ରୌଦ୍ର ଭିତରେ ବଟବୃକ୍ଷର ଛାୟା । ଜଣେ ବିଷଧର ଫଣିମା, ଯିଏ ଗରଳ ଉଦ୍‌ଗାରିବାକୁ ଦୁଗ୍ଧ ଖାଏ; ଆଉ ତୁମେ ଦୁଗ୍ଧ, ଯାହା କ୍ଷୁଦ୍ର ପ୍ରାଣକୁ ସଂଜୀବିତ କରେ ।”

“ତଥାପି ଲୋକେ କହନ୍ତି, ମୁଁ 'ଦାସୀକନ୍ୟା, ତେଣୁ ବର୍ଜନୀୟା ।”

Digitized by PPRACHIN, SOA

"ସେମାନେ ମୂର୍ଖ, ସେମାନେ ଅପଗଣ୍ଡ । ମୋ ବୁଝିବାରେ ସଂସାର ଭିତରେ ଜାତି କହିଲେ ଦୁଇ ପ୍ରକାର ପୁରୁଷ ଓ ସ୍ତ୍ରୀ । ଜଣେ ଜଣକର ପରିପୂରକ । ଜନ୍ମବେଳେ କାହାରି ଦେହରେ ଜାତିଧର୍ମର ସଙ୍କେତ ନ ଥାଏ । ଜାତି ଗଢ଼ିଛି ଏହି ସମାଜ, ନିଜର ସୁବିଧା ପାଇଁ, ନିଜର ସ୍ୱାର୍ଥ ପାଇଁ । ମୁଁ ସେହି ମଣିଷସୃଷ୍ଟ ଜାତି-ବିଭାଗକୁ ମାନେ ନାହିଁ, ଲତା ! ଖାଲି ଈଶ୍ୱରସୃଷ୍ଟିରେ ବିଶ୍ୱାସ କରେଁ । ସମସ୍ତେ ଗୋଟିଏ ଉପାଦାନରେ ଗଢ଼ା, ଏକା ମାଟି ପବନରେ ପ୍ରତିପାଳିତ । ସମସ୍ତେ ସମାନ ।"

ସୁଲତା ଗତିକୃଷ୍ଣବାବୁଙ୍କୁ ଅଧିକ ଉତ୍ତେଜିତ ହେବାକୁ ଛାଡ଼ି ନ ଦେଇ କହିଲା, "ଝିଅର ଏ ପର୍ଯ୍ୟନ୍ତ ନାଁ ଦିଆ ହେଲାନି; କି ନାଁ ଦେବା, କହିଲ ?"

"ମୁଁ ସେଇଥିପାଇଁ ତ ପାଖକୁ ଡାକିଥିଲି । 'ସ୍ୱର୍ଣ୍ଣଲତା' କ'ଣ ଭଲ ନାଁଟିଏ ନୁହେଁ ?" ଗତିକୃଷ୍ଣବାବୁ ସ୍ୱାଭାବିକ ପରିସ୍ଥିତିକୁ ଫେରିଆସି ଉତ୍ତର ଦେଲେ ।

"ନା, ଆଉ ଗୋଟିଏ କ'ଣ ବାଛ ।"

"ତୁମେ କୁହ ।" ଗତିକୃଷ୍ଣ ଅନୁରୋଧ କଲେ ।

"ସୀତା ।"

"ପୁରୁଣା ନାଁଟିଏ ।"

"କିନ୍ତୁ ସବୁଦିନ ନୂଆ ।"

"କେମିତି ?"

"ପୁରାଣ ସୀତା ସମଗ୍ର ହିନ୍ଦୁଜାତିର ଆଦରଣୀୟା । ତେଣୁ ପ୍ରାତଃସ୍ମରଣୀୟା ।"

Digitized by PPRACHIN, SOA

"ଜାଣ ତ ସୀତାର ଇତିହାସ କେତେ କରୁଣ ?"

"କରୁଣ ଅଥଚ ମଧୁର ଆଉ ପବିତ୍ର !" ସୁଲତା ଦୃଢ଼ତା ସହକାରେ ପ୍ରକାଶ କଲା ।

"କିନ୍ତୁ ତା'ର ଦୁଃଖ, ନିର୍ଯ୍ୟାତନା ପୁଣି ଅଗ୍ନିପରୀକ୍ଷା ?"

"ନାରୀ ସବୁବେଳେ ଅଗ୍ନିପରୀକ୍ଷାର ସମ୍ମୁଖୀନା ହୁଏ । ଜୀବନର କଳଙ୍କ ଦୁଃଖ ଦହନରେ ସଂଶୋଧିତ ହୁଏ । ପାଉଁଶ ଉଡ଼ିଗଲେ ରହିଯାଏ ସୀତାର ସୌଭାଗ୍ୟ । ସେ ଜୀବନରେ ସ୍ୱାଦ ଅଛି, ସୁଗନ୍ଧ ଅଛି । ଝିଅ ମୋର ସୀତା ହେବ ।"

"ଏ କ'ଣ ହୋଇପାରିବ ?" ଗତିକୃଷ୍ଣ ପ୍ରଶ୍ନ କଲେ ।

"ସନ୍ଦେହ ହେଉଛି ? ସେ ପରା ମୋ'ର ରକ୍ତମାଂସରୁ ଭାଗ ନେଇଛି ।"

"ତାକୁ କଠିନ ପରୀକ୍ଷା ଭିତରେ ଛାଡ଼ିଦେଇପାରିବନି, ଲତା ! ତାକୁ ମୁଁ ଡାକିବ ସ୍ୱର୍ଣ୍ଣଲତା ।"

"କାହିଁକି ? ସୁବର୍ଣ୍ଣର ସ୍ୱପ୍ନ ଦେଖୁଛ ନା କଅଣ ?" ସୁଲତା ପରିହାସ କଲା ।

"ତୁମେ ବୁଝୁନ ଲତା, ସୁଲତା ଆଉ ସ୍ୱର୍ଣ୍ଣଲତା ! ତୁମର ନାଁର ସ୍ୱାକ୍ଷର ରହିବ ତହିଁରେ ।"

କିନ୍ତୁ ସୁଲତା ସେ କଥା ମାନିଲା ନାହିଁ ।

ସେହିଦିନଠୁ ସେ ସୁଲତା ମୁହଁରେ ହେଲା ସୀତା, ଆଉ ଗତିକୃଷ୍ଣବାବୁଙ୍କ ମୁଖରେ ସ୍ୱର୍ଣ୍ଣଲତା । ବାପାର ସ୍ନେହ ଆଉ ମାଆର ଯତ୍ନ ନେଇ ସେ ବଢ଼ିବାକୁ ଲାଗିଲା ସୁଖୀ ପରିବାର ଭିତରେ ।

Digitized by PPRACHIN, SOA

ପୁଣି ଆଉ ଗୋଟିଏ ଦିନ—

ସେଦିନ ସଞ୍ଜବେଳକୁ ସୁଲତାକୁ ଅଳ୍ପ ଜର ହେଲା । ରାତି-ଅଧକୁ ଜର ପ୍ରବଳ ଆକାର ଧାରଣ କଲା ! ସୁଲତାର କରୁଣ ଡାକ ଶୁଣି ଗଡକୃଷ୍ଣବାବୁ ଚମକିଉଠିଲେ । ପାଖକୁ ଯାଇ. ପଚାରିଲେ, "କ'ଣ କହୁଥିଲ ?"

"ମୋତେ ଭଲ ଲାଗୁନି । ଝିଅକୁ ପାଖକୁ ନେଲ ।" ସୁଲତା ଅନୁରୋଧ କଲା ।

ଝିଅକୁ ନିଜ ବିଛଣାକୁ ନେଇ . ଗଡକୃଷ୍ଣ ପୁଣି ସୁଲତା ବିଛଣାକୁ ଫେରିଗଲେ । ଦେହରେ ହାତ ମାରି ଦେଖିଲେ, ସାରା ଶରୀର ଜରରେ ଖଇ ଫୁଟୁଛି । ପଚାରିଲେ, "ଡାକ୍ତର ଡାକିବି ?"

"ସକାଳ ପାହିଯାଉ ।" ସୁଲତା ବାରଣ କଲା । ଦୁହେଁ ନୀରବରେ ବସିଥାଆନ୍ତି ପରସ୍ପରକୁ ଚାହିଁ ଚାହିଁ ହୋଇ । ରାତି ବଢ଼ିବା ସଙ୍ଗେ ସଙ୍ଗେ ତାତି ମଧ୍ୟ ବଢ଼ି ଚାଲିଥାଏ । ସୁଲତା ଗୋଟିଏ କରୁଣ ବେଦନାରେ ଭାଙ୍ଗିପଡ଼ୁଥାଏ । ଗଡକୃଷ୍ଣବାବୁ ସୁଲତାର ମଥାରେ ଟିପ ମାରୁଥାନ୍ତି । କିଛିକ୍ଷଣ ପରେ ସୁଲତା ଅତି ବିକଳ ଭାବରେ ପଚାରିଲା, "ଗୋଟିଏ କଥା କହିବି, ଶୁଣିବ ?"

"କ'ଣ କୁହ ।" ଗଡକୃଷ୍ଣବାବୁ ଅଭୟ ଦେଲେ ।

"ମୁଁ ଯଦି ମରିଯାଏଁ ?..."

"ଶୁଭ ଶେଯରେ ଶୋଇ ଅଶୁଭ କଥା କହନା, ଲତା ! ତୁମକୁ ହରାଇଲେ ମୁଁ କ'ଣ ବଞ୍ଚିପାରିବ ? ମୁଁ ଆତ୍ମହତ୍ୟା କରିଦେବ ।"

"ଆଉ ଝିଅ ?"

Digitized by PPRACHIN, SOA

"ମୁଁ କ'ଣ କରିବି, ସୁଲତା ?" ରତିକୃଷ୍ଣବାବୁ ବ୍ୟସ୍ତ ହୋଇଉଠିଲେ ।

"ଝିଅକୁ ସମ୍ଭାଳିବ ।"

"ମୁଁ କ'ଣ ପାରିବି ?" ରତିକୃଷ୍ଣବାବୁଙ୍କର ସ୍ୱର ଭାଙ୍ଗି-ପଡ଼ୁଥିଲା ।

"ମୋ' ରାଣ ! ତୁମେ ଅଧୀର ହୁଅନା । କେଜାଣି- ମୁଁ ଏ ଜୀବନରେ ଆଉ ଗୋଟିଏ ସକାଳ ଦେଖିପାରିବି କି ନାହିଁ । କିନ୍ତୁ ମୋର ଆଶା, ତୁମେ ନିଶ୍ଚୟ ଝିଅକୁ ସମ୍ଭାଳିପାରିବ । କଥା ଦିଅ, ଏଥିପାଇଁ ଅନ୍ୟର ସାହାଯ୍ୟ ନେବନି ତ ? ମୋର ଇଚ୍ଛାସବୁ ତ ଜାଣିଛ । ସୀତାକୁ ଶାଶୁଘରକୁ ପଠାଇ, ଯଦି ଗୃହୀ, ବିବାହ କରିବ । ମୋର ଏତିକି ନିଷ୍ଠୁର ଅନୁରୋଧ ରଖିପାରିବ ?"

ରତିକୃଷ୍ଣବାବୁ ବିକଳ ହୋଇ ସୁଲତାର ପାଣ୍ଡୁର ମୁହଁକୁ ଅନାଇଲେ । ଅନାଗତ ଆଶଙ୍କାରେ ସର୍ବାଙ୍ଗ ତାଙ୍କର ଥରିଉଠୁଥିଲା ; ତଥାପି ସୁଲତାକୁ ସେ ଧୈର୍ଯ୍ୟ ଦେବାକୁ ଯାବତ୍‌ପର୍ଯ୍ୟନ୍ତ ଚେଷ୍ଟା କରୁଥିଲେ । କହିଲେ, "ତୁମେ ଦମ୍ଭ ଧର ସୁଲତା ! ସବୁ ହେବ ।"

"ମୋ ଦେହ ଛୁଇଁ କହିଲ ।"

ରତିକୃଷ୍ଣବାବୁ ବାଧ୍ୟ ହୋଇ ସୁଲତା ଦେହରେ ହାତ ଦେଲେ ।

ସୁଲତା ହସିଲା । ରୁଗ୍‌ଣ ମୁହଁରେ ମଳି ହସ ଟିକକ ଅତି ଭୟଙ୍କର ଦିଶୁଥିଲା । ଏକ ଲହମାରେ ସେ ପତିଦେବତା ଆଉ ନନ୍ଦିତା ସନ୍ତାନକୁ ଅନାଇଁ ଅନାଇଁ ଆକସ୍ମିକ ଭାବରେ ଜୀବନ ତୁଟାଇଲା ।

Digitized by PPRACHIN, SOA

ଗତିକୃଷ୍ଣବାବୁ ଅଶେଷ ଧୈର୍ଯ୍ୟ ଧରି ଅବସ୍ଥା ସଙ୍ଗେ ଲଢ଼ାଇ କରିଛନ୍ତି । ମନ ଭିତରେ ଅନେକ ଭାବନାର ଢେଉ ବିକ୍ଷିପ୍ତଭାବରେ ଭାସିଉଠିଛି । କିନ୍ତୁ ପରକ୍ଷଣରେ ସୀତାକୁ ଚାହିଁ ସେ ଆପେ ଆପେ ସଂଯତ ହୋଇଯାଇଛନ୍ତି । ମନ ଉପରେ ବିବେକ ଚାବୁକ ଦେଇଛନ୍ତି ।

ସୀତା ଭିତରେ ସୁଲତାକୁ ବଞ୍ଚାଇ ରଖିବାକୁ ଆପ୍ରାଣ ଚେଷ୍ଟା ତାଙ୍କର । ସୁଲତାର ମୃତ୍ୟୁ ପରେ ସ୍ୱର୍ଣ୍ଣଲତା ନାଁ ଉପରୁ ସମସ୍ତ ଅଗ୍ରହ ଭୁଟାଇ ଝିଅକୁ ଡାକନ୍ତି 'ସୀତା' । ଏ ନାଁ ଧରି ଡାକିଲା-ବେଳେ କଣ୍ଠ ତାଙ୍କର ଥରିଉଠେ । ସୁଲତାର ସୁନ୍ଦର ମୁହଁ ଆଖି ଆଗରେ ସୁସ୍ପଷ୍ଟ ହୁଏ ।

ସୀତାର ଶୈଶବ କାଳ ଅତି ସୁଖରେ କଟିଗଲା । ପରେ ତା'ର ସ୍କୁଲ ଜୀବନର ଶେଷାଂଶରେ ତାଙ୍କର ଚାକରୀ କାର୍ଯ୍ୟକାଳ ପୂରିଯାଇଛି । ଦୁଃଖ ପରେ ସୁଖ ଆସିଲେ ଭାବିବାର ନାହିଁ । କିନ୍ତୁ ସୁଖ ପ୍ରାପ୍ତି ଭିତରେ ଅଚାନକ ଦୁଃଖ ଦେଖାଦେଲେ ଜୀବନ ଦୁଃସହ ହୋଇଉଠେ । ଗତିକୃଷ୍ଣବାବୁ ଏ ଅବସ୍ଥା ପ୍ରତି ପୂର୍ବରୁ ପ୍ରସ୍ତୁତ ନ ଥିଲେ । ତେଣୁ ସେ ଭାଙ୍ଗିପଡ଼ିବା ସ୍ୱାଭାବିକ । ସବୁଠି ଦୁଃଖଦାୟକ ଏଇ ସୀତା । ତା'ର କିଛି କିନାରା ହୋଇପାରିଥିଲେ ଭାବିବାକୁ ନ ଥାନ୍ତା । କିନ୍ତୁ ଏବେ ହତାଶାରେ ମନ ଭାଙ୍ଗିଯାଇଛି । ଯେଉଁ ଚନ୍ଦ୍ରମୋହନକୁ ଏକାନ୍ତ ନିଜର ଭାବି କଳ୍ପନାର ଜାଲ ତିଆରି କରିବାରେ ବ୍ୟସ୍ତ ଥିଲେ, ବରପକ୍ଷର ଚିଠି ଖଣ୍ଡିକ ସେହି କଳ୍ପନାର ଜାଲକୁ ଛିଣ୍ଡାଇଦେଲା । ଗତିକୃଷ୍ଣବାବୁଙ୍କର ମନର ଭାବନା ଇତସ୍ତତଃ ହୋଇଉଠିଲା । ସେ ଅନ୍ୟମନସ୍କ ଥିଲେ ।

"ବାପା, ମନମୋହନବାବୁ ଡାକୁଛନ୍ତି ।" ସୀତା ଖବର ଦେଲା ।

Digitized by PPRACHIN, SOA

ମନମୋହନ ହସି ହସି ଆଗେଇଆସୁଥିଲ ।

"କିଏ, ମୋହନ ଡାକୁଛୁ ?" ଗଣ୍ଡକୃଷ୍ଣବାବୁ ପଚାରିଲେ ।

"ହଁ ବାପା, ଅଟକା ଆସିଲେ ।" ସୀତା ଉତ୍ତର ଦେଲ ।

"ମୁଁ ଜାଣେ, ସେ ନିଶ୍ଚୟ ଆସିବ । ତୋ'ଉପରେ ତା'ର ଅସୀମ ଶ୍ରଦ୍ଧା କି ନା ! କିନ୍ତୁ ତାହା ହୋଇପାରେନା' ମା ! ତାକୁ ଆସିବାକୁ ମନା କରିଦେ । ପାରିବୁ ଯଦି ତାକୁ ଫେରାଇଦେବା ଉଚିତ ହେବ ।"

"ଏ କ'ଣ କହୁଯାଉଛ, ବାପା ?" ସୀତା ବିସ୍ମିତ ହେଲ ।

"ମୁଁ ଯାହା କହୁଛି, ତୋତେ ତାହା କରିବାକୁ ହେବ ସୀତା, ଇଏ ତୋର ବାପାର ଆଦେଶ । ଖାଲି ଆଦେଶ ତ ନୁହେଁ, ଶାସ୍ତ୍ରର ଆଦେଶ । ବୁଝିଲୁ ତ ସୀତା ? କହିଦେ, 'ସେ ମୋର ଦେଖା ପାଇବନି କି ଏ ଦୁଆର ମାଡ଼ିବନି' । ଆମର ପରିବାର ସଙ୍ଗରେ ତା'ର ସମସ୍ତ ସମ୍ପର୍କ ଆଜିଠୁ ଛିନ୍ନ ହେଲ । ସେ ତା'ର ପିତା-ପାଖକୁ ଫେରିଯାଉ !"

"କିନ୍ତୁ କାହିଁକି ବାପା ?" ସୀତା ପ୍ରଶ୍ନ କଲ ।

"ଏ ଉତ୍ତର, ତୁ ତା'ର ଫେରିଗଲ ପରେ ହିଁ ପାଇବୁ । ମୁଁ ନାଚାର, ସୀତା ! ଏ ଅହେତୁକ ପ୍ରଶ୍ନ କରି ଲଭ ନାହିଁ । ଯାହା ହେବାର ନୁହେଁ, ତାହା ହୋଇପାରେନା ।"

"କିନ୍ତୁ ମଉସା, ତୁମେ ତ ମୋତେ ଦେଖା କରିବାକୁ କହିଥିଲ; ମୋର ଦୋଷ କ'ଣ ? ଭୁଲଥିଲେ କ୍ଷମା ଦେବ ନା ?" ମନମୋହନ ପ୍ରଶ୍ନ କଲ ।

Digitized by PPRACHIN, SOA

"କିଏ, ମନମୋହନ ?" ଗଉକୃଷ୍ଣବାବୁ ଚକିତ ହେଲେ ।

"ହଁ, ମଉସା !"

"କିନ୍ତୁ ସୀତା କହୁଥିଲା, ମୋହନ ଆସିଛି ବୋଲି !"

"କିନ୍ତୁ ବାପା, ମୁଁ କହିଲି ମନମୋହନବାବୁ ଆସିଛନ୍ତି ବୋଲି !" ସୀତା ତା' ନିଜ ଅବସ୍ଥାର ସ୍ପଷ୍ଟୀକରଣ କରୁଥିଲା ।

"ହଁ ମାଆ, ମୋର ବୁଝିବାରେ ଦୋଷ ରହିଗଲା । ବୁଢ଼ା ହୋଇଯାଇଛି ନା ! ଇନ୍ଦ୍ରିୟସବୁ ଆୟତ୍ତରେ ରହୁନାହାନ୍ତି ।" ତା'ପରେ ମନମୋହନଙ୍କୁ କହିଲେ, "ତୋର ଭୁଲ ହୋଇନି ରେ, ମନୁ ! ସବୁ ତୋର ମଉସାର ଭୁଲ । ତୋତେ ତ ଆଜି କ୍ଷମା ମାଗିବିନି; ଖାଲି ଅନୁରୋଧ କରୁଛି, ମୋର ଏଭଳି କର୍କଶ ବ୍ୟବହାରକୁ ଧରିବୁ ନାହିଁ । ଏ ଲେକଗୁଡ଼ାକ ଅଯଥା ମୋତେ ଅନାୟତ୍ତ କରି-ଦେଲେଣି । କ'ଣ କରିବ ବୁଝିପାରୁନାହିଁ ।"

"କିଏ, ମଉସା ?" ମନମୋହନ ପ୍ରଶ୍ନ କଲା ।

"ଏ ଚିଠିର ଲେଖକ ବନ୍ଧୁ ବରୁପାକ୍ଷ ।"

ମନମୋହନ ଆଉ ସୀତା ବ୍ୟଗ୍ର ଭାବରେ ପ୍ରାୟ ଏକ ସଙ୍ଗରେ ସେ ଚିଠିଟିକୁ ପଢ଼ିସାରିବା ପରେ ପରସ୍ପରକୁ ଅନାଇଁବାକୁ ଲାଗିଲେ । ସେ ଚାହାଁଣୀରେ ବିସ୍ମୟ ଥିଲା ।

ସୀତା ଅସହ୍ୟ ଯନ୍ତ୍ରଣାରେ ମୁହଁ ଲୁଚାଇ କାନ୍ଦିବାକୁ ଲାଗିଲା ।

ସୀତାର ଚନ୍ଦ୍ରମୋହନ ସଙ୍ଗେ ପରିଚୟ ହୋଇଥିଲା ମାତ୍ର କେଇଦିନ ସକାଶେ । କିନ୍ତୁ ସେହି କିଛି ଦିନର ସ୍ମୃତି ହିଁ ତା'ର

Digitized by PPRACHIN, SOA

ସର୍ବସ୍ୱ । ଜୀବନକୁ ଜୀବନ ଭଳି ଉପଭୋଗ କରିବାର ଅବକାଶ ସୁଦ୍ଧା ପାଇପାରି ନ ଥିଲା । ଖାଲି ସୁନ୍ଦର ଭବିଷ୍ୟତର ରଙ୍ଗୀନ କଳ୍ପନାରେ ମସ୍‌ଗୁଲ ଥିଲା । ନିତାନ୍ତ ଅସହାୟ ଅବସ୍ଥାରେ ମଧ୍ୟ ସେ ତା'ର ପରିକଳ୍ପିତ ସୁନ୍ଦର ସଂସାରର ମୋହ ପରିତ୍ୟାଗ କରିନାହିଁ । କିନ୍ତୁ ଏ ଚିଠିଖଣ୍ଡିକ ପଢ଼ିସାରିବା ପରେ ମନ ତା'ର ମଳିନ ପଡ଼ିଗଲା ।

ଗତିକୃଷ୍ଣବାବୁ ସୀତାର ମୁଣ୍ଡ ଉପରେ ହାତ ରଖି ଅଲରା କେଶତକ ଅନ୍ୟମନସ୍କ ଭାବରେ ସଜାଡ଼ି ସଜାଡ଼ି ନୀରବରେ କାନ୍ଦୁଥିଲା । ହୃଦୟର କୋହ କଣ୍ଠ ପାଖରେ ଜମାଟ ବାନ୍ଧିଥିଲା । କିନ୍ତୁ ସେ ସ୍ପଷ୍ଟ ଭାବରେ କାନ୍ଦିପାରିଲେ ନାହିଁ । ସୀତାକୁ ନିଜର ଛାତି ଉପରକୁ ଭିଡ଼ିନେଇ କହିଲେ, "ତୁ ମୋର ଆଗରେ କାନ୍ଦୁଛୁ, ଝିଅ ? ଦୁନିଆରେ ସବୁ ସହିଛି; କିନ୍ତୁ ତୋର ଆଖିର ଲୁହ ମୁଁ ସହି ପାରୁନି ! ତୋର କାନ୍ଦ ଦେଖିଲେ ମୁଁ ପାଗଳ ହୋଇଯିବି । ଏ ଦୁନିଆରେ ମୋର ବୋଲି ଆଉ କେହି ନାହିଁ । ତୁ ଦମ୍ଭ ଧର, ମାଆ !"

ସୀତାର କାନ୍ଦ ବନ୍ଦ ହୋଇଗଲା । ସେ ଅଜଣା ଆବେଗରେ ବାପାକୁ ତା'ର ଜାବୁଡ଼ି ଧରିଲା ।

ଗତିକୃଷ୍ଣବାବୁ କହିଗଲେ, "ତୁ ବ୍ୟସ୍ତ ହୁଅନା, ସୀତା ! ବୁଢ଼ା ବାପ ତୋର ବଞ୍ଚିଥିଲାଯାଏ ଅନ୍ତତଃ ଟିକିଏ ଦମ୍ଭ ଦେ । ଦେଖିବୁ, ତୋର କେହି କିଛି ଅନିଷ୍ଟ କରିପାରିବେ ନାହିଁ । ଜୀବନ ଦେଇ ମୁଁ ବାଧାବନ୍ଧନ ସଙ୍ଗେ ଲଢ଼ିବି । ରକ୍ତ ଦେଇ ତା'ର ପ୍ରତିଶୋଧ

Digitized by PPRACHIN, SOA

କରିବ । ତୋର ବିବାହର ସମସ୍ତ ଆୟୋଜନ କରିବ, ମାଆ ! ଆବଶ୍ୟକ ହେଲେ ଜୀବନସାରା ପରର ଗୋଲାମି ଖଟିବ ।"

ସୀତା ଲୁହ ଢଳଢଳ ଆଖିରେ ପିତାଙ୍କୁ ତା'ର ଅନାଇଲା । ତା'ର ଚାହାଁଣୀରେ ମିଶିଥିଲା ଶିଶୁର ଅସହାୟତା ।

"ତୁ କାନ୍ଦନା, ଝିଅ ! ଖାଲି ହସୁଥା ! ତୋର ମୁହଁର ହସଟି ହେଉ ମୋର ଜୀବନ ପଥର ପାଥେୟ !"

ସୀତା କାନ୍ଦୁକାନ୍ଦୁ ହସିଲା ! କାନ୍ଦଠାରୁ ଆହୁରି କରୁଣ ସେ ହସ । ସତେ ଯେମିତି ସୃଷ୍ଟିର ସ୍ଥିତିକୁ ସେ ଉପହାସ କରୁଛି

ମନମୋହନବାବୁ ସୀତା ମୁହଁର ମଳିନ ହସକୁ ଦେଖି ଅଧୈର୍ଯ୍ୟ ହେଲେ । ସୀତାର କାନ୍ଦ ଅପେକ୍ଷା ଏ ବଳକାରି ହସରେ ଥିଲା ଅଧିକ ଦୁଃଖ, ଅଧିକ ଯାତନା । ସେ ଏଭଳି ବଳକାରି ହସ ନ ହସି ବରଂ କାନ୍ଦିଥିଲେ ସହନୀୟ ହୋଇଥାନ୍ତା ।

ସୀତାର ପୂରିଲା ମୁହଁଟି କାଗଜ ଫୁଲର ଫିକା ପାଖୁଡ଼ା ଭଳି ମଳିନ ଦେଖାଯାଉଥିଲା । ଆଖି ଦୁଇଟି ସତେ ଯେମିତି କ୍ରନ୍ଦନର ନେଝଳା । ଗତିକୃଷ୍ଣବାବୁ ତତୋଧିକ ଦୁଃଖୀ ଥିଲେହେଁ, ଦୁଃଖକୁ ଅତି ବଳିଷ୍ଠ ଭାବରେ ଦମନ କରି ରଖିଥିଲେ । ଏତେବଡ଼ ଦୁନିଆରେ ଦୁଃଖ ବୁଝି ପ୍ରତିକାର କରିବାକୁ କେହି ନାହିଁ । ଦୁଇଟି ବାପଝିଅ ଦରିଆ ମଝିରେ ଭାସି ଯାଉଯାଉ କୁଟାଖିଅକୁ ଆଶ୍ରା କରି ବଞ୍ଚି ଯାଇଛନ୍ତି । କିନ୍ତୁ ସେ ବଞ୍ଚିବାର କିଛି ମାନେ ହୁଏନା । ଜୀବନ ନୁହେଁ ତ, ଜୀବନ୍ତ ଦହନ ।

Digitized by PPRACHIN, SOA

ସୀତା ଗନ୍ତକୃଷ୍ଣବାବୁଙ୍କ ଗୃହଭିତରେ ଆଖି ଲୁଚୁଥିଲା ଏଇ ତା'ର ପିତାର ବଳିଷ୍ଠ ଗୃହ । ଏହାକୁହିଁ ଆଶ୍ରୟ କରି ମା'ଆର ସ୍ମୃତି ଭୁଲିଯାଉଛି । ଏହି ବଳିଷ୍ଠ ଛାତର ଆଶ୍ରୟ ପାଇ ସେ ଦୁନିଆର କୌଣସିଟି ଦୁଃଖ ଦୁର୍ବିପାକକୁ ଖାତିର କରି ନାହିଁ । ପିତାହିଁ ତା'ର ଅଭୟଦାତା । ଦୁନିଆର ସମସ୍ତେ ଗୋଟି ଗୋଟି ହୋଇ କରିଛଡ଼ା ଦେଲେ ମଧ ଏହି ଅଭୟ ଆଶ୍ରୟଟି ତା'ର ମନାଶେ ବଳ ଉନ୍ମୁକ୍ତ ରହିବ । ପରସ୍ପର ପରସ୍ପରକୁ ଆଶ୍ରୟ କରି ଅବଶିଷ୍ଟ ପଥ ଅତିକ୍ରମ କରିବେ । ଚଲି ପଥରେ କଣ୍ଟା ପଡ଼ିଲେ, ଉଭୟେ ଉଭୟଙ୍କୁ ସତର୍କ କରାଇ ହୋଇ ଆଗେଇ ଚାଲିବେ । କିନ୍ତୁ କେତେ ଦୂର ? ନିଶ୍ଚିତ ମରଣ ଯେ ହାତ ଠାରି ଡାକୁଛି । ପିତା ଯେ ତା'ର ବୟସ ଆଉ ଜଞ୍ଜାଳ ବୋଝରେ କ୍ଳାନ୍ତ ହୋଇପଡ଼ିଲେଣି । ଯଦି ତାଙ୍କର କିଛି ହୋଇଯାଏ ?

ସୀତା ଅର୍ଥଭରା ଦୃଷ୍ଟିରେ ଗନ୍ତକୃଷ୍ଣବାବୁଙ୍କୁ ଅନାଇଲା । ଗନ୍ତକୃଷ୍ଣବାବୁ ଝିଅର ମୁଣ୍ଡ ଉପରେ ହାତ ରଖି ଅଭୟ ଦେଉ ଦେଉ ଆକାଶ ପାତାଳ ଭାବି ହେଉଥାନ୍ତି । ସୀତା ଆଜି ଚନ୍ଦ୍ରମୋହନର ସମ୍ବନ୍ଧ ସ୍ୱୀକୃତ ହୋଇଯାଇଥିଲେ, ସେ ଏହି ଗୃହରେ ହସେଇ ସୀତାର ସନ୍ତାନକୁ ଖେଳାଉଥାଆନ୍ତେ । ତା'ର ଟିକି ମୁହଁର ଠେକୁ ଠେକୁ କଥା ଶୁଣି ଅତୀତର ସମସ୍ତ କ୍ଳାନ୍ତିକୁ ପୋଛି ପକାଉଥାନ୍ତେ । କିନ୍ତୁ ବିରୂପାକ୍ଷ ଅମଙ୍ଗ ହେଲି । ସମାଜର ଭୟ ଦେଖାଇ ଅତୀତ କଥାକୁ ଭୁଲିଗଲା । ଭଗବାନ ନିଷ୍ଠୁର ହେଲେ । ଦୁନିଆ ଦାଉ ସାଧିଲା । କିଛି ହୋଇପାରିଲା ନାହିଁ । କଳ୍ପନା କଳ୍ପନାରେ ହିଁ ରହିଗଲା ।

Digitized by PPRACHIN, SOA

ଗତିକୃଷ୍ଣବାବୁଙ୍କ କ୍ଳାନ୍ତ ଆଖି ଲୁହରେ ଜକେଇଆସିଲା । ତହିଁରୁ ବୁନ୍ଦ ବୁନ୍ଦ ଧାରେ ଧାର ହୋଇ ଲୁହ ବୋହି ସୀତାର ମୁହଁ ଉପରେ ଗଡ଼ିବାକୁ ଲାଗିଲା । ସୀତା ଆଉ ସମ୍ଭାଳିପାରିଲା ନାହିଁ । ପିତାଙ୍କୁ ନିବିଡ଼ ଭାବରେ ଆଶ୍ଳେଷ କରି କଅଁଳା ପିଲା ଭଳି ପୁଣି ଥରେ କାନ୍ଦିଉଠିଲା ।

ବାପଝିଅଙ୍କର ଲୁହ ଦେଖି ମନମୋହନବାବୁ ବ୍ୟସ୍ତ ହେଲେ । କ'ଣ କହି ବା ଦମ୍ଭ ଦେବେ ? ଏ ଦୁଃଖ ପାଇଁ ଭାଷା କାହିଁ ? ତାଙ୍କର ଦୁଇ ଆଖିରୁ ଦୁଇଟି ଦରଦୀ ଲୁହଧାର ଆପେ ଆପେ ବୋହିବାକୁ ଲାଗିଲା । ମନମୋହନବାବୁ ପ୍ରସଙ୍ଗକ୍ରମେ ଚନ୍ଦ୍ରମୋହନ ବିଷୟରେ ଆଭାସ ପାଇଥିଲେ ମାତ୍ର । କିନ୍ତୁ ଏହି ଚନ୍ଦ୍ରମୋହନ ଉପରେ ଆସ୍ଥା ରଖି ସବୁହରା ଗତିକୃଷ୍ଣବାବୁ ଯେ ଏହିଭଳି ଏକ ଅବର୍ଣ୍ଣନୀୟ ଅବସ୍ଥାର ସମ୍ମୁଖୀନ ହେବେ, ତାଙ୍କ ଧାରଣାର ବହିର୍ଭୂତ ଥିଲା ।

ମନମୋହନବାବୁ ପରିସ୍ଥିତିକୁ ସହ୍ୟ କରି ନ ପାରି ଫେରିଯାଉଥିଲେ । ଏହି ସମୟରେ ସୀତାର ସ୍ୱହସ୍ତଲିଖିତ ଅସଂପୂର୍ଣ୍ଣ ଚିଠିଟିଏ ହାଲୁକା ପବନରେ ଉଡ଼ିଉଡ଼ି ଆସି ତାଙ୍କର ପାଦତଳେ ଲୋଟିପଡ଼ିଲା । ଦୁହସଂଯେର କୌତୁହଳର ବଶବର୍ତ୍ତୀ ହୋଇ ସେ ଥରେ ନୁହେଁ, ଅନେକ ଥର ଚିଠିଟିକୁ ପଢ଼ିବାକୁ ଲାଗିଲେ । ଚିଠିଟିରେ ସୀତାର ମନ ଓ ପ୍ରାଣ ବିହ୍ୱଳ ହୋଇ ପଡ଼ିଥାଏ । ଶ୍ରେଷ୍ଠ ଶ୍ରେଷ୍ଠ ଅକ୍ଷର କେଇଟିରେ ହୃଦୟର ଅନେକ ବଡ଼ କଥା ଲେଖି ଚନ୍ଦ୍ରମୋହନକୁ ଆସିବାକୁ ଅନୁରୋଧ କରିଥାଏ ସୀତା । ଚିଠିଟିରୁ ସୀତାର ଗୁଣ ଓ ଗରିମାର ସାକ୍ଷାତ ପରିଚୟ ମିଳିଗଲା । ତାଙ୍କୁ

Digitized by PPRACHIN, SOA

ଭାଙ୍ଗପକାଇ ମନମୋହନ ଟେବୁଲ୍ ଉପରେ ଆସ୍ତେ କରି ରଖି-ଦେଲେ । ସୀତା ସକାଶେ ସହାନୁଭୂତିଶୀଳ ହୃଦୟ ତାଙ୍କର ବଦାର୍ଣ୍ଣ ହୋଇ ଉଠୁଥାଏ । ସେ ଭାବୁଥିଲେ, କେଉଁଥିପାଇଁ ସୀତା ଚନ୍ଦ୍ରପାଷ-ବାବୁଙ୍କର ବଧୂ ହେବା ସକାଶେ ଅନୁପଯୁକ୍ତା ? ରୂପରେ ନା ଗୁଣରେ ଖୁଣ ରହିଛି ? ?

ସୀତାର ରୂପ ଆଉ ଗୁଣର ନିଖୁଣ ଛବିଟି ଆଖି ଆଗରେ ଝଲସିଉଠିଲା । ସୀତା ଦେଖିବାକୁ ଫୁଟିଲା ଫୁଲଟିଏ । ଦେହରେ ତା'ର ଲାବଣ୍ୟର ତରଙ୍ଗ । ଆଖି ଦୁଇଟିରେ ଅନନ୍ତ ପ୍ରାଣର ଭାଷା । ତଥାପି ସେ ରୂପଗରବିଣୀ ନୁହେଁ । ମିଠା କଥା କହି ପଲକ ଭିତରେ ପରକୁ ଆପଣାର କରିନିଏ । ଦେଖାଇହେବାର ପ୍ରବୃତ୍ତି ମୋଟେ ନାହିଁ । ନିହାତି ନିଜ ଉପରେ ନ ପଡ଼ିଲେ ଉତ୍ତର ଦେବାକୁ ଅନୁଚିତ ମନେକରେ । ନମ୍ରତାରେ ନଇଁପଡୁଥାଏ । ହୃଦୟ ତା'ର ପ୍ରଭାତର କିରଣ ଭଳି ଅତି ସ୍ପଷ୍ଟ । ନିଖୁଣ ଚରିତ୍ରରେ ଗଙ୍ଗାଜଳର ପବିତ୍ରତା । ତଥାପି ସେ ବଧୂ ହୋଇପାରେ ନା !

ମନମୋହନବାବୁ ସହସା ବାହୁଡ଼ିଆସି ଗତିକୃଷ୍ଣବାବୁଙ୍କୁ ପଚାରିଲେ, "ଚନ୍ଦ୍ରମୋହନର ଠିକଣା କହିପାରିବେ, ମଉସା ?"

ଗତିକୃଷ୍ଣବାବୁ ଆନତ ଡୋଳା ଟେକ ଚାହିଁଲେ, ମନମୋହନର ମୁହଁ ଉପରେ ଗୋଟିଏ ଅସ୍ୱାଭାବିକ ତେଜ ଲହଡ଼ି ଭାଙ୍ଗୁଛି । ତଥାପି ସେ କହିଲେ, "ଚନ୍ଦ୍ରମୋହନର ସବୁ କଥା ବେ-ଠିକଣା ହୋଇ-ଯାଇଛି, ମନମୋହନ ! ତା'ର ଠିକଣା ପଚାରି ଲାଭ ନାହିଁ ।"

"ତଥାପି ମଉସା......" ମନମୋହନ ଅଡ଼ିବସିଲେ ।

Digitized by PPRACHIN, SOA

"ଯଦି ନିହାତି ବାଧ କରୁନ୍ତ, ତେବେ ଶୁଣ । ଚନ୍ଦ୍ରମୋହନ ଏଠିକି ଆସିନାହିଁ । ସେ ନିଶ୍ଚୟ ସୁଦୂର ଗଡ଼ଜାତ ସୋନପୁର ନିକଟରେ ଥିବ । ପିତା ତା'ର ସେଇଠି ଦେୱାନ ଥିଲା ।"

"ରାସ୍ତା ?"

"ଅନେକ ଦୂର । ରାଇରଙ୍ଗପୁରରୁ ସମ୍ବଲପୁର ଯାଇ ସୋନପୁର ବସରେ ଉଠିବାକୁ ହୁଏ । କିନ୍ତୁ କାହିଁକି ମନମୋହନ ? ତୁମେ କ'ଣ କରିବାକୁ ଚାହଁ ?" ଗତିକୃଷ୍ଣବାବୁ ପ୍ରଶ୍ନ କଲେ ।

"ମୁଁ ସୋନପୁର ଯିବି ।"

"ତୁମେ ସୋନପୁର ଯିବ ?" ସୀତା ବିସ୍ମୟରେ ପଚାରିଲା । କଣ୍ଠରେ ତା'ର କୃତଜ୍ଞତାର ପ୍ରଲେପ ଥିଲା ।

"କିନ୍ତୁ କଷ୍ଟହେଲେ ଲାଭ ହେବ ନାହିଁ, ମନମୋହନ । ଚନ୍ଦ୍ର-ମୋହନର ପିତା ଏ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅସମ୍ମତ । ତା' ଛଡ଼ା ମୁଁ ସର୍ବହରା ।" ଗତିକୃଷ୍ଣବାବୁ ଉତ୍ତର ଦେଲେ ।

"ତଥାପି ଚେଷ୍ଟା କରି ଦେଖେଁ । ଫଳ ଭଗବାନଙ୍କ ହାତରେ ।"

"ଭଗବାନ ସୁଫଳ ଦେବେ ମନୁ ! ଭଲ ପାଇଁ କାମ କଲେ ଭଗବାନ ସର୍ବଦା ସହାୟ ହୁଅନ୍ତି । ମୋର ଧାରଣା, ଚେଷ୍ଟା ତୋର ବ୍ୟର୍ଥ ହେବନି ।" ହରମୋହନବାବୁ ହଠାତ୍ ସହଞ୍ଜ ଆଶୀର୍ବାଦ କଲେ ।

"ତୋର ଋଣ ଏ ଜନ୍ମରେ ଅଶୁଝା ରହିଯିବ ରେ ହର-ମୋହନ ! ଦରିଆ ମଝିରେ ଗଡ଼ିଯାଉଥିବା ପଥରକୁ ଘରେ ପୂରାଇ

Digitized by PPRACHIN, SOA

ତୁ ଯେଉଁ ଶାଳଗ୍ରାମର ସମ୍ମାନ ଦେଉଛୁ, ତାହା ଜୀବନସାରା ମନେ ରହିବ । ତୋ ପରି ବନ୍ଧୁ ପାଇ ଜୀବନ ମୋର ସାର୍ଥକ ହୋଇଛି ।”

“କିନ୍ତୁ ତୁ ଭୁଲିଯାଉଛୁ, ଗତି ! ଦଳିଆ ମୂହଁର ପଥର ଯଦି ଶାଳଗ୍ରାମ ହୋଇଥାଏ ସେ ଉପେକ୍ଷିତ ନ ହୋଇ ପୂଜା ପାଏ । ସେ ଯେ ସାକ୍ଷାତ ଦେବତା ! ତାକୁ ଖାଲି ସମ୍ମାନ ଦେଖାଇଲେ ଯଥେଷ୍ଟ ହୁଏନି, ପୂଜା କରିବା ବିଧେୟ ।”

“ଏ କ'ଣ କହୁଛୁ, ହରି ?”

“ଠିକ୍ କହୁଛି ଗତି ! ତୁ ଏବେ ମଣିଷଗଢ଼ା ସମାଜରେ ସାକ୍ଷାତ ମଣି । ଦେବତାର ଆଶୀର୍ବାଦ ନେଇ ସମାଜର ଆବର୍ଜନାରୂପକ ଜାତିଆଣ ଭେଦ ଘୁଞ୍ଚାଇବାକୁ ଆସିଥିଲୁ । ସେତକ ସରିଯାଇଛି । ଏଥର ତୁ ଦେବତାର ପୂଜା ପାଇବା ଉଚିତ ।” ହରମୋହନ ଗଦ୍‌ଗଦ କଣ୍ଠରେ ପ୍ରକାଶ କଲେ ।

“ମଣିଷ କି କେବେ ଦେବତା ହୁଏ ରେ, ହରମୋହନ ? ଯଦିଓ ମୁଁ ତାର ଡାହାଣପଣିଆରୁ ଆସ୍ଥା ହରାଇଛି, ତଥାପି ତା'ର ବିରାଟ ଐନ୍ଦ୍ରଜାଳିକ ଶକ୍ତିକୁ ଅସ୍ୱୀକାର କରିପାରୁନି ।”

“ନିଜର ଗୁଣ ଆଉ କର୍ମର ମାଧ୍ୟମରେ ଏ ଦେଶର ମହାମାନବ ଦେବତା ହୋଇ ପୂଜା ପାଇବାର ପରମ୍ପରା ରହିଛି । ସୁନନ୍ଦାକୁ ପରିତ୍ୟାଗ କରି ସୁଲତାକୁ ଗ୍ରହଣ କରିଥିଲୁ ଜାତି ଆଉ ସମାଜର ପିଠିରେ ଚାବୁକ ଦେଇ । ଏ ସମାଜ ସବୁବେଳେ ଉପରେ ଭାସେ । ଭିତରେ ପଶି ଅସଲ କଥା ଦେଖିବାର ସ୍ପୃହା କାହାରି ନାହିଁ । ବାସ୍ତବ ପ୍ରେମ ଏବଂ ଚଳନ୍ତି ସମାଜର ସପନ କଥା । ସମାଜର ବଡ଼ ପଣ୍ଡା ମନଇଚ୍ଛା କାନୁନ ଗଢ଼ି, ପ୍ରେମ ଥାଉ କି ନ ଥାଉ, ସମାଜର

Digitized by PPRACHIN, SOA

ଶୃଙ୍ଖଳିତ ପରିବେଷ୍ଟନୀ ଭିତରୁ ବାହାର କରି ଗୋଟିଏ ତରୁଣୀ ହାତରେ ଅପରିଚିତ ଯୁବକର ହାତ ଯୋଡ଼ିଦିଏ । ତନ୍ତି ବାସିଘର ସେ ଘରେ ଜଟିଳ ପ୍ରଳୟର ନାହିଁ । କେବଳ ଦୁଇଟି ପ୍ରାଣୀ ନୁହନ୍ତି, ସେମାନଙ୍କ ସଙ୍ଗେ ଯେ ଘରର ସମୁଦାୟ ପରିବାର ଜଳନ୍ତା ନିଆଁର ଇନ୍ଧନ ହୁଅନ୍ତି । ସେ ନିଆଁ ଲିଭେ ନାହିଁ । ଜୀବନ ଥିଲାଯାଏ ଜଳେ ଓ ଜଳାଏ । ପରସ୍ପରକୁ ବୁଝି ନ ପାରି ଦୁଇଟି ଆତ୍ମା ଜଳିବଳି ହୁଏ । କିନ୍ତୁ ପ୍ରକୃତ ପ୍ରେମ ଉପରେ ପ୍ରତିଷ୍ଠିତ ବିବାହ ସମ୍ପର୍କ ଦୁଇଟି ଆତ୍ମାକୁ ପବିତ୍ର କରେ । ସେ ସମଗ୍ର ସମାଜକୁ ଆଲୁଅ ବାଣ୍ଟେ । ତୁ ସମାଜର ଚିରାଚରିତ କୁସଂସ୍କାରପୂର୍ଣ୍ଣ ନିର୍ଦ୍ଦେଶ ନ ମାନି ନୂଆ ରାସ୍ତା ଦେଖାଇଛୁ । ନୂଆ ରାସ୍ତାରେ ଅନେକ କଣ୍ଟା । ତହିଁକି ତୁ ଖାତିର କରିନାହୁଁ । ସୁନନ୍ଦାକୁ ବିବାହ କରିଥିଲେ, ଜାତିଆଣ ଭୋଜି ଖାଇ ସମାଜ ବଡ଼ପଣିଆ ପ୍ରଶଂସା କରିଥାନ୍ତା । ସେତକରୁ ବଞ୍ଚିତ ହେଲି ବୋଲି ଦାଉ ସାଧୁଛନ୍ତି, ଆଉ ତୁ ନିର୍ବିକଳ୍ପ ଭାବରେ ସବୁ ସହିଯାଉଛୁ । ଇଚ୍ଛା ହୁଏ, ତୋର ପାଦତଳେ ବସି ପୂଜା କରନ୍ତି । ତୋର ନୂଆ ରାସ୍ତାର କଣ୍ଟକ ଫୁଲ ହେଉ ରେ, ଗତି ! ସମାଜର ଆଖି ଖୋଲୁ ! ମୁଁ ବିଶେଷ ଖୁସି ହୁଅନ୍ତି, ଯଦି ମନମୋହନ ସଙ୍ଗରେ ସୀତାର···”

“ଅଟକି ଗଲୁ ଯେ ହରମୋହନ ?” ଗତିକୃଷ୍ଣବାବୁ ଅଧୀର ହୋଇପଡ଼ିଥିଲେ । “ଯଦି ତାହାହିଁ ତୋର ଇଚ୍ଛା, ତେବେ ମୁଁ ଅତ୍ୟନ୍ତ ଖୁସି ହେବି । ମନୁ ଆଉ ବା ସୋନପୁର ଯିବ କାହିଁକି ? ସୋନପୁର ଅନେକ ଦୂର, ହରି ! ଆଉ ମୁଁ ସହିବନି । ତାକୁ ମନା କରିଦେ ।”

“ସେ ଯାଆନ୍ତୁ, ବାପା !” ସୀତା ଥରିଲା ଗଳାରେ ରହି ରହି କହିଲା, “ତାଙ୍କୁ ବାଧା ଦିଅ ନାହିଁ ।”

Digitized by PPRACHIN, SOA

"ତୋ'ର ମଙ୍ଗଳ ପାଇଁ ଏ ସବୁ କରାହେଉଛି, ମା'ଆ !" ହରମୋହନବାବୁ ସାନ୍ତ୍ୱନା ଦେଲେ ।

"କାଲିକାର ପିଲାଟିଏ ତୁ । ସଂସାର ବିଷୟରେ କ'ଣ ଜାଣିଛୁ ଝିଅ ? ଚନ୍ଦ୍ରମୋହନ ବଦଳରେ ମନମୋହନକୁ ପାଇଲେ ମୁଁ ବିଶେଷ ଖୁସି ହେବି ।" ଗଡ଼କୃଷ୍ଣ ନିଜ ଇଚ୍ଛା ପ୍ରକାଶ କଲେ ।

"ଏ କ'ଣ କହୁଛ, ମଉସା ? ସୀତା ଯେ ମୋର ଭଉଣୀ ! ପାପଚକ୍ଷୁରେ ତାକୁ କେବେହେଲେ ଅନାଇନାହିଁ । ଧର୍ମ ଏ ସବୁ ସମ୍ଭବ ନାହିଁ, ମଉସା ! ତା' ବ୍ୟକ୍ତିତ ତୁମେମାନେ କିମ୍ବା, ସୀତାକୁ ଯେଉଁ ଆଖିରେ ଯେତିକି ସ୍ନେହ ଦେଇ ଦେଖିଆସିଛ, ମୋତେ କ'ଣ ତାଠୁ କେବେହେଲେ ଅଲଗା କରି ଦେଖିଛ ? ତୁମ ଆଉ ବାପାଙ୍କ ମଧ୍ୟରେ ଭେଦ କେବେ ମୁଁ ଦେଖିନାହିଁ । ସୀତାକୁ ପେଟର ଭଉଣୀ ରୂପରେ ଦେଖିଆସିଲି । ଏବେ ତୁମେ ଯେ ସେ ପବିତ୍ର ସମ୍ପର୍କର ସମ୍ପୂର୍ଣ୍ଣ ବିପରୀତ ଆଚରଣ କରୁଛ ! ସୀତାର ବିବାହ ଦାୟିତ୍ୱ ତୁମର ଆଶୀର୍ବାଦ ପାଇଲେ ମୁଁ ନିଜେ ହିଁ ତୁଲାଇବି । ସେଥିପାଇଁ ତୁମେ ବ୍ୟସ୍ତ ହୁଅନା । ମୁଁ କାଲିଠୁ ସୋନପୁର ଯିବି ।" ମନମୋହନ ଦୃଢ଼ କଣ୍ଠରେ ପ୍ରକାଶ କଲେ ।

"ଭା—ଇ !" ସୀତା ବିଭୋର କଣ୍ଠରେ ଡାକିଲା ।

"ହଁ ଭଉଣୀ ! ଦୁନିଆରେ ତୋତେ ଅଭୟ ଦେବାକୁ ବାପା ସଙ୍ଗେ ଭାଇ ଅଉ ମଉସା ବି ଅଛନ୍ତି । ତୁ ବ୍ୟସ୍ତ ହୁଅନା ।" ମୋହନ ସାନ୍ତ୍ୱନା ଦେଲା ।

"ମନୁ ! ତୁ ଅଜ ମୋର ପୁଅ ହୋଇ ମୋତେ ଧର୍ମର ବାଟ ଦେଖାଇଲୁ । ମୁଁ ଯେ ଅଜ କେତେ ଖୁସି, ମନୁ, ତାହା ପ୍ରକାଶ କରିବାକୁ ଭାଷାର ସାମର୍ଥ୍ୟ ନାହିଁ ।" ହରମୋହନ କୃତକୃତ୍ୟ ହେଲେ ।

Digitized by PPRACHIN, SOA

ସୀତା ସୁଦୂର ଆକାଶକୁ ଚାହିଁଲା । କୃଷ୍ଣକଳା ମେଘ ଖଣ୍ଡିକ ଖଣ୍ଡ ଖଣ୍ଡ ହୋଇ ଫାଟିଯାଇ ପବନ ସୁଅରେ ଉଡ଼ିଭେଇଯାଉଛି । ମେଘ ଜମିଥିଲେ ହୁଏତ ବର୍ଷା ହୋଇ ତା'ର ପତନୋନ୍ମୁଖୀ ଜୀବନ-ପ୍ରାସାଦକୁ ବିପର୍ଯ୍ୟସ୍ତ କରିଦେଇଥାନ୍ତା । ଏବେ ବାଦଲ କାଟି ସୂର୍ଯ୍ୟକିରଣ ଝରୁଛି ଝିର ଝିର ହୋଇ ।

ସାମନା ରାସ୍ତାରେ ଖିଲଖିଲିଆ ହସ ହସି ଆଦିବାସୀ ଝିଅ ଦଳେ ଚାଲିଯାଉଥିଲେ । ହାଟପଦାର ଜନଗହଳି କ୍ରମେ ବଢ଼ି-ଆସୁଥିଲା ।

ମନେହେଲା, ମୁହୂର୍ତ୍ତେ କେଇଟା ଭିତରେ ସମଗ୍ର ପୃଥିବୀ ବଦଳିବାକୁ ଆରମ୍ଭ କରିଛି । ଅବଳ ପ୍ରକୃତି, ଅଟଳ ଜନମାନବ ଉପରେ ଯେ ପରିବର୍ତ୍ତନର ପ୍ରତିଫଳନ ପଡ଼ୁଛି ।

ରାଇରଙ୍ଗପୁର ପି. ଡବ୍ଲୁ. ଡି. ଅଫିସ ଆଉ ହାଟପଦାର ଅଣଓସାରିଆ ବନ୍ଧ ମଝିରେ ଯେଉଁ ଆଦିବାସୀ ପଲ୍ଲୀ କେଇଟି ଛୁଞ୍ଚା ହୋଇଛି, ତା'ର ଭିତରେ ରହନ୍ତି ଆଦିବାସୀ କୁଳର ମୁଖିଆ ଲୋକ କେଇଜଣ । ପାଖଆଖର ଆଦିବାସୀ ପଲ୍ଲୀରେ କୋଳାହଳ ଲାଗିଲେ ଏଇଠି ହୁଏ ତା'ର ନ୍ୟାୟ ନିଶାପ । ଏଇ ମୁଖିଆ ଲୋକ କେଇଜଣଙ୍କ କଥାରେ ଆଖପାଖର ସମସ୍ତ ଆଦିବାସୀ ପଲ୍ଲୀ ପରିଚାଳିତ ହୁଏ । କେବଳ କେଇଟି କୁକୁଡ଼ା କି ସାମାନ୍ୟ ଟଙ୍କେଟେ-ବୋତଲ ମହୁଆ ମଦ ଭେଟଘାଟି କରିପାରିଲେ ସମସ୍ତ ଜଟିଳ ସମସ୍ୟାର ସମାଧାନ ହେଲା । ପଞ୍ଚାୟତ ସାମନାରେ କେଉଁ କାହାର ଦୋଷ

Digitized by PPRACHIN, SOA

ଲୁଟୁଇବାର ଇଚ୍ଛା ପୋଷଣ କରନ୍ତି ନାହିଁ । ପଞ୍ଚାୟତ ସେ ସାକ୍ଷାତ ପରମେଶ୍ୱର ! ତାଙ୍କ ଆଗରେ କୌଣସି କଥା ଗୁପତ ରଖିଲେ 'ଡୁମା' ତା'ର ପ୍ରତିଶୋଧ ନେବନି ? ଦୋଷୀ ମୁଣ୍ଡ ପୋତି ପଞ୍ଚାୟତ ଦଣ୍ଡକୁ ସ୍ୱୀକାର କରନ୍ତି । କେହି କୋର୍ଟକଚେରୀ ମାଡ଼ିବାକୁ ପସନ୍ଦ କରନ୍ତି ନାହିଁ କି ପଞ୍ଚାୟତର ରାୟ ବିରୁଦ୍ଧରେ ଅପିଲ କରିବାକୁ ଇଚ୍ଛା କରନ୍ତି ।

ପ୍ରକୃତି ଅତି ଯତ୍ନର ଭାବରେ ଗଢ଼ିଛି ତାହାର କୋଳର ଏହି ସରଳ ନିଷ୍କପଟ ଆଦିବାସୀମାନଙ୍କୁ । କୋହ୍ଲ ଯୁବକ ଯୁବତୀର ସ୍ୱାସ୍ଥ୍ୟ ଦେଖିଲେ ଈର୍ଷା ହୁଏ । ଚିକ୍‌କଣ କଳା ଦେହରେ ଗ୍ରାନାଇଟ ପଥରର ବଳ । ଆଗେ ଖୋଲା ଦେହରେ ବୁଲୁଥିଲେ । ଆଜିକାଲି ହାଟ ବଜାରକୁ ଆସି ଯୁବତୀ ଝିଅ ରଙ୍ଗୀନ ଶାଢ଼ୀ କିଣୁଛନ୍ତି ତ କୋହ୍ଲ ଯୁବକ କାଛା ପସନ୍ଦ କରୁଛି । ମୁହଁରେ ଏମାନଙ୍କ ଟିକିଏ ଲଜ୍ଜା ନାହିଁ କି ସଙ୍କୋଚ ନାହିଁ । ଡାକିଲେ ଚାଲିଗଲା ଲୋକ ପାଖକୁ ଆସିବେ । କଥା କଥାକେ ହସୁଥିବେ । ହସଖୁସିର ସଂସାର ତାଙ୍କର । କେତେ ଖୋଲା, କେତେ ସରସ । ପାପ ସେ ଆତ୍ମାକୁ ସ୍ପର୍ଶ କରିଛି କି ନାହିଁ ସନ୍ଦେହ; ସେ ଶରୀରକୁ କଳଙ୍କିତ କରିନାହିଁ । ଆଦିବାସୀ ପୁରୁଷ ବଡ଼ ଆମୋଦପ୍ରିୟ ଓ ତରୁଣୀ କୌତୁକମୟୀ । ପ୍ରେମ, ସ୍ନେହ, ଅନୁରାଗରେ ଦେହ, ମନ, ପ୍ରାଣକୁ ଡୁବାଇ ରଖି ସେମାନେ ଜୀବନକୁ ଜୀବନ ଭଳି ଉପଭୋଗ କରନ୍ତି । ପୁରୁଷ ଓ ନାରୀ ହାତ ଛନ୍ଦାଛନ୍ଦି ହୋଇ ଖୋଲା ରାସ୍ତାରେ ଚାଲି ଯାଆନ୍ତି । ସେମାନଙ୍କ ମୁଖନିଃସୃତ ମଉଜିଆ ଗୀତ ବାୟୁମଣ୍ଡଳକୁ ମୁଖର କରିଥାଏ । ଯୁବକ ନିଜ ପ୍ରଣୟିନୀ ବେକରେ ରାସ୍ତାଘାଟରେ ଫୁଲ ପିନ୍ଧାଏ । ଓଡ଼ିଶାର ସୀମାନ୍ତବର୍ତ୍ତୀ ଅଞ୍ଚଳ ଏହି ରାଇରଙ୍ଗପୁର,

Digitized by PPRACHIN, SOA

ନବାଗତ ଅତିଥି ଆଖିରେ ସ୍ୱପ୍ନ ବୁଣେ । ଅତିଥି ବିମୁଗ୍ଧ ହୁଏ; ଆତ୍ମହରା ହୁଏ ।

କିନ୍ତୁ ଏଇଠି ଦିନେ ବିପ୍ଳବ ହୋଇଥିଲା । ସିଏ ମୟୂରଭଞ୍ଜ ଷ୍ଟେଟ ମିଶ୍ରଣର ଅବ୍ୟବହିତ ପୂର୍ବର କଥା । ସ୍ୱାର୍ଥପର ଦଳେ କେତେଜଣ ଆଦିବାସୀମାନଙ୍କର ସରଳ ବିଶ୍ୱାସର ସୁଯୋଗ ନେଇ ଧନ ବଳରେ ସେମାନଙ୍କୁ ବଶ କଲେ । ଭିତରେ ଭିତରେ ଓଡ଼ିଶା ସଙ୍ଗେ ମୟୂରଭଞ୍ଜ ମିଶ୍ରଣର ବିରୋଧ ଆନ୍ଦୋଳନ କରି ଅଶିକ୍ଷିତ ପୁରପଲ୍ଲୀରେ ବିପ୍ଳବର ଅଗ୍ନି ଜାଳିଦେଲେ । ସେହି ଅଗ୍ନି ଅବସ୍ଥା-ନରେ ଧଡ଼ି କୁହୁଳିବାକୁ ଲାଗିଲା । ଅପେକ୍ଷାକୃତ ସ୍ୱାର୍ଥପର ଶିକ୍ଷିତ ଆଦିବାସୀ ସେହି ଅବସ୍ଥାର ସୁଯୋଗ ନେବାକୁ ବାହାରିଲେ । ଆଖିରେ ତାଙ୍କର ନେତା ପଦବୀର ସୁନେଲି କଳ୍ପନା । କିନ୍ତୁ ତହିଁର କଠୋର ପ୍ରାୟଶ୍ଚିତ୍ତ କରିବାକୁ ପଡ଼ିଲା ଅଧିକାଂଶ ଆଦିବାସୀ ପରିବାରକୁ । ନ ବୁଝି ନ ଶୁଝି ବିପ୍ଳବ ଭିତରେ ମାତାଲ ହୋଇ-ଥିଲେ ଯେଉଁମାନେ, ଅବଶେଷରେ ହୃଦୟଙ୍ଗମ କଲେ, ଯାହା ସେମାନେ ପରଶିଷାରେ ପଡ଼ି ଭଲ ବୋଲି ଗ୍ରହଣ କରିଥିଲେ, ତାହା ପ୍ରକୃତରେ ଭୁଲ । ଶାନ୍ତଶିଷ୍ଟ ଜୀବନ ବିପଦସଙ୍କୁଳ ହେଲା । କାରଣ, ରାଜ୍ୟର ଶୃଙ୍ଖଳାକୁ ସୁଦୃଢ଼ ରଖିବାପାଇଁ କଠୋର ଶାସନ ଜାରି କରାଗଲା । ବିଦ୍ରୋହୀମାନଙ୍କର ସ୍ୱାଧୀନ ଜୀବନ ଶୃଙ୍ଖଳିତ ହେଲା । ସେମାନଙ୍କୁ ପ୍ରତି ପଦକ୍ଷେପରେ ନିୟମର ଇଙ୍ଗିତକୁ ଅପେକ୍ଷା କରିବାକୁ ପଡ଼ିଲା ।

ଅବଶେଷରେ ଓଡ଼ିଶା ସଙ୍ଗେ ମୟୂରଭଞ୍ଜର ମିଶ୍ରଣ ହେଲା । ସେ ଦିନଟି ସମସ୍ତ ଓଡ଼ିଆ ଜାତିର ଗୋଟିଏ ଶୁଭ ଦିନ । ସେହି ସ୍ମୃତି ସମଗ୍ର ଦେଶ ଚିରଦିନ ପାଇଁ ମନେ ରଖିବ । ତା' ପରେ

Digitized by PPRACHIN, SOA

ଫଳରେ ଜନସାଧାରଣ ଓ ସରକାରଙ୍କ ପକ୍ଷରୁ ଉଦ୍ୟମ କରାଗଲା, ସମଗ୍ର ମୟୂରଭଞ୍ଜରେ ଶାନ୍ତି ସ୍ଥାପନ କରିବା ସକାଶେ। ଶାନ୍ତି ଓ ଶୃଙ୍ଖଳାର ବାର୍ତ୍ତା ନେଇ ସ୍ୱେଚ୍ଛାସେବକ ଦଳ ପ୍ରଚୁର ଉଦ୍ଦେଶ୍ୟରେ ବାହାରିପଡ଼ିଲେ। ଆଦିବାସୀମାନେ ପରେ ବୁଝିଲେ, ଓଡ଼ିଶା ତାଙ୍କର ଦେଶ। ଅନ୍ୟାନ୍ୟ ଜାତି ଭଳି ତାଙ୍କର ମଧ୍ୟ ସମାନ ଅଧିକାର ଓ ଦାୟିତ୍ୱ ରହିଛି ଓଡ଼ିଶା ସକାଶେ। ସେମାନଙ୍କର ସଂପୂର୍ଣ୍ଣରୂପେ ହୃଦୟଙ୍ଗମ ହେଲା ଯେ, ଓଡ଼ିଶା ସରକାର ତାଙ୍କୁ ଓଡ଼ିଶା ମାଟିରୁ କେବେହେଲେ ଉଠାଇଦେବେ ନାହିଁ। ବରଂ ବାସ ଆଉ ଗ୍ରାସସ୍ଥାନ ଯାଯାବର ସମ୍ପ୍ରଦାୟର ରକ୍ଷଣାବେକ୍ଷଣ ଦାୟିତ୍ୱ ବହନ କରିବେ। ଆଦିବାସୀ ସମ୍ପ୍ରଦାୟ ପୁଣି ଥରେ କର୍ମ-ମୁଖର ହେଲେ। ଓଡ଼ିଆମାନଙ୍କ ସଙ୍ଗରେ କାନ୍ଧ ମିଳାଇ କର୍ମକ୍ଷେତ୍ରକୁ ଅବତରଣ କଲେ।

ମୟୂରଭଞ୍ଜର ଚିରପରିଚିତ ବିଖ୍ୟାତ ଚୈତ୍ରପର୍ବ ପୁଣି ଥରେ ସଞ୍ଜୀବନୀ ପାଇଲା। ଆଦିବାସୀ ଓଡ଼ିଆ ନିର୍ବିଶେଷରେ ଗୋଟିଏ ଆସନରେ ବସି ସେ ପର୍ବକୁ ସ୍ୱାଗତ ଓ ଉପଭୋଗ କଲେ। ପଲ୍ଲୀ ଆଉ ସହରର ପ୍ରାଣେ ପ୍ରାଣେ ନୂତନ ଉତ୍ତେଜନା ଖେଳିଗଲା। ଜୀବନର ସ୍ତରେ ସ୍ତରେ ଅନୁଭୂତ ହେଲା ଗୋଟିଏ ସଂପୂର୍ଣ୍ଣ ନୂତନ ଛନ୍ଦ। ସେ ଆଉ ଆବେଗମୟ ଉତ୍ତେଜନା ! ସେହି ଆବେଗ, ସେହି ଉଚ୍ଛ୍ୱାସରେ ଅନାଗତ ପ୍ରଭାତର ଶୁଭ୍ର ରଶ୍ମି ଥିଲା। ଆଦିବାସୀ ଓ ଓଡ଼ିଆ ସମ୍ପ୍ରଦାୟ ଭିତରେ ପୁଣି ଥରେ ଗଢ଼ିଉଠିଲା ପୂର୍ବର ସେହି ଘନିଷ୍ଠ ଆତ୍ମୀୟତା। ସମ୍ପର୍କର ସୁଦୃଢ଼ ବ୍ୟୂହ, ହୃଦୟର ବଳିଷ୍ଠ ଆକର୍ଷଣ ଉପରେ ପ୍ରତିଷ୍ଠିତ ଥିବାରୁ, ତହିଁରେ ଅନାଗତ ଆଶଙ୍କାରି ବିକ୍ଷିପ୍ତ ଚିନ୍ତାଧାରା ପ୍ରବେଶ କରିପାରିଲା ନାହିଁ। ଭଇ

Digitized by PPRACHIN, SOA

ସହଙ୍ଗ ଭାଇର ମିଳନ, ଦେଶ ସଙ୍ଗେ ଜାତିର ମିଳନ ହେଲା । ସେ ମିଳନ ଭିତରେ କୌଣସି ବାଧବାଧକତା ନ ଥିଲା । ଗ୍ରେଟିଆ ଗ୍ରେନିଆ ଆଦିବାସୀ ପଲ୍ଲୀରେ ପୁଣି ଥରେ ସନ୍ଧ୍ୟାପରେ ଶୁଭିଲା ମାଦଳର ଛନ୍ଦମଧୁର ଧ୍ୱନି । ମାଦଳ ନୃତ୍ୟର ତାଳେ ତାଳେ କୁଆଁରୀ ଝିଅମାନେ ମାତାଲ ହୋଇ ନାଚିଲେ । ନବବିବାହିତା ତରୁଣୀମାନେ ତାଳ ଓ ଲୟ ଶିଖାଇଲେ । ସେ ତାଳ ସେ ଲୟରେ ବିଭୋର ହୋଇ ବୟସ୍କା ମହିଳାମାନେ ପାଦରେ ଘୁଙ୍ଗୁର ବାନ୍ଧିଲେ ସ୍ୱାସ୍ଥ୍ୟବାନ ଆଦିବାସୀ ତରୁଣଦଳ ଯୁବକମାନଙ୍କ ସାମନାରେ ପ୍ରତିଯୋଗିତା ଆରମ୍ଭ କରିଦେଲେ । ମୁଣ୍ଡରେ ଜାତିଜାତିକା ଫର, ଖୋସାରେ ଫାନ୍ଦାଳୀ ଫୁଲର ମାଳ; ଦେହରେ ରଙ୍ଗବେରଙ୍ଗର ଶାଢ଼ୀ ବେଢ଼ାଇ ଆଦିବାସୀ ଝିଅ ନୃତ୍ୟର ତାଳ ସଙ୍ଗେ ନିଜର ଆତ୍ମାକୁ ଏକାକାର କରିଦେଲେ । ମୟୂରଭଞ୍ଜ ତା'ର ସୁପ୍ତ ଜୀବନ ଫେରିପାଇଲା । ସମସ୍ତେ ଅଶ୍ୱସ୍ତିର ନିଃଶ୍ୱାସ ମାରିଲେ ।

ଗୀତା ଝରକା ଫାଙ୍କରେ ଅନେଇଥାଏ ରାଇରଙ୍ଗପୁରର ଏଇ ଘରବାହୁଡ଼ା ଆଦିବାସୀ ତରୁଣତରୁଣୀମାନଙ୍କୁ । ସେମାନଙ୍କ ବେପରୁଆ ହସରେ ଯେ ଖଣ୍ଡିସାବ କୁହୁକ ଜଗାଏ । କାହିଁକୁ କାହି ଧପଧପ ହୋଇ କୁଆଁରୀ ଝିଅ କେଇଜଣ ଗୀତ ଗାଇ 'ଦାଇକା' ମାରୁଥାନ୍ତି । ଅଡ଼ିଆଡ଼ୀ ଆଦିବାସୀ ଯୁବକଦଳ ସେ 'ଦାଇକା'ର ଜବାବ ଦେଉଥାନ୍ତି ଗୀତରେ । ସେ ଗୀତର ଭାଷା ବୁଝିହେଉ ନ ଥିଲେ ମଧ୍ୟ, ସମବେତ କଣ୍ଠଲହର ମନଭିତରେ ମଧୁ ଭରେ । ଗୀତ ଗାଇଲାବେଳେ ଆଦିବାସୀ ତରୁଣୀର ଆଖି ଥରି ଥରି ଉଠେ । ମୁହଁର ରଙ୍ଗ ଗୀତ ସଙ୍ଗେ ସମତା ସୃଷ୍ଟି କରି ବଦଳି ବଦଳି ଯାଏ । ଗୁଚ୍ଛ ତା'ର ଫୁଲଭଳି ସାଗର ଜୁଆର

Digitized by PPRACHIN, SOA

ଭଳ । ଗୁଡ଼ ଉପରର ପୋଢ଼ଳା ମାଳ ଲହରାଇଯାଏ । ଗୀତ ଗାଇ ସେ ଅବସର କ୍ଳାନ୍ତକୁ ଦୂରୀଭୂତ କରେ । ତରୁଣ ଦଳ ଘରବାହୁଡ଼ା ବେଳେ ତରୁଣୀଦଳର ସାନ୍ନିଧ୍ୟ ପାଇ ପ୍ରଗଳ୍ଭ ହୁଅନ୍ତି । ଅଦା କାରଣରେ ସେମାନେ ହସିବାକୁ ଭଲ ପାଆନ୍ତି । ଥଟ୍ଟା କରିବାକୁ ବୟସ୍ଥୀ ଝିଅର ଖୋସା ଉପରୁ ଫୁଲ ଛଡ଼ାଇନିଅନ୍ତି । କେହି ଏ ବ୍ୟବହାରରେ ଆପତ୍ତି କରନ୍ତି ନାହିଁ । ଏହା ଯେମିତି ଗୋଟିଏ ନିତ୍ୟନୈମିତ୍ତିକ ଘଟଣା । ବଡ଼ଲ ପୁଅ ଯୁଆନ ଝିଅ ସଙ୍ଗେ ଅବାଧ ମିଳାମିଶା କରିବାକୁ ଆଦିବାସୀ ସମ୍ପ୍ରଦାୟର ପ୍ରତ୍ୟେକ କନ୍ଧ, କୋହ୍ଲ, ସାନ୍ତାଳ ଓ ଭୂମିଜ ଗୃହସ୍ଥ ପ୍ରଶ୍ରୟ ଦିଏ । ଦିନ ଗଡ଼ିବା ସଙ୍ଗେ ସଙ୍ଗେ ତରୁଣ ତରୁଣୀ ପରସ୍ପର ପ୍ରତି ଆକୃଷ୍ଟ ହୁଅନ୍ତି । ସ୍ନେହ ତାଙ୍କର ପ୍ରଗାଢ଼ ହୁଏ । ଜଣେ ଆଉ ଜଣକ ପାଖକୁ ପାଖେଇ-ଆସେ । ଦିନେ ହଠାତ୍ ବିବାହ ମହୁରୀ ବାଜିଉଠେ । ସାଙ୍ଗ ସାଥୀ-ମାନେ ହାତ ଧରାଧରି ହୋଇ ପୁଣି ନାଚନ୍ତି । ମାଂସ ଓ ମଦର ମଉଚ୍ଛବ ହୁଏ । ସମାଜକୁ ସାକ୍ଷୀ ରଖି ଜଣେ ଆଉ ଜଣକୁ ଜୀବନ ସାଥୀ କରେ । ଯାନଯୌତୁକ ଆବଶ୍ୟକ ପଡ଼େନି । ବାପମାଆ ପୁଅ ଝିଅର ବିବାହ ପାଇଁ ବିଶେଷ କିଛି ଚିନ୍ତା କରନ୍ତି ନାହିଁ । ଆଗେ ମନ ମାନିଲେ ଯୁବକ ଯୁବତୀ କଥାବାର୍ତ୍ତା କରି ଘରୁ ଲୁଚି ବାହାରି ଯାଉଥିଲେ । ଏବେ ସମସ୍ତଙ୍କ ଜଣାଶୁଣାରେ ସବୁ କାମ ହେଉଛି ।

ସୀତା ଝମୁଗ୍ଧା ହୋଇ ଏହି ଆଦିବାସୀ ତରୁଣତରୁଣୀମାନଙ୍କ ଥଟ୍ଟା ତାମସା ଲକ୍ଷ୍ୟ କରୁଥିଲି । ରାଇରଙ୍ଗପୁରର ବାସ କରିଣ ତାକୁ ବେଶ୍ ସୁଖକର ବୋଧ ହେଉଥିଲି । ସମବୟସୀ ବାନ୍ଧବୀମାନେ ବେଳେବେଳେ ଗପ କରିବାକୁ ଆସୁଥିଲେ । ସେମାନଙ୍କ ସଙ୍ଗେ

Digitized by PPRACHIN, SOA

ସମସ୍ତ ଅତି ସୁଖରେ କଟାଉଥିଲେ । ସୀତାର ମନେ ହେଉଥିଲା, ସେ ଗୋଟିଏ ମାୟାପୁରୀରେ ବିଚରଣ କରୁଛି, ଯେଉଁଠି ବାଧା ନାହିଁ କି ବନ୍ଧନ ନାହିଁ; ଦୁଃଖ ନାହିଁ କି ଦାରିଦ୍ର୍ୟ ନାହିଁ; ସମ୍ପୂର୍ଣ୍ଣ ସ୍ୱାଧୀନ ଓ ଚିନ୍ତାକର୍ଷକ ଜୀବନ ।

ସୁନିଆ ଆସି କହିଲା, "ମୁହଁସଞ୍ଜବେଳେ ଝରକା ପାଖରେ ବସି ଏତେ କ'ଣ ଭାବୁଥାଅ, ଦେଈ ! ଲଣ୍ଠନ ଲଗାଇଦେବି ?"

"ଥାଉ, ସୁନା ! ଏହି ଅନ୍ଧାର ଭିତରେ ଅତୀତ କଥା ଭାବିବାକୁ ଭଲ ଲାଗେ । ଆଲୁଅ ବାଳିଲେ ସେ ଭାବନା ଝାଉଁଳିଯାଏ । ଅତୀତ ଏହି ମୁହଁସଞ୍ଜ ଭଳି ଅନ୍ଧାର କି ନା ! ସେଇଥିପାଇଁ ବସି ବସି ଭାବେଁ ।"

"ତୁମେ ଅତୀତକୁ ଭଲ ପାଅ, ଦେଈ ? କିନ୍ତୁ ମୁଁ ବର୍ତ୍ତମାନର ସଂସାରକୁ ସୁଖ ପାଏଁ । ଦେଖନ୍ତୁ, ବାହାରେ କେମିତି ଖୋଲା ପବନ ବହୁଛି ! ଖୋଲା ରାସ୍ତାରେ ଖୋଲା ମନ ନେଇ ସମସ୍ତେ ଯା' ଆସ କରୁଛନ୍ତି । ତୁମ ସମସ୍ତଙ୍କ ଭିତରେ ରହି ମୁଁ କେମିତି ମୋ'ର ବ୍ୟକ୍ତିଗତ ସଂସାରକୁ ବଢ଼ାଇନେଉଛି !"

"ବାହାରର ଖୋଲା ସଂସାରକୁ ମୁଁ ଭଲପାଏଁ ରେ, ସୁନା ! ପୁଣି ଅତୀତର ଆନ୍ଧାରୁଆ ସ୍ମୃତି ପ୍ରତି ମଧ୍ୟ ମୋର ଆକର୍ଷଣ ବହୁତ । ମୋର ବର୍ତ୍ତମାନ ନାହିଁ; ଖାଲି ଅତୀତ ଅଛି ରେ ସୁନା ! ଆଉ ତାହା ଅତ୍ୟନ୍ତ ଅନ୍ଧାରୁଆ !" ସୀତା ଉତ୍ତର ଦେଇ ଦେଇ ଆଖିରେ ତାର ଲୁହ ଜକେଇଆସିଲା ।

"ତୁମେ କାନ୍ଦୁଛ, ଦେଈ ? ତୁମର କାନ୍ଦକୁ ମୁଁ କଦାପି ସହ୍ୟ କରିପାରେ ନାହିଁ । ତୁମକୁ ଦେଖିଲେ ମୋର ଅନେକ କଥା

Digitized by PPRACHIN, SOA

ମନେ ପଡ଼େ । ବୋଧହୁଏ ତୁମର ବୟସର ହେବ ସିଏ
ସୁନୁଆ କ୍ରନ୍ଦନର ଆବେଗକୁ ଅବରୁଦ୍ଧ କରିବାକୁ ଚେଷ୍ଟା କରୁଥିଲା ।

ସୀତା କଥା ବୁଲାଇବାକୁ ପଚାରିଦେଲା— "କ'ଣ କହି-ଆସୁଥିଲୁ, ସୁନା, କହିଲୁ ନାହିଁ ଯେ ?"

ଆଖିରୁ ଲୁହ ପୋଛି ସୁନୁଆ ପ୍ରକୃତିସ୍ଥ ହେଲା । ତା ପରେ କଥା ବୁଲାଇ ଆରମ୍ଭ କଲା. "କହିବାକୁ ଆସିଥିଲି, ଏ ବେଅକଲି ଆଦିବାସୀ ସାହିର କଥା । ଯେତେବଡ଼ଯାକ ମାମଲତକାର ଠୁଳ ହୋଇ ଖଟବେଳଟିରୁ ବସିଛନ୍ତି ଯେ, ଆସି ମୁହଁସଞ୍ଜ ହେଲା । ଏଠି ମୀମାଂସା ହୋଇପାରୁନାହିଁ ।"

"କଥା କ'ଣ ସୁନା ?" ସୀତା ଆଗ୍ରହୀ ହେଲା ।

"କଥା ଭିତରେ ଏତିକି, ଦେଈ, ଆଦିବାସୀ ଯୁବକଟିଏ ସାଙ୍ଗ ଯୁବତୀର ମୁଣ୍ଡରେ ସିନ୍ଦୁର ବୋଳିଦେଇଛି । ସେଇଥିପାଇଁ ଏ ବିଶାଦ ।"

"ସାମାନ୍ୟ ସିନ୍ଦୁର ବୋଳିଦେଲା ବୋଲି ଏତେ ନ୍ୟାୟ ବିଶାଦ ? ଆଶ୍ଚର୍ଯ୍ୟ ! ପୋଛିଦେଲେ କ'ଣ ଚଳି ନ ଥାନ୍ତା ?" ସୀତା ପ୍ରଶ୍ନ କଲା ।

"ସେ ସିନ୍ଦୂରକୁ ପୋଛି ହୁଏନା, ଦେଈ ।"
"କାହିଁକି ?" ସୀତା ଅନ୍ତର ଆଶ୍ଚର୍ଯ୍ୟ ହେଲା ।

"ଏ ଦେଶର ଅବିବାହିତ ଆଦିବାସୀ ଯୁବକ ଯଦି କୁଆଁରୀ ଝିଅ ମୁହଁରେ ସିନ୍ଦୂର ଦେଲା, ତେବେ ସେ ଝିଅକୁ ଆଉ କେହି ବିବାହ କରନ୍ତି ନି ।" ସୁନା ଏକ ଆଶ୍ଚର୍ଯ୍ୟ ସମ୍ବାଦ ପରିବେଷଣ କଲା ।

"କାରଣ ?"

Digitized by PPRACHIN, SOA

"ସେ ଝିଅ ଉଚ୍ଛିଷ୍ଟ ହୁଏ, ଦେଈ ! ଜାଣିଶୁଣି କିଏ କ'ଣ ଉଚ୍ଛିଷ୍ଟ ଗ୍ରହଣ କରେ ?"

"ତାହାହେଲେ ?"

"ନିୟମ ଅଛି, ଯେଉଁ ଯୁବକ ସିନ୍ଦୂର ବୋଳିଥିବ, ସେହିଁ ହେବ ସେ ଝିଅର ଅଧିକାରୀ ।" ସୁନା ବୁଝାଇଦେଲା ।

"ତେବେ ସେ ଯୁବକ କ'ଣ ଝିଅଟିକୁ ବିବାହ କରିବାକୁ ନାରାଜ ?"

"ପରସ୍ପରର ସମ୍ମତି ନ ଥିଲେ ସିନ୍ଦୂରର ପ୍ରଶ୍ନ ଉଠେ ନା, ଦେଈ !"

"ପରସ୍ପରର ସମ୍ମତି ଥାଇ ବି କ'ଣ ନିରାଶ ପଡ଼ୁଛି ?"

"ପୁଅର ବାପମାଆ ସମ୍ମତି ଦେଉନାହାନ୍ତି ।"

"କ'ଣ ହେବ ଯୁଆଁର ପରିଣାମ ?" ସୀତା ଆଶଙ୍କା ପ୍ରକାଶ କଲା ।

"ସେଇଥିପାଇଁ ତ ଏ ସବୁ । ମଦ ଉପରେ ମଦ ଢଳା ହେଉଛି । ଧୂଆଁ ପିକାର ନିଧୂମ ପବ ଚାଲିଛି । ତଥାପି ନିଶାପ ସରୁନାହିଁ । ପିଲାର ବାପକୁ ବୁଝାଇ କହିଲି, 'ଯାହା ତ ହେବାର ହେଲାଣି- ବିବାହ କରିଦେ ।' ବାପର ରାଗକୁ ସମ୍ଭାଳେ କିଏ ? ସ୍ୱର ଉଠି ପଞ୍ଚମରେ । ଜନ୍ମିତ ପୁଅକୁ ଅଯୁତ ନ କରି ଖାଲି ଗର୍ଜି ହେଉଛି । ଅଡ଼ୁଛିରେ ପଳାଇ ଆସିଲି ।"

"ବାପ ରାଜି ନ ହେବାର କାରଣ ?" ସୀତା ପ୍ରଶ୍ନ କଲା ।

"ଝିଅଟି ନ ଥିଲା ଘରର, ତହିଁକି ପୁଣି ବଜାଖାପୁ ।"

"ମାନେ ?"

Digitized by PPRACHIN, SOA

"ଏତିକ ବୁଝିଲ ନାହିଁ, ଦେଈ ? ବାପ ଆଉ ଗୋଟିଏ ଜାତିର ତ ମାଆ ଏଣୁ ଆଦିବାସୀ ଚଣ୍ଡୀର ଝିଅ । ଝିଅଟି ଏଣୁ ଦୃଷ୍ଟିରୁ ବଜାଂଶପୁ ହୋଇଯାଇଛି । କିନ୍ତୁ ଝିଅର ଏଥିରେ କି ଦୋଷ ଅଛି, କହିବଟି, ଦେଈ ? ସୁନାଖଡ଼ିକା ଭଳି ଚେହେରା । ରୂପ କହିବ ଗୋଟିଏ ଅରୁଆ ଗୁଣ୍ଡଲ । ଗୁଣରେ ସାକ୍ଷାତ ବସୁମାତା । ତଥାପି ସ୍ୱଅର ବାପ ସଙ୍ଗରେ ମିଶି ସମାଜ କହେ, ସେ ବଢ଼ି ହୋଇ-ପାରିବନାହିଁ । ଏ ଯୁଗରେ ଆଉ ନ୍ୟାୟ ଅନ୍ୟାୟ କେହି ଦେଖୁ-ନାହାନ୍ତି ଦେଈ, ସବୁ ଲଉଟିଯାଇଛି । ଝିଅ ବଜାଂଶପୁ ବୋଲି ଠକିକରି କରୁଛନ୍ତି ।"

ସେକଥା ଶୁଣି ଧୀରାର କାନମୂଣ୍ଡା ଝାଇଁଝାଇଁ ହେଲା । ମନେ ହେଲା, ଗୁଡ଼ି ଭିତରଟା କିଏ ଛେଚିଦେଇ ଯାଉଛି । ଗୁହାଁଣୀରେ ତା'ର ବୈଷମ୍ୟ ପରିଲକ୍ଷିତ ହେଲା । ନିଜର ଅଲକ୍ଷ୍ୟରେ କହିଲା—"ବଜାଂଶପୁ ଝିଅ !!"

"ବଜାଂଶପୁ ଝିଅ ତ, କ'ଣ ହେଲା ଦେଈ ? ତା'ର କ'ଣ ଜୀବନ ନାହିଁ ନା ମଣିଷ ଭଳି ଜୀଇଁବାର ଅଧିକାର ନାହିଁ ? ଜୀବନ ଦେଲେ ପରମେଶ୍ୱର । ଏ ଜଗତ ଗଢ଼ିଦେଇଗଲେ ପତିତପାବନ ଜଗନ୍ନାଥ । ଏହାର କୋଣେ କୋଣେ ଭରିଦେଲେ ପାଣି, ପବନ, ଖିର । ଫଳ ତାଙ୍କର, ଫୁଲ ତାଙ୍କର । ନିର୍ଦ୍ଦେଶ ଦେଲେ ଦୁନିଆ ଓଲଟିଯିବ । ତାଙ୍କର ଗଢ଼ା ମଣିଷ ଆଉ ଗୋଟିଏ ମଣିଷକୁ କହିବ ବଜାଂଶପୁ ? ମୁଣ୍ଡରେ ଦେହରେ କ'ଣ ଜାତି ଅଜାତି ଲେଖା ହୋଇଛି ? ସମାନ ମଣିଷ ସମାନ୍ ଅଧିକାର ପାଇ ବଞ୍ଚିବ । ସାନ କିଏ, ବଡ଼ କିଏ ? ସମସ୍ତେ ସମାନ, ଦେଈ ! ସମସ୍ତଙ୍କ ଶରୀର ସେହି ଏକ ଭଳି ହାଡ଼ମାଉଁସରେ ଗଢ଼ା । କାହାର ଦେହରେ ସୁନା ଗୁଞ୍ଜ

Digitized by PPRACHIN, SOA

ମଣ ହୋଇନ । ସମସ୍ତଙ୍କ ରକ୍ତ ଲୁଣିଆ । ଉପରେ ଉପରେ ଯାହା ଜାତି ଅଜାତିର ପ୍ରଶ୍ନ । କିନ୍ତୁ ଭିତରେ ଦେଖିଲେ ସବୁ ସମାନ । ଜଗନ୍ନାଥ କି ପୁଣି ବୃଣ୍ଡାକୁଣୀର ଅତିଥି ହୋଇଥିଲେ ? ରାମଚନ୍ଦ୍ର କି ପୁଣି ଶବରୁଣୀ ହାତର ଉଚ୍ଛିଷ୍ଟ କୋଳି ଖାଇଥିଲେ ? ପୂଜାସ୍ପଦ ବ୍ୟାସଦେବ କି ପୁଣି ମତ୍ସ୍ୟଗନ୍ଧା ମତ୍ସ୍ୟଜୀବୀର ସନ୍ତାନ ? ଲୋକେ ତାଙ୍କୁ ମୁଣ୍ଡିଆ ମାରି ପୂଜା କରନ୍ତି ! ଏ ଘର କଲ୍ୟାଣରୁ ସବୁ ଶୁଣିଛି ଦେଈ, ସବୁ ଜାଣିଛି ।”

ସୀତା ଆଶ୍ଚର୍ଯ୍ୟରେ ସୁନିଆର ମନ୍ତବ୍ୟକୁ ମନ ଦେଇ ଶୁଣୁଥିଲା । ହରମୋହନ ବାବୁଙ୍କ ପାଖରେ ରହି ସିଏ ପୋଥି ପୁରାଣ ଚର୍ଚ୍ଚାରେ ମନ ଦେଇଛି । ଅଭିଜ୍ଞ ଭଳି ସମାଜ ସଂସ୍କାର ଉପରେ ତର୍କ କରୁଛି !! ସୁନିଆ ମୁହଁରେ ଜୀବନଦର୍ଶନ କଥା ଅତି ଚମତ୍କାର ରୂପ ନେଇଥିଲା । ସିଏ ଗୌରବରେ ଶୁଣୁ ଶୁଣୁ କହିଲା, “ତଥାପି ସୁନା, ବଜାଜାତ ଝିଅର ଦାବି ନାହିଁ । ସମାଜ ସାମନାରେ ସେ ଜାରଜ, ଚେଣ୍ଡୁ କୁଳଟା । ସମାଜର ତିନିପାଞ୍ଚିରୁ ବାହାର । ତା ପକ୍ଷରେ ବିବାହ ବିଡ଼ମ୍ବନା ମାତ୍ର ।”

“ସମାଜ କହିଲେ କ’ଣ, ଦେଈ ?” ସୁନା ପ୍ରଶ୍ନ କଲା ।

କ’ଣ ଉତ୍ତର ଦେବ ସୀତା ? ଥଙ୍ଗ ଥଙ୍ଗ ହୋଇ କହିଲା, “ଏଇ ତୁ ମୁଁ ଆଉ ପାଞ୍ଚଜଣ ମିଶି ସମାଜ ।”

“ତାହାହେଲେ ତୁମେ, ମୁଁ ଓ ଆଉ ପାଞ୍ଚଜଣ ନ ମିଶିଲେ ତ ସମାଜ ହୋଇପାରିବ ନାହିଁ ! ମଣିଷ ଗୋଷ୍ଠୀକୁହିଁ ସମାଜ କୁହାଯାଏ । ତୁମକୁ ମୋତେ ଛାଡ଼ିଦେଲେ, ଆଉ ପାଞ୍ଚଜଣ ମଣିଷ ଭିତରେ କ’ଣ ସେହି ଆଦିବାସୀ ଝିଅଟି ସାମିଲ ନୁହେଁ ?”

Digitized by PPRACHIN, SOA

"ତଥାପି, ଜାତିଆଣ ପ୍ରଥା ତ ରହୁଛି ?" ସୀତା କ୍ଷୀଣ କଣ୍ଠରେ ପ୍ରକାଶ କଲା ।

"ପ୍ରଥମେ ସମାଜ ନା ପ୍ରଥମେ ଜାତି, ଦେଈ ?"

"ପ୍ରଥମେ ସମାଜ, ତା ପରେ ଜାତି ।" ସୀତା ଉତ୍ତର ଦେଲା ।

"ତାହାହେଲେ ସମାଜ ଭିତରେ ଆମେ ସମସ୍ତେ ଥାଉଁ । ସମାଜ ତା'ର ସୁବିଧା ଦୃଷ୍ଟିରୁ କରିଛି ଜାତିବିଭାଗ । ଜାତି ବିଶାଳ ସମାଜର ଅଂଶଟିଏ । ସମାଜଠୁ ସିଏ ଅନେକ ଛୋଟ — ଠିକ୍ ସମୁଦ୍ର ଭିତରେ ମିଶିଥିବା ସାନ ସାନ ନାଳ ପରି ! ନୁହଁ, ଦେଈ ?"

ସୀତା ସବୁ ବୁଝୁଥିଲା । ବୁଝି ମଧ୍ୟ ନ ବୁଝିଲା ଭଳି ଅଭିନୟ କରୁଥିଲା । ବିରାଟ ସମାଜ ଭିତରେ ଅସଂଖ୍ୟ ଜାତିର ସୃଷ୍ଟି । ବ୍ୟବସାୟଗତ ପାର୍ଥକ୍ୟ ରଖିବାକୁ ଜାତିବିଭାଗର ଆୟୋଜନ । କିନ୍ତୁ ସମସ୍ତେ ସମସ୍ତଙ୍କ ସହିତ ଘନିଷ୍ଠ ଭାବରେ ସଂପୃକ୍ତ । ସମାଜ ଗୋଟିଏ ଶରୀର ହେଲେ ବିଭିନ୍ନ ଜାତି ସବୁ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ । ଗୋଟିଏ ଅଙ୍ଗ ଅଚଳ ହେଲେ ଶରୀର ଉପରକୁ ଆଞ୍ଚ ଆସେ । ସମସ୍ତେ ସମସ୍ତଙ୍କର କର୍ତ୍ତବ୍ୟ କରନ୍ତି । ଏଥିରେ ସାନବଡ଼ର ବିଭେଦ ରହିଲା କେଉଁଠି ?

ସୀତାର ମନେ ପଡ଼ୁଥିଲା ଚନ୍ଦ୍ରମୋହନ କଥା । ଥରକ ବ୍ୟକ୍ତିତ ବିଶିଷ୍ଟ ଥର ପାଇଁ ଆଜି ତା'ର ଜୀବନଦର୍ପଣରେ ଚନ୍ଦ୍ର-ମୋହନର ସାକ୍ଷାତ ପ୍ରତିଫଳନ ପଡ଼ୁନାହିଁ । ତା'ର ପ୍ରେମକୁ ମଧ୍ୟ

Digitized by PPRACHIN, SOA

ବୋଲି ଆନନ୍ଦରେ ଯାଉ କହୁବେଳେ ସିଏ ଦେଖିଲା ଭିତରେ ବିଷମ ଜ୍ୱାଳା । ବିରୂପାକ୍ଷବାବୁ ସମାଜକୁ ସାକ୍ଷୀ ରଖି ବିବାହ ପ୍ରସ୍ତାବର ବିରୋଧ କଲେ । ପିତାର ନିର୍ଦ୍ଦେଶ ବିରୁଦ୍ଧରେ ସଂଗ୍ରାମ କରିବାକୁ ଚନ୍ଦ୍ରମୋହନର କ'ଣ ସାହସ କୁଳାଇବ ?

ସୀତାର ନୀରବତା ପ୍ରତି ଲକ୍ଷ୍ୟ କରି ସୁନାଆ ଆଉ ଥରେ ପଚାରିଲା, "ଉତ୍ତର ଦେଉନା, ଦେଈ ?"

"କି ଉତ୍ତର ଦେବି ରେ, ସୁନା ? ସମାଜ ନାରୀ ଆଉ ପୁରୁଷର ସ୍ୱାଧୀନ ମିଳାମିଶାକୁ ସମର୍ଥନ କରେ ନାହିଁ । ସମ୍ବନ୍ଧ ବାନ୍ଧିବାରେ ପିତାମାତାଙ୍କର ଏକଚାଟିଆ ଅଧିକାର ରହିଆସିଛି । ସେମାନଙ୍କ ମତରେ ଯୁବକଯୁବତୀ ସାଥୀ ବାଛିବାରେ ସବୁବେଳେ ଭୁଲ କରନ୍ତି । ଯେଉଁଠି ଏମିତି ଅଘଟଣ ଘଟିଲା, ସେଇଠି ଜାତି, ସମାଜ, ସମ୍ମାନ ପ୍ରଭୃତି ବାରପ୍ରକାର ଅମୀମାଂସିତ ପ୍ରଶ୍ନର ଅବତାରଣା କରାହୁଏ । ଯଦି କିଏ ସେ ଅନେଇବାକୁ ଆଖି ବୁଜି ଆଗେଇ ଚାଲେ, ଜାତି ଓ ସମାଜ ତାକୁ ବାସନ୍ଦ କରେ, ଜଞ୍ଜାଳ କରେ; ସେମାନଙ୍କ ବିରୁଦ୍ଧରେ କୁତ୍ସାରଟନା କରେ । ଫଳରେ ଯୁବକଯୁବତୀର ସ୍ୱପ୍ନ ଭାଙ୍ଗିଯାଏ । ଚଳି ବାଟରେ ତାଙ୍କର ପାଇଁ ବିଛା ହୋଇଥିବା କଣ୍ଟା ନିଜପାଦକୁ ଫୋଡ଼ି ରକ୍ତାକ୍ତ କରିଦିଏ । ସମାଜ ତାଙ୍କ ମାରି ସେ କରୁଣ ଅବସ୍ଥାକୁ ଉପଭୋଗ କରେ ମାତ୍ର ।"

"ଏମିତି ସମାଜ ଓ ସମାଜର କୁତ୍ସିତ ଜାତିଆଣ ପ୍ରଥାକୁ ଜାଳିଦେବାକୁ ମନ ହୁଏ, ଦେଈ ! ମୋର ଯଦି ସନ୍ତାନସନ୍ତତି ଥା'ନ୍ତେ, ମୁଁ ସେମାନଙ୍କୁ ଜାଣିଶୁଣି ଅନ୍ୟ ଜାତିରେ ବିବାହ ଦିଅନ୍ତି । ଦେଖନ୍ତି, ସମାଜ ମୋର କ'ଣ କରନ୍ତା ।"

Digitized by PPRACHIN, SOA

"କିନ୍ତୁ ତୁ କ'ଣ ଏକୁଟିଆ ଏସବୁ କରିପାରନ୍ତୁ ?"

"କାହିଁକି ପାରନ୍ତି ନାହିଁ, ଦେଈ ? ମନ ଦମ୍ଭ ଥିଲେ ସବୁ ହୁଏ ।"

"ତୁ ପାରନ୍ତୁ ନାହିଁ ରେ ସୁନା ! ଏ ସମାଜର ଦୁର୍ନୀତି-ଚେର ଅନେକ ଭିତରକୁ ମାଡ଼ିଯାଇଛି । ସେ ଚେର ମାଟିଁ ଗୁଡ଼ିଲବେଳକୁ ଅନେକ କଷ୍ଟ, ଅନେକ ଧନ ଲାଗିବ । ଏକୁଟିଆ ଅଣ୍ଟା ଭିଡ଼ି ଚଦାକୁ ବାହାରିପଡ଼ିଲେ ପରିଣାମ କେବଳ ପରାଜୟ ଛଡ଼ା କିଛି ନୁହେ । ସେ ଚୋର ଗୋଟିଏ ପାଗଳାମି, ସୁନା !"

"କିନ୍ତୁ ଦେଈ, ସମାଜର ସମସ୍ତେ ଯଦି ଜଣେ ଆରଜଣକୁ ହାତ ଦେଖାଇ ଅଲଗା ହୋଇଯାନ୍ତି, ତେବେ ଏସବୁ କରିବ କିଏ ? ଜଣେ ତ ପୁଣି ତା'ର ଭିତରୁ ବାହାରିପଡ଼ି, ଚଳେଇ ବେକରେ ଘଣ୍ଟି ବାନ୍ଧିବାକୁ ହେବ । ଜଣେ ବାହାରୁ ବାହାରୁ ଆଉ ପାଁଜଣ ଧାଡ଼ି ବାନ୍ଧି ଛିଡ଼ା ହେବେ । ଦେଶର ପ୍ରତ୍ୟେକ ଲୋକ ଶେଷକୁ ଏକ ସଙ୍ଗରେ ପ୍ରତିବାଦ କରିବେ । ସେ ପ୍ରତିବାଦର ଭାଷା ଅତ୍ୟନ୍ତ କଠୋର ଆଉ ଉଗ୍ର ହେବ, ଦେଈ ! ସମାଜକର୍ତ୍ତା ସମ୍ଭାଳିମ ରବେ ନାହିଁ ।"

"ତୁ ଯାହା କହ ସୁନା, ଜଣେ ଆଗଭୁର ହୋଇ ବାହାରି ପଡ଼ିଲେ ପ୍ରାଣ ଯିବା କଥା ।" ଧୀରା ଚେତାଇଦେଲା ।

"ଜଣକ ପ୍ରାଣ ବଦଳରେ ହଜାର ପ୍ରାଣ ତ ବଞ୍ଚିଯିବ, ଦେଈ ! ସମାଜ ସୁଧୁରିଯାଆନ୍ତା । ଧର୍ମପଦ ବାରଣ୍ଠ ବଢ଼େଇ ପାଇଁ ନିଜକୁ ବଳିଦାନ କରି ଅମର ହୋଇ ଗଲା ! ମୁଁ ମୂର୍ଖଟାଏ, ଦେଈ ! ଯାହା ଝୁଣ୍ଟିଲି, କହିଲି ।"

Digitized by PPRACHIN, SOA

ଶିକ୍ଷିତା ସୀତା ଏହି ସ୍ୱଳ୍ପ ଶିକ୍ଷିତ ସ୍ୱାମୀଙ୍କ ଉତ୍ତର ଦେବାକୁ ଭାଷା ପାଇଲା ନାହିଁ । ମନେ ମନେ ଭାବିଲା, ଚନ୍ଦ୍ରମୋହନବାବୁ ପାଖରେ ଥାଆନ୍ତେ କି ? କିନ୍ତୁ ଚନ୍ଦ୍ରମୋହନ କାହିଁ ? ସେ ଯେ ଅନେକ ଦୂରରେ । ସୋନପୁର କାହିଁ କେତେ ଦୂର ! ଆଖି ପାଏ ନାହିଁ କି ମାନସ ଚଳାଏ ନାହିଁ । ଆକାଶର ଚନ୍ଦ୍ର ଭଳି ସେ କେବଳ ଗୋଟିଏ ଆକାଶୀ ଚନ୍ଦ୍ର ! ସୀତାର ଅଜାଣତରେ ତା'ର ଆଖିପୋଡ଼କ ଲୁହରେ ଭରିହୋଇଆସୁଥିଲା । ସୁନାକୁ ଏହା ଗୋପନ ରଖିବା ମାନସେ ସେ ଧୀରେ କରି ପିନ୍ଧାକାନି ଟାଣି ଆଖି ଦି'ଟା ପୋଛିବାକୁ ଲାଗିଲା ।”

ସୁନା ଉଦ୍‌ବିଗ୍ନ ହୋଇ ପଚାରିଲା, “ତୁମର କ'ଣ ହୋଇଛି, ଦେଈ ? ତୁମେ ଯେ ପୁଣି ଥରେ କାନ୍ଦିବାକୁ ଆରମ୍ଭ କରିଦେଇଛ ?”

“ନାହିଁରେ ସୁନା ! ଆଖିରେ କ'ଣ ପଡ଼ିଗଲା ବୋଲି ଉପର ପତା ପୋଡୁଛି । ପିନ୍ଧାକାନିରେ ତାକୁ ପୋଛିଦେଉଛି ।”

“ପିନ୍ଧାକାନିରେ ସେ କ'ଣ ଏତେ ଚଞ୍ଚଳ ବାହାରିବ ? କୋଉ କୋଣରେ ଯାଇ ଥିବ । ଆସ ଦେଖିଦେଇ ଧୀରେ କରି କାଢ଼ିଦେଲେ ହେବ । ଆଖି ଦି'ଟାକୁ ମନ୍ତୁରି କରିଦେଉଛି ହୁଅନ' ।”

ଟ୍ରଷ୍ଟ ବେଗ୍ ଖଣ୍ଡିକ ତଳେ ଥୋଇ ମନମୋହନ ପାଖେଇ ଆସିଲା ।

“ନା ସେ କିଛି ନୁହେଁ, ଭାଇ !” ସୀତା ମୁହଁ ଲୁଚାଇଲା ।

“ତଥାପି ଦେଖେଁ ।” ମନମୋହନ ପାଖକୁ ଅଲୁଅ ଆଣି ସୀତା ଆଖିକୁ ସତକରେ ଅନାଇଲା ।

Digitized by PPRACHIN, SOA

ସୀତା କଥା ଭୁଲାଇବାକୁ ସୁନିଆଠାରୁ ବେଦନାର ଲୁହକୁ ଲୁଚାଇବାକୁ ଚେଷ୍ଟା କରୁଥିଲା । ବର୍ତ୍ତମାନ ସେହି ଲୁହକୁ ମନମୋହନ ଆଗରେ ଦେଖାଇବାକୁ ବାଧହେଲା ।

ମନମୋହନ ସୀତାର ଲୁହ ଢଳଢଳ ଆଖି ଦ'ଟାକୁ ଦେଖି ଦୁଃଖିତ ହେଲା । ସେଥିରେ ଥିଲା କରୁଣ ଇତିହାସର ବେଦଗ୍ଧ ଭାଷା । ଭୂରୁ ଦ'ଟା ଆତଙ୍କରେ ଥର ଥର ଉଠୁଥିଲା । ମନମୋହନର ମନେ ହେଲା, ଯେବେ ସୀତାର ଅନ୍ତର୍ଦାହଜନିତ ଯନ୍ତ୍ରଣାକୁ ସମଗ୍ର ଦୁନିଆର ପରିଚିତ ସୁଖୀ ପରିବାର ଭିତରେ ବାଣ୍ଟିଦିଆଯାଇ ପାରନ୍ତା, ତେବେ ସେମାନଙ୍କର ଚଞ୍ଚଳ ଆଖିରୁ ହସନ୍ତ ସ୍ୱପ୍ନ ମରିଯାଇ ଝରନ୍ତା ଲୁହ, ବେଦନାର ଲୁହ । ମନମୋହନର ମନେପଡ଼ିଲା ସୀତାର ସ୍ୱହସ୍ତଲିଖିତ ସେହି ଅଭିମାନ ଆଉ ଅନୁଯୋଗଭରା କରୁଣ ଚିଠି କଥା । ସୀତା ମନେ ମନେ ଯେମିତି ହୃଦୟର ସମସ୍ତ ଯନ୍ତ୍ରଣାକୁ ମନ୍ଥନ କରି ସେ ଚିଠିରେ ରୂପ ଦେଇଥିଲା । ସେ ଲେଖାର ପ୍ରତ୍ୟେକ ପଂକ୍ତିରେ ଫୁଟିଉଠିଥିଲା ଜଣାକି ଏ ଭଗ୍ନମନୀ ମନର ନିଦାରୁଣ ଅଭିବ୍ୟକ୍ତି । ସୀତା ମନରେ କେତେ ଅଭିମାନ ! ହୁଏତ ଚନ୍ଦ୍ରମୋହନ ସଙ୍ଗେ ଯେତେବେଳେ ପ୍ରଥମ କରି ଘନିଷ୍ଠତା କରିବସିଲା, ସେତେବେଳେ ତା'ର ପରିଣତି ବିଷୟରେ ସଜାଗ ନ ଥିଲା । ସେହି ମୁହୂର୍ତ୍ତଟି ଥିଲା ଅତ୍ୟନ୍ତ ଅଶୁଦ୍ଧ ମୁହୂର୍ତ୍ତ । ଯେବେ ସୀତାକୁ ନିଜର କରିନେବାର ସାହସ ନ ଥିଲା, ତେବେ ଚନ୍ଦ୍ରମୋହନ ଅଜାଣତରେ ତାକୁ ଆକର୍ଷଣ କଲା କାହିଁକି ? ଚନ୍ଦ୍ରମୋହନ ଉପରେ ମନେ ମନେ ରାଗିଗଲା ମନମୋହନ ।

ସୀତା ନିଜର କୋହକୁ ଦମନ କରିନେଲା । ପ୍ରକୃତିସ୍ଥ ହୋଇ ତେରେଛା ଚାହାଣିରେ ମନମୋହନର ମୁଖମଣ୍ଡଳକୁ ଲକ୍ଷ୍ୟ କଲା ।

Digitized by PPRACHIN, SOA

ସେ ମୁହଁରେ ଥିଲା ଅନେକ ମାୟା, ଅନେକ ମମତାର ଖିଅ । ତହିଁରେ ଅଧିକାର ରଙ୍ଗ ବଦଳ ନାହିଁ କି ପ୍ରତାରଣାର ବର୍ଣ୍ଣଛଟା ନାହିଁ । ଅସୀମ ଆକାଶର ନିବୋଳା ନିଳିମା ଭଳି ଅତି ପ୍ରଶାନ୍ତ । ସୁନିର୍ମଳ ତଟିନୀ ଜଳ ସମ ସୁଶୀତଳ । ସୁସ୍ଥ ଶରୀର ଭିତରେ ଫଲ୍‌ଗୁର ପବିତ୍ର ଜଳଧାରା ସଦୃଶ ସହାନୁଭୂତି-ପ୍ରବଣ ମନଟିଏ । ପରର ଦୁଃଖ ଦେଖିଲେ ସେହି ପବିତ୍ର ମନ କ୍ରନ୍ଦନର ଝଙ୍କାର ତୋଳେ । ପରର ସୁଖ ଦେଖିଲେ ପହିଲି ଅଷାଢ଼ର ମୟୂର ଭଳି ନାଚେ । ପରର ସୁଖଦୁଃଖକୁ ନିଜର କରିନେବାର ସ୍ୱାକ୍ଷର ରହିଛି ତହିଁରେ । ମନମୋହନର ଦରଦୀ ଆତ୍ମା ପ୍ରତି ସୀତା ସଶ୍ରଦ୍ଧ ନମସ୍କାର କଲା ।

କିନ୍ତୁ ପରକ୍ଷଣରେ ସୀତାର ମନ ଭିତରେ ଦ୍ୱନ୍ଦ ଓ ସଂଶୟର ଝଡ଼ ମଥା ଟେକିଲା । ସେ ଭାବିଲା, ମନମୋହନ ତ ଆଜି କୁଟନୀତି ପ୍ରୟୋଗ କରୁନାହାନ୍ତି ? ଏକଥା ଚିନ୍ତା କଲାବେଳେ ସେ ନିଜ ଭିତରେ ନିଜେ କମ୍ପନର ତରଙ୍ଗ ଉପଲବ୍‌ଧି କଲା । ଶେଷରେ ସେ ମନମୋହନକୁ ଅବିଶ୍ୱାସ କରିବ ? ନା, ନା, ମନମୋହନ ପୁରୁଷ ଜାତି ଭିତରେ ବ୍ୟତିକ୍ରମ ମନମୋହନକୁ ବାଦ ଦେଲେ ଏ ପୁରୁଷ ଜାତିଟା ଉପରେ ଆସ୍ଥା ସ୍ଥାପନ କରିବା ଅବିବେକତାର ପରିଚୟକ ।

ସମସ୍ତେ ମନମୋହନ ନୁହନ୍ତି । ବେଳେବେଳେ କାମୁକ ପୁରୁଷ-ଜାତି ନାରୀର ଅସହାୟ ଅବସ୍ଥାର ସୁଯୋଗ ନେଇ ସହାନୁଭୂତିର ଛଳନା କରନ୍ତି । ନାରୀର ରୂପ ଓ ଯୌବନରେ ହୋରି ଖେଳି ତାକୁ ଘୃଣାକଣ୍ଟର ଭିକାରୁଣୀ କରି ଛାଡ଼ିଦିଅନ୍ତି । ନାରୀ ତା'ର ସର୍ବସ୍ୱ ଦେଇସାରିବାପରେ, ଅବହେଳିତା ହୋଇ ଶୂନ୍ୟ ଭିକ୍ଷାଥାଳି ଧରି ଦ୍ୱାରଦ୍ୱାର ବୁଲେ । ଭିକ୍ଷାଥାଳି ମୂର୍ତ୍ତି ହୁଏ ଅନେକ ଘୃଣା,

Digitized by PPRACHIN, SOA

ଅନେକ ଲାଞ୍ଛନା ନେଇ । ମନର ମଣିଷ ଆଗରେ ଆସେ ନାହିଁ । ଜୀବନଟି ଦୁର୍ବିଷହ ହୋଇ ଯାଏ ।

ସୀତାର ମନେ ପଡ଼ିଲା, ତା'ର ପିତାଙ୍କ ସଙ୍ଗେ ହରମୋହନବାବୁଙ୍କ ଆଲୋଚନା କଥା । ହରମୋହନବାବୁ ଏହି ମନମୋହନ ସଙ୍ଗେ ତା'ର ବିବାହ ପ୍ରସ୍ତାବ ପକାଉଥିଲେ । କିନ୍ତୁ ମନର ଦୁଃଖ ତ କେହି ବୁଝିଲେ ନାହିଁ । ଥରେ ଜଣକୁ ହୃଦୟ ଦେଲାପରେ ଅବଶିଷ୍ଟ କିଛି ରହେ ନାହିଁ । ହୃଦୟକୁ ତ ଆଉ ଭାଗ ଭାଗ କରିହୁଏନି । ସେତ ସ୍ୱୟଂସମ୍ପୂର୍ଣ୍ଣ, ଏକକ । ତାକୁ ଭାଗ ଭାଗ କରିବାକୁ ଚେଷ୍ଟା କଲେ, ଗୋଟିଏ ପାଖକୁ ରହିଯାଏ କେହି ଏକକ ହୃଦୟ, ଆଉ ଅନ୍ୟପାଖରେ ଅନେକ ପ୍ରତାରଣା, ଅନେକ ଛଳନାର ପୁଞ୍ଜୀଭୂତ ହେଲା । ତାହାର ଫଳରେ ଜଣେ ଜଣକ ପାଖରେ ଭୁଲ କରେ, ଜଣେ ଜଣକୁ ଠକେ, ଧର୍ମକୁ ଠକେ । ନାରୀ ଜୀବନରେ ଯେଉଁ ପୁରୁଷକୁ ପ୍ରଥମ କରି ଭଲପାଏ, ତାକୁ ବାଞ୍ଛିଥିଲାପରି ମନେ ରଖେ । ସେ ଏହି ଭଲ ପାଇବାର ପରିଣତିକୁ ଆଗରୁ ପରୀକ୍ଷା କରି ନ ଥାଏ ତେଣୁ ଭଲପାଇସାରିବା ପରେ ପଛକୁ ଫେରି ସଂଶୋଧନ କରିପାରେନା' ।

ଚନ୍ଦ୍ରମୋହନ ପାଖରେ ତା'ର ଯେଉଁ ପ୍ରେମିକା ଆତ୍ମା ମିଶି ଏକାକାର ହୋଇଗଲା, ତାହା ସେ ଚେଷ୍ଟା କରି ଛଡ଼ାଇଆଣି ପାରିବନି । ସମାଜ ଯଦି ସେ ମିଶ୍ରଣକୁ ଅନୁମୋଦନ ନ କଲା, ତେବେ ସେମିତି ପଡ଼ିରହି ଜୀବନସାରା କଟାଇଦେବ । ପୃଥିବୀର ଯେକୌଣସି କୋଣରେ ତା'ର ମନର ଦେବତା ଥାଉ ପଛକେ, ସେ ପଥ ନ ଭୁଲି ତା'ର ପ୍ରେମ ଓ ପ୍ରେମିକକୁ ସମ୍ମାନ ଦେଖାଇବ । ଭଗବାନ ସହାୟ ହେବେ ।

Digitized by PPRACHIN, SOA

ଭଗବାନ !! ଭଗବାନଙ୍କ କଥା ମନ ଭିତରେ ପୂରାଇ ସୀତା ଆତଙ୍କିତ ହୋଇଉଠିଲା । ସେ ଭାବିଲା, ଭଗବାନ ସଂସାରକୁ ସୃଷ୍ଟିକରି ଦୂରେଇ ରହିଗଲେ । ଦୂରରୁ ଥାଇ ଏ ଜଗତର ଉତ୍ଥାନ ପତନର ରହସ୍ୟ ଦେଖୁଛନ୍ତି । ଏ ଦୁନିଆରେ ଝଡ଼ ବୋହିଲେ ବା ପରସ୍ପର ଭିତରେ ଭୁଲ ବୁଝାମଣା ହୋଇ ବିପ୍ଳବ ଆରମ୍ଭ ହେଲେ ସେ ମୋଟେ ଶୁଣନ୍ତି ନାହିଁ । କେବଳ ଅଖି ବୁଜିଦିଅନ୍ତି । ସେ ହସ୍ତକ୍ଷେପ ନ କରିବା ଫଳରେ ସଂଘର୍ଷ ହୁଏ, ରକ୍ତ ବୁହେ । ତା'ର ଏହି ବ୍ୟକ୍ତିଗତ ନିବେଦନକୁ କ'ଣ ସେ କାନ ଦେବେ ? ଏତେ ଦୂରରେ ଥାଇ ସାହାଯ୍ୟ କରିବେ ?

ସୀତାର ମନ ଦୁର୍ବଳ ହୋଇପଡ଼ୁଥିଲା । ସୃଷ୍ଟି ଓ ସ୍ରଷ୍ଟାଙ୍କ ଉପରୁ ସମସ୍ତ ଆସ୍ଥା ହରାଇବାକୁ ଆରମ୍ଭ କରିଥିଲା । ଗତିକୃଷ୍ଣବାବୁ ଯେମିତି ଜୀବନର ପ୍ରତି ପାଦରେ ଧକ୍କା ଖାଇ ଈଶ୍ୱର ଉପାସନା ପ୍ରତି ବୀତଶ୍ରଦ୍ଧ ହୋଇପଡ଼ିଥିଲେ, ସୀତା ସେମିତି ଜୀବନର ପ୍ରଥମ ପାହାଚରେ ନୂଆକରି ଛିଡ଼ା ହୋଇ, ଏ ସୃଷ୍ଟିର କର୍ଣ୍ଣଧାରଙ୍କୁ ବ୍ୟଙ୍ଗ କରୁଥିଲା । ବିରାଟ ବସୁଧାର ରହସ୍ୟମୟ ପ୍ରହେଳିକାକୁ ଭେଦ କରିବାର ଜ୍ଞାନ ତା'ର ନ ଥିଲା । କିନ୍ତୁ ବସୁଧା ଭିତରେ ଯେଉଁ କେତୋଟି ଜଟିଳ ସମସ୍ୟାର ସମ୍ମୁଖୀନ ହୋଇଥିଲା, ତାକୁହିଁ ସମ୍ବଳ କରି ସଂସାର ଉପରେ ନିଜର ବ୍ୟକ୍ତିଗତ ଅଭିମତ ପ୍ରକାଶ କରୁଥିଲା । ସୀତା ସଂକଳ୍ପ କରୁଥିଲା, ଏଣିକି ସେ କାହାରିକୁ ବିଶ୍ୱାସ କରିବ ନାହିଁ ।

ସୀତାକୁ ସଂଶୟରେ ପକାଇ ମନମୋହନବାବୁ ପଚାରିଲେ, "ସମୟ ହେଉଛି, ସୀତା ! ମୁଁ ତେବେ ଏଥର ଯାଏଁ ।"

"କ'ଣ କହୁଥିଲେ ?" ସୀତା ନିଜ ଚିନ୍ତାରେ ନିଜେ ବ୍ୟସ୍ତ ଥିଲା ।

Digitized by PPRACHIN, SOA

"ଗାଡ଼ି ଛୁଡ଼ିବାର ସମୟ ହୋଇଆସୁଛି । ଚନ୍ଦ୍ରମୋହନ ପାଖକୁ ଯେ ମୋତେ ଯିବାକୁ ହେବ ଏଇନେ ।" ମନମୋହନବାବୁ ମନେ ପକାଇଦେଲେ ।

ସୀତାର ମନଭିତରେ ଭାବାନ୍ତର ପରିଲକ୍ଷିତ ହେଲା । ମନମୋହନ ପ୍ରତି କୃତଜ୍ଞତାରେ ଭରିଉଠୁଥିଲା ତା'ର ମନ, ପ୍ରାଣ ଓ ସମୁଦାୟ ଶରୀର । ତା'ର ଇଚ୍ଛା ହେଉଥିଲା, ଏଇଲାଗେ ମନମୋହନର ପାଦଧୂଳି ନେଇ ମୁଣ୍ଡରେ ବୋଳିଦିଅନ୍ତା । ଆଉ କହନ୍ତା, "ମୋତେ କ୍ଷମା ଦିଅ ଭାଇ ! ତୁମ ଭଳି ଦେବପ୍ରତିମ ମଣିଷକୁ ସଂସାରର ଆଉ ପାଁଜଣ ଭଳି ଦେଖି ଅବିଶ୍ୱାସ କରୁଥିଲି ।" ସୀତାର ମନର ଏହି ଭାବନା ତା'ର ମୁଖମଣ୍ଡଳରେ ପ୍ରତିଫଳିତ ହେଲା । ଯୁଗ୍ମ ଅଧର ଥରିଉଠୁଥିଲା । ମୁହଁର ରଙ୍ଗ ବଦଳିଆସୁଥିଲା । ଆଖିଡୋଳାରେ ଥିଲା କୃତଜ୍ଞତାର ବିଭୂତି । ଚକ୍ଷୁଲତାର କଡ଼ରୁ କରି ଝରିଆସିଲା ଦୁଇଟୋପା ଲୁହ । ସେ ଲୁହ ଅବିଶ୍ୱାସଜନିତ ବେଦନାର ନୁହେଁ, ଆତ୍ମପ୍ରତ୍ୟୟଜନିତ ଆନନ୍ଦର ।

"ତୁମକୁ ଖାଲି କାନ୍ଦିବାକୁ କ'ଣ ଭଲଲାଗେ, ସୀତା ?"

"ମୁଁ ଖାଲି କାନ୍ଦିବାପାଇଁ ଜନ୍ମ ହୋଇଛି, ମୋହନଭାଇ !"

"ଖାଲି କାନ୍ଦିବସିଲେ କ'ଣ ସମସ୍ୟାର ସମାଧାନ ହେବ ?"

"ଆଉ କରିବ କ'ଣ ? ମୋ'ଦେଇ ବା ହବ କ'ଣ ? କପାଳ ଯା'ର ମନ୍ଦ, ସଂସାର ତା ପାଇଁ କାରାଗାର । ଦୁନିଆରେ ସେ ବଞ୍ଚେ କେବଳ କାନ୍ଦିବା ସକାଶେ ।" ସୀତା ନିଜ ଅବସ୍ଥା ବୁଝାଇଦେଲା ।

"ତୁମେ କାନ୍ଦନି, ସୀତା ! ଧୈର୍ଯ୍ୟ ଧର । ଦୁନିଆ ଭିତରେ ଜନ୍ମ ନେଇ ଗୁଡ଼ିକ ପଥର କରିବାକୁ ହୁଏ । ସବୁ ପରିସ୍ଥିତି ପାଇଁ

Digitized by PPRACHIN, SOA

ସତର୍କ ରହି ଲଢ଼ିବାକୁ ପଡ଼େ । ଜଣିଲେ ଜୀବନ ସୁଖୀ ହୁଏ । ଆଉ ହାରିଗଲେ ......"

"ହାରିଗଲେ ଜୀବନ ଭୋଗେ ପରାଜୟର ଗ୍ଲାନି । ସେ ହୁଏ ମୃତ୍ୟୁମୁଖୀ, ଏଇଆ ନା ?" ସୀତା ମନମୋହନବାବୁଙ୍କ ପାଟିରୁ କଥା ଛଡ଼ାଇ ଉତ୍ତର ଦେଲା, "ମୁଁ ମରଣ ଚାହେଁ, ମୋହନଭାଇ ! ମୃତ୍ୟୁ ମୋର କାମ୍ୟ ।"

"କିନ୍ତୁ କାମନା କଲେ କ'ଣ ମୃତ୍ୟୁ ପାଖକୁ ଆସେ ? ମର୍ତ୍ତ୍ୟରେ ଜନ୍ମ ହେଲେ ଦେବତାː ବି ମରେ । ମଣିଷ ମରିବଇ ମରିବ । କିନ୍ତୁ ମୃତ୍ୟୁ କାମନା କରିବା ଅର୍ଥ, ଥରକ ପାଇଁ ନ ମରି ଅନେକ ଥର, ଅନେକ ପରିସ୍ଥିତିରେ ମୃତ୍ୟୁଜନିତ ଯନ୍ତ୍ରଣାର ଶିକାର ହେବା । ମୃତ୍ୟୁ କାମନା ମହାପାପ, ସୀତା ! ବଞ୍ଚିବାକୁ ଚେଷ୍ଟା କର ।" ମନମୋହନ-ବାବୁ ଉଦ୍‌ବୋଧନ ବାଢ଼ୁଥିଲେ ।

"ଏ ଦୁନିଆରେ ପାପ କ'ଣ ଆଉ ପୁଣ୍ୟ କ'ଣ ? ମୁଁ ପାପ-ପୁଣ୍ୟର ପ୍ରଭେଦ ଜାଣେ ନାହିଁ । କାରଣ, ଜଣେ ଯାହାକୁ ପାପ କହେ, ଆଉ ଜଣେ ପୁଣ୍ୟ ବୋଲି ତାକୁ ମହା ଆନନ୍ଦରେ ଗ୍ରହଣ କରେ । ଜଣକ ଆଖିରେ ଯାହା ମହାପାପ, ଅଉ ଜଣକ ଆଖିରେ ସେ ଅତି ପବିତ୍ର । ମନକୁ ନେଇ ବ୍ରହ୍ମକ୍ରିୟା । ଗୋଟିଏ ଜିନିଷର ଅପରିବର୍ତ୍ତନୀୟ ସ୍ଥିତି ନାହିଁ ।"

"ତଥାପି ସତ୍ୟ ଯେ ଶାଶ୍ବତ, ସୀତା ! ସତ୍ୟ ଯୋଗୁଁ ତ ଏ ଦୁନିଆ ଚଳୁଛି । ସତ୍ୟହିଁ ଶିବ, ସୁନ୍ଦର ଆଉ ପବିତ୍ର । ମଣିଷ ତାକୁ ଯେମିତି ଭାବରେ ଗ୍ରହଣ କଲେ ମଧ୍ୟ, ସେ ସତ୍ୟହୋଇ ହିଁ ରହିବ ।

Digitized by PPRACHIN, SOA

ମଣିଷ ମରିଯିବ, ମଣିଷ ମନର ପରିବର୍ତ୍ତନ ହେବ; କିନ୍ତୁ ସତ୍ୟ ଚିରଦିନ ପାଇଁ ଅପରିବର୍ତ୍ତିତ ଓ ଅମର ହୋଇ ରହିବ ।”

“ଜଣେ ଜଣକୁ ଭଲ ପାଇବା କ’ଣ ମିଥ୍ୟା ?” ସୀତା ଗୋଟିଏ ଆବେଗମୟ ପରିସ୍ଥିତିର ସମ୍ମୁଖୀନା ହୋଇ, ମନମୋହନକୁ ସିଧା ସଳଖ ପଚାରିଦେଲା । ଆଲୋଚନାର ସୁଅରେ ପଡ଼ି ସେ କାଳପାତ୍ରର ପାର୍ଥକ୍ୟ ଭୁଲିଗଲା ।

ମନମୋହନ ଆଶ୍ଚର୍ଯ୍ୟ ହୋଇ ସୀତା ମୁହଁକୁ ଚାହିଁଲା । ସେ ମୁହଁରେ ଅନେକ ପ୍ରଶ୍ନ, ଅନେକ ସମସ୍ୟା । ତହିଁରେ ତରୁଣୀସୁଲଭ ଲଜ୍ଜା ନାହିଁ କି କୁମାରୀସୁଲଭ ଚପଳତା ନାହିଁ । ତା’ର ସମୁଦାୟ ଶରୀର ଗୋଟିଏ ପ୍ରଶ୍ନବାଚକ ଚିହ୍ନ ହୋଇ ଗମ୍ଭୀର ଭାବେ ଛିଡ଼ା ହୋଇଛି ।

“ତୁମେ ରହିଲ ଯେ ମୋହନ ଭାଇ ? ଉତ୍ତର ଦେଉନ ??”

ଭଲ ପାଇବାର ଅନ୍ୟ ନାମ ପ୍ରେମ । ଏହାର ଅର୍ଥ ଅତ୍ୟନ୍ତ ବ୍ୟାପକ । କିନ୍ତୁ ସଂକୀର୍ଣ୍ଣ ପରିସ୍ଥିତି ଭିତରକୁ ତାକୁ ସଂକୁଚିତ କଲେ, ସେ ହେବ ଦୁଇଟି ଆତ୍ମାର ମିଳନର ସେତୁ । ଆତ୍ମା ଯେଉଁଭଳି ସତ୍ୟ ଓ ଶାଶ୍ୱତ, ଏ ପ୍ରେମ ସେହିଭଳି ଚିରନ୍ତନ ସତ୍ୟ । ଜୀବନ ଓ ମୃତ୍ୟୁ ଭଳି ଅତ୍ୟନ୍ତ ସ୍ପଷ୍ଟ ଏହାର ଉତ୍ତର ।”

“ତେବେ ମୋ’ର ପ୍ରେମ ମୃତ୍ୟୁମୁଖୀ ହେଲା କାହିଁକି ? ମୁଁ ଦୃଢ଼ ଭାବରେ ଜାଣିପାରେଁ, ତାହା ଅତ୍ୟନ୍ତ ପବିତ୍ର ଥିଲା । ତହିଁରେ ଆମ ପ୍ରାଣର ସ୍ୱାକ୍ଷର ଥିଲା । ତଥାପି ଚନ୍ଦ୍ରମୋହନ ବାବୁଙ୍କ ପିତା କହିଲେ, ବିବାହ ଆମର ହୋଇପାରିବ ନାହିଁ । କାରଣ ସେ ପ୍ରେମ ସମାଜ ଆଗରେ ପାପ । ତାହାହେଲେ ମୁଁ କେଉଁ ଆଶାରେ ବଞ୍ଚି

Digitized by PPRACHIN, SOA

ରହିବାକୁ ଆଶାୟୀ ହେବ, କହିଲ ? ଏ ଦୁନିଆ ଉପରୁ ମୋର ଆତ୍ମପ୍ରତ୍ୟୟ ଏକାବେଳକେ କଟିଯାଇଛି । ଚନ୍ଦ୍ରମୋହନ ଭଳି ଆତ୍ମୀୟ ଯଦି କରନ୍ତଡ଼ା ହେଲ, ତେବେ ବିଶ୍ୱାସ କରିବ କାହାକୁ ?" ସୀତାର କଣ୍ଠରେ କ୍ରନ୍ଦନ ଥିଲା ।

"ତୁମେ ଅଧୈର୍ଯ୍ୟ ହୁଅନା, ସୀତା ! ଚନ୍ଦ୍ରମୋହନକୁ ଦୁନିଆର କୋଣେ କୋଣେ ଖୋଜି ବାହାର କରିବାର ଦାୟିତ୍ୱ ମୋର । ପିତା ତା'ର ଅରାଜି ହେଲେ ଅନୁନୟ କରି କହିବି ।......"

"ଆହୁରି କହିବ, ମନମୋହନ ! ଗତିକୃଷ୍ଣ ଧନରେ କାଙ୍ଗାଳ ହେଲେହେଁ ମନ ତା'ର କାଙ୍ଗାଳ ନୁହେଁ । ଆଗର କଥାକୁ ଆଖି ଆଗରେ ରଖି, ସେ ତା'ର ମୀମାଂସା ଶୁଣାଇବ ।" ଗତିକୃଷ୍ଣବାବୁ ସନ୍ଧ୍ୟା ସେ ଘରଭିତରେ ପ୍ରବେଶ କରି ଜବାବ ଦେଲେ ।

ମନମୋହନ ଷ୍ଟେସନ ଅଭିମୁଖରେ ବାହାରିବାବେଳେ ସୀତା ତା'ର ଅନୁଗମନ କଲା ।

ସେଦିନ ଷ୍ଟେସନରେ ଭୀଷଣ ଗହଳି । ସେ ବର୍ଷ ବନ୍ୟାର କରାଳ କବଳରେ ପଡ଼ି ଅନେକ ଲୋକ ବାସଚ୍ୟୁତ ହୋଇଥାନ୍ତି । ସମସ୍ୟା-ବହୁଳ ଓଡ଼ିଶାର ସେ ଗୋଟିଏ ପ୍ରଧାନ ସମସ୍ୟାର କାରଣ ହୋଇଥାଏ । ସଙ୍ଗରେ ପିଲାକୁଟୁମ୍ବ ନେଇ ବହୁତ ଚାଷୀ ପରିବାର ଗୋରୁମହିଷାଣୀ କିମ୍ବା ବାଦାମପାହାଡ଼ର ହତଭାଗା କୁଲି ସାଜିବାକୁ ବାହାରିପଡ଼ିଥାନ୍ତି ।

ସୀତା ଏ ଭ୍ରେକଲ୍ ଜନତା ସଙ୍ଗେ ନିଜ ଅବସ୍ଥାକୁ ତୁଳନା କଲା । ଏମାନଙ୍କର ରହିବାକୁ ବାସ ନାହିଁ କି ପେଟ ଗୁଟଣ୍ଡିକ ପାଇଁ ଗ୍ରାସ ଯୋଗାଡ଼ କରିପାରୁନାହାନ୍ତି । ସର୍ବହରା ହୋଇ ଦାଣ୍ଡରେ

Digitized by PPRACHIN, SOA

ଛୁଡ଼ା ହୋଇଛନ୍ତି । କିନ୍ତୁ ତା'ର ସବୁ ଥାଇ ବି ସେ ପ୍ରେମ ପାଇଁ ପ୍ରାଣ ଦେବାକୁ ଇଚ୍ଛା କରୁଛି । କି ନିର୍ବୋଧ ଭାବନା ! ପ୍ରଥମେ ପେଟ ନା ପ୍ରେମ ?

ଦୁନିଆରେ କୌଣସି ଲୋକ ନିଜ ଅବସ୍ଥାରେ ସନ୍ତୁଷ୍ଟ ନୁହେଁ । ଇପ୍‌ସିତ ବସ୍ତୁ ଲାଭ ପରେ ତା'ଉପରୁ ମନ ଭାଙ୍ଗିଯାଇ ଆଉ ଗୋଟିଏ ଜିନିଷକୁ ମନ କଲେ । ବାସନାର ଅନେକ ପାହାଚ । ତଥାପି ସମସ୍ତ ପାହାଚ ଅତିକ୍ରମ କରିବାକୁ ମଣିଷର ମନ ଡାକେ । ଏହା ଗୋଟିଏ ନିତ୍ୟ ନବୀନ ତୃଷ୍ଣା । ମଣିଷ ମରିଯାଏ, କିନ୍ତୁ ତୃଷ୍ଣା ମେଣ୍ଟେ ନାହିଁ । ଏହିଭଳି ଏକ ଅଭାବନୀୟ ପରିସ୍ଥିତି ଭିତରେ ପଡ଼ି ନିଜଠାରୁ ଅଧିକ ହୀନ ଅବସ୍ଥା ହୋଇଥିବା ଲୋକକୁ ବିଚାରବୁଦ୍ଧି ନେଇ ତୁଳନା କଲେ, ମନର ମୋହ ମରିଯାଏ । ଅଭିନବ ତୃଷ୍ଣା ପ୍ରତି ବୈରାଗ୍ୟ ଜନ୍ମେ । ନିଜ ପରିସ୍ଥିତିରେ ସନ୍ତୁଷ୍ଟ ରହିବାକୁ ବିବେକ ତାଗିଦ୍ କରେ । ସୀତା ନିଜକୁ ତଳିଦାଗର ଖେଳକଲ ଜନତା ସଙ୍ଗେ ତୁଳନା କରି ଆତ୍ମସନ୍ତୋଷ ଲାଭ କଲା । ତା'ର କଳ୍ପନାର ବିକୃତ ରଙ୍ଗ ମଉଳିଗଲା । ମନେ ମନେ ସଂକଳ୍ପ କଲା, ଶେଷପର୍ଯ୍ୟନ୍ତ ଅବିଚଳିତ ଭାବରେ ସେ ଅପେକ୍ଷା କରିବ ।

ସୀତାକୁ ତା'ର ଭାବନା ଭିତରେ ଛାଡ଼ିଦେଇ ମନମୋହନ ଟିକେଟ କରିବାକୁ ବାହାରିଗଲା ।

ଠିକ୍ ସେଇଦିନ ଚନ୍ଦ୍ରମୋହନ ଅନେକ ଗ୍ରାମ, ଅନେକ ସ୍ଥାନ ବୁଲି ବୁଲି ଟ୍ରେନରେ ରାଇଗଙ୍ଗପୁରରେ ନୂଆ ହୋଇ ପହୁଞ୍ଚିଥିଲା । ଅନୁସନ୍ଧିତ୍ସୁ ଆଖି ଦି'ଟା ସୀତାର ପରିଚିତ ମୁହଁଟିକୁ ଦରାଣ୍ଡି ହେଉଥାଏ । ଆଶା ଥାଏ, ଏହିଭଳି ବୁଲୁବୁଲୁ ହୁଏ ତ ଦିନେ ସୀତା ସହିତ ସାକ୍ଷାତ ହେବ । ସୀତା ସଙ୍ଗରେ ଦେଖା ହେଲେ, ତା'ର

Digitized by PPRACHIN, SOA

କୋଳ ଉପରେ ମୁଣ୍ଡ ରଖି ଅତୀତର ସମସ୍ତ ଅଭିଜ୍ଞତା ବର୍ଣ୍ଣନା କରୁ କରୁ ସେ ଜୀବନର ସମସ୍ତ କ୍ଳାନ୍ତି, ସମସ୍ତ ବ୍ୟଥା ଭୁଲିଯିବ । ପରସ୍ପରର ସହଯୋଗରେ ସେମାନେ ରଚନା କରିବେ ଗୋଟିଏ ସୁନ୍ଦର ସରସ ନୀଡ଼ । ସେ ନୀଡ଼ ଭିତରେ ରହି କେବଳ ନିଜର ଉପସ୍ଥିତିକୁ ଅନୁଭବ କରୁ କରୁ ସେମାନେ ଅବଶିଷ୍ଟ ଦୁନିଆକୁ ଭୁଲିଯିବେ ।

ଚନ୍ଦ୍ରମୋହନ ଅନେକ ଦିନ ଧରି ବାହାରେ ବୁଲୁଥିବା ଯୋଗୁ ତା'ର ସୁନ୍ଦର ସ୍ୱାସ୍ଥ୍ୟ ହରାଇବସିଥାଏ । ବଢ଼ିଲାଆ ଦାଢ଼ିର କୃଷ୍ଣ ଆବରଣ ତଳେ ଜଳଜଳ ହେଉଥାଏ ସନ୍ଧାନୀ ଆଖିର ଦୁଇଟିଯାକ ଡୋଳା । ସେହି ଡୋଳା ଦୁଇଟିରେ ଅନେକ ଭାବ, ଅସଂଖ୍ୟ ଆଶାର ଜୁଆର । ଏହିଭଳି ଅବସ୍ଥାରେ ନିତାନ୍ତ ପରିଚିତ ଲୋକ ମଧ୍ୟ ତାକୁ ଚିହ୍ନିପାରିବା କଷ୍ଟକର ବ୍ୟାପାର ।

ଆଶାୟୀ ଦୃଷ୍ଟିରେ ସେ ଖାଲି ଅନୁସନ୍ଧାନ କରୁଥାଏ । ଏହିଭଳି ବୁଲୁଁ ବୁଲୁଁ ସହସା ତା'ର ଆଖିରେ ପଡ଼ିଲା ସୀତା ! ମନ ତା'ର ଆନନ୍ଦରେ କୁରୁଳିଉଠିଲା । ମନେ ହେଲା, ସତେ ଯେମିତି ସ୍ୱର୍ଗର ଅମୃତ ହାତପାହାନ୍ତାରେ ପାଇଛି । ଗୋଟିଏ ଅଦମ୍ୟ ଉତ୍ସାହକୁ ଛାତି ଭିତରେ ଚପିରଖି ସେ ସୀତାଆଡ଼କୁ ଧାଇଁ ଆସୁ ଆସୁ ଦେଖିଲା, ସୌମ୍ୟଦର୍ଶନ ଯୁବକଟିଏ ସୀତାର ଅତି ନିକଟରେ ଛିଡ଼ା ହୋଇଛି । ସେ ଯୁବକଟି ଚନ୍ଦ୍ରମୋହନର ସମ୍ପୂର୍ଣ୍ଣ ଅପରିଚିତ ଥିଲା । ଆଉ ସୀତା ମୁହଁରେ ଥିଲା ସେ ଅପରିଚିତ ପ୍ରତି କୃତଜ୍ଞତା ଓ ଆତ୍ମସମର୍ପଣର ଅଭିବ୍ୟକ୍ତି ।

ଚନ୍ଦ୍ରମୋହନ ସଂଶୟରେ ପଡ଼ି ଦୁଇ ପାହୁଣ୍ଡ ପଛକୁ ଘୁଞ୍ଚିଆସିଲା ।

Digitized by PPRACHIN, SOA

ଗାଡ଼ି ଛାଡ଼ିବାର ସମୟ ହୋଇଯାଉଥାଏ । ଯୁବକଜଣି ଗାଡ଼ି-ଭିତରେ ପଶିଯାଇ ଫାଟକ ମୁହଁରୁ ବଦାୟକାଳୀନ ଶୁଭେଚ୍ଛା ଜଣାଉ ଜଣାଉ କହିଲା, ତୁମେ ବ୍ୟସ୍ତ ହବନି, ସୀତା ! ଦିନ କେଇଟା ଭିତରେ ମୁଁ ନିଶ୍ଚୟ ଫେରିଆସିବି ।"

ସୀତାର ଆଖିରେ ଲୁହ ଥାଏ । ସେ ଫାଟକ ମୁହଁକୁ ଲାଗିଆସି ମନମୋହନକୁ ନମସ୍କାର କରୁ କରୁ କହିଲା,"ଅତି ଶୀଘ୍ର ଫେରିଆସି-ବାକୁ ଚେଷ୍ଟା କରିବେ । ଦେହପା'କୁ ଜଗି ଚଳିବେ । ଅଉ କ'ଣ କହିବି ? ଏଇଥିପା ଭାବନ୍ତୁ, ପ୍ରାଣ ମୋର ଆପଣଙ୍କ ପାଖରେ ଅଛି ।" ତା'ପରେ ଚିଠିଖଣ୍ଡେ ବଢ଼ାଇ ଦେଉ ଦେଉ କହିଲା,"ଏ ଚିଠିଟିକ ଚନ୍ଦ୍ରମୋହନବାବୁଙ୍କୁ ଦେଇଦେବେ ।"

ଟ୍ରେନ ଛାଡ଼ିଦେଲା । ସେ କଥୋପକଥନ ଶୁଣିବା ପରେ ଚନ୍ଦ୍ରମୋହନର ଧୈର୍ଯ୍ୟଚ୍ୟୁତି ହେଲା । ତା'ର ମନେ ହେଲା, ଏତେ ଦୁଃଖକଷ୍ଟରେ ସମସ୍ତ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ, ଜଳ ଭାବି ଯାହାର ପଶ୍ଚାତ୍‌ଧାବନ କରିଥିଲା, ସେ ଜଳ ନୁହେଁ; ମରୁଭୂମିର ମୃଗତୃଷ୍ଣା । ମାୟା ରଚି ମମତାର ଅଭିନୟ କରେ । ଜଣକର ମନ ଭିତରେ ଅଗ୍ନି ସଂଯୋଗ କରି, ହୃତ ଶନ ହୋଇ ଜଳିଲାବେଳେ ତାଳି ମାରି ମଜା ଦେଖେ ।

ସୀତାକୁ ଦ୍ୱିତୀୟ ଥର ସନ୍ଦାଣେ ଅନାଇବାକୁ ତା'ର ଇଚ୍ଛା ହେଲା ନାହିଁ । ଘୃଣା ଓ ବିଦ୍ୱେଷରେ ସେ ଜଳଯାଉଥାଏ । ଅପମାନ ଓ ଲଜ୍ଜାରେ ଉନ୍ମାଦ ସାଜିଥାଏ । ସେ ସ୍ଥାନରୁ ଝଡ଼ବେଗରେ ଅନ୍ତର୍ଦ୍ଧାନ ହେଲା ଚନ୍ଦ୍ରମୋହନ । ପାଦ ଦୁଇଟି ଇତସ୍ତତଃ ହୋଇ ପଡୁଥାଏ । ସମୁଦାୟ ଶରୀରରେ ଭରିଥାଏ ପରାଜୟର ଚରମ ଗ୍ଲାନି ।

Digitized by PPRACHIN, SOA

ସେହି ଗ୍ଳାନି, ସେହି ଯନ୍ତ୍ରଣା ଉତ୍କଣ୍ଠ ବିଷ ଭଳି ମାରାତ୍ମକ । ହୃଦୟର ପ୍ରତ୍ୟେକ ଶିରାପ୍ରଶିରା ଉତ୍ତପ୍ତ ହୋଇଉଠିଥାନ୍ତି ।

ହେ ମନମୋହନ ଲେଉଟିଗଲା ଛାତିକୁ ପଥର କରି, ମନକୁ ଉନ୍ମାଦ କରି ।

ମନମୋହନର ମନ ଭିତରେ ଅପୂର୍ବ ଶିହରଣ । ସେହି ଶିହରଣ ଅଙ୍ଗେ ଅଙ୍ଗେ ବାଡ଼ିପାଉଛି ଗୋଟିଏ ଅନନୁଭୂତ ଆନନ୍ଦର ପ୍ରଅବ । ଶିରାପ୍ରଶିରାରେ ସୃଷ୍ଟି କରୁଛି ଅସରନ୍ତି ଆବେଗର ଉତ୍ସ । ଏତେ ଆବେଗ, ଏତେ ଉଚ୍ଛ୍ୱାସ ଇତିପୂର୍ବରୁ କେବେ ସେ ପାଇଥିଲା ଭଳି ମନେ ପଡ଼ିଲା ନାହିଁ । ସେହି ଆନନ୍ଦର ଆଧିକ୍ୟରେ ନିଜକୁ ନିଜେ ଭୁଲିଗଲା ମନମୋହନ । ଆଖି ଆଗରେ ଦେଖାଦେଲେ ଦୁଇଟି ଲଳିତ ନୀଳ ନୟନ ! ସେ ନୟନର ସଜଳ ଟଳଟଳ ଡୋଳା ଦୁଇଟିରେ ଅନେକ ଭାବ, ଅନେକ ଭାଷା । ସେସବୁ ଅନୁଭବ କରିବା ସହଜ; କିନ୍ତୁ ପ୍ରକାଶ କରିବା କଷ୍ଟକର ।

ସେହି ମିନତିଭରା ଡୋଳା ଦୁଇଟି ସୀତାର । ଆସିଲାବେଳେ କହିଗଲା,"ଏଇଥି। ଭାବନ୍ତୁ, ପ୍ରାଣ ମୋର ଆପଣଙ୍କ ପାଖରେ ଅଛି ।" ତା'ର ଭାଷାରେ ଥିଲା ଦରଦ, ସ୍ୱରରେ ଥିଲା ମିନତି । ମନମୋହନ ଅନୁଭବ କଲା, ସୀତାର କରୁଣ ମନ ଓ ପ୍ରାଣ ତା'ର ପାଖରେ ଅଛି । ଏ ଭ୍ରମଣ ନିତାନ୍ତ ନିର୍ଜନ ନୁହେଁ । କାରଣ, ଅନୁଗମନ କରୁଛି ଯାତ୍ରାସଙ୍ଗିନୀ ରୂପେ ସ୍ୱୟଂ ସୀତା ।

Digitized by PPRACHIN, SOA

ମନମୋହନ ନିଜର ଅଦୂର ଭବିଷ୍ୟତର ସୁନେଲି ଭାବନାରେ ଅନ୍ତସ୍ଥ ହୋଇପଡ଼ିଲା । ସେ କଳ୍ପନା କଲା, ଚନ୍ଦ୍ରମୋହନଙ୍କୁ ବୃଝାଇ ଶୁଝାଇ ବାହୁଡ଼ାଇ ଆଣୁଛି । ସୀତା ଚନ୍ଦ୍ରମୋହନର ପ୍ରତ୍ୟାବର୍ତ୍ତନ-ଜନିତ ଆନନ୍ଦରେ କୁରୁଳି ଉଠୁଛି । ଦୁହେଁ ଦୁହିଁଙ୍କୁ ଅନ୍ତନିଷ୍ଠ ହୋଇ ଅନାଇଁ ରହିଛନ୍ତି । ଅତୀତର ସମସ୍ତ ମାନ, ଅଭିମାନ ଆଡ଼େଇ ହୋଇଯାଉଛି । ତା'ପରେ···ତା'ପରେ ଚୁଟିକି ଆଖି ଦୁଇଟି ପ୍ରାଣର ଶ୍ରଦ୍ଧା ଆଉ ସ୍ନେହ ବାଣ୍ଟି ଅନେଇଁ ରହିଛନ୍ତି ତା'ରି ଆଡ଼କୁ । ସେ ଦୃଷ୍ଟି କହୁଛି, "ତୁମେହିଁ ଆମ ମିଳନର ସେତୁବନ୍ଧ ମନମୋହନ ! ତୁମର ଋଣ ଶୁଝିବାର ନୁହେ ।"

ମନମୋହନ ସେହି ଅନାଗତ ଭବିଷ୍ୟତର ଆନନ୍ଦମୟ କଳ୍ପନାରେ ମଗ୍ନ ଥାଇ ମନକୁମନ ହସିଲା । ତା'ରି ଅଲକ୍ଷ୍ୟରେ ମାନସଚକ୍ଷୁରେ ପୁନର୍ବାର ଦେଖାଦେଲା ସରଳା ସୀତା । ସୀତା ଦେଖିବାକୁ ପବିତ୍ର ଫୁଲଟିଏ ଭଳି । ତଥାପି ରୂପଗରବିଣୀ ସେ ନୁହେଁ । ଆଧୁନିକ ଶିକ୍ଷିତ ଝିଅଟିଏ, ତଥାପି- ଆଧୁନିକତାର ଉଗ୍ର ରୁଚି ନେଇ ଭାରାକ୍ରାନ୍ତ ନୁହେଁ । ଏହି ସଂଯତ ଶିଷ୍ଟ ସୀତା ପାଇଁ ମନଭିତରେ ଦୟା ଆସିଲା । କିନ୍ତୁ ସେ ଦୟାରେ ନିଜର ଉଦାରତାର ସ୍ୱାକ୍ଷର ନାହିଁ । ସେ ଦୟା ଗୋଟିଏ ଦାବିର ପ୍ରତି-ଫଳନ ମାତ୍ର ! ଭିକାରୀ ହାତରେ ଟେକିଦେଉଥିବା ଭିକ୍ଷା ନୁହେ, ଦେବୀ ସମ୍ମୁଖରେ ସମର୍ପିତ ସଭକ୍ତି ଆରାଧନା ।

କିନ୍ତୁ ସେ ଗଳ୍ପପରେ ମଧ୍ୟ ଚନ୍ଦ୍ରମୋହନ ଯଦି ଫେରି ନ ଆସେ ? ମନମୋହନର ମନଭିତରେ ଆଶଙ୍କାର ଝଞ୍ଜା ବହିବାକୁ ଲାଗିଲା । କ'ଣ କରିବ ସେ ? ପ୍ରାଣାନ୍ତକ ଚେଷ୍ଟା କରି ଅବସ୍ଥାକୁ

Digitized by PPRACHIN, SOA

ଅପ୍ରସ୍ତୁତକୁ ଆଣିବାକୁ ହେବ । ଚନ୍ଦ୍ରମୋହନର ଅବୁଝା, ବାଟଭୁଲା ମନକୁ ବୁଝେଇ ଆଣିବାକୁ ହେବ । ଦରକାର ପଡ଼ିଲେ ବିରୁପାକ୍ଷ ବାବୁଙ୍କ ଗୋଡ଼ତଳେ ପଡ଼ିବ ସେ ।

ଯଦି ଚନ୍ଦ୍ରମୋହନ ଅବିଶ୍ୱାସ କରେ ? ସୀତା ଆଉ ତା'ର ସମ୍ବନ୍ଧ ଉପରେ ଆକ୍ଷେପ କରେ ? ମନମୋହନ ଭାବିଲା, ସୀତାର ବ୍ୟକ୍ତିଗତ ଚିଠି ଗୋଟିକ ସେ ସନ୍ଦେହର ଜବାବ ଦେବ ।

କିନ୍ତୁ ତହିଁରେ ତା'ର ସ୍ୱାର୍ଥ ? ଏ ପ୍ରଶ୍ନର ଉତ୍ତର ଖୋଜି ପାଇପାରିଲା ନି ମନମୋହନ । ଅନେକ ସମୟ ପରେ ଅନୁରୋଧ-ଭରା କରୁଣ ମୁହଁଟିଏ କାନପାଖରେ ଆସି କହିଲା, "ମୁଁ ତୁମର କେହି ନୁହେଁ ମନମୋହନବାବୁ ! ତୁମ ବାପାଙ୍କର ବାଲ୍ୟବନ୍ଧୁର ଦୁଃଖିନୀ ଝିଅ ହିସାବରେ ତୁମ ନିକଟରୁ ସହାନୁଭୂତିର ଭିକ ମାଗୁଛି । ଆମ ମଧ୍ୟରେ ରକ୍ତର ସମ୍ପର୍କ ନ ଥିଲେ ମଧ୍ୟ ଧର୍ମର ସମ୍ପର୍କ ରହିଛି । ତାହାହିଁ ତ ଏହି ରହସ୍ୟମୟ ସଂସାରର ଏକମାତ୍ର ଆକର୍ଷଣ । ମୋ ପାଖରେ କିଛି ନାହିଁ । ଚନ୍ଦ୍ରମୋହନବାବୁଙ୍କ ଗୋଡ଼ତଳେ ମନ ଓ ପ୍ରାଣ ଉତ୍ସର୍ଗ କରିଛି । ଖାଲି ରହିଛି, ଅଖିରେ ଆଖିଏ ପ୍ରତୀକ୍ଷାର ଭାଷା । ମୋଠୁ କିଛି ପାଇବାକୁ ଚାହୁଁଥିଲେ ହତାଶ ହେବେ । ଭିକାରୁଣୀ ଖାଲି ମାଗେ, ମନମୋହନବାବୁ, ଦାନ କରି-ପାରେ ନାହିଁ । କାରଣ, ଦାନ କରିବାର ଶକ୍ତି ତା'ର ନାହିଁ । ଦରଦ ଥିଲେ ସାହାଯ୍ୟ କରି ସୁଖୀ କରାଇବ ।"

ସୀତା ତା'ର କେହି ନୁହେଁ । ସ୍ନେହୀ ମଉସାର ଦୁଃଖିନୀ ଝିଅଟିଏ ମାତ୍ର ! ତାକୁ ଯେତେବେଳେ ଭଉଣୀ ବୋଲି ସ୍ୱୀକାର କରିଛି, ଏହି ବିପଦ ସମୟରେ [illegible] ।

Digitized by PPRACHIN, SOA

ମନମୋହନର ମନର ପ୍ରଶ୍ନକୁ ଅତି ସରଳ ଉତ୍ତର ଦେଲା ତା'ର ନିଜର ବିବେକ । ଆନନ୍ଦରେ ତା'ର ଅନ୍ତର ଭରିଗଲା । ସେ ଆନନ୍ଦ ଉଷାର କମନୀୟ ରଶ୍ମି ଭଳି ପବିତ୍ର । ତହିଁରେ ସ୍ୱାର୍ଥ ନାହିଁ କି କ୍ଲିଷ୍ଟତା ନାହିଁ । ନିଃସ୍ୱାର୍ଥ କର୍ତ୍ତବ୍ୟପାଳନରେ ପୁଣି ଏମିତି ଆନନ୍ଦ ମିଳେ ! ଏହି ନିଃରୋଳା ଆନନ୍ଦହିଁ ତା'ର କର୍ତ୍ତବ୍ୟର ପାରିଶ୍ରମିକ । ତା'ଠୁ ଅଧିକ କିଛି ସେ ଚାହେଁ ନାହିଁ । ସୀତା ସବୁଦିନ ପାଇଁ ଆତ୍ମୀୟା ହୋଇ ରହୁ ।

"ବାବୁ, ଗୋଡ ଘୁଞ୍ଚାଇଲେ ଟିକିଏ ବସିପଡନ୍ତି । ଛିଡ଼ା ହୋଇ ହୋଇ ପାଦ ପରାସ ହେଲଣି ।" ସହଯାତ୍ରୀ ଜଣେ ବିନୀତ ଅନୁରୋଧ କଲା ମନମୋହନକୁ ।

ମନମୋହନର ଚିନ୍ତାଗ୍ରସ୍ତ ମନ ବାସ୍ତବ ପରିସ୍ଥିତିକୁ ଫେରି-ଆସିଲା । ସେ ଦେଖିଲା, ଗାଡ଼ି ଭିତରେ ସୋରିଷ ପକାଇବାକୁ ଆଉ ଜାଗା ନାହିଁ । ତା'ର ସମନାରେ ବୟସ୍କ ଲୋକଟିଏ ଭିଡ଼ମୋଡ଼ ହୋଇ ଛିଡ଼ା ହୋଇଛି । ଜଣାପଡୁଛି, ବୟସ ସେତେ ଅଧିକ ନ ହେଲେ ମଧ୍ୟ ଅବସ୍ଥା ତାକୁ ହତଶ୍ରୀ କରିଦେଇଛି । ଆଖିରେ ଖାଲି ନିରାଶ ଚାହାଣୀ । ଦେହରେ କାମିଜ ନାହିଁ । ଅଣ୍ଟାରେ ଅଣ୍ଟୁଏ ଲମ୍ବର ମୋଟା ଖଦି ଖଣ୍ଡେ ଓହଳି ପଡ଼ିଛି । ମୁଣ୍ଡର ଧୂସର ବାଳ ଗଣ୍ଡିକ ବିପର୍ଯ୍ୟସ୍ତ । ସ୍ଥାନ ନାହିଁ ବୋଲି ଟିକିଏ ପାଖେଇ ଯିବାକୁ ଅନୁରୋଧ କରୁଛି । ମନମୋହନ ଘୁଞ୍ଚିପଡ଼ି ଜାଗା କରିଦେଲା ସହଯାତ୍ରୀଟିକୁ । ସେ ବସିଲା ପରେ ପଚାରିଲା, "କେଉଁଠିକି ଯିବେ ?"

"ଆଁଳାପୋଡ଼ ଯାଏ । ସେଇଠୁ ବାଟ ଭାଙ୍ଗି ଗୋରୁମହିଷାଣୀ ।"

"କେଉଁଠୁ ଆସୁଛ ?"

Digitized by PPRACHIN, SOA

"ବାଉପଦାରୁ ।"

"ଗୋରୁମଣ୍ଡିଷାଣୀରେ କ'ଣ କାମ କର ?"

"କାମ କର ନ ଥିଲୁଁ, ବାବୁ ! ଏବେ କରିବୁଁ । ବଳଙ୍ଗ ନଈ ଆମକୁ ମୂଲିଆ କରିଦେଲା ।" ଯାତ୍ରୀଜଣକ ମୁହଁ ଶୁଖାଇ ଉତ୍ତର ଦେଲା ।

"ବାଉପଦାରେ କ'ଣ କାମ ମିଳିଲା ନାହିଁ ?" ମନମୋହନ ପ୍ରଶ୍ନ କଲା ।

"ବାଉପଦା କ'ଣ ଆଗର ବାଉପଦା ହୋଇ ରହିଛି ? ଏବେ ହତଶ୍ରୀ ହୋଇଗଲାଣି । ରଜା ଗଲାଦିନୁ ରାଜ୍ୟ ସାବତିଝିଆ ହୋଇଗଲା । କିଏ ବୁଝୁଛି ଏଣ୍ଡି ଅବହେଳିତ ଅଞ୍ଚଳର ସୁଖଦୁଃଖ ? ରଜା ଯିବା ସଙ୍ଗେ ସଙ୍ଗେ ରାଜ୍ୟର ଲକ୍ଷ୍ମୀ ମଧ୍ୟ ଗୁଡିଗଲେ । ରାଜ୍ୟର ଚିତ୍ର ବଦଳିବା ସଙ୍ଗେ ସଙ୍ଗେ ଲୋକଙ୍କର ମତିଗତି ମଧ୍ୟ ବଦଳିଗଲାଣି । ଶେଷରେ ବଳଙ୍ଗନଈର ଧାର ମଧ୍ୟ ବଦଳିଗଲା । ଆନନ୍ଦରେ ଫସଲ ଆମଦାନୀ କରି ବର୍ଷତମାମ ସୁଖରେ ଚଳୁଥିଲୁଁ । ଅଥଚ ସେଇ ନଈଯୋଗୁଁ କୁଲିକାମ ଖୋଜିବାକୁ ଅଜି ଗାଁ ଛାଡ଼ିଲୁଁ । କିଏ ଜାଣେ କର୍ମରେ କ'ଣ ଯୋଗ ଅଛି !"

ମନମୋହନ ବୁଝିଲା, ଲୋକଟିର ମନରେ ଅତ୍ୟନ୍ତ ଦୁଃଖ ହୋଇଛି । ସେ ମନେ ମନେ ଯୁଗ ଆଉ ଭାଗ୍ୟ ଉପରେ ସବୁତକ ଦୋଷ ଲଦିଦେଉଛି । ତାକୁ ସଂଶୋଧନ କରିଦେବା ଉଚିତ ମନେ କରି କହିଲା, "ବାଉପଦାରେ ଅନେକ ଉନ୍ନୟନ ଯୋଜନା କାର୍ଯ୍ୟ-କାରୀ ହେଉଛି । ଚେଷ୍ଟା କରିଥିଲେ କାମ ଖଣ୍ଡେ କ'ଣ ଯୋଗାଡ଼ ହୋଇପାରି ନ ଥାନ୍ତା ଯେ—"

Digitized by PPRACHIN, SOA

"ଚେଷ୍ଟା ଆଉ କରିବୁଁ କ'ଣ ? ଆମ ଚେଷ୍ଟାର କ'ଣ କିଛି ମୂଲ୍ୟ ଅଛି ? ଚେଷ୍ଟା କରି ହତାଶ ହେଲୁଁ । ସେ ଯୋଜନା କଥା ଛାଡ଼ିଦିଅ, ବାବୁ ! ଧନୀ ପାଖକୁ ଧନ ଆସିବାର ସୁଅ ସିଏ ଚେଲିଆ ମୁଣ୍ଡରେ ତେଲ । ମଳମୁଣ୍ଡିଆ ଜୁକୁଜୁକୁ କରି ଅନାଇଁଥିବେ । ଯିଏ ଟିକିଏ କୁହାବୋଲା କରି ଖୋସାମତି କଲା, ତା'ର ଉପରେ ସମସ୍ତେ ଖୁସି । ଟଙ୍କା ପଇସାର ବେହିସାବୀ କାରବାର । ଅଗେ ଖର୍ଚ୍ଚ ତ ପଛକୁ ହିସାବ । ଗୋଦାମର ମାଲ ସିଏ । ଆସିବା ଯିବା କଥା କିଏ ବୁଝୁଛି ନା ଜାଣୁଛି ? ଅଯଥା ଟଙ୍କା ଖର୍ଚ୍ଚ । ଅବସ୍ଥା ଯାହା ଥିଲା ତା'ଠୁ ହୀନ ହେବା ଉପରେ । ବରଂ ରଜା ଅମଳରେ ସୁଖରେ ଥିଲୁଁ ।"

ମଦନମୋହନ କୌତୁହଳୀ ହୋଇ ପଚାରିଲେ, "ସେ ପୁଣି କେମିତି ?"

"ବାବୁ ! ତମକୁ କହିଲେ ବିଶ୍ୱାସ କରିବ ନାହିଁ । କହିବ, କାହାଣୀ କହୁଛି । କିନ୍ତୁ ଏ ଆଖି ଦେଖିଛି, ଏ ଦେହ ଭୋଗ କରିଛି । କାଠ ଶଗଡ଼କୁ ସାତ'ଣା । ଗୁଡ଼ଲ ଟଙ୍କାରେ ଦଶ ସେର । ପନିପରିବା କିଏ କ'ଣ ଚକୁଥିଲା ? ଏବେ ବଜାର ଭିତରକୁ ପଶିହେଉନାହିଁ । ଶାଗ ସେରରେ ଓଜନ ହୋଇ କିଣା ହେଉଛି । ଆଜି ଲୁଗା ଦର ବଢ଼ିଲା ତ କାଲି ଚିନି କିରାସିନି ଦାମ୍ ବଢ଼ିଯାଉଥିବ । ସବୁ ଖାଲି ନଈବଢ଼ି ଭଳି ହୁହୁ ହୋଇ ବଢ଼ୁଛି । ଏ ସବୁର କାରଣ କ'ଣ ?"

ମଦନମୋହନ ବୟସ୍କ ଲୋକଟିକୁ ବୁଝାଇବାକୁ ଆରମ୍ଭ କଲେ, "ତୁମେ କଣ କହୁଛ, ଆଜିର ନୂଆ ଶାସନ ଏମିତି କଲା ? ଦଶ ବର୍ଷ ତଳେ ପରିସ୍ଥିତି ଯାହା ଥିଲା, ଏବେ ଆଉ ନାହିଁ । ଆଜି ଯାହା ଅଛି,

Digitized by PPRACHIN, SOA

କାଳକ ହୁଏତ ବଦଳି ଯାଇଥିବ । ଲୋକସଂଖ୍ୟା ବଢ଼ୁଛି । ସରକାରୀ ପରିକଳ୍ପନା ଅନୁସାରେ ଲୋକଙ୍କର ଜୀବନଧାରଣର ମାନ ବି ବଢ଼ିବାରେ ଲାଗିଛି । ଆମୋଦପ୍ରମୋଦର ବ୍ୟବସ୍ଥା ହେଉଛି। ସ୍କୁଲକଲେଜର ସଂଖ୍ୟା ବଢ଼ିଚାଲିଛି……”

“ସେତିକି କହିଥା, ବାବୁ,” ବୁଢ଼ା ପ୍ରତିବାଦ କରି କହିବାକୁ ଲାଗିଲା, “ଆମ ଏ ଗଡ଼ଜାତ ମୁଲକରେ ଆଗେ ସ୍କୁଲ କଲେଜ ଏତେ ନ ଥିଲା । କାହିଁ କଏ କେମିତି କଲେଜ ପାଠ ପଢ଼ି ଫେରି ଆସୁ ଆସୁ ରଜା ଆଗ୍ରହରେ ତାକୁ ଚାକିରି ଦେଉଥିଲେ । ଗଡ଼ଜାତର ପିଲା ଗଡ଼ଜାତ ଭିତରେ ରହି ଭଲମନ୍ଦ ବୁଝୁଥିଲା । ତାହା ଅଫିସର ବୋଲି ଘରେଇ ଭାବରେ ଦି'ପଦ କଥାଭାଷା ହୋଇ ଅଭାବ ଅସୁବିଧା କହିପାରୁଥିଲୁଁ । ତୁମେ କହିଲ ବାବୁ, ଏବକାର ବାବୁଭେୟାଙ୍କ ପାଖକୁ କ'ଣ ପଶିହେଉଛି ? ଅଫିସ ଚପରାଶି ପରା ଅଫିସରଠୁ ବଳି ପ୍ରତାପୀ । କଥା କହିଲେ ହାତ ମୋଡ଼ ରାସ୍ତା ଦେଖାଉଛି । ଛିଡ଼ା ହେବାକୁ ଭୟ ଲାଗୁଛି । ଇଂରେଜୀ ପାଠ ସାଙ୍ଗକୁ ପଇସା ଥିଲେ ତେଣିକି ଆଉ ଭୟ ନାହିଁ । ଦପ୍ତରକୁ ପଶ କି ବସାଭିତରେ ବସି ଗପ ଜମାଅ, ତହିଁକି ବ ଡ଼ରିବା ନାହିଁ । ମୁଁ ଭାବୁଛି, ବାବୁ, ଯୁଗ ବଦଳିଗଲା । ପାଠ ପଢ଼ି ଲୋକେ କେଡ଼େ ଜ୍ଞାନସ୍ଥୀ ହେଉଥିଲେ । ଅକଲ ଲଗାଇ ପ୍ରଜାର ଦୁରବସ୍ଥା ଘୁଞ୍ଚାଇବାର ବ୍ୟବସ୍ଥା କରୁଥିଲେ । କିନ୍ତୁ ଏ ଯୁଗର ପାଠ ! ଏ ପାଠ ମଣିଷକୁ ପଶୁ କରୁଛି ବାବୁ, ସାକ୍ଷାତ ପଶୁ । ଆଜି ସେ ପୂର୍ବର ମନ ନାହିଁ କି ମନର ଦରଦୀ ଭାବ ନାହିଁ । ଇଂରେଜୀ ପାଠ ଗୋରା ଲୋକଙ୍କର । ଆମ ଦେଶରେ ଯିଏ ସେ ପାଠ ପଢ଼ିଲା, ସିଏ ହେଲା ଉପରମୁହାଁ, ବାତୁଙ୍ଗା । କାହାକୁ ପଚାରିବ ନାହିଁ । ନିଜ ସ୍ୱାର୍ଥରେ ନିଜେ ଚାଲିବ ।”

Digitized by PPRACHIN, SOA

"ପାଠ ପଢ଼ି ସମସ୍ତେ କ'ଣ ସେଇଯା ହୁଅନ୍ତି ?" ମନମୋହନ ପ୍ରଶ୍ନ କଲା ।

"ସମସ୍ତଙ୍କ କଥା ତ କହିପାରିବିନି ବାବୁ, ଯେତକ ଦେଖିଲି ଆଉ ଅଙ୍ଗେ ଲଭିଲି, ସେତକ ଖାଲି କହୁଛି । ପାଠ ପଢ଼ିସାରି ଆଉ କଏ କ'ଣ ଧରମହିଁ ହେଉଛି ? ସେଇ ଗୃକଣ୍ଟ ଆଉ ଅଫିସ । ସହରକୁ ଆସିଲେ ଏଇୟା ଛୋଟବଡ଼ ଅଫିସର ଜାତ ଆଖିରେ ପଡ଼ନ୍ତି । ଅଫିସ ଭିତରେ ଗୃକଣ୍ଟ ଖଣ୍ଡେ ମିଳିଲେ ପାଠପଢ଼ାର ମହତ୍ତ୍ୱ ବଞ୍ଚିଗଲା ବୋଲି ମନେକରନ୍ତି । ମାସ ଶେଷର ଦରମାଗଣ୍ଡାକ ଉପରେ ଆଖି; ଆଉ ଅଫିସ କାମରେ ତାଙ୍କର ପାଖକୁ ଗଲାଆଇଲା ଲୋକଙ୍କ ଉପରେ ଆଖି । ଉପୁରି ନ ପାଇଲେ କଛି ବୋଇଲେ କଛି କାମ ହୁଏ ନାହିଁ । ଆମର ଭଲ ସରକାର ଯଦି ସାହାଯ୍ୟ ପାଇଁ ଦରଖାସ୍ତ କରେ, ପ୍ରଥମେ ଦେବାନେବାର କଥା ପଡ଼େ । ନ ହେଲେ କଏ ଦେଲା ସାହାଯ୍ୟ ? ଗୃକଣ୍ଟ ଖଣ୍ଡେ ଯୋଗାଡ଼ ହୁଏ ଛ'ମାସର ଦରମା ଜମା କରି । ଚପରାଶିଠାରୁ ଆରମ୍ଭ କରି ଅମଲା ଅଫିସରଙ୍କ ମନ ଧଇଲାବେଳକୁ ପାଦ ପରାସ କରିଥିବ । ଇଏ ଅମଲାଶାସନ, ବାବୁ ! ବାପ ନାହିଁ କି ମାଆ ନାହିଁ । ଯିଏ ଯାହା ହାତରେ ଚଉଦ ପା । ଲଙ୍କାରେ ଅସୁର ରାଜ୍ୟ । କିନ୍ତୁ ବାବୁ, ରଜା ଅମଳରେ କ'ଣ ଏ କଥା ଥିଲା ? ରଜା ସମସ୍ତଙ୍କୁ ସାକ୍ଷାତ ଦେଉଥିଲେ । ପ୍ରଜା, ସୁଖବାସୀ ଧାଡ଼ ବାନ୍ଧି ଛିଡ଼ା ହୋଇଥାନ୍ତି, ଆଉ ରଜା ଜଣଜଣ କରି ସମସ୍ତଙ୍କ ସଙ୍ଗରେ କଥାଭାଷା କରନ୍ତି । ଅଭାବ ଅସୁବିଧା ବୁଝି ବ୍ୟବସ୍ଥା କରନ୍ତି । କାହାର ଖଜଣା ମାଫ୍ ହୁଏତ କାହାକୁ ଜମି ଦାନ କରନ୍ତି । ସମସ୍ତେ ଖୁସିରେ ରଜାଙ୍କର ଶୁଭ ମନାସି ଫେରିଆସନ୍ତି । ରଜାଙ୍କର ଦର୍ଶନ କେବଳ ଦୁଇଟଙ୍କା

Digitized by PPRACHIN, SOA

ଟୀକାରେ । ମୁହାଁମୁହିଁ ଆଲୋଚନା ଆଉ ଆଦେଶ । କିନ୍ତୁ ଆଉ ସେ ଯୁଗ ନାହିଁ । ରାଜ୍ୟର ରଜା କ’ଣ ଜଣେ ? ଶହ ଶହ ରଜା; ଜଣେକ ଉପରେ ଜଣେ ମହାରାଜା । ଆମର କପାଳ ଫାଟିଲା, ବାବୁ ! ସିଏ ରଜାର ଦୋଷ ନୁହେ । ଆମ କର୍ମର ଦୋଷ । ଆରାମରେ ଚଳିଯାଉଥିଲୁଁ । ଏବେ ଦୁଃଖରେ ପଡ଼ି କଲବଲ ହେଉଛୁଁ ।”

ଓଡ଼ିଶା ସଙ୍ଗେ ଇଂରେଜ ଅମଳର ଶ୍ରେଷ୍ଠ ଶ୍ରେଷ୍ଠ କରଦ ରାଜ୍ୟ ମିଶି ବିଶାଳ ଉତ୍କଳର ସୃଷ୍ଟି ହେଲା । ଗଡ଼ଜାତ ଉପରୁ ରାଜା-ମହାରାଜା ସମସ୍ତ କର୍ତ୍ତୃତ୍ୱ ହରାଇ ବସିଲେ । ରାଜତନ୍ତ୍ରର ବିଲୋପ ହୋଇ ଗଢ଼ିଉଠିଲା ପ୍ରଜାତନ୍ତ୍ର । କିନ୍ତୁ ଏହା ଅନେକ ଦିନର କଥା ନୁହେ । କାଲି ଯେଉଁଠି ବିଦ୍ୟମାନ ଥିଲା ଏକାଧିପତ୍ୟ ଶାସନ, ରାତି ପାହିଲାବେଳକୁ ସେଠି ଶାସନର ବିଲୋପ ହୋଇ ଗଢ଼ିଉଠିଲା ଗଣଶାସନ । ଗୋଟିଏ ବିରାଟ ଆଖିଲିଭା ପରିବର୍ତ୍ତନର ଅଦୃମାରମ୍ଭ । ଭଲ ହେଉ କି ମନ୍ଦ ହେଉ, ଗୋଟିଏ ପରିଚିତ ପରିସ୍ଥିତି ଭିତରେ ସେହି ଅଞ୍ଚଳର ଅଧିବାସୀମାନେ ନିଜକୁ ଖାପ ଖୁଆଇ ନେଇଥିଲେ । ରାଜ୍ୟର ଅବସ୍ଥାକୁ ଦେଖି ବ୍ୟବସ୍ଥା କରୁଥିଲେ । ଆଉ ଏବେ ସେ ରଜା ନାହାନ୍ତି କି ସେ ରାଜ୍ୟ ନାହିଁ । ଏହା ଗୋଟିଏ ସମ୍ପୂର୍ଣ୍ଣ ପରିବର୍ତ୍ତିତ ନୂତନ ରାଜ୍ୟ । ସର୍ବସାଧାରଣ ଏହାର ରଜା ଓ ପ୍ରଜା । ଲୋକ-ନିର୍ବାଚିତ ସରକାର ଦେଶକଥା ବୁଝେ ଓ ଚଳାଏ । ଆଗେ ଭଲ ମନ୍ଦ ବୁଝୁଥିଲା କେବଳ ଜଣେ । ଭଲ ହେଉ କି ମନ୍ଦ ହେଉ ଜଣକର ନିଷ୍ପତ୍ତି ହେଉଥିଲା ଚରମ ନିଷ୍ପତ୍ତି । ଆଜ ଗୋଟିଏ ଲୋକ ପରିବର୍ତ୍ତେ କୋଟିଏ ଲୋକ ସେ କଥା ବୁଝିଲେ ।

ଦେଶ ଉପରେ ଏତେ ବଡ଼ ପରିବର୍ତ୍ତନର ଜୁଆର ନାଚୁଥିଲା-ବେଳେ ସାଧାରଣ ଦେଶବାସୀ ସେ ସମ୍ବନ୍ଧରେ ମୋଟେ ହେଲେ

Digitized by PPRACHIN, SOA

ସଜାଗ ନ ଥିଲେ । ତେଣୁ ସେହି ପରିବର୍ତ୍ତନକୁ ସହଜରେ ହୃଦୟଙ୍ଗମ କରିପାରିଲେ ନାହିଁ । କେତେକ ହୃଦୟଙ୍ଗମ କଲେ ମଧ୍ୟ ହଠାତ୍ ସମର୍ଥନ କରି ପାରି ନ ଥିଲେ । ଏତେ ବଡ଼ ପରିବର୍ତ୍ତନ ସଙ୍ଗେ ନିଜକୁ ଖାପ ଖୁଆଇବାକୁ ତ ପୁଣି ସମୟ ଦରକାର ? ସମୟ ଆସିଲେ ବଳେ ସେମାନେ ସବୁ କଥା ବୁଝିବେ ।

ଏବେ ବିପତ୍ତି ପଡ଼ୁଛି ବୋଲି ବୟସ୍କ ଚାଷୀ ଲୋକଟି ମନରେ ବିପ୍ଳବ ନାଚୁଛି । ବ୍ୟସ୍ତ ହୋଇ ଯୁଗ, ଦେଶ ଓ ଶାସକ ଉପରେ ଅଭିଶାପ ଦେଉଛି । ମନମୋହନର ଇଚ୍ଛା ହେଉଥିଲା, ଅନୁନ୍ନତ ଗଡ଼ଜାତ ଅଂଚଳର ଅଶିକ୍ଷିତ ପଲ୍ଲୀଗହଳ ଭିତରେ ଯାଇ ଗୋଟିଏ ନୂତନ କର୍ମମୟ ଜୀବନ ଆରମ୍ଭ କରିବ । ବିରାଟ ଲୋକ-ଶକ୍ତିକୁ ଗୋଟିଏ ପରିକଳ୍ପିତ ପନ୍ଥାରେ ଆଗେଇବାକୁ ଉତ୍ସାହିତ କରିବ । ନିଜ ଜୀବନକୁ ଦେଶ ଓ ଜନତା ସେବାରେ ଉତ୍ସର୍ଗ କରି କୃତାର୍ଥ ହେବ । କିନ୍ତୁ ସୀତାର ସବିନୟ ଅନୁରୋଧ ଓ ନିଜର କଷ୍ଟସାଧ୍ୟ ପ୍ରତିଜ୍ଞାକୁ ମନେ ପକାଇ, ନିଜର ବଳିଷ୍ଠ ଉତ୍ତେଜନାକୁ ଚାପି ରଖିବାକୁ ସେ ବାଧ୍ୟ ହେଲା । ପ୍ରଥମ କର୍ତ୍ତବ୍ୟଟି ପୂରଣ ହେଲେ ଯାଇ ଅନ୍ୟାନ୍ୟ ସଂକଳ୍ପରେ ହାତ ଦେବାକୁ ଉଚିତ ମନେକଲା ।

ରେଲ୍ ଗାଡ଼ିଟି ଅଁଳାଯୋଡ଼ରେ ପହଞ୍ଚିବା ପରେ ଡବାଟି ଏକାବେଳକେ ଖାଲି ହୋଇଗଲା । ମନମୋହନ ସଙ୍ଗରେ ଗୋଟିଏ ବେଞ୍ଚରେ ବସିଥିବା ଯୁବକ ଜଣକ ସାମନା ବେଞ୍ଚକୁ ଉଠିଗଲେ । ମନମୋହନ ସୌମ୍ୟଦର୍ଶନ ଯୁବକଟିକୁ ଜିଜ୍ଞାସୁ ନୟନରେ ଅନାଇଲା । ଧୀରସ୍ଥିର ଯୁବକଟିଏ । ବେଶପୋଷାକରେ ଦୈନ୍ୟ ପ୍ରକାଶ ପାଉଥିଲେହେଁ ତହିଁରେ ସରଳ ଓ ମାର୍ଜିତ ରୁଚି ଅଛି । ଯୁବକଟି

Digitized by PPRACHIN, SOA

ସାକ୍ଷର ନିଶ୍ଚୟ । ମୁହଁ ଗୋଟିକରେ ଲିଖିରହିଛି ମୂର୍ତ୍ତିହସର ମନଭୁଲ ପାଣ୍ଡିତ୍ୟ ।

"କେଉଁଠୁ ଆସୁଛନ୍ତି ଆପଣ ?" ମନମୋହନ ପଚାରିଦେଲା ।

"ଜେଲରୁ ।" ହସିଲା ମୁହଁରେ ଉତ୍ତର ଦେଲା ଯୁବକଟି ।

"ଜେଲରୁ !" ବିସ୍ମୟରେ ପଚାରିଲା ମନମୋହନ ।

"ଆରେ, ଆଶ୍ଚର୍ଯ୍ୟ ହେଲେ ଯେ ଆପଣ ? ଇଂରେଜ ଅମଳରେ ଜେଲକୁ ଗଲେ ସମାଜ ଜାତିରୁ ବାସନ୍ଦ କରୁଥିଲା । ଏବେ ତ ସେ ଭୟ ଆଉ ନାହିଁ । ସ୍ୱାଧୀନ ଦେଶର ସ୍ୱାଧୀନ ଜେଲ । ସୁଖସ୍ୱାଚ୍ଛନ୍ଦ୍ୟର ଆବାସ ସ୍ଥଳ । ଜେଲ ଯିବାରେ ବାହାଦୁରି ଅଛି ।"

"ବର୍ତ୍ତମାନ କେଉଁଠିକି ଯିବେ ?" ମନମୋହନ ପ୍ରଶ୍ନ କଲା ।

"ଜାଣେ ନାହିଁ......" ଯୁବକଟି ଉତ୍ତର ଦେଲା ।

"ମାନେ ? କ୍ଷମା କରିବେ ଆଜ୍ଞା ! ଆପଣଙ୍କ......"

"ହଁ, ମୋ ନାଁ ପ୍ରକାଶ ପାଟଯୋଶୀ ।"

"କ୍ଷମା କରିବେ ପ୍ରକାଶବାବୁ......"

"ଖାଲି 'ପ୍ରକାଶ' କହିଲେ ଖୁସି ହେବି । କ୍ଷମା କାହାକୁ ଜୀବନରେ ମାଗିନାହିଁ କି କ୍ଷମା କ'ଣ ଜାଣେ ନାହିଁ ।" ଯୁବକଟି ଉତ୍ତର ଦେଉ ଦେଉ ହସୁଥିଲା ।

ମନମୋହନ ଏହି ଅପରିଚିତ ଯୁବକ ସଙ୍ଗରେ କଥା କହିବାକୁ ସଂକୋଚ ବୋଧକଲା । କିନ୍ତୁ ଯୁବକଟିକୁ ଯେତିକି ଗୁହିଁଲା, ମନଭିତରେ ସେତିକି ପ୍ରବଳ ବିସ୍ମୟର ଉଜାଣି ବହିବାକୁ ଲାଗିଲା । ମନେ ହେଲା ସେ ଯେମିତି ଗୋଟିଏ ରହସ୍ୟର ଭେଳା ଓ ବିସ୍ମୟର

Digitized by PPRACHIN, SOA

ସାକ୍ଷାତ୍ ସ୍ୱରୂପ । ମନର କୌତୁହଳକୁ ପ୍ରତିରୋଧ କରି ନ ପାରି ପଚାରିବାକୁ ଲାଗିଲି, "ଆଚ୍ଛା, ପ୍ରକାଶ ! ତୁମ ବିଷୟରେ ମୁଁ ବିଶେଷ ଆଗ୍ରହୀ । ଆଶାକରେଁ, କିଛି ନ ଭାବି ପରିଚୟ ଦେବ ।"

"ପରିଚୟ !" ପ୍ରକାଶ ପ୍ରକାଶ୍ୟରେ ହସିବାକୁ ଲାଗିଲା ଓ ହସୁହସୁ କହିଲା, "ମୋର ଗୋଟିଏ ପରିଚୟ କ'ଣ ଅଛି ? ଏଇ ଭାବନ୍ତୁ, ମୁଁ ଗୋଟିଏ ଜେଲଭୋଗୀ । କର୍ତ୍ତବ୍ୟ କଲି ବୋଲି ଜେଲ ଭୋଗିଲି !"

"କର୍ତ୍ତବ୍ୟ କରି କ'ଣ ଲୋକ ଜେଲ ଯାଏ ?"

"ବିଶ୍ୱାସ କରୁନାହାନ୍ତି ? ଆଚ୍ଛା, ଶୁଣନ୍ତୁ । ଏହା ପୂର୍ବରୁ ଅଁଳାଯୋଡ଼ର ଯାତ୍ରୀ ପାଖରୁ ସବୁ ଶୁଣିଛନ୍ତି । ନିରକ୍ଷର ଗାଁ-ବାସୀଙ୍କର ପ୍ରତିନିଧି ଭାବରେ ମୋର ସୁନାମ ଥିଲା । ଏ ଅଞ୍ଚଳର ପ୍ରତ୍ୟେକ ଅବିଚାରର ଆପତ୍ତି କରୁଥିଲି । ପୋଲିସବାଲା ମନମୁଖୀ ଶାସନ କରିପାରିଲେ ନାହିଁ । ତାଙ୍କ ଦେହରେ ଥିଲା ରାଜା ଅମଳର ଗରମ ରକ୍ତ । ଟିକିକ କଥାରେ ଜଳିଯିବା ପ୍ରକୃତି । ସେମାନେ ସବୁ ମୋତେ କାବୁ କରିବାର ଫିକର ଖୋଜିବସିଲେ । ଲାଞ୍ଚମିଛର ପ୍ରବଳ ପ୍ରତିବାଦ କରୁଥିବାରୁ ଅଫିସର ମହଲ ଯଥେଷ୍ଟ ବିରକ୍ତ ଥିଲେ । ଛୁଚ୍ଛା ମୋକଦ୍ଦମାର ଜାଲ ପକାଇ ମୋତେ ବିନା ଅପରାଧରେ ଜେଲକୁ ପଠାଇଲେ । କିନ୍ତୁ ଆଜ୍ଞା, ମୋର ସ୍ୱାସ୍ଥ୍ୟର ଯଥେଷ୍ଟ ଉନ୍ନତି ହୋଇଛି । ମାନସିକ ସବଳତାକୁ ମୁଁ ଏବେ ଉପଲବ୍ଧି କରିପାରୁଛି ।" ପ୍ରକାଶ ହସିବାକୁ ଲାଗିଲା ।

"ଏବେ କରିବ କ'ଣ ?"

"ସେବା ।"

"ତୁମର କ'ଣ ଘରସଂସାର ନାହିଁ ?"

Digitized by PPRACHIN, SOA

"ଏତେ ସ୍ୱାର୍ଥପର ମୁଁ ନୁହେଁ, ଆଜ୍ଞା ! ଘର ଅଛି ଅନେକ ଏ ସଂସାର ଭିତରେ । କିନ୍ତୁ ତାହା ଜନସାଧାରଣଙ୍କର । ବ୍ୟକ୍ତିଗତ ମାୟାରେ ଆବଦ୍ଧ ହୋଇ ରହିବା ମୋ କୋଷ୍ଠୀର ବାହାରେ ।" ପ୍ରକାଶ ପୁଣି ହସିଲା ।

ତା'ର ହସ ହସ ମୁହଁକୁ ଅନାଇ ମନମୋହନବାବୁ ମଧ୍ୟ ହସୁଥିଲେ । ସେ ହସର ଭଙ୍ଗୀ ଖେଳୁଥିଲା ପବନରେ । ହସ ଟିକିଏ କମିଲା ପରେ ପ୍ରକାଶ କହିବାକୁ ଲାଗିଲା, "ମୁଁ ସବୁବେଳେ ହସେ, ଆଜ୍ଞା ! ମୋର ଏହା ଗୋଟିଏ ବଦଅଭ୍ୟାସ । ଗୋଟିଏ ଗାଲରେ ଚାପୁଡ଼ା ଦେଲେ ଆର ଗାଲଟାରୁ ମୃଦୁକ ହସ ବାହାରୁଥିବ । ହସିବାକୁ ମୋତେ ଖୁବ୍ ଭଲ ଲାଗେ, ଆଜ୍ଞା ! ସେଇଥିପାଇଁ ହସେଁ ।"

"ଦୁଃଖରେ ବି ?" ମନମୋହନ ବିସ୍ମୟରେ ପଚାରିପଡ଼ୁଥିଲେ ।

"ଦୁଃଖ କ'ଣ ଆଉ ସୁଖ କ'ଣ ? ସୁଖଦୁଃଖ ତ ଗୋଟିଏ ନଦୀର ଦୁଇଟି ଧାର । ଟିକିଏ ଆଗକୁ ବା ପଛକୁ ଗଲେ ପାଇବେ ଉତ୍ପତ୍ତି ବା ସଙ୍ଗମ ସ୍ଥଳ । ଗୋଟିଏ ଧାରରେ ଦୁଇଟି ନଦୀର ଜଳ । ଭିତରକୁ ପଶିଗଲେ, କିଏ ଦୁଃଖ କିଏ ସୁଖ କହିପାରିବେ ନାହିଁ । କିନ୍ତୁ ଅନୁଭବ କରିବେ, ସେଇଠି ଦୁଃଖ ଆଉ ସୁଖ ମିଶାମିଶି ହୋଇ ରହିଛି । ଗୋଟିଏ ପାଦରେ ବାଜୁଛି ସୁଖ ତ ଆର ପାଦରେ ଦୁଃଖ । ତଫାତରୁ ଦେଖିଲେ ଚଳିବେ କେମିତି ? ମାଡ଼ିମକଚି ଆଗକୁ ଚାଲିବା କଥା । ଜୀବନଟା ଭଳି ସୁଖଦୁଃଖର ଦୁନିଆ ଇଏ । ଆଉ ସେଇଥି-ପାଇଁ ମୁଁ ହସେ, ଆଜ୍ଞା ! ମନରେ କିଛି ଭାବିବେ ନାହିଁ ।"

ପ୍ରଗଳ୍ଭ ଓ ହାସ୍ୟମୁଖର ଯୁବକଟି ଆଗର ଷ୍ଟେସନରେ ଓହ୍ଲାଇପଡ଼ିଲା । ଦୁଇ ତିନୋଟି ବନ୍ଧୁଙ୍କ ସଙ୍ଗରେ ଅଳ୍ପ

Digitized by PPRACHIN, SOA

ସମସ୍ତ ଭିତରେ ଗଳ୍ପର ଆସର ଜମାଇଦେଲି । ଗାଡ଼ି ଛାଡ଼ିଲାବେଳେ ହଠାତ୍ ଆସି ମନମୋହନଙ୍କୁ ନମସ୍କାର ଜଣାଇ କହିଲି, "ମୁଁ ଏଇଠି ରହିଲି, ଆଜ୍ଞା ! ଜୀବନ ଥିଲେ ପୁଣି କେବେ ସାକ୍ଷାତ ହେବ । ମୋ ନାଁ ପ୍ରକାଶ ପାଠଯୋଷୀ ମନେ ରଖିଥିବେ । ଭୁଲିବେ ନାହିଁ ।"

ମନମୋହନ ଚଳନ୍ତା ଗାଡ଼ି ଉପରୁ ହାସ୍ୟମୁଖର ଅଦ୍ଭୁତ ଯୁବକଟିକୁ ଚାହିଁ ରହିଥାଏ । ପ୍ରକାଶର ଦମ୍ଭିଲା ପାଦ ଦୁଇଟି ଦ୍ରୁତଗତିରେ ମାଡ଼ି ଚାଲିଥାଏ ଆଗକୁ । ଦେଖିଲେ ଜଣାପଡ଼େ, ସେ ପାଦରେ ଅନେକ ବଳ, ଅନେକ ସାହସ । ଗୋଟିଏ ପାଦ ପଡ଼େ ଗୋଟିଏ ଲକ୍ଷ୍ୟ ନେଇ ତ, ଆଉ ପାଦଟି ପଡ଼େ ସେହି ଲକ୍ଷ୍ୟ ହାସଲ କରିବାପାଇଁ । ଚଲାପଥର କଣ୍ଟକ ତା'ର କ୍ଷତି କରିପାରନ୍ତି ନାହିଁ । ରକ୍ତାକ୍ତ ପାଦରୁ ପ୍ରତିକୂଳ କଣ୍ଟକଟିକୁ ବଳିଷ୍ଠ ହାତରେ ନିଜେ ନିଜେ ହଟାଇଦିଏ । ମଝିରେ ଟିକିଏ ଦୁଃଖ ପାଏ ସତ; କିନ୍ତୁ ହସି ହସି ସେ ଦୁଃଖକୁ ଭୁଲିଯାଏ ।

ଅତି ଅଦ୍ଭୁତ ଏହି ଜଗତ ଆଉ ଏ ଜଗତର ଜୀବନଧାରା । ଏଇଠି ଅଛି ନୀଳଚନ୍ଦ୍ରର ସୁଶୀତଳ ଲହଡ଼ି, ପୁଣି ନିଦାରୁଣ ଗ୍ରୀଷ୍ମର ତାଳୁଫଟା ରୌଦ୍ର । ରବିର ପ୍ରଥମ ପ୍ରହରରେ ଏଇଠି ଗଛ-ଲତାର ପନେ ପନେ ଫୁଟେ ଫୁଲ; ପୁଣି ରାତି ପାହି ବେଳ ଉଇଁଲା-ବେଳକୁ ବାସି ହୋଇ ଝରିପଡ଼ିଥାଏ । ଏଇଠି ପୁଣି ମଣିଷ ମଣିଷକୁ ସନ୍ଦେହ କରି ଭୁଲ କରେ । ମଣିଷର ଯେଉଁ ମୁହଁରେ ଝରେ ହସ, ସେଇଠୁ ପୁଣି ବାହାରେ କ୍ରନ୍ଦନର କୋଳାହଳ । ଯେଉଁ ମନ ଭିତରେ ବାସ କରେ ଦେବତା, ସେହି ମନ ଭିତରେ ବସା ବାନ୍ଧିଥାଏ ପିଶାଚର ଦାରୁଣ ଆତ୍ମା । ଏହି ଅଦ୍ଭୁତ ସଂସାରକୁ

Digitized by PPRACHIN, SOA

ଜାଣି ମଧ୍ୟ ଜାଣିହୁଏ ନାହିଁ, ଦେଖି ମଧ୍ୟ ବୁଝିହୁଏ ନାହିଁ । ଗୋଟିଏ ଅଦ୍ଭୁତ ଯାଦୁକରର ଅସମ୍ଭବ ରହସ୍ୟ ବୁଣି ହୋଇ ପଡ଼ୁଛି । କିନ୍ତୁ ଗୋଟାଇନେଲାବେଳେ ହାତରୁ ଖସିଯାଏ ।

ମନମୋହନ ତା'ର ଏହି ଶୂନ୍ୟ ଯାତ୍ରାକୁ ଆନନ୍ଦରେ ଉପଭୋଗ କରିବାକୁ ଲାଗିଲା । ଚଳନ୍ତା ଗାଡ଼ିର ଗବାକ୍ଷ ଦେଇରୁ ନିରୀକ୍ଷଣ କରିବାକୁ ଲାଗିଲା, ଦିଗନ୍ତବିସ୍ତୃତ ବନାନୀ ଆଉ ତା ଉପରେ ଅସୀମ ଆକାଶର ନୀଳିମା । ମଝିରେ ବୋହିଯାଉଛି ଖିଲଖିଲିଆ ପବନ । ଖିରାସ୍ତୁଇର ଲୁଚକାଳି ଖେଳ ମନଭିତରେ ମାୟା ବୁଣୁଛି । ସାନ ଗଛଟିଏ ବଡ଼ ହୋଇଆସି ପୁଣି ସାନ ହୋଇ ଅନ୍ତର୍ଦ୍ଧାନ ହୋଇଯାଉଛି । ଷ୍ଟେସନ ପଡ଼ିଲେ ନୂଆ ଲୋକ ଭିତରକୁ ପଶିଆସୁଛନ୍ତି ତ, ପୁରୁଣା ଭିତରୁ କେତେ ଓହ୍ଲାଇଯାଉଛନ୍ତି । କାହାର ଯାତ୍ରା ଆରମ୍ଭ ହେଉଛି, କାହାର ଶେଷ ହେଉଛି । ମଝିରେ ଟିକିଏ ବିଶ୍ରାମ, ଦି'ପଦ କଥାଭାଷା । ସଭ୍ୟତା ଦୃଷ୍ଟିରୁ ଶେଷବେଳକୁ ନମସ୍କାରଟିଏ । ଆଉ ଥରେ ଜୀବନରେ କେବେ ଦେଖା ହେବ କି ନାହିଁ ସନ୍ଦେହ । ଜୀବନ ଥିଲେ, ହଠାତ୍ କେଉଁଠି ଦେଖା ହେଲେ, ମନେହେବ ପରିଚିତ ମୁହଁଟିଏ । ଘଣ୍ଟାଏ କାଳ ବାଉଳା ହେଲେ ହୁଏ ତ ମନେପଡ଼ିପାରେ, ଅମୁକ ଗାଡ଼ିରେ ଦେଖା ହୋଇଥିଲା । ମନଖୋଲି ଦି'ପଦ କଥାଭାଷା ହୋଇଥିଲେ । କିନ୍ତୁ ସେତିକବେଳେ ସେହି ଚିହ୍ନା ମୁହଁଟି ଅଦୃଶ୍ୟ ହୋଇଯାଇଥିବ ।

ମନମୋହନ ଭାବୁଥିଲା, ସମଗ୍ର ଜୀବନଟି କ'ଣ ଗୋଟିଏ ଯାତ୍ରା ନୁହେଁ ? ତା'ର ସ୍ଥିତି କେଉଁଠି, ସେ ତ ଏକ ଅମୀମାଂସିତ ପ୍ରଶ୍ନ । ଈଶ୍ୱରର ସଂସ୍ପର୍ଶରେ ଆସିଲେ ଯାଇ ତା'ର ପରିଚୟ ମିଳେ । ଅପରିଚିତ ସ୍ଥାନରୁ ଆସି ଫେରିଯାଏ ଅଜଣା ଦେଶକୁ । ମଝିରେ

Digitized by PPRACHIN, SOA

ଖାଲି କେବଳ ଧନ ପାଇଁ କ୍ଲାନ୍ତ ଭ୍ରମଣ । କେଉଁଜଣଙ୍କ ସଙ୍ଗରେ ଚିହ୍ନାଚିହ୍ନର ଅସ୍ମୀକୃତା । କେତେ ସ୍ନେହମମତାର ବନ୍ଧନ । ପୁଣି ସେହି ସ୍ନେହ ପ୍ରବଣତା ହୋଇ ଦୂର ହେଲାବେଳକୁ ଆକସ୍ମିକ ମରଣ । ମୃତ୍ୟୁ ପରେ ଦୁନିଆରେ ହେଲା କ'ଣ, କିଏ ବୁଝେ ନା ଦେଖେ ? ଦୁନିଆ ତା ରାସ୍ତାରେ ଚାଲିରହେ । ସେଇଁ ଦୁନିଆକୁ ଭଲପାଇ ନିଜର କରିଆସୁଥିଲା ଗୋଟିଏ ସ୍ନେହୀ ଜୀବନ, ସେଇଟି ଲୁଚିଗଲା । ନିଜ ହାତରେ ଆରମ୍ଭ କରିଯାଇଥିବା କେତେକ କାର୍ଯ୍ୟ ପୂରଣ ହୋଇପାରିଲା ନାହିଁ । ସିଏ କିନ୍ତୁ ବଳି ଜଥା ଭୁଲେ । ସଂସାରରେ ପ୍ରତି ମୁହୂର୍ତ୍ତରେ ସହସ୍ର ଲୋକ ଜନ୍ମ ନିଅନ୍ତି । ପୁଣି ସହସ୍ର ଲୋକର ମୃତ୍ୟୁ ହୁଏ । ସ୍ପନ୍ଦନ ଚାଲିଲେ, ଯାହାର ଯନ୍ତ୍ରଣା ଶେଷ ହେଲା ସେ ନିଶ୍ୱାସ ଛାଡ଼େ । ତା'ର ଖାଲି-ସ୍ଥାନ ପୂରଣ କରିବାକୁ ନୂଆ ଯାତ୍ରୀଟିଏ ନୂତନ ଉନ୍ମାଦନା, ନୂତନ ଉତ୍ତେଜନା ଆଣି ଆସେ । ରହସ୍ୟମୟ ଜୀବନର ଇତିହାସ ଜାଣିହୁଏ ନା । ଲକ୍ଷ ଲକ୍ଷ ବର୍ଷ ଧରି ଏହି ପୃଥ୍ୱୀ ଦେଖିଛି ଅସୀମ ସଂହିତ ଜନ୍ମ ଅଛିନ୍ତି ।

ତାହାହେଲେ ଏ ଜୀବନର ଉଦ୍ଦେଶ୍ୟ କ'ଣ ? ଜନ୍ମ ଆଉ ମୃତ୍ୟୁ ମଝିରେ କଣ ଆଉ କିଛି ନାହିଁ ? ଶୈଶବାବସ୍ଥାରେ ନାଚିକୁଦି କାଳ କଟାଇଦେବା, ଯୌବନାବସ୍ଥାରେ ଗୋଟିଏ ରଙ୍ଗୀନ ସ୍ୱପ୍ନର ମଦିର ଗନ୍ଧ ଗନ୍ଧ ମତ୍ତ ବିଭୋଳ ହେବା, ପୁଣି ବାର୍ଦ୍ଧକ୍ୟରେ ଦାହଗଞ୍ଜି ହୋଇ ପ୍ରାଣତ୍ୟାଗ କରିବା—ଏହାହିଁ କ'ଣ ଜୀବନର ପ୍ରଧାନ ଆକର୍ଷଣ ? ମୃତ୍ୟୁ ହିଁ ଜୀବନର ନିଶ୍ଚିତ ଘଟଣା, ତେବେ ଧନ କେଇଟା ପାଇଁ ମନୁଷ୍ୟ ଠିକ ଅନ୍ଧ ମାନରେ ଏତେ ଉନ୍ମତ୍ତ ହୁଏ କାହିଁକି ? ପଦାସୀନ ଲୋକ ଅଧୀନସ୍ଥ ଲୋକକୁ ଦେଖିଲେ ସମ୍ମାନ ଦିଏ ନାହିଁ । ପାଖକୁ ଆସିଲେ ପଶୁଭଳି ବ୍ୟବହାର କରେ ।

Digitized by PPRACHIN, SOA

କ୍ଷମତାଶାଳୀ କ୍ଷମତାର ଜାଲ ଫେଳାଇ ସରଳ ଓ ନିରାଡ଼ମ୍ବର ପ୍ରାଣୀକୁ ଦହଗଞ୍ଜ କରେ । ସେ କ'ଣ ଭାବି ପାରେନି, ଉଭୟେ ଗୋଟିଏ ଉପାଦାନରେ ଗଠିତ; ସମୟ ଆସିଲେ ଉଭୟେ ମାଟି ସଙ୍ଗେ ମିଶି ମାଟି ହୋଇଯିବେ ? ତଥାପି ମଣିଷର ଅହଙ୍କାର ବେଳେବେଳେ ସୀମା ଲଙ୍ଘନ କରେ । ସେ ବୁଝିପାରେନି, ଏହି ସୀମିତ ଜୀବନର ନିର୍ଦ୍ଦିଷ୍ଟ ଲକ୍ଷ୍ୟ । ହୁଏତ ବୁଝି ମଧ୍ୟ ଅବୁଝା ହୁଏ; ପରକୁ ଠକାଇ ନିଜକୁ ଠକିବାହିଁ ସାର ହୁଏ ।

ସବୁଠୁ ଆଶ୍ଚର୍ଯ୍ୟ କଥା, ମଣିଷ ଅନ୍ତିମ ଶଯ୍ୟାରେ ଶୋଇ ମଧ୍ୟ ଅନାଗତ ଭବିଷ୍ୟତର ସୁନେଲି କଳ୍ପନାରେ ମଗ୍ନ ହୁଏ । ଶେଷ ଅବସ୍ଥାରେ ବୁଢା ଜୀବନ ପ୍ରତି ମୋହ କଟେ ନାହିଁ । ପୃଥିବୀର ପ୍ରତ୍ୟେକଟି ଜିନିଷ ନୂତନ ରଙ୍ଗ, ନୂତନ ଢଙ୍ଗ ନେଇ ଦେଖା ଦିଅନ୍ତି । ସୁସ୍ଥ ଅବସ୍ଥାରେ ହୁଏତ ସେ ଅନେକଗୁଡ଼ିଏ ଜିନିଷ ଦେଖିଛି ଆଉ ବ୍ୟବହାର କରିଛି । କିନ୍ତୁ ଏହି ଅବେଳରେ ତା'ର ମନେହୁଏ, ସତେ ଯେମିତି ପ୍ରତ୍ୟେକଟି ଜିନିଷ ଦେଖି ମଧ୍ୟ ଦେଖିଲା ନାହିଁ; ଚାଖି ମଧ୍ୟ ଚାଖିଲା ନାହିଁ । ସେ ସବୁ ଜିନିଷ ଯଦି ଆଉ ଥରେ ତା'ର ହାତରେ ପଡ଼ନ୍ତା, ତେବେ ଠିକ୍‌ନିଖି କରି ଦେଖିଯାଆନ୍ତା । ହାତ ମାରି ଅନୁଭବ କରନ୍ତା । ପ୍ରଭାତ ସୂର୍ଯ୍ୟର ପ୍ରଥମ କିରଣ, ସନ୍ଧ୍ୟା ଲଗ୍ନର ସିନ୍ଦୂରିତ ଆକାଶ, ସବୁଜ ବନାନୀର କାନ୍ତକୋମଳ ରୂପଶ୍ରୀ, ମୃତ୍ୟୁକାଳୀନ ଭାବନାରେ ଅଧିକ ଶ୍ରୀଯୁକ୍ତ ହୋଇ ମନେ ହୁଅନ୍ତି । ସେ ଇଚ୍ଛା କରେ, ଏହି ହସନ୍ତ ପୃଥିବୀରେ ଅନନ୍ତ କାଳଯାଏ ବଞ୍ଚି-ରହିବ । ଏହାର ପ୍ରତ୍ୟେକଟି ସୁଷମା-ମଧୁ ଆହରଣ କରି ମୁଗ୍ଧ, ବିହ୍ୱଳ ହେବ । ପାର୍ଶ୍ୱସ୍ଥିତ ଆତ୍ମୀୟସ୍ୱଜନଙ୍କୁ ସେ ବିଳବିଳ ହୋଇ ଅନାଏଁ ଆଉ ଭାବେ, 'ଉଃ, ଏହି ବିଚିତ୍ର ମଣିଷ ସବୁ ତା'ର

Digitized by PPRACHIN, SOA

ଆଗରେ ହୃଦୟ ଦେଇ ଥରେ ହସନ୍ତେ କି ? କିନ୍ତୁ ତା'ର ସେ ଅଭିଳାଷ ପୂର୍ଣ୍ଣ ହୋଇପାରେ ନାହିଁ । ମାଂଶୁ ସ୍ଖିତ ଅସ୍ଥିମୂଳ ନଙ୍କର ବିଷଣ୍ଣ ବଦନ ଓ ଉଦ୍‌ଗତ ଅଶ୍ରୁ କେଇ ଟୋପା ଦେଖି ଦେଖି ହୃଦୟ ତା'ର ଭାଙ୍ଗିଯାଏ । ଆତ୍ମା ତା'ର ହାହାକାର କରେ । ଶେଷଦଶାରେ ଅନେକ କଥା କହିବାର ଥିଲା । କିନ୍ତୁ ସେ ସବୁ କହିପାରିଲା ନାହିଁ । ଗୋଟିଏ ଅତୃପ୍ତ ମନ ଅନ୍ତରାଳରେ ବିକଳ ହୋଇ କାନ୍ଦେ । ଶରୀରସାଙ୍ଗ ଅନ୍ତରାତ୍ମା ବ୍ୟଥାରେ ଚିତ୍କାର ହୁଏ ଆଜି ପ୍ରେମ ମନ୍ଦିରର ଅଗ୍ନିକ ମୃତ୍ୟୁ ହୁଏ । ଗୋଟିଏ ଆତ୍ମା ପରିଚିତ ଜୀର୍ଣ୍ଣ ଶରୀର ଛାଡ଼ି ଚାଲିଯାଏ । ସେ ହୁଏ ତ ନୂଆ ରୂପ ନେଇ ନୂତନ ଶରୀର ଖୋଜି ବୁଲେ ।

ଏଇ ତ ଜୀବନ ଓ ମୃତ୍ୟୁ ! ମୃତ୍ୟୁ ଯଦି ଜୀବନର ଏକାନ୍ତ ଅପରିହାର୍ଯ୍ୟ ଅଙ୍ଗ, ତେବେ କର୍ତ୍ତବ୍ୟ କ'ଣ ?·····?

"ତୋର କର୍ତ୍ତବ୍ୟ ଥିଲା, ଗାଡ଼ି ଛାଡ଼ିବା ପୂର୍ବରୁ ଟିକଟ କରି-ନେବା ।"

"କିନ୍ତୁ ଆଜ୍ଞା, ମୁଁ ଆସିଲାବେଳକୁ ଗାଡ଼ି ଛାଡ଼ିଦେଉଥିଲା, ଆଉ ଟିକଟ ଘର ବନ୍ଦ ଥିଲା ।" ଯାତ୍ରୀ ଜଣେ ଟିକେଟ କଲେକ୍ଟର ସାମ୍ନାରେ ନେହୁରା ହେଉଥିଲା ।

"ଆଗରୁ ଟିକଏ ଆସିଲୁ ନାହିଁ ?" ଟିକେଟ କଲେକ୍ଟର ପ୍ରଶ୍ନ କଲେ ।

"ଅନ୍ୟ କାମରେ ବ୍ୟସ୍ତ ରହିଥିବାରୁ ସମୟ ଅଣ୍ଟିଲା ନାହିଁ ।"

"ତା'ର ଭିତରେ ସମୟ କରିନେଲୁ ନାହିଁ ? ଗାଡ଼ି ଯିବାଆସିବାର ପୁଣି ତ ଗୋଟିଏ ନିୟମ ଅଛି ! ସେହି ନିୟମକୁ ଜଗିରଖି ଚଳିବା

Digitized by PPRACHIN, SOA

କଥା । ତୋତେ ନିୟମ ଜଗିବ ନାହିଁ । ଗାଡ଼ିର ଯାତ୍ରୀ ପରା ତୁ !”
ଟିକଟ କଲେକ୍ଟରର ଶନାଟିକେଟର ଯାତ୍ରୀକୁ ପରାମର୍ଶ ଦେଉଥିଲେ ।

ମନମୋହନ ଦେଖିଲା, ସରଳ ଉଦାର ବୁଢ଼ାଟିଏ ଟିକେଟ କଲେକ୍ଟରର ହାତକୁ ପଇସା ବଢ଼ାଇଦେଉଛି । ସଙ୍ଗରେ ତା’ର ତରୁଣୀଟିଏ । ଝିଅ ହେବ ନା କ’ଣ ? ମୁହଁ ଗୋଟିକରେ ଲାଜର ଲହଡ଼ା । ଆନତ ଆଖିରେ ଅନେକ ବେଗ, ଅନେକ ରାଗ । ବୋଧହୁଏ ନୂଆ ବାହା ହୋଇଛି । ନୂଆକରି ଜୀବନର ମାଧୁର୍ଯ୍ୟକୁ ପରୀକ୍ଷା କରୁଛି । ଯୌବନର ସ୍ୱପ୍ନ ଦେଖୁଛି ।

ଟିକେଟ କଲେକ୍ଟରର ବୁଢ଼ା ହାତକୁ ପଇସା ଫେରାଇଦେଇ କହିଲେ, “ଅହୁରି ଟଙ୍କାଏ ଅଧିକା ଲାଗିବ । ନ ହେଲେ ଆର ଷ୍ଟେସନରେ ଓହ୍ଲାଇଦେବ ।”

“କିନ୍ତୁ ଏତିକ ଦେଇ ତ ଆମେ ଯା’ଆସ କରୁଁ । ଟିକଟଘରେ ଠିକ୍ ସେତିକେ ପଇସା ବଢ଼ାଇଦେଲେ ଦି’ଖଣ୍ଡ ଟିକଟ ଦିଏ । ତୁମେ ନାହିଁ କରନା, ବାବୁ ! ତୁମର ଧର୍ମ ହେବ ।”

“ବାକି ପଇସା ପୁଣି ଦେବ କିଏ ? ଟିକେଟ ନ କରି ଗାଡ଼ିରେ ଚଢ଼ିଲେ ଜୋରିମାନା ଦେବାକୁ ହୁଏ ଯେ ! ଅଳ୍ପ ବାଟ ଲେଖି କ’ଣ ଅଧର୍ମ ଅର୍ଜିବ ?”

ବୁଢ଼ା ଟିକେଟ ନ କରି ଗାଡ଼ିରେ ଚଢ଼ିଥିଲା ବୋଲି ଜୋରିମାନା ଦେଲା । ନିୟମର ବ୍ୟତିକ୍ରମ କଲେ ଦଣ୍ଡଭୋଗୀ ହେବାକୁ ପଡ଼େ । ଜୀବନର ପ୍ରତି ପଦକ୍ଷେପରେ ନିୟମ, ଶୃଙ୍ଖଳା ଆଉ ପରୀକ୍ଷା । ବ୍ୟତିକ୍ରମ ହେଲେ ଗତି ନାହିଁ ।

Digitized by PPRACHIN, SOA

ପ୍ରତିଟି ଦୃଶ୍ୟକୁ ମନମୋହନ ଅନ୍ତରେ ଭାବରେ ଉପଭୋଗ କରୁଥିଲା । ଶେଷରେ ମନକୁ ମନ ସ୍ଥିର ଠିକଣା କଲା, ଜୀବନର କର୍ତ୍ତବ୍ୟ କେବଳ କର୍ମ । କର୍ମମୟ ଏ ଜୀବନ ଆଉ ଜଗତ । କର୍ମ ନ କଲେ ଦଣ୍ଡଗଞ୍ଜ ହେବାହିଁ ସାର ହୁଏ ।

ଗାଡ଼ି ଗୁଡ଼ଗୁଡ଼ କଲା ପରେ ତରୁଣୀଟିର ମୁହଁରେ ଭାବାନ୍ତର ପରିଲକ୍ଷିତ ହେଲା । ସେ ନୀରବରେ କାନ୍ଦିବାକୁ ଲାଗିଲା । ପିନ୍ଧା କାନିରେ ସଜଳ ଆଖି ଦି'ଟାକୁ ପୋଛିଦେଇ ବୁଢ଼ା ବାପକୁ ବଲବଲ କରି ଅନାଇଲା । ସେ ଆଖି ଦୁଇଟିରେ ଅନେକ ମୋହ, ଅନେକ ସ୍ନେହ । ତା'ର ଦେହରୁ ଝରିପଡ଼ୁଥାଏ ବେଦନାର ଲୁହ ।

ବାପ ଝିଅ ମୁହଁକୁ ଚାହିଁ କହିଲା, "ଝିଅ ଜନମ ପର ଘରକୁ, ମାଆ ! ସେଇଟି ତୋର ସଂସାର, ସେଇଟି ତୋର ସ୍ୱର୍ଗ । ତୁ ଦମ୍ଭ ଧର ।"

"କିନ୍ତୁ ବାପା ! ତୁମର ହବ କ'ଣ ? ତୁମ ପାଖରେ ଯେ ଆଉ କେହି ନାହାନ୍ତି ।" ଝିଅଟି ସମବେଦନାରେ ଫାଟିପଡ଼ୁଥିଲା ।

"ମୋ ପାଇଁ ତୁ ଚିନ୍ତା କରନା, ମାଆ ! ମା ତୋର ଚାଲିଯିବା ପରେ ତୋତେହିଁ ଦେଖି ଦୁଃଖ ଭୁଲିଥିଲି । ତୁ ଆଜ ଚାଲିଯାଉଛୁ । ଗାଁର ଭାଇବନ୍ଧୁ ଅଛନ୍ତି । ଆଉ ଭଗବାନ ତ ସବୁବେଳେ ପାଖରେ । ଜନ୍ମ ଦେଇ ସିଏ କ'ଣ ଭଲମନ୍ଦ ବୁଝିବେ ନାହିଁ ? ସ୍ୱାମୀ ଆଉ ଶାଶୁ ନଣନ୍ଦଙ୍କ ମନ ଧରି ତୁ ଯେତେବେ ସୁଖରେ କାଳ କାଟିବୁ, ସେହି ଖବର ମୋ ନିକଟରେ ପହଞ୍ଚିବ । ସେହି ସୁଖର ଖବର ଶୁଣି ମୁଁ ବହୁତ ଖୁସି ହେବି, ମାଆ ! ସେଇଥିପାଇଁ ଖାଲି ଧ୍ୟାନ କର । ବାପ ତୋର ସୁଖୀ ହେବ ।"

Digitized by PPRACHIN, SOA

"କିନ୍ତୁ ତୁମେ ତ ଜାଣିଛ, ବାପା ! ଶାଶୁ ବାରଚଣ୍ଡୀ ପରି । ନଣନ୍ଦ ସବୁପାଟରେ ନାହିଁ । ସ୍ୱାମୀ ସବୁ କଥାରେ ମାଉଳ ବନ୍ଦନ୍ତି । ମୋର ଦଶା କ'ଣ ହେବ, ବାପା ? ଏ ଘରେ ଯନ୍ତ୍ରଣା କେହି ନାହାନ୍ତି । ନିଜର ହୋଇ କେହି ନାହିଁ । ମୁଁ ଏବେ ଚଳୁଛି କେମିତି ?" ତରୁଣୀଟି କାନ୍ଦୁଥିଲା ।

"ଅଧୈର୍ଯ୍ୟ ହୋଇଯାଉଛୁ, ମାଆ ? ଶାଶୁନଣନ୍ଦ କଥାକୁ ଛଳ ନ କରି ତାଙ୍କର ମନ ଧରି ଚଳିଲେ ସେଇମାନେହିଁ କାଳକ୍ରମେ ଆପଣାର ହେବେ । ସ୍ୱାମୀ ଏସବୁ କଥାରେ ମାଉଳ ରହିବା ଭଲ । ଗର୍ଭଧାରିଣୀ ମାଆ କଥାରେ ଉତ୍ତର ନ ଦେବା ଖୁବ୍ ଭଲ କଥା । ଦଶମାସର ଯନ୍ତ୍ରଣା ସେ ଭୋଗିଛି । ନିଜର ରକ୍ତମାଂସ ଦେଇ ଗଢ଼ିଛି ତା'ର ସନ୍ତାନକୁ । ଅନେକ ଦୁଃଖ, ଅନେକ କଷ୍ଟ ସହି ଅଜ୍ଞାନ ବାଳୁତକୁ ଦୁନିଆ ଦୁଆରେ ଚଲାଇବାର ଦାୟିତ୍ୱ ନେଇଛି । ତା'ର ମନରେ କଷ୍ଟ ଦେଲେ ଧର୍ମ ସହିବ ? ସେ ସନ୍ତୁଷ୍ଟ ଥିଲେ ତୁମର ସଂସାର ସୁଖୀ ହେବ । ଆଉ ନଣନ୍ଦ କଥା ଯାହା କହିଲୁ, ନଣନ୍ଦ ଆଉ ତୋର ସ୍ୱାମୀ ଗୋଟିଏ ରକ୍ତ ଏବେ ! ବାଣ୍ଟି ଦୁଇ ଭାଗ ହୋଇଛନ୍ତି । ସାଙ୍ଗ ହୋଇ ଖେଳକୁଦ ଅନେକ ଦିନ କଟାଇଦେଲେ । ସେହି ପରିବାରର ସୁଖ ଦୁଃଖକୁ ସମାନ ଭାବରେ ବାଣ୍ଟି ନେଲେ । ତା' ମନରେ କଷ୍ଟ ନ ଦେବାହିଁ ଭଲ । ସେ ଅଳ୍ପ ଅଛି ତ କାଲି କୋଉ ଏକ ପରଘରକୁ ଚାଲିଯିବ । ବାପଘରେ ଯାହା କିଛିଏ ଟାଣ ଦେଖାଉଥିବ । ତାକୁ ଆଉ ଧରିବସିଲେ ଚଳିବୁ କେମିତି ମାଆ ?" ଦୁନିଆରେ ସମସ୍ତେ ପର, ସମସ୍ତେ ସ୍ୱାର୍ଥପର । କିନ୍ତୁ ମାଆ ! ମୁହଁରେ ମିଠା ଥିଲେ ପର ମଧ୍ୟ ଆପଣାର ହୁଏ । ପର ଘରକୁ ଯାଉଛୁ । ସମସ୍ତଙ୍କୁ ଆପଣାର କରିବୁ । ବାପଛଡ଼ରୁ ଦୂରେଇ

Digitized by PPRACHIN, SOA

ରହିବ । ଈଶ୍ୱରଙ୍କ କୃପାରୁ କାଲିକି ତୁ ମାଆ ହେଲେ, ତୋର କୁନି କୁନି ପୁଅଝିଅଙ୍କୁ କାଖରେ ନେଇ ଗେଲ କରିବ । ତୋର ସୁଖ ଦେଖିଲେ ପ୍ରାଣ ମୋର ଝୁରୁଳି ଉଠିବ ।” ବୁଢ଼ା ଆଖିରେ ଆବେଗରେ ଲୁହ ଦେଖାଦେଲା ।

ଗାଡ଼ିର ଗତି ବଢ଼ିଚାଲିଥାଏ । ବାପଝିଅଙ୍କର କଥାର ସୁଅ ଗଡ଼ିଚାଲିଥାଏ । ପାଖରେ ପରିଚିତ ଆଉ କେହି ନ ଥାନ୍ତି । ଦ'ପଦ କଥା ହେବାକୁ କୁଣ୍ଡସାଥୀ ମଧ୍ୟ କେହି ନାହାଁ । ମନମୋହନ ଗାଡ଼ି ବାହାରକୁ ଚାହିଁ ଖାଲି ଭାବିହେଉଥାଏ । ବାପଝିଅଙ୍କର କଥାବାର୍ତ୍ତା ତା' ମନ ଭିତରେ ଗୋଟିଏ ନୂତନ ଭାବନାର ଖିଅ ଯୋଡ଼ିଦେଇଥାଏ ।

ବିବାହପରେ ଗୋଟିଏ ପ୍ରାଣ ଆଉ ଗୋଟିଏ ପ୍ରାଣସଙ୍ଗେ ମିଶି ଏକାକାର ହୋଇଯାଏ । ଗୋଟିଏ କଣ୍ଟରେ ଚମକ ଖେଳିଲେ ଆଉ ଗୋଟିଏ ଶରୀରରେ । ଗୋଟିଏ ମନର ପ୍ରତିଫଳନ ପଡ଼େ ଅନ୍ୟ ଜଣକର ମନଦର୍ପଣରେ । ଦେଖିବାକୁ ଦୁଇଟି ଦେହ, ଦୁଇଟି ମନ, ଦୁଇଟି ପ୍ରାଣ । ଅଥଚ ତାହାର ଭିତରେ ଗୋଟିଏ ଭାବ, ଗୋଟିଏ ଭାଷା ଓ ଗୋଟିଏ ଅଭିବ୍ୟକ୍ତି । ଜଣକର ଛାତିର କୋହ ଆଉ ଜଣକର ଆଖିର ଲୁହ ହୋଇ ଝରେ । ଜଣେ ଧୂପ ହେଲେ, ଅନ୍ୟ ଜଣକ ହୁଏ ସେ ଧୂପର ଆଲୋକ । ଜଣେ କାୟା ହେଲେ ଅନ୍ୟ ଜଣେ ହୁଏ ସେ କାୟାର ଚିରସଙ୍ଗିନୀ ଛାୟା । ସ୍ୱର୍ଗ ପାଇଁ ସେମାନେ ବ୍ୟାକୁଳ ନୁହନ୍ତି କି ସ୍ୱର୍ଗର ଅମୃତ ପାଇଁ ଲାଳାୟିତ ନୁହନ୍ତି । ମର୍ତ୍ତ୍ୟର ମଣିଷ ରୂପରେ ସେମାନେ ବଞ୍ଚିରହିବାକୁ ଚାହାନ୍ତି ପରସ୍ପରର ନିକଟବର୍ତ୍ତୀ ହୋଇ । ସାନ୍ନିଧ ତାଙ୍କର ସ୍ୱର୍ଗ ଓ ପ୍ରଣୟ ଚିରକାମ୍ୟ ଅମୃତ । ଗୋଟିଏ ଅଦେଖା ବନ୍ଧନର ମାୟା ସେମାନଙ୍କୁ

Digitized by PPRACHIN, SOA

ମୋହିତ କରେ । ଗୋଟିଏ ଅଜଣା ଫୁଲର ଗ୍ଧ୍ରାଣ ସେମାନଙ୍କୁ ଅଭିଭୂତ କରେ ।

ସେହି ଅଦେଖା ମାୟା, ଅଜଣା ଫୁଲର ସଂଜ୍ଞାହୀନ ଛକ ପ୍ରଣୟ । ପୃଥିବୀର ଅଗଣିତ ନାରୀ ଓ ପୁରୁଷ ପ୍ରେମ ପାଇଁ ପାଗଳ ହୁଅନ୍ତି । ଜୀବନର ପ୍ରତ୍ୟେକଟି ଆକର୍ଷଣ ଭିତରୁ ପ୍ରେମହିଁ ସର୍ବଶ୍ରେଷ୍ଠ ଆକର୍ଷଣ ! ନାରୀ ଓ ପୁରୁଷ ମୃତ୍ୟୁଭଳି ବିରାଟ ସତ୍ୟକୁ ପ୍ରେମର ପ୍ରବାହରେ ପଡ଼ି ଭୁଲିଯାଆନ୍ତି । ଜୀବନର ସମସ୍ତ ଦୁଃଖ, ସହସ୍ର ଯାତନା ପ୍ରେମର ସ୍ପର୍ଶ ପାଇ ସୁଖରେ ରୂପାନ୍ତର ହୁଏ । ଗୋଟିଏ ଗୋଟିଏ ଲକ୍ଷ୍ୟ, ଗୋଟିଏ ଅଭିଳାଷ ନେଇ, ପ୍ରେମକୁ ସାକ୍ଷୀ କରି ସେମାନେ ସୃଷ୍ଟି କରନ୍ତି ସ୍ୱପ୍ନିଳ ନୀଡ଼ଟିଏ । ସେହି ନୀଡ଼ହିଁ ତାଙ୍କର ସର୍ବସ୍ୱ । ସେହି ନୀଡ଼ହିଁ ତାଙ୍କର ସଂସାର । ସୃଷ୍ଟି ଓ ସୃଜନର ଛନ୍ଦୋବଦ୍ଧ ସ୍ୱାକ୍ଷର ନେଇ ତା'ର ଜନ୍ମ ।

ନାରୀ ଓ ପୁରୁଷର ମୃତ୍ୟୁ ହୁଏ । କିନ୍ତୁ ଅମର ରହେ ସୃଷ୍ଟି । ନାରୀ ଓ ପୁରୁଷର ମନ ଓ ଶରୀର ନେଇ ଜନ୍ମନିଏ ଶିଶୁ । ପିତାମାତାଙ୍କ ପରେ ସେ ପ୍ରତିନିଧିତ୍ୱ କରେ ତାଙ୍କ ସଂସାରର । ସୃଷ୍ଟି ବଞ୍ଚିରହେ ।

ତାହାହେଲେ ପ୍ରେମହୀନ ଜୀବନଯାପନ କ'ଣ ଏହି ବିଶାଳ ସୃଷ୍ଟିରେ ବିରଳ ? କାହାକୁ ସେ ସ୍ୱାଗତ କରିବ ଜୀବନବେଦୀକୁ ? ମନମୋହନ ମନେ ମନେ ଅନେକ ତରୁଣୀର ସରସ, ସୁନ୍ଦର ମୁହଁକୁ ମନେ ପକାଇବାକୁ ଚେଷ୍ଟା କଲା । କୌଣସି ନାରୀ ମୁହଁକୁ ବିକୃତ ମନର ଖିଆଲ ନେଇ ସେ ଅନାଇନାହିଁ ଏ ପର୍ଯ୍ୟନ୍ତ । ତା'ର ଏକାନ୍ତ ଇଚ୍ଛା ଥିଲା, ପାଠ ପଢ଼ିସାରି ଦେଶଦେଶର ସେବାରେ

Digitized by PPRACHIN, SOA

ଜୀବନ ଉତ୍ସର୍ଗ କରନ୍ତି । ଅନ୍ୟର ଉପକାର କରି ଯେଉଁ ନିର୍ମଳ ଆନନ୍ଦ ମିଳେ, ବ୍ୟକ୍ତିଗତ ଜୀବନର ସ୍ୱାର୍ଥସ୍ୱାଚ୍ଛନ୍ଦ୍ୟ ପ୍ରତି ଦୃଷ୍ଟି ଦେଲେ କ'ଣ ସେହି ସ୍ୱର୍ଗୀୟ ଆନନ୍ଦ ଲାଭ କରାଯାଇପାରେ ? ଗୋଟିଏ ରୂପସୀ ତରୁଣୀର ବର୍ଦ୍ଧମାନ ଯୌବନ ଭିତରେ ଅନନ୍ତ ପ୍ରେମକୁ କେନ୍ଦ୍ରୀଭୂତ କରି ଜଣେ ଯଦି କାମନାର ସ୍ୱପ୍ନ ଦେଖେ, ତେବେ କ'ଣ ଜୀବନର ଲକ୍ଷ୍ୟ ପରିପୂର୍ଣ୍ଣ ହୁଏ ?

ସୀତାର ସଜଳ ଆଖି ଦୁଇଟି ମନମୋହନର ମୁହଁ ସାମନାରେ ଲୁଚକାଳି ଖେଳ ଖେଳିଲା । ରୂପବଣିକର ଅମଳିନ ଗୋଲାପ ଫୁଲଟିଏ ସେ; ନିଜର ଏକାନ୍ତ ଇଚ୍ଛା ପୂରଣ ହୋଇପାରି ନ ଥିବାରୁ ଉଦ୍‌ବେଳିତ ହେଉଛି ।

ଏହି ସୀତାକୁ ତା'ର ସଙ୍ଗେ ବିବାହ ବନ୍ଧନରେ ଯୋଡ଼ିଦେବାକୁ ପିତା ପ୍ରସ୍ତାବ ଦେଇଥିଲେ । ସୀତା ଯଦି ସେହି ସମ୍ବନ୍ଧରେ ସମ୍ମତ ହୋଇଥାନ୍ତା ? ମନମୋହନର ଚିତ୍ତ ଭିତରେ ଦୁର୍ବଳ ମଣିଷର କାଠଦଂଶିତ ମନ ଅଥୟ ହେବାକୁ ଲାଗିଲା । ମନମୋହନ ଏହି କ୍ଷଣିକ ଦୁର୍ବଳତାର ଶିକାର ହୋଇ ଅନେକ ଅସାର ସ୍ୱପ୍ନ ଦେଖିଲା । ତା'ର ନିଶ୍ୱାସର ଗତି ପ୍ରଖର ହେଲା । ଭାବନାର ପାଲ ଛିଣ୍ଡିଯାଇ ଜୀବନନୌକାଟି ଇତସ୍ତତଃ ହେବାକୁ ଲାଗିଲା ।

"ଭାଇ ମ ! ଆଶ୍ୱିନ ପୂନେଇକୁ ନିଶ୍ଚୟ ଆସ ଯେମିତି । ନ ହେଲେ ବ୍ରତ ମୋର ଅଟକିଯିବ । ତମକୁ ମୋ'ର ରାଣ ଭାଇ, ଭୁଲିବ ନାହିଁ ।"

"ନାଇଁ ଲୋ କାଯାଣୀ ! ବରଷକେ ଥରେ ବ୍ରତ କରୁଛୁ, ସେ ପୁଣି ମୋ'ର ପାଇଁ । ତୋତେ ନେଇ ନ ଆସି କ'ଣ ରହିବି ?

Digitized by PPRACHIN, SOA

ଯାଜକ ତ ବଳେ ତା ଭାଇ ଘରକୁ ଯିବାକୁ ଅଟକ କରିବ; କେମିତି ମନେ ପଡ଼ିବନି, କହିଲୁ ?”

ଗାଡ଼ି ଗୋଟିଏ ଛୋଟିଆ ଷ୍ଟେସନ ଛାଡ଼ିବା ଉପରେ ଥାଏ । ନବବିକଶିତ ନଳିନୀ ତରୁଣୀଟିଏ ଭାଇକୁ ତା’ର ବିଦାୟକାଳୀନ ଦଣ୍ଡବତ ହୋଇ ଗାଡ଼ି ଚଢ଼ିଲା । ଭାଇ ତା’ର ଖଣ୍ଡେଦୂରଯାଏ ଯନ୍ତ୍ରଯାନଟିକୁ ଅନାଇଥାଏ ।

ମନମୋହନର ସଂବିତ୍ ଫେରିଆସିଲା । ଗତ ଦୁଃଖ ଦିନର ଝିଅକୁ ଅନ୍ଧାର ଭିତରେ ଛାଡ଼ିଦେଇ ନୂଆ ଭାବନାକୁ ସ୍ୱାଗତ କଲା ସେ । ସୀତା ଏନ୍ଧଭଳି ହରିଲା ଭଉଣୀଟିଏ ତା’ର । ନିଜ ପେଟର ଭାଇ ନାହିଁ କି ଭଉଣୀ ନାହିଁ । ତା ବାପର ସଂସାରରେ ଏକୁଟିଆ ହୋଇ ଜନ୍ମ ହୋଇଛି ସେ । ଯାହାକୁ ସେ ଭଉଣୀ ବୋଲି ସମ୍ବୋଧନ କରିପାରିଛି । ତାକୁ ଭଉଣୀ ରୂପରେ ଗ୍ରହଣ କରି ମନର କାଳିମାକୁ ପୋଛିଦେବାକୁ ହେବ । ଭଉଣୀର ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ପ୍ରାଣ ଦେଇ ଅବଶ୍ୟ ଲଢ଼ିବ ।

ଷ୍ଟେସନ ପରେ ଷ୍ଟେସନ ଡେଇଁ ଟ୍ରେନ ଆଗେଇ ଚାଲିଥାଏ । ଦୁଇଦିନର ଅବିଶ୍ରାନ୍ତ ଭ୍ରମଣ ପରେ ସୋନପୁର ଆଖିରେ ପଡ଼ିଲା । ସୋନପୁରର ସରସସୁନ୍ଦର ବାତାବରଣ ତାକୁ ବିମୁଗ୍ଧ ଭାବରେ କରିତୋଳିଲା । ମହାନଦୀର ଉସ୍ୱାସିଆ ପବନ ତା’ର ଦେହ ଓ ମନର ସମସ୍ତ କ୍ଳାନ୍ତିକୁ ପୋଛିଦେଲା ।

ବିରୂପାକ୍ଷବାବୁଙ୍କ ଠିକଣା ଖୋଜି ବାହାର କରିବାକୁ ମନମୋହନକୁ ବେଶି ସମୟ ଲାଗିଲା ନାହିଁ । ଡାକ୍ତରଖାନା ପାଖକୁ ଚେଲନଘାଟଆଡ଼ ମୁହାଁକରି ଯେଉଁ ବାଦାମୀ ରଙ୍ଗର ହୋମହଲଟି

Digitized by PPRACHIN, SOA

ଛୁଆ ହୋଇଛନ୍ତି, ସେଇଠି ରହନ୍ତି ବରୁପାକ୍ଷବାବୁ ! ପକାଣ୍ଡ ବାଡ଼ ଓ ଅଗଣା । ବାଡ଼ ଭିତରେ କୂଅ ଓ ବଗିଚ । ଘର ଦେଖି ଘର-ମାଲିକର ପ୍ରତିଷ୍ଠା କଥା ଅନୁମାନ କରିହେବ ।

ମନମୋହନ କବାଟ ପାଖକୁ ଯାଇ କାନ୍ଥର କଲିଂବେଲ ଟିପିଲା । ମନ ଭିତରେ ଆନନ୍ଦ ଓ ସଂଶୟ ଲୁଚକାଳି ଖେଳୁଥିଲେ ।

"କିଏ ସେ ?" ଭିତରେ ଥାଇ ପଚାରିଲେ ବରୁପାକ୍ଷବାବୁ ।

"ମୁଁ ମନମୋହନ ! ରାଇରଙ୍ଗପୁରରୁ ଆସିଛି ।"

"ଏତେଦିନ ଧରି କେମିତି ତୁ ରହିପାରିଲୁ ମୋହନ ? ତୋରି ଭଲ ପାଇଁ ବାପ ହୋଇ ପଦେ କହିଦେଲି ବୋଲି ଘରୁ ବାହାରି ଯିବା କ'ଣ ଉଚିତ ହେଲା ? କାହାପାଇଁ ମୁଁ ଦରଗଞ୍ଜ ହେଉଛି, କହିଲୁ ? ମୋର ବା କିଏ ଅଛି ଏ ଦୁନିଆରେ ?" କରୁଣ ଭାବରେ ଜବାବ ଦେଇ ଦେଇ କବାଟ ଫିଟାଉଥିଲେ ବରୁପାକ୍ଷବାବୁ ।

"କିନ୍ତୁ ତୁମେ ତ ଚନ୍ଦ୍ରମୋହନ ନୁହ ଯୁବକ ! କିଏସେ ତୁମେ ? ପୁଅର ମୋର ନାଁ କହି, ଏ ମାୟାଜାଲ ସୃଷ୍ଟି କଲ କାହିଁକି ?" ମନମୋହନକୁ ଦେଖି ବରୁପାକ୍ଷ ଚଟସ୍ଥ ହେଲେ ।

"ମୁଁ ମନମୋହନ, ଆଜ୍ଞା ! ରାଇରଙ୍ଗପୁରରୁ ଆସିଛି"— ମନମୋହନ ନମସ୍କାର ହେଲା ।

ପ୍ରତିନମସ୍କାର ଜଣାଇବାକୁ ଭୁଲିଯାଇ ବରୁପାକ୍ଷବାବୁ କହିଲେ, "ରାଇରଙ୍ଗପୁର ତ ଅନେକ ଦୂର ! କିନ୍ତୁ ତୁମର ମୋ ପାଖକୁ ଆସିବାର ଅଭିପ୍ରାୟ ?" ବରୁପାକ୍ଷବାବୁଙ୍କ କଣ୍ଠରେ ଦେଖା-ଦେଲା ସନ୍ଦେହ ଓ ବିସ୍ମୟର ଘନୀଭୂତ ବାଦଲ ।

Digitized by PPRACHIN, SOA

"ଗଡ଼କୃଷ୍ଣବାବୁଙ୍କ ପାଖରୁ ଆସିଲି"—ମନମୋହନ ବିନମ୍ର ଭାବରେ ପ୍ରକାଶ କଲା ।

"ଗଡ଼କୃଷ୍ଣ ମୋର ବାଲ୍ୟବନ୍ଧୁ କି ନା ! ଶଠି ପଡ଼ି ଦୁଃଖ ମୋର ବୁଝିପାରିଛି । ଏଇଥିପାଇଁ ତ ତା ଉପରେ ମୋର ପ୍ରଗାଢ଼ ବିଶ୍ୱାସ । ମୁଁ ଜାଣେ, ସେ ଅନ୍ୟମାନଙ୍କ ଭଳି ବେଦରଦୀ ମଣିଷ ନୁହେ । ଆଚ୍ଛା, ଆଉସବୁ ଭଲ ତ ? ତାହାହେଲେ ଚନ୍ଦ୍ରମୋହନକୁ ଶେଷରେ ତୁମର ସଙ୍ଗରେ ଛାଡ଼ିଦେଲା ? ଆରେ ! ଚନ୍ଦ୍ରମୋହନ ପୁଣି ଚାଲି କୁଆଡ଼େ ?" ବିରୂପାକ୍ଷ ଉଦ୍‌ବେଗ ପ୍ରକାଶ କଲେ ।

"ଆଜ୍ଞା ସେ ତ......"

"ହଁ, ସେ ଅଭିମାନ କରିଥିଲା । ପିତା ଉପରେ ଅଭିମାନ କରିବାପାଇଁ ପୁତ୍ରର ଦାବି ଅଛି । ସେ ମୋ ଉପରେ ଅଭିମାନ କରିବନି ତ, ପର ଆଗରେ ଅଭିମାନ କରିବ ? ମା ଛେଉଣ୍ଡ ପିଲାଟା । ପ୍ରତି କଥାରେ ତା'ର ଅଭିମାନ । ଆଚ୍ଛା, ବାବା, ଗୃହିଣୀ ସେ କେଉଁଠି ଅଟକିଛି ଦେଖିବା ।"

"କ୍ଷମା କରିବେ । ଚନ୍ଦ୍ରମୋହନବାବୁ......"

"କ'ଣ, ଭୟରେ ମୋ ପାଖକୁ ଆସୁନାହିଁ ? ସେ କ'ଣ ଭାବୁଛି, ଅମାନ୍ୟ କରି ଚାଲିଯାଇଛି ବୋଲି ମୁଁ ତାକୁ କିଛି କହିବି ? ପାଗଳଟାଏ ! ଆଉ କେବେ ତା'ର ବୁଦ୍ଧି ହେବ କେଜାଣି ?"

ବିରୂପାକ୍ଷବାବୁଙ୍କର ଏ ଅବସ୍ଥା ଦେଖି ମନମୋହନର ଆଖି ଛଳଛଳ ହୋଇଆସିଲା । ସେ ରୁମାଲ କଣରେ ଆଖିପତାକୁ ପୋଛି ଦେଉ ଦେଉ କହିଲା, "ଆମର ଧାରଣା ଥିଲା, ସେ ଏଇଠି ଥିବେ ବୋଲି । ସେଇଥିପାଇଁ ତ ମୁଁ ଆସିଲି ।"

Digitized by PPRACHIN, SOA

"ଭ୍ରମ ଯାଚ କହୁନ୍ତୁ ମନମୋହନ, ପୁଅ ମୋର ସୀତା ପାଖକୁ ଯାଇନି ?''

"ଆପଣଙ୍କ ଆଗରେ ମିଛ କହି ପାପ ଅର୍ଜନ କରିବା ମୋର ଅଭିପ୍ରାୟ ନୁହେ । ଆପଣ ମୋର ପିତାଙ୍କ ବୟସର । ପିତା ଆଗରେ ମିଛ କହିବାର ଦୁଃସାହସ ମୋର ନାହିଁ । ଆପଣ ବିଶ୍ୱାସ କରନ୍ତୁ ।" ମନମୋହନ ବୁଝାଇବାକୁ ଲାଗିଲା ।

"ତୁମର ପରିଚୟ ?"

"ସୀତାର ମୁଁ ବଡ଼ ଭାଇ । ଧରମ-ଭାଇ ମୁଁ ।''

"ଭଉଣୀର ଅନୁରୋଧ ରକ୍ଷା କରି ସୋନପୁରର ଏହି ଅବହେଳିତ ବିରୂପାକ୍ଷ ପାଖକୁ ଧାଇଁଆସିଛ, ନୁହେ ? ତେବେ ଶୁଣ ଯୁବକ ! ପୁଅ ମୋର ଘରେ ନାହିଁ । ତା ବାପର ନିଷ୍ପତ୍ତି ବିରୁଦ୍ଧରେ ପ୍ରତିବାଦ କରି ସେ ପଳାତକ ହୋଇଛି । ଆଜି ମୋର ଆଉ କେହି ନାହାନ୍ତି । ଦୁନିଆ ସଙ୍ଗେ ମୋର ସମସ୍ତ ସମ୍ପର୍କ ଆଜିଠୁ ଛିନ୍ନ ହେଲା । ଯାହା ଉପରେ ଆଶା ରଖି ମୁଁ ଏତେବଡ଼ ପରିକଳ୍ପନାରେ ହାତ ଦେଇଥିଲି, ସେ ଧୂଳିସାତ୍ ହୋଇଯାଇଛି । ଯାହାକୁ ଛୋଟ ପିଲଟି ବେଳୁ ଛାତିରେ ଧରି, ଅନ୍ତରର ସମସ୍ତ ସ୍ନେହ ଦେଇ ବଡ଼ କଲି, ସେ ଘର ଛାଡ଼ି ବାପକୁ ଏଡ଼ିଦେଇ ପର ଝାଡ଼ି ଉଡ଼ି ଚାଲିଗଲା । ପିଞ୍ଜୁରା ମୋର ଖାଲି ପଡ଼ିଛି । ତୁମେ ଶୁଣୁଛ ଯୁବକ ? ପୁତ୍ର ମୋର ପଳାତକ !!"

ବିରୂପାକ୍ଷବାବୁ ହୋ ହୋ ହୋଇ ହଠାତ୍ ହସିବାକୁ ଲାଗିଲେ । ମୁହଁ ତାଙ୍କର ଅତ୍ୟନ୍ତ ବିବର୍ଣ୍ଣ ଦେଖାଯାଉଥିଲା । ତା'ପରେ ମୁଣ୍ଡ ବାଳକୁ ଭିଡ଼ିଧରି ଛାତି ଉପରେ ବାରମ୍ବାର ଆଘାତ କଲେ । ଏହା

Digitized by PPRACHIN, SOA

ପରେ କାନ୍ଦିଉଠିଲେ ଖୁବ୍ ଜୋର୍‌ରେ । ପାଗଳ ଭଳି ଚିତ୍କାର କରି ଅଚେତ ହୋଇ ପଡ଼ିଗଲାବେଳେ ମନମୋହନ ତାଙ୍କୁ ଗୃହ ଉପରକୁ ଆଉଜାଇ ଆଣି ରକ୍ଷା କଲା ।

ଚନ୍ଦ୍ରମୋହନ ସ୍ୱାଇରଙ୍ଗପୁରରୁ ପୁଣି ଫେରିଆସି ବଡ଼-ଦାଣ୍ଡର ଅରୁଣ-ସ୍ତମ୍ଭ ପାଖରେ ଛିଡ଼ା ହୋଇ ପତିତପାବନଙ୍କୁ ପ୍ରଣତି ଜଣାଇଲା । ପବିତ୍ରତାର ପ୍ରତୀକ ବାଇଶିପାହାଚ ଉପରୁ ଭିତର ଦେଉଳର ବେଢ଼ା ଉପରକୁ ଦୃଷ୍ଟି ପକାଇବାକୁ ଚେଷ୍ଟା କଲା । ଅସଂଖ୍ୟ ଲୋକଙ୍କର ଲୋଭମାୟ ସମାବେଶରେ ତଳପାହାଚ ଦେଖା-ଯାଉନି । ବିଶାଳ ଭାରତର ପ୍ରତ୍ୟେକ ଅଞ୍ଚଳରୁ ଲୋକ ଆସି ରୁଣ୍ଡ ହୋଇଛନ୍ତି ଶ୍ରେଷ୍ଠଧାମ ଶ୍ରୀକ୍ଷେତ୍ରରେ । ଅଖଣ୍ଡ ଜାତୀୟତାର ପ୍ରତୀକ ପୁରୀ ସହର ବିଭିନ୍ନ ଦେଶର ଅଗଣିତ ଯାତ୍ରୀଙ୍କ କୋଳାହଳରେ ମୁଖରିତ ହୋଇଉଠିଛି । ହିନ୍ଦୁଜାତିର ଆଶା, ଆକାଙ୍କ୍ଷା ଓ ଅଭିଳାଷର ନିଚ୍ଛକ ଅଭିବ୍ୟକ୍ତି ଜଗତର ନାଥ ଜଗନ୍ନାଥ । ତାଙ୍କ ଚରଣତଳେ ପ୍ରଣିପାତ କଲେ ଜୀବନର ସମସ୍ତ ପାପ ଧୋଇହୋଇ-ଯାଏ । ପବିତ୍ରତାର ବିଭୂତି ଏହି ବଡ଼ଦାଣ୍ଡର ଧୂଳି ବୋଳିହୋଇ ଖୋଲା ମନ, ନିଷ୍କପଟ ହୃଦୟ ନେଇ ଫେରିଯାଏ ଦୂରଦେଶାଗତ ଯାତ୍ରୀ । ଗାଁର ଆତ୍ମୀୟମାନେ ତୀର୍ଥାଗତ ଯାତ୍ରୀର ପବିତ୍ର ଚରଣଧୂଳି ନେଇ ମୁଣ୍ଡରେ ଲଗାନ୍ତି ।

ଚନ୍ଦ୍ରମୋହନ ଅନୁଭବ କଲା, ଦଳେ ସମ୍ବଲପୁରୀ ଯାତ୍ରୀ ବାଲିଯାତ୍ରା ପରେ ଫେରି ଆସୁଛନ୍ତି । ଚନ୍ଦ୍ରଶାଢ଼ୀର ବିଚିତ୍ର ସୂଚୀକାମ ବଡ଼ଦାଣ୍ଡର ଅନେକ ଲୋକଙ୍କର ମନରେ ଚାଞ୍ଚଲ୍ୟ ଖେଳାଇଦେଇଛି ।

Digitized by PPRACHIN, SOA

ମୁଣ୍ଡର ଲମ୍ବାକିଆ ଖୋଷା; ଖୋଷା ଉପରର ରୂପା ଫାନଫର, ଆଉ ଦେହର ସୁନ୍ଦର ସାଜ ଅଲଙ୍କାରର ବୈଚିତ୍ର୍ୟ ସ୍ତ୍ରୀକଉଡ଼ର ଦର୍ଶକ ଆଖିରେ ବିସ୍ମୟ ସଂଗ୍ରହ କରୁଛି । ମୁହଁକୁ ତାଙ୍କର ସରସ କରି ରଖାଇଛି ଖୋଲା ହସର ମନମତାଣିଆ ଜୁଆର । ଚନ୍ଦ୍ରମୋହନ ଖୁସି ହେଲା ମନେ ମନେ । ଏତେ ଦିନ ପରେ ଏତେଗୁଡ଼ିଏ ପରିଚିତ ଲୋକଙ୍କର ଏକତ୍ର ସମାବେଶ ପ୍ରଥମକରି ଦେଖୁଛି ।

ସମ୍ବଲପୁରୀ ଯାତ୍ରୀଦଳଙ୍କ ପାଖେଇ ଆସୁଥିଲେ । ତାଙ୍କରି ଭିତରେ ଚିହ୍ନା ମୁହଁ ଅନେକ । ସବାପଛକୁ ସାଥୀ ଉମ୍ବରୁଧରର ପାଟି ଶୁଭୁଛି । ଚନ୍ଦ୍ରମୋହନର ମନ ଭିତରେ ଆନନ୍ଦର ପୁଲକ ଖେଳିଗଲା ।

ସାଥୀ ଏଇ ଉମ୍ବରୁଧର । ପଢ଼ିଲାବେଳେ କେଡ଼େ ଆତ୍ମୀୟତା ଥିଲା । ପରସ୍ପରର ପବିତ୍ର ବନ୍ଧୁତ୍ୱ ଅନ୍ୟମାନଙ୍କ ମନରେ ଈର୍ଷା ବାଢ଼ୁଥିଲା । ଏବେ ପାଠପଢ଼ା ଗୁଣ୍ଡି ନେତା ହୋଇଛନ୍ତି । ରାଜନୀତିରେ ସୁନାମ କଲାଣି । ଅଞ୍ଚଳ କର୍ମୀଙ୍କ ସଙ୍ଘରେ ସଭାପତି ହେଉଛନ୍ତି । ଅନେକ ଲୋକଙ୍କ ସଙ୍ଗେ ଚିହ୍ନାପରିଚୟ । ବଡ଼ ବଡ଼ ବିଷୟରେ ଆଳାପ ଆଲୋଚନା । ସେଦିନ କହୁଥିଲା, ବିଶ୍ରାମ ପାଇଁ ସମୟ ମିଳୁନାହିଁ । ଉମ୍ବରୁଧର ବଡ଼ଲୋକ ହେବାପାଇଁ ଚେଷ୍ଟା କରୁଛି । ସେଇଥିପାଇଁ ରାଜନୀତିର ପଶାଖେଳରେ ମାତିଯାଇଛି; ଦାନ ପଡ଼ିଲେ ରଜା ହେବ । ନ ହେଲେ...... ?

ଉମ୍ବରୁଧର ଖୁବ୍ ବଡ଼ଲୋକ ହେଉ ! ଈଶ୍ୱର ତାକୁ ସାହାଯ୍ୟ କରନ୍ତୁ । ଯେ ସେଇ ପୁରୁଣା ଅତୀତର ସୁଆଦିଆ ବନ୍ଧୁତାକୁ ଭୁଲିଯାଉ ପଛକେ, ଅଭିଳାଷ ତା'ର ପୂର୍ଣ୍ଣ ହେଉ । ସେ ଦୁନିଆଦୁଆରେ ପ୍ରତିଷ୍ଠା ପାଉ । ଚନ୍ଦ୍ରମୋହନ ମନେ ମନେ କଲ୍ୟାଣ କଲା ।

Digitized by PPRACHIN, SOA

ଗାଁର ଖବର ଓ ପିତାଙ୍କର ଭଲମନ୍ଦ ବୁଝିବାକୁ ଚନ୍ଦ୍ରମୋହନର ମନ ବ୍ୟାକୁଳ ହୋଇଉଠିଲା । ଅନେକଦିନ ହେଲା ଗାଁ ଛାଡ଼ିବାର । ଏହା ଭିତରେ ଅନେକ ପରିବର୍ତ୍ତନ ହୋଇସାରିଥିବ । ବନ୍ଧୁ ଓମ୍ବୁଧରଙ୍କ ମୁହଁରୁ ସେ ସବୁ ଶୁଣି ଆଶ୍ୱସ୍ତ ହେବ ।

"ଶୁଣିଲଣି, ପାଗଳ ବିରୂପାକ୍ଷ ବୁଢ଼ା ପଚାଶଟି ଟଙ୍କା ଦେଇ ଜଗନ୍ନାଥଙ୍କ ପାଖରେ ଭୋଗ କରିବାକୁ କହୁଛି । ଜଗନ୍ନାଥଙ୍କ ପାଖରେ ଜଣାଇଦେବାକୁ କହୁଛି, ପୁଅ ଚନ୍ଦ୍ରମୋହନର ମୁହଁ ଦେଖିବା ପୂର୍ବରୁ ଯେମିତି ତା'ର ମୃତ୍ୟୁ ହୋଇଯାଏ । ଇଏ କେମିତିକା କଥା ହେଲା ?" ଓମ୍ବୁଧର ପତ୍ନୀକୁ ତା'ର ଶୁଣାଇ ଶୁଣାଇ କହୁଥାଏ ।

"ହଁ, ବନ୍ଧୁ ବୋଲି ଦରଦ ଲାଗୁଛି ମର ! ଅଲଜ୍ଜୁକ ବନ୍ଧୁଟି ତମର ଯୋଗପୁର ନ ଫେରି ବାହାରେ ବାହାରେ ବାଘ ମୁହଁରେ ପଡ଼ିଥିଲା କି ? ମଣିଷ ଟିକିଏ ସୁସ୍ଥରେ ନିଶ୍ୱାସ ମାରନ୍ତା ।" ଓମ୍ବୁଧରର ପତ୍ନୀ ଉତ୍ତର ଦେଲା ।

"କିନ୍ତୁ ତୁମର ମୁହଁରେ ଏ ଅନାହୂତ ବଚସା କାହିଁକି ? ତୁମେ ଅଯଥରେ କାହିଁକି ଅସୁସ୍ଥ ବୋଧ କରୁଛ ? ଯାହାର କଥା ସିଏ ବୁଝିବ ! ନହିଁରେ ତୁମର ମୁଣ୍ଡବଥା କାହିଁକି ? ସେ ତ କେବେ ତୁମକୁ ଆଡ଼ଆଖିରେ ଅନାଇଁ ନାହିଁ ? ବରଂ ବନ୍ଧୁପତ୍ନୀ ବୋଲି ସମ୍ମାନ ଦେଉଛି । ଏ ଝିଅମାଟିରେ ଏଇଭଳି ଅଶୁଭ କାମନା କାହିଁକି କର ଭଲା ?" ଓମ୍ବୁଧର ପ୍ରଶ୍ନ କଲା ।

"ବନ୍ଧୁ ନା ବନ୍ଧୁକ ଗୁଳି ମ ? ମୋତେ ଆଜି ଆଡ଼ଆଖିରେ ଅନାଇ ନାହିଁ ତ କିଏ ଜାଣେ କାଲିକି ଅନାଇବ ନି ? ବଜାଖାପୁ

Digitized by PPRACHIN, SOA

ଝିଅ ବଳକଟେ ସୀତା । ତା'ର ପାଇଁ ପୁଣି ଘଟଣାମାନ କ୍ରିୟା କଲା । ବଳଙ୍ଗିରର ଏତେ ବଡ଼ ସମ୍ବନ୍ଧ ଛାଡ଼ିଦେଲା ? ପିତା ତା'ର ପାଗଳ ହେବାରେ ଦାୟୀ କିଏ ? ଏତେବଡ଼ ଗ୍ରହଣ ବନ୍ଧୁପାଇଁ ବ୍ୟାକୁଳତା ଜନ୍ମିଛି ? କିନ୍ତୁ ଗୁଣ ! ସୋନପୁର ମହରାଜେ କେତେ କୁଳୀନ ଝିଅ, କୁଳୀନ ବୋହୂ, ସୀତାଭଳି ହଜାରଟିଏ ନାହାନ୍ତି ! କିଏ ଜାଣେ, ଗାଁକୁ ଫେରିଲେ ଆଉ ପାଁଜଣଙ୍କୁ ସୀତା ନ କରି ଛାଡ଼ିବ ! ସଙ୍ଗ ଗୁଣ ଦୋଷ । ବାପ ପାଖରେ ତ ରଜାଅମଳର ଧନ ସମ୍ପଦ ଅଛି । ଝାଳବୋହି ଧନ ହୋଇଥିଲେ ସିନା ବାଧୁଥାନ୍ତା । ପରର ଧନ ପାପରେ ଯାଏ । ପାପଧନ କି ପୁଣ୍ୟରେ ଲାଗେ ?" ପତି ମୁହଁକୁ ଚାହିଁ ଦୀର୍ଘ ନିଶ୍ୱାସ ଦେଲା ଉମ୍ବରୁଧରର ପତ୍ନୀ ।

ଚନ୍ଦ୍ରମୋହନ ଦାରୁଣ ଧକ୍କା ପାଇଲା । ମନ ତା'ର ଠିକ ଠିକ ହୋଇ ଭାଙ୍ଗି ହୋଇଯାଉଥିଲା । କୋଉ ମୁହଁରେ ଯାଇ ଗାଁ ଲୋକଙ୍କ ଆଗରେ ଭଲମନ୍ଦ ପଚାରିବ ? ତାଙ୍କର ସ୍ନେହମମତାର ଅମୃତ କଳସରେ ଅବିଶ୍ୱାସର ବିଷ ସଞ୍ଚରିଛି । ସମସ୍ତେ ଆଜି ତାକୁ ସନ୍ଦେହ କରୁଛନ୍ତି । ପିତା ପାଗଳ ହୋଇ ଅଳାଅଳ ହୃଦୟର ମୃତ୍ୟୁ କାମନା କରୁଛନ୍ତି । ସତେ ଯେମିତି ସମଗ୍ର ଦୁନିଆ ତାକୁ ତାଚ୍ଛଲ୍ୟ କରି କହୁଛି, "ଏଇ ଚନ୍ଦ୍ରମୋହନ ! ଉପରକୁ କେଡ଼େ ଭଲ, କେତେ ସୁନ୍ଦର ! କିନ୍ତୁ ଭିତରେ ?" ଭାବିଦେଲା ସେ ପାଦତଳର ଧୂଳିମାଟିଠୁ ବି ଆହୁରି ହୀନ, ଆହୁରି ଘୃଣ୍ୟ ! କିନ୍ତୁ ଏଥିପାଇଁ ଦାୟୀ କିଏ ? ସିଏ ନିଜେ, ନା ସୀତା ?? ଆଃ, ସୀତାକୁ ଯେ ଏତେ ନିବିଡ଼ ଭାବରେ ଭଲ ପାଉଥିଲା କାହିଁକି ଯେ ?

Digitized by PPRACHIN, SOA

ତାକୁ ସବୁଠୁ ଦାରୁଣ ଆଘାତ ଦେଲା ରାଇରଙ୍ଗପୁରର ଦୁର୍ଘଟଣା । ନାରୀ ଏତେ ଦୁର୍ବଳା ? ଏତେ ଭୀରୁ ?? ସନ୍ଦେହୀ ମନ ତା'ର ନିଜକ କଥାରେ ବଦଳିଯାଏ । ଅପେକ୍ଷା କରିବାର ପ୍ରବୃତ୍ତି ନାହିଁ । ମନ ଭିତରେ ତା'ର ଘଡ଼ିକେ ଘୋଡ଼ା ଛୁଟେ । ନାରୀଜାତି ଆଜି କିଛି ନୁହେଁ, ସନ୍ଦେହର ସାକାର ମୂର୍ତ୍ତି ।

ତାହାହେଲେ ସୀତା ବିରୁଦ୍ଧରେ ସେ ଅଭିଯୋଗ ଆଣିବ କାହିଁକି ? ନାରୀ ସିଏ । ଅପେକ୍ଷା କରି ହତାଶ ହେଲାବେଳେ ଜୀବନର ଗୋଟିଏ ନିଶ୍ଚିତ ମାର୍ଗ ଅନୁସରଣ କରିଛି ମାତ୍ର । ଅନିଶ୍ଚିତ ଭବିଷ୍ୟତ ଉପରେ ନିର୍ଭର ନ କରି ବୁଦ୍ଧିମତୀର ପନ୍ଥା ବାଛିନେଇଛି । କିନ୍ତୁ ତାଙ୍କର ଅତୀତ ? ଅତୀତର ସେହି ଶପଥ ?? ଶପଥ ତ ସୀତା କେବେହେଲେ କରି ନ ଥିଲା ! ହୁଏ ତ ସୀତାର ଅନିଚ୍ଛାରେ ତା'ର ହାତ ଧରି ସୁବର୍ଣ୍ଣମେରୁଙ୍କ ସାମନାରେ ସିଏ ନିଜେ ଶପଥ କରିଥିଲା, ତାକୁ ଜୀବନସାଥୀ କରିବ ବୋଲି । ସୀତା ଅବିଶ୍ୱାସ କରୁଥିଲା । ଦୀର୍ଘଦିନ ଧରି ସେ ଶପଥ ପୂରଣ ହେବାର ନ ଦେଖି ସେ ଗୋଟିଏ ଡାଳରୁ ଆଉ ଗୋଟିଏ ଡାଳକୁ ଉଡ଼ିଗଲା । ଏଥିରେ ସୀତା କାହିଁକି କଳଙ୍କର ପସରା ବୋହିବାକୁ ଯିବ ? ଚନ୍ଦ୍ରମୋହନ ନିଜ ଭିତରେ ନିଜେ ଆଲୋଚନା କରୁଥିଲା ।

ଏତେବଡ଼ କରୁଣ ପରିସ୍ଥିତିରେ ମଧ୍ୟ ସେଦିନ ସଞ୍ଜର ସରସ ଛବିଟିଏ ଆଖିଆଗରେ ତା'ର ସ୍ପଷ୍ଟ ଦେଖାଗଲା ।

"ସବୁ ବିଷୟ ବିଚାର ନ କରି, ବିବାହ ପରି ଗୋଟିଏ ଗୁରୁତର ସମସ୍ୟାର ସହଜ ମୀମାଂସା କରନି, ମୋହନବାବୁ !" ସୀତା ପ୍ରଶ୍ନ କରିଥିଲା ।

Digitized by PPRACHIN, SOA

"ଭାବିଥିଲି, ସ୍ତ୍ରୀଜାତି ସନ୍ଦେହୀ ହେଲେ ବି ତମେ ତା'ର ବ୍ୟତିକ୍ରମ ! କିନ୍ତୁ ଭାବନା ମୋର ଭୁଲ ଥିଲା । ତୁମ ମନରେ ଯେଉଁ ସନ୍ଦେହର ଭଉଁରୀ ବାଉଳା ଖାଉଛି, ତାକୁ ମୁଁ ପରିଷ୍କାର କରିଦେବି ପବିତ୍ର ବିବାହ ବେଦୀରେ । ବ୍ରାହ୍ମଣ ମନ୍ତ୍ର ଆବୃତ୍ତି କରୁଥିବ । ବିବାହ ମହୁରୀ ବାଜଉଥିବ, ଆଉ ତୁମେ ଓ ମୁଁ ସ୍ୱାମୀ ସ୍ତ୍ରୀ ଭାବରେ ଗୋଟିଏ ପାଲିଙ୍କିରେ ବସି ଆମ ଘରକୁ ଫେରୁଥିବା ସେଦିନ । ନୋଳମୁକୁଟ ପିନ୍ଧି ତମେ ମୋ'ର ପାଖରେ ଜାକିଜୁକି ହୋଇ ବସିଥିବ ନା ଜାଣିଲି ଭଲ । ମୁଁ ଠିକ୍ ସେତିକିବେଳେ ତୁମକୁ ମୋର ଏହି ଶପଥ କଥା ମନେ ପକାଇଦେବି । ତୁମେ କାଳ ଅପେକ୍ଷା କର, ସୀତା !" ଚନ୍ଦ୍ରମୋହନ ଉତ୍ତର ଦେଉଥିଲା ।

ସୀତା ସେଦିନ ଲାଜରେ ଝାଉଁଳି ପଡୁଥିଲା । ଆଖିରେ ଥିଲା ଚନ୍ଦ୍ରାସ୍ନାତ ସ୍ୱପ୍ନ । ମନ ଓ ଶରୀର ଛନ୍ଦ ହରାଇଥିଲେ । ସେ ସୁନ୍ଦର ସଂସାରକୁ ସ୍ୱପ୍ନିଳ ଆଖିରେ ଅନାଇ ଅନାଇ ବାରମ୍ବାର ଥରି-ଉଠୁଥିଲା । ସେହି ମନ୍ତ୍ରମୁଗ୍ଧ ଗୃହିଣୀ କହୁଥିଲା, "ଏ ଆକାଶ ଏ ମାଟି, ଆଉ ଏ ପବନ ଅତି ସୁନ୍ଦର ! ଏହାର ଆକର୍ଷଣ ଅତ୍ୟନ୍ତ ଅପ୍ରମତ୍ତ । ମୁକ୍ତ ପବନ, ସ୍ୱଚ୍ଛ କିରଣରେ ଖେଳିବାକୁ ଆନନ୍ଦ ଲାଗେ । ଅତି ଆପଣାର ମଣିଷ ସାଥିରେ ବଞ୍ଚିବାକୁ ଭଲ ଲାଗେ । ମୁଁ ଏ ସଂସାରକୁ ଭଲପାଏଁ ।"

ଚେଲିନଦୀର ବନ୍ଧୁର ବକ୍ଷରେ ଲହରାଇ ଉଠୁଥିଲା ଘନନୀଳ ଜଳର ଫେନାୟିତ ତରଙ୍ଗ । ନଦୀଗର୍ଭ ପୂରି ଉଠୁଥିଲା ସେ ତରଙ୍ଗରେ । ସ୍ୱଚ୍ଛ ନୀଳ ଜଳର ସୁଅ ନିର୍ଭୟରେ ଗତି କରୁଥିଲା ଅସୀମ ଉଚ୍ଛ୍ୱାସ, ଅନନୁଭୂତ ଆବେଗ ନେଇ । ଆକାଶ ନିର୍ମଳ

Digitized by PPRACHIN, SOA

ଥିଲା । ବଳୟ ମାଝିଙ୍କ ଚଳଚ୍ଚିତ୍ରର ମଧୁର ରୂପ ମନଭିତରେ ଅନନ୍ତ ମାୟା ସୃଷ୍ଟି କରୁଥିଲା ।

ଚନ୍ଦ୍ରମୋହନ ସୀତାର ଏହି ନବୀନ ବସନ୍ତ ରୂପ ଦେଖି ମୋହିତ ହେଲା । ଅଜଣା ଆବେଗର ବଶବର୍ତ୍ତୀ ହୋଇ ତା'ର କଅଁଳ ଗ୍ରୀବା ଉପରକୁ ମୁହଁ ନେଲା । ପୃଷ୍ପିତ ଗଣ୍ଡ ଆଉ ମାଂସଳ ସ୍କନ୍ଧ ଉପରୁ ବହିଆସୁଥିଲା ସୁବାସ ଫୁଲର ଗନ୍ଧ । ସେହି ଗନ୍ଧର ମତାଣିଆ ସୁଷମାକୁ ଆକଣ୍ଠ ପାନ କଲା ଚନ୍ଦ୍ରମୋହନ । ସାରା ଅଙ୍ଗରେ ତା'ର ଫୁଟିଉଠୁଥିଲା କଦମ୍ବର ଶତ ରୋମାଞ୍ଚ ।

ସୀତା ପ୍ରିୟତମର ସସ୍ନେହ ପରଶରେ ସମ୍ମୁଗ୍ଧ ଥିଲା । ତା'ର ପ୍ରତ୍ୟେକ ଶିରପ୍ରଶିରାରେ ଖେଳିଉଠୁଥିଲା ପ୍ରାଣମୟ ପୁଲକର ବନ୍ୟା । ଶରୀରବୀଣାର ତାରେ ତାରେ ଗୋଟିଏ ସୁମିଷ୍ଟ ସଂଗୀତର ଲଘୁ ସ୍ୱର ବାଉଳା ଖାଉଥିଲା । ମନ ତା'ର ନରମି ଯାଉଥିଲା ।

ସୀତା ଅନେକ ସମୟରେ ପ୍ରକୃତିସ୍ଥା ହେଲା । ଉଚ୍ଛୃଙ୍ଖଳ ଅଙ୍ଗବାସକୁ ଶରୀର ଉପରେ ସଜାଡ଼ିନେଇ ଗୋଟିଏ ଲୟରେ ଚଞ୍ଚଳନଦୀର ଫେନାୟିତ ତରଙ୍ଗମାଳା ଉପରେ ଦୃଷ୍ଟି ଦେଲା । ସେ ଦୃଷ୍ଟିରେ ଥିଲା ଅନେକ ଭାବ, ଅନେକ ଭାଷାସମ୍ବଳିତ ସୃଷ୍ଟିର ନିତ୍ୟନବୀନ ଇତିହାସ ।

ଚନ୍ଦ୍ରମୋହନ ସୀତାର ଗୋଲାପୀ ଗ୍ରୀବାରୁ ମୁହଁ କାଢି ତା'ର ସୁନ୍ଦର ମୁହଁକୁ କ୍ଷଣକାଳ ଅନାଇ ରହିଲା । ତା'ପରେ ତା'ର ଅସଂଯତ କୁନ୍ତଳ କେଇଟି ଉପରେ ଭଙ୍ଗୀ କାଢି କାଢି କହିଲା, "ତୁମେ ଏତେ କ'ଣ ଭାବ, ସୀତା ? ଖୋଲି କହୁନା !"

Digitized by PPRACHIN, SOA

"ମୁଁ ଅନେକ କଥା ଭାବେଁ, ମୋହନବାବୁ ! କିନ୍ତୁ କଣ ଭାବେଁ ମନେ ରହେନାହିଁ । କାହିଁକି ଭାବେଁ ବୁଝିପାରେ ନାହିଁ । ମୋତେ ସେସବୁ ଭାବିବାକୁ କିନ୍ତୁ ଖୁବ୍ ଭଲ ଲାଗେ । ତାକୁ ପ୍ରକାଶ କରିବାର ସାମର୍ଥ୍ୟ ମୋର ନାହିଁ । ତୁମ ଆଗରେ କେମିତି କହିବି, କହିଲ ? ହୋଇପାରେ, ସେ ଏକ ଅଂଧକାର ଖଣ୍ଡ, ଅଥବା ପ୍ରଣୟର ଅନୁକୂଳ ଭାଷା !"

"ତୁମର ଏ ଭାବନା ନିରର୍ଥକ, ସୀତା ! ମୋ ଅଦୃଷ୍ଟକୁ ଅନାଇଲି, ମୁଁ ତୁମକୁ ଅତି ନିକଟରେ ପାଇ କେମିତି ଆନନ୍ଦରେ ହସୁଛି ! ତୁମେ ତ ହସ, ସୀତା ! ପ୍ରଣୟ ଆମର ପାର୍ଶ୍ୱଗାମୀ ହେଉ । ଅନାବଶ୍ୟକ ଆଶଙ୍କାରେ ମନ ଦିଅନା । ତୁମେ ମୋର ହେବ । ଆଉ ମୁଁ ତୁମର ହେବି । ମୋର ଜୀବନକୁଞ୍ଜର ତୁମେ ହେବ ସୁଗନ୍ଧ ପୁଷ୍ପ । ତୁମରି ସାନ୍ନିଧ୍ୟ ପାଇ ଜୀବନସଂଗ୍ରାମର ସମସ୍ତ ପରାଜୟ ମୁଁ ଭୁଲିଯିବି । ମୋର ହାତରେ ନୂତନତାର ବଳ ଦେଇ ପ୍ରତିବଦଳରେ ଦାବି କରିବ ମୁଗ୍ଧ ଜୀବନର ଅଜସ୍ର ନିଷ୍ଠା । ସେହି ଦାବି ପୂରଣ କରିବାକୁ ମୁଁ ହସି ହସି କର୍ମକ୍ଷେତ୍ରକୁ ଅବତରଣ କରିବି । ଜୀବନନୌକାର ପାଲ ହେବ ତୁମେ ! ପ୍ରଣୟ ହେବ ସେ ନାଆର ଆହୁଲା । ଅକାତକାତ ପାଣି ଭିତରେ ବି ଆମେ ମନଖୁସିରେ ଚାଲିଥିବା ।"

"ସେ ପାଲ ଯଦି ଅଦିନିଆ ବାଆରେ ଛିଣ୍ଡିଯାଏ ? କ୍ଳାନ୍ତ ଅଙ୍ଗ ଅନ୍ୟମନସ୍କ ହେଲାବେଳେ ଆହୁଲା ଯଦି ହୁଗୁଳା ହୋଇ-ଯାଏ ?" ସୀତା ପ୍ରଶ୍ନ କଲା ।

"ତୁମେ ନିର୍ଭୟ ହୁଅ, ସୀତା ! ଆମର ପାଲ ଅତ୍ୟନ୍ତ ଶକ୍ତ ହେବ । ଆହୁଲାକୁ ଦୁହେଁ ମିଶି ଦୃଢ଼ କରି ତିଆରି କରିବା । ଦୁଇଗୋଟି ହାତ

Digitized by PPRACHIN, SOA

ଲାଗିଲ ବାନ୍ଧିବ । ତାକୁ ଅମର ଜୀବନ ନୌକାରେ ଏମିତ ଭାବରେ ବାନ୍ଧ ହୋଇଥିବ ଯେ, ଅନ୍ୟମନସ୍କ ହେଲେ ବି ସେ ସେହି ନାଆରେହିଁ ଲାଗି ରହିଥିବ ।" ଚନ୍ଦ୍ରମୋହନ ଯୁକ୍ତି କରିଥିଲା ।

ସୀତା ଚନ୍ଦ୍ରମୋହନର ଯୁକ୍ତି ଶୁଣି ଖୋଲା ହସଟିଏ ହସିଲା । ସେ ହସରୁ ଝରୁଥିଲା ଅମରତ୍ୱ ଜୀବନର କଲ୍ଲୋଳ । ଦୁଷ୍ଟାମି କରି ଚନ୍ଦ୍ରମୋହନ ତାକୁ ଟିକିଏ ହସି ଦେଲା । ତା'ର ଭାବ-ଭଙ୍ଗୀରେ ମିଶିଥିଲା ଅନନ୍ତ କାମନାର ଚପଳତା । ଚନ୍ଦ୍ରମୋହନ ସୀତାର ଡାହାଣ ହାତର ମଣିବନ୍ଧକୁ ମୁଠାଇ ଧରିଲା ।

ଉଭୟେ ଉଭୟଙ୍କୁ ଅର୍ଥପୂର୍ଣ୍ଣ ଚାହାଣୀରେ ଚାହିଁଲେ ।

"ତୁମେ ବଡ଼ ଦୁଷ୍ଟ ! ହାତ ଛାଡ଼, କହୁଚି ।" ସୀତା ଅଭିଯୋଗ କଲା ।

"ଏ ହାତ ଛାଡ଼ିବାକୁ ନୁହେଁ, ସବୁଦିନ ପାଇଁ ପାଖରେ ରଖିବାକୁ ତ ଧରିଛି ।" ଚନ୍ଦ୍ରମୋହନ କହିଲା ।

ଆଜି ଅନେକ ଦିନ ପରେ ସୀତା ଜାଣିଶୁଣି ତା'ର ହାତଟିକୁ ନିଜେ ନିଜେ ଛଡ଼ାଇନେଲା । ସୀତା ହଠାତ୍ ଆସ୍ଥା ରଖି ପ୍ରତାରିତ ହୋଇଛି ସେ ନିଜେ । ଗୋଟିଏ ତୁଚ୍ଛ ଅଭିନେତ୍ରୀ ଭଳି କେବଳ କେଇ ମୁହୂର୍ତ୍ତ ପାଇଁ ସେ ପ୍ରଣୟ ରଙ୍ଗମଞ୍ଚରେ ପ୍ରେମିକା ହୋଇଥିଲା, ରୂପ ଆଉ ଯୌବନର ପସରା ମେଲି ତାକୁ ଭୁଲାଇ ରଖିବାକୁ କିଛିକ୍ଷଣ ପାଇଁ । ନିଜ ସ୍ୱାର୍ଥ ଉପରେ ଜଳାଞ୍ଜଳି ଦେଇ ସେ ଯେତେବେଳେ ଏହି ଛଳନାମୟୀ ରୂପସୀର ନିକଟବର୍ତ୍ତୀ ହେଲା, ପକ୍ଷୀର ପର ଲଗାଇ ମୁଣ୍ଡ ଉପରେ ଉଡ଼ିଯାଇ କାଟି ସୀତା ଉଡ଼ିଗଲା ।

Digitized by PPRACHIN, SOA

ସେ ଏଇନେ ପଥକ୍ଳାନ୍ତ ହୋଇ ଆଉ ଗୋଟିଏ ଗଛର ଡାଳ ଉପରେ ବସି ବସି କ୍ଳାନ୍ତ ମାରି ନେଉଥିବ ।

କିନ୍ତୁ ସେ କେଉଁ ମୁହଁରେ ଫେରିବ ଆପଣା ଲୋକ ପାଖକୁ ? ଚନ୍ଦ୍ରମୋହନ ପତିତପାବନଙ୍କୁ ଆଉଥରେ ଭୂମିଷ୍ଠ ହୋଇ ଜଣାଇଲା, "ତୁମେ ଏମିତି ନିଷ୍ଠୁର ହେଲ କାହିଁକି ଦେବତା ? ସ୍ରଷ୍ଟା ହୋଇ ସୃଷ୍ଟିର ଦୁଃଖ ବୁଝିଲ ନାହିଁ ? ମଣିଷକୁ ଅନ୍ତର ଦେଇଥିଲ କାହିଁ କନ୍ଦାଇବାକୁ ? ତା'ଠୁ ବରଂ ନିର୍ଜୀବ ପଥର କରିଥିଲେ ଉତ୍ତମ ହୋଇଥାନ୍ତା । ସବୁ ଜାଣିଶୁଣି ତୁମରି ଭଳି ନୀରବ, ନିଶ୍ଚେଷ୍ଟ ହୋଇଥାନ୍ତି ।"

ଚନ୍ଦ୍ରମୋହନର ମନ ଭିତରେ ଅଶାନ୍ତ ଝଡ଼ ବୋହୁଥିଲା । ଦୁନିଆର କୌଣସି ପରିଚିତ ଶକ୍ତି ସେ ଝଡ଼କୁ ଶାନ୍ତ କରିପାରିଲେନି । ଅନ୍ତରାତ୍ମା ତା'ର ଆର୍ତ୍ତନାଦ କରୁଥିଲା । ସେ ସଜଳ ନୟନରେ ପୁଣି ଥରେ ପ୍ରଣତି ଜଣାଇ କହିଲା, "ହେ ମଙ୍ଗଳ ଦେବତା ! ପରମାତ୍ମା ହୋଇ ଯଦି ଆତ୍ମାର ଦରଦ ବୁଝିଲ ନାହିଁ, ତୁମରି ସୃଷ୍ଟିରେ ବଞ୍ଚିରହିବା ଚରମ ନିର୍ବୋଧତା ହେବ, ପ୍ରଭୁ ! ତୁମରି କ୍ଷେତ୍ରରେ ତୁମ ସାମନାରେ ସେହି ଜୀବନ୍ତା ପାପ ନିର୍ବାପିତ ହେଉ ।" ଚନ୍ଦ୍ରମୋହନ ପତିତପାବନଙ୍କର ବଡ଼ ବଡ଼ ଡୋଳା ଦୁଇଟିରେ ତା'ର ଶ୍ରେଷ୍ଠିଆ ଡୋଳା ଦୁଇଟିକୁ ଅତି କରୁଣ ଭାବରେ ମିଶାଇ କହିଲା, "ଏହା ହିଁ ଶେଷ ଦର୍ଶନ, ପ୍ରଭୁ ! ତୁମରି ଇଚ୍ଛା ପୂରଣ ହେଉ ।"

ରୂପଶ୍ରୀ ଅକସ୍ମାତ୍ ସେଠାରେ ଉପସ୍ଥିତ ହୋଇ ଚନ୍ଦ୍ରମୋହନକୁ ବିସ୍ମୟଚକିତ ନୟନରେ ଅନାଇଲା । ତା'ର କ୍ଳାନ୍ତ ମୁଖର

Digitized by PPRACHIN, SOA

ପରସ୍ତ ପରସ୍ତ ଦାଢ଼ି ରୂପଶ୍ରୀକୁ ପ୍ରଥମେ ସନ୍ଦେହରେ ପକାଇଥିଲା । ପାଖକୁ ଯାଇ ତନ୍ନ ତନ୍ନ କରି ପରୀକ୍ଷା କରି ଦେଖିଲା । ଏଇ ସେହି ଚନ୍ଦ୍ରମୋହନ ! ତା'ର ଅତି ଆପଣାର ଚନ୍ଦ୍ରମୋହନ !! ଦୁଇ ଦିନ ସକାଶେ ଅତିଥି ହୋଇଥିଲେ । ମନରେ ଚମକ ବୃଷ୍ଟି ଖେଳିଗଲା । ତା' ପରେ ଅନେକ ଦିନ ଧରି ଖୋଜୁଛି ଏହି ଦେବମୂର୍ତ୍ତିମ ଚନ୍ଦ୍ର-ମୋହନଙ୍କୁ । ପୁରୀର ପ୍ରତ୍ୟେକ ଗଳିକନ୍ଦିରେ ଅନୁସନ୍ଧାନ କରିଥିଲେହେଁ ଠିକଣା ପାଇନାହିଁ । ପରୀକ୍ଷାର ଭାଷା ନେଇ ସେ ଅପେକ୍ଷା କରିଛି କେବଳ । ତା'ର ସେହି ସୌମ୍ୟ ପ୍ରଶାନ୍ତ ମୁହଁକୁ ମନେ ପକାଇ ପୁଲକିତ ହୋଇଛି । ଆଜି ଅନେକ ଦିନ ପରେ ଏହି ଶୁଭ ମୁହୂର୍ତ୍ତରେ ତା'ର ଦର୍ଶନ ମିଳିଛି । ରୂପଶ୍ରୀ ଆନନ୍ଦାତିଶଯ୍ୟରେ ପତିତପାବନଙ୍କୁ ନମସ୍କାର କଲା । କାନରେ ତା'ର ଶୁଭୁଥିଲା, 'ଗୋଟିଏ ଅନୁରୋଧ କରିବି, ଶୁଣିବ, ରୂପଶ୍ରୀ ?'

'କହନ୍ତୁ ।'

'ତୁମେ ମୋର ମୋର ଭଉଣୀ ହେବ ? ମୁଁ ବିଶେଷ ଖୁସି ହୁଅନ୍ତି ।'

'ତୁମେ ମୋତେ ଭଉଣୀରୂପେ ଗ୍ରହଣ କରିପାରିବ ତ ? ଯେବେ ପାରିବ, ମୋର କିଛି ଆପତ୍ତି ନାହିଁ ।'

ତା'ପରେ ଅନେକ ଦୁଃଖ, ଅନେକ ଯାତନା । ସେ ଦୁଃଖର ତାଲିକା ନାହିଁ । ସେ ଯାତନାର ହିସାବ ନାହିଁ; ଅସୁମାର । ଅନେକ ଚେଷ୍ଟା ଅନେକ ମିନତି ପରେ ସ୍ୱାସ୍ଥ୍ୟ ବିଭାଗର ବୃଦ୍ଧ ଅଫିସରଙ୍କୁ ନିଜ ଶରୀରର ପରୀକ୍ଷା ଦେଇ ପ୍ରଭାବିତ କଲା । ତ୍ୟାଗ ଓ ନିର୍ଯ୍ୟାତନାର ପ୍ରତିବଦଳରେ ପାଇଛି ନର୍ସିଂ ଟ୍ରେନିଂରେ ସ୍ଥାନ ।

Digitized by PPRACHIN, SOA

ଅବସରବେଳେ ଘରେଇ ଧନ୍ଦା ବୁଝୁଛି । ଚନ୍ଦ୍ରମୋହନର ଭଉଣୀ ହେବା ସକାଶେ ତାଲିମ ନେଉଛି । ସେ ଆଜି ଅନେକ ଦିନ ପରେ ଚନ୍ଦ୍ରମୋହନକୁ ଚମତ୍କୃତ କରିଦେବ ।

ରୂପଶ୍ରୀ ମୋହନ ଆଖିର ଲୁହ ଦେଖିଲା । ଅତୀତକୁ ମନେ ପକାଇ ସେହି ମୂହୂର୍ତ୍ତରେ ବୁଝିନେଲା, ଚନ୍ଦ୍ରମୋହନର ହୃଦୟର କେଉଁ ତନ୍ତ୍ରୀରେ ଆଘାତ ବାଜୁଛି । ରୂପଶ୍ରୀ ମୋହନ ଆଖିର ଅଶ୍ରୁକୁ ସହ୍ୟ କରିପାରୁ ନ ଥିଲା ।

ବାଲିସାହି ପଟୁ ବାଲି ଓ ପଥର ବୋଝାଇ ଟ୍ରକଟିଏ ଅତି ଜୋର୍‌ରେ ମାଡ଼ିଆସୁଛି । ଚନ୍ଦ୍ରମୋହନ ସଂସାରର ସମସ୍ତ ବନ୍ଧନ ତୁଟାଇଦେଇ ଆଖି ବୁଜି ଧାଇଁଲା ଟ୍ରକ ସାମନାକୁ ।

ରୂପଶ୍ରୀ ଉଚ୍ଛନ୍ନ ହୋଇ ଅନୁଗମନ କଲା ଅତି ଦ୍ରୁତ ଗତିରେ ।

"ଆରେ, ଲୋକଟି ଚାପିହୋଇଗଲା ନା କ'ଣ ?" ଲୋକେ ପାଟିକରି ବେଢ଼ିଗଲେ ।

"ସଂସାର ମୋର ଉଚ୍ଛନ୍ନ ହୋଇଗଲା ! ଜୀବନ ମୋର ନାରଖାର ହୋଇଗଲା—" ଡ୍ରାଇଭର ଭୟରେ, ଦୁଃଖରେ କାନ୍ଦିବାକୁ ଲାଗିଲା ।

ସୀତା ଚନ୍ଦ୍ରମୋହନକୁ ନିଜର ବାହୁବଳୟରେ ଆବଦ୍ଧ କରିଥାଏ ।

ଟ୍ରକ ଡ୍ରାଇଭର ଆଶ୍ଚର୍ଯ୍ୟ ହେଲା । ଜଡ଼ ଦେହକୁ ତା'ର ଜୀବନ ଫେରିଆସୁଥିଲା । କହିଲା, "ତୁମର ମଙ୍ଗଳ ହେଉ, ମାଆ ! ମୋର ପିଲାଛୁଆଙ୍କୁ ବଞ୍ଚାଇଦେଲ । ଜଣକର ପାଗଳାମି ଯୋଗୁ ଗୋଟିଏ

Digitized by PPRACHIN, SOA

ସଂସାର ଉଚ୍ଛନ୍ନ ହୋଇଯାଇଥାନ୍ତା । ପିଲାମାନେ ଆସି ବଡ଼-ଦାଣ୍ଡରେ ବସିଥାନ୍ତେ । ପତିତପାବନ ତୁମକୁ ସୁଖୀ କରନ୍ତୁ ।”

“ପାଗଳଟାଏ ! ଏଡେ ସୁନ୍ଦର ସ୍ତ୍ରୀକୁ ଛାଡ଼ ମୋଟର ଚକ ତଳକୁ ଆସୁଛି !” କଏ ଜଣେ ମନ୍ତବ୍ୟ ଦେଲା ।

ରୂପଶ୍ରୀ ଶଙ୍କ୍ସା ତାଙ୍କ ଅଚେତପ୍ରାୟ ଚନ୍ଦ୍ରମୋହନଙ୍କୁ ନିଜ ବସାକୁ ନେଇଗଲା ।

ଅନେକ ସମୟ ପରେ ଚନ୍ଦ୍ରମୋହନର ଚେତା ହେଲା । ଅନୁଭବ କଲା, କପାଳ ଉପରେ କାହାର କଅଁଳଆ ଟିପ ବାଜୁଛି । କଏ ଜଣେ ତା'ର ପାଖରେ ବସି ଯତ୍ନ ନେଉଛି । ଚନ୍ଦ୍ରମୋହନ ପୂର୍ବକଥା ମନେ ପକାଇବାକୁ ଯଥେଷ୍ଟ ଚେଷ୍ଟା କଲା । ଡମ୍ବରୁଧର— ଅରୁଣସ୍ତମ୍ଭ—ପତିତପାବନ—ଟ୍ରକ ! ତା' ପରେ ତ ମୃତ୍ୟୁ ସଂକଳ୍ପ ! କିନ୍ତୁ ସେ ମରିନାହିଁ । ଚଳନ୍ତା ଗାଡ଼ିର ଚକତଳକୁ ଯାଇଁ ମଧ୍ୟ ମରିପାରିଲା ନାହିଁ । ତାହାହେଲେ ଏହି ନିଶ୍ଚିତ ମରଣପଥକୁ ଅବରୋଧ କଲା କଏସେ ? ମରିଯାଇଥିଲେ ଏବକୁ ଗୋଟିଏ ବେଳ ଶେଷ ହୋଇଆସୁଥାନ୍ତା । ଗୋଟି ପାହାନ୍ତା ଦିନଟିଏ । ତା'ପରେ ସେ ଦୁନିଆ ଦୁଆରୁ ନିଶ୍ଚିହ୍ନ ହୋଇଯାଇଥାନ୍ତା । କେହି ତାକୁ ମନେ ପକାଇବାକୁ ଇଚ୍ଛା କରନ୍ତେ ନାହିଁ । ମଲା ଲୋକର ନା ପକାଇବା ପାପ । କଏ ଜାଣିଶୁଣି ପାପ କରିବ ? ଚନ୍ଦ୍ରମୋହନ ଧୀରେ ଧୀରେ ଆଖି ଖୋଲି ଚାହିଁଲା । ଖୋଲା ଘର ଭିତରେ ଛୋଟା ପଲଙ୍କଟିଏ । ପବନରେ ଭାସି ବୁଲୁଛି ପବିତ୍ର ଧୂପ-ଶିଖାର ସୁଗନ୍ଧ । ମୁଣ୍ଡ ପାଖରେ ବସି ସେବା କରୁଛି ନବଯୌବନା ନାରୀଟିଏ । ଚମତ୍କାରର ପବିତ୍ରତା ନେଇ ମୁଖମଣ୍ଡଳ ତା'ର ଝଲସି-

Digitized by PPRACHIN, SOA

ଉଦ୍ଭ୍ରି । ଆଖି ଦୁଇଟିରେ ବାତ୍ସଲ୍ୟ ମମତାର ଫଲ୍‌ଗୁ । ଚନ୍ଦ୍ରମୋହନ ଚନ୍ଦ୍ରସ୍ୱାଭ୍ରଳ ହୋଇ ବାରମ୍ବାର ଏହି ସରଳ ସୁନ୍ଦର ତରୁଣୀଟିକୁ ଚାହିଁଲା । ଏ ମୁହଁ, ଏ ଆଖି ତା'ର ପରିଚିତ ପରି ମନେ ହେଉଥିଲା । ତରୁଣୀଟିକୁ ଅଜ୍ଞାତ ଜୀବନରେ ଦେଖିଥିଲା ବୋଲି ବିଶ୍ୱାସ ହେଲା ତା'ର । କିନ୍ତୁ କେଉଁଠି ? କିଏ ଏହି ରହସ୍ୟମୟୀ ନାରୀ ?

ଅନେକ ସମୟ ପରେ ତା'ର ମନେ ପଡ଼ିଲା ପୁରୀର ସେହି କୁଖ୍ୟାତ ଗଳିର ନଷ୍ଟ ରୂପସୀ କଥା । ଥରେ ବେହୋସ୍ ହୋଇ ପଡ଼ିଥିଲାବେଳେ ରିକ୍ସାବାଲା ଦୟାପରବଶ ହୋଇ ଯେତେବେଳେ ରୂପସୀ ଦୁଆରେ ଛାଡ଼ିଦେଇ ଗଲା, ସେଦିନ କାଚ ଗ୍ଲାସରେ ଅଧିକ ମଦ ଢାଳି ତାକୁ ସମ୍ପୂର୍ଣ୍ଣ ବେହୋସ କରିଥିଲା ରୂପସୀ । ମଦ ଖାଇ ମାତାଲ ଥିଲାବେଳେ ତାକୁ ଅଦ୍ଭୁତ ମାତାଲ କରିଥିଲା ରୂପସୀର ଉଲଗ୍ନ କଟାକ୍ଷ ଓ ଉନ୍ମୁକ୍ତ ଯୌବନ । ଆଖିରେ କାମନାର ହଳାହଳ ଭରି ସେ ତା'ର ମାତାଲ ଦେହକୁ ନିମନ୍ତ୍ରଣ କରୁଥିଲା । ଯୌବନ ତା'ର ବାଉଳା ଖାଉଥିଲା ।

କିନ୍ତୁ ଆଜିର ଏହି ସେବାଭାବମୟୀ ତପସ୍ୱିନୀଟି କିଏ ? କେଉଁ ସ୍ୱାର୍ଥ ନେଇ ଗୋଟିଏ ବାଟବୁଲା ଯାତ୍ରୀକୁ ବାହାରୁ ଆଣି ଘରଭିତରେ ରଖି ସେବା କରୁଛି ? ଏ ସେହି ସୁଶ୍ରୀ ରୂପସୀର ବହୁରୂପୀ ସାଜ ନୁହେଁ ତ ?

ଚନ୍ଦ୍ରମୋହନର ମନ ଭିତରେ ଦ୍ୱନ୍ଦ୍ୱର ଉଜାଣି । ଏଇଥିପାଇଁ କ'ଣ ସେ ବଞ୍ଚିଲା ? ଗୋଟିଏ କୁଖ୍ୟାତ ତରୁଣୀର ଶିକାର ହେବାକୁ କ'ଣ ଯୋଗ ଥିଲା ଶେଷକୁ ?

ଚନ୍ଦ୍ରମୋହନର ନିର୍ଲିପ୍ତ ନୟନକୁ ଅପଲକ ନେତ୍ରରେ ଅନାଇଥାଏ ରୂପସୀ । ଆଖିରେ ତା'ର ଆନନ୍ଦର ବନ୍ୟା । ଶଙ୍କର

Digitized by PPRACHIN, SOA

ଗୋଟାକରେ ପୁଲକ ଦେଖୁଛି । ମୋହନ ଏବେ ଆଖି ଖୋଲୁଛି । ତାକୁ ରହି ରହି ଚାହୁଁଛି । ଚନ୍ଦ୍ରିଘାରକେ ହୁଏ ତ ଅଳ୍ପ ଟିକକ ପରେ ଡାକିବ ......

"କିଏ ତୁମେ ?" ଚନ୍ଦ୍ରମୋହନ ପଚାରିଲା । "କାହିଁକି ମୋତେ ବଞ୍ଚାଇଲ ? ଗୋଟିଏ ମରଣମୁଖୀ ଜୀବନକୁ ବଞ୍ଚାଇବାକୁ ଚେଷ୍ଟା କରିବାର ଉଦ୍ଦେଶ୍ୟ କ'ଣ ? ତୁମର ବା ଏଥିରେ କି ସ୍ୱାର୍ଥ ଅଛି, କହିଲ ? ଗୋଟିଏ କ୍ଷତବିକ୍ଷତ ହୃଦୟ ନେଇ ମୁଁ ଯେତେବେଳେ ମୃତ୍ୟୁର ଆଶ୍ରୟ ମାଗୁଥିଲି, ସେଇଠୁ ବାରଣ କରି ଆଣିବାରେ ତୁମର ଉଦ୍ଦେଶ୍ୟ କ'ଣ, କହିଲ ?"

"ମୋର କିଛି ଉଦ୍ଦେଶ୍ୟ ନ ଥିଲେ ମଧ୍ୟ ଭଗବାନଙ୍କର ମହାନ ଉଦ୍ଦେଶ୍ୟ ରହିଛି, ମୋହନବାବୁ ! ତୁମେ ଏତେ ଶୀଘ୍ର ମରିଯାଅ ନା । ଏ ଦୁନିଆଁକୁ ଭୁଲ ବୁଝି ଗୋଟିଏ ଦୋଷଯୁକ୍ତ ନିଷ୍ପତ୍ତି ନେଇଥିଲ । ସମୟ ହିଁ ତୁମର ସେହି ମନର କ୍ଷତକୁ ଆରାମ କରାଇଦେବ । ସେତେବେଳେ ବୁଝିବ, ଯାହା ଭଲ ବୋଲି ଗ୍ରହଣ କରୁଥିଲ ସେ ଗୋଟିଏ ବିରାଟ ଭୁଲ; ସାମୟିକ ଉତ୍ତେଜନାର ଗୋଟିଏ ବିକୃତ ପ୍ରକାଶ । ସେଦିନ ଏହି ହତଭାଗିନୀ ସ୍ନେହଲତା ତୁମର ମନେ ପଡ଼ିବ ।"

"ସ୍ନେହଲତା ?" ରୂପସୀ ଚନ୍ଦ୍ରମୋହନକୁ ବିସ୍ମିତ କଲା ଗୋଟିଏ ଅପରିଚିତ ନାଁ କହି । ଚନ୍ଦ୍ରମୋହନ ସେହି ଅଜଣା ନାଁଟିକୁ ମନକୁ ମନ ଘୋଷିହେଲା । ତା'ପରେ ତା'ର ପୁରିଲା ମୁହଁକୁ ଘଡ଼ିଏକାଳ ଅନାଇ ପଚାରିଲା, "ସ୍ନେହଲତା ନାମର ଆବରଣ ତଳେ ତୁମେ ବନସ୍ତ ରୂପସୀ ନୁହଁ ତ, ତରୁଣୀ ?"

Digitized by PPRACHIN, SOA

“ବନଷ୍ଟ ରୂପଶ୍ରୀ ? ହଁ, ମୋହନବାବୁ, ସିଏ ମୋର ମୃତ ନାଆଁ । ଦିନେ ରୂପଶ୍ରୀ ଥିଲି । ରୂପର ବଣିଜ କରି କାଳ କଟାଉଥିଲି । ନିଶା ଖାଇ ମୋହିତ ହୋଇଥିଲି । ଦିନେ ମୋ ଦୁଆରକୁ ରୂପର ଅତିଥି ଭାବରେ ଛଦ୍ମବେଶ ଧରି ଆସିଥିଲେ ଦେବତା । ସେ କାନରେ ମୋର ମୁକ୍ତିର ମନ୍ତ୍ର କହିଗଲେ । ସେହିଦିନୁ ଏ ଘୃଣ୍ୟ ବ୍ୟବସାୟ ଛାଡ଼ିଦେଲି । କୃତ୍ରିମ ନାଁ ରୂପଶ୍ରୀକୁ ବିଦାୟ ଦେଇ ହେଲି ସ୍ନେହଲତା । ସ୍ନେହଲତା ମୋର ପିତୃଦତ୍ତ ନାଁ । ତାକୁ ହତ୍ୟା କରି କଞ୍ଚନ ପାଇଁ ମିଛ ରୂପଶ୍ରୀ ସାଜିଥିଲି । କିନ୍ତୁ ସେହିଦିନର ସେହି ଛଦ୍ମବେଶୀ ଦେବତା ରୂପଶ୍ରୀକୁ ହତ୍ୟା କରି ସ୍ନେହଲତାକୁ ସଂଜୀବିତ କରିବାର ଅମୂଲ୍ୟ ମନ୍ତ୍ର ଦେଇଗଲେ । ତୁମେ ଜାଣିଛ ସେ ଦେବତାଟି କିଏ ?”

“କିଏ ତୁମର ସେହି ଦେବତା ?” ଚନ୍ଦ୍ରମୋହନ ପଚାରିଲା ।

“ତୁମେ ତାଙ୍କୁ ଚିହ୍ନିଛ, ମୋହନବାବୁ ! ନିତିଦିନ ଦେଖୁଛ ।”

“ଦେବତାଙ୍କୁ ମର୍ତ୍ତ୍ୟର ହତଭାଗା ଦେଖିପାରେ କି, ସ୍ନେହ ! ସେଥିପାଇଁ ତପସ୍ୟା ଦରକାର । ମୋର ବା କି ତପସ୍ୟା, କି ପୁଣ୍ୟ ଅଛି ଯେ ତାଙ୍କୁ ଦେଖିପାରିବି, କହିଲ ? କେଉଁ ଜନ୍ମରେ କି ପାପ କରିଥିଲି କେଜାଣି, ଏ ଜନ୍ମରେ ଖାଲି ଦହଗଞ୍ଜ ହେବାହିଁ ସାର ହେଲା । ମର୍ତ୍ତ୍ୟପୁରର ହୀନ ହତଭାଗାଟିଏ ମୁଁ । ପ୍ରାଣଭରା ପ୍ରେମର ପିଆଲାକୁ ଯାହା ହାତରେ ଟେକିଦେଲି, ସେ ସେତିକି ନିଃସଙ୍କୋଚରେ ପିଇଦେଇ ମୋତେ ଭୁଲିଗଲା । ଜନ୍ମଦାତା ପିତା ମୋତେ ଭୁଲି ବୁଝି ପାଗଳ ହେଲେ । ଦୁନିଆ ମୋର ଏହି କରୁଣ ପରିଣତି ଦେଖି ତାଳି ମାରି ହସିଲା । ଏହିଭଳି ଯାହାର ଭାଗ୍ୟ, ତା ପକ୍ଷେ ଦେବତା ଦର୍ଶନ ବିଡ଼ମ୍ବନା ମାତ୍ର ।”

Digitized by PPRACHIN, SOA

"କିନ୍ତୁ ମୋହନବାବୁ, ସେ ଦେବତା ଯେ ସ୍ୱର୍ଗର ନୁହେଁ, ମର୍ତ୍ତ୍ୟ ମାଟିର ।"

"ମର୍ତ୍ତ୍ୟରେ କ'ଣ ଦେହଧାରୀ ଦେବତା ସମ୍ଭବ, ସ୍ନେହଲତା ?"

"କାହିଁକି ନୁହେ ? ଯାହାର ଆତ୍ମା ପବିତ୍ର, ଯାହାର ମନ ନିଷ୍କଳଙ୍କ, ଯିଏ ପଦଟିଏ କଥା କହି ଗୋଟିଏ କଳଙ୍କିତ ନର୍କଗାମୀ ଜୀବନକୁ ନିଶ୍ଚିତ ଧ୍ୱଂସମୁଖରୁ ରକ୍ଷା କରିପାରେ, ସିଏହିଁ ତ ଦେବତା । ସେ ସ୍ୱର୍ଗର ଜନ୍ମ ହେଉ କି ମର୍ତ୍ତ୍ୟର ମାନବ ହେଉ, ସମସ୍ତଙ୍କର ପୂଜନୀୟ ।"

"ଏତେଟୁକିଏ କଥା କହି ମନକୁ ମୋର ଚଞ୍ଚଳ କଲ, ସ୍ନେହ ! କିନ୍ତୁ ତୁମର କଳ୍ପିତ ଦେବତାକୁ ତ ଚିହ୍ନାଇଦେଲ ନାହିଁ ?" ଚନ୍ଦ୍ରମୋହନ ଦାବି କଲା ।

"ଚିହ୍ନାଇବି ଆଉ କାହାକୁ ? ସିଏ ତ ମୋର ଆଖି ସାମନାରେ । ଥରଟିଏ ଆସି ମୋର ନର୍କ ଯନ୍ତ୍ରଣା ଦେଖି ଉଦ୍ଧାରର ମାର୍ଗ ଦେଖାଇଦେଇ ଗଲେ । ସେହି ମାର୍ଗରେ ପରିଚାଳିତ ହୋଇ ବଞ୍ଚିବାର ଫେରିପାଇଲି । ନୂତନ ସୃଷ୍ଟିର ନୂତନ ସୂର୍ଯ୍ୟ ଦେଖିଲି । ନୟନମନ ସାର୍ଥକ ହେଲା । ଏତେଦିନକେ ସିଏ ଆଉ ଥରେ ଅକସ୍ମାତ୍ ପହୁଞ୍ଚିଲେ ମୋର ଦୀନ କୁଟୀରରେ । କୁଟୀର ମୋର ପବିତ୍ର ହେଲା । ଯାହାଙ୍କ ସ୍ୱର୍ଗୀୟ ସ୍ମୃତି ମନଭିତରେ ବାଉଳା ଖାଉଥିଲା, ତାଙ୍କର ଦର୍ଶନ ମିଳିଲା । ଜୀବନ ମୋର ସାର୍ଥକ ହେଲା । ସିଏ ତ ମୋର ପୂଜନୀୟ ! ସିଏ ତ ମର୍ତ୍ତ୍ୟମାଟିର ଦେବତା ।" ସ୍ନେହଲତା ଲୁହ ଛଳଛଳ ହୋଇ ଚନ୍ଦ୍ରମୋହନ ପାଦରୁ ଧୂଳି ନେବାକୁ ମୁଣ୍ଡ ନୁଆଁଇଲା ।

Digitized by PPRACHIN, SOA

"ଏ କ'ଣ କରୁଛ, ସ୍ନେହ ?" ଚନ୍ଦ୍ରମୋହନ ବିବ୍ରତ ହୋଇ ସ୍ନେହର ହାତ ଧରି ବାରଣ କଲା ପାଦ ଛୁଇଁବାକୁ । ସ୍ନେହର କଅଁଳ ସ୍ପର୍ଶରେ ଝମିଆ ଥିଲା । ଅଙ୍ଗେ ଅଙ୍ଗେ ପୁଲକର ତଡ଼ିତ୍‌ପ୍ରବାହ ଖେଳିଗଲା । ମାତ୍ର ଋଷି ଅପଲକ ନେତ୍ରରେ ସେ ସୁନ୍ଦର କାନ୍ତି-କୋମଳ ରୂପସୀକୁ ଅନାଇ ଅନାଇ ଆତ୍ମବିସ୍ମୃତ ହେଲା ଚନ୍ଦ୍ରମୋହନ । ତାକୁ ଅତ୍ୟନ୍ତ ଆନନ୍ଦ ହେଲା ରୂପସୀ ଜୀବନର ବିରାଟ ପରିବର୍ତ୍ତନ । ହଳାହଳ ବିଷ ଯେ ରସାୟନବିତ୍‌ର କୁଶଳୀ ହାତରେ ଅମୃତ ହୋଇପାରେ, ସ୍ନେହଲତା ତା'ର ପ୍ରକୃଷ୍ଟ ଉଦାହରଣ ।

ସ୍ନେହଲତା ହୃଦୟ ପୁଲକରେ ଥରଉଠୁଥିଲା । ମହାନନ୍ଦର ମନୋଚ୍ଛ୍ୱାସ ସିଏ । ଏହି ପବିତ୍ର ଆନନ୍ଦ ଅମର, ଅବିନାଶୀ ଆଉ ଚିରନ୍ତନ । ସୃଷ୍ଟିର ରହସ୍ୟାବୃତ ମାୟା ଭିତରେ ଇଏ ଗୋଟିଏ ମହାକର୍ଷଣ !

ମନମୋହନର ଆଖିଆଗରେ ଆଜି ସେ ସାମାନ୍ୟ ନାରୀ ନୁହେଁ; ସେ ଗୋଟିଏ ମହାମାନବୀ ଦେବୀ । ସ୍ନେହଲତା ଯେ ସତେ ରୂପସୀ ଥିଲା, ଏ କଥାକୁ ସମ୍ପୂର୍ଣ୍ଣରୂପେ ପାସୋରିଦେଲା ଚନ୍ଦ୍ରମୋହନ । ଅଜସ୍ର ଆବେଗ ନେଇ ସେ ସ୍ନେହଲତାର ଲହୁଣୀ-କୋମଳ ବାହୁ ଧରି ପଚାରିଲା, "ଗୋଟିଏ କଥା କହିବି, ଶୁଣିବ ?"

ସ୍ନେହଲତା ଅଧୀର ହୋଇ ଉତ୍ତର ଦେଲା, "ଗୋଟିଏ କାହିଁକି ? କୋଟିଏ କଥା କୁହ । ମୁଁ ତୁମର ସମସ୍ତ କଥାକୁ ମନ ପୂରାଇ ଶୁଣିବି । ଚାହିଁଲେ ତମ ଅକାତରେ ପ୍ରାଣ ଦେବି ।"

"ଆଉ ମନ ?"

"ପ୍ରାଣକୁ ଧରି ସିନା ସିଏ !"

Digitized by PPRACHIN, SOA

"ବେଶ, ତାହାହେଲେ ମୋତେ ବିବାହ କରିବ ? ତୁମର ହାତ ଧରି ମୁଁ ସୁଖୀ ହେବି ।"

"ବିବାହ !" ସ୍ନେହଲତା କରୁଣ ହୋଇଉଠିଥିଲା । କାତର ହୋଇ କହିଲା, "ଏ କି ପରୀକ୍ଷା, ଭଗବାନ ! କିନ୍ତୁ ମୁଁ ଯେ......"

"ତୁମେ ଯାହା, ମୁଁ ଜାଣିଛି, ସ୍ନେହ । ତଥାପି ପଙ୍କର ପଦ୍ମ କ'ଣ ଦେବତା ପୂଜାରେ ଲାଗେ ନା ? ବଣମାଳତୀର ଦେହରେ କ'ଣ ସୁଗନ୍ଧ ଥାଏ ନା ? ମଣିକୁ ବାଲିରେ ଘୋଡିଦେଲେ କ'ଣ ତା'ର ଦୀପ୍ତି କମିଯାଏ ? ଏହା ତୁମକୁ ମୋର ଗୋଟିଏ ଭିକ୍ଷା, ସ୍ନେହ ! ମୁଁ ତୁମର ସାହାଯ୍ୟ ଚାହେଁ । ତୁମର ସହାନୁଭୂତି ଚାହେଁ । ତୁମେ ତୁମର ପରିକଳ୍ପିତ ଦେବତାର ଭିକ୍ଷାକୁ ଅବହେଳା କରି-ପାରିବ ? ଯାହା ପାଇଁ ମନ ଓ ପ୍ରାଣ ଦେବାକୁ ପ୍ରସ୍ତୁତ ଅଛ, ତା'ର ଏହି କରୁଣ ନିବେଦନକୁ ଅସମ୍ମାନ ପ୍ରଦର୍ଶନ କରିବ ? ମାଟିର ମଣିଷ ମୁଁ । ସଂସାରର ଆକର୍ଷଣକୁ ଏଡ଼ାଇଦେଇ ପାରୁ ନା । ତୁମେ କ'ଣ ଚାହଁ, ନିର୍ଜନ ଜୀବନ ମୋର ହାହାକାର ଭିତରେ ଭସ୍ମୀଭୂତ ହେଉ ? ଅତୀତ କଥା ଛାଡ଼ିଦିଅ, ସ୍ନେହ ! ଭୁଲିଯାଅ ଯେ ତୁମେ ଦିନେ ରୂପବଜାରର ପଣ୍ୟ ଥିଲ; କୁତ୍ସିତ ସମାଜ ତୁମର ରକ୍ତମାଂସରେ ହୋରି ଖେଳୁଥିଲା । ଶୁଣିନିଅ, ରୂପାଜୀବା ରୂପଶ୍ରୀର ଚିରଦିନ ପାଇଁ ମୃତ୍ୟୁ ହୋଇଯାଇଛି । ଅନେକ ଦିନରୁ ତା'ର ଅସ୍ତିତ୍ୱ ଲୋପ ପାଇଯାଇଛି । ତୁମର ଅତୀତ ନାହିଁ । ତୁମେ ଖାଲି ବର୍ତ୍ତମାନ ଓ ଭବିଷ୍ୟତର । ତୁମେ କେବଳ ସ୍ନେହଲତା । ସୁଦୂର ଅତୀତ ତୁମର ଗୋଟିଏ ଜନ୍ମର ପୂର୍ବର କଥା । ଆଜି ତୁମେ ନୂତନ ଜନ୍ମ ନେଇଛ ନୂତନ ମନ, ନୂତନ ପ୍ରାଣ ନେଇ—ଆଜି ନୂତନ ଜଗତର ରଙ୍ଗୀନ ସ୍ୱପ୍ନ ଦେଖୁଛ । ଚନ୍ଦ୍ରମୋହନ ତୁମର ପ୍ରଣୟୀ

Digitized by PPRACHIN, SOA

ମାଗୁଛୁ । ଦେବତା ଏଥିରେ ସନ୍ତୁଷ୍ଟ ହେବ । ଭଗବାନ ଆଶୀର୍ବାଦ କରିବେ । ତୁମେ ସମ୍ମତ ହୁଅ, ସେନ୍ଦ୍ର ! ଆସ, ଦୁହେଁ ମିଶି ବର୍ତ୍ତମାନକୁ ସ୍ୱାଗତ କରିବା । ଜୀବନକୁ ପତିପତ୍ନୀ ଭାବରେ ଉପଭୋଗ କରିବା ।

"କିନ୍ତୁ ମୋର କଥା ତ ଶୁଣିଲ ନାହିଁ ?" ସେନ୍ଦ୍ରର କଣ୍ଠରେ କାତରତା ଥିଲା ।

"ତୁମ କଥା ଅନେକ ଆଗରୁ କହିଛ । ପୁରୁଣା କଥା ଶୁଣି ଲାଭ ନାହିଁ । ଆଜି ମରଣଦୁଆରୁ ମୋତେ ଫେରାଇଆଣି ତୁମେ ମୋର ଶରୀର ଓ ପ୍ରାଣର ଅଧିକାରିଣୀ ହୋଇଛ । କୁହ, ସେ ପ୍ରାଣକୁ ସୁଖୀ କରାଇପାରିବ ନାହିଁ ? ସୀତା ପରିତ୍ୟାଗ କରିଛି, ପିତା ପାଗଳ ହୋଇଛନ୍ତି । ତୁମର ସାହାଯ୍ୟ ନ ପାଇଲେ ପ୍ରାଣ ହରାଇ ଦେବାହିଁ ସାର ହେବ ।"

"କିନ୍ତୁ ମୋର ସନ୍ଦେହ ହୁଏ ......"

"ସମାଜ ଆମର ଏହି ବିବାହକୁ ସମର୍ଥନ କରିବ ନାହିଁ, ଏଇଆ ନା ? ବା'ର ବଦନାମ କରି ଅପମାନ ଦେବ ? କିନ୍ତୁ ମୁଁ ତାହାଙ୍କ ଖାତିର କରୁନାହିଁ । ସମାଜ ଭାଙ୍ଗିଜାଣେ, ସେନ୍ଦ୍ର, ଗଢ଼ିଜାଣେ ନାହିଁ । ଜାରଜ ସୀତାକୁ ସେହି ସର୍ତ୍ତରେ ଗ୍ରହଣ କରିବାକୁ ଇଚ୍ଛୁକ ଥିଲି । ସେ ସତ ନ କରି ପର ହାତ ଧରିଲା । ଆଜି ତୁମ ଆଗରେ ସେହି ସର୍ତ୍ତ ଥୋଇ ବିବାହ କରିବାକୁ ସମ୍ମତ ଅଛି । ଭଗବାନଙ୍କୁ ସାକ୍ଷୀ ......"

"ଭଗବାନ ନାରାଜ ହେବେ, ମୋହନବାବୁ ! ତୁମେ ଏତେ ବଡ଼ ଅନ୍ୟାୟ କରନା ।" ସେନ୍ଦ୍ରର ଅନ୍ତର ଭିତରେ କୋହ ଜମାଟ ବାନ୍ଧୁଥିଲା ।

Digitized by PPRACHIN, SOA

"ଭଗବାନ ନାରାଜ ହେବେ ? ତୁମକୁ ବିବାହ କଲେ ଅନ୍ୟାୟ ହେବ ? ଏ ସବୁ କଥାର ଉତ୍ଥାପନ କାହିଁକି କରୁଛ, ସ୍ନେହ ! ତୁମର ଉଦ୍ଦେଶ୍ୟ କ'ଣ ? ସମର୍ଥ ଯୁବକଯୁବତୀ ବିବାହବନ୍ଧନରେ ଆବଦ୍ଧ ହେବା କ'ଣ ପାପ ? ଚଞ୍ଚଳ ମନ ନେଇ ଉଚ୍ଛୃଙ୍ଖଳ ହେବା କ'ଣ ପୁଣ୍ୟ ? ଯଦି ତାହାହିଁ ସତ ହୁଏ, ମୁଁ ସେହି ପାପପୁଣ୍ୟକୁ ବିଶ୍ୱାସ କରେ ନା, ସ୍ନେହ ! ସୃଷ୍ଟି ଓ ସୃଜନର ବିକାଶ ପାଇଁ ତ ବିବାହ ? ଜାଣିଛ, ବିବାହ କେତେ ପବିତ୍ର ? ହିନ୍ଦୁ ତେତିଶ କୋଟି ଦେବତାଙ୍କୁ ସାକ୍ଷୀ ରଖି ବିବାହ କରେ । ସମସ୍ତ ଦେବାଦେବୀର ଆଶୀର୍ବାଦ ପାଇବାକୁ ଯଜ୍ଞ କରେ । ହୋମଶିଖା ପାଖରେ ବସି ଜଣକୁ ଜୀବନସଙ୍ଗିନୀ କରିବାର ଶପଥ ନିଏ । ମର୍ତ୍ତ୍ୟ ଓ ସ୍ୱର୍ଗ ଉଭୟେ ସାକ୍ଷୀ ରହନ୍ତି ସେ ବିବାହରେ । ଏହାକୁ ତୁମେ ଅନ୍ୟାୟ କହୁଛ ? ଏହାକୁ ତୁମେ ପାପ କହୁଛ ?" ଚନ୍ଦ୍ରମୋହନ ଅଡ଼ିବସିଲ ।

"କିନ୍ତୁ ମୋହନବାବୁ ! ଅତୀତ ତୁମର ମନେ ରହେ ନା, ଦେଖୁଛି । ତୁମେ ସବୁ କଥା ଭୁଲିଗଲଣି । ସେଦିନ ଶୁଭ ରାତିରେ ମୋତେ ଗୋଟିଏ ଅନୁରୋଧ କରିଥିଲ, ମନେ ଅଛି ?"

"ଅତୀତ ! ଅନୁରୋଧ !! ସେ ପୁଣି କ'ଣ, ସ୍ନେହ ?"

"ତୁମେ ମୋତେ ପଚାରିଥିଲ, ତୁମର ଭଉଣୀ ହୋଇପାରିବି କି ନାହିଁ । ମୁଁ ସେଥିପାଇଁ ତୁମକୁ ପ୍ରତିଶ୍ରୁତି ଦେଇଥିଲି । ମୁଁ ତୁମର ଭଉଣୀଟିଏ, ମୋହନବାବୁ ! ଭଉଣୀ ଭାବରେ ଗ୍ରହଣ କଲେ ସୁଖୀ ହେବି । ବଡ଼ ଭାଇ ଭାବରେ ତୁମର ପାଦତଳେ ପ୍ରଣତି ବାଢ଼ିବି । ଏ ଦୁନିଆରେ ମୋର ହୋଇ ବାପଟିଏ ଥିଲା । ସେ ଅଛି କି ନାହିଁ ଜାଣେ ନାହିଁ । ତୁମେ ମୋର ବଡ଼ ଭାଇ ହୋଇ ସେହି ବାପର ସ୍ଥାନ ଅଧିକାର କରିବ । ଜୀବନ ମୋର ସାର୍ଥକ ହେବ ।" ସ୍ନେହଲତାର କଣ୍ଠରେ ଥିଲା କ୍ରନ୍ଦନ ।

Digitized by PPRACHIN, SOA

ଚନ୍ଦ୍ରମୋହନ ହତବାକ୍ ହେଲା । ମାନସପଟ୍ଟରେ ଅତୀତର ସମସ୍ତ ଘଟଣା ନାଚିଗଲା । ଆଖିରୁ ତା'ର ଅନୁତାପର ଅଶ୍ରୁ ବହିବାକୁ ଲାଗିଲା ।

"ତୁମେ କାନ୍ଦୁଛ, ଭାଇ !" ସ୍ନେହ ପ୍ରଶ୍ନ କଲା ।

ଚନ୍ଦ୍ରମୋହନ ଦ୍ୱିଗୁଣ ସ୍ୱରରେ କାନ୍ଦୁଥିଲା ।

ସ୍ନେହ ଚନ୍ଦ୍ରମୋହନ ପାଖକୁ ଲାଗିଯାଇ ତାଙ୍କର ଟେରେଡ଼ା-କାନିରେ ଚନ୍ଦ୍ରମୋହନର ମୁହଁର ଲୁହକୁ ପୋଛିଦେଲା । କହିଲା, "ତୁମେ କାନ୍ଦନି, ଭାଇ ! ତୁମକୁ ମୋ ରାଣ ।"

"ତୁ ମୋତେ କ୍ଷମା କରିଦେ, ସ୍ନେହ ! ମନ ମୋର ଉନ୍ମାଦ ହୋଇଛି । ସମସ୍ତ ବୁଦ୍ଧିବିଦ୍ୟା ଲୋପ ପାଇଯାଇଛି । ନିଜକୁ ମୁଁ ଆୟତ୍ତରେ ରଖିପାରୁନାହିଁ ।"

"ଛି, ଭାଇ ! ସାନ ଭଉଣୀକୁ ବଡ଼ ଭାଇ କ'ଣ କ୍ଷମା ମାଗେ ?" ସ୍ନେହଲତା ଚନ୍ଦ୍ରମୋହନର ପାଦର ଧୂଳି ନେଇ ମୁଣ୍ଡଉପରେ ବୋଳିଦେଲା ।

"ଭଉଣୀ !" ଚନ୍ଦ୍ରମୋହନ ଚିତ୍କାର କରି ସ୍ନେହଲତାଙ୍କୁ ଆଲିଙ୍ଗନ କଲା ।

"ହଁ, ଭାଇ ! ସ୍ନେହଲତା ତୁମର ଭଉଣୀଟିଏ । ତୁମ ପିଠିରେ ତା'ର ଜନ୍ମ । ତୁମେ ଖାଲି ଭଉଣୀ ବୋଲି ଡାକ, ଭାଇ ! ସେହି ପବିତ୍ର ଡାକରେ ମନ ମୋର ଉଲ୍ଲସିତ ହୋଇଉଠୁ । ତୁମକୁ ବଡ଼ ଭାଇ ହିସାବରେ ଦେବତାର ଭକ୍ତି ଦେବି । ମନର ମମତା ଦେଇ ତୁମର ପ୍ରାଣକୁ ଜୟ କରିବି ।" ମୁଗ୍ଧା ସ୍ନେହଲତା ଅନୁଯୋଗ ବାଢ଼ୁଥିଲା ।

Digitized by PPRACHIN, SOA

ସ୍ନେହଲତାଙ୍କ ମସ୍ତକ ଅଙ୍କରେ ନେଇଁ ଗୃହୀ ଚନ୍ଦ୍ରମୋହନ ଅସ୍ପଷ୍ଟ ସ୍ୱରରେ କହିବାକୁ ଲାଗିଲେ, "ହଁ, ସ୍ନେହ, ତୁ ମୋର ଭଉଣୀଟିଏ।"

କଲେଜ ଘଣ୍ଟାରେ ଠିକ୍ ସେତିକିବେଳେ ବାଜିଲା ରାତି ଦୁଇଟାର ସଙ୍କେତ।

"ସ୍ନେହ, ତୁ କେମିତି କାନ୍ଦୁ, ଶୁଣେ ? ତୋ ପାଇଁ ଖୋଜି ଖୋଜି ଭଲ ଲକ୍ଷଣିଟିଏ ଯୋଗାଡ଼ କରିଦେବି, ଦେଖିବୁ। ସୁଖରେ ଘର-ସଂସାର ଆରମ୍ଭ କରିବୁ।" ଚନ୍ଦ୍ରମୋହନ ଆଶ୍ୱାସନା ଦେଉଥିଲେ।

"ଆଉ ଭାଇ! ଆଉ ମୋ ଅଲଣା କଥା କୁହ ନାହିଁ। ସଂସାରର ମାୟାବୀ ସୁଖ ଅନେକ ପାଇଛି। ମନ ବୀତସ୍ପୃହ ହୋଇଯାଇଛି। ଖାଲି ଅଭାବ ଥିଲା, ପାରିବାରିକ ମମତା ଟିକିଏ। ଆଜିଠାରୁ ତାହା ମଧ୍ୟ ମିଳିଗଲା। ତୁମେ ମୋର ବଡ଼ ଭାଇ। ମୋତେ ସ୍ନେହ ଦେବ, ଶିକ୍ଷା ଦେବ। ଅନ୍ୟାୟ କଲେ କାନ ମୋଡ଼ି ଶିଖାଇଦେବ। ଖାଲି ଆଶୀର୍ବାଦ ଦିଅ, ଭାଇ! ସେହି ଆଶୀର୍ବାଦକୁ ସମ୍ବଳ କରି ଜୀବନଟି ବିତାଇଦିଏଁ।"

"ଆଉ ବିବାହ ?"

"ସେ ଗୋଟିଏ ବନ୍ଧନ, ଭାଇ! ବୟସ ହେଲେ ମନ ଚଞ୍ଚଳ-ଉଠେ। ଗୋଟିଏ ଅଜଣା ସ୍ୱପ୍ନ ପଛରେ ଗୋଡ଼ାଇହୁଏ ମନ। ବାଧା ବନ୍ଧନ ମାନେ ନା ସେ। ତେଣୁ ତାକୁ ଆୟତ୍ତରେ ରଖିବାକୁ ଆବଶ୍ୟକ ହୁଏ ବୈବାହିକ ବନ୍ଧନଟିଏ। ସମାଜର ନୀତି ଫାଶ ! ବୟସ ଗଡ଼ିଗଲେ ସେ ସ୍ୱପ୍ନ ମରିଆସେ। ଆଉ ମୋର ସେ ବାଉଳା ବୟସ ତ ନାହିଁ। ସେ ବୟସର ସ୍ୱପ୍ନ ବି ଆଉ ନାହିଁ। ଶପଥ

Digitized by PPRACHIN, SOA

କରିଛି, ଏ ଜୀବନକୁ ପରର ସେବାରେ ନିୟୋଗ କରିବି । ଜୋଡ଼ି ଖସାଇ ସମାଜର ଅନେକ ଅମଙ୍ଗଳ କରିଛି । ସମାଜର ସେହି କ୍ଷତିକୁ ସୁଧସହ ପରିଶୋଧ କରିବି । ସେବାହିଁ ହେବ ମୋର ବର୍ତ୍ତମାନ ଆଉ ଭବିଷ୍ୟତର ବନ୍ଧନ; ସମାଜର ବିବାହ ବନ୍ଧନଠାରୁ ଅହୁରି ଶକ୍ତ, ଆହୁରି କଠିନ । ମୋ ଭଳି ହତଭାଗିନୀର ବିବାହ ବନ୍ଦୋବସ୍ତ କରିବ ନାହିଁ, ଭାଇ ! ସେ ଅଧିକାର ମଧ୍ୟ ମୋର ଆଉ ନାହିଁ । ସମାଜ ସେତକ ଛଡ଼ାଇନେଲା । କର୍ମ ସଙ୍ଗରେ ମୋର ବିବାହ ସରିଛି । ଆଉ କର୍ମହିଁ ମୋ ଜୀବନର ପ୍ରଧାନ ଅବଲମ୍ବନ ହେବ । କେହି ତାକୁ ହାତରୁ ଛଡ଼ାଇବାର ଭୟ ନ ଥିବ ।”

ରାଇରଙ୍ଗପୁରର ଅପରାହ୍ନ ।

ଖରାର ତେଜ ମଉଳି ଆସୁଥାଏ ।

ହରମୋହନ ଓ ଗତିକୃଷ୍ଣବାବୁ ଦୁ'ଟା ଚୌକିରେ ମୁହାଁମୁହିଁ ହୋଇ ବାରଣ୍ଡା ଉପରେ ବସିଥାଆନ୍ତି । ଏମିତି ସେମାନେ ବେଳେ-ବେଳେ ବସି ଅନେକ ଆଲୋଚନା କରନ୍ତି । ଆଲୋଚନାରେ ପଶିଲେ ବେଳକାଳ ଜଣା ପଡ଼େନି । ସୀତା ଆସି ସେମାନଙ୍କର ତନ୍ଦ୍ରା ଭାଙ୍ଗେ । ସେମାନେ ସୁନ୍ଦର ଅତୀତର ସୁନେଲି ଭାବନା ନେଇ ମୁହଁ ଟେକି ରହାନ୍ତି, ବେଳ ଅନେକ ଆଗେଇ ଯାଇଛି । ଅତୀତ ଏମିତି ଚାଲି-ଗଲା । ଧୂଳିଖେଳ, ସ୍କୁଲଘର, ବଣଭୋଜି ଓ ଖେଳତାମସାର ଅତୀତ ଅପେକ୍ଷା କଲା ନାହିଁ । ସେମାନେ ଏବେ ବୁଢ଼ା ହୋଇ-ଆସୁଛନ୍ତି । ବୟସର ଅତ୍ୟାଚାର ଭିତରେ ପଞ୍ଚ ଇନ୍ଦ୍ରିୟ ଶିଥିଳ

Digitized by PPRACHIN, SOA

ହୋଇ ଆସିଲେଣି । ତାଙ୍କର ପୁଅଝିଅ ଲଙ୍ଗଳା ହୋଇ ଧୂଳିରେ ଗଡ଼ୁଥିଲେ । ସେମାନେ ଅସି ଅନେକ ବଡ଼ ହେଲେଣି । ଆଉ କେତେଦିନ ପରେ ସେମାନେ ବି ବୁଢ଼ା ହେବେ । ଏଇ ତ କାଳର କରାମତି !

ଏବେ ଗତିକୃଷ୍ଣବାବୁଙ୍କୁ ଯଥେଷ୍ଟ ସମୟ ମିଳୁଛି । ମୋଟା ମହାଜନୀ କାରବାରରେ ଆଗେଇଗଲେଣି । ଆଉ ସେ ଆଗର ଅଭାବ ଅସୁବିଧା ନାହିଁ । ପେଟ ଗୁଣ୍ଡିକ ପାଇଁ ଭାବନା କରିବାକୁ ପଡ଼ୁନାହିଁ । ଆଗର ସେ ଜଞ୍ଜାଳ ମଧ୍ୟ ନାହିଁ । ଯେତିକି ଭାବନା, ଖାଲି ଏଇ ମା ନେଉଣ୍ଡ ସୀତା ପାଇଁ । ସୁଲତା ବଞ୍ଚିଥିଲେ କ'ଣ ଏତେଦିନଯାଏ ହାତକୁ ଦି'ହାତ ନ ହୋଇ ବସିଥାନ୍ତା ?

ଆଉ ହରମୋହନବାବୁ ? ରାଇରଙ୍ଗପୁରର କୁବେର ସିଏ । କଣ୍ଟ୍ରାକ୍ଟରୀରୁ ଯଥେଷ୍ଟ ଆମଦାନୀ ହୁଏ । ଅଦ୍ଭୁତର ଗୁଇ ବାଜନ୍ତି ଦେହରେ । କିନ୍ତୁ ଦିନେ ସେ ଦରିଦ୍ର ଥିଲେ । ଚଳାଚଳ ପାଇଁ ଦାନ୍ତ ନିକୁଟି ଘର ପିଣ୍ଡାରେ ଗୋଡ଼ ଭାଙ୍ଗି ଛୁଡ଼ା ହେଉଥିଲେ । ଜୀବନରେ ଅନେକ କଷ୍ଟ ପାଇଛନ୍ତି । ନିତାନ୍ତ ଗରିବ ଅବସ୍ଥାରୁ ଅସି ଧନୀ ହୋଇଛନ୍ତି । ତେଣୁ ଦୁଃଖୀର ଦୁଃଖ ବୁଝନ୍ତି । ଯଥା-ସମ୍ଭବ ସାହାଯ୍ୟ କରନ୍ତି । ଲୋକଙ୍କ ଆଖିରେ ସିଏ ଦେବତାଟିଏ । ଅତିଥିସେବା ପାଇଁ ସବୁବେଳେ ମୁକ୍ତହସ୍ତ । ଦାଣ୍ଡର ଭିକାରୀ ତାଙ୍କ ଦୁଆରୁ ଖାଲି ହାତରେ କେବେ ଫେରନ୍ତି ।

ମେଘାସନର ଝଡ଼ ପରେ ଗତିକୃଷ୍ଣବାବୁଙ୍କୁ ବିପର୍ଯ୍ୟସ୍ତ ଅବସ୍ଥାରେ ଆକସ୍ମିକ ଭାବରେ ଦେଖିଲେ ରାଇରଙ୍ଗପୁରର ସଡ଼କ ଉପରେ । ସଙ୍ଗରେ ଥିଲା ସୀତା । ତାଙ୍କର ଅବସ୍ଥା ଦେଖି ଚକିତ ହେଲେ ହରମୋହନବାବୁ । ବାଣପଦାର ଗୁଳକଗା କାର୍ଯ୍ୟକାଳ

ଭିତରେ ଗତିକୃଷ୍ଣବାବୁଙ୍କ ଆତିଥ୍ୟ ପାଇ ମୋହିତ ହୋଇଥିଲେ । ସେତେବେଳେ ବନ୍ଧୁଙ୍କୁ ଉପଯୁକ୍ତ ସମ୍ମାନ ଦେଖାଇବାର ପାରଦର୍ଶିତା ଥିଲା ଗତିକୃଷ୍ଣବାବୁଙ୍କର । ବାରମ୍ବାର ତାଙ୍କର ସୁନାମ ଗାଇବାକୁ ସହସ୍ରମୁଖ ହୋଇଉଠୁଥିଲା । ଗତିକୃଷ୍ଣବାବୁ ଗୃହିଥିଲେ ପଦବୀର ପ୍ରୟୋଗ କରି ଅନେକଙ୍କ ରୋଜଗାର କରି ପାରିଥାନ୍ତେ । ରାଜତ୍ୱକାଳରେ କେବଳ ରାଜାଙ୍କ ମନ ଯୋଗାଇ ଚଳିପାରିଲେ ହେଲା । ତେଣିକି ଚୁରିଖଣ୍ଡି ମାଫ୍ । କିନ୍ତୁ ଗତିକୃଷ୍ଣବାବୁଙ୍କୁ ଅର୍ଥର ମୋହ ଅନ୍ଧକରି ନ ଥିଲା । ଜୀବନଦର୍ଶନ ତାଙ୍କର ଧର୍ମର ସୁଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠିତ । ସେ କହୁଥିଲେ, ମଣିଷ ପରର ଉପକାର କରିବାକୁ ଜନ୍ମ ନିଏ । ଜୀବନକାଳ ମଧ୍ୟରେ ଯଦି ସେବକ ହୋଇ ନ ପାରିଲା, ତେବେ ଅପକାର କରି ପାପ ଅର୍ଜିବ କାହିଁକି ?

ରାଜ୍ୟ ଗଲା । ରାଜା ଗଲେ । ଗତିକୃଷ୍ଣବାବୁଙ୍କ ଗୁରୁତ୍ୱ କାର୍ଯ୍ୟକାଳ ସରିଗଲା । ଅବଶିଷ୍ଟ ଯାହା ଥିଲା, ମେଘାସନର ଝଡ଼ ମୁହଁରେ ଗଲା । ସେ ସନ୍ନ୍ୟାସୀ ବେଶରେ ବାଡ଼ିଲା ଝିଅକୁ ସଙ୍ଗରେ ନେଇ ପଳାତକ ହେଲେ । ହରମୋହନବାବୁଙ୍କ ସଙ୍ଗେ ଗତିକୃଷ୍ଣବାବୁଙ୍କର ଶୁଭ ସାକ୍ଷାତ ଠିକ୍ ଅତୀତ ସଙ୍ଗରେ ବର୍ତ୍ତମାନର ସାକ୍ଷାତ ସଦୃଶ । ଗତିକୃଷ୍ଣବାବୁଙ୍କର ମଉଳା ଜୀବନରେ ହସ ଫେରାଇଆଣିବାକୁ ହରମୋହନବାବୁଙ୍କୁ ଯଥେଷ୍ଟ ପରିଶ୍ରମ କରିବାକୁ ପଡ଼ିଲା ।

ଗତିକୃଷ୍ଣବାବୁ ଓ ହରମୋହନବାବୁଙ୍କୁ ଏକା ସାଙ୍ଗରେ ଯିବାଆସିବା କରୁଥିବାର ଦେଖିଲେ ଏବେ ଖଇରଙ୍ଗପୁର କହେ, ଗୋଟିଏ ପେଟର ଦୁଇଟି ଭାଇ । ରାମଲକ୍ଷ୍ମଣ ପରି ସମ୍ପର୍କ । କେହି

Digitized by PPRACHIN, SOA

କାହାର ମନରେ ଆଘାତ ଦେବାକୁ ଚେଷ୍ଟା କରନ୍ତି ନାହିଁ । ଜଣେ ଅକସ୍ମାତ ଭୁଲ କଲେ ଆର ଜଣକ ସହିନେଇ ସୁବିଧା ଦେଖି ଚେତାଇ ଦେଉଛି । ସୁଖର ସଂସାର ସେମାନଙ୍କର ଆଗେଇ ଚାଲିଛି ।

ହରମୋହନବାବୁଙ୍କ ସ୍ତ୍ରୀ ସରଳା ଦେବୀ ସୁନାର ପ୍ରତିମାଟିଏ । ସ୍ୱାମୀର କଥାରେ କେବେହେଲେ ଜବାବ ଦେଇନାହାନ୍ତି । ତ୍ରିଶି ବର୍ଷର ଘରସଂସାର ଭିତରେ ହରମୋହନବାବୁ ସଦାସର୍ବଦା ସ୍ତ୍ରୀଙ୍କ ପାଖରୁ ସହଯୋଗ ପାଇଆସିଛନ୍ତି । ତାଙ୍କ ସଂସାରରେ ତିକ୍ତ ପାଟି-ତୁଣ୍ଡ ହେବାର ପଡ଼ୋଶୀମାନଙ୍କ କାନରେ ବାଜିନାହିଁ । ଦୁଃଖବେଳେ ଯେମିତି ଥିଲେ, ସୁଖବେଳେ ମଧ୍ୟ ଠିକ୍ ସେଇଯା ହୋଇ ରହିଛନ୍ତି । ସୀତା ଏବେ ତାଙ୍କର ପାଖରୁ ଜନମକଲା ଝିଅର ଆଦର ପାଉଛି । ଦୁଇଟି ପରିବାର ଭିତରେ ସ୍ନେହର ବନ୍ଧନଟିଏ ଦିନକୁଦିନ ସୁଦୃଢ଼ ହୋଇ ଆସୁଛି ।

"ଜଗନ୍ନାଥ ଦେଉଳଆଡ଼େ ଟିକଏ ବୁଲିଯାଆନ୍ତେ କି ? ଦର୍ଶନ ସଙ୍ଗେ ସଙ୍ଗେ ସାନ୍ଧ୍ୟଭ୍ରମଣଟା ବି ଜମିଉଠନ୍ତା ।" ହର-ମୋହନବାବୁ ଅନୁରୋଧ କଲେ ।

"କାହିଁକି ହରମୋହନ ? ଏ ଖୋଲା ପବନ, ନେଳିଆ ଆକାଶ, ପଶୁପକ୍ଷୀର କଳସଙ୍ଗୀତ ତୋତେ କ'ଣ ଭଲ ଲାଗୁନି ?"

"ଭଗବାନଙ୍କ ସୃଷ୍ଟିରେ ସବୁ ଭଲ, ସବୁ ସୁନ୍ଦର ।"

"କେବଳ ଭଗବାନଙ୍କୁ ବାଦ ଦେଇ..."ଗତିକୃଷ୍ଣ ମନ୍ତବ୍ୟ ଦେଲେ ।

"ତୁ ଏମିତି କ'ଣ କହୁ, ଗତି ? ସୃଷ୍ଟି ସୁନ୍ଦର ହେଲେ, ସୃଷ୍ଟି-କର୍ତ୍ତା ତାହାକୁ ବଳି ସୁନ୍ଦର ହୁଏ," ହରମୋହନ ଯୁକ୍ତି କଲେ ।

Digitized by PPRACHIN, SOA

"ପଦ୍ମ ସୁନ୍ଦର ବୋଲି ପଙ୍କ କ'ଣ ତାହାଠୁ ବଳି ସୁନ୍ଦର ?"

"ତୁ ଭଗବାନଙ୍କ ନିକଟରେ ଅଭିମାନ କରୁଛୁ, ଦେଖୁଛୁ ।"

"ଅଭିମାନ ଆତ୍ମୀୟ ଆଗରେ ଶୋଭାପାଏ, ହରି ! ଅଦେଖା ଦେବତା ଆଗରେ ନୁହେଁ । ତା' ଛଡ଼ା ଭଗବାନ ତ ଆଉ ମର୍ତ୍ତ୍ୟର ଜୀବ ନୁହେ ! ସେ ରହେ ସ୍ୱର୍ଗରେ, ମର୍ତ୍ତ୍ୟମାନଙ୍କଠାରୁ ଅନେକ ଦୂରରେ । ସ୍ୱର୍ଗ ଓ ମର୍ତ୍ତ୍ୟର କସ୍ମିନ୍ କାଳେ ସମ୍ବନ୍ଧ ନାହିଁ, ହରମୋହନ ! ମର୍ତ୍ତ୍ୟମାନବର ଦୁଃଖ, ଦେବରାଜ୍ୟ ସ୍ୱର୍ଗରେ ଚହଲ ପକାଇ-ପାରେନା । ସେଠି ମହା ଆନନ୍ଦ, ମହାନ୍ ବିଳାସରେ ମତ୍ତ ରହି ଭଗବାନ ତା'ର ସୃଷ୍ଟିର କଥା ଭୁଲିଯାଇଛି । ଏଇ ମଣିଷ କଳ୍ପନା କରି ଗଢ଼ିଛି ବହୁ, କାଠ ଆଉ ପଥରର ଦେବତା ! ସ୍ୱର୍ଗର ଦେବତା କାଠ ପଥର ହେବାକୁ ରାଜିହାନ୍ତି ନି । ସୃଷ୍ଟି ପ୍ରତି ଅନୁରାଗ ଥିଲେ ସେ ସ୍ୱୟଂ ନିଜ ପରାକାଷ୍ଠା ଦେଖାଇବାକୁ ବିଶ୍ୱରୂପ ଧରି ପ୍ରବେଶ ହୁଅନ୍ତା । ସେ ମର୍ତ୍ତ୍ୟ ପ୍ରତି ଚିନ୍ତାକୁଳ ନ ହେବା ହେତୁ ସଂସାର ଇତସ୍ତତଃ ହେଉଛି । ଏଠି କାଠଗଡ଼ ଭିତରେ କଳ୍ପିତ ଦେବତାକୁ ଆବଦ୍ଧ କରି ଅନ୍ଧବିଶ୍ୱାସୀ ମଣିଷକୁ ଠକିବାର ବିରାଟ ଆୟୋଜନ ହେଉଛି । ତୁ ଯେବେ କାଠର ଜଗନ୍ନାଥ ଦେଖିବାକୁ ଯିବ ଏକାନ୍ତ ଲାଳାୟିତ, ତେବେ ମୁଁ ମନା କରିବି କାହିଁକି ? ତୁ ବରଂ ଦେଉଳକୁ ଯା; ମୁଁ ବସି ବସି ଏହି ଜୀବନ୍ତ ପ୍ରକୃତିର ଖେଳକୁ ଉପଭୋଗ କରୁ କରୁ ତୋତେ ଅପେକ୍ଷା କରିଥିବି," ଗତିକୃଷ୍ଣ ଉତ୍ତର ଦେଲେ ।

ଯେଉଁ ଗତିକୃଷ୍ଣ ଭୋକଶୋଷ ପାସୋରି ଘଣ୍ଟା ଘଣ୍ଟା ଧରି ଭଗବତ୍ ଉପାସନାରେ ମଗ୍ନ ରହୁଥିଲି, ସେ ଆଜ ଦେବଦର୍ଶନକୁ ପସନ୍ଦ କରୁନାହିଁ । ପୂଜା, ଉପାସନା ପ୍ରତି ତା'ର ଆଉ ଧ୍ୟାନ ନାହିଁ ।

Digitized by PPRACHIN, SOA

ମନ ତା'ର ଭଗବାନଙ୍କ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିଛି । ବିକ୍ଷତ ଆତ୍ମାର ବିକୃତ ଚିତ୍କାର ଇଏ । ହରମୋହନବାବୁ ଜଗତର ଏହି ରହସ୍ୟମୟ ପ୍ରହସନ ଦେଖି ମନେ ମନେ ହସିବାକୁ ଲାଗିଲେ ।

"ହସିଲୁ ଯେ ହରମୋହନ ! କଥା ମୋର ପସନ୍ଦକୁ ଆସିଲା ନାହିଁ ?"

"ନାହିଁ ରେ, ଗଣ୍ଡ ! ମୁଁ ହସୁଥିଲି ଏ ସୃଷ୍ଟିର ଅଦ୍ଭୁତ ବାଜିକରର ରହସ୍ୟାବୃତ ମାୟା ଦେଖି । ତୋ'ର ଭଳି ଲୋକ ମୁହଁରେ ଦେବତା ପ୍ରତି ଅବିଶ୍ୱାସ କଥା ଶୁଣିବି ବୋଲି ବିଶ୍ୱାସ ନ ଥିଲା । ଭଗବାନଙ୍କୁ ପ୍ରାର୍ଥନା କରୁଛି, ସେ ଦିନ ଶୀଘ୍ର ଆସୁ, ଯେଉଁ ଦିନ ତୁ ନିଜ ହାତରେ ବିଅଁ ପୂଜାର ସରଞ୍ଜାମ କିଣିବୁଲିବୁ ।"

ଗଣ୍ଡକୃଷ୍ଣବାବୁଙ୍କ ଓଠ ଉପରେ ମଳିନ ହସର ଝଲକ ଦେଖାଗଲା । ସେ ହସରେ ଥିଲା ଉପହାସର ସୁସ୍ପଷ୍ଟ ସ୍ୱାକ୍ଷର ।

"ଭଗବାନଙ୍କ ପାଖରେ କ'ଣ ମାଗୁ, ହରି ?" ଗଣ୍ଡକୃଷ୍ଣବାବୁ ପଚାରିଲେ ।

"ଭଗବାନଙ୍କୁ ତ ମୁଁ କେବେ କିଛି ମାଗେ ନାହିଁ । ଇଚ୍ଛା କଲେ ସେ ଦାନ କରନ୍ତି । ମାଗିବାର କ'ଣ ଅଛି ଏଥିରେ ? ଅଭାବ ପଡ଼ିଲେ ଆଡ଼ୁଟା ହୁଅନ୍ତି । ଏ ଜୀବନ କ'ଣ ତାଙ୍କର ଦାନ ନୁହେଁ ? ତାଙ୍କ ପାଖକୁ ଯାଇ ମୁଁ ଅନୁଭବ କରିବାକୁ ଚେଷ୍ଟା କରେଁ, ସେ କେଡ଼େ ବଡ଼, କେଡ଼େ ବିରାଟ ! ସ୍ରଷ୍ଟାର ନିକଟବର୍ତ୍ତୀ ହୋଇ ସୃଷ୍ଟି ପୁଲକିତ ହୁଏ । ଆତ୍ମା କହେ, ଏଇଠୁ ତା'ର ଜନ୍ମ । ପୁଣି ମୃତ୍ୟୁ ପରେ ଏଇଠିକି ଫେରିଆସିବ । ବଞ୍ଚିଥିଲାଯାଏ ଖାଲି ଦେବତା ପାଖକୁ ଆସି ତାକୁ ମନେ ପକାଇଦେବା କଥା, 'ଏଇ ମୁଁ ଆସିଲି,

Digitized by PPRACHIN, SOA

ତୁମକୁ ଖାଲି ମନେପକାଇଦେବାକୁ ଆସିଲି । ମୁଁ ଆଉର ଫେର-ନାହିଁ । ତୁମର ଆଶୀର୍ବାଦ ନେଇ ବଞ୍ଚିଛି । ମୋତେ ଭୁଲିଯିବ ନାହିଁ’ !!”

“ତଥାପି ମଣିଷକୁ ଦେବତା ଭୁଲିଯାଏ ରେ, ହରି ! ଦାବି କଲେ ବି ଦାନ କରେ ନାହିଁ । ସିଏ ଖାଲି ଦୂରରେ ରହି······”

“ଦୂରରେ ନୁହେଁ ରେ, ଗତି ! ପାଖରେ ଥାଇ ପରୀକ୍ଷା କରେ । ସେ ପରୀକ୍ଷା କରେ, ମନ ଆମର କେତେ ଦୃଢ଼ । ଜିଣିଲେ ସବୁକିଛି ଯାଚିକରି ଦେଇଯାଏ— ହାରିଗଲେ ହଇରାଣ କରେ ।”

“ପରୀକ୍ଷା କରେ ଦେବତା ?” ଗତିକୃଷ୍ଣ ଦୃଢ଼ କଣ୍ଠରେ ପ୍ରଶ୍ନ କଲେ ।

“ପରୀକ୍ଷା କରେ ଦେବତା, ଠିକ୍ ପ୍ରିୟ ଛାତ୍ରକୁ ଶିକ୍ଷକ ପରୀକ୍ଷା କଲାପରି, ଅଥବା ଅଳିଅଳି ପୁଅକୁ ବାପ ପରୀକ୍ଷା କଲାଭଳି । ନିଜ ସୃଷ୍ଟିର ଯୋଗ୍ୟତା ବୁଝିବାକୁ ସେ ବେଳେବେଳେ ଦୁଃଖ ଦିଏ···। ସ୍ରଷ୍ଟା କେବେ ତା’ର ସୃଷ୍ଟିକୁ ଛାଡ଼ି ରହିପାରେ ନାହିଁ ରେ, ଗତି ! ସେ ଗୋଡ଼େ ଗୋଡ଼େ ଜଗିଥାଏ, ଠିକ୍ ଅଳିଅଳି ପୁଅକୁ ବାପ ତା’ର ଜଗିଲା ଭଳି ।”

ଗତିକୃଷ୍ଣବାବୁଙ୍କର ନାସ୍ତିକ ମନ ସେ ଯୁକ୍ତି ଶୁଣି ନଇଁମି-ଆସୁଥିଲା ।

ଗତିକୃଷ୍ଣବାବୁଙ୍କର ନୀରବତା ଦେଖି ଉତ୍ସାହିତ ହୋଇ ଆଲୋଚନା କରୁଥିଲେ ହରମୋହନବାବୁ ।

Digitized by PPRACHIN, SOA

"ପରୀକ୍ଷାରେ ହାରିଗଲେ ହଇରାଣ କରେ ଦେବତା ! ହୋଇପାରେ, ମେଘାସନର ଝଡ଼ ସେ ଅଞ୍ଚଳର ଅଧିବାସୀମାନଙ୍କ ପ୍ରତି ଈଶ୍ୱରଙ୍କର ଗୋଟିଏ କଠିନ ପରୀକ୍ଷା । ସିଏ ଅସମ୍ଭାଳ ନ ହୋଇ ପଡ଼ିରହିଥିଲେ, ଏବେ ପୁନର୍ବାର କୋଠାଘର ବାନ୍ଧୁଥିବେ । ଆଜି ସିଏ ?" ଗତିକୃଷ୍ଣ ମନେମନେ ଚିନ୍ତା କରୁଥିଲେ ।

"ପେଟ ସିନା ବଞ୍ଚିଗଲା । ମାନ ଆଉରି ଫେରିନାହିଁ । ସୀତା ନିଜକାଶ୍ୟୁ ଝିଅ ବୋଲି ବନ୍ଧୁପାକ୍ଷ ବୋହୂ କରିବାକୁ ନାରାଜ ହେଲା । ପୂର୍ବର ପ୍ରତିଜ୍ଞା ଭୁଲିଗଲା । ପୂର୍ବର ପ୍ରତିଶ୍ରୁତି ଲଙ୍ଘିଗଲା । ଇଏ ବି କ'ଣ ପରୀକ୍ଷା ? ହୋଇଥିବ !"

ସୁନିଆ ଡାଣ୍ଡପଟୁ ଧାଇଁଆସି ଖବର ଦେଲା, "ଶୁଣୁଛ, ସାନ ବାବୁ ଫେରିଆସିଲେଣି ।" ସେ ଖୁବ୍ ଖୁସି ଥିଲା ।

"ଶୁଣିଲୁ ନା, ଦେଖିଲୁ ମ ? ଚିଠିପତ୍ର ଆଗରୁ ଆସିଥାନ୍ତା । ତେବେ ଯାଇ ମନୁ ଆସନ୍ତା । ଷ୍ଟେସନରୁ ମାଲମତା ନେଇ ସେ ପୁଣି ଆସିବ କେମିତି ? ରାଇରଙ୍ଗପୁରରେ ତ ରିକ୍ସା ମହରଗ । ତା ସଙ୍ଗକୁ ମୂଲିଆର ମିଜାଜ ମହାରଜା ସମାନ । ବିନା ଚିଠିପତ୍ରରେ କ'ଣ ସେ ଆସିବ ?" ହରମୋହନବାବୁ କହୁଥିଲେ ।

"ଚିଠି ଆଉ ଦେଇପାରିଲି ନି, ବାପା !" ମନମୋହନ ବେଗ୍ ଆଉ ସୁଟ୍‌କେସ୍ ତଳେ ରଖି ବାପା ଓ ମଉସାଙ୍କୁ ଦଣ୍ଡବତ ହେଉ-ହେଉ କହିଲା ।

"ଚନ୍ଦ୍ରମୋହନ କ'ଣ ଆସିଲା ନାହିଁ, ମନୁ ?" ଗତିକୃଷ୍ଣବାବୁ ପଚାରିଲେ ।

"ନା, ମଉସା ! ସେ ସୋନ୍‌ପୁରରେ ନାହାନ୍ତି !"

Digitized by PPRACHIN, SOA

"ତାହାହେଲେ ? କ'ଣ ହେଲା ଚନ୍ଦ୍ରମୋହନର ?" ଗତିକୃଷ୍ଣ ଆଉ ହରମୋହନବାବୁ ଏକସମୟରେ ପ୍ରଶ୍ନ କଲେ ।

"ଯାହା ନ ହେବାର କଥା ତାହାହିଁ ହୋଇଛି । ଚନ୍ଦ୍ରମୋହନ ଘର ଆଉ ଗାଁ ଛାଡ଼ି ଅନ୍ତର୍ଦ୍ଧାନ ହୋଇଯାଇଛି । ସେ ପଳାତକ ହୋଇଛି ।" ଚନ୍ଦ୍ରମୋହନର ପିତା ବିରୁପାକ୍ଷବାବୁ ଅତି କଷ୍ଟରେ ବାରନ୍ଦା ଉପରକୁ ଉଠି ଆସୁ ଆସୁ ଉତ୍ତର ଦେଉଥିଲେ । ଉତ୍ତର ଥିଲା ତାଙ୍କର ଅତି କରୁଣ ।

ମନମୋହନ ତଳକୁ ଯାଇ ତାଙ୍କ ହାତ ଧରି ବାରଣ୍ଡା ଉଠିବାରେ ସାହାଯ୍ୟ କଲା ।

"ସଙ୍ଗରେ ସିଏ ବିରୁପାକ୍ଷ ନୁହେ ତ, ମନମୋହନ ?" ଗତିକୃଷ୍ଣବାବୁ ବ୍ୟସ୍ତ ହୋଇ ପଚାରିଲେ ।

"ହଁ ରେ, ଗତି ! ମୁଁ ବିରୁପାକ୍ଷ, ହତଭାଗା ବିରୁପାକ୍ଷ !"

"ଚିଠି ଦେଇ ଉତ୍ତର ପାଇଲୁ ନାହିଁ ବୋଲି ମୋ' ଠାରୁ ଉତ୍ତର ନେବାକୁ ଆସିଛୁ ? ମୋର ଦୁରବସ୍ଥାର ସୁଯୋଗ ନେଇ ମୋତେ ବ୍ୟଙ୍ଗ କରିବାକୁ ଆସିଛୁ, ବିରୁପାକ୍ଷ ? ସହାନୁଭୂତି ତ କମ୍ ନୁହେଁ ଦେଖୁଛି । ବେଶ୍ ବିରୁପାକ୍ଷ, ବନ୍ଧୁତାର ପ୍ରତିଦାନ ଦେଇ ଯା । ଧନ ନାହିଁ ସିନା, ଦରିଦ୍ର ମନଟିଏ ପାଇଛି । ଆଖି ବୁଜି ତୋର ସମସ୍ତ ତିରସ୍କାରକୁ ସହିନେବି । ମୁଁ ସୀତାର ବାପ । ମା'ଆହରା ଝିଅର ବାପଟିଏ ମୁଁ । କିନ୍ତୁ ବିରୁପାକ୍ଷ, ତୁ ଯଦି ସୀତାର ବାପ ହୋଇଥାନ୍ତୁ ଆଉ ମୁଁ ହୋଇଥାନ୍ତି ଚନ୍ଦ୍ରମୋହନର ପିତା, ତାହା-ହେଲେ ମୋର ଜବାବ ହରାଇ ନଥାନ୍ତି । କାରଣ, ପ୍ରତିଶ୍ରୁତି ଲଙ୍ଘନ କରିବାର ଅଭ୍ୟାସ ମୋର ନାହିଁ ।" ଗତିକୃଷ୍ଣବାବୁ କଠୋର

Digitized by PPRACHIN, SOA

ହୋଇ ପୁଣି ଆରମ୍ଭ କଲେ, "ଧନଗର୍ବ ଅଢ଼େଇ ଦିନର, ବିରୂପାକ୍ଷ ! ମାନ ସବୁ ଦିନର । ଧନ ସରିଗଲେ ପୁଣି ଆସେ; କିନ୍ତୁ ମାନ ଫେରେ ନାହିଁ । କାଳ ଯାଏ, କଥା ରହେ । ମୁଁ ବି ଧନୀ ଥିଲି, କିନ୍ତୁ ଅବସ୍ଥା-ଚକ୍ରରେ ପଡ଼ି ଗରିବ ହୋଇଛି । ବାହୁବଳ ପୁଣି ମୋତେ ସକ୍ଷମ କରିଛି, ବିରୂପାକ୍ଷ ! ତୁ ଯୌତୁକର ତାଲିକା ପ୍ରସ୍ତୁତ କର । ଝିଅର ଦାୟିତ୍ୱ ପର୍ବତ ସମାନ, ବିରୂପାକ୍ଷ ! ଝିଅର ବାପକୁ ପଥର ହେବାକୁ ପଡ଼େ । ସୀତାର ବାପ ମୁଁ । ଯାହା କହିଲେ ସହିବି । ସେଇଥିପାଇଁ ତ ମୋର ଏ ଆତ୍ମନିବେଦନ ।" ଗଡ଼କୃଷ୍ଣବାବୁଙ୍କ ଆଖିରୁ ଲୁହ ଝରୁଥିଲା ।

"ମୋତେ କ୍ଷମା କର ରେ, ଗଡ଼ !" ଧନମୋହରେ ଅନ୍ଧ ହୋଇ ମାନ, ଜୀବନକୁ ତୁଚ୍ଛ ଜ୍ଞାନ କରିଛି । ବନ୍ଧୁ ପାଖରେ ଯେଉଁ ଅପରାଧ କଲି, ଜାଣେ, ତା'ର ପ୍ରାୟଶ୍ଚିତ୍ତ ନାହିଁ । ସନ୍ତପ୍ତ ଆତ୍ମା ମୋର ଉତ୍ତଳବିକଳ ହେଉଛି । ସୀତାଭଳି ସ୍ୱଚ୍ଛ ସୁବର୍ଣ୍ଣକୁ ପିତଳ ଜ୍ଞାନ କରି ଯଥେଷ୍ଟ ପାପ ଅର୍ଜିଲି । ପରୀକ୍ଷିତ ସୀତା ଆଜି ଝଟକୁଛି । କିନ୍ତୁ ମୋର ପ୍ରାଣ ମଳିନ ପଡ଼ିଆସିଲଣି । କେତେବେଳେ ମରିଯିବ ତା'ର ଠିକ୍‌ଠିକଣା ନାହିଁ । ପୁଅ ମନମୋହନ ଥିଲା ବୋଲି ଏଥର ବଞ୍ଚିଗଲି । ବଞ୍ଚିଲି ଆଉ କ'ଣ ? ପଳ ପଳ କରି ମରିବାକୁ ଖାଲି ବଞ୍ଚିଛି । ପୁଅ ଗାଁ ଛଡ଼ା ହୋଇ କେଉଁଠି ରହିଲା ଯେ ପତ୍ତା ପାଉ-ନାହିଁ । ସୀତାକୁ ବୋହୂକରିଥିଲେ ଘର ଆବୋରି ବସିଥାନ୍ତା । ପୁଅ-ବୋହୂର ସୁନ୍ଦର ସଂସାର ଦେଖି ଆନନ୍ଦରେ ମୁଁ ଚଳୁଥାନ୍ତି । ଧନ, ମାନ, ଜୀବନ ସବୁ ବିପନ୍ନ ହେଲା । ଏକାକୀ ଜୀବନର ସୁଯୋଗ ନେଇ ଲୋକେ ମୋତେ ପାଗଳ ବୋଲି ବ୍ୟଙ୍ଗ କଲେ । ଭାବିଲି, ମୁଁ ପାଗଳ ନୁହେ ତ ଆଉ କ'ଣ ? ବଡ଼ ଘର ଦେଖି, ଯୌତୁକ ମୋହରେ ପଡ଼ି ନିଶ୍ଚିତ ବିବାହକୁ ଯିଏ ପାଦରେ ଠେଲିଦିଏ, ସିଏ

Digitized by PPRACHIN, SOA

ପାଗଳ ନୁହେ ତ ଆଉ କ'ଣ ? ଦେବପ୍ରତିମ ତୋର ପ୍ରାଣ । କ୍ଷମା ଦେବୁ ନି, ଗତି ?"

"ଦେବତାର ପ୍ରାଣ କେବେ କାନ୍ଦେ ନାହିଁ ରେ, ବିରୁପାକ୍ଷ ! ସେ ଖାଲି ହସୁଥାଏ । ମୁଁ ଆଉ ଦେବପ୍ରାଣ ହେଲି କେମିତି ? ଧନ, ମନ ଆଉ ତା ସଙ୍ଗେ ସଙ୍ଗେ ମାନ ବି ସରିଗଲା । ଦାଣ୍ଡର ହତଭାଗୀ ଭିକାରୁଣିଟିଏ ମୁଁ । ସୀତା ମୋ ବେକର ବୋଝ । ମୁଁ ବର୍ତ୍ତମାନ ଦୟାର ପାତ୍ର, ବିରୁପାକ୍ଷ ! କରୁଣାଭିଳାଷୀ ମଣିଷଟିଏ । କ୍ଷମା ଚାହୁଁଛୁ ମୋ'ଠି ପାଖରୁ ? ବାରବୁଲା ଗତିକୃଷ୍ଣ ପାଖରୁ; ଯାହାର ଅତୀତ ନାହିଁ କି ଭବିଷ୍ୟତ ନାହିଁ, ତା'ଠିଗଚ୍ଛରେ ଗୁଡ଼ିଏ ଭଳି ବର୍ତ୍ତମାନକୁ ଆଶ୍ରା କରି ବହୁକଷ୍ଟରେ ବଞ୍ଚିଛି ? ତୁ ଭୁଲ କରୁଛୁ, ବିରୁପାକ୍ଷ ! ସମ୍ପୂର୍ଣ୍ଣ ଭୁଲ କରିବସୁଛୁ । ମୋ ପାଖରେ ଦୟା ନାହିଁ କି କ୍ଷମା ନାହିଁ । ମୁଁ ଯେ ଗୋଟିଏ ଦୟନୀୟ ଜୀବ ! କ୍ଷମଣୀୟ ମଣିଷ !! ବଡ଼ଲୋକ ତୁ । ମୋତେ ବ୍ୟଙ୍ଗ କରିବାକୁ ଆସିନୁ ତ ?" ଗତିକୃଷ୍ଣ ନିଷ୍ଠୁର ପ୍ରଶ୍ନ କଲେ ।

ବିରୁପାକ୍ଷ କାନ୍ଦୁଥିଲେ । ଶ୍ରାବଣର ବର୍ଷାଭଳି ଧାରଧାର ଲୁହ ବହୁଥିଲା । ସେ ପାହାଚ ତଳକୁ ଓହ୍ଲାଇ ଯାଉ ଯାଉ କହିଲେ, "ସତ କହୁଛୁ ରେ, ଗତି ! ଧନର ମୋହ ମନକୁ ପୋଡ଼ି କଳା ଅଙ୍ଗାର କରିଦିଏ । ଅଙ୍ଗାରଟିଏ ମୁଁ । ମମତା ପାଇବି ବୋଲି ତୋର ପାଖକୁ ଆସିଥିଲି । ତୋତେ ଅନେକ ଦୁଃଖ ଦେଇଛି । ଯୌତୁକର ମୋହରେ ପଡ଼ି ତୋର ସମାଜସଂସ୍କାରବାଦୀ ଜୀବନକୁ ଜାଳି ଜାଳି ଛାରଖାର କରିଛି । ମୋ' ଭଳି ଅଧମକୁ କ୍ଷମା ଦେବା ପାପ । ତୋର ଧନ ସରିଗଲେ ମଧ୍ୟ ମନ ଅଛି, ମାନ ଅଛି । କିନ୍ତୁ ମୋର କିଛି ନାହିଁ । ଈଶ୍ୱର କରନ୍ତୁ, ତୋର ଯଶ ପୂନେଇ ଜହ୍ନ ଭଳି ପୂର୍ଣ୍ଣତା ପ୍ରାପ୍ତ

Digitized by PPRACHIN, SOA

ହେଉ । ସୀତା ସଂସାର କରି ସୁଖୀ ହେଉ । ମୁଁ ଚାଲିଲି, ଗତିକୃଷ୍ଣ ! ମୋର ଏହି ହାସ୍ୟାସ୍ପଦ ପ୍ରତ୍ୟାବର୍ତ୍ତନକୁ ମନଦର୍ପଣରୁ ପୋଛି-ପକାଇବୁ । ମୋର ଜୀବନ ହାହାକାର ଭିତରେ ଦୁଏ ତ ଦିନେ ନିଶ୍ଚିହ୍ନ ହୋଇଯିବ । କିନ୍ତୁ ଦୁଃଖ ରହିଯିବ, ତୋ'ଠୁ କ୍ଷମା ପାଇ-ପାରିଲି ନାହିଁ । ମୋର ଅପକର୍ମ ଯେ କ୍ଷମାର ପରିସରରୁ ଅନେକ ଦୂରରେ, ତାହା ଆଜି ଅନୁଭବ କଲି । କିନ୍ତୁ ତଥାପି ଗତିକୃଷ୍ଣ ! ତୁ ମୋତେ ଅନେକ ସାହାଯ୍ୟ କରିଥିଲୁ । ତୋ'ରି ସକାଶେ ଗୃକସ୍ତ ଓ ଧନର ବଶିଷ୍ଟ ଆସନ ମିଳିଥିଲା । ଲୋଭ ମଣିଷକୁ ପଶୁ କରେ, ଗତିକୃଷ୍ଣ ! ଲୋଭୀ ମଣିଷ ବୁଦ୍ଧିବିବେକ ହରାଇବସେ । ତୋ'ରି ମୁଖରୁ କ୍ଷମାପଦ ହାସଲ କରିବା ଥିଲା ମୋର ଏହି ସନ୍ତପ୍ତ ଆତ୍ମାର ଅନ୍ତିମ ଇଚ୍ଛା । ଆଜିଠୁ ବିରୁପାକ୍ଷକୁ ଭୁଲିଯିବୁ !" ବିରୁପାକ୍ଷ ମନ-ସ୍ତାପରେ କାନ୍ଦି କାନ୍ଦି ଫେରିଯିବାକୁ ବସିଲେ ।

"ଏ କ'ଣ କହୁଛ ବିରୁପାକ୍ଷ ?" ଗତିକୃଷ୍ଣବାବୁଙ୍କ ପ୍ରଶ୍ନରେ ଥିଲା ଅନେକ ଆଶ୍ଚର୍ଯ୍ୟ ।

"ହଁ, ମଉସା ! ସେ ଚନ୍ଦ୍ରମୋହନ କଥା ଭାବି ଭାବି ପାଗଳ ହୋଇଯାଇଥିଲେ । ପ୍ରଳାପ କଲାବେଳେ ତୁମର ଆଉ ସୀତାର ନାଁ ବାରମ୍ବାର ଉଚ୍ଚାରଣ କରୁଥିଲେ । ଅତୀତର ଅପକର୍ମ ପାଇଁ ସେ ସନ୍ତାପିତ ଥିଲେ । ଚନ୍ଦ୍ରମୋହନ ଫେରୁ କି ନ ଫେରୁ, ତୁମଠାରୁ କ୍ଷମାଭିକ୍ଷା କରିବା ତାଙ୍କର ଆନ୍ତରିକ ଉଦ୍ଦେଶ୍ୟ ଥିଲା । ତାଙ୍କୁ ସୁସ୍ଥ ହେବାକୁ ବହୁତ ଦିନ ଲାଗିଲା । ଏକୁଟିଆ ଛାଡ଼ି ଆସିପାରିଲି ନାହିଁ । ତେଣୁ ଫେରିବାକୁ ବିଳମ୍ବ ହେଲା । ଭଲ ହେବା ପରେ ମୋ ସଙ୍ଗରେ ଆସିବାକୁ ଉତ୍କଣ୍ଠା ପ୍ରକାଶ କଲେ । ଏଠୁ ନିରାଶାରେ ଫେରିଗଲେ ସେ ପୁଣି ଥରେ ପାଗଳ ହୋଇଯିବେ । ତୁମର ବିଚାର

Digitized by PPRACHIN, SOA

ଉପରେ ସବୁ ନିର୍ଭର କରେ, ମଉସା !" ମନମୋହନ ଗଉକୃଷ୍ଣ ବାବୁଙ୍କୁ ଅନୁରୋଧ ଜଣାଇଲା ।

"ଗଉ ରେ ! ତୁ ଆଉ ପଥର ହ'ନା । ମୋର ଅନୁରୋଧ ରକ୍ଷାକର ତାଙ୍କୁ ଟିକିଏ ଡାକ ଦେ··· ।" ହରମୋହନ ମଧ୍ୟ ମିନତି ବାଢ଼ିବସିଲେ ।

ଗଉକୃଷ୍ଣବାବୁ ଭାବନାରେ ନିମଗ୍ନ ଥିଲେ । ସେ ଦ୍ୱନ୍ଦରେ ଝୁଲୁଥିଲେ ।

"ଆରେ, ମଉସା ଯେ ! କୁଆଡ଼େ ଆସି ପୁଣି କୁଆଡ଼େ ଚାଲି-ଯାଉଛ, ମଉସା ? ଏଇଠି ପର ମୁଁ ଆଉ ବାପା ଅଛୁଁ । ତମେ ଏମିତି ପର କରିଦେବ, ମଉସା ?" ସୀତା ଘରକୁ ଫେରି ଆସୁ ଆସୁ ରାସ୍ତା ମଝିରେ ବିରୂପାକ୍ଷବାବୁଙ୍କ ଗୋଡ଼ତଳେ ପଡ଼ିଲା । କଣ୍ଠରେ ତା'ର କ୍ରନ୍ଦନମିଶା ଅଭିମାନ ଥିଲା ।

ସୀତାକୁ ଛାତିଉପରକୁ ଉଡ଼ି ନେଇ ନେଇ ବିରୂପାକ୍ଷବାବୁ କଦର୍ଥନା ହୋଇ କାନ୍ଦିଉଠିଲେ । ରହି ରହି କହିଲେ, "ସୀତା ! ମାଆ ମୋର !! ମୁଁ କାହାକୁ ପର କରିବି ଲୋ, ବାପୁଣୀ ? ଭାଗ୍ୟ ମୋର ମୋତେ ସମସ୍ତଙ୍କଠାରୁ ପର କରିଦେଲା । ସମସ୍ତେ ଅଛନ୍ତି, କିନ୍ତୁ ମୁଁ ଆଜି ଥାଇ ବି ନାହିଁ । ସମସ୍ତଙ୍କର ପୁଅ, ଝିଅ, ବନ୍ଧୁ-ବାନ୍ଧବ ଅଛନ୍ତି । କିନ୍ତୁ ମୋର କେହି ନାହିଁ । ଏତେବଡ଼ ଦୁନିଆରେ ମୁଁ ଆଜି ଏକାକୀ । ପୁଅ ତା'ର ବୁଢ଼ା ବାପକୁ ଛାଡ଼ି ଅନ୍ତର୍ଦ୍ଧାନ ହୋଇଗଲା, ବନ୍ଧୁ କ୍ଷମା ଦେଲା ନାହିଁ, ପାଖପଡ଼ୋଶୀ ପାଗଳ ବୋଲି କହି ବ୍ୟଙ୍ଗ କଲେ । ତୋ ଭଳି ଲକ୍ଷ୍ମୀ ଝିଅକୁ ହରାଇ ବସିଲି । ଏସବୁ ମୋର ଦୋଷ ଲୋ, ଝିଅ ! କାହାରି ହେଲେ ଏଥିରେ ହାତ ନାହିଁ । ଭଗବାନ ନିତିଦିନର କର୍ମ ଦେଖି ଫଳ ଦିଅନ୍ତି । ତୁ ସୁଖରେ

Digitized by PPRACHIN, SOA

ଥାଆ, ସୀତା ! ସଂସାର କରି ସୌଭାଗ୍ୟବତୀ ହୁଅ । ପ୍ରାର୍ଥନାର ଯଦି କିଛି ଫଳ ଥାଏ, ତାହାହେଲେ ଭଗବାନଙ୍କୁ କହିବି ଖାଲି ତୋତେ ସୁଖୀ କରିବାକୁ । ମୁଁ ଯାଏଁ, ସୀତା ! ମୋତେ ବିଦାୟ ଦେ ।"

"ତାକୁ ଛାଡ଼ ନା, ସୀତା ! ସ୍ୱାମୀ ପାଖରେ ନ ଥିଲେ ବି ସେ ତୋର ଶ୍ୱଶୁର ହେବ । ଆସିଥିଲା କ୍ଷମା ମାଗିବାକୁ । ଅଭିମାନ କରି ଫେରିଯାଉଛି । ବନ୍ଧୁ ପାଖରେ ଅଭିମାନ କଲେ କି କ୍ଷମା ମିଳେ ? କ୍ଷମା ସକାଶେ ସେ ଦାବି କରିବା ଉଚିତ ଥିଲା । ପାଗଳର ମନ ଆହୁରି ବଦଳିନାହିଁ । ତାକୁ ଯିବାକୁ ଦେ ନା, ସୀତା !" ଗତିକୃଷ୍ଣ-ବାବୁ ଡାକ ପକାଇଲେ ।

ସୀତାର ଆଖିରୁ ଦୁଇ ବିନ୍ଦୁ ତାତିଲା ଲୁହ ଝରିପଡ଼ିଲା । ସେ ଲୁହ ତା' ମନର ମାନ, ଅଭିମାନ, ସନମାନର ସନ୍ତକ ।

ସୀତାର ହାତ ଧରି ବିରୁପାକ୍ଷବାବୁ ଆଉ ଥରେ ବାରଣ୍ଡା ଉପରକୁ ଉଠିଆସୁଥିଲେ ।

ଆକାଶ ପରିଷ୍କାର ଦେଖାଯାଉଥିଲା । ଖିଲଖିଲଆ ମୁକ୍ତ ପବନ ମେଘାସନଆଡ଼ୁ ଧାଇଁଆସୁଥିଲା ।

ପୁରୀ ସହରରେ ଚନ୍ଦ୍ରମୋହନ ସ୍ନେହଲତାର ବସାରେ ଆଶ୍ରୟ ନେଇଥାଏ ।

ସେଦିନ ଡାକ୍ତରଖାନା ଯିବାର ମାତ୍ର ଦୁଇ ଘଣ୍ଟା ପରେ ସ୍ନେହଲତା ଫେରିଆସୁଥିବାର ଦେଖି ଚନ୍ଦ୍ରମୋହନ ଚକିତ ହେଲା ।

Digitized by PPRACHIN, SOA

ମନ ଭିତରେ ଅନେକଗୁଡ଼ିଏ ଅକାରଣ ଭାବନା ଚକର କାଟୁଥିଲେ । କିନ୍ତୁ ପାଖକୁ ଆସିବାରୁ ସ୍ନେହର ହସିଲା ମୁହଁ ଦେଖି ଚନ୍ଦ୍ରମୋହନ ଆଶ୍ୱସ୍ତ ହେଲା ।

"ଭାଇ, କବାଟ ଫିଟା, କହୁଛି ।" ମଉନମୁହାଁ ସ୍ନେହଲତା ଆନନ୍ଦୋଚ୍ଛ୍ୱାସରେ ଆଦେଶ କରୁଥିଲା । ଆଖିରେ ତା'ର ହସିଲା ହସିଲା ଚାହାଣୀ । ମୁହଁ ଗୋଟାକରେ ଉନ୍ମାଦବହ୍ୱଳ ରଙ୍ଗ, ଆଉ ଶରୀରରେ ହର୍ଷର ଫେନିଳ ବନ୍ୟା । ସ୍ନେହଲତା ଅସମ୍ଭବ ଭାବେ ଚପଳ ଓ ପ୍ରଗଳ୍‌ଭା ହୋଇଉଠିଛି ।

"ଅନେକ ଦିନ ପରେ ତୋ ମୁହଁରେ ଆନନ୍ଦ ଦେଖୁଛି, ସ୍ନେହ ! ନିଶ୍ଚୟ ଶୁଭ ଖବର । ପରୀକ୍ଷାରେ ପାସ୍ କଲୁ ନା କ'ଣ ?" ଚନ୍ଦ୍ର ପ୍ରଶ୍ନ କଲା ।

"ଶୁଣିବ, ଭାଇ ? ଶୁଣିଲେ ତୁମେ ଖୁବ୍ ଖୁସି ହେବ । ମୋର ଭାବନାର ଲକ୍ଷ୍ୟ ଯେ ଅବ୍ୟର୍ଥ ହୋଇନି, ସେଇଥିପାଇଁ ମୁଁ ଖୁବ୍ ଖୁସି, ଭାଇ ! ଅସମ୍ଭବ ଭାବରେ ଖୁସି । ଜୀବନରେ ଏଭଳି ଆନନ୍ଦ କେବେ ପାଇ ନ ଥିଲି । ଆଉ ସାମାନ୍ୟ ପରୀକ୍ଷା କଥା କହୁଛ ? ତୁମେ ମୋର ପାସ୍ ଖବର ଆଜିଯାଏ ଶୁଣି ନା ?" ସ୍ନେହ ଉତ୍ତର ଦେଇ ଆଶ୍ଚର୍ଯ୍ୟ କରିଦେଲା ।

"କଥା କ'ଣ, ସ୍ନେହ ?" ଚନ୍ଦ୍ରମୋହନ ଉଦ୍‌ଗ୍ରୀବ ଥିଲା ।

"କହିବି ନାହିଁ; ସେ ଆନନ୍ଦକୁ ଖାଲି ଚୁପ୍‌କିନା ତୁମ ହାତରେ ଧରାଇଦେବି । ଶୁଣିବାଠାରୁ ପାଇବା ପରେ ଆହୁରି ଆନନ୍ଦ ଲାଗିବ । ଆହୁରି ଖୁସି ହେବ ତୁମେ ।" ସ୍ନେହଲତା ଖାଲି ମାତ୍ର ହସୁଥିଲା ।

Digitized by PPRACHIN, SOA

ସ୍ନେହର ଏଭଳି ପିଲାଳିଆ ଦୁଷ୍ଟାମି ଦେଖି ଚନ୍ଦ୍ରମୋହନ ଖୁସି ହେଲେ ବି କଥାଟା ଶୁଣିବାକୁ ଏକାନ୍ତ ବ୍ୟାକୁଳ ହେଲେ । ସ୍ନେହର କାନ ଦ'ଟାକୁ ମୋଡ଼ି ଧରି ପଚାରିଲେ, "ଫାଜିଲାମି କରୁଛୁ ? ଏଥର କହିବୁ କି ନାହିଁ, ଶୁଣେ ?"

"ଛାଡ଼ିଦିଅ ଭାଇ, ଛାଡ଼ିଦିଅ । ଛାଡ଼ିଦେଲେ ନିଶ୍ଚୟ କହିବି ।"

"ଏ ଫାଜିଲାମି ବନ୍ଦ କର ! ଯା, ନ କହିଲେ ଛାଡ଼ିବି ନାହିଁ ।" ସ୍ନେହକୁ ସେ ଚୌକି ଉପରେ ବସିବାକୁ ନିର୍ଦ୍ଦେଶ ଦେଲେ ।

ସ୍ନେହ ଆରମ୍ଭ କଲା, "ରାଧା ବୋଲି ଝିଅଟିଏ—ନର୍ସିଂ ପାସ୍ କରିବା ପରେ ପୁରୀରେ ପୋଷ୍ଟିଂ ହୋଇଛି । ଖୁବ୍ ସରଳ, ଖୁବ୍ ସୁନ୍ଦର ।" ସ୍ନେହଲତା ଟିକିଏ ଅଟକିଗଲା ।

"ରାଧା ଖୁବ୍ ସରଳ, ଖୁବ୍ ସୁନ୍ଦର—ଏଇ ସୁ-ଖବର ଜଣାଇବାକୁ ଡାକ୍ତରଖାନା ଛାଡ଼ି ଚାଲିଆସିଛୁ ତୁ ? ତୁ କ'ଣ ମୋତେ ଚିହ୍ନି ନାହୁଁ ?"

"ଛୁଟି ମଧ୍ୟ ନେଇଆସିଛି, ଭାଇ ! ବିରକ୍ତ ହୁଅ ନା !" ସ୍ନେହ ଉତ୍ତର ଦେଲା ।

"ମୁଁ କହୁଛି, ତୁ ଏବେ, ଏମିତି ଭାବରେ, ଏଇ ମୁହୂର୍ତ୍ତରେ ଫେରିଯା । କେତେ ରୋଗୀ ଆସି ଅପେକ୍ଷା କରିଥିବେ କେଜାଣି । ଆଜି ରାଧାର ଖବର ଦେବାକୁ ଭାଇପାଖକୁ ଧାଇଁଆସିଛୁ ? ଏ ଅକ୍କଲ କିଏ ତୋ ମୁଣ୍ଡରେ ପୂରାଇଲା, ସ୍ନେହ ? ଭଲ ଗତି ଥିଲେ ଏବେ ଏଇଠୁ ଚାଲିଯା କହୁଛି । ଚାକିରି ଜୀବନ, କେତେ ବଦଳି ଦେଖିବୁ ।"

Digitized by PPRACHIN, SOA

"ନାଇଁ, ଭାଇ ! ରାଧା ଆମ ପାଇଁ ସୁ-ଖବର ଆଣିଛି ।"

"ଆମର ଗୋଟିଏ ସୁ-ଖବର ଅଛି ନା କ'ଣ ? ତୁ ଟିକଏ ଚୁପ କର ମୋତେ ପୋଷୁଛି । ଅନେକ ଦୁଃଖରେ ଚଳୁଚି । ମୋର ଇଶ୍ୱରଭକ୍ତ ଅଛି ଆଉ ସନ୍ତାପରେ । ଟିକଏ ମିଳିଗଲେ ତୋତେ ମୁଁ ସୁ-ଖବର ଶୁଣାଇବି । ଆମର ଆଜି କିଏ ଅଛି ଯେ ସୁ-ଖବର ପଠାଇବ ? ଖବର ସୁଦ୍ଧା ଯା'ର ସ୍ୱପନ..."

"ବିଶ୍ୱାସ କର, ଭାଇ ! ରାଧା ମୋତେ ମିଛ କହିପାରେ ନା । ରାଇରଙ୍ଗପୁରର ଝିଅ ସେ । ସେ ସହରର ସମସ୍ତ ଖବର ରଖିଛି । ସେଠି ଅନେକ ପରିବାର ସଙ୍ଗରେ ତା'ର ପରିଚୟ ଅଛି କି ନା !"

"ରା-ଇ-ର-ଙ୍ଗ-ପୁ-ର !" ଚନ୍ଦ୍ରମୋହନ ପୁନର୍ବାର ଉଚ୍ଚାରଣ କଲି ସେ ନାଁକୁ ।

"ହଁ, ଭାଇ, ରାଇରଙ୍ଗପୁର !"

"ସେଇଠି ସୀତା ତା'ର ସ୍ୱାମୀକୁ ନେଇ ସୁଖରେ ଘରସଂସାର କରେ । ଆଉ ଗଣ୍ଡକୃଷ୍ଣବାବୁ...

"ମୋଟା କାରବାର କରି ଏବେ ଆନନ୍ଦରେ ଅଛନ୍ତି । ବିଖ୍ୟାତ କଣ୍ଟ୍ରାକ୍ଟର ହରମୋହନବାବୁଙ୍କ ପିଲାବେଳର ସାଙ୍ଗ ସିଏ ।

"ମେଘାସନର ଝଡ଼ ପରେ ଗଣ୍ଡକୃଷ୍ଣବାବୁଙ୍କର ଇତସ୍ତତଃ ଜୀବନକୁ ସଜାଡ଼ିବାରେ ଯଥେଷ୍ଟ ସାହାଯ୍ୟ କରିଛନ୍ତି ସେ । ଆଉ ସୀତା..."

"ଆଉ, ସ୍ନେହ ! ସୀତା କଥା କହି ଭାଇକୁ ତୋର ଆଘାତ କର ନା । ମନେରଖ, ସୀତା ଚନ୍ଦ୍ରମୋହନ ପାଇଁ ମୃତା । ତା

Digitized by PPRACHIN, SOA

ସଙ୍ଗରେ ମୋର କିଛି ହେଲେ ସମ୍ପର୍କ ନାହିଁ । ଅଜ୍ଞାତର କେଉଁ ଏକ ଦୁର୍ବଳ ମୁହୂର୍ତ୍ତରେ ମୁଁ ତା'ର ତଥାକଥିତ ପ୍ରେମର ଆକର୍ଷଣ ଏଡ଼ି ନ ପାରି ପତଙ୍ଗ ପରି ଅନଳଝାସ କରିଥିଲି । ଫଳ ମୋର ଦଗ୍‌ଧ ହୋଇ ମୋତେ ଅଚଳ କଲା । ସୀତା କିନ୍ତୁ ଅପେକ୍ଷା ନ କରି କର-ଛଡ଼ା ଦେଲା । ଆଜି ଅତୀତର ସେହି କରୁଣ ଇତିହାସ ମନେ ପଡ଼ିଲେ ଯଥେଷ୍ଟ ଆଘାତ ହୁଏ । ସେଇଥିପାଇଁ ସେହି ଦୁର୍ବିସହ ଅତୀତ ସହିତ ସୀତାର ସ୍ମୃତିକୁ ମୁଁ ଘୃଣା କରେଁ । ସେ ସୁଖର ସଂସାର ପାତିଛି । ଭଗବାନ ତାକୁ ସାହାଯ୍ୟ କରନ୍ତୁ ।"

"କିନ୍ତୁ ଭାଇ ! ସୀତା ଆହୁରି ଘରସଂସାର କରିନାହିଁ !" ସ୍ନେହ ଉତ୍ତର ଦେଲା ।

"ସଂସାର କରି ନ ଥିଲେ କରିବ । ବୋଧହୁଏ ସେ ଅପେକ୍ଷା କରିଥିବ ସେହି ସୁଶ୍ରୀ, ସୌମ୍ୟ ଅପରିଚିତ ତରୁଣକୁ, ଯାହାକୁ ମୋ'ରି ସାମନାରେ ରେଲଗାଡ଼ିରେ ଚଢ଼ାଇଦେଇ ଆଖିର ଲୁହରେ ବିଦାୟ ଦେଉଥିଲା ରାଇରଙ୍ଗପୁର ରେଲଷ୍ଟେସନରେ ।"

"ସେହି ଯୁବକ, ଯାହାକୁ ତୁମେ ଅପରିଚିତ ତରୁଣ ବୋଲି ସମ୍ବୋଧନ କରୁଛ, ସିଏ ମନମୋହନ; ଦେବପ୍ରାଣ ହରମୋହନ-ବାବୁଙ୍କ ଏକମାତ୍ର ପୁତ୍ର । ଏବେ ଡାକ୍ତରୀ ପାସ୍‌କରି ରାଇରଙ୍ଗପୁରରେ ସେବାଶ୍ରମ ଖୋଲିଛନ୍ତି । ତାଙ୍କ ସଙ୍ଗରେ ସୀତାର କୌଣସି ପାରିବାରିକ ସଂପର୍କ ନାହିଁ ।"

"ତେବେ ସୀତା ପରିତ୍ୟକ୍ତା ନା କଅଣ ? ଜଣକୁ ଜଳାଇ ତାଳି ମାରି ହସୁଥିଲା । ଏବେ ନିଜେ ଯେତେବେଳେ ଜଳୁଥିବ, ବୁଝୁଥିବ ପରକୁ ଠକିବା କେଡ଼େ ପାପ ! ବୋଧହୁଏ ଭାବୁଥିଲା,

Digitized by PPRACHIN, SOA

ଦୁନିଆରେ ସେଇ କେବଳ ଗୁଣୀଲୋକ୍, ଆଉ ଅନ୍ୟମାନେ ମୂର୍ଖ । କିନ୍ତୁ ଦୁନିଆରେ ତାହାଠୁ ବଳି ଯେ ଗୁଣୀଲୋକ୍ ଅଛନ୍ତି, ଏଥର ଠିକ ଜାଣି-ପାରିବ । ସଂସାର ସମସ୍ତଙ୍କ ପକ୍ଷରେ ସମାନ । ଯାହା ବୁଝିବ, ତାହାହିଁ ପାଇବ !"

"ତୁମେ ଭୁଲ ବୁଝୁଛ, ଭାଇ ! ମୁଁ ଆଗରୁ କହିଆସିଛି, ସୀତା ଏ ଦୁନିଆର ଏକ ଶୁଭ ଆଶୀର୍ବାଦ !"

"ଆଶୀର୍ବାଦ ନା ଅଭିଶାପ ? ମୁଁ ଭୁଲ ବୁଝିଲି, ଆଉ ଭଲ ବୁଝିଛୁ ତୁ ? ସୀତାକୁ ତୁ କେବେ ଦେଖିନାହୁଁ । କିନ୍ତୁ ଅନେକ ଦିନ ଧରି ମୁଁ ତା' ସଙ୍ଗରେ ଚଳପ୍ରଚଳ ହୋଇଛି ।"

"ତଥାପି ତାକୁ ଚିହ୍ନିଲ ନାହିଁ, ଭାଇ ! ରାଧା କହୁଥିଲା, ସୀତା ଶାନ୍ତ ଆଉ ଶିଷ୍ଟ । ପରର ମଙ୍ଗଳ କରିଜାଣେ, ଅମଙ୍ଗଳ ନୁହେଁ । ସେ ଜୀବନରେ କାହାକୁ ଠକିବାର ଇଚ୍ଛା ରଖିନି, କି ତୁମକୁ କଦାପି ଠକିନି । କିନ୍ତୁ ସତ୍ୟାସତ୍ୟର ଅନୁସନ୍ଧାନ ନ କରି ତୁମେ ତାକୁ ଭୁଲ ବୁଝିଲ । ହରମୋହନବାବୁ ସୀତାର ମଉସା, ଆଉ ମନମୋହନବାବୁ ତା'ର ବଡ଼ ଭାଇ । ଧରମ ଭାଇ ସିଏ ।" ସ୍ନେହ ସମ୍ବାଦ ଦେଲା ।

ଚନ୍ଦ୍ରମୋହନ ବ୍ୟଙ୍ଗ କରି କହିଲା, "ଲେଖାଯୋଖାର ଭାଇ ! ଗୋଟିଏ ଅପରିଚିତ ଯୁବକ, ଯୁବତୀର ସାନ୍ନିଧ୍ୟ ପାଇଲେ ସଭ୍ୟତା ଆଉ ଶିଷ୍ଟତା ଦୃଷ୍ଟିରୁ ଡାକେ 'ଭଉଣୀ' । କାହିଁକି, ଜାଣୁ, ସ୍ନେହ ? ବାହାର ଲୋକଙ୍କ ଆଖିରେ ପରଦା ଦେବାକୁ, ଆଉ ସେହି ପରଦାର ଆଢୁଆଳରେ ଯୁବତୀଟିକୁ ନିଜଆଡ଼କୁ ଆକର୍ଷଣ କରିବାକୁ । କିନ୍ତୁ ସେ ପରଦା କଳା କନାର ନୁହେଁ, ଦାମୀ ନାଇଲନର ।

Digitized by PPRACHIN, SOA

ବାହାରକୁ ସବୁ ଦେଖାଯାଏ । କିନ୍ତୁ ସମାଜ ପଣ୍ଡା ପରଦା ଅନ୍ତରାଳରେ ଘଟୁଛି ଦେଖି ସୁଦ୍ଧା ଦେଖେ ନାହିଁ । ସ୍ୱାର୍ଥ ଓ ପ୍ରଲୋଭନ ଭିତରେ ଠକିଯାଏ । କିନ୍ତୁ ନିଜ ବିବେକକୁ ଠକିବ କେମିତି ଯେ ? ଧର୍ମର ଦୁଆରେ ଆପେ ଆପେ ଧରା ପଡ଼ିଯାଏ । ଏହି ପାପର ଗୋଟିଏ ଭୟଙ୍କର ପରିଣତି ରହିଛି, ସ୍ନେହ ! ଯେତେ-ବେଳେ ସିଏ ନିଜର ବିକଟାଳ ମୂର୍ତ୍ତି ଧରି ବାହାରେ, ସେତେବେଳେ କେହି ତା ଆଗରେ ଛିଡ଼ା ହୋଇ ବାଧା ଦେଇପାରନ୍ତି ନାହିଁ । ଲୋକ, ସମାଜ ଆଉ ଦେଶ ଜାଣେ, କେଡ଼େ ଭୟଙ୍କର ତା'ର ପରିଣତି । ସେହି ପରିଣତିକୁ ମୁଁ ସ୍ୱାଗତ କରୁଛି, ସ୍ନେହ ! ଆଉ ଭଗବାନଙ୍କୁ ପ୍ରାର୍ଥନା କରୁଛି, ସୀତାର ସେହି ଭୟଙ୍କର ଦିନ ପାଖେଇଆସୁ । ସେ ଦିନ ଆସିଲେ ମୁଁ କ'ଣ କରିବି, ଜାଣୁ ? କାହାକୁ କିଛି ନ କହି ନୀରବ ଆଖିରେ ସୀତାକୁ ଥରେ ଅନାଇ-ଦେବି । ତା'ପରେ, ମୁଁ ଜାଣେ, ମୋର ମନଭିତରର ଗଭୀର ଦାଗ, ଛାତିତଳର ଅଲିଭା କ୍ଷତ ସମାନ ହୋଇ ମିଶିଯିବ । ସୀତାର ସେତେବେଳେ କହିବାକୁ କିଛି ନ ଥିବ । ମୁଁ ବିଜୟୀ ହେବି ସୀତାର ଭଙ୍ଗା ମନରେ ଆଘାତ ଦେଇ । ସେଦିନ ଖୁବ୍ ଖୁସି ହୋଇ ଗାଇବି ଆଉ ନାଚିବି, ଆଜି ନୁହେଁ ।" ଚନ୍ଦ୍ରମୋହନ ପ୍ରତିହିଂସାପରାୟଣ ହୋଇଉଠୁଥିଲା । ତା'ର ପ୍ରତିଟି ଶବ୍ଦରେ ଥିଲା ଘୃଣା ଓ ତାଚ୍ଛଲ୍ୟର ପ୍ରଲେପ ।

"ଯଦି ତୁମର ଧାରଣା ଭୁଲ ହୁଏ, ଭାଇ ?" ସ୍ନେହ ପ୍ରଶ୍ନକଲା ।

"ସୀତା ପାଖରେ ସେହି ଅପରିଚିତ ମନମୋହନ ଛିଡ଼ା ହେବାର ଦେଖିଛି । ତାକୁ ରେଲଷ୍ଟେସନରେ କାନ୍ଦିଲା ଆଖିରେ ସୀତା ବିଦାୟ ଦେବାର ଦେଖିଛି । ପୁଣି ଶୀଘ୍ର ଫେରିଆସିବାକୁ ସୀତା

Digitized by PPRACHIN, SOA

ଅନୁରୋଧ କରିବାର ଶୁଣିଛି । ତୁ କହୁଛୁ, ମୋର ଧାରଣା ଭୁଲ ବୋଲି ? ସୀତା କହୁଥିଲା, 'ଏଇଥି। ଭବ, ପ୍ରାଣ ମୋର ତୁମରି ସଙ୍ଗରେ ଅଛି !' ମୋର ଆଖି ଅଛି, କାନ ଅଛି । ଏମାନେ ସମସ୍ତ ମୋର ଆୟତ୍ତାଧୀନ ଇନ୍ଦ୍ରିୟ; ତେଣୁ ଅତି ଆପଣାର । ଏମାନେ ମୋତେ କ'ଣ ଠକିପାରିବେ, ସ୍ନେହ ?" ଚନ୍ଦ୍ରମୋହନ ପ୍ରତିପ୍ରଶ୍ନ କଲା ।

"ମଦ ଖାଇ ମାତାଲ ହୋଇଥିଲେ ମଣିଷକୁ ମନ ଯେମିତି ଠକେ, ମନ ଭଲ ନ ଥିଲେ ନିଜର ଇନ୍ଦ୍ରିୟମାନେ ସେମିତି ଠକନ୍ତି । ରାଧାପାଖରୁ ଶୁଣିଲି, ମନମୋହନବାବୁ କେବଳ ତୁମକୁହିଁ ଖୋଜିବାକୁ ରାଇରଙ୍ଗପୁର ଗ୍ରୁଡୁଥିଲେ । ସୀତା ହୁଏ ତ ଏଇଥିପାଇଁ ଷ୍ଟେସନଯାଏ ଆସିଥିବ । ତୁମର ମନ ଭଲ ନ ଥିଲା । ଏ ଦୁହିଁଙ୍କୁ ଏକାସାଙ୍ଗରେ ଦେଖି ଉନ୍ମାଦଗ୍ରସ୍ତ ହେଲ । ଯଦି ସେମାନଙ୍କ ପାଖକୁ ଯାଇ ପଚ୍ଚରିଦେଇଥାନ୍ତ, ସବୁ କଥାର ସନ୍ତୋଷଜନକ ସମାଧାନ ହୋଇପାରିଥାନ୍ତା । ତୁମ ମନ ଭିତରେ ସନ୍ଦେହର ଘୁଣ ପଶି ନ ଥାନ୍ତା । ଘରୁ କଳିଗୋଳରେ ବାହାରିଥିଲ ନା, ସେଇଥିପାଇଁ ସବୁ ଗୋଳମାଳିଆ ହୋଇଗଲା । ମୋର ଜାଣିବାରେ ସେ ଗୋଟିଏ ଦୁର୍ଯୋଗ ଥିଲା, ଭାଇ ! ଆଜି ସବୁ ଦୁର୍ଯୋଗ ଦୂରେଇ-ଯାଇଛି ।"

ସେ୍ନହ ମୁହଁରୁ ଏ ସମ୍ବାଦ ଶୁଣି ଚନ୍ଦ୍ରମୋହନର ମନ-ଭିତରେ ଛନକା ପଶୁଥିଲା । ବନ୍ଦ-ବକର ଗୁବୁକ ତାକୁ ବାରମ୍ବାର ଆଘାତ କରୁଥିଲା । ସେ ତଥାପି ତର୍ଜ୍ଜିଲ କଣ୍ଠରେ କହିବାକୁ ଲାଗିଲା, "ରାଧାପାଖରୁ କ'ଣ ଶୁଣିଲୁ କି ନାହିଁ, ତୁ ଗୁଡ଼ିଏ କଳ୍ପନା କରି ବନେଇଚୁନେଇ କହିଯାଉଛୁ । ଯୁ। ମଧ୍ୟ ସମ୍ଭବ ହୋଇ-

Digitized by PPRACHIN, SOA

ପାରେଁ, ଯେ, ମନମୋହନ ସୋନପୁର ନ ଯାଇ ସୀତାର ମନ ରଖିବାକୁ ଆଗ୍ରାମରେ ବେଡ଼ାଏ ବୁଲି ଆସିଥାଇପାରେ । କଥାକୁ ଏତେ ଧାଡକାଭାବରେ ଗ୍ରହଣ କରିବା ଅନୁଚିତ ହେବ, ସ୍ନେହ !”

“ଧର୍ମର ଭାଇଭଉଣୀ ସେମାନେ । ନ ବୁଝି ନ ଶୁଣି ବଦନାମ କରିବା ମହାପାପ, ଭାଇ ! ରାଧା ସେମାନଙ୍କୁ ତନ୍ନତନ୍ନ କରି ପରୀକ୍ଷା କରିବାର ସୁଯୋଗ ପାଇଛି । ଯୁବକଟିଏ ଯୁବତୀକୁ ଚିହ୍ନିବାରେ ଭୁଲ କରିପାରେ; କିନ୍ତୁ ଗୋଟିଏ ଯୁବତୀ ସମବୟସୀ ଯୁବତୀକୁ ଚିହ୍ନିବାରେ କେବେହେଲେ ଭୁଲ କରେ ନାହିଁ । ତା’ପରେ ସୀତା ସଙ୍ଗରେ ରାଧାର ଘନିଷ୍ଠତା ରହିଛି । ସୀତା ଆଲୋଚନା ପ୍ରସଙ୍ଗରେ ତା’ର ମନର ଖିଆଲକୁ ବନ୍ଧୁ ଆଗରେ ନିଶ୍ଚୟ ପ୍ରକାଶ କରିଥାନ୍ତା । ତୁମେ ବିଶ୍ୱାସ କର, ଭାଇ ! ତାଙ୍କର ସମ୍ବନ୍ଧ ଆମ ଦୁହିଁଙ୍କର ସମ୍ବନ୍ଧ ଭଳି ଅତି ସରଳ ଆଉ ପବିତ୍ର; ଦ୍ୱିଘାତ ସ୍ପର୍ଦ୍ଧାର ତୋଫା କିରଣ ଭଳି ସୁସ୍ପଷ୍ଟ । ଥରେ ଆମର କଥା ଭାବି ଦେଖିଲ !” ସ୍ନେହ ଅନୁରୋଧ କଲା ।

“ତୋ କଥାରେ ବିଶ୍ୱାସ କରନ୍ତି, ସ୍ନେହ, ଯଦି ମୋହନ ସୋନପୁର ଯିବାର ପ୍ରମାଣ ପାଆନ୍ତି ।”

“ଆରେ, ମୁଁ ଯେ କଥା ନହସରେ ପ୍ରଧାନ କଥାଟି ଭୁଲିଯାଇଛି ! ପ୍ରମାଣ ତୁମର ପିତା, ଭାଇ ! ସେ ଯେ ଆସି ଗାଇରଙ୍ଗପୁରରେ । ତୁମେ ଆଉ କି ପ୍ରମାଣ ଚାହୁଁଛ ? ସେ ତ ମନମୋହନବାବୁଙ୍କ ସଙ୍ଗରେ ସାଙ୍ଗ ହୋଇ ଆସିଲେ ସୋନପୁରରୁ । ଏବେ ତିନି ବନ୍ଧୁ ସାକ ମହାଆନନ୍ଦରେ ବୈଠକ ଜମାଇଛନ୍ତି । କିନ୍ତୁ ବିଗୁଣି ଭାଉଜ ଅସ୍ତବ୍ୟସ୍ତ । କାମ କରି କରି ବେଳ ଅଣ୍ଟୁନାହିଁ, ସ୍ନେହ ଏ ସମ୍ବାଦ ଦେଇ ଚନ୍ଦ୍ରମୋହନକୁ ବିସ୍ମିତ କରିଦେଲା ।

Digitized by PPRACHIN, SOA

ଚନ୍ଦ୍ରମୋହନ ମୁହଁରୁ ସନ୍ଦେହର ବାଦଲ ଉଭେଇଗଲା । ସେ ଗଦଗଦ ହୋଇ କହିଲା, "ତୁ କ'ଣ କହୁଛୁ, ସ୍ନେହ ? ମୋତେ ଯେ ଆଜ ଜୀବନର ସବୁଠୁ ବଡ଼ ସୁ-ଖବର ଦେଲୁ । ତୁ ନ ଥିଲେ ମୋତେ କିଏ ଏ ସବୁ କହିଥାନ୍ତା. ଶୁଣେ ? ମାଡ଼ହବା ପକ୍ଷୀ ଭଳି ଅଚହ୍ନା ଡାଳର କଣ୍ଟାରେ ଫୋଡ଼ିହୋଇ ମରି ଶୋଇଥାନ୍ତି, ଅଥବା ବାଉବୁଲା ମଣିଷ ହୋଇ ଅଜଣା ବାଟରେ ଲେଟିପଡ଼ିଥାନ୍ତି । ତା'ପରେ ମୋର ସଂସାର ସ୍ୱପ୍ନ ଶେଷ ହୋଇଥାନ୍ତା । ତୁ ମୋର ସୁନା ଭଉଣୀ, ସ୍ନେହ ! ତୋତେ ପାଇ ଜୀବନ ମୋର ଧନ୍ୟ ହୋଇଛି ।"

"ତାହାହେଲେ ମୁଁ ଅଫିସରୁ ଫେରିଆସି ଭୁଲ କରିନା ବୋଲି ମାନୁଛ ତ ? କହିଲ ଭାଇ, ମୁଁ ନ ଆସିଥିଲେ ତୁମର ପାଗଳ ମନକୁ ବୁଝାଇଥାନ୍ତା କିଏ ? ପୁଣି ଏ ଆନନ୍ଦ, ଏ ରହସ୍ୟକୁ କେଉଁ ଗୁମ୍ଫରେ ଲୁଚାଇ କାମ କରିଥାନ୍ତ, କହିଲ ? ତୁମେ ମୋତେ ଡାକ୍ତରଖାନାକୁ ଗୋଡ଼େ ଗୋଡ଼େ ଫେରିଯିବାକୁ ତାଗିଦ କରୁଥିଲ ଯେ !" ସ୍ନେହଲତା ଶିଶୁଟିଏ ଭଳି ଚପଳ ହୋଇଉଠୁଥିଲା ।

"ଅଫିସରୁ ଫେରିଆସି ତୁ ଖୁବ୍ ଭଲ କରିଛୁ, ସ୍ନେହ ! ମୋର ମନର ଆନନ୍ଦକୁ ମୁଁ ପ୍ରକାଶ କରିପାରୁନାହିଁ । ତୋତେ କେଉଁ ଭାଷାରେ ଯେ ମୋର ଅନ୍ତରର ସ୍ନେହ ଓ ଶ୍ରଦ୍ଧା ଜଣାଇବି, ଭାବିପାରୁନାହିଁ । ଏଥର ତୋତେ ଅଫିସରୁ ଛୁଟି ନେବାକୁ ହେବ ।" ଚନ୍ଦ୍ରମୋହନ ପ୍ରସ୍ତାବ ଦେଲା ।

"ମୁଁ ତ ଏବେ ସେଇଆ ଭାବୁଥିଲି, ଭାଇ ! ଥରେ ତୁମ ସଙ୍ଗରେ ବାଇରଙ୍ଗପୁର ଯାଇ ନୂଆ ଭାଉଜକୁ ଦେଖିଆସିବି । ମୋତେ ସଙ୍ଗରେ ନେବ ତ, ଭାଇ ? କେତେ ଦିନର ଛୁଟି ନେବି, କହିଲ ?"

Digitized by PPRACHIN, SOA

"କାହିଁକି ? ସବୁଦିନ ପାଇଁ !"

"ଏ କ'ଣ କହୁଛ ଭାଇ ? ମୋର ଏ ବ୍ରହ୍ମଚର୍ଯ୍ୟ, ଏ ବ୍ରତ..."

"ସବୁ ହେବ, ସ୍ନେହ ! ତୁ କ'ଣ ଭାବୁଛୁ, ବ୍ରହ୍ମଚର୍ଯ୍ୟ ନ କଲେ ସେବା ହୋଇପାରେ ନା ? ବରଂ ସ୍ୱାଧୀନ ରହିଲେ ସେବା କରିବାକୁ ସୁପ୍ରଶସ୍ତ କ୍ଷେତ୍ର ମିଳେ । ତହିଁରେ ଧର୍ମ ଅଛି ।"

"ମୁଁ ଧର୍ମ ଚାହେଁ ନା, ଭାଇ ! ମୁଁ ଚାହେଁ କର୍ମ, ନିଃସ୍ୱାର୍ଥ କର୍ମ । ପରହିତରେ ଆପଣାକୁ ମିଶାଇ ଏକାକାର କରିଦେବି । ପରର ସୁଖଦୁଃଖର ବିଭୂତି ବୋଲିହୋଇ କୃତାର୍ଥ ହେବି । ସିଏ ମୋର ବ୍ରତ, ଭାଇ ! ମାଟିର ମଣିଷ ମୁଁ—ମାୟା ଓ ଆସକ୍ତି ଭିତରେ ଅନେକ ଦିନ ବିତାଇଦେଲି । ଏବେ ସୃଷ୍ଟିର ନୂତନ ସୂର୍ଯ୍ୟ ଦେଖିଛି । ଉଜ୍ଜ୍ୱଳ କିରଣର ପବିତ୍ରତା ଅନୁଭବ କରୁଛି । ମର୍ତ୍ତ୍ୟର ନରନାରୀଙ୍କର ଯଦି କୌଣସି କାମରେ ଆସେଁ, ତେବେ ଭାବିବି ନୂଆ ଜନ୍ମ ମୋର ସାର୍ଥକ ହେଲା ।"

"ଏବେ କହୁଥିଲୁ, ମନମୋହନବାବୁ ରାଇରଙ୍ଗପୁରରେ ସେବାସଦନ ଖୋଲିଛନ୍ତି ବୋଲି ? ସେଇଠି ତାଙ୍କ ସେବା କରିବାର ସମସ୍ତ ସୁବିଧା ମିଳିବ, ସ୍ନେହ ! ଅବାଧ ହେବୁ ନାହିଁ ।" ଚନ୍ଦ୍ରମୋହନ ପରାମର୍ଶ ଦେଲା ।

"କିନ୍ତୁ ଭାଇ !"

"କିନ୍ତୁ କଣ ଅଟକି ଗଲୁ ଯେ ?"

"ଏଠି ଦରମା ଗଣ୍ଡାକ ପାଇ ଚଳିଯାଉଛି । କାହାରି ଉପରେ ଆଶ୍ରା ନାହିଁ । ଭଗବାନଙ୍କ ଆଶୀର୍ବାଦରେ ଜୀବନ ମୋର କଟିଯାଉଛି । ମୁଁ ସୁଖୀ ଅଛି, ଭାଇ ! ତୁମ ସଙ୍ଗରେ ରାଇରଙ୍ଗପୁର

Digitized by PPRACHIN, SOA

ଗଲେ ସନ୍ଦେହର ଶିକାର ହେବାକୁ ପଡ଼ିପାରେ । ମୋର ସେଥି-
ସକାଶେ ବହୁତ ଭୟ, ଭାଇ ' ମୋ ଜୀବନର ଇତିହାସ ଯେବେ କେବେ
ଉପନ୍ୟାସର ଉପାଦାନ ପାଲଟିଯିବ, ସେତେବେଳେ ମୁଁ ସହ୍ୟ କରି-
ପାରିବି ନାହିଁ । ଜୀବନ ମୋର ହାହାକାର କରିଉଠିବ । ଆଉ ତ
ଲୁଚାଇବାର ଉପାୟ ନ ଥିବ । ତୁମେ ମୋର ସେହି ଦୁଃଖ ସହି-
ପାରିବ, ଭାଇ ? ମୁଁ ନିଜକୁ ଲୁଚାଇବାକୁ ଏ ସେବାବ୍ରତ ଗ୍ରହଣ
କରିଛି । ସେବା ଭିତରେ ନିଜକୁ ନିଜେ ଭୁଲିଯାଏଁ । କର୍ମ ମୋତେ
ପ୍ରେରଣା ଦିଏ । ମୁଁ ପ୍ରତିଦିନ ଗୋଟିଏ ନୂତନ ଆବେଗ, ନୂତନ
ଉତ୍ତେଜନା ନେଇ ବଞ୍ଚେ । ନ ହେଲେ ମୋ'ର ଭଳି ଗୋଟିଏ
ଦୟନୀୟ ଜୀବ ଅନ୍ତରର ହାହାକାର ଭିତରେ ବଞ୍ଚିପାରନ୍ତା ?"

"ମୁଁ ଅଭୟ ଦେଉଛି, ସ୍ନେହ ! ତୁ ସେ ବିଷୟରେ ନିଶ୍ଚିନ୍ତ
ରହ । ତୁ ଚାହିଁଲେ ସେଇ ସେବାସଦନରେ ବାପାଙ୍କର ଗଚ୍ଛିତ
ଅର୍ଥ ବିନିଯୋଗରେ ନିଷ୍ପେଷିତା ନାରୀଜାତିର ଉନ୍ନତିବିଧାନ
ପାଇଁ ବହୁମୁଖୀ ଯୋଜନାଟିଏ କାର୍ଯ୍ୟକାରୀ କରିବା । ସେମାନେ
ବିଭିନ୍ନ ବୈଷୟିକ ତାଲିମ ପାଇ ବିଭିନ୍ନ କ୍ଷେତ୍ରରେ ଦେଶ ଓ
ସମାଜର ସେବା କରିପାରିବେ । ତୁ ସେହି ସମାଜର ମୁଖ୍ୟ
ପରିଚାଳିକା ହେବୁ । ସମାଜକୁ ବିଭିନ୍ନ ବିଷୟରେ ଜବାବ ମାଗି-
ପାରିବୁ । ଅସଂଖ୍ୟ ନରନାରୀଙ୍କୁ ଅନେକ ପ୍ରଶ୍ନ ପଚାରିବାର
ଅଧିକାର ପାଇପାରିବୁ । କିନ୍ତୁ ତୋତେ କେହି କିଛି ପଚାରିବାକୁ
ସାହସ ନ ଥିବ । ନିଃସ୍ୱାର୍ଥ ସେବା ଆଗରେ ସେମାନଙ୍କର ମୁଣ୍ଡ
ନଇଁଯିବ । ଦରକାରବେଳେ ମନମୋହନ ବାବୁଙ୍କର ପରାମର୍ଶ
ପାଇବା ।" ଚନ୍ଦ୍ରମୋହନ ସ୍ନେହଲତା ଆଗରେ ଅନାଗତ
ଭବିଷ୍ୟତର ରଙ୍ଗୀନ ଯୋଜନାଟିଏ ବାଢ଼ିବସିଲା ।

Digitized by PPRACHIN, SOA

"କିନ୍ତୁ ଯଦି ନ ଭାବ, ତାହାହେଲେ ଆଉ ଗୋଟିଏ ଗୁରୁତର ପ୍ରଶ୍ନ ପଚାରିବି, ଭାଇ !" ସ୍ନେହ ଅନୁମତି ମାଗୁଥିଲା ।

"ଆଗରୁ ସବୁ ପରିଷ୍କାର କରିଦେବା ଭଲ । ପଚାରିଲୁ ତୋ'କଥା !"

"ବାହାର ଲୋକଙ୍କ ଆଗରେ ଭାଉଜ ଯଦି ଆମର ଧର୍ମକୁ ଉପରେ ଆକ୍ଷେପ କରନ୍ତି ? ସ୍ତ୍ରୀ ମନ ମୋର, ଯେତେ ଦମ୍ଭ କଲେ ବି ଦୁର୍ବଳ ହୋଇଉଠୁଛି । ମୋତେ ଏଥିପାଇଁ କ୍ଷମା କରିବ, ଭାଇ !" ସ୍ନେହ ନାରୀଜନୋଚିତ ଦୁର୍ବଳ ସମସ୍ୟାଟିଏ ଉପସ୍ଥାପିତ କଲା ।

"ଆମ ମନ ଓ କାର୍ଯ୍ୟର ପବିତ୍ରତା ସେ ଆକ୍ଷେପର ଦୃଢ଼ ଜବାବ ଦେବ । ତୁ ସେଥିପାଇଁ ନିଶ୍ଚିନ୍ତ ରହ । ଆବଶ୍ୟକ ହେଲେ ଛାତି ଖୋଲି ଦେଖାଇଦେବି, ତୋ' ଭଲ ଭଉଣୀର ସ୍ଥାନ କେଉଁଠି । ଗତିକୃଷ୍ଣବାବୁ ଦେବପ୍ରାଣ ଲୋକ । ସେ ସମାଜ ସଂସ୍କାରର ଦକ୍ଷ ନାବିକଟିଏ । ଅନୀତି ବିରୁଦ୍ଧରେ ସେ ପ୍ରଥମେହିଁ ଆହ୍ୱାନ ଦେଇଛନ୍ତି । ଆଉ ସେହି ଆହ୍ୱାନ ଓ ବିପ୍ଳବର ମୂଳଦୁଆ ପକାଇଛନ୍ତି ସୀତାର ମାଆ ସୁଲତାକୁ ବିବାହ କରି । ସନ୍ଦେହ ସେ ଅନ୍ତରକୁ କଳୁଷିତ କରିନାହିଁ କି ଅବିଶ୍ୱାସ ତାଙ୍କୁ ଅକର୍ମା କରିନାହିଁ । ତାଙ୍କ ଆଖିରେ ଅମୃତର ଦୁନିଆ ଇଏ । ପ୍ରତିଟି ଜୀବ ଅମୃତର ସନ୍ତାନ !! ବାକି ରହିଲା ସୀତା । ତାକୁ ମୁଁ ଯେତେଦୂର ଜାଣେ, ସେ ତ ସ୍ନେହର ଗୋଟିଏ ପୁଞ୍ଜୀଭୂତ ଭେଳା ! ଆଖିରେ ତା'ର ଅନାଗତ ଭବିଷ୍ୟତର ଖାଲି ସୁଖସ୍ୱପ୍ନ । ସେ ମଣିଷକୁ ମଣିଷ ରୂପରେ ଗ୍ରହଣ କରେ । ମନ ତା'ର ଅତି ଉଦାର, ଅତି ମହତ୍ । ଦେଖିବୁ ସ୍ନେହ, ତୋତେ ଦେଖିଲେ ସେ ଖୁବ୍ ଖୁସି ହେବ । ସ୍ନେହରେ ଗୋଟାପଣେ କିଣିନେବ ।"
ଚନ୍ଦ୍ରମୋହନ ସୀତାର ସପକ୍ଷରେ ଯୁକ୍ତି କରୁଥିଲା ।

Digitized by PPRACHIN, SOA

ସ୍ନେହଲତାର ଆଖିରେ ସେହି ଅନାଗତ ଭବିଷ୍ୟତର ସ୍ୱପ୍ନିଳ ଛବି ନାଚିଉଠିଲା । ଖଇରଙ୍ଗପୁରର ଅଦେଖା ସ୍ନେହ ଆଉ କଳ୍ପିତ ବନ୍ଧନ ପ୍ରତି ଲୋଭ ହେଲା ତା'ର । ସତେ ଯେମିତି ଅନେକ ଦୂରରୁ ସୀତା, ଗତିକୃଷ୍ଣବାବୁ, ହରମୋହନ ଓ ମନମୋହନବାବୁ ତାକୁ ହାତ ଠାରି ଡାକୁଥିଲେ । ସେ ଆନନ୍ଦରେ ପ୍ରସ୍ତାବ କଲା, "ଆଜି ମୁଁ ଚିଠି ଲେଖୁଛି ଭାଇ, ଦୁଇଦିନ ଭିତରେ ସବୁ କାମ ଛୁଟାଇ ଆମେ ଖଇରଙ୍ଗପୁର ବାହାରିଯିବା ।"

ବସାଘରର ପ୍ରତି ଅନ୍ଧସନ୍ଧିରେ ସେଦିନ ଖେଳିବୁଲୁଥିଲା ଉତ୍ତେଜନାପୂର୍ଣ୍ଣ ଅସ୍ପଷ୍ଟ ସଂଗୀତର ଉଦ୍ଦାମତା । ସେ ସଂଗୀତର ରଙ୍ଗ ଲାଗିଥିଲା ଚନ୍ଦ୍ରମୋହନ ଆଉ ସ୍ନେହଲତାର ମୁହଁ ଉପରେ । ଗୋଟିଏ ଅଦେଖା ମୋହର ଆକର୍ଷଣ ସେ ଉଭୟଙ୍କୁ ଆଶ୍ଳେଷ କରି ବ୍ୟତିବ୍ୟସ୍ତ କରୁଥିଲା ।

ଚନ୍ଦ୍ରମୋହନ ଭାବିଯାଉଥିଲା ଅନେକ କଥା । ସେ କଥାର ଖିଅ ବିଭିନ୍ନ ରୂପ, ବିଭିନ୍ନ ରଗରେ ଛନ୍ଦାଛନ୍ଦି । ସୀତାର ହସିଲା ମୁହଁଟିଏ ଆଖି ଆଗରେ ଫୁଟିଆସୁଥିଲା । ହସିଲା ମୁହଁର କାନ୍ଦିଲା ଆଖି ଦୁଇଟି ରହି ରହି କହୁଥିଲେ, "ଏତେଦିନକେ ମନେ ପଡ଼ିଲା, ମୋହନବାବୁ ? ତୁମେ କେମିତି ରହିପାରିଲ ? କେଉଁଠି ତୁମେ ଲୁଚିଥିଲ, କହିଲ ?" ଚନ୍ଦ୍ରମୋହନ ସେହି ଅନାଗତ ଭବିଷ୍ୟତକୁ ଅଭିନନ୍ଦନ ଜଣାଉଥିଲା ମନର ଉତ୍ତେଜନାରେ, ସ୍ମୃତିତଳର ଚପା ଆନନ୍ଦରେ ।

ଆଉ ସ୍ନେହଲତା ? ଖଟ ଉପରେ ଶୋଇ ଶୋଇ ଅଦେଖା ଭବିଷ୍ୟତ ପ୍ରତି ଆନ୍ତରିକ ଶୁଭେଚ୍ଛା ଜଣାଉଥିଲା । କେଜାଣି କାହିଁକି ତା'ର ମନ ଓ ଶରୀର ଭିତରେ ଖେଳୁଥିଲା ଅପୂର୍ବ ପୁଲକଟିଏ ।

Digitized by PPRACHIN, SOA

ସେହି ଫୁଲକ ଭିତରେ କାହାର ସରସ, ସୁନ୍ଦର ସ୍ପର୍ଶ । କିଏ ତାକୁ ହାତ ଠାରି ଡାକୁଛି ଯେମିତି । ଅନେକ କ୍ଷଣ ନିଜ ଭାବନାରେ ନିମଗ୍ନ ରହିଲି । ତା'ପରେ ଖଟ ଉପରେ ବସିପଡ଼ି ଲେଖିବାକୁ ଆରମ୍ଭ କଲି ଖଣ୍ଡେ ଚିଠି । ସେ ଚିଠି ଭିତରେ ନିଜ ମନର ଭାବ ଓ ଭାବନାକୁ ପ୍ରକାଶ କରିବାକୁ ଯଥେଷ୍ଟ ଚେଷ୍ଟା କରୁଥିଲି ।

ସ୍ନେହର ଭାଉଜ !

ସୁଦୂର ପ୍ରଣତି ଗ୍ରହଣ କରିବ ।

ଜୀବନରେ ଏଇ ପ୍ରଥମ ଥର ପାଇଁ ଜଣେ ଆତ୍ମୀୟ ପାଖକୁ ପତ୍ର ଲେଖିବାର ଅଧିକାର ପାଇଛି । ଅବଶ୍ୟ ସେ ଅଧିକାରଟିକକ ମୋର ଜନ୍ମଗତ ନୁହେ । ତାହା ଏକ ନିଷ୍କାମ ସାଧନାର ଫଳ । ତା ସଙ୍ଗେ ସଙ୍ଗେ ମୁଁ ଅନୁଭବ କରୁଛି, ତହିଁରେ ସ୍ରଷ୍ଟାର ପ୍ରଚ୍ଛନ୍ନ ନିର୍ଦ୍ଦେଶ ଓ ଆଶୀର୍ବାଦର ଶୁଭ ସ୍ୱାକ୍ଷର ଦିଶିଛି । ସେଥିପାଇଁ ମୁଁ ବହୁତ ଖୁସି ।

ତୁମେ ଗୋଟିଏ ଅପରିଚିତା ନାରୀ ପାଖରୁ ଅଚିହ୍ନା ହସ୍ତାକ୍ଷର-ସମ୍ବଳିତ ଆକସ୍ମିକ ପତ୍ରଟି ପାଇ ନିଶ୍ଚୟ ଆଶ୍ଚର୍ଯ୍ୟ ହେବ । କାରଣ ତମେ ଜାଣ, ଚନ୍ଦ୍ରମୋହନବାବୁଙ୍କର ପ୍ରକୃତ ଭଉଣୀ କେହି ନ ଥିଲେ । କିନ୍ତୁ ଭାଉଜ, ସତ କହୁଛି, ଭଗବାନଙ୍କୁ ସାକ୍ଷୀ ରଖି ମୁଁ ତାଙ୍କୁ ଭାଇ ବୋଲି ଗ୍ରହଣ କରିଛି । ମୋର ଏହି ଭାଇଟି ବ୍ୟତୀତ ସଂସାରରେ ନିଜର ହୋଇ କେହି ନାହିଁ ।

ଭାଇଙ୍କ ମୁହଁରେ ତୁମର ପ୍ରଶଂସା ଶୁଣି ବିମୁଗ୍ଧ ହେଲି । ସେ କହନ୍ତି, ତମେ ଦେବୀଟିଏ । ଆଶାକରେଁ, ଅପରିଚିତା ଅଭାଗିନୀକୁ ଚରଣତଳେ ସ୍ଥାନ ଦେବ । ତୁମର ସେବା କରି ଜୀବନକୁ ସାର୍ଥକ କରିବ ।

Digitized by PPRACHIN, SOA

ଅନେକ ଦିନ ପର୍ଯ୍ୟନ୍ତ ସନ୍ଦେହରେ ପଡ଼ି ଭାଇ ମୋ'ର ବସାରେ ଅଟକଯାଇଥିଲେ । ତୁମ ସମ୍ବନ୍ଧରେ ସଠିକ ବିବରଣ ନ ପାଇ ମୁଁ ମଧ୍ୟ ଆଗରୁ କିଛି ଲେଖିବାକୁ ସାହସ କରିପାରିଲି ନାହିଁ । ଜାଣିବା ତ ଦୂରର କଥା, ତୁମର ଠିକ ଖବରଟି ମଧ୍ୟ ଆମ ପାଖରେ ପହଞ୍ଚି-ପାରି ନ ଥିଲା ।

ରାଇରଙ୍ଗପୁରର ନର୍ସ ରାଧାକୁ ଚିହ୍ନିଥିବ । ସେ ମୋର ସହକର୍ମିଣୀ । ପୁରୀକୁ ବଦଳି ହୋଇ ଆସିବା ପରେ ସେ ଘଟଣାକ୍ରମେ ତୁମ ସମସ୍ତଙ୍କର ସୁ-ଖବର ଶୁଣାଇଲା । ସେ ଖବର ଦେଇନାହିଁ ଯେ, ଭାଇଙ୍କର ଜୀବନ ଦେଇଗଲା । ମୁଁ ଆଉ ଭାଇ ଆସନ୍ତା ରବିବାର ଦିନ ସକାଳ ଗାଡ଼ିରେ ବାହାରୁଛୁଁ । ଗଲେ ସାକ୍ଷାତରେ ଅନ୍ୟାନ୍ୟ କଥା । ସମସ୍ତଙ୍କୁ ଏ ଖବର ଜଣାଇଦେବ ଓ ଷ୍ଟେସନକୁ ନିଶ୍ଚୟ ଆସିଥିବ ।

ଭାଉଜ ! ଏ ଚିଠି କିଏ ଲେଖିଲା ବୋଲି ନିଶ୍ଚୟ ସମସ୍ତେ ପଚାରିବେ । ତୁମେ କ'ଣ କହିବ, କହିଲ ? ମୋର ଏକାନ୍ତ ଅନୁରୋଧ, ତୁମେ କହିବ, ପୁରୀରୁ ହତଭାଗିନୀ ପାଗଳୀଟିଏ ଏ ଚିଠି ଲେଖିଛି, ଯା'ର ନିଜର ବୋଲି କେହି ନାହିଁ । ରାଇରଙ୍ଗପୁରରେ ତୁମ ସମସ୍ତଙ୍କ ଚରଣତଳେ ଆଶ୍ରୟ ପାଇବାକୁ ଏକାନ୍ତ ଇଚ୍ଛା ତା'ର ।

ଶେଷରେ ତୁମର ପାଦତଳେ ପଡ଼ି ଅନୁରୋଧ କରୁଛି, ଭାଉଜ, ଭାଇଭଉଣୀର ପବିତ୍ର ସମ୍ବନ୍ଧ ନେଇ ତୁମେ ସନ୍ଦେହ କରିବନି । ପଚାରିଲେ ସବୁ କଥା ଖୋଲି କହିବି । ମୋର କରୁଣ ଇତିହାସ ଶୁଣିଲେ ପଥର ବି ପାଣି ହୋଇଯିବ । ଆଶାକରେଁ, ଗୋଟିଏ ଅଚରିତା ଓ ଅନାଥା ପ୍ରାଣୀକୁ ପାଦତଳେ ଆଶ୍ରୟ ଦେବ ।

ତୁମର କରୁଣାପ୍ରାର୍ଥିନୀ
'ସ୍ନେହଲତା'

Digitized by PPRACHIN, SOA

ସେଦିନ ରାଇରଙ୍ଗପୁରରେ ଗୋଟିଏ ଉତ୍କଣ୍ଠିତ ପରିବାର କୋଟିଏ ଜୀବନର ଉଲ୍ଲାସ ନେଇ ନିର୍ଜୀବ ରେଲଗାଡ଼ିଟିକୁ ଅପେକ୍ଷା କରିଥାଏ । ରେଲଗାଡ଼ିଟି ପ୍ରାଣର ଫୁଆରା ନେଇ ଯେତେବେଳେ ପ୍ଲାଟଫର୍ମ ନିକଟରେ ପହଞ୍ଚିଲା, ପରିବାରର ପ୍ରତ୍ୟେକ ଲୋକ ତନ୍ନ-ତନ୍ନ କରି ଆଖି ବୁଲାଉଥିଲେ ପ୍ରାୟ ପ୍ରତ୍ୟେକ ଡବା ଭିତରେ । ସେ ଆଖିରେ ଥିଲା ଅସଂଖ୍ୟ ଆଗ୍ରହ, ଅନେକ ଉତ୍ତେଜନା ।

ସୀତା ନୀରବ ରହି ବାପା ଆଉ ହରମୋହନବାବୁଙ୍କ ମଝିରେ ଛିଡ଼ା ହୋଇ ଜକ୍‌ଜକ୍ କରି ଚାହୁଁଥାଏ । ଛାତି ଭିତରେ ତା'ର ଲହଡ଼ା ଭାଙ୍ଗୁଥାଏ ବିସ୍ମୟମିଶା ପୁଲକ । ସୀତା ସତେ ଯେମିତି ପାଲଟି ଯାଇଥାଏ ରାଶି ରାଶି ଉତ୍ତେଜନାର ମୂର୍ତ୍ତିମନ୍ତ ପ୍ରତୀକ ।

ବିରୂପାକ୍ଷବାବୁ ମନମୋହନ ସଙ୍ଗରେ ଅଣନିଶ୍ୱାସୀ ହୋଇ ଧାଇଁଲେ ଗାଡ଼ିପାଖକୁ । ପାଦ ତାଙ୍କର ସମାନ ଭାବରେ ପଡ଼ୁ ନ ଥାଏ । ସେ ଗୋଟିଏ ଉନ୍ମାଦଗ୍ରସ୍ତ ରୋଗୀଭଳି ଦେଖାଯାଉଥାନ୍ତି । ଆଖି ଆଉ ମୁହଁରେ ଅନେକ ଭାବ ଆଉ ଅସଂଖ୍ୟ ଚିନ୍ତାର ହୋରି-ଖେଳ । ଉତ୍କଣ୍ଠିତ ପ୍ରାଣ ଚମକି ଉଠୁଥାଏ ଥରକୁ ଥର । ଅନେକ ଦିନ, ଅସଂଖ୍ୟ ରାତି ପରେ ଫେରୁଛି ଚନ୍ଦ୍ରମୋହନ । ତାଙ୍କ ସଂସାରର ସମ୍ମାନ ଫେରିଆସୁଛି ପୁଣି ତାଙ୍କରି କୋଳକୁ ।

ସୁନିଆର ଅତ୍ୟନ୍ତ ଆନନ୍ଦ । ତା'ର ମନେ ହେଉଥିଲା, ସତେ ଯେମିତି ଅଦେଖା ଧନର ସନ୍ଧାନ ମିଳିଛି । ଛାତି ତା'ର କୁରୁଳି ଉଠୁଥିଲା ଆନନ୍ଦର ସ୍ୱପ୍ନ ଦେଖି ।

Digitized by PPRACHIN, SOA

"ବାପା !" ଚନ୍ଦ୍ରମୋହନ ଧାଇଁଆସି ପିତାଙ୍କୁ ତା'ର ଆଲିଙ୍ଗନ କଲା ନିବିଡ଼ ଭାବରେ । କିଛିକ୍ଷଣ ପାଇଁ କେହି କାହାକୁ ପଦେହେଲେ କଥା କହିପାରିଲେ ନାହିଁ । ଯେଉଁ ଗୃହର ଅଭୟ ଆଶ୍ରୟ ପାଇ ଚନ୍ଦ୍ରମୋହନ ତା'ର ବାଲ୍ୟଜୀବନର ସ୍ୱପ୍ନଚମ୍ପକୁଳ ଅଫୁଟନ ଅଭିଳାଷ କଲା, ଯେଉଁ ଗୃହର ଉଷ୍ମ ସ୍ନେହ ମାଖି ବଢ଼ି ବଢି ଏତିକିଟିଏ ହେଲା, ଅନେକ ଦିନ, ଅନେକ ମାସ ପରେ ସେ ସେହି ଗୃହପାଖକୁ ଫେରି-ଆସିଛି ।

"ଚନ୍ଦ୍ର ! ତୁ ଏତେଦିନଯାଏ ବାଟ ଭୁଲି କେଉଁଠି ରହି-ଯାଇଥିଲୁ ରେ ବାପୁ ?" ଗତିକୃଷ୍ଣବାବୁ ପଚାରିଲେ ଡାକ ଛାଡ଼ିଲେ ।

ଚନ୍ଦ୍ରମୋହନକୁ ଗୃହରୁ ଗୃହ ଦେଉ ଦେଉ ବିରୁପାକ୍ଷବାବୁ ତା'ର କାନେ କାନେ କହିଲେ, "ଯା ବାପ ! ଗତିର ଗୋଡ଼ତଳେ ପଡ଼ । ସେ ସାମାନ୍ୟ ମଣିଷ ନୁହେ ରେ, ଚନ୍ଦ୍ର ! ଅଭିଶପ୍ତ ଦେବତାଟିଏ ।"

ଚନ୍ଦ୍ରମୋହନ "ମଉସା" କହି ଗତିକୃଷ୍ଣବାବୁଙ୍କ ଗୋଡ଼ତଳେ ପଡ଼ିଲାବେଳେ ଗତିକୃଷ୍ଣବାବୁ ଅନଥନ ହୋଇ କହିଲେ, "ତୋ'ର ସ୍ଥାନ ଗୋଡ଼ତଳେ ନୁହେ ରେ, ବାପୁ ! ଏଇ ମୋର ଖୋଲା ଛାତି ଉପରେ ।"

ଚନ୍ଦ୍ରମୋହନ ଓ ଗତିକୃଷ୍ଣ ବାବୁ ପରସ୍ପର ଆଲିଙ୍ଗନ ପାଶରେ ଆବଦ୍ଧ ହେଲେ । ସୀତା ଗୃହରେ ଆନନ୍ଦର ଝଡ଼ ବହୁଥିଲା । ସେ ନୀରବରେ ଆସି ଚନ୍ଦ୍ରମୋହନର ପାଦର ଧୂଳି ନେଉ ନେଉ ଆଖିର ଉଷ୍ମ ଲୁହ ଦି'ଟୋପା ଅସତର୍କରେ ଗଡ଼ିଆସି ଚନ୍ଦ୍ର-ମୋହନର ପାଦରେ ପଡ଼ିଲା । ବନାରସୀ ପାଟଟିଏ ପିନ୍ଧି ମୁଣ୍ଡରେ

Digitized by PPRACHIN, SOA

ଓଢ଼ଣା ଦେଇଥାଏ ସୀତା । ଠିକ୍ ଗୋଟିଏ ସରଳ ସୁନ୍ଦର ନୂଆ-ବୋହୂ ଭଳି ଦେଖାଯାଉଥାଏ ।

ଚନ୍ଦ୍ରମୋହନ ସୀତାର ହାତ ଧରି ଉଠାଇଦେଲାବେଳେ ଦେଖିଲା, ଆଖିରେ ତା'ର ଲୁହର ଝଳକାଣି । ଚନ୍ଦ୍ରମୋହନର ଆଖିରେ ମଧ୍ୟ ଲୁହ ଟଳମଳ ହେଉଥାଏ । ସେ ବହୁତ ଲୁହକୁ ଅଟକାଇଦେଇ ପଚାରିଲା, "ସୀତା ! ତୁମେ କାନ୍ଦୁଛ ?"

"ତୁ ନ ଥିଲାବେଳେ ସେ ମନଦୁଃଖରେ ଅନେକ କାନ୍ଦିଛି ରେ ଚନ୍ଦ୍ର ! ଏବେ ଖୁସିରେ କାନ୍ଦୁଛି । ଝିଅ ମୋର ଖାଲି କାନ୍ଦିବାକୁ ଜନ୍ମ ହୋଇଥିଲା ।" ବରୁପାକ୍ଷବାବୁ କହିଲେ ।

ସୀତା ଆଖିର ଲୁହ ପୋଛି ପଚାରିଲା, "ସ୍ନେହଲତା ?"

ଆରେ, ସ୍ନେହଲତା ତ ସାଥିରେ ନାହିଁ ସତରେ ! କୁଆଡ଼େ ଗଲା ସେ ? ଚନ୍ଦ୍ରମୋହନ ବ୍ୟସ୍ତ ହୋଇଉଠିଲା । ଭାବିଲା, ସେ ଆଉ ଥରେ ଫେରିଗଲା ନା କଣ ?

ଖୋଲା ପ୍ଲାଟଫର୍ମର ଉପରେ ସ୍ନେହ ଆଉ ସୁନାଆ ନିବିଡ଼ ଆଲିଙ୍ଗନରେ ଆବଦ୍ଧ ହୋଇଥାନ୍ତି । ସେ ଏକ ଦୁର୍ଲ୍ଲଭ ଆଲିଙ୍ଗନ ! ଅନେକ ଦିନ ପରେ ପିତା ତା'ର ଅପହୃତା ସନ୍ତାନକୁ ଫେରି ପାଇଛି । ପିତା ଆଉ ସନ୍ତାନର ମିଳନ, ସତେ ଯେମିତି ସ୍ରଷ୍ଟା ଓ ସୃଷ୍ଟିର ମିଳନ । କେଡ଼େ ସୁନ୍ଦର, କେତେ ପବିତ୍ର, ଅଥଚ କେତେ ହୃଦୟବିଦାରକ ! ଦୁହେଁ ଦୁହିଁଙ୍କ ଭିତରେ ପରସ୍ପରର ଅସ୍ତିତ୍ୱକୁ ଖୋଜିହେଉଥାନ୍ତି । ନିଃସହାୟ ପ୍ରାଣୀ ଦି'ଟା କାଉଁରି ହାତର ସ୍ପର୍ଶରେ ଅତ୍ୟନ୍ତ ସବଳ ହୋଇଉଠୁଛନ୍ତି । ଆଖିରେ ତାଙ୍କର ଅନନ୍ତ

Digitized by PPRACHIN, SOA

ଆକାଶର ଆଶା, ଲୁହରେ ତାଙ୍କର ଅନନ୍ତ ସାଗରର ଭାଷା । ମୃତ୍ୟୁ ବ ସେ ଆଶା, ସେ ଭାଷାକୁ ଭୟ କରେ ।

"ସ୍ନେହ !" ସୀତା ଡାକ ପକାଇଲା ।

"ସୁନା ! ଝିଅକୁ ଘରକୁ ଆଣ୍ !" ହରମୋହନବାବୁ ସୁନାଆ ପାଖରେ ଛିଡ଼ା ହୋଇ ଆଶ୍ୱାସନା ଦେଉଥିଲେ ।

ସୁନା ଆଉ ସ୍ନେହର କାନରେ ଉତ୍କଣ୍ଠିତ କଣ୍ଠର ଅନେକ ଆହ୍ୱାନ ବାଜୁଥାଏ ।

"ତୁମେ ତାଙ୍କୁ ଅକାରଣଶ୍ଥାରେ ଏତେ ଥର ଡାକ ଗୋଳମାଳ କରୁଛ । ଅନେକ ବର୍ଷର ଝଡ଼ଝଞ୍ଜା ପରେ ବାପଝିଅର ମିଳନ ହୋଇଛି । ସେମାନେ ଏବେ ମିଳନର ସ୍ୱାଦ ଗ୍ରହୁଛନ୍ତି । ତାଙ୍କୁ ପୂର୍ଣ୍ଣମାତ୍ରାରେ ସେହି ମିଳନସୁଧା ପାନ କରିବାକୁ ଛାଡ଼ିଦିଅ ।" ହର-ମୋହନବାବୁ ଉତ୍ତର ଦେଲେ ।

"ବାପଝିଅ !" ଚନ୍ଦ୍ରମୋହନ ବିସ୍ମିତ ହେଲା ।

"ହଁ, ଚନ୍ଦ୍ରମୋହନ ! ସେମାନେ ଦୁହେଁ ବାପଝିଅ । ମୋର ଠିକ ମନେ ଅଛି, ଅନେକ ଦିନ ତଳେ ଦିନେ ମେଘୁଆ ସାଗର କାଳୁଆ ରାତିରେ ସୁନା ଆସି ମୋର ପାଖରେ ପହଞ୍ଚିଲା, ଆଉ କହିଲା, ବଢ଼ିଲା ଝିଅକୁ ପରପାଟରେ ଛାଡ଼ି ଆସିଛି । ଗୃକଷ ଖଣ୍ଡେ ଦେଲେ ତାକୁ ଆଣି ପାଖରେ ରଖିବ । ତା'ର ସେଦିନର ବ୍ୟସ୍ତତା ଦେଖି ତାକୁ ଗୃକଷ ଦେଲି । କିନ୍ତୁ ଗାଁକୁ ଯାଇ ଖାଲି ହାତରେ ଫେରିଆସିଥିଲା । ଝିଅ କଥା ପଚାରିଲେ ଖାଲି କାନ୍ଦେ । ଆଜି ଏତେଦିନ ପରେ ହଜିଲା ଝିଅକୁ ଫେରିପାଇଛି ।"

Digitized by PPRACHIN, SOA

"ତୁମେ ଆଶୀର୍ବାଦ କର, ମାଲିକ ! ଝିଅର ମୋର ମଙ୍ଗଳ ହେଉ ।" ସୁନାର ଆଖିରେ ଥିଲା ଅସଂଖ୍ୟ ସୁଖସ୍ୱପ୍ନର ତରଙ୍ଗ । ଦରିଦ୍ର ତା'ର ହଜିଲା ଧନକୁ ଫେରିପାଇଛି । ସତେ ଅବା ଭଗବାନ ଗୋଟିଏ ଉପେକ୍ଷିତ ଆଜନ୍ମ ଅନ୍ଧକୁ ଯୁଗଳ ଚକ୍ଷୁ ଦାନ କରିଛନ୍ତି ।

"କିଏ କାହାର ମାଲିକ, ସୁନା ? ସଂସାରରେ ସମସ୍ତେ ସମାନ, ସମସ୍ତେ ଏକା ।" ହରମୋହନ ଆଶ୍ୱାସନା ଦେଲେ ।

"ଯାହାହେଲେ ତୁମରି ବାହୁତଳେ ଆଶ୍ରୟ ନେଇ ବଞ୍ଚିଲି । ତୁମରି ଲୁଣ ଖାଇ ଦିନ କାଟିଲି । ତାଙ୍କର ଗୋଡ଼ତଳେ ପଡ଼, ଝିଅ ।" ସୁନା ଝିଅକୁ ତା'ର ପରାମର୍ଶ ଦେଲା ।

"ମଣିଷ କ'ଣ ମଣିଷକୁ ଆଶ୍ରା ଦିଏ ରେ, ସୁନା ? ଏକମାତ୍ର ଆଶ୍ରୟଦାତା ଈଶ୍ୱର । ଆମେସବୁ ତାଙ୍କର ସଂସାର ଭିତରେ ଗୋଟିଏ ଗୋଟିଏ କାଠପିତୁଳା । କିଏ କାହାକୁ ଖାଇବାକୁ ଦିଏ ନାହିଁ କି କେହି କାହାର ଖାଆନ୍ତି ନାହିଁ । ଜୀବନ ଯିଏ ଦେଲା, ଜୀବନ ପାଇଁ ଆହାର ଯୋଗାଏ ସେ । ଆମେ ଖାଲି ଆମରି ଭାଗରୁ ଆହାର ଖାଉଁ, ସୁନା ! ତୁ ଭୁଲ ବୁଝିଛୁ ।" ହରମୋହନ ବୁଝାଇ-ଦେଲେ ।

ସ୍ନେହଲତା ସମସ୍ତଙ୍କୁ ପ୍ରଣତି ବାଢ଼ୁଥିଲା ।

ହରମୋହନବାବୁ ଆଉ ଚନ୍ଦ୍ରମୋହନ ଯାଇ ବାପଝିଅର ହାତ ଧରି ଭିଡ଼ ଆଣୁଥିଲେ ।

"କ'ଣ ଏତେ ଭାବହେଉଛୁ ରେ, ଗତି ? ତୁ ତ [illegible] ଖାଲି ହସିବା କଥା—ମନ ଭରି ଖୁସି ହେବା କଥା—" ହରମୋହନବାବୁ ପଚାରିଲେ ।

Digitized by PPRACHIN, SOA

"ମୁଁ ଭାବୁଥିଲି, ସ୍ରଷ୍ଟାର ଅଦ୍ଭୁତ ସୃଷ୍ଟି କେଡେ ବୈଚିତ୍ର୍ୟମୟ ! ଆଉ ଆୟୋଜନ ତା'ର କେଡେ ବିରାଟ ! ସଂକୀର୍ଣ୍ଣ ମନ ନେଇ ସୃଷ୍ଟିକର୍ତ୍ତାର ଅଦ୍ଭୁତ ଅଭିଳାଷକୁ ବୁଝିହୁଏନା । ଶେଷରେ ତା'ର ଇଚ୍ଛା ପୂର୍ଣ୍ଣ ହୁଏ । ଅନ୍ଧାର ଭିତରେ ଆଲୋକ ଦିଏ, ରାତିପରେ ଦିନ ଉଚେ, ଅଜ୍ଞାନ ବାଳୁତ ପାଇଁ ମାତା ସ୍ତନରେ କ୍ଷୀର ସମ୍ଭାର ରଖେ ସେ ! ବଡ଼ ରହସ୍ୟମୟ ତା'ର ଲୀଳାଖେଳା । ଖାଲି ବିଶ୍ୱାସ ରଖିଲେ ହେଲା । ମେଘାସନର ଝଡ଼ ପରେ ଆଶା ନ ଥିଲା ସଂସାରର ଏହି ପରମ ସୁନ୍ଦର ଚିତ୍ର ଦେଖିବି ବୋଲି । ଭଗବାନ କରନ୍ତୁ, ମୋର କଳ୍ପିତ ଦିନ ଶୀଘ୍ର ଫେରିଆସୁ, ଯେଉଁଦିନ ସମାଜ ଭିତରୁ ଧନୀ ଗରିବର ଭେଦ ଲୁଚିଯିବ, ଜାତି ଅଜାତି ବାରଣ ନ ଥିବ, ଆଉ ଏ ସଂସାର ଗୋଟିଏ ପରିବାରର ମଣିଷ ଭଳି ଚଳିବେ । ହିଂସା ନାହିଁ କି ଦ୍ୱେଷ ନାହିଁ, ଖାଲି ଥିବ ସ୍ନେହମମତାର ଅଦୃଶ୍ୟ ଆକର୍ଷଣ !"

ସମସ୍ତଙ୍କର ମନ କୁରୁଳି ଉଠୁଥିଲା ।

ମନମୋହନ ସ୍ନେହଲତା ମୁହଁକୁ କଣେଇ କଣେଇ ଚାହୁଁଥିଲା ।

ମେଘାସନ ପର୍ବତର ପଶ୍ଚିମ ପଟେ ଆଜି ବସନ୍ତପୁରର ମୁଣ୍ଡ ଉପରେ, ଯେଉଁଠି ଦେଖା ଦେଇଥିଲା ଦିନେ ପ୍ରଳୟଙ୍କରୀ ଝଡ଼, ସେଇଠି ହସି ଉଠୁଥିଲା ରୂପା ଥାଳିଆ ପରି ଜହ୍ନ—ସୁନ୍ଦର ଉଜ୍ଜ୍ୱଳ ଜହ୍ନ । ତା'ରି ଚାରିପାଖରେ ଛୋଟ ଛୋଟ ଟିକି ଟିକି ତାରାଗୁଡ଼ିଏ କିରି କିରି ହେଉଥିଲେ ।

ସମଗ୍ର ସଂସାର ହସୁଥିଲା ।

Digitized by PPRACHIN, SOA